
ଅମଡ଼ା ବାଟ
ପଟ୍ଟନାୟକ

ଅମଡ଼ା ବାଟ

ଅନ୍ତର୍ଭାରତୀୟ ପୁସ୍ତକମାଳା

# ଅମଡ଼ା ବାଟ

ବସନ୍ତ କୁମାରୀ ପଟ୍ଟନାୟକ

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ISBN-81-237-1400-9

ପ୍ରଥମ ସଂସ୍କରଣ, 1957
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ ସଂସ୍କରଣ, 1995 (ଶକାବ୍ଦ 1917)
© ବସନ୍ତ କୁମାରୀ ପଟନାୟକ, 1995
Amada Bata (*Oriya*)
**ଟ 34.00**
ନିର୍ଦ୍ଦେଶକ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ଏ-5, ଗ୍ରୀନ୍ ପାର୍କ,
ନୂଆଦିଲ୍ଲୀ-110 016 କର୍ତ୍ତୃକ ପ୍ରକାଶିତ ।

ପରମ ପୂଜନୀୟ ବାପା ଶ୍ରୀବସ୍ତ ପଟ୍ଟନାୟକ ଆଜି ବଞ୍ଚିଥିଲେ ଖୁସି ହୋଇଥାନ୍ତେ ଯେ ବସନ୍ତର ପ୍ରଥମ ଉପନ୍ୟାସ 'ଅମଡ଼ା ବାଟ' ଛପା ହେଲା।

ବିଧିର ନିର୍ଦ୍ଦେଶରେ ସେ ତେରଶହ ଚଉଷଠି ସାଲ ଶ୍ରାବଣ ଶୁକ୍ଳ ଦଶମୀରେ (୧୯୫୬, ଅଗଷ୍ଟ ୧୬) ଚାଲିଗଲେ। ତେଣୁ ସେ ଆଶା ପୂରଣ ହେଲାନାହିଁ।

ଆଜି ତାଙ୍କରି ପାଦତଳେ ଏ ବହିଟି ଥୋଇ ଆଶୀର୍ବାଦ ମାଗୁଛି।

ବସନ୍ତ

# ଭୂମିକା

ଭାରତୀୟ ନାରୀ ଜୀବନ ଦ୍ୱିଧା ବିଭକ୍ତ। ବିବାହ ହିଁ ବିଭାଜକ ରେଖା। ପ୍ରଥମ ଭାଗରେ ସେ କନ୍ୟା ଓ ଭଗ୍ନୀ; ଦ୍ୱିତୀୟ ଭାଗରେ ସେ ପତ୍ନୀ, ବଧୂ ଓ ଜନନୀ। ପ୍ରଥମାର୍ଦ୍ଧରୁ ଦ୍ୱିତୀୟାର୍ଦ୍ଧକୁ ଉତ୍ତରଣ ଏବଂ ସମତାନିକ ଜୀବନ ଯାପନ ସଂଶୟାଚ୍ଛନ୍ନ। ବାଲ୍ୟ, କୈଶୋର ଓ ଯୌବନରେ ଗୋଟିଏ ଧାରାରେ ଗତି ଏବଂ ବିବାହିତ ଅବସ୍ଥାରେ ଅନ୍ୟ ଏକ ଧାରାରେ ଗତି ମଧ୍ୟରେ ଅନିଶ୍ଚିତତା ନାରୀ ଜୀବନର ଏକ ବିରାଟ ବିଡ଼ମ୍ବନା। ମହାକବି କାଳିଦାସ ସେ ଯୁଗରେ ମଧ୍ୟ ଏହା ଉପଲବ୍ଧି କରି ଶକୁନ୍ତଳାଙ୍କ ପତି-ଗୃହ ଗମନ କାଳରେ କଣ୍ୱ ମୁନିଙ୍କ ମୁଖରେ କହିଛନ୍ତି - ''ଅର୍ଥୋହି କନ୍ୟା ପରକୀୟ ଏବ ତାମଦ୍ୟ ସଂପ୍ରେଷ୍ୟ ପରିଗ୍ରହୀତୁଃ ଜାତୋ ମମାୟଂ ବିଶଦଃ ପ୍ରକାମଂ ପ୍ରତ୍ୟର୍ପିତନ୍ୟାସ ଇବାନ୍ତରାତ୍ମା।'' (କନ୍ୟା ବାସ୍ତବରେ ପରଧନ। ଆଜି ତାକୁ ପତିଗୃହକୁ ପଠାଇ ମୋର ଆତ୍ମା ଏପରି ଶାନ୍ତ ଯେପରି ପରଧନ ପ୍ରତ୍ୟର୍ପଣ କରିପାରିଛି।) ଏବଂ ତା'ପରେ ଶକୁନ୍ତଳାକୁ ବିଦାୟକାଳୀନ ଉପଦେଶ ଦେଇଛନ୍ତି-

''ଶୁଶ୍ରୂଷସ୍ୱ ଗୁରୂନ୍ କୁରୁ ପ୍ରିୟ ସଖୀ ବୃତ୍ତିଂ ସପତ୍ନୀଜନେ।
ଭର୍ତ୍ତୃ ବିପ୍ର କୃତାପି ରୋଷଣତୟା ମାସ୍ମ ପ୍ରତିପଂ ଗମଃ।
ଭୂୟିଷ୍ଠଂ ଭବ ଦକ୍ଷିଣା ପରିଜନେ ଭାଗ୍ୟେ ଷ୍ୱନୁସେକିନୀ।
ଯାନ୍ତ୍ୟେତ୍ୱଂ ଗୃହିଣୀ ପଦଂ ଯୁବତୟୋ ବାମାଃ କୁଳସ୍ୟାଧୟଃ।

(ଗୁରୁଜନଙ୍କୁ ସେବା କର, ସପତ୍ନୀକୁ ସଖୀପରି ଦେଖ, କ୍ରୋଧରେ ସ୍ୱାମୀଙ୍କୁ ଅସମ୍ମାନ କର ନାହିଁ, ପରିଜନଙ୍କ ପ୍ରତି ଦୟାଶୀଳ ହୁଅ, ସୌଭାଗ୍ୟ ପାଇଁ ଗର୍ବ କରନାହିଁ। ଏପରି ଯେଉଁ କନ୍ୟାଗଣ କରନ୍ତି, ସେମାନେ ଗୃହିଣୀ ପଦ ପାଇଁ ଉପଯୁକ୍ତା, ଅନ୍ୟଥା ସେମାନେ ହୁଅନ୍ତି ପରିବାର ପ୍ରତି ଅଭିଶାପ।)

'ଅମଡ଼ା ବାଟ' ଉପନ୍ୟାସର ଆଖ୍ୟାନ-ବସ୍ତୁ ମୂଳତଃ ପ୍ରକାଶ କରେ ନାରୀ ଜୀବନର ଦୁଇଟି ପର୍ଯ୍ୟାୟରେ ବିରୋଧାଭାସ। ଉପନ୍ୟାସର ନାୟିକା 'ମାୟା' ଘରର ଅଲିଅଳି ଝିଅ, ଗୋଟିଏ ବଡ଼ଭାଇ ଓ ତିନୋଟି ସାନଭାଇଙ୍କର ଏକମାତ୍ର ଭଉଣୀ। ସାଧାରଣ ମଧ୍ୟବିତ୍ତ ପରିବାର। ସମସ୍ତଙ୍କ ସ୍ନେହ ଆଦର ପାଇ 'ମାୟା'ର ଜୀବନ

ଚଳଚଞ୍ଚଳ। ରାଗ, ଅଭିମାନ, ଦୁଷ୍ଟାମି ପରିପୂର୍ଣ୍ଣ ସେ ଏକ କ୍ଷୁଦ୍ର ସୁନ୍ଦର ପ୍ରତିମା। ପରିବାରର ଗତାନୁଗତିକ ଧାରାରେ ପ୍ରଥମ ପରିବର୍ତ୍ତନ ହୋଇଛି, ଭାଇର ବାହାଘର। ଭାଉଜ ବୋହୂ ହୋଇ ଆସିଛି 'କାବେରୀ'। ନଣନ୍ଦ-ଭାଉଜ ସଂପର୍କର ମାଧୁର୍ଯ୍ୟ କ୍ରମଶଃ ଅମ୍ଳ ହୋଇଛି। ଘରେ ଓ ସ୍ୱାମୀ ଉପରେ କାବେରୀର କର୍ତ୍ତୃତ୍ୱ ବଢ଼ିବା ସଂଗେ, ମାୟାର ସାବଲୀଳ ଜୀବନଧାରା ବିକ୍ଷୁବ୍ଧ ହୋଇଛି। କାବେରୀକୁ ଦେଖି ଶାଶୂ ଘରେ ବୋହୂର ଭୂମିକା ଉପଲବ୍ଧି କରି, ନିଜର ବିବାହ ପ୍ରତି ତା'ର ଆସିଛି ବିରକ୍ତି। କିନ୍ତୁ ଶେଷରେ ବାପା-ମା'ଙ୍କୁ ସମାଜରେ ଅପଦସ୍ତ ନକରିବା ପାଇଁ ସେ ଆତ୍ମବଳି ଦେଲା ଭଳି, ସେମାନଙ୍କ ମନୋନୀତ ପାତ୍ର ଅଜଣା ଅଶୁଣା 'ଶଶୀଭୂଷଣ'ଙ୍କୁ ବିବାହ କରିଛି। କନ୍ୟା ବିଦାୟ ବେଳେ ଏକାନ୍ତରେ ମାୟାକୁ ମା' କରିଛନ୍ତି ଶେଷ ଅନୁରୋଧ- ''ଶାଶୂ ଶ୍ୱଶୁରଙ୍କ ପାଦ ସେବା କରିବୁ, ବଂଧୁବାଂଧବଙ୍କୁ ନିଜର କରି ଦେଖିବୁ, ସାନସାନଙ୍କୁ ଆଦର କରିବୁ... ସେଇତ ହେଲା ତୋ ଘର... ମୋ ମୁଣ୍ଡ ଛୁଇଁ କହ, କରିବୁତ ?'' ମନ୍ତ୍ରବତ୍ ମନରେ ଧାରଣ କରି ସେ ପାଦ ଦେଇଛି, ନାରୀ ଜୀବନର ଦ୍ୱିତୀୟ ପର୍ବର ଅମଡ଼ା ବାଟରେ।

ଶାଶୂଘର କାମଚଳା ସଂସାର। ସ୍ୱାମୀ ସ୍ୱଳ୍ପ ଉପାର୍ଜନକ୍ଷମ। ଶାଶୂ ଦୃଢ଼ ଶାସକ। ସେଠି ମାୟାର ଆତ୍ମା ବିଦ୍ରୋହ କରିଉଠେ। ଅତୀତ ବର୍ତ୍ତମାନକୁ କରୁଣ ଓ ଅସହ୍ୟ କରିଦିଏ। କିନ୍ତୁ ପ୍ରତି ମୁହୂର୍ତ୍ତରେ ବାପା ମା'ଙ୍କ ଶେଷକଥା ତାକୁ ମନ୍ତ୍ରବଶ ନାଗୁଣୀ ପରି ନିଃସାଡ଼ କରିଦିଏ। ସମୟ ଗଡ଼ିଚାଲେ। ଶାଶୂ ବ୍ୟାଧିଗ୍ରସ୍ତା ହୁଅନ୍ତି। ମାୟା ନାକ-ଆଖି ବୁଜି ସେବା କରିଚାଲେ। ହଠାତ୍ ଦିନେ ଦେଖାଦିଏ ଏକ ବିଷମ ସଂକଟ- ଚିଠି ପାଏ, ବାପା ଶଯ୍ୟାଶାୟୀ ଏବଂ ତାର ଯିବା ଦରକାର। କ'ଣ କରିବ ସେ ? ଏକ ପକ୍ଷରେ ଶାଶୂ, ଅନ୍ୟ ପକ୍ଷରେ ବାପା। ଏହି ସନ୍ଧିକ୍ଷଣରେ କନ୍ୟା ଓ ବଧୂ ଭୂମିକା ମଧ୍ୟରେ ପ୍ରଚଣ୍ଡ କର୍ତ୍ତବ୍ୟ ବିରୋଧ। ତା'ପରେ ଉପନ୍ୟାସର ଶେଷ ତିନୋଟି ବାକ୍ୟ - ''ଦୁଇ ଆଡ଼େ ଡୋର ଲାଗିଛି। ଗୋଟାକୁ ନଛିଣ୍ଡାଇଲେ ନଚଳେ। କାହାକୁ ଛିଣ୍ଡାଇବ ? କିଏ ତା' ପାଖରେ ବଡ଼ ??''

କାହାଣୀ ଅତି ସଂକ୍ଷିପ୍ତ ଏବଂ ଗୋଟିଏ ଚରିତ୍ରାଶ୍ରୟୀ। ଗୋଟିଏ ଅଲିଅଳି, ରାହାବାଳି କନ୍ୟାର ଅନୁଗତା ବଧୂ ଭାବରେ ରୂପାନ୍ତର ଏବଂ ନିଜର ଭାତୃବଧୂ 'କାବେରୀ' ସହ ତା'ର ବୈଷମ୍ୟ-ମୂଳକ ସ୍ଥାପନା ମଧ୍ୟରେ ମାୟା ଚରିତ୍ରର ବିକାଶ ଓ ପ୍ରକାଶ ଉଭୟ କାହାଣୀର ଓ ଚରିତ୍ରର ବୈଶିଷ୍ଟ୍ୟ। ଏହାହିଁ ଓଡ଼ିଶା ସାହିତ୍ୟରେ ଏକ ପୂରାପୂରି ପାରିବାରିକ ଓ ନାରୀ କୈନ୍ଦ୍ରିକ ଉପନ୍ୟାସ ଭାବରେ 'ଅମଡ଼ା ବାଟ'କୁ କରିଛି ଅନନ୍ୟ।

ମାୟା ଜୀବନ କଥାର 'ଅମଡ଼ାବାଟ' ପରବର୍ତ୍ତୀ ପର୍ଯ୍ୟାୟର ବିବରଣୀ ଦିଆଯାଇଛି 1973ରେ ପ୍ରକାଶିତ 'ଚୋରାବାଲି' ଉପନ୍ୟାସରେ। ଏଥିରେ ପ୍ରଧାନ ଘଟଣାଗୁଡ଼ିକ ହେଉଛି-ମାୟାର ବାପାଙ୍କ ମୃତ୍ୟୁ, ଶାଶୂଙ୍କ କ୍ୟାନସର ଚିକିତ୍ସା ପାଇଁ ମାୟାର ସର୍ବସ୍ୱ ଦାନ, କାବେରୀର ଅହଂକାରିତା ଯୋଗୁଁ ମାୟାର ମାଆଙ୍କର ଗ୍ରାମରେ ବସବାସ,

ମୋହନର ମନରେ ମାଆ ଓ ଭାଇମାନଙ୍କ ଦୁର୍ଦ୍ଦଶା ପାଇଁ ପଶ୍ଚାତାପ ଏବଂ ଶେଷରେ ମାୟାର ଏକ ଜନ୍ମାନ୍ଧ ପୁତ୍ରର ଜନ୍ମ। ମାୟା ଚରିତ୍ରର ଶକ୍ତି ଓ ସଂହତି ଏହି ପ୍ରତ୍ୟେକ ଘଟଣା ଓ ସଂଘର୍ଷରେ ଅବଦମନୀୟ ଭାବେ ପରିସ୍ଫୁଟ। କିନ୍ତୁ ତା ଜୀବନକୁ ବିଧ୍ୱସ୍ତ ବିଡମ୍ବିତ କରିଥିବା ପ୍ରତ୍ୟେକଙ୍କ ପ୍ରତି ଅଭିମାନରେ ଜର୍ଜରିତ ମାୟା ସବୁ ସହିନେଇ ପ୍ରତ୍ୟେକଙ୍କ କଲ୍ୟାଣ କାମନା କରିଛି ଏବଂ ଜଣେ ଭାରତୀୟ ନାରୀର କର୍ତ୍ତବ୍ୟବୋଧ ଓ ସାମାଜିକ ମର୍ଯ୍ୟାଦା ପ୍ରତିପାଦନ କରିଛି। ଅମଡା ବାଟରେ ଯେତେ ଚୋରାବାଲି ଆସିଛି, ମାୟା ସେଥିରେ ଲୀନ ହୋଇ ଯାଇନାହିଁ। ବାରମ୍ବାର ଉପରକୁ ଉଠି ପୁଣି ଚାଲିଛି। ଶେଷକୁ ସବୁ କୃତିତ୍ୱରେ ବିଧାତା ପୁରସ୍କାର ଦେଇଛନ୍ତି ଏକ ଜନ୍ମାନ୍ଧ ପୁତ୍ର' ମାୟା ତାକୁ ମଧ୍ୟ ମାନି ନେଇଛି ନାରୀ ଜୀବନର ତୃତୀୟ ପର୍ଯ୍ୟାୟରେ ମାତାର ଭୂମିକାରେ। କନ୍ୟା, ବଧୂ ଓ ଜନନୀ ଭାବରେ ମାୟା ସତରେ ଅତୁଳନୀୟା।

ବସନ୍ତ କୁମାରୀ ପଟନାୟକ (1923) ପ୍ରଧାନତଃ ଗଳ୍ପ ଓ ଉପନ୍ୟାସ ଲେଖିକା। ତାଙ୍କର ପ୍ରକାଶିତ ଗଳ୍ପ ସଂକଳନ 'ସଭ୍ୟତାର ସାଜ' (1950) 'ପାଇଟାଢେଉ' (1952) ଏବଂ ଉପନ୍ୟାସ 'ଭଉଁରୀ' (1955) 'ଚୋରାବାଲି' (1973) । ଏହା ବ୍ୟତୀତ କବିତା ସଂକଳନ (ଚିତାନଳ) ଏବଂ ଦୁଇଟି ଏକାଙ୍କିକା (କୁଆଁରଭଟ୍ଟା, ମୃଗତୃଷ୍ଣା) ତାଙ୍କର ସାହିତ୍ୟିକ ସିଦ୍ଧି। ଏହି ସୃଷ୍ଟି ସମ୍ଭାର ମଧ୍ୟରେ ଅମଡାବାଟ (1957) ତାଙ୍କର ଏକ ଅମ୍ଳାନ କୃତି ଏବଂ 'ମାୟା' ଚରିତ୍ର ଏକ ଅମର ସୃଷ୍ଟି।

ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିବୃତ୍ତ ଶତାଧିକ ବର୍ଷ ପ୍ରସାରିତ। ଖ୍ରୀ 1877 78ରେ ଆତ୍ମପ୍ରକାଶ କରିଥିଲା ପ୍ରଥମ ଓଡ଼ିଆ ଉପନ୍ୟାସ 'ସୌଦାମିନୀ'। ଏହି ଶୁଭାରମ୍ଭ ଦୁଇଟି ଦଶକର କାଳାନ୍ତରରେ ପୂର୍ଣ୍ଣତା ପ୍ରାପ୍ତ ହେଲା, ଯେତେବେଳେ 1888ରେ ଉମେଶ ଚନ୍ଦ୍ର ସରକାର ଲେଖିଲେ 'ପଦ୍ମମାଳୀ' ଏବଂ 1898ରେ ଫକୀର ମୋହନ ଆରମ୍ଭ କଲେ 'ଛମାଣ ଆଠଗୁଣ୍ଠ'। ଖ୍ରୀ 1918ରେ ଫକୀର ମୋହନଙ୍କ ତିରୋଧାନ ସଂଗେ ତାଙ୍କ ଯୁଗର ବିକ୍ରମାବସାନ ଘଟିଲା। ତୃତୀୟ ଦଶକରେ ଓଡ଼ିଆ ଉପନ୍ୟାସର ଗତିପଥ ପରିବର୍ତ୍ତିତ ହେବାକୁ ଲାଗିଲା। ନୂତନ ପରୀକ୍ଷା ନିରୀକ୍ଷାର ସ୍ୱାକ୍ଷର ବହନ କରି ପ୍ରକାଶିତ ହେଲା ସପ୍ତ ଲେଖକଙ୍କ ସହଯୋଗୀ ସୃଷ୍ଟି 'ବାସନ୍ତୀ' (1924-26) ମନୋବିଶ୍ଳେଷଣାତ୍ମକ 'ମନେ ମନେ' (1928) ସାମାଜିକ ସମସ୍ୟା ଆଧାରିତ 'ମଲାଜହ୍ନ' (1929)ଓ ସାମାଜିକ ରାଜନୈତିକ ପୃଷ୍ଠଭୂମିରେ ଆଧାରିତ ଜାତୀୟତାବୋଧ ଅନୁପ୍ରେରିତ 'ମାଟିର ମଣିଷ' (1931)। ଏହି ସମୟ ପରିଧିରେ 'ମୁକୁର ଉପନ୍ୟାସମାଳା,' 'ଆନନ୍ଦ ଲହରୀ ଉପନ୍ୟାସମାଳା' ଆଦି ସଂଗଠିତ ପ୍ରକାଶନ ସଂସ୍ଥା ପୃଷ୍ଠପୋଷକତାରେ ଓଡ଼ିଆ ଉପନ୍ୟାସର ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ସଂଘଟିତ ହେଲା। ଓଡ଼ିଆ ଉପନ୍ୟାସର ଏହି ଦ୍ୱିତୀୟ ପର୍ଯ୍ୟାୟରେ ଜଣେ ପ୍ରଧାନତମ ଲେଖକ ରୂପରେ କାହ୍ନୁଚରଣଙ୍କର ଅଭ୍ୟୁଦୟ ହେଲା। ଦୁର୍ଭିକ୍ଷ ପୃଷ୍ଠଭୂମିରେ ଲିଖିତ ତାଙ୍କର 'ହା ଅନ୍ନ' ଉପନ୍ୟାସ 1935ରେ ପ୍ରକାଶିତ ହେଲାପରେ ସାମାଜିକ ବାସ୍ତବତାବାଦ ଅଭିମୁଖରେ ଓଡ଼ିଆ ଉପନ୍ୟାସର ଅଭିଯାତ୍ରା ଆରମ୍ଭ ହେଲା। ତା'ପରେ ଆସିଲେ ତାଙ୍କର ଅନୁଜ ମହାନ

କ୍ରାନ୍ତିକାରୀ ଲେଖକ ଗୋପୀନାଥ ମହାନ୍ତି। ଏହି ସମୟରେ ଅନ୍ୟ ଯେଉଁମାନେ ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ ସେମାନଙ୍କ ମଧ୍ୟରେ ବିଶେଷ ଉଲ୍ଲେଖନୀୟ - ରାଜକିଶୋର ପଟ୍ଟନାୟକ, ନିତ୍ୟାନନ୍ଦ ମହାପାତ୍ର, ସୁରେନ୍ଦ୍ର ମହାନ୍ତି, ପ୍ରାଣକୃଷ୍ଣ ସାମଲ, ଜ୍ଞାନୀନ୍ଦ୍ର ବର୍ମା, କମଳାକାନ୍ତ ଦାସ, ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରମୁଖ ଔପନ୍ୟାସିକଗଣ।

ଓଡ଼ିଆ ସାହିତ୍ୟରେ ଲେଖିକା ସ୍ୱଳ୍ପ। ପ୍ରାଚୀନ ଯୁଗରୁ ଗଣନା କରି ଆସିଲେ ଦେଖାଯାନ୍ତି, ମଧ୍ୟଯୁଗରେ ମାଧବୀ ଦାସୀ, ବୃନ୍ଦାବତୀ ଦାସୀ ଓ ନିଶଙ୍କ ରାୟରାଣୀ ଏବଂ ଆଧୁନିକ ଯୁଗରେ ରେବା ରାୟ, ସରଳା ଦେବୀ, କୁନ୍ତଳା କୁମାରୀ ସାବତ୍ ପ୍ରମୁଖ କେତେ ଜଣ ସୁନାମଧନ୍ୟା। କଥା-ସାହିତ୍ୟରେ ବସନ୍ତ କୁମାରୀ ପଟ୍ଟନାୟକଙ୍କ ସମସାମୟିକ ଯେଉଁ କେତେଜଣ ଆବିର୍ଭୂତା ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଉଲ୍ଲେଖନୀୟା -ପୀତାମ୍ବରୀ ଦେବୀ, ଲବଙ୍ଗଲତା ଦେବୀ, ସୀତାଦେବୀ ଖାଡ଼ଙ୍ଗା, କ୍ଷୀରୋଦ୍ରା ପରିଜା, କଞ୍ଚନା କୁମାରୀ ଦେବୀ, ଅମୂଲ୍ୟ କୁମାରୀ ଦେବୀ, ବନଜ ସେବୀ, ସୁର ତରଙ୍ଗିଣୀ ଦେବୀ, ରାଜଲକ୍ଷ୍ମୀ ପଟ୍ଟନାୟକ, ହେମଲତା ମାନସିଂ, ନନ୍ଦିନୀ ଶତପଥୀ, କୁନ୍ତଳା କୁମାରୀ ଆଚାର୍ଯ୍ୟ, ବୀଣାପାଣି ମହାନ୍ତି ଓ କୁମୁଦ ଲତା ଦାସ। ଏମାନଙ୍କ ପରେ ଯଥେଷ୍ଟ ପ୍ରତିଭାଶାଳିନୀ ଲେଖିକା ଭାବରେ ଦେଖାଦେଇଛନ୍ତି- ପ୍ରତିଭା ରାୟ, ବିଜୟିନୀ ଦାସ, ଶ୍ୱେତପଦ୍ମାସିନୀ ମହାନ୍ତି, ଶାନ୍ତିଲତା ମହାପାତ୍ର, ସୁକାମିନୀ ନନ୍ଦ ଓ ଗାୟତ୍ରୀ ବସୁ ମଲ୍ଲିକ। ଯା'ହେଉ, ଏମାନଙ୍କ ମଧ୍ୟରେ ବସନ୍ତ କୁମାରୀ ଅନ୍ତତଃ ଅମଡ଼ା ବାଟ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ। ଫକୀର ମୋହନ ସେନାପତି, ନନ୍ଦକିଶୋର ବଳ, କୁନ୍ତଳା କୁମାରୀ ସାବତ, କାହ୍ନୁଚରଣ ମହାନ୍ତିଙ୍କ ପ୍ରବର୍ତ୍ତିତ ପରଂପରାର ସେ ଜଣେ ସୁଯୋଗ୍ୟା ଉତ୍ତରାଧିକାରିଣୀ।

'ଅମଡ଼ାବାଟ' ଗୋଟିଏ ଏକରୈଖିକ ଉପନ୍ୟାସ ହେଲେହେଁ ଏଥିରେ ପ୍ରସଂଗାନୁକ୍ରମେ ଓଡ଼ିଆ ପରିବାର ଓ ସାମାଜିକ ଚଳଣିର କେତେକ ବିଶ୍ୱସ୍ତ ଚିତ୍ର ପ୍ରତିଫଳିତ ହୋଇଛି। ବିଶେଷତଃ ମାୟାର ମା' ଓ ଶାଶୁଙ୍କ ସଂଗିନୀମାନଙ୍କ ସାମାଜିକ ଚଳଣି ସଚେତନତା, ପରଚର୍ଚ୍ଚା ଓ ପ୍ରବାଦ ପ୍ରବଚନପୂର୍ଣ୍ଣ ସଂଳାପ, ନବବଧୂ 'କାବେରୀ' ଚରିତ୍ରର ସ୍ୱାର୍ଥାନ୍ୱେଷାରେ କ୍ରମବିବର୍ତ୍ତନ, ମାୟାର ସାନଭାଇ ତିନିଜଣଙ୍କ ସହ କୌତୁକପୂର୍ଣ୍ଣ ସଂପର୍କ, ମୋହନର କନ୍ୟା ଦେଖା ଓ ବିବାହ, ମାୟାର ବିବାହ ବେଦୀରେ ଯୌତୁକ ଦାବୀ, ଦେଖଣାହାରୀ ନାରୀ ମେଳରେ କାବେରୀ ଓ ମାୟାର ବୋହୂପଣିଆର ମୂଲ୍ୟାୟନ, ମହୀବୋଉଙ୍କ ବାପଘର ପରିଭ୍ରମଣ, ମାୟା ଶାଶୁଙ୍କର ସ୍ନେହ ଓ ଶାସନ ମିଶା ବ୍ୟବହାର ପ୍ରଭୃତି ପ୍ରସଂଗଗୁଡ଼ିକରେ ମଧ୍ୟବିତ୍ତ ଶ୍ରେଣୀୟ ଓଡ଼ିଆ ଘରର ହାଲଚାଲ ପ୍ରତିବିମ୍ବିତ ହୁଏ।

ବସନ୍ତ କୁମାରୀଙ୍କ ରଚନାର ଏକ ବିଶେଷ ମହତ୍ତ୍ୱ ତାଙ୍କର ଭାଷାଶୈଳୀ, ବର୍ଣ୍ଣନା ରୀତି ଓ ବକ୍ରୋକ୍ତିପୂର୍ଣ୍ଣ ସଂଳାପ, ସହଜ ସରଳ କଥ୍ୟ ଭାଷାରେ ହାସ୍ୟ ଓ କରୁଣ ରସର ପୁଟଦେଇ ସେ ପ୍ରତ୍ୟେକ ଚରିତ୍ର ଓ ଘଟଣାକୁ ହୃଦୟଗ୍ରାହୀ କରିଛନ୍ତି। ଏକ ପକ୍ଷରେ ମାୟାର ଚଗଲିପଣ ଓ ଅନ୍ୟ ପକ୍ଷରେ କାବେରୀର ଚତୁରିପଣ

ବହୁ ଆମୋଦଦାୟକ ଘଟଣା କ୍ରମରେ ଅଭିବ୍ୟକ୍ତ ହୋଇଛି। ଏହିସବୁ ଘଟଣା ମାଧ୍ୟମରେ ଚରିତ୍ରର ବିଭିନ୍ନ ପ୍ରକୃତି ଉପରେ ଆଲୋକ ସଂପାତ ସ୍ୱାଭାବିକ ଭାବରେ ସେମାନଙ୍କ ସ୍ୱରୂପର ପରିଚୟ ଦିଏ। ମାୟା ଚରିତ୍ର ମାୟାଚ୍ଛନ୍ନ। ତା ଚରିତ୍ରର ପ୍ରକୃତ ସତ୍ତା ତାର ବାପାଙ୍କ ମନରେ ଯେପରି ଅଂକିତ ହୋଇଛି, ତାହାହିଁ ସତ୍ୟ। ସମସ୍ତେ ତାକୁ ଖୁଣନ୍ତି, କିନ୍ତୁ ପିତାମ୍ବର ବାବୁଙ୍କ ବିଚାରରେ- ''ଏଇ ମାୟା, କିଏ କହେ ସେ ଅଣ୍ଡିରୀଚଣ୍ଡୀ, କିଏ କହେ କଳିହୁଡ଼ି, ଆଉ କିଏ ହୁଏତ କହେ ଉଦ୍ଧତ। ଗୋଟିଏ ଜିନିଷକୁ ବିଶ୍ଳେଷଣ କରି ଦେଖିବାର ଶକ୍ତି ଏ ଦେଶର ଲୋକଙ୍କ ପାଖରେ କାହିଁ? ଏତେ କଷ୍ଟ କରି ଭିତର ଦେଖୁଛି କିଏ? ବାହାରଟା ଦେଖିଲେ ସମସ୍ତେ ସନ୍ତୁଷ୍ଟ। ଏଇ ତାଙ୍କର ଝିଅ ମାୟା। କେହି କଣ ସତରେ ତାକୁ ଚିହ୍ନିଛି? ତାତିଲା ନଈବାଲି ପରି ତାର କଥାରେ, ବ୍ୟବହାରରେ ଲୋକଙ୍କର ମୁହଁ ପୋଡ଼ିଯାଏ। କିନ୍ତୁ ତାଙ୍କର ମନେହୁଏ, ସେ ନିଜେ ବଡ଼ ଭାଗ୍ୟବାନ। ଏମିତି ଝିଅ କେଇଟା ଲୋକଙ୍କର ଅଛି? ଭିତରର ନୀଚତାକୁ ଯେଉଁ ଝିଅମାନେ ଭଦ୍ରତାର ଢାଙ୍କୁଣୀରେ ଢାଙ୍କି ରଖନ୍ତି, ତା' ଅପେକ୍ଷା କ'ଣ ଏହା ଯଥେଷ୍ଟ ଭଲ ନୁହେଁ?'' ନିଜର ମାନସ କନ୍ୟା ସଂପର୍କରେ ସମ୍ଭବତଃ ଏହାହିଁ ଲେଖିକାଙ୍କ ନିର୍ଦ୍ଧାରଣ।

ପ୍ରଖ୍ୟାତ ଓଡ଼ିଆ ନେତ୍ରୀ ଓ ସାହିତ୍ୟିକା ସରଳା ଦେବୀଙ୍କର ବସନ୍ତ କୁମାରୀ ଓ ଅମଡ଼ାବାଟ ସମ୍ବନ୍ଧୀୟ ଗୋଟିଏ ମନ୍ତବ୍ୟ ଏକାନ୍ତ ସ୍ମରଣୀୟ। ସେ କହିଛନ୍ତି, ''ନାରୀ ସାହିତ୍ୟ କହିଲେ ମୁଁ ଯାହା ବୁଝେଁ, ବସନ୍ତ କୁମାରୀ ସେହି ନାରୀ ହସ୍ତର ନାରୀ ଚିତ୍ତର ସାହିତ୍ୟ ଲେଖିବାରେ ଏ ଯୁଗରେ ଯଶସ୍ୱିନୀ ହୋଇଛନ୍ତି।'' (ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ, ୧୨୭୭)। ଅମଡ଼ାବାଟ ବାସ୍ତବରେ ନାରୀ ଲେଖିକାଙ୍କର ନାରୀ ଜୀବନ ଚିତ୍ରଣ ପାଇଁ ଆକର୍ଷଣୀୟ। ସମୁଦାୟ ଉପନ୍ୟାସରେ ମାୟାର ବାପା, ବଡ଼ଭାଇ ଓ ସ୍ୱାମୀ-ଏହି ତିନିଜଣ ପୁରୁଷଙ୍କୁ ଛାଡ଼ିଦେଲେ ବାକି ସବୁ ମୁଖ୍ୟ ଓ ଗୌଣ ଚରିତ୍ରଗଣ ନାରୀ। ସମାନ୍ତରାଳ ଭାବରେ ଅଛନ୍ତି ମାଆ ଓ କାବେରୀ ଏବଂ ମହୀବୋଉ ଓ ମାୟାଶାଶୁ, ଏମାନଙ୍କୁ ପରିବୃତ୍ତ କରିଛନ୍ତି ଯଦୁବୋଉ, ମିନିବୋଉ, ଆଈବୁଢ଼ୀ, ସୁରମା, ବିନ୍ଦୁ, ପାର, ବିଜୁବୋଉ, ମାଳଦେଈ, ଇନ୍ଦୁମତୀ, ଦମୟନ୍ତୀ, ଟୁସିବୋଉ ଇତ୍ୟାଦି ଅନେକ ନାରୀ ଏବଂ କେତୋଟି ଶିଶୁ। ବସନ୍ତ କୁମାରୀ ଫେମିନିଷ୍ଟ (ନାରୀବାଦୀ) ନୁହଁନ୍ତି, ଫେମିନାଇନ୍ (ନାରୀଧର୍ମୀ) ଲେଖିକା। ନାରୀ ଚରିତ୍ର ଚିତ୍ରଣରେ ପୁରୁଷ ଲେଖକଙ୍କ ସିଦ୍ଧିର ଭିତ୍ତି ଆନୁମାନିକତା, କିନ୍ତୁ ବସନ୍ତ କୁମାରୀଙ୍କ ପରି ଲେଖିକାଙ୍କ ଶକ୍ତି ଆନୁଭାବିକତା। ଏଣୁ ମାୟା ଏତେ ପ୍ରାଣବନ୍ତୀ, ସ୍ୱଭାବ ସୁନ୍ଦର, ଘରୋଇ ଏବଂ ଏକ ଶାଶ୍ୱତ ସତ୍ୟ।

ଖଗେଶ୍ୱର ମହାପାତ୍ର

କଟକ ସହରର ଅସଂଖ୍ୟ ଘର ଭିତରୁ ସେ ବି ଗୋଟିଏ- ଦୋ'ତାଲା କୋଠା। ଦେଖିଲେ ମନେହୁଏ ବହୁତ ପୁରୁଣା।

ଖଣ୍ଡେ ତେଲଚିକିଟା ଆରାମଚୌକି ଉପରେ ଗୋଡ଼ହାତ ମେଲେଇ ପୀତାମ୍ବରବାବୁ ବସି ମନର ଖିଆଲରେ ପାଟିରୁ ଧୂଆଁ ଛାଡୁଥିଲେ। ଚୌକିର ହାତ ଉପରେ ଅଧାଖିଆ ଚା' ବାଟି। ଗୋଡ଼ ପାଖରେ ଘରର ପୋଷା କୁକୁରଟି ବସି ସେହି ବାଟିକୁ ଏକଲୟରେ ଚାହିଁ ରହିଥିଲା। ପୀତାମ୍ବରବାବୁ ଭାବୁଥିଲେ ନିଜ ପରିବାରର କଥା... ଏଇ କାଲିପରି ଲାଗୁଛି-ବଡ଼ ପୁଅ ମୋହନର ଜନ୍ମ। କିନ୍ତୁ ଆଜି ସେ ନିଜ ଗୋଡ଼ରେ ଠିଆ ହୋଇ ଶିଖିଲାଣି। ତା'ରି କଥା ମନରେ ଆସିଲେ ତାଙ୍କର ଭାରୀ ମନଟା ହଠାତ୍ ହାଲୁକା ହୋଇଯାଏ। ଆଉ ମାୟା-ତାଙ୍କର ଗୋଟିଏ ବୋଲି ଝିଅ। ତା କଥାର ଚାତୁରୀରେ ସେ ନିଜେ କେଜାଣି କେତେଥର ବାନ୍ଧିହୋଇ ଯାଇଛନ୍ତି। ଏଇ ବର୍ଷ ମାଟ୍ରିକ୍ ପାସ୍ କରିଯିବ। ଆଉ ଦି'ଚାରିଟା ବର୍ଷ 'ପରେ ସେ ବି ଏକରକମ ପାରିଯିବ। ବାକି ରହିଲେ ସାନ ପୁଅ ତିନୋଟି-ପ୍ରତାପ, ରଞ୍ଜନ ଓ ପହଲି। ବଡ଼ ହେବାକୁ ସେମାନଙ୍କର ଆହୁରି ଅନେକ ଡେ଼ରି। ସବୁଠୁ ସାନ ପୁଅ ପହଲିକୁ ଆଉ କେଇଟା ମାସରେ ଛ' ପୂରିଯିବ। ଏମାନେ ପାରିଉଠିଲା ବେଳକୁ ସେ ନିଜେ ହୁଏତ ଦୁନିଆରୁ ବିଦାୟ ନେଇ ସାରିଥିବେ।

ବେଳେବେଳେ ତାଙ୍କ ମନରେ ଦୁଃଖ ହୁଏ-ଏଇ ପିଲା ତିନୋଟିଙ୍କ ପାଇଁ ସେ କିଛି କରିପାରି ନାହାନ୍ତି। କିନ୍ତୁ ସେ ଦୁଃଖ ବେଶି ବେଳ ରହିପାରେ ନାହିଁ। ଗେହ୍ଲାଝିଅ ମାୟାର ପଦେ କଥାର ଦମକା ପବନରେ ମନର ସବୁ ମେଘ କାହିଁ ଦୂରକୁ ଭାସିଯାଏ। ସାରା ଜୀବନ ଖଟି ଖଟି ମୁଠା ମୁଠା ଟଙ୍କା ତାଙ୍କୁ ଯାହା ଦେଇପାରିନଥିଲା, ଆଜି ଏ ବୁଢ଼ା ବୟସରେ ମନେ ହୁଏ ଏହି ପିଲାମାନଙ୍କ ଭିତରେ ତାହା ପାଇପାରିଛନ୍ତି।

ପୀତାମ୍ବରବାବୁଙ୍କୁ ଛାଡ଼ିଦେଲେ ବଡ଼ ପୁଅ ମୋହନ ହେଉଛି ପିଲାମାନଙ୍କ ଭିତରେ ମୁରବୀ। ତା'ପାଖରେ ସମସ୍ତଙ୍କର ଅଳିଝଳି, କଳିକଜିଆ ମେଣ୍ଢାମେଣ୍ଢି ହୋଇଥାଏ। ତା'ର ପ୍ରଧାନ କାରଣ ହେଉଛି ସେ କାହାରି ଉପରେ ରାଗେ ନାହିଁ। କିନ୍ତୁ ମୋହନ ମନ ଭିତରେ ବୁଝେ ଯେ, ତା' ଅପେକ୍ଷା ମାୟାର ଆଧିପତ୍ୟ ପିଲାମାନଙ୍କ ଉପରେ ବେଶି। କହିବାକୁ ଗଲେ ମାୟା ହେଉଛି ଏ ତିନୋଟି ସୈନ୍ୟଙ୍କର ସେନାପତି।

ଆଉ ଗୋଟିଏ କଥା ପିଲାମାନେ ଭଲରକମ ମନେ ରଖିଥାନ୍ତି। କିଛି ମାଗିବା ଦରକାର ପଡ଼ିଲେ ମୋହନ ସକାଳୁ କାମରେ ଗଲାବେଳେ କେବେହେଲେ ମାଗନ୍ତି

ନାହିଁ। ସେତେବେଳେ ମୋହନ ବଡ଼ ଗମ୍ଭୀର ଦେଖାଯାଏ-ଜଣ ଯେମିତି ଭାବୁଥାଏ। ସେତେବେଳେ କେହି ଯଦି କିଛି କହେ, ତେବେ ସାଙ୍ଗେ ସାଙ୍ଗେ ହାତ ହଲେଇ ପଳେଇ ଯିବାକୁ ଇଙ୍ଗିତ ଦିଏ। ତଥାପି ଯଦି ନ ଯିବ, ତେବେ ଅତି ବେଶିରେ ଦି'ପଦ କଥା-''ଅଫିସରୁ ଫେରିଲେ।'' ସେତିକିରେ ପିଲାଏ ଫେରିଯାନ୍ତି।

ପିଲାମାନେ ମଧ୍ୟ ଲକ୍ଷ୍ୟ କରିଛନ୍ତି, ଅଫିସରୁ ଫେରିବା ସଙ୍ଗେ ସଙ୍ଗେ ଯଦି ସେମାନଙ୍କ ''ଦାବୀ'' ମୋହନ ଆଗରେ ଜାହିର କରାଯାଏ, ତେବେ ସେଥିରୁ ଆଠ ପଣ କଟିଯାଏ। ତେଣୁ ପିଲାମାନେ ଅତି କଷ୍ଟରେ ତଣ୍ଟିକୁ ଚାପି ସମ୍ଭାଳି ନିଅନ୍ତି ମୋହନ ଖାଇସାରିବା ଯାଏଁ। ମୋହନ ଖାଇଲାବେଳେ ପିଲାମାନଙ୍କର ଗୋଡ଼ ଦି'ଟା ଅଲକ୍ଷ୍ୟରେ ସେମାନଙ୍କୁ ଟାଣି ନେଇଯାଏ ଖାଇବା ଘରକୁ, ପାଟି ମେଲା ହୋଇଯାଏ କ'ଣ କହିବାକୁ, ହୁଏତ ଗୋଟାଏ ଅଧେ ପଦ ବି କେତେବେଳେ କେମିତି ବାହାରିପଡ଼େ। କିନ୍ତୁ ତାକୁ ରୋକି ନେଇ ସେମାନେ ମୋହନର ବଖରା ବାହାରେ ବସି ଅପେକ୍ଷା କରନ୍ତି। ମଝିରେ ମଝିରେ ଜଣେ ଯାଇ ଦେଖିଆସେ ଖିଆ ସରିଲାଣି କି ନାହିଁ। ଅଫିସ ଫେରନ୍ତି ମୋହନର ଚୂପ୍ସା ପରି ସେମେଟା ମନ, ଖାଇସାରି ବୁଲି ବାହାରିଲା ବେଳେ ହୁଡୁମ ପରି ଫୁଲିଯାଏ। ଶଙ୍କରାଚାର୍ଯ୍ୟଙ୍କର ''ମୋହମୁଦ୍‌ଗର'' ସ୍ୱର ଲମ୍ୱେଇ ବୋଲି ବୋଲିକା ସେ ନିଜ ବଖରା ଭିତରକୁ ପଶେ। ସେଇ ହେଉଛି ''ଦାବୀ'' ଜଣେଇବାର ପ୍ରକୃଷ୍ଟ ସମୟ। ମୋହନ ମୁହଁ ଦେଖି ସମସ୍ତେ ସେତକ ବୁଝି ନିଅନ୍ତି।

ସେଦିନ ଅଫିସ୍‌ରୁ ଫେରି ଖାଇସାରି ମୋହନ ଯେମିତି ଘରେ ପଶିଛି ମାୟା ଆସି ପାଖରେ ଠିଆ ହେଲା। ପଛ ଆଡ଼େ ପ୍ରଦୀପ, ରଞ୍ଜନ ଓ ପହଲି।

-ଭାଇ, ଇସ୍କୁଲରେ ମୋତେ କହିଲେ, ତୋର ବାପା ବଡ଼ ଲୋକ, ଭାଇ ଡାକ୍ତର, ତୁ ଗଣେଶ ପୂଜା ପାଇଁ ପାଞ୍ଚଟଙ୍କା ଚାନ୍ଦା ଦେବୁ।

-ତୁ ତ ଆଗ ବଳିପଡ଼ି କହିଥିବୁ।

-ଭାଇ ବିଦ୍ୟାରାଣ, ସେମାନେ ମୋତେ ଆଗେ କହିଲେ।

-ତେବେ ତୁ ଗୋଟାଏ କାମ କର। ଟଙ୍କାଏ ଚାନ୍ଦାଦେଇ କହିବୁ ଯେ, ଘରେ କହିଲେ, ଏତେ ଛୋଟ ପିଲା ପାଞ୍ଚ ଟଙ୍କା ଦେଇ ପାରିବ ନାହିଁ। କହି ମୋହନ ଥରେ ମାୟା ମୁହଁକୁ ଚାହିଁଲା।

-ବାଃରେ ମୁଁ କାହିଁ ସେ କଥା କହିବାକୁ ଯିବି? ଆମର ତ ସବୁଠୁଁ ବଡ଼ କ୍ଲାସ। ପିଲାଏ ତ ଦଶ ଟଙ୍କା ବି ଦଉଛନ୍ତି- ରଙ୍ଗାଝିଅମାନେ।

-ଆଉ ତେବେ କ'ଣ କହୁଛୁ?

-ଟଙ୍କାଟା ଦେଇ ଦିଅ।

ମାୟା ପଛଆଡୁ ପ୍ରଦୀପ ବାହାରି ଆସିଲା। ଭାଇ ଆମର ଦୁଇ।

-ଏଁ! ଦୁଇ! ତୋର କେଉଁ କ୍ଲାସ ହେଲା?

-ସେଭେନ୍! ଛାତି ଫୁଲେଇ ପ୍ରତାପ ଠିଆ ହେଲା। ପାଖରେ ରଞ୍ଜନ।

ଟଙ୍କା ନେଇ ବାହାରି ଯାଉ ଯାଉ ଅଧା ବାଟରୁ ମାୟା ପୁଣି ଫେରିଆସିଲା। "ଭାଇ, ସେ କାହିଁକି ଦୁଇ ନବ? ଏତେ ଛୋଟ କ୍ଲାସ୍? ମୁଁ ସେଭେନ୍‌ଥ କ୍ଲାସରେ ପଢ଼ିଲାବେଳେ ତ ଏକ୍ ଦେଇଥିଲି।"

ଚିଡ଼ି ଉଠି ପ୍ରତାପ ଜବାବ ଦେଲା-ଛୋଟ କ୍ଲାସ କଣ? ଆମର ତ ସବୁଠୁଁ ଉପର ଶ୍ରେଣୀ। ପିଲାମାନେ ଆଉରି ବେଶି ଦଉଛନ୍ତି। ମୁଁ ତ କମ୍ କରି ନଉଛି।

-ଇସ୍, ଲେଣ୍ଡି ସ୍କୁଲରେ ପୁଣି ଦି'ଟଙ୍କା ଚାନ୍ଦା! ଭାଇ, କହିଦଉଛି ଜାଣିଥା ତାକୁ ଯଦି ଦି'ଟଙ୍କା ଦେବ ମୁଁ ଆଉ ଗୋଟିଏ ଟଙ୍କା ନେବି।

ଇସ୍! ଲେଣ୍ଡି ସ୍କୁଲ! କହନା ମ ଆଉ। ତମରି ଇସ୍କୁଲ ଧଡ଼ଡ଼ଡ଼ା।

ମୋହନ ମୁଣିରୁ ଟଙ୍କା ବାହାର କରି ପ୍ରତାପ ଓ ରଞ୍ଜନକୁ ଦେଲା।

-ସେମିତି ହେଲେ ମତେ ଆଉ ଗୋଟାଏ ଦିଅ।

-ନା! ମୋହନର ସ୍ୱରରେ ଦୃଢ଼ତା।

-ତାହାହେଲେ ତମ ଟଙ୍କା ଫେରେଇ ନେଇଯାଅ... ଦରକାର ନାହିଁ ମୋର। ଟଙ୍କାତକ ଫିଙ୍ଗି ଦେଇ ରାଗରେ ମାୟା ଚାଲିଗଲା।

ତଳେ ପଡ଼ିଥିବା ଟଙ୍କାକୁ ମହା ଉତ୍ସାହରେ ପହଲି ଗୋଟାଇବାରେ ଲାଗିଗଲା-ଇଏ ମୋର, ଇଏ ମୋର।

-ନାଇଁ ସେ ଅପାର। ତାକୁ ରଖି ଦେ। ଆଚ୍ଛା ପହଲି, ତୋ'ର ତ ଇସ୍କୁଲ ନାହିଁ। ତୁ କୋଉଠି କରିବୁ? ପହଲିକୁ ଚାହିଁ ମୋହନ କହିଲା।

-ଘରେ କରିବି।

-ତୋର କେତେ?

ପହଲି ପଦ୍ମ ଭାଇ ଆଡ଼କୁ ଚାହିଁଲା। ମୋହନ ପଛରେ ଠିଆ ହୋଇ ପ୍ରତାପ ଗୋଟିଏ ଆଙ୍ଗୁଠି ଦେଖେଇଥାଏ।

-"ମୁଁ ଗୋଟାଏ ନେବି", ପହଲି କହିଲା।

ଟଙ୍କିକିଆ ନୋଟ ଖଣ୍ଡେ ପହଲି ହାତରେ ଧରେଇ ଦେଇ ମୋହନ ପାଟିକଲା, "ଧାଇଁ ପଳା ସମସ୍ତେ। ମୋର ସେଣେ ଡେରି ହୋଇଗଲାଣି।" ସମସ୍ତେ ଚାଲିଗଲେ ଏକା ପହଲିକି ଛାଡ଼ି।

-କିରେ, ତୋର ପୁଣି କଣ ହେଲା?

-ମୁଁ ଯାକୁ ନେବିନାଇଁ। ମତେ ଗୋଟିଏ ଗୋଲ ଟଙ୍କା ଦିଅ।

-ଆଃ-

ଓଠ ଫଟେଇ ପହଲି ସଙ୍ଗେ ସଙ୍ଗେ କାନ୍ଦିବାକୁ ଆରମ୍ଭ କଲା।

-ଆଛା, ଆଛା, ଦଉଛି...ଗୋଲ ଟଙ୍କା ତ ନାହିଁ, ଦି'ଟା ଆଠଣି ଦେଲେ ହବ?

-ହଁ ।

ବି'ଟା ଆଠଣି ବଦଳ କରି ମୋହନ କହିଲା, ''ଯା ନହେଲେ ଏଥର ମୁଁ ରାଗିଯିବି।'' ମୋହନ ତରତର ହୋଇ ଘରୁ ବାହାରିଲା।

ବୁଲିସାରି ସନ୍ଧ୍ୟାବେଳକୁ ମୋହନ ଘରକୁ ଫେରିଆସି ଦେଖିଲା ଡାକ୍ତଘରେ ରୋଗୀ ଅପେକ୍ଷା କରି ବସିଛନ୍ତି। ରୋଗୀ ଦେଖିବାକୁ ଯାଇ ମୋହନ ଏଠି ସେଠି କ'ଣ ଖୋଜିବା ଭଳି ହେଲା। ଟେବୁଲ ଉପର, ହାତ ବ୍ୟାଗ ଖୋଳିସାରି ଘର ଭିତରକୁ ପଶିଯାଇ ଅଗଣାରେ ଡାକ ଛାଡ଼ିଲା, ''ପତ୍ର!''

ଦୋ'ତାଲା ବାରଣ୍ଡାରୁ ଜବାବ ଆସିଲା-ଆ-ଗି-ଆଁ ?

-ମୋ ଷ୍ଟେଥୋ କିଏ ନେଇଛି ?

ପ୍ରତାପ ରଞ୍ଜନକୁ ଚାହିଁ ଟିକିଏ ବେଳ ରହିଯାଇ କହିଲା, ''ଆମେ ଜାଣିନୁ।''

ମୋହନ ଚିଡ଼ି ଉଠିଲା ;''ଏ ଘରେ କିଏ ପଶିଥିଲା ?''

-ଆମେ ପଶିନୁ।

ମୋହନ ପୁଣି ଡାକ ଛାଡ଼ିଲା-''ମାୟା''!

ମାୟାଠାରୁ କୌଣସି ଉତ୍ତର ନ ପାଇ ଚିଡ଼ିଯାଇ ପୁଣି କହିଲା, ଏ ମାୟା ସେଇଠି ବସିଚୁ ତତେ ଶୁଭୁ ନାହିଁ ?

ସମାନ ତୋଡ଼ରେ ପାଲଟା ଜେଉ ଆସିଲା-''କାହିଁକି ଡାକୁଛ ?''

-ମୋ ଷ୍ଟେଥୋ ଦେଖିଚୁ ?

-ତମ ଜିନିଷ ମୁଁ ଛୁଏଁ ନାହିଁ।

-ଉଃ, ମଣିଷକୁ ଆଉ ଏ ଘରେ ରଖେଇ ଦେବେ ନାହିଁ।

ମୋହନ ଜାଣେ ମାୟା ତାକୁ କେଉଁଠି ଲୁଚେଇ ଦେଇଛି। କିନ୍ତୁ ଚିଡ଼ିଲେ କାମ ଚଳିବ ନାହିଁ। ଟିକିଏ ନରମି ଯାଇ କହିଲା- ''ତେବେ ଆସ ଖୋଜି ଦେଇଯିବ।''

ଲଙ୍କାରେ ମାଙ୍କଡ଼ସେନା ପଶିଲା ପରି ପତ୍ର, ରଞ୍ଜୁ ଓ ପହଲି ମୋହନ ବଖରା ଉଦ୍ଦେଶ୍ୟରେ ଧାଇଁଲେ। ନିଜ ଜାଗାରେ ସେମିତି ବସିରହି, ମୁଣ୍ଡକୁ ସାମାନ୍ୟ ବଙ୍କେଇ ମାୟା ବୈଠକଖାନା ଦୁଆର ମୁହଁକୁ କଣେଇ କଣେଇ ଚାହୁଁଥାଏ, ଆଉ ଥରକୁ ଥର ଦାନ୍ତରେ ଦାନ୍ତ ଚିପି କହୁଥାଏ-ଠିକ୍ ହେଇଚି, ଠିକ୍ ହେଇଚି। କେମିତି ମଜା!

ମୋହନ ବଖରାରେ ପଶିବାର ସୁବିଧା ମିଳିଛି। ଘରେ ପଶୁ ନ ପଶୁଣୁ ପିଲାଙ୍କର ଆଖି ଯାଇଁ ପଡ଼ିଲା ଟେବୁଲ୍ ଉପରେ ଗଦା ହୋଇଥିବା ଚିଠିପତ୍ର ଉପରେ। ଷ୍ଟେଥୋ ଖୋଜିବା କଥା ଭୁଲିଯାଇ ପିଲାମାନେ ଚିଠି ଝାଡ଼ିବା ବାହାନାରେ ଟିକଟ ଖୋଜିବାରେ ଲାଗିପଡ଼ିଲେ।

-କିରେ ଚିଠି ଭିତରେ କ'ଣ ଷ୍ଟେଥୋ ପଶିଛି ?

ଚମକି ପଡ଼ି ବଡ଼ ଦୁହେଁ କହିଲେ, ''ନାଇଁ ଆମେ ଟେବୁଲ୍ ଦେଖୁଛୁ, କାଳେ ରହି ଯାଇଥିବ।''

-ଏଠି ନାହିଁ ଅନ୍ୟ ଆଡ଼ ଖୋଜ।

କିଛି ବେଳ ଖୋଜିବା ପରେ ଘର କାନ୍ଥ ଔଷଧ ଆଲମାରୀ ସନ୍ଧି ଭିତରୁ ଷ୍ଟେଥୋ ମିଳିଲା। ସେଇ ଷ୍ଟେଥୋ ହାତରେ ମୋହନକୁ ରୋଗୀକୁ ନିକଟକୁ ଯିବା ଦେଖି ମାୟାର ରାଗ ଯେମିତି ଆହୁରି କୁହୁଳି ଉଠିଲା।

ତେଣିକି ଦେଖାଗଲା ମୋହନର ବହିପତ୍ର ଓ ଔଷଧ ଆଲମାରୀ ବାରମ୍ବାର ଖେଳାମେଳା ହୋଇ ପଡ଼ୁଛି।

ଗଣେଶ ପୂଜାର ଦିନ ଯେତେ ପାଖେଇ ଆସିଲା ମାୟାର ରାଗ ସେତେ ବଢ଼ି ବଢ଼ି ଚାଲିଲା। ଶେଷକୁ ଅବସ୍ଥା ଏମିତି ଅସମ୍ଭାଳ ହେଲା ଯେ, ଦିନେ ବାଧ୍ୟ ହୋଇ ମୋହନ ବୁଲିସାରି ଫେରିଲା ବେଳେ ଟଫି ଓ ଲଜେନ୍‌ସ କିଣିଆଣି ମାୟାର ଟେବୁଲ ଉପରେ ଠୁଙ୍ଗାଟା ରଖିଦେଇ କହିଲା-''ଗଣେଶ ପୂଜା ପାଖ ହୋଇଗଲା-ତୁ ଚାନ୍ଦା ଦେବୁ ନାହିଁ?''

ଲଜେନ୍‌ସ ନ ଦେଖିଲା ଭଳିଆ, ବହିକି ଚାହିଁ ଫୁଲେଇ ମାୟା ଜବାବ ଦେଲା, ''ନା।''

-ନାଇଁ, ନାଇଁ ରାଗୁଚୁ କାହିଁକି? ଚାନ୍ଦା ଦେଇ ଦେ।

ପଇସା ମୁଣିରୁ ଟଙ୍କା କାଢ଼ି ମୋହନ ଟେବୁଲ ଉପରେ ରଖି କହିଲା-''ପାଞ୍ଚ ଟଙ୍କା।''

-ମୁଁ ନେବି ନାହିଁ କହୁଛି।

-ଆଚ୍ଛା ହଉ। ଆଉ ଗୋଟାଏ ଟଙ୍କା ତୋ ରାଗ ପାଇଁ ସୁଧ ଦେଲି।

ମାୟା ସେମିତି ବହିକି ଚାହିଁ ବସିଥାଏ। ମୋହନ ଚାଲିଗଲା। ମାଙ୍କଡ଼ ପରି ହୁଙ୍କିପଡ଼ି ମାୟା ଭଲ କରି ଦେଖିଲା ମୋହନ ଆଖି ଆଗରେ ଦିଶୁଛି କି ନାହିଁ। ତାପରେ ଟଙ୍କାଟା ନିଜେ ଥରେ ଗଣିନେଇ ବହି ଭିତରେ ରଖି ଠୁଙ୍ଗାରୁ ଗୋଟିଏ ଲଜେନ୍‌ସ ବାହାର କରି ପାଟିରେ ପୁରେଇ ଦେଇ ଆଖିବୁଜି ବସିଲା-ଜିନିଷଟା ପ୍ରକୃତରେ ଭଲ ଲାଗୁଛି କି ନାହିଁ ଧ୍ୟାନରେ ବୁଝିବାକୁ। ତାପରେ କହିଲା-ବାଜେ, ବାଜେ। ପରମ ଅନାସକ୍ତି ଭାବ ଦେଖାଇ ଠୁଙ୍ଗାଟା ପାଖକୁ ଟାଣିଆଣି ଥରେ ଭିତରକୁ ଚାହିଁଲା। ଚକ୍‌ଚକିଆ ଲଜେନସରୁ ଗୋଟିଏ ପାଟିରେ ପୂରାଇ ନେଇ ଥରେ ଛେପ ଢୋକି ତାକୁ ବିରକ୍ତିରେ ଭାଡ଼ୁ ଭାଡ଼ୁ କରି ଚୋବେଇ ପକେଇ ନିଜକୁ ଶୁଣାଇଲା ଭଳି ବଡ଼ ପାଟିରେ କହିଲା, ''ଖାଲି ଚିନି...ହୁଁ, ମୁଁ ଛୁଆଟିଏ ହୋଇଚି ନା। ମତେ ଠକା ହେଉଚି!''

ପ୍ରତାପ, ରଞ୍ଜନ ଓ ପହଲି ଦୂରରୁ ଚାହିଁଛନ୍ତି। ପାଖକୁ ଆସିଲେ ମାୟା ବାଡ଼େଇବ-ସେମାନଙ୍କ ଉପରେ ସେଇ ଚାନ୍ଦା କଥାରୁ ଚିଡ଼ିକରି ରହିଛି। ଏଣେ ମୋହନ ଗଲାବେଳେ ସେମାନଙ୍କୁ ଚୁପ୍‌ଚୁପ୍ କହିଦେଇ ଯାଇଛି, ''ଲେବନ୍‌ଚୁସ୍ ମାୟାକୁ ଦେଇ ଆସିଛି-ସେ ତମକୁ ଆପେ ଦବ, ତାକୁ ମାଗିବ ନାହିଁ।'' କଣ କରିବେ

ପିଲାଗୁଡ଼ାକ ବୁଝି ପାରିଲେ ନାହିଁ। ମାୟା ପାଖକୁ ଯାଇ ଜୋର କଲେ ସେ ରାଗିଯିବ-ମୋଟରୁ ଦେବ ନାହିଁ। ଏଣେ ନ ଗଲେ ମାୟା ଚାଖୁ ଚାଖୁ ଯଦି ସବୁ ଚାଖି ଦିଏ ? ଏତେ ବସି କଣ ଚାଖୁଛି ? ପିଲାମାନେ ମନେ ମନେ ପ୍ରମାଦ ଗଣିଲେ।

ଠୁଙ୍ଗାରୁ ଖୋଜି ଖୋଜି ମାୟା ଯେତିକି ବେଶି ଚାଖିଲା, ତା ମୁହଁରେ ସେତିକି ବିରକ୍ତିର ଚିହ୍ନ ଫୁଟିଉଠିଲା। ଶେଷରେ ନିରାଶ ହୋଇ ପାଟିରେ ଗୋଟିଏ ପୂରେଇ ଠୁଙ୍ଗାଟାକୁ ପେଲି ଦେବାକୁ ଯାଉଛି, ହଠାତ୍ ତା ମୁହଁର ଚେହେରା ବଦଳିଗଲା। କଳରେ ସେଇଟା ଯାକି ମାୟା ଚୌକି ଉପରେ କିଛିବେଳ ଆଉଜି ବସିଲା। ଯେତିକି ଥର ଛେପ ଢୋକିଥାଏ, ତା ମୁହଁର କୁଞ୍ଚିତ ରେଖାଗୁଡ଼ିକ ଶୀଘ୍ର ମିଳେଇ ଯାଉଥାଏ। ଆଖି ଦୁଇଟା ମେଲା ରହିଛି, କିନ୍ତୁ ସେ ବାହାରର କିଛି ଦେଖୁନାହିଁ। ଜିଭ ଉପରେ ସେଇ ଲଜେନ୍‌ସର ଯେଉଁ ପ୍ରତିକ୍ରିୟା ଚାଲିଛି, ତାର ଗୋଟାଏ ଗୋଟାଏ ଗାର ଯାଇ ଟାଣି ହୋଇଯାଉଛି ମନ ଉପରେ। ମାୟା ଏକଲୟରେ ମନର ସେହି ଅଦେଖା ଗାରଗୁଡ଼ାକ ପଢ଼ିଯାଉଛି। ପାଟି ଖୋଲି ହେବା ପରେ ସେଇଥିରୁ ଆଉ ଗୋଟାଏ କଳରେ ଯାକି ପିଲାମାନଙ୍କ ଆଡ଼କୁ ଚାହିଁଲା।

-କିହୋ ବାବୁମାନେ, ସେମିତି ରାକ୍ଷସଙ୍କ ଭଳିଆ ଚାହିଁଛ କାହିଁକି ?

-''ଭଲ ?'' ପ୍ରତାପ ପଚାରିଲା।

-ବେଶି ବାଜେ ଅଛ ଭଲ। ଆଚ୍ଛା ସମସ୍ତେ ଏଠିକି ଆସ। ମାୟା ପାଟିରୁ କଥା ନ ସରୁଣୁ ସମସ୍ତେ ଧାଡ଼ିବାନ୍ଧି ଆସି ଛିଡ଼ା ହୋଇଗଲେ।

ଟେବୁଲ ଉପରେ ଠୁଙ୍ଗାଟା ଅଜାଡ଼ି ଦେଇ, ଚେହେରା ଅନୁସାରେ ସେଗୁଡ଼ିକୁ ଅଲଗା ଅଲଗା ଜମା କରି ବଡ଼ ଛୋଟ କରି ଚାରୋଟି ଭାଗ କଲା। ତିନିଖଣ୍ଡ କାଗଜରେ ତିନି ପିଲାଙ୍କର ନାଁ ଲେଖି ତହିଁରେ ଗଣା ହୋଇଥିବା ଲଜେନ୍‌ସ୍ ପୁରେଇ ତିନୋଟି ପୁଡ଼ିଆ କଲା। ସେଗୁଡ଼ିକ ଟେବୁଲ ଉପରେ ଅଲଗା ଅଲଗା ରଖିଦେଇ ପଚାରିଲା, ''ତମକୁ ଲେବନଚୁସ୍ ଦେଲି। ତମେ ମୋର ଗୋଟାଏ କାମ କରିଦେବ ନାହିଁ ?'' ତୁଚ୍ଛା ପାଟିରୁ ଏକ ସାଙ୍ଗରେ ଶୃଙ୍ଖଳା ଉତ୍ତର ଆସିଲା ''ହଉ।''

ଦି ହାତରେ ପିଲାଙ୍କର ପିଠି ଥାପୁଡ଼େଇ ମାୟା କହିଲା- ବାଃ, ସାବାସ୍! ଏମିତି ହେଲେ ଯେ, କହନ୍ତି ଭଲ ପିଲା। ସବୁବେଳେ ବଡ଼ଙ୍କର କଥା ମାନିବ...। ଆଚ୍ଛା ପତୁ, ତୁ ଯା'କି, ଗୋଟାଏ ପ୍ଲେଟ ଆଉ ଗୋଟାଏ ଚାମୁଚ ନେଇ ରୋଷେଇ ଘରେ ପୂଝାରୀ କଦଳୀ ଭଣ୍ଡା ଚପ୍ ଭାଜୁଛି ତା'ଠାରୁ ଦି'ଟା ତୋ'ରି ନାଁ କହି ମାଗି ଆଣିବୁ...ଆଉ ରଞ୍ଜୁ ତୁ ଭଣ୍ଡାର ଘରକୁ ଯିବୁ। ଆଜି ଖରାବେଳେ ବୋଉ ଯେଉଁ ତେନ୍ତୁଳି ଆଚାର କରିଥିଲା ସେଥିରୁ ଫୁଲାଏ ଆଣିବୁ। ଧରାପଡ଼ିଗଲେ ମୋ ନାଁ କହିବୁ ନାହିଁ, ତୋରି ନାଁ କହିବୁ, ବୁଝିଲୁ ? ତୁ ଖାଇବୁ ବୋଲି କହିବୁ। ତୁ ଖାଇବୁ... ତୁ ଖାଇବୁ... ମନେ ରହିଲା ?

ତାପରେ ଗୋଟାଏ ଲମ୍ବା ନିଶ୍ୱାସ ଛାଡ଼ି ନପାରିଲା ଲୋକକୁ ମଣିଷ ଯେମିତି କରୁଣା ଚକ୍ଷୁରେ ଦେଖେ, ସେମିତି ଆଖିରେ ପହଲି ଆଡ଼କୁ ଚାହିଁ କହିଲା-''ତୁ ବା କି କାମଟାଏ କରିପାରିବୁ? ଆଚ୍ଛା ତୁ ମୋ ପାଇଁ ଗିଲାସେ ଥଣ୍ଡା ପାଣି ଆଣିବୁ। ଖବରଦାର! ଅଧ ଗିଲାସେ ଆଣିବୁ, ବାହାଦୁରୀ ଦେଖେଇ ଗିଲାସେ ଭର୍ତ୍ତି କରି ସିଡ଼ି ଗୋଟାକ ଯାକ ଢାଳି ଢାଳିକା ଆଣିବୁ ତ ପୁଣି ଦେଖିବୁ! ଯାଆ।

ସେନାଦଳ ଚାରିଗଲେ - ଏକା ସେନାପତି ବସି ରହିଲେ ଟେବୁଲ ପାଖରେ ବହିକି ଚାହିଁ। ପ୍ରିଟେଷ୍ଟ ପରୀକ୍ଷା ମୋଟେ ପନ୍ଦର ଦିନ ଅଛି। ଆଖି ଆଗରେ ରାତିଟା ନଷ୍ଟ ହୋଇଗଲା। ଗୋଟାଏ ମିନିଟ୍ ଗୋଟାଏ ଯୁଗ ଭଳି ଲାଗୁଛି-ଥରକୁ ଥର କାନଡେରି ଶୁଣୁଛି ସିଡ଼ିରେ ପାଦଶବ୍ଦ ଶୁଭିଲା କି ନାହିଁ। ଶେଷକୁ ଚିଡ଼ିଉଠି କହିଲା-ନାଃ-ଯାହା ଜଣାଗଲାଣି ପାହାନ୍ତିଆ ବେଳକୁ ଯାଇ ଆଣିବେ। ସାମନାରେ ମେଲା ହୋଇଥିବା ଜ୍ୟାମିତି ବହିଟାକୁ ରାଗରେ ପେଲିଦେଲା। ବସିଲେ ତ ଚଳିବ ନାହିଁ-ପରୀକ୍ଷା ପାଖେଇ ଆସିଲାଣି। ଭୂଗୋଳ ପଢ଼ା ହୋଇ ନାହିଁ। ହାତ ବଢ଼ାଇ ଭୂଗୋଳ ବହିଟା ଭିଡ଼ି ଆଣିଲା। ମଝିରୁ ମେଲେଇ ଆଠ ଦଶ ଧାଡ଼ି ପଢ଼ିଛି କି ନାହିଁ ତାକୁ ବି ପେଲିଦେଲା। ଧଡଡ଼ା ବହିଟାଏ। ଏତେବେଳ ଯାଏ କେହି ଆସିଲେ ନାହିଁ। କଣ କରିବ? ମିଛରେ ଖାଲି ସମୟ ଯାହା ନଷ୍ଟ ହେଉଛି। ଇଂଲିଶ୍ ବହି ବାହାର କଲା। ପାଞ୍ଚ ମିନିଟ୍ ପରେ ସେ ବହିର ଦଶା ମଧ୍ୟ ଅନ୍ୟ ବହିପରି ହେଲା। ସେନାପତି ଚିନ୍ତିତ ହୋଇପଡ଼ିଲେ। ସବୁଗୁଡ଼ାକ ସୈନ୍ୟ କ'ଣ ମଟି ବନ୍ଦୀ ହୋଇଛନ୍ତି? ଉତ୍କଣ୍ଠାରେ ସେନାପତି ଛଟ୍‌ପଟ୍ ହୋଇ ପାଟିର ୧ ଜାରରେ ଚୋବାଇବାରେ ଲାଗିଲେ।

କିଛି ଦେ ପରେ ରଞ୍ଜନ ଆଚାର ଧରି ପହଞ୍ଚିଲା। ସେନାପତିଙ୍କ ପିଣ୍ଡରେ ପ୍ରାଣ ପଶିଲା। କିନ୍ତୁ ଉପରେ ଉତ୍କଣ୍ଠା ଦେଖେଇବା ଉଚିତ୍ ନୁହେଁ। ଚୌକିରେ ସିଧା ବସି ଗମ୍ଭୀର ଭାବରେ ପଚାରିଲା-ଏତେ ଡେରି ହେଲା ଯେ? ବୋଉ ଦେଖି ନାହିଁ ତ!

ବୋଉ ଆସିଲା ବେଳକୁ ମୁଁ ପ୍ୟାଣ୍ଟ ପକେଟରେ ଲୁଚେଇ ଦେଲି।

-ସେଗୁଡ଼ାକ ଗଲେ କୁଆଡ଼େ?

-ଆସୁଛନ୍ତି।

ଆଚାରରୁ ଟିକିଏ ଚାଖି ମାୟା ରଞ୍ଜନର ଲଜେନ୍‌ସ ଆଡକୁ ହାତ ବଢାଇ ଦେଲା-ନେଇଯା।

ପ୍ରତାପ ପହଞ୍ଚିଲା। ହାତରେ ପ୍ଲେଟ।

-କିରେ ଏତେ ଡେରି କଲୁ? କଣ କଦଳୀଗଛ ପୋତି ତା ଭଣ୍ଡା ବାହାରିବା ଯାଏ ଚାହିଁ ରହିଥିଲୁ? ଅଳସୁଆଟା!

-ପୁସ୍ତକାଗାର ଦେଲେ ଆଣିବି ସିନା । ସିଏତ ହେଇ ହେଲା ହେଲା ବୋଲି କହି ଏତେ ଡେରି କରିଦେଲା ।

-କେହି କିଛି ପଚାରୁଥିଲେ କି ?

-ନା ।

- 'ହଉ ଯା' । ପୁଡ଼ିଆଟା ପ୍ରତାପ ଆଡ଼କୁ ବଢ଼େଇ ଦେଲା ।

ମନରେ ଶାନ୍ତି ଫେରିଆସିଲା । ହସି ହସି ଭାବିଲା, ବାକି ରହିଲା ପହଲି-ସେଇଟା ଆସିଲେ ଯାହା ନ ଆସିଲେ ସେଇଆ । ଯଦିବା ଧରାପଡ଼ିଯାଏ ଖାଲି ପାଣି ଆଣିବାକୁ କହିଛି ତ, କିଏ ମୋତେ ଫାଶୀ ଦେଇପକେଇବ ?

ଟେବୁଲ ଉପରେ ଲଜେନ୍‌ସ, ଚପ୍ ଆଉ ଆଚାରକୁ ପାଖାପାଖି ସଜେଇ ରଖି ମାୟା କପାଳ କୁଞ୍ଚେଇ ଭାବିଲା କଣ ପଢ଼ିବ ? ଥରେ ଲଜେନ୍‌ସ, ଚପ୍ ଓ ଆଚାରକୁ ଚାହିଁଲା । ଆଉଥରେ ଟେବୁଲ ଉପରେ ମେଲା ହୋଇ ପଡ଼ିଥିବା ଜ୍ୟାମିତି, ଭୂଗୋଳ, ଇଂଲିଶ୍ ବହି ଆଡ଼କୁ ଚାହିଁଲା । ମନ ତା'ର ମାନିଲା ନାହିଁ । ଚାରିଆଡ଼କୁ ଥରେ ଚାହିଁ ଚୌକି ଛାଡ଼ି ବହି ର୍‍ୟାକ୍‌ରେ ଲୁଚିଥିବା ''ପ୍ରେତପୁରୀରେ ଗୋଏନ୍ଦା'' ବହିଟି ଅତି ଯତ୍ନରେ ବାହାର କରିଆଣି ପୁଣି ଚୌକିରେ ବସିଲା । ଟେବୁଲ ଉପରେ ରହିଥିବା ଛୋଟ କ୍ୟାଲେଣ୍ଡରଟା ଥରକୁ ଥର ମନେ ପକାଇ ଦେଉଛି-ପରୀକ୍ଷା ରହିଲା ପନ୍ଦର ଦିନ । ବିରକ୍ତିରେ ମାୟା କାଲେଣ୍ଡରଟା କାନ୍ଥ ଆଡ଼କୁ ବୁଲେଇ ଦେଲା । କିନ୍ତୁ ଯେତେ କଲେ କ'ଣ ହେବ, ତାର ମନେହେଲା ଯେମିତି କାଲେଣ୍ଡରର ପଛ ମୁହଁଟା ତାକୁ କହୁଛି ''ପଢ଼ିପକାଅ-ପରୀକ୍ଷା ରହିଲା ମୋଟେ ପନ୍ଦର- ।''

-କଣ ହୋଇଗଲା ସେଥିରୁ ? ଏତେବେଳକୁ ମୁଁ ତ ଟେବୁଲ୍ ଉପରେ ଶୋଇଥାନ୍ତି । ନହେଲା ଏବେ, ମୋ ଶୋଇବାରୁ କାଟି ଗପ ବହିଟା ପଢ଼ିଦେବି । ଆଣିଚି ଯେତେବେଳେ ନ ପଢ଼ିକରି ତ ଆଉ ଫେରାଇ ଦେଇପାରିବି ନାହିଁ! ମାୟା ମନକୁ ସାନ୍ତ୍ୱନା ଦେଲା ।

ଚପ୍‌ରୁ ଅଧେ ଚାମଚରେ କାଟି ପାଟିରେ ଭର୍ତ୍ତିକରି ମାୟା ବହିଟା ଖୋଲିଲା । ତା'ପରେ ଆଖି ଆଉ ପାଟି ଭିତରେ ପ୍ରତିଯୋଗିତା ଚାଲିଲା । ଆଖି ଜୋରରେ ଗଲେ ପାଟି ଧିମେଇଯାଏ, ପାଟି ଜୋରରେ ଚାଲିଲେ ଆଖି ଧିମେଇଯାଏ । ଦୁହେଁ ପ୍ରାଣ ପଣେ ଧାଉଁଛନ୍ତି । ଏତିକି ବେଳେ କଅଣ କାମରେ ସ୍ତ୍ରୀଙ୍କୁ ଖୋଜି ଖୋଜିକା ମାୟାର ବାପା ଆସି ସେଠି ପହଞ୍ଚିଗଲେ । ମାୟା ଆଚାର ଚାପି ଚାପି ପଢ଼ି ଚାଲିଛି-ବାପା ଯେ କେତେବେଳେ ଆସି ପଛରେ ଠିଆ ହେଲେଣି, ସେ ଆଡ଼କୁ ତାର ନଜର ନାହିଁ ।

ପୀତାମ୍ବର ବାବୁ ମାୟାକୁ କଣ କହିବାକୁ ଯାଉଥିଲେ, ଟେବୁଲ ଉପରେ ଆଖି ପଡ଼ିଯାଇ ତୁଣ୍ଡରେ କଥା ତୁଣ୍ଡରେ ଅଟକିଗଲା । ସାମନାକୁ ଆସି କହିଲେ-ଏମିତି ପଢ଼ିଲେ ମନେ ରହୁଛି ?

ସେତେବେଳକୁ ଗୁଇନ୍ଦା ଏମିତି ଗୋଟାଏ ଜାଗାରେ ଆସି ପହଞ୍ଚିଛି ଯେ, ସେଠି ଖାଲି ଢୋ' ଢୋ' ବନ୍ଧୁକ ଫୁଟୁଛି, ରକ୍ତର ନଈ ବହୁଛି- ''ରକ୍ଷାକର, ରକ୍ଷାକର'' ଚିତ୍କାରରେ ଆକାଶ କମ୍ପିଉଠୁଛି। ମାୟା କାନରେ ଢୋଲ ପିଟିଲା ପରି ସେ ଚିତ୍କାର ଆସି ବାଜୁଛି। ଏମିତି ଅବସ୍ଥାରେ ବହି ଉପରୁ କଣ କିଏ ଆଖି ଫେରେଇ ପାରେ? ପୀତାମ୍ବର ବାବୁଙ୍କ ପ୍ରଶ୍ନ ମାୟା କାନରେ ବାଜିଲା, ପୁଣି ବାଜିଲା ନାହିଁ। ତେବେ ସେ ଏତିକି ବୁଝିଲା, କିଏ ଜଣେ ତାକୁ କଣ କହୁଛି। କିଏ ଆଉ ହୋଇଥିବ? ସବୁଦିନ ରାତିରେ ଚାକର ଆସି ଭାତ ଖାଇବା ପାଇଁ ଡାକିଯାଏ। ସେଇ ଆସିଥିବ ତ। ପଢୁଥିବା ଧାଡ଼ି ଉପରେ ଆଖି ରଖି ହାତ ହଲାଇ ମାୟା କହିଲା, ''ପଳା ପଳା, ମୋର ପଢ଼ାଅଛି। ମୁଁ ଅବିକା ଖାଇବି ନାହିଁ-ଯା।''

-କଣ ଏମିତି ମନ ଦେଇ ପଢ଼ା ହଉଛି ଦେଖେଁ...

ବାପାଙ୍କ ପାଟି ଶୁଣି ଚମକିପଡ଼ି ବହିଟା କେମିତି ଲୁଚେଇବ ଠିକଣା କରି ନ ପାରି ମାୟା ପାଟି କରି କହିଲା- ''ଖାଇଲାବେଳକୁ ସମସ୍ତେ ଖାଇଦେବେ, ଏଣେ ଅଇଁଠା ଉଠେଇବି ମୁଁ!''

ପୀତାମ୍ବର ବାବୁଙ୍କ ହାତ ନପାଇଲା ଭଳି ଜାଗାରେ ବହିଟା ପିଠିବାଗିଆ ରଖିଦେଇ ଗୋଟାଏ ହାତରେ ପ୍ଲେଟ୍ ଅନ୍ୟ ହାତରେ ଆଚାର କାଗଜଟା ଧରି ବହି ଓ ପୀତାମ୍ବର ବାବୁଙ୍କ ମଝିରେ ପାଚେରୀ ଭଳି ଠିଆ ହେଲା।

-କି ବହି ପଢ଼ା ହେଉଥିଲା ?

ମାୟା ଚଟ୍ କରି ଜବାବ ହେଲା-ସାହିତ୍ୟ ବହି।

ଟେବୁଲ୍ ଉପର ଭଲକରି ଦେଖି ପୀତାମ୍ବର ବାବୁ କହିଲେ, ''ସବୁ ରକମର ବହି ତ ଏଠି ମେଲା ହୋଇ ରଖାହୋଇଛି, ସେଇଟା କାହିଁକି ସେଠି ରହିଲା? ଦେଖେଁ ବହିଟା।''

ମୁହଁ ଫୁଲେଇ ମାୟା ଜବାବ ଦେଲା, ''ତମ ସାଙ୍ଗରେ ମୁଁ ମୋଟେ କଥା କହିବି ନାହିଁ ଯେ। ଗୋଟାଏ ରିଷ୍ଟୱାଚ୍ ଦବ ଦବ କହି ଆଜିଯାଏ ଦଉନ-ପରୀକ୍ଷାରେ ଫେଲ ହୋଇଗଲେ ମତେ ଆଉ ଦୋଷ ଦେବ ନାହିଁ। ସମୟ ଜାଣିଲେ ସିନା ଲେଖିବି। ଏଡ଼େ ବଡ଼ ସ୍କୁଲଟାରେ ତ ମୋଟେ ଗୋଟାଏ ବୋଲି କାନ୍ଥ ଘଣ୍ଟା।''

-ଘଡ଼ି ପାଇଁ ଏତେ ଭାବନା କାହିଁକି? ତୋ ଘଣ୍ଟା ନ ଆସିଲେ ମୋରି ଘଣ୍ଟାଟା ପିନ୍ଧିକରି ଯିବୁ।

-ବାପା, ତମର ଯୋଉ ବୁଦ୍ଧି! ଶୁଣିଲେ ହସ ମାଡ଼େ। ତମେ ଏଡ଼େ ମୋଟା! ଟିକିଏ ଭାବିଲ ଆଗେ, ତମର ଘଡ଼ିଟା ମୋ ହାତକୁ ହେବ? ପ୍ରାଣ ଖୋଲା ହସରେ ମାୟା ଫାଟି ପଡ଼ିଲା।

-ସମୟ ଜାଣିବା କଥା ତ?

-ଛିଆ, ସେ ଭୋଦ୍‌ଙ୍ଗା ଘଣ୍ଟାଟା ମୁଁ କେବେହେଲେ ପିନ୍ଧିଯିବି ନାହିଁ। ପରୀକ୍ଷା

ପଚ୍ଛକେ ନ ଦିଆହେଲେ ନାହିଁ, ଆଉ ବାପା, ମୋ ଘଣ୍ଟାଟା ସାଇଜରେ କଇଁଆଁ ମଣ୍ଡିଠୁ ଯେମିତି ବଡ ନହୁଏ। ଏତକ ଭଲକରି ମନେ ରଖିଥାଅ। ନ ହେଲେ ପୁଣି ସେତେବେଳକୁ ବଡ ଘଣ୍ଟାଟାଏ ଆଣି ଦେଇ କହିବ, ''ମାଆ ଲୋ, ମୁଁ ବୁଢା ହେଇଗଲିଣି। ମୋର ମନେ ରହୁନାହିଁ।''

-ପରୀକ୍ଷା କେଇ ଦିନ ରହିଲା ?

-ଯେତେ ଦିନ ଥାଉ, ତମେ ତ ଘଣ୍ଟା ଦେଲେ ଗଲା।

-ପାସ୍ ହବଟି ?

-''ଘଣ୍ଟା ମିଳିଲେ ଜରୁର୍ ପାସ୍ ହେବ।'' ମାୟା ଭଲ ରକମ ଜାଣେ ପନ୍ଦର ଦିନ ଭିତରେ ଘଣ୍ଟା ଆସିବ ନାହିଁ-ତେଣୁ ଫେଲ ହୋଇଗଲେ ତା'ର ଦୋଷ ନାହିଁ।

ଏତିକିବେଳେ ପାଣିରେ ଟୁଳୁଟୁଳୁ ଗୋଟିଏ ଗିଲାସ ଦୁଇ ହାତରେ ମୁଠେଇ ଧରି, ତାକୁ ଏକ ଲୟରେ ଚାହିଁ, ସିଢି ଗୋଟାଯାକ ପାଣି ଢାଳି ଢାଳିକା, ପାଦ ଚିପି ଚିପିକା ଅତି ସାବଧାନରେ ପହଲି ଘରେ ପଶିଲା। ଏତେଗୁଡାଏ ପାହାଚ ଉଠିବା ପରିଶ୍ରମରେ ସଁ ସଁ ହେଉଛି। ତାର ଗୋଟାଏ ପଟ ଗାଲରେ ଆଚାର ଲାଗିଛି। ଓଠ ଚାରିଆଡେ ତେଲ। ପାଟିରୁ ଚପ୍‌ର ବାସନା ବାହାରୁଛି। କୁଆଡକୁ ନ ଚାହିଁ ଏକ ମନରେ ପହଲି ଗ୍ଲାସଟା ମାୟାର ଟେବୁଲ ଉପରେ ରଖିବାକୁ ଯାଉଛି, ଏତିକିବେଳେ ଦାନ୍ତ କଡମଡ କରି ମାୟା ଚିହିଁକି ଆସିଲା। ''ତଳେ ଆଚାର, ଚପ୍ ଖାଇ ସାହେବ ମୋ ବଖରାକୁ ଆସିଲେ ପାଣି ପିଇବାକୁ। କାହିଁକି, ସେଠି ପାଣିଟା ତୋ ତଣ୍ଟିରେ ଗଳିଲା ନାହିଁ ବୋଲି ଏଠିକି ଆଣିଚୁ ? ଯା-ନେଇଯା କହୁଛି, ତଳେ ପିଇକରି ଆସିବୁ।''

ପହଲି ଆଶ୍ଚର୍ଯ୍ୟ ହୋଇ ମାୟା ମୁହଁକୁ ଚାହିଁଲା।

-ଯାଉଛୁ ନା ଦେଖିବୁ ଅବିକା।

''ମୋ ଲେବନ୍‌ଚୁସ୍'' କହି ପହଲି ତା ପୁଡିଆ ଆଡକୁ ହାତ ବଢେଇଲା।

''ତୋର କି ଲେବନ୍‌ଚୁସ୍‌ରେ ? ଭାଇ ଆଣି ମତେ ଦେଇଥିଲେ, କହିଲା ମୋ ଲେବନ୍‌ଚୁସ୍!'' ଛଞ୍ଚାଣ ଶିକାରକୁ ଝାମ୍ପ ମାରିଲା ପରି ମାୟା ଟେବୁଲ୍ ଉପରୁ ପୁଡିଆଟା ନେଇ ହାତରେ ମୁଠେଇ ଧରିଲା।

ପହଲି ଆଉ ସମ୍ଭାଳି ହୋଇପାରିଲା ନାହିଁ। ସେଇଠି ତଳେ ବସିପଡି ରଡି ଛାଡିଲା। ''ବୋଉ ଲୋ ଅପା ମୋ ଲେବନ୍‌ଚୁସ୍ ଦଉ ନାହିଁ।''

ପଦେ ବି କଥା ନ କହି ପୀତାମ୍ବରବାବୁ ଦିହିଁଙ୍କୁ ଲକ୍ଷ୍ୟ କରୁଥିଲେ। ଏଥର ମୁହଁ ଖୋଲିଲେ। ''ଏମିତି ତାହାହେଲେ ତୋ ପଢା ହେଉଛି। ତୁ ଯେ ଏଥର ପାସ୍ କରିପାରିବୁ ନାହିଁ, ତା ମୁଁ ବୁଝିପାରୁଛି।''

-ହଁ, ତା ଆଉ ବୁଝନ୍ତ ନାହିଁ ?

-କାଣ୍ଡୁ, ମୁଁ ତୋର ବାପା ?

''ଇସ୍କୁଲ ଯାକ ସମସ୍ତେ ଜାଣନ୍ତି ତମେ ମୋର ବାପା। ଆଉ ମୁଁ ତମର ଝିଅ ହୋଇ ଏତିକି ଜାଣେ ନାହିଁ?'' କଥାର ଗୁରୁତ୍ୱ ଏଡ଼େଇ ଦେବାକୁ ମାୟା ପ୍ରାଣପଣେ ଚେଷ୍ଟା କଲା।

-''ଫାଜିଲାମି ବନ୍ଦ କର।''

''ଲୋକଙ୍କୁ ଥଟ୍ଟା କଲେ ଫାଜିଲାମି ହୁଏ ବୋଲି ଆଜିଯାଏ ଜାଣିଥିଲି; କିନ୍ତୁ ତମେ ଯାରି ଭିତରେ ମୋତେ ଗୋଟାଏ ନୂଆ କଥା ଶିଖେଇ ଦେଇ ସାରିଲଣି। ସତ କହିଲେ ବି ଫାଜିଲାମି ହୁଏ'', ରାଗ ଓ ଅଭିମାନ ମିଶା ସ୍ୱରରେ ମାୟା କହିଲା।

''ମାୟା! ଆଦର ପାଇ ପାଇ ଏକବାରେ ନଷ୍ଟ ହେଇଗଲୁଣି ଦେଖୁଛି।'' ଗମ୍ଭୀର ହୋଇ ପୀତାମ୍ବର ବାବୁ କହିଲେ।

''ହଁ, କହିଯାଅ....ବନ୍ଦ କଲ କାହିଁକି? ଘରେ ଦଶଟା ମଣିଷ ରଖିଛ ମତେ ଆଦର କରିବା ପାଇଁ .... କହିଯାଅ କହିଯାଅ-ଏଣେ ପଛକେ ଖାଇବାକୁ ମାଗି ମାଗି କେହି ଗଣ୍ଡାଏ ଦେବେ ନାହିଁ..... ଭୋକ କରି କରି ପେଟରେ ଏସିଡ୍ ହୋଇଯାଏ-ପୂଝାରୀ ଖାଇବାକୁ ଦେଲାବେଳକୁ ଆଉ ଖାଇ ହୁଏ ନାହିଁ-ଜିନିଷ ଗୋରୁ ହାଣ୍ଡିରେ ପଶେ... ଯେତେବେଳେ ପେଟ ଅତି ବେଶି ଚକଟିମକି ହୁଏ, ତାକୁଇ ରୋକିବା ପାଇଁ ଧାପେନାକୁ କିଛି ପାଟିରେ ଦେଇ ଦେଲେ ଚକଟିମକି ହେବାଟା ଠକ୍ କିନା ରହିଯାଏ... ତା'ବି କଣ ସହଜରେ ମତେ କେହି ଦିଅନ୍ତି? ଘଣ୍ଟାଏ କାଳ ପଢ଼ା ନଷ୍ଟ କରି ଧାରଣା ଦେଇ ପଡ଼ିରହିଲେ ଯାଇ ଅବା ମିଳିପାରେ। କିନ୍ତୁ ପରୀକ୍ଷା ବେଳେ ପଢ଼ା ନଷ୍ଟ କରି ମୁଁ ଏତେ ସମୟ ସେଣେ ଦେବି କୁଆଡୁ? ଦେହ ପଛକେ ନ ରହିଲେ ନାହିଁ। ସମସ୍ତେ ମୋରି ନାଁରେ ପୂଝାରୀଠୁ ମାଗିଆଣି ଲୁଚେଇ ଖାଉଥିବେ-ଖାଇଲାବେଳେ କଥା ପଡ଼ିଲେ ପୂଝାରୀ କହିବ କଣ ନା, 'ଦେଈ ଖାଇଚନ୍ତି' । ମୁଁ ତ ଏ ଘରେ ମଣିଷଟାଏ ନୁହଁ- ଯେମିତି ଛେଳି କି କୁକୁରଟାଏ। ଡାକି ଡାକି ପଛକେ ପାଟି ପଡ଼ିଯିବ, ସେଇଠି ବସିଥିବେ କେହି ପଦେ ଜବାବ ଦେବେ ନାହିଁ।''

ମାୟା ପୀତାମ୍ବର ବାବୁଙ୍କ ଆଖିକି ଚାହିଁଲା-ସେ ଆଖିରେ ସହାନୁଭୂତି ନାହିଁ-ଅଛି କଡ଼ା ଶାସନ। ତେବେ ମାୟାର କାନ୍ଦିବା ଛଡ଼ା ଆଉ ଉପାୟ ନାହିଁ। କିନ୍ତୁ ଆଖିକି ଯେ ମୋଟେ ଲୁହ ଆସୁନାହିଁ। ସେ କରିବ କଣ? ତା ନିଜ ଉପରେ ରାଗ ହେଲା- ଏହି ଘଡ଼ିସନ୍ଧି ବେଳରେ ଯଦି ଆଖିରୁ ଟୋପାଏ ଲୁହ ନ ଗଡ଼ିଲା ତେବେ ସେ ଆଖି ଥିବା ଠାରୁ ଫୁଟିଯିବା ଭଲ।

ମାୟା କାନ୍ଦ କାନ୍ଦ ହୋଇ କହିଲା, ''ବୋଉ ଯେ କାହିଁକି ମତେ ଏନ୍ତୁଡ଼ିଶାଳରେ ତଣ୍ଟି ଚିପି ମାରି ନଦେଲା?'' ଦୁଇ ହାତରେ ଲୁଗାକାନି ଧରି ମାୟା ଆଖିପୋଛିବା ବାହାନାରେ ଆଟାର ହାତଟା ଜାଣି ଜାଣି ଆଖିରେ ମାଡ଼ିଦେଲା। ''ହଁ କାହିଁକି

ମାରିଦେଇଥାନ୍ତା .... ଏମିତିରେ ଯେ, ଘରର ଚାକର ବାକର, କୁକୁର ବିଲେଇ ସୁଦ୍ଧା ପ୍ରତିଦିନ ଟିକିଏ ଟିକିଏ କରି ମୋ ତଣ୍ଟି ଚିପୁଛନ୍ତି-ସେତକ ଦେଖିବା ସୁଖ ଆଉ ପାଆନ୍ତା କୁଆଡୁ? ହେଲେ ଆଉ କାହା ଘରେ ଜନ୍ମ ହୋଇଥାନ୍ତି; ଆଉ କିଛି ନଥିଲେ ବି ନିଜର ଗୋଟାଏ ସ୍ୱାଧୀନତା ଥାନ୍ତା ତ-ଏଠି କ'ଣ ଅଛି?'' ଆଖି ଆଗରୁ କାନି କାଢ଼ି ଦେଇ ମାୟା ପୀତାମ୍ବର ବାବୁଙ୍କୁ ଚାହିଁଲା। ଭଲ କରି ଚାହିଁ ହେଉ ନାହିଁ-ଆଖି ପୋଡ଼ି ଉଠି ଆପେ ଆପେ ବୁଜି ହେଇଯାଉଛି। କ'ଣ କରିବ, ଦୁଇ ହାତରେ ଢାଙ୍କି ତା'ରି ଭିତରେ ଆଖି ବନ୍ଦ କଲା। ଦୁଇପଟେ ଗାଲ ତିନ୍ତେଇ ଝର ଝର ହୋଇ ଲୁହଧାରା ବୋହିଯାଉଛି।

ମୁହୂର୍ତ୍ତକ ଆଗରୁ ଝିଅର ତାହା ମିଛ କଥାରେ ଜମାଟ ବାନ୍ଧି ଆସୁଥିବା ପୀତାମ୍ବର ବାବୁଙ୍କର ଲହୁଣୀ ପରି କୋମଳ ପିତୃ ହୃଦୟ ପୁଣି ସେହି ଝିଅର ଆଖି ଲୁହର ଉଷ୍ଣତାରେ ତରଳିଗଲା। ସେ ଜାଣନ୍ତି, ମାୟା ନାକ କାନ୍ଦୁରୀ ନୁହେଁ। ସେମିତି ଜୋରରେ ଆଘାତ ନପାଇଲେ ତା ଆଖିରୁ ଲୁହ ବାହାରେ ନାହିଁ। ତେବେ କ'ଣ ସତରେ ତା'ର ଅଯତ୍ନ ହେଉଛି? ତା'ର ଖାଇବା କଥା କେହି ବୁଝୁନାହାନ୍ତି? ଭାରୀ ଗଳାରେ ପୀତାମ୍ବରବାବୁ କହିଲେ, ''ଛି ଆଉ କାନ୍ଦନା ମା, ଆଜି ମୁଁ ତୋ ବୋଉକୁ କହିବି, ତା'ର ଏମିତି କି କାମ ବଢେଇ ପଡ଼ୁଛି ଯେ, କେଇଟା ଛୁଆଙ୍କର ଖାଇବା ଖବର ନିଜେ ବୁଝିପାରୁ ନାହିଁ?''

ମାୟା ଆଖିରୁ ଲୁହ ବନ୍ଦ ହେବାକୁ ନାହିଁ। ତଥାପି ଓଠରେ ହସଫୁଟେଇ ମୁରବିଆନା ସ୍ୱରରେ କହିଲା, ''ବାପା, ତମର କେବେ ବୁଦ୍ଧି ହେବ? ବୋଉ ଆସି ବୁଢ଼ୀ ହେଲା, ତାକୁ ଏତେବେଳେ ସିନା ଟିକିଏ ବିଶ୍ରାମ ଦେବ। ତା ନ କରି ତା' ଉପରେ ଆଉରି ଚପଟ ଦେବାକୁ ବସିଛ! ସହଜେ ତ ଭାଇ ବାହା ହଉ ନାହାନ୍ତି ବୋଲି ତା ମନ ଖରାପ। ତା ଅପେକ୍ଷା ବରଂ ତମେ ପୂଜାରୀ ଚାକରଙ୍କୁ ତାଗିଦା କରିଦିଅ ଯେ, ମାୟା ଯେତେବେଳେ ଯାହା କହିବ, ଅନ୍ୟ କାମ ବନ୍ଦ ରଖି ଯେମିତି ଆଗ ତା କାମ କରି ଦିଆହୁଏ। କାହିଁକି ନା ସମୟ ନଷ୍ଟ ମାନେ ମୋ ପଢ଼ା ନଷ୍ଟ। ମୋ ପଢ଼ା ନଷ୍ଟ ମାନେ ତମର ଟଙ୍କା ନଷ୍ଟ। ନୁହେଁ ବାପା? ଘରଟା ଯାକର ଯେତେ ଯାହା ହାନିଲାଭ ହେଉଛି-ସବୁ ସେଇ ତମରି ମୁଣ୍ଡରେ ଯାଉଛି ନା ଆଉ କାହା ମୁଣ୍ଡରେ ଯାଉଛି? ଠିକ୍ କଥା ନୁହେଁ?''

-ହଁ ମା ଠିକ୍ କହିଛୁ। ମନେକର ତୁ ଯଦି ପରୀକ୍ଷାରେ ଖରାପ କରୁ ତେବେ ମୁଁ ଆଉ ଲୋକଙ୍କ ଆଗରେ ମୁହଁ ଦେଖାଇ ପାରିବି?

-ନାଇଁ ବାପା, ଲୋକଙ୍କ କଥା ଛାଡ଼ିଦିଅ-ପରୀକ୍ଷାଟା ପୂରା ଭାଗ୍ୟ। ତାକୁ କାହାରି ଲଗା ନାହିଁ କି ପଘା ନାହିଁ। ତମେ ତ ପୁଣି ନିଜେ କହୁଥିଲ, ତମେ ନିଜେ ଏତେ ଭଲ ଛାତ୍ର ହେଇ ବି ପରୀକ୍ଷାରେ କେମିତି ଫେଲ୍ ହେଇଯାଇଥିଲ?

-ଆହା, ସେ ଭିନ୍ନ କଥା।

-ଭିନ୍ନ କଥା କ'ଣ ? ସବୁ ପରୀକ୍ଷା ତ ସମାନ।

ତା ବୋଲି ତୁ ଫେଲ୍ ହେବୁ ନା କଣ ?

ମୁଣ୍ଡ ହଲାଇ ମାୟା କହିଲା, ''ନା, ନା, ମୁଁ ଅବଶ୍ୟ ଫେଲ୍ ହେବି ନାହିଁ....ମୁଁ ମୋର ସାଧ୍ୟମତେ ଚେଷ୍ଟା କରୁଛି। କିନ୍ତୁ ମୋ ହାତରେ ତ କିଛି ନାହିଁ।'' ପୀତାମ୍ବରବାବୁ ଆଉ ଅଧିକ ଯୁକ୍ତି ନ କରି ସେଠୁ ବାହାରି ଯିବାକୁ ବସିଲେ। ତାଙ୍କୁ ସେଠୁ ଚାଲିଯାଉଥିବାର ଦେଖି ପହଲିର କାନ୍ଦ ଆହୁରି ବଢ଼ିଗଲା। ତାକୁ କୋଳକୁ ଉଠେଇ ନେଇ ପୀତାମ୍ବରବାବୁ କହିଲେ, ''ଦେଇ ଦେ ମା, ତା ଲଜେନ୍ସତକ ତାକୁ ଦେଇ ଦେ। ଛୋଟ ଭାଇଟା। ତା ସାଙ୍ଗରେ ବାଦ କଲେ ଲୋକେ ହସିବେ ଯେ''-

-ସିଏ ବାପା, ତା ଲଜେନ୍ସ ନୁହେଁ, ମୋରି। ସେଇଟା ଏଡ଼େ ବୋକା ହୋଇଛି ଯେ ତାକୁ ଦବାକୁ ମୋର ଇଚ୍ଛା ହେଉ ନାହିଁ।

-ବୋକା ହେଲେ ବି ତାକୁ ଦେଇଦେ।

-ବାପା, ତମେ ଜାଣିନା, ବୋକାମାନେ ଯେତେବେଳେ ଯାହା ମାଗିବେ, ତାଙ୍କୁ ଦେଇଦେଉଥିଲେ ତାଙ୍କର ବୋକାମି ଖାଲି ବଢ଼େ। ନିଜ ମୁଣ୍ଡରୁ ବୁଦ୍ଧି ଖର୍ଚ୍ଚ କରି କେମିତି ପାଇବାକୁ ହୁଏ, ସେମାନେ କେବେହେଲେ ବୁଝିବାକୁ ଚେଷ୍ଟା କରିବେ ନାହିଁ। ଆଚ୍ଛା ତମେ ଯେତେବେଳେ କହୁଛ, ମୁଁ ତାକୁ ଦେଇ ଦେଉଛି। କିନ୍ତୁ ଜାଣିଥା, ଏ ମୋରି ଲଜେନ୍ସ।

-ହଁ, ହଁ, ତୋରି।

-ମାୟା ପହଲିକି ଚାହିଁ କହିଲା, ''ବେଶ୍, ହେଇଟି ନେ। ଯାକୁ ଯେ ଖାଇବ ସେ ଗୋଟିଏ ଗଧ।''

ମନ ଖୁସିରେ ଲଜେନ୍ସ ପୁଡ଼ିଆଟି ମାୟା ହାତରୁ ନେଇ ପହଲି ପୀତାମ୍ବରବାବୁଙ୍କ କୋଳରୁ ଓହ୍ଲେଇ ପଡ଼ି ତାଙ୍କ ପଛେ ପଛେ ଘରୁ ବାହାରିଗଲା।

ପରଦିନ ସକାଳେ ମହୀବୋଉ ପୂଜା ସାରି ଫେରିବା ବେଳେ ବୈଠକଖାନାରୁ ପୀତାମ୍ବରବାବୁ ତାଙ୍କୁ ଡାକ ଛାଡ଼ିଲେ, ''ହଇହେ ଶୁଣୁଛ ?''

-''କଣ ?''ମହୀବୋଉ ଆସି ପାଖରେ ଠିଆ ହେଲେ।

-ବସ... ଗୋଟିଏ କଥା ଅଛି। ଖବର କାଗଜଟା ଟେବୁଲ୍ ଉପରେ ରଖିଦେଇ, ବାଁ ହାତରେ ଆଖିରୁ ଚଷମାଟା କାଢି ପୀତାମ୍ବରବାବୁ କହିଲେ, ''ଏଇ ଆମ ମାୟା କଥା''- ତାପରେ ହଠାତ୍ ସ୍ତ୍ରୀଙ୍କ ମୁହଁ ଉପରେ ଆଖି ପଡ଼ିଯିବାରୁ ଚୁପ୍ ହୋଇଗଲେ।

-ତମର ଦେହ ଭଲ ନାହିଁ କି ?

''ଅଛି, କାହିଁକି ?'' ସ୍ୱାଭାବିକ ଗଳାରେ ମହୀବୋଉ କହିଲେ।

ସ୍ତ୍ରୀଙ୍କର ସଦ୍ୟସ୍ନାତ ପରିଷ୍କାର ମୁହଁରେ ଶ୍ରାନ୍ତିର ସ୍ପଷ୍ଟ ଛାପ ପୀତାମ୍ବର ବାବୁଙ୍କ ଆଖିରେ ଧରାପଡିଗଲା। ଅନେକ ଦିନ ହୋଇଗଲାଣି, ସେ ନିଜ ସ୍ତ୍ରୀର ମୁହଁକୁ

ଭଲ କରି ଚାହିଁ ନାହାନ୍ତି। ଯେତେବେଳେ ସେମାନଙ୍କ ଭିତରେ କୌଣସି କଥାବାର୍ତ୍ତା ହୁଏ, ପୀତାମ୍ବର ବାବୁ ହୁଏତ ବହିକି ଚାହିଁ, ନ ହେଲେ ମନ ଭିତରେ ଅନ୍ୟକଥା ଭାବି ଜବାବ ଦିଅନ୍ତି। ଘରର କାମ ସୁରୁଖୁରୁରେ ଚାଲୁଥିବାରୁ ତାଙ୍କର ଧାରଣା ସ୍ତ୍ରୀ ବେଶ୍ ସମର୍ଥ ଅଛନ୍ତି।

-ମାୟା କଥା କ'ଣ କହୁଥିଲ ପରା, ରହିଗଲ କାହିଁକି ?

-ନାଇଁ କ'ଣ କହୁଥିଲି କି, ମୋହନ ବାହା ହବାକୁ ରାଜି ହେଲା ?

-ମୁଁ ଏ ଘରେ କ'ଣ ମଣିଷ ଭିତରେ ଗଣାଯାଏ ଯେ, ମୁଁ କହିଲେ ମୋ କଥା କିଏ ଶୁଣିବ ? ତମକୁ ତ ଏତେ ଦିନ ହେଲା କହୁଛି ଯେ, ତମେ କହୁଚ ତାକୁ ଗୋଟାଏ ମଣିଷ ସଙ୍ଗେ ଛନ୍ଦିଦେବା ଯାହା, ତାର ଭବିଷ୍ୟତକୁ ଛନ୍ଦିଦେବା ସେଇଆ। ପ୍ରଥମେ କହିଲ, ପାସ୍ କରିସାରୁ, ତା'ବି ସରିଲା। ତାପରେ କହିଲ, ନିଜ ଗୋଡ଼ରେ ଠିଆ ହେଉ, ତା'ବି ହେଲା-ଆଉ ତେବେ କାହିଁକି ବସିଛ ? ଆମର କ'ଣ ଆଉ ଦିନକାଳ ଆସୁଛି ? ଏଣିକି ତାଙ୍କୁ ହାତକୁ ଦି'ହାତ କରିଦେଇ ଆମେ ନିଶ୍ଚିନ୍ତରେ ଆଖି ବୁଜିବା କଥା।

-ଆଚ୍ଛା, ମୁଁ ତାକୁ ବୁଝେଇ କହିଦେବି।

-ହଁ, କହିଦିଅ। କହିବ, ବୋଉର ଆଉ ବଳ ବୟସ ଆସୁନାହିଁ ଯେ, ଘରଟା ଯାକର ସମସ୍ତେ ଫୁଲାଫାଙ୍କିଆ ହୋଇ ବୁଲୁଥିବେ ଆଉ ବୋଉ ଖଟି ଖଟି ମରୁଥିବ। ମଣିଷ ବଡ଼ ହେଲାକ୍ଷଣି ଜଞ୍ଜାଳ ଫେର ବଢୁଚି ତ ?

ହସି ହସି ପୀତାମ୍ବରବାବୁ କହିଲେ, ''ତମେ ଓଲଟା କଥା କହୁଛ। ମଣିଷ ବଡ଼ ହେଲେ ଜଞ୍ଜାଳ ସିନା କମେ''-

ପୀତାମ୍ବରବାବୁଙ୍କ ପାଟିର କଥା ଅଧାରେ ରୋକି ଦେଇ ମହାବୋଉ ପାଟିକରି ଉଠିଲେ-''ତମେ ଛୁଆମାନଙ୍କୁ ଯାହା ଦବ, ତା' ଖାଇଦେଇ ଯିବେ। ବଡ଼ଙ୍କୁ ତ ତା' ଦେଇ ହେବ ନାହିଁ ?'' ତାଙ୍କର ମାଛ ସାଙ୍ଗକୁ ମାଉଁସ ଲୋଡ଼ା, ମାଉଁସ ସାଙ୍ଗକୁ କାନିକା ଲୋଡ଼ା-ଏମିତି ଲମ୍ବି ଲମ୍ବି ଚାଲିଥିବ। ତା ଉପରେ ପୁଣି ବନ୍ଧୁଚର୍ଚ୍ଚା ଅଛି। ଦିନକୁ କୋଡ଼ିଏ ଥର ବେଳ ନାହିଁ, ଅବେଳ ନାହିଁ, କ'ଣନା ଚା' ତିଆରି କର। ପୂଜାରୀ, ଚାକର ଗଣ୍ଡାଏ ରାନ୍ଧିଦେଇ ଯାଇଁ ବାହାରେ ଆଡ୍ଡା ମାରିବେ। ଶେଷକୁ ସେଇ ମତେ ଆସି କରିବାକୁ ପଡ଼େ ନା ଆଉ କିଏ କରେ ?

ଆଚ୍ଛା, ଆଚ୍ଛା, ତମେ ବ୍ୟସ୍ତ ହୁଅ ନାହିଁ। ମୁଁ ତାକୁ କହି ଦେବି।

-ଆଉ କହିଦେବ ଯେ, ବାହା ନ ହେଲେ ସେ ତା'ର ଯାଇ କୋଉଠି ରହୁ। ମୁଁ ମୋ ବାପ ଘରକୁ ଚାଲିଯିବି। ଡରିଯିବା ଭଙ୍ଗୀରେ ପୀତାମ୍ବରବାବୁ କହିଲେ-''ଇରେ ବାବା, ମତେ ପୁଣି ସାଙ୍ଗରେ ଯିବାକୁ ପଡ଼ିବ ନା କଣ ?''

ମୁହଁ ବୁଲେଇ ନେଇ ମହାବୋଉ ଜବାବ ଦେଲେ-''ହୁଁ, କାଅନ୍ତାରେ ଦେଲି ଖୁଦକୁଣ୍ଡା ନା ମଲାପରେ ଦେବି ଗଜମଣ୍ଡା .. ଯେତେବେଳେ ସାଙ୍ଗରେ ନେବା

କଥା, ସେତେବେଳେ ତ କୋଉଠିକି ନେଇ ଯାଇନା, ଆଉ ଆଜି ଏ ବୁଢ଼ୀ ଦିନରେ ତମକୁ ସାଙ୍ଗରେ ନେଇ ବାପଘରକୁ ଗଲେ ମତେ ନିଜକୁ ଲାଜ ମାଡ଼ିବ।''

-ରକ୍ଷା କର।

-ତମ ବେହିଆ ମୁହଁକୁ ଲାଜ ନାହିଁ ଯେ, କଥା କହୁଛ।

ଆଉ କିଏ ହୋଇଥିଲେ...

''ଗଳାରେ ଦଉଡ଼ି ଦେଇ ମରିସାରନ୍ତାଣି'', ମହୀବୋଉଙ୍କୁ କଥା ସରିବାକୁ ନ ଦେଇ ପୀତାମ୍ବର ବାବୁ କହିଲେ।

-ଉହୁଁ, ଦଉଡ଼ି ଜିନିଷଟା କଣ ତମମାନଙ୍କ ପାଇଁ ଅଛି କି? ସେଇଟା ପରା ଖାଲି ମାଇକିନିଆମାନଙ୍କର। କି ଦୁଃଖରେ ତମେମାନେ ବେକରେ ଦଉଡ଼ି ଦବାକୁ ଯିବ? ହୁଁ, କ'ଣ ଆଉ କହିବିଟି! ନିଜେ ପଛକେ ଅଫିସରେ ଗଦାଗଦା ଭୁଲ୍ କରି ଆସୁଥିବେ, ଏଣେ ଘରେ ଯଦି କାହାର ପାନରୁ ଚୂନ ଟିକିଏ ଖସିଗଲା ତ ଏଡ଼େ ଏଡ଼େ ନାଲି ଆଖି ଦେଖାଇ ସ୍ୱର୍ଗକୁ ଯିବାର ସିଧା ବାଟ ବତାଇ ଦେବେ।

-''ଆହା, ମିଛରେ ରାଗୁଛ କାହିଁକି? ତମକୁ ମୁଁ କେବେ ସେ କଥା କହିଛି?'' ଆଖି ମିଟିମିଟି କରି ପୀତାମ୍ବରବାବୁ କହିଲେ।

ହଠାତ୍ ତେଜି ଉଠି ମହୀବୋଉ ଜବାବ ଦେଲେ- ''ମରିଯାଉଥାଏଁ ଟି! ନିଜେ ଏମିତି କୋଉ ଭଲ ଶୁଣେ? ମୁଁ ଭୁଲ କରିବି କାହିଁକି, କାହାର ପଦେ କଥା ଶୁଣିବାକୁ ଯିବି କାହିଁକି? ନିଜର ଜୀବନ, ମନ- ସବୁ ମାଟି କରି ୟାଙ୍କରି ସେବାରେ ଲାଗିଲି, ସେତକରେ ହେଲା ନାହିଁ ଯେ ପୁଣି ଛାତିଫୁଲା ହେଉଛି ଗାଳିଦେଇ ନାହାନ୍ତି ବୋଲି!''

-''କି ଜିନିଷଟାଏ ତମେ ଅଧିକା କରିଥାନ୍ତ, ମୁଁ ଦେଲି ନାହିଁ ଶୁଣେ?'' ପୀତାମ୍ବର ବାବୁ ମହୀବୋଉଙ୍କ ମୁହଁକୁ ଚାହିଁଲେ।

-ବହଳିଆ ମୁହଁରେ ଆଉରି କଥା କହୁଚ? କି ଜିନିଷଟା ଦେଇଚ ଶୁଣେ? ମୁଁ ତ ମୂର୍ଖ ନଥିଲି କି ବୋକା ନଥିଲି। ଅଳ୍ପ ହେଉ ବହୁତ ହେଉ, ବାପା ବୋଉ ତାଙ୍କ ପାରୁପର୍ଯ୍ୟନ୍ତ ମୋତେ ପଢେଇଥିଲେ। ସଭାସମିତିକୁ ମତେ କେତେଥର ଛାଡ଼ିଚ?

-ତମେ ସେଠିକି ସବୁବେଳେ ଯାଇ କଣ ବା କରିବ? ସେ ତ ପାଠୁଆ ଲୋକଙ୍କର ଆଡ୍ଡା।

-ପାଠୁଆ ଲୋକଙ୍କ ଆଡ୍ଡା! ଯାଇ ଦେଖିଥିଲ କେବେ? ଯେତକ ପାଠୋଇ ସମସ୍ତେ ପଛରେ ଚୁପ୍‌କରି ବସିଥାନ୍ତି। ଆଉ ଯେତେକ ଅପାଠୋଇ, ଦରପାଠୋଇ, ଯାହାର ମୁହଁ ଅଛି କି ପଇସା ଜୋର ଅଛି-ସେହିମାନେ ସଭା ଚଳାନ୍ତି, ବକ୍ତୃତା ଦିଅନ୍ତି।

''ତେବେ ସେମାନେ ଯାହା କହୁଥିବେ, ତାକୁ ଶୁଣିବାଠୁ ନଶୁଣିବା କଣ ଭଲ ନୁହେଁ? ତମେ ତ ବରଂ ନିୟମିତ ଭାବରେ ଖବରକାଗଜ ପଢୁଛ।'' ମହୀବୋଉଙ୍କୁ ସାନ୍ତ୍ୱନା ଦେବାର ଚେଷ୍ଟା କରି ପୀତାମ୍ବର ବାବୁ କହିଲେ।

-କାହିଁକି? ସେମାନେ ତାଙ୍କର ବାବୁମାନଙ୍କଠୁ ବୁଝି ଖଣ୍ଡେ ଖଣ୍ଡେ କାଗଜରେ ଲେଖି ଆଣିଥାନ୍ତି। କହିଲାବେଳେ କାଗଜକୁ ଦେଖି ଦେଖି କହନ୍ତି। ସେମାନଙ୍କର ବାବୁମାନେ ତମ ଭଳିଆ ହେଇ ନାହାନ୍ତି ଯେ କୋଉ କଥା ପଚାରିଲେ ଜବାବ ଦେବେ, ''ଆଗ ନିଜ ସଂସାରଟିକୁ ସଜାଡ଼ି ସାର, ତା'ପରେ ଦୁନିଆ କଥା ଭାବିବ।''

ମୁରୁକି ହସି ପୀତାମ୍ବର ବାବୁ କହିଲେ-''ଓହୋ, ମୁଁ ତେବେ ଭୁଲ କହିଥିଲି? ଆଚ୍ଛା- ସେଥିପାଇଁ ଦୁଃଖିତ।''

-ସେ ସାହେବୀ କାଇଦାରେ କଥା କହିବା ଅଭ୍ୟାସଟା ଛାଡ଼ିଦିଅ। ଘରେ ପଛକେ ନିଜର ସ୍ତ୍ରୀକୁ ମଫସଲିଆଣୀ କରି ରଖିଛନ୍ତି, ଲୋକ ଦେଖାଣିଆ ଠାଣିତକ ମାଜିମୁଜି ଚକ୍‌ଚକ୍ କରାହେଇଛି।

-ମୁଁ ଆଉ ତମ ସାଙ୍ଗରେ କଳି କରିପାରିବି ନାହିଁ। ତମେ ସଭାକୁ ଯାଅ। ଆଜି ମୋ ମନର ସନ୍ଦେହ ଘୁଞ୍ଚିଗଲା। ମୁଁ ବୁଝୁଛି ପ୍ରକୃତରେ ନାରୀମାନଙ୍କର ଜାଗରଣ ହେଇଛି।

-ପୀତାମ୍ବର ବାବୁଙ୍କର ଏହି ପରିହାସ ମହୀବୋଉ ଗ୍ରହଣ କରି ପାରିଲେ ନାହିଁ। ତାଙ୍କର ବ୍ୟର୍ଥ ଜୀବନର ପୁଞ୍ଜିଭୂତ ବେଦନା ଏତେ ଦିନକେ ଆଜି ଯେପରି ତାର ବିଷାକ୍ତ ଫଣା ମେଲେଇ ଦଂଶିବାକୁ ଠିଆ ହେଇଛି। ସେ ସହଜରେ ଆଜି ପୀତାମ୍ବରବାବୁଙ୍କୁ ଛାଡ଼ିଦେବେ ନାହିଁ। ସଂସାରର ଚକ ଚାଲୁଚାଲୁ ଗୋଟିଏ ମଣିଷର ଜୀବନ ଯେ ଏଣେ ହାଣ୍ଡିଶାଳ କଣରେ ପେଷି ହୋଇଗଲା-ସେ କ୍ଷତି ଭରଣା କରିବାକୁ ପୃଥିବୀରେ କାହାରି ଶକ୍ତି ନାହିଁ। କାହିଁକି ଏମିତି ହେଲା? ତାହା କ'ଣ ରୋକି ହେଇ ନଥାନ୍ତା? ତେବେ? କିନ୍ତୁ କିଏ ରୋକିଥାନ୍ତା? ସାମନାରେ ବସିଛନ୍ତି ତାଙ୍କର ସ୍ୱାମୀ-ପୀତାମ୍ବରବାବୁ। ଛାତ କଡ଼ିକୁ ଚାହିଁ ମନକୁ ମନ ମୁରୁକି ମୁରୁକି ହସୁଛନ୍ତି। ଯେଉଁ ସ୍ୱାମୀଙ୍କର ଚେହେରାକୁ ଲକ୍ଷ୍ୟକରି ଅତୀତରେ ମହୀବୋଉ ମନ ଭିତରେ ଅସଂଖ୍ୟ ଥର ପ୍ରଶଂସା କରିଛନ୍ତି, ସେଇ ଚେହେରା ଆଜି ଅତି କଦାକାର ବିଭତ୍ସ ରୂପ ନେଇ ତାଙ୍କରି ସାମନାରେ ଠିଆ ହେଇଚି।

ପଶୁବଳି ଦେଇ ସାରି ପୂଜକର ବିଭତ୍ସ ମୂର୍ତ୍ତି ଯେମିତି ହସି ହସି ଠାକୁରାଣୀଙ୍କ ମୁହଁକୁ ଚାହେଁ ତୃପ୍ତି ପାଇଲେ କି ନାହିଁ ଜାଣିବାକୁ, ସେମିତି ପୀତାମ୍ବର ବାବୁ ନିଜ ଗଢ଼ା ସଂସାର ଭିତରେ ଆପଣାର ସ୍ତ୍ରୀକୁ ବଳି ଦେଇ ଆଜି ସମଗ୍ର ପୁରୁଷ-ସମାଜକୁ ହସିଲା ମୁହଁରେ ଫେରିଚାହିଁ ସତେ ଯେପରି ପଚାରୁଛନ୍ତି, ସେ ଠିକ୍ କରିଛନ୍ତି କି ଭୁଲ କରିଛନ୍ତି?

ଚୌକି ଉପରେ ବସି ମହୀବୋଉ ସ୍ଥିର ଦୃଷ୍ଟିରେ ସ୍ୱାମୀଙ୍କ ମୁହଁକୁ ଚାହିଁଛନ୍ତି।

ମନେ ମନେ ଯେମିତିକି ସେ କହୁଛନ୍ତି-''ତମକୁ ମୁଁ ବାହା ହୋଇଥିଲି, କିନ୍ତୁ ତୁମରି ହାତରେ ମଲି। ଏ ମରିବା ଦୁଃଖ ପୁରୁଷ ଜାତି କେବେହେଲେ ବୁଝିପାରିବ ନାହିଁ। ଏ ତିଳ ତିଳ ହୋଇ ମରିବା-ଜୀଅନ୍ତା କବର। ପ୍ରତିଦିନ ମୋରି ଭଳି କେତେ କେତେ ଅଭାଗୀଙ୍କ ଭବିଷ୍ୟତ ଯେ, ସେଇମାନଙ୍କ ସ୍ୱାମୀମାନଙ୍କ ପାଦତଳେ ଏମିତି ପେଷି ହେଇଯାଉନଥିବ, ସେ କଥା କିଏ କହିବ?'' ମହୀବୋଉ ଅନ୍ୟ ଆଡ଼କୁ ଚାହିଁ ଝରିଆସୁଥିବା ଲୁହ ଆଖିରେ ଶୁଖେଇ ଦେବାକୁ ପ୍ରାଣପଣେ ଚେଷ୍ଟା କଲେ।

ପୀତାମ୍ବର ବାବୁ ମନରେ ଆଘାତ ପାଇଲେ। ସାରୁ ଖୋଳୁ ଖୋଳୁ ମହାଦେବ ବାହାରି ଆସିଛନ୍ତି, କିନ୍ତୁ ସେ ଆଉ ଅଧିକ କ'ଣ କରିପାରିଥାନ୍ତେ? ସାଧାରଣତଃ ସ୍ତ୍ରୀମାନେ ଯାହା ଚାହାନ୍ତି,-ସ୍ୱାମୀର ପାଖରେ ସେ ଅଜାତରେ ଅଜାଡ଼ି ଦେଇଛନ୍ତି। କିନ୍ତୁ କେବେହେଲେ ସ୍ତ୍ରୀର ମନ ଗହୀରର ଏଇ ଅପୂର୍ଣ୍ଣ ଆକାଂକ୍ଷାର ମୃଦୁ ଗୁଞ୍ଜନ ତାଙ୍କ କାନରେ ପହଞ୍ଚି ନାହିଁ କିମ୍ବା ଅଲକ୍ଷ୍ୟରେ ହୁଏତ ସେ ଏଡ଼ି ଦେଇ ଯାଇଛନ୍ତି। ସେହି ଗୁଞ୍ଜନ ବଢ଼ିବଢ଼ି ଆଜି ହାହାକାରରେ ପରିଣତ ହୋଇଛି।

ଅତୀତର ସେଇ ମୃଦୁ ଗୁଞ୍ଜନ ଶୁଣିବାକୁ ପୀତାମ୍ବରବାବୁ ତାଙ୍କର ସବୁ ଇନ୍ଦ୍ରିୟ ଏକାଠି ଠୁଳ କରି କାନ ପାରିଲେ। ଘର ଭିତରେ ହାହାକାର। ବାହାରେ ଆକାଶକୁ ଚାହିଁଲେ, ସେଠି ବି ସେଇଆ। ବାୟୁମଣ୍ଡଳଟା ଯେମିତି ଏଇ ନାରୀମାନଙ୍କର ଛାତିଫଟା ଆର୍ତ୍ତ ହାହାକାରରେ ଅତି ବିକଟ ଶବ୍ଦ କରି କାନ ବଧୀର କରିଦେଉଚି। ଇଏତ କେବଳ ମହୀବୋଉଙ୍କ ଅପୂର୍ଣ୍ଣ ଆକାଂକ୍ଷାର ମୃଦୁ ଗୁଞ୍ଜନ ନୁହେଁ-ଅସଂଖ୍ୟ ନାରୀଙ୍କର ଅଶରୀରୀ ଆତ୍ମା ବାୟୁମଣ୍ଡଳର ଚାରିଆଡ଼େ ଘୂରିବୁଲି ଆଖିରୁ ଲୁହ ଢାଳି ଯେମିତି କହୁଚି- ''ଆମର ଜୀବନ ବ୍ୟର୍ଥ ହୋଇଗଲା।''

ଦୁହେଁ ବସି ବାହାରକୁ ଚାହିଁଛନ୍ତି-ମଝିରେ ଅସହ୍ୟ ନିରବତା। ଯେତେ ଯାହା ଭାବିଲେ ବି ପୀତାମ୍ବରବାବୁ ନିଜକୁ ଦୋଷୀ ମନେ କରିପାରୁନାହାନ୍ତି। କିନ୍ତୁ ସ୍ତ୍ରୀ ଆଖିରେ ସେ ପୂରା ଦୋଷୀ। ଅନ୍ୟ କିଛି ଉପାୟ ନାହିଁ। ଶେଷକୁ ନିରବତା ଭାଙ୍ଗି ସେ କହିଲେ, ''ଶୁଣ, ତମେ ମନ ଠିକ୍ ରଖି ଟିକିଏ ଭାବ। କ'ଣ ବା ଆମେ ଅଧିକା କରିଗଲୁ, ଯାହା ପାଇଁ ତମେ ଏତେ ଦୁଃଖ କରୁଚ? ହଁ ଠିକ୍ କଥା, ମୁଁ ରୋଜଗାର କରିଚି ଯାହା ତମେ କରିପାରିନା, କିନ୍ତୁ ତମେ ଯେ, ଗୋଟାଏ ସଂସାର ଗଢ଼ିଚ, ସେତକ ଭୁଲିଯାଉଛ କାହିଁକି? କେଇଟା ଟଙ୍କା ଆଣିବାଠାରୁ କେଇ ଜଣ ମଣିଷଙ୍କ ଜୀବନ ଗଢ଼ିବା କ'ଣ ବଡ଼ କଥା ନୁହେଁ?''

-''ଥାଉ, ଥାଉ। କଅଁଳେଇ ହେବାରେ ଆଉ କିଛି ଦରକାର ନାହିଁ। ଯାହା ମୋର ଯାଇଛି-ଯାଇଛି। ଏଠି ତମ ସାଙ୍ଗରେ ବସି ଜ୍ଞାନଚର୍ଚ୍ଚା କଲେ ସେ ଆଉ ଫେରିଆସିବ ନାହିଁ।'' କଠୋର କଣ୍ଠରେ ଏତକ କହିଦେଇ ମହୀବୋଉ ଚୌକି ଛାଡ଼ି ଯିବାକୁ ବାହାରିଲେ।

-ଆହା, ପୁଣି ତ ସେଇ ଭୁଲ୍ ବୁଝିଲ।

''ବୁଝିଲେ ବୁଝିଲି। ଆମର ଦିନକାଳ ତ ସରିଗଲା'' କହି ଉଠିଗଲେ। ପୀତାମ୍ବର ବାବୁ ମହୀବୋଉଙ୍କ ଯିବାବାଟକୁ ଚାହିଁ ଭାବିଲେ ସେ କଣ ସତରେ ଭୁଲ କରିଛନ୍ତି ?

ଶୀତଦିନିଆ ଖରାବେଳ। ଆଖି ପିଛୁଡ଼ାକେ ଖରା ଚାଲିଯାଏ। ବାରଣ୍ଡାରେ ଅଧା ଖରା ଛାଇରେ ପିଢ଼ା ଉପରେ ବସି ମହୀବୋଉ ଅନ୍ୟମନସ୍କ ଭାବରେ ବତୁରା ବିରିରୁ ଚୋପା ଧୋଇ ସଫା କରୁଥିଲେ, ଏତିକି ବେଳେ ପଡ଼ୋଶୀ ଯଦୁବୋଉ ଆସି ଅଗଣାରେ ଠିଆହେଲେ।

-କଣ କରୁଚୁ କିଲୋ ମହୀବୋଉ ?

-ଆଲୋ କେତେବେଳେ ଆସିଲ ବା ? ଆସ-ଓଦା ଆଙ୍ଗୁଠି ଟିପରେ ପିଢ଼ା ଖଣ୍ଡିକ ଯଦୁବୋଉଙ୍କ ଆଡ଼କୁ ପେଲିଦେଇ ମହୀବୋଉ ନିଜେ ତଳେ ବସିଲେ।

-''କ'ଣ କରୁଚୁ ? ପିଠା କରିବୁ କି ?'' ବତୁରା ବିରିକୁ ଚାହିଁ ଯଦୁବୋଉ ପ୍ରଶ୍ନ କଲେ।

-ନାଇଁମ ମୋର କିଏ ପିଠା କରୁଚି ? ଦି'ଟା ପାଣିକଖାରୁ କିଣିଥିଲି ଯେ, ଆଜି ଦେଖିଲାବେଳକୁ ଗୋଟାକର ଡେମ୍ଫଆଡୁ ସଢ଼ି ଆସିଲାଣି। ସେଥିପାଇଁ ବିରି ଦି'ଟା ତିନ୍ତେଇ ଦେଇଥିଲି। ଯେତେ ହେଲେ ତ ସେଇ ମତେ କରିବାକୁ ପଡ଼ିବ। ଶୀତ ଚାଲିଗଲେ ଖାଲି ହଇରାଣ ହବା କଥା। କଖାରୁ ଦି'ଟା କୋରିବାକୁ ପରା ମୋତେ ବଜରା ତିନି ଘଣ୍ଟା ଲାଗିଗଲା-କିଏ ଟିକିଏ ମିଶିଲେ ସିନା ହୁଅନ୍ତା।

-ଆଲୋ ଗୋଟାଏ କାମ କର। ଘରକୁ ବୋହୂଟିଏ ଆଣ ଯେ ତତେ ଏ ସବୁଥିରୁ ଛୁଟି ମିଳିବ।

-ବାଛି ବାଛି କଥାଟାଏ କହିଲ ଯାହା ! ଆଜିକାଲିର ଝିଅବୋହୂ ପୁଣି ଆସିବେ ବଡ଼ି ପାରିବାକୁ ! ଆଗୋ, ସେମାନଙ୍କର ପଛକେ ବଡ଼ିଖିଆ ନ ହେବ, ସେମାନଙ୍କୁ ଶିଳ ପାଖରେ ଆଣି ବସେଇବ କିଏ ? ସେଥିରେ ତାଙ୍କ ହାତର ମୁନିଆ ନଖଗୁଡ଼ାକ ଘୋରି ହୋଇଯିବ ନାଇଁ ? ମଣିଷ ଧୁଅ ଧରି ସେମାନେ ଏତକ ସହିବେ ? ତାଙ୍କର ବଡ଼ିଖିଆ ପଛକେ ନ ହେଲା ନାହିଁ - କଥା ବନ୍ଦ ରଖି ମହୀବୋଉ ଚୋପା ଓ କଷ ପାଣିତକ ଅଲଗା ରଖାହୋଇଥିବା ଗୋଟିଏ କୁଣ୍ଡରେ ଢ଼ାଳିଲେ।

କଥାରେ ପାଳିଧରି ଯଦୁବୋଉ କହିଲେ—ଯାହା କହିଲୁ ! ଘଣ୍ଟା ଘଣ୍ଟା ଧରି ସମୟ ନଷ୍ଟ କରି ନଖ ଉପରେ ଯୋଉ ପାଲିସ୍ ବସେଇଥାନ୍ତି, ଏକା ଭାରିକେ କାହିଁ ଉଡ଼ି ଚାଲିଯିବ। ଆଜୋ:, ସିଏ ତ ନଖ ନୁହଁ। ଦଶ ଆଙ୍ଗୁଠିରେ ଉଲ୍ଟମୁହାଁ ଦଶଖଣ୍ଡ ଛୁରୀ—ଯାହାର ବେକକୁ ଧରିନେବେ, ନିଜେ ଯମ ଆସିଲେ ବି ତାକୁ ରଖିପାରିବ ନାହିଁ। ଏଇ ଆମ ସାନବୋହୂକୁ ସେଦିନ କହିଲି, ''ଆଲୋ ବୋହୂ, ଏଡ଼େ ଏଡ଼େ

ନକ୍ଷତାମାନ ରଖିବୁ। କଅଁଳା ଛୁଆଟା ଦିହରେ ରାତିବିଜାଳି ନିଦବାଉଳାରେ କେତେବେଳେ ବାଜିଯିବ। ତାକୁ ମୂଳେଇ କାଟିପକା।'' ହେଲା ନାହିଁ। କହିଲେ କ'ଣ ନା ''ନାତି ପାଇଁ ଯଦି ଏତେ ଡ଼ର ହଉଚି, ତାକୁ ନେଇ ତମରି ପାଖରେ ଶୁଆଉନା ?'' ଶୁଣିଲୁ ? ଏଇ ହେଲା କାଳ! ପଦକୁ ପଦେ। ଆମ ବେଳେ ଶାଶୁ ନାକ କାଟି ପକେଇଲେ ବି ପାଟିରୁ ''ଉଁ, ବୋଲି ବାହାରୁ ନଥିଲା।''

ମହୀବୋଉ ମୁଣ୍ଡ ହଲେଇ ନିଜର ସମର୍ଥନ ଜଣେଇ କହିଲେ ''ସେ କଥା ଆଉ କାହିଁକି କହୁଛ ଅପା ? ଆମେ ଯାହା ସହିଥିଲୁ, ଆଜିକାଲିର ବୋହୂ ତା'ର କାଣିଚାଏ ସହି ପାରିବେ ?''

''ସହିବେ ନା ଆଉକିଛି! ଯୋଉ ଯୁଗ ହେଇଚି ଶାଶୁ ପଦେ ଆକଟି କହିଦେଲେ ଆଉ ଯାଏ କୁଆଡ଼େ ? ବର ଆଗରେ ଆଖିରେ ଲଙ୍କାମରିଚ ମାଡ଼ି ଫେରାଦ ହେବେ ଯେ ଶାଶୁ ତାଙ୍କୁ ବିଷ ଆଖିରେ ଦେଖୁଚି। ଆଲୋ, ବରମାନଙ୍କ ଆଗରେ ଗଡ଼େଇବାକୁ ସେମାନେ ପୁଣି ଏତିକି ଲୁହ ସାଇତି ରଖିଛନ୍ତି! କଥାରେ ଅଛି, ''ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି'', କିନ୍ତୁ ଏମାନେ କଣ ସହିବେ ? ଏମାନଙ୍କର ଦେହ ପରା ଲହୁଣୀରେ ଗଢ଼ା। ସବୁବେଳେ କାକରରେ ରହିଥିବେ—ଟିକିଏ ଖରା ବାଜିଲେ ପରା ତରଳିଯିବେ।'' ମହୀବୋଉଙ୍କର ସମର୍ଥନ ପାଇବାକୁ ଯଦୁବୋଉ ତାଙ୍କ ମୁହଁକୁ ଚାହିଁଲେ।

ନିଜର ଅତୀତର କଥା ମନେ ପକେଇ ମହୀବୋଉ ଗୋଟିଏ ଦୀର୍ଘନିଃଶ୍ୱାସ ଛାଡ଼ି କହିଲେ .''ଯାହା କୁହ ଅପା, କାହାରି ଦୁଃଖ କେହି ଘୁଞ୍ଚେଇପାରିବ ନାହିଁ—ସେ ଶାଶୁ ହେଇଥାଉ କି ବୋଉ ହେଇଥାଉ କି ପୁଅ ହେଇଥାଉ। ଯେମିତି ଆମେ ଏକାଟିଆ ଆସିଚୁ, ସେମିତି ଆମକୁ ନିଜର ବୋଝ ମୁଣ୍ଡେଇ ଏକାଟିଆ ଫେରି ଯିବାକୁ ପଡ଼ିବ। କିଏ କାହାର ଦୁଃଖ ନେବ ? ଆପଣା ସାଥିକୋ ଦୁନିଆ ପରା।''

-ଆଲୋ କାହାର ଦୁଃଖ କ'ଣ ସତରେ କିଏ ନିଏ ? ଖାଲି ମନ ବୁଝିବା କଥା। ଦୂର ଜାଗାକୁ ବୋଝନେଇ ଗଲାବେଳେ ଲୋକ ସାଙ୍ଗସାଥି ଖୋଜେ କାହିଁକି ? ଦି'ଟା କଥା କହି ବାଟ ଚାଲିଲେ ବାଟ ଜଣାପଡ଼ିବ ନାହିଁ ବୋଲି ତ ? ସେମିତି ନିଜେ ଗୋଟିଏ ଘର କଲେ କେତେ ତ ଦୁଃଖକଷ୍ଟ ରହିଚି କିନ୍ତୁ ତା'ରି ଭିତରେ ଯଦି ମନରେ ମନ ମିଶିଲା, ଜଣକର ଦୁଃଖରେ ଆଉ ଜଣେ ''ଆହା'' ବୋଲି କହିଲା, ତେବେ ସେଇ କ'ଣ ସୁଖ ନୁହେଁ ?

କଥାଟା କିନ୍ତୁ ମହୀବୋଉଙ୍କ ମନକୁ ପାଇଲା ନାହିଁ। ସେ କହିଲେ-''ଅପା ତମେ ସିନା ସେ କଥା କହୁଚ, ହେଲେ ପର ଉପରେ ବୋଝ ହୋଇ କେହି କେବେ ସୁଖୀ ହୋଇପାରେ ନାହିଁ.... ଆମର ସାରା ଜୀବନ ତ ଜଣକ ଉପରେ ବୋଝ ଭଳିଆ ନଦି ହୋଇ କଟିଗଲା-ଆମେ ସୁଖର କଣ ବୁଝିଚୁ ? ଆମ ଝିଅକାଳରେ ମାଇପେ ନିଜ ଗୋଡ଼ରେ ଠିଆହେବା କଥା ମନକୁ ବି ଆଣିପାରୁ ନ ଥିଲେ।

ଯେତେବେଳେ ଭଗବାନଙ୍କୁ ଦୋଷ ଦେଉଥିଲେ ଆମକୁ କାହିଁକି ମରଦ କରି ସଂସାରକୁ ନ ପଠେଇଲେ। ସେଇ ଆମରି ଆଖି ତ ପୁଣି ଦେଖିଲା ମରଦଙ୍କ ଭଳି ମାଇପେ ବି ନିଜ ଗୋଡ଼ରେ ଠିଆ ହୋଇ ପାରନ୍ତି। ସେଥିପାଇଁ ବେଳେ ବେଳେ ମୁଁ ମନରେ କରେ ଆଉ କିଛି ବର୍ଷ ପରେ ହେଲେ ଜନ୍ମ ହୋଇଥାନ୍ତି!''

ଏ ସବୁ କଥାରୁ ଯଦୁବୋଉ କିଛି ରସ ପାଇଲେ ନାହିଁ। ଗୋଟାଏ ଦି'ଟା ହାଇ ମାରି ପ୍ରସଙ୍ଗ ବଦଳେଇବା ଉଦ୍ଦେଶ୍ୟରେ କହିଲେ-''ଏଇ ବର୍ଷ ପୁଅକୁ ବାହା କରୁଚୁଟି? ପାଠୋଇ ବୋହୂ ଦେଖି ଆଣିବୁ ଯେ ତୋ ଦୁଃଖ ଘୁଞ୍ଚିଯିବ।'' ଶେଷ କଥାଗୁଡ଼ାକ ମହୀବୋଉଙ୍କ ଗାଲରେ ଚଟକଣା ବସେଇଲା ପରି ଲାଗିଲା।

-ଆଣିବି ତ। ଆଉ କଣ ମନେ କରିଛ ଆମରି ଭଳି ଆଖିରୁ ଲୁହ ଗଡ଼େଇବାକୁ ଅଧା ମୂର୍ଖମାନଙ୍କୁ ଘରକୁ ବୋହୂ କରି ଆଣିବି?

ହସି ହସି ଯଦୁବୋଉ କହିଲେ-''ଭଲ କଥାଟିଏ ମନେ କରେଇ ଦେଲୁ। ଦିନେ ସଙ୍ଗୀତ ଘରକୁ ଯାଇଥିଲି-''

-କୋଉ ସଙ୍ଗୀତ ମ? କଥାରେ ବାଧା ଦେଇ ମହୀବୋଉ ପଚାରିଲେ।

-ଆଲୋ ମୁରଲୀ ବାବୁଙ୍କ ଘର ବା... ସବା ତଳି ପୁଅଟିକି ଏଇ ଗଲା ତିଥିରେ ବାହା କରିଚି।

ଯଦୁ ବୋଉଙ୍କୁ କଥା ସାରିବାକୁ ନ ଦେଇ ମହୀବୋଉ କହିଲେ-''ହଁ, ହଁ, କଣ ହେଲା? ମୁଁ କଣ ଏ ଯାଏଁ ତାକୁ ଦେଖିଲିଣି କି? ସେତେବେଳକୁ ତ ଆମ ଗାଁରେ ଝିଆରୀର ବାହାଘର। ମୁଁ ଏଠି ନଥିଲି। ବୋହୂଟି କେମିତି?''

ଆଉ ଟିକିଏ ଭଲ କରି ଆସନ ଜମେଇ ଯଦୁବୋଉ ହସି ହସି କହିଲେ-''ବୋହୂ ସୁନ୍ଦର ବୋଲି ପୁରିଚି ମହୀ, କେହି ନ ଜାଣେ ତା'ର ଭିତର ଗଇ।''

ପ୍ରକୃତରେ କହିବାକୁ ଗଲେ ବୋହୂର ରୂପ ବର୍ଣ୍ଣନା କରିବାକୁ ଯଦୁବୋଉଙ୍କର ଯେତେ ଇଚ୍ଛା ନଥିଲା, ତା ଠାରୁ ବେଶି ଇଚ୍ଛା ଥିଲା ତାର ଗୁଣ ବଖାଣିବାକୁ, କିନ୍ତୁ ମହୀବୋଉଙ୍କୁ ସନ୍ତୁଷ୍ଟ ରହିବାର ଦେଖି ଆପେ ବଳିପଡ଼ି କହିଲେ-ସଙ୍ଗୀତ କହୁଥିଲା ବୋହୂର ଛାଣି ଖଣ୍ଡେ ନାକ ଅଛି।

ଗୋଟାଏ ସ୍ୱସ୍ତିର ନିଶ୍ୱାସ ଛାଡ଼ି ମହୀବୋଉ କହିଲେ-'ଯା' ହେଉ, ଆଜିକାଲିକା ବୋହୂ ଭୂଆସୁଣୀଙ୍କ ଠେଇଁ ଏତକ ମିଳିବା ସପନ। ଏତେଦିନକେ ଠାକୁରେ ମିନିବୋଉଙ୍କ କଥା ଶୁଣିଲେ। ଆଗ ବୋହୂ ଲାଜ କରୁ ନ ଥିଲେ ବୋଲି ତାଙ୍କର ଯୋଉ ଦୁଃଖ!.... ଯେତେହେଲେ ତ ଯା'' ଦେଢ଼ଶୁର ଘର-,

ପାଟିରୁ କଥା ଛଡ଼େଇ ନେଇ ଯଦୁବୋଉ କହିଲେ-''ଆଉ! ତା ନାକ ଦେଖି ତ ମୋ ମନ ଏକାଥରକେ ଥଣ୍ଡା। ଯାହା କହନ୍ତି, ''ବାଇଗଣ ଫୁଲ ତଳକୁ, ଉଠ ଦେଢ଼ଶୁରେ ଦୁଆର ମୁହଁରୁ ଭାଇବୋହୂ ଯିବେ ଘରକୁ।''

-ଅପା, ତମର ଯୋଉ କଥା! ମହୀବୋଉ ହସି ପକେଇଲେ।

ମହୀବୋଉଙ୍କୁ ଟିକିଏ ଠେଲିଦେଇ ହସି ହସି ଯଦୁବୋଉ କହିଲେ-"ତୁ ଥରେ ଚାଲୁନୁ ଦେଖିଆସିବୁ। ବଡ଼ ବୋହୂଟାର ଅଣ୍ଡିରୀପଣ ତୁ ତ ଜାଣୁ। ମରଦ ନାହିଁ, ମାଇକିନିଆ ନାହିଁ- ସମସ୍ତିଙ୍କ ସାଙ୍ଗରେ ଦାନ୍ତ ଦେଖେଇ ହେଁ ହେଁ, ଫେଁ ଫେଁ, ହୁଏ। ସେଥିପାଇଁ ମଝିଆଁ ବୋହୂକୁ ଦେଖି ଚାହିଁ ଆଣିଲା ଯେ ଷୋଳ ମଙ୍ଗଳା ବାସିଦିନ ବୋହୂ ପୁଣି ଶାଶୂକୁ ଆଡ଼େଇ ଦେଇ ଦାଣ୍ଡରେ ଠିଆ ହୋଇ ପରିବା ବାଲାଠୁ ମୂଲ କରି ପରିବା କିଣିଲା। ଏବେ ସାନବୋହୂ ଆସିଲା ଯେ ଚଉଠୀ ବାସିଦିନ ସେ କୁଆଡ଼େ ଦେଢ଼ଶୁର ଆଗରେ ମୁଣ୍ଡରୁ ଓଢ଼ଣା ଖସେଇ ଡ଼ାକଘରକୁ ଗଲା ଚିଠି ପକେଇବାକୁ। ସାହି ଗୋଟାକର ମରଦ ସ୍ୱାତ ମଙ୍କଳା ନ ଯାଉଣୁ ବୋହୂର ମୁହଁ ଦେଖିଲେ। ମାଇକିନିଆମାନେ କେତେ ଛିଛାକାର କଲେ। ସଙ୍ଗୀତ ବଡ଼ ବ୍ୟସ୍ତ ହେଇ ପଡ଼ିଲା। ମାସେକାଳ ଦେଖିଲା, ବୋହୂ ଖାଇବା ଶୋଇବା ବେଳକକ ଛାଡ଼ିଦେଲେ ବାକି ସମୟ ଦାଣ୍ଡରେ। ଶେଷକୁ ସଙ୍ଗୀତ କୁଆଡ଼େ ପୁଅ ପାଖରେ ଫେରାଦହେଲା।

"ସତରେ ? ପୁଅ କଣ କହିଲା ?" ମହୀବୋଉଙ୍କ ମୁହଁରେ କୌତୁହଳୀ ପ୍ରଶ୍ନ।

-ପୁଅ ତା ମାଇପ ପଟ ନ ନେଇ ଆଉ କ'ଣ ମାଆ ପଟ ନବ? ପୁଅ କୁଆଡ଼େ କହିଲା, "ତୋ ବୋହୂ କିଛି ଖରାପ କାମ କରିନାହିଁ ତ? ଘରେ ନ ଲୁଚି ସେ ପଦାକୁ ଯାଉଛି। ଏଥିରେ ହାଣକାଟର କଣ ଅଛି? ଆଜିକାଲି ଯୁଗ ତ ସେଇଆ ଚାହୁଁଛି- ନିଜ ଗୋଡ଼ରେ ସମସ୍ତେ ଠିଆ ହେବେ।"

ହସିଲା ମୁହଁରେ ମହୀବୋଉ କହିଲେ-ସେଇଠୁ ?

-ସେଇଠୁ ଆଉ କଣ? ସବୁଠି ଯାହା ହୋଇଥାଏ ସେଇଆ ହେଲା। ମା ପୁଅ ଭିତରେ ଠେଲାପେଲା ଲାଗିଲା। ସଙ୍ଗୀତ କି ଛାଡ଼ିବା ମଣିଷ? ମୁହଁ ଖୋଲି ସଫା କହିଦେଲା, "ଆରେ ଅଲାକୁକ, ଝିଅକୁଇ କ'ଣ କହନ୍ତି ନିଜ ଗୋଡ଼ରେ ଠିଆ ହେବା? ଘରେ କୁଟା ଖଣ୍ଡକ ଦି'ଖଣ୍ଡ କରିବେ ନାହିଁ। ମୁଁ ବୁଢ଼ୀମଣିଷଟା ଯାଇ ତାର ଝିଅା ଖବର ବୁଝିବି-ତା'ର କଣ ସେତିକି ବୁଦ୍ଧି ନାହିଁ, ନିଜେ ଆସି ଖାଇ ଦେଇ ଯିବ?" ତେଇଁକି ପୁଅ ଥାଇ କୁଆଡ଼େ କହିଲା, "ତୁ କାହିଁକି ତାକୁ ରୋଷେଇ ଘରକୁ ଯିବାକୁ ମନାକରିବୁ?"

ଏତିକିବେଳେ ଗୋଟାଏ କାଉ ବିରି ଲୋଭରେ ପାଖକୁ ଚାଲି ଆସିବାର ଦେଖି ହାସ୍ ହାସ୍ କରିଦେଇ ମହୀବୋଉ ଟିକିଏ ମୁରୁକି ହସା ଦେଇ କହିଲେ-"ସେଇଠୁ? ସଙ୍ଗାତେ କଣ କହିଲେ ?"

-ସଙ୍ଗୀତ କୁଆଡ଼େ କହିଲା, "ମନା କରିବି ନାହିଁ? ହାଣ୍ଡିଶାଳରେ ବଡ଼ବଡୁଆ ଅଛନ୍ତି। ସେଠି ଜୋତା ପୂରେଇ ମୋ ହାଣ୍ଡି ମାରା କରିବ? ତେଇଁକି ସାଆନ୍ତାଣୀ ବୋହୂ କୋଉଠି ଥିଲେ ବାହାରି ଆସି କୁଆଡ଼େ କହିଲେ, "ଚମଡ଼ା ଜୋତାରେ ସିନା ହାଣ୍ଡିଶାଳ ମାରାହୁଏ, ମୁଁ ତ କନାର ଜୋତା ପିନ୍ଧିଚି।" ହସି ହସି ଯଦୁବୋଉ

ପାନ ସିଠାତକ ଅଗଣାକୁ ଫିଙ୍ଗିଦେଇ କାନି ଫିଟେଇ ଆଉଖଣ୍ଡେ ପାନ ପାଟିରେ ପୂରେଇ କହିଲେ, ''ଅରେ ଚାଲୁନୁ, ସଙ୍ଗାତ ଘରକୁ ଯିବା।''

ମହୀବୋଉ କଣ କହିବାକୁ ଯାଉଥିଲେ, ଏତିକିବେଳେ ପହଲିର କାନ୍ଦଣା ଶୁଭିଲା ''ବୋଉଲୋ ଅପା ମତେ ମାରିପକାଇଲା।''

-''ଆଃ, ଶୋଇଲା ପିଲାଟାକୁ ଉଠେଇ ବାଡ଼ୋଉଚି। ତାକୁ ମୁଁ ଆଉ ପାରିଲି ନାହିଁ... ଏ ମାୟା, କାହିଁକି ତାକୁ ମାରୁଚୁ କିଲୋ?'' ବିରକ୍ତ ହୋଇ ମହୀବୋଉ ଡ଼ାକ ଛାଡ଼ିଲେ।

ଦୁଇ ତିନି ଡ଼ାକ ପରେ ଗୋଟାଏ ହାତରେ କାନ, ଆର ହାତରେ ପହଲିର ଗୋଟିଏ ହାତ ଧରି ଭିଡ଼ିଭିଡ଼ିକା ମାୟା ଆସିଲା। ଦେହରେ ସ୍କୁଲପିନ୍ଧା ଲୁଗା, ତେଲିଆ ମୁହଁରେ ସ୍କୁଲ ଫେରନ୍ତି କ୍ଳାନ୍ତି। ରାଗରେ ଫଁ ଫଁ ହଉଥାଏ। ଛେଳିକୁ ପାଣିକୁ ନେଲାବେଳେ ସେ ଯେମିତି ମେଁ ମେଁ ହୋଇ ପଛକୁ ଟାଣି ଓଟାରି ହୁଏ, ପହଲି ସେମିତି ମାୟା ହାତରୁ ନିଜକୁ ମୁକୁଳେଇବାକୁ ଚେଷ୍ଟା କରି ଭେଁ ଭେଁ ରଡ଼ି ଛାଡ଼ିଥାଏ। ମହୀବୋଉ ଆଉ ସମ୍ଭାଳି ପାରିଲେ ନାହିଁ। ଚିଡ଼ିଯାଇ କହିଲେ, ଛାଡ଼ିଦେ ତାକୁ... ଏତେ ବଡ଼ ପିଲାଟାଏ ହେଲାଣି, ସାନ ଭାଇଭଉଣୀମାନଙ୍କୁ ଟିକିଏ ଆଦର ସ୍ନେହ କରିବ କ'ଣ ନା ଦିନରାତି ଖାଲି ମାଡ଼ ଦେଇ ଜାଣିଚି।''

ଖଡେଇ ହେଲା ପରି ମାୟା କହିଲା, ''ଆଦର କରିବି! ଏଇ ଚୋରଙ୍କୁ ଆଦର କରିବି!''

-''ସେ ତୋର କ'ଣ ଚୋରି କଲା?'' ଆଉ ଟିକିଏ ଚଢ଼ା ଗଳାରେ ମହୀବୋଉ ପଚାରିଲେ।

-''ତାକୁ ପଚାରୁନୁ, ମତେ କାହିଁକି ପଚାରୁଚୁ? ତା ଦେହରେ ଟିକିଏ ହାତ ଦଉ ଦଉ ତ ତୋ ଦେହରେ ଲାଗିଯାଉଛି, ଯେତେବେଳେ ଜେଲଖାନାକୁ ଯାଇ ଘଣା ପେଲିବ ସେତିକିବେଳେ ବୁଝିବୁ ଯେ।'' ମାୟାର ରାଗଯାକ ଯାଇ ମହୀବୋଉଙ୍କ ଉପରେ ଠୁଳ ହେଲା।

ପହଲିର କାନ୍ଦ କେତେବେଳୁ ବନ୍ଦ ହୋଇଗଲାଣି। ସଁ ସଁ ହୋଇ ଦାନ୍ତ କାମୁଡ଼ି ସେ ମାୟା ହାତମୁଠାରୁ ଖସିଯିବାର ଚେଷ୍ଟାରେ ଲାଗିଥାଏ।

-''ତୁ କହୁନୁ, ସେ ତୋର କ'ଣ ଚୋରି କରିଛି? ମାୟାକୁ ଚାହିଁ ଯଦୁବୋଉ କହିଲେ।

ନ ଶୁଣିଲା ପରି ଫଁ ଫଁ ହୋଇ ମାୟା କହିଲା, ''ସିନ୍ଧିଆ ଚୋର! ଇସ୍କୁଲରୁ ଫେରି ଭୋକ କରେ ବୋଲି ଆରିସା ପିଠାଟା ନ ଖାଇ ମୁଁ ରଖି ଯାଇଥିଲି। ଚୋର କଣ କରିଚି ନା ଟେବୁଲ ପରେ ଚଢ଼ି ଆଲମାରୀ ଫିଟାଇ ସେତକ ଚଳୁ କରିଦେଇଛି। ବାମନ ଭଳିଆ ସିନା ହେଇଚି, ନଇଲେ ସେ ଅସୁରର ଆଖି ଆଉ ପେଟ ପାଇଚି। ମୁଁ ଏଇକ୍ଷଣି ଆଲମାରୀ ଫିଟାଇ ଦେଖେ ତ ପିଠା ନାହିଁ। ମୁଁ

ଖୋଜି ହଉଚି ପିଠାଟା କେଉଁଠି ରହିଗଲା ବୋଲି। ଦେଖିଲା ବେଳକୁ ଟେବୁଲ ଉପରେ ବାବୁଙ୍କର ପାଦଚିହ୍ନ ପଡ଼ିଛି। ଶୋଇବା ଘରେ ଦେଖେ ତ ତା ବିଛଣାଯାକ ଘିଅ ଆଉ ପିଠାର ଗୁଣ୍ଡ ପଡ଼ିଚି। ପଚାରିଲାବେଳକୁ ପୁଣି ମନା କରୁଚି ନା !''

-ହଉ ଖାଇ ତ ସାରିଲାଣି, ଘରେ ପିଠା ଅଛି ତୁ ଯାଇ ଖା।

-''ନା, ସେଇଟା ମୋ ପିଠା। ସେ ଚୋରିକଲା କାହିଁକି ?'' ରାଗଟା ସୁଝେଇବାକୁ ମାୟା ପହଲି ଗାଲରେ ଗୋଟାଏ ଜବର ଚଟକଣା ବସାଇଦେଲା।

ତୁ ମୋଟେ ଚୋରି କରୁ ନାହିଁ ? ତତେ ପିଠା ଦେଲା କିଏ ?

ଅନ୍ୟ କିଛି ବାଟ ନ ପାଇ ଖତେଇ ହେଲାଭଳି ମାୟା କହିଲା, ''ନାଇଁରେ ପହଲି, ଚୋରି କର। ବୋଉର ମନ ପରା ମାନୁନାହିଁ-ଚୋରର ମା ନ ହେଲେ ତେବେ ଗୋଟାଏ କି ମା ସେ ହେଲା, ବୁଝିଲୁ ? ଯା'' ବଳକା ରାଗଟକ ଶୁଝେଇବାକୁ କୋରରେ ପହଲିକୁ ପେଲିଦେଲା।

-ହଁ, ମୁଁ ଚୋରର ମା ହେଲେ ହେଲି ଯା।

-ତୋରି ଭଳି ମା'ମାନଙ୍କ ଯୋଗୁଁ ପରା ଆମ ଦେଶରେ ଏଡ଼େ ବେଗି ଉନ୍ନତି ହେଉଛି। ପିଲାଟି ଦିନରୁ ଯଦି ନିଜର ଛୁଆମାନଙ୍କୁ ଚୋରି କରିବା ନ ଶିଖାଇଲେ, ତେବେ ସେ ଆଉ କି ମା ହେଇଛନ୍ତି ?

କିଛି ଉତ୍ତର ନ ପାଇ ଟିକିଏ ବେଳ ଗୁମ୍‌ମାରି ବସି ମାୟା କହିଲା, ''ହଉ, ମତେ ଜଲଦି ଖାଇବାକୁ ଦେ-ପଢ଼ିବାକୁ ଯିବି।

-ଘରେ ପିଠା ଅଛି ଯା ଖାଇବୁ।

-ମୁଁ ପିଠା ଖାଇବି ନାହିଁ—ମତେ ପଖାଳ ଦେ।

-ପଖାଳ କୁଆଡୁ ଆସିବ ? ଶୀତ ଦିନୁଟାରେ -

''ମୁଁ ସେ ସବୁ ଜାଣିନାହିଁ। ତୁ କୁଆଡୁ ହେଲେ ମାଗି କରି ଆଣି ଦେ।'' ମାୟା ଜିଦି କରି ବସି ରହିଲା।

-''ଆଲୋ ଇଏ କି କଥା କହୁଚି ? ମୁଁ ପଖାଳ ମାଗିବାକୁ ଯିବି କାହା ଘରକୁ ?'' ଝିଅର ପାଗଳାମି ଶୁଣି ମହୀବୋଉ ହସିଲେ। ''ପିଠା ଖାଇବାକୁ ଇଚ୍ଛା ନ ହଉଚି ତ ଘରେ ଅନ୍ୟ ଜଳଖିଆ ଅଛି ଖା।''

-ମୁଁ ପଖାଳ ଖାଇବି ନଇଲେ ଉପାସ ରହିବି।

''ଯାହା ତୋ ଇଚ୍ଛା ହେଉଛି କର। ମତେ ଆଉ କହୁଛୁ କାହିଁକି ?'' କହି ମହୀବୋଉ ଗପରେ ମନ ଦେଲେ।

ଆଉ କିଛି ନ କହି ମାୟା ଉଠି ଚାଲିଗଲା। ଦାଣ୍ଡଘର ସାମନା ଭିତରପଟ ବାରଣ୍ଡାର କବାଟକୁ ଆଉଜି ଟଙ୍କା ପକେଇ ବସି ପହଲି କାନ୍ଦୁଚି। ପାଟିର ଶବ୍ଦ ଓ ଆଖିର ଲୁହ କମି କମି ଆସୁଛି। କୌଣସି ପ୍ରକାରେ ତାର କେଢ ଟାଣି ପହଲି କନ୍ଦି ଚାଲିଛି। ଆଖି ରହିଚି ନିଜ ହାତପାପୁଲିର ପଛପଟେ-ଆଠ ଦଶଟା

ଆମ୍ପୁଡ଼ା ଜାଗାରୁ ରକ୍ତ ଜକେଇ ଆସୁଛି। ସେ ଖଣ୍ଡିଆକୁ ଆଉ ଟିକିଏ ବଡ଼ କରିଦେବାକୁ ପହଲିର ଇଚ୍ଛା। ଚାରିଆଡ଼କୁ ଚାହିଁ, କେହି ନ ଥିଲାବେଳେ ନିଜ ନଖରେ ଟିକିଏ ଉଖାରି ଦଉଥାଏ, ତାପରେ ଇଁ...ଇଁ....ଇଁ....। ଥରକୁ ଥର ଆଖି ଟେଣିହୋଇ ଯାଉଚି ଦାଣ୍ଡକବାଟ ଆଡ଼କୁ-ମୋହନ ଆସିଲା କି ନାହିଁ।

ମାୟା ସିଡ଼ିରେ ଉଠିବାକୁ ଯାଇ ଦେଖିଲା ପହଲି କାନ୍ଦୁଚି। ଭୋକିଲା ପେଟରେ ରାଗ ପୁରି ତାଳୁକୁ ଉଠିଲା। ଦାନ୍ତ ଦେଖେଇ କହିଲା, ‘‘ରାକ୍ଷସ, ସବୁତ ଖାଇଲୁ ଆଉ କାହିଁକି କାନ୍ଦୁଛୁ?’’ ଏତିକି କଥାରେ ପହଲିର କୋହ ଦି ଗୁଣ ହୋଇଗଲା। ଆଖିରେ ସାନ ଲୁହ ବି ଦେଖାଦେଲା। ପହଲି ତ ସେଇୟା ଖୋଜୁଥିଲା। କେହି ନ ଦେଖୁଣୁ ଲୁହ ଶୁଖିଯିବାଟା ଶୁଭ ଲକ୍ଷଣ ନୁହେଁ। ବର୍ତ୍ତମାନ ମାୟାର ଏଇ କଥାତକ ମନେ ପକେଇ କିଛି ସମୟ ଜୋର୍‌ରେ କାନ୍ଦିହେବ। ତାରି ଭିତରେ କେହି ଆସି ନିଶ୍ଚେ ପହଞ୍ଚିଯିବେ। ସେଠୁ ବାହୁନି ବାହୁନି କାନ୍ଦିଲା-‘‘ମତେ ଆମ୍ପୁଡ଼ି ପକେଇଲା, ଇଁ..... ଇଁ..... ଇଁ....., ଅପା ମତେ ଆମ୍ପୁଡ଼ି ପକେଇଲା.....।’’

ମାୟା ମନରେ ସନ୍ଦେହ ହେଲା। ପାଖକୁ ଯାଇ ଧମକେଇଲା ପରି ପଚାରିଲା-‘‘କାହିଁ ଦେଖେ କଣ ହେଇଚି?’’

ଆହୁରି ଜୋରରେ କାନ୍ଦି ଉଠି ପହଲି ଦୁଇ ହାତ କୋଳ ଭିତରେ ସାବଧାନରେ ରଖିଲା-ଯଦି ମାୟା ରକ୍ତଟିକକ ପୋଛିଦେବ ତେବେ ସେ କାହାକୁ ଆଉ କଣ ଦେଖାଇବ ? ମନେ ମନେ ଛାନିଆ ହେଲାଣି, ଭାଇ କି ବାପା ଫେରୁ ନାହାନ୍ତି କାହିଁକି?

-ଦେଖେଁ ?

ଇଁ....ଇଁ....ଇଁ।

‘‘ହଉ ନ ଦେଖା। ଭାସିଗଲା..... ତୁ କ’ଣ ମତେ କାମୁଡ଼ିନୁ କି?’’ ମାୟା ଚାଲିଗଲା। ଚାଲିଯାଇ ପଢ଼ା ଟେବୁଲ ପାଖରେ ବସି ନିଜ ନଖକୁ ଥରେ ଭଲକରି ଚାହିଁଲା।

-ଝିଅଟା ଉପାସରେ ରହିଲା, ତା ପାଇଁ ଗଣ୍ଡେ ପଖାଳ କରିଦେଲୁ ନାହିଁ?

‘‘ପଖାଳ କ’ଣ ହଉ ନ ଥିଲା ଅପା? ଏଇକ୍ଷଣି କୋଇଲା ଚୁଲୀରେ ରନ୍ଧା ହେଉଚି-ପଖାଳ କିଏ ଖାଇବ? ଯାହା ଭାତ ବଳିଥାଏ ଚାକରାଣୀ ବାସନ ମାଜିବାକୁ ଆସି ନେଇଯାଏ।’’ ମହାବୋଉ କହିଲେ।

-ହଇଲୋ, ତୁ ଆଜିକାଲି କୋଇଲା, ଚୁଲିରେ ରାନ୍ଧିଲୁଣି? କାହିଁ ମତେ ସେ କଥା କହିନୁ ତ?

-ତମକୁ ଆଉ କହିବି କ’ଣ? କାଠବାଲାଟା ହଇରାଣ କଲାରୁ ଏବେ ପରା କୋଇଲା ଚୁଲିରେ ରନ୍ଧା ହେଉଚି।

ବଡ଼ ବଡ଼ ଆଖି କରି ଯଦୁବୋଉ କହିଲେ-‘‘ହଇଲୋ’’ ଡେକ୍‌ଚି ରନ୍ଧା ତୋ

ପେଟରେ ଯାଉଚି ? ସୁଆଦ ତ ଲାଗୁ ନଥିବ ?

-ଅସରଣଙ୍କୁ ଖାଇବା କଥା-ସୁଆଦ ଅସୁଆଦ କଥା କିଏ ପଚାରେ ?

ଯଦୁବୋଉ ନିଜକୁ ସାନ୍ତ୍ୱନା ଦେଇ କହିଲେ- ''ଯେତେ କହ କାଠଚୁଲିର ମାଟିହାଣ୍ଡି ରନ୍ଧା ପାଟିକୁ ଯେମିତି ସୁଆଦ'' ପେଟକୁ ବି ସେମିତି ଥଣ୍ଡା। କଣ କହନ୍ତି ପରା କୋଇଲା ଚୁଲିର ରନ୍ଧା ଖାଇଲେ ବଦହଜମି ହୁଏ ?''

ହସି ହସି ମହୀବୋଉ ଜବାବ ଦେଲେ ''ମୁଁ ସେ କଥା କହିଲାରୁ ପରା ଘରେ ସମସ୍ତେ ହସିଲେ। କହିଲେ କ'ଣନା ଦୁନିଆଁ ଯାକର ଲୋକେ କୋଇଲା ରନ୍ଧା ଖାଇ ବଦହଜମି ବେମାରୀରେ ମରିଯାଉଛନ୍ତି ! ଖାଲି ଆମରି ଲୋକେ କାଠଚୂଲୀର ମାଟିହାଣ୍ଡି ରନ୍ଧା ଖାଇ ଭୀମ ଭଳିଆ ଚେହେରା କରିଛନ୍ତି। ଆଉ ମୁଁ ବି ନିଜେ ଦେଖିଲି ମାଟିହାଣ୍ଡି ରନ୍ଧାରେ ବଡ଼ ବେଶି ଝିଂଝଟ। ଖାଲି ଗୋଡ଼ ହାତ କଳା ହୁଏ। ତା ପରେ ପୁଣି ପୂଝାରୀ ଚାକରମାନେ କଣ କମି ହାଣ୍ଡି ଭାଙ୍ଗନ୍ତି ? ମାଟିହାଣ୍ଡି ମାଇପଙ୍କୁ ପୋଷାଏ-ଧୋଇଧାଇ ଯତ୍ନକରି ରଖନ୍ତି। ମରଦଙ୍କ ହାତରେ ସେ ଟେକିବ କେଉଁଠୁ ? ହାଣ୍ଡିରେ ବିଧେ ବହଳର କଳା-ବାର ବର୍ଷରେ ହାଣ୍ଡିରେ ପାଣି ପଡ଼ିବ ନାହିଁ, ତାପରେ ହାଣ୍ଡିବାଲୀ, କାଠବାଲାଙ୍କୁ ବାର ଖୁସାମତ। ଏସବୁଠୁ କୋଇଲା ଚୁଲୀ ଢେ଼ର ଭଲ-ଅସୁଆଦ ଲାଗୁ ପଛକେ।''

ଟିକିଏ ବେଳ ବସି ଯଦୁବୋଉ ଯିବାକୁ ବାହାରିଲେ। ତାଙ୍କୁ ଉଠିବାର ଦେଖି ମହୀବୋଉ କହିଲେ ''ଆଉ ଇଏ ଗୋଟାଏ କଥା ! ପାନ ନେଇନା, ଏଇ ମୋର ସଇଲାଣି ଯେ।'' ମହୀବୋଉ ଚୋପାଛଡ଼ା ବିରିରେ ଭଲ ପାଣି ପୂରେଇ ଘର ଭିତରେ ରଖିଲେ। ଜାଗାଟାକୁ ସଫା କରିଦେଇ ଯଦୁବୋଉଙ୍କୁ ସାଥିରେ ଧରି ପାନ ଭାଙ୍ଗିବାକୁ ଗଲେ।

ପାନ ଦିଖଣ୍ଡ ହାତରେ ଧରି ଯଦୁବୋଉ ରୁଷିଲା ଭଳି କହିଲେ -''ତୁ ଆମ ଘରକୁ ମୋଟେ ଯାଉନୁ, ଏଣିକି ମୁଁ ଆଉ ଆସିବି ନାହିଁ।

ମହୀବୋଉ ଜବାବ ଦେଲେ-''ଦେଖୁଚ ତ ମୋ ଅବସ୍ଥା। ମତେ ମରିବାକୁ ଡର ନାହିଁ, ବେଳ ହେଲେ ଦିନେ ଯିବି।''

-ପୁଅ ବାହା ନ କରିବାଯାଏ ତୋର ବେଳ ହବ ନାହିଁ।

-ପୁଅ ବାହା କରିବାକୁ ମୁଁ କ'ଣ ନାହିଁ କଲି ? ଆଚ୍ଛା ଅପା, ତମ ଦେଖାନ୍ତିରେ କିଏ ସବୁ ଭଲ ପାତ୍ରୀ ଥିବେ ଟିକିଏ ନଜର ରଖିଥିବ।

ଯଦୁବୋଉ ଖୁସିଟାଏ ହେଇ କହିଲେ, ''ହଉ।''

ଯଦୁବୋଉଙ୍କୁ ଛାଡ଼ିବାକୁ ଯାଇ ମହୀବୋଉ ଦେଖିଲେ ପହଲି କାନ୍ଦୁଚି। ମହୀବୋଉ ପାଖକୁ ଆସିଲେ। କାନିରେ ତାର ଝାଳ ପୋଛିଦେଇ କହିଲେ-''ଛି, ଆଉ କାନ୍ଦନା, ଆ, ମୋ ପାଖକୁ ଆ। କାହିଁକି ଭଲା ଅପାର ପିଠାଟା ଖାଇଦେଲୁ ? ମତେ ମାଗିଲୁ ନାହିଁ ?'' ବୋଉ ପାଖକୁ ଯିବାକୁ ପହଲି ଏକବାରେ ନାରାଜ। ବାହୁନି

ବାହୁନି ହାତ ଦେଖେଇ କହିଲା, ''ଅପା ମତେ ଆମ୍ପୁଡ଼ି ପକେଇଚି।''

''ଇସ୍ ମାୟାଟା ମଣିଷ ନୁହେଁ।'' ବିରକ୍ତ ହୋଇ ମହୀବୋଉ କହିଲେ।

ଦୋତାଲା ବାରଣ୍ଡାରେ ଠିଆ ହୋଇ ମାୟା ସବୁ ଦେଖୁଥିଲା। ମହୀବୋଉଙ୍କ କଥା ଶୁଣି ଗାରୁ ଗାରୁ ହୋଇ କହିଲା, ''ମଣିଷ ହବାକୁ ଆଉ ଦରକାର କୋଉଠି? ଟିକିଏ ଖାଇ ମଣିଷ ହବାକୁ ବସିଲାବେଳେ ସେତକ ଅନ୍ୟମାନେ ଖାଇଦେଇ ମଣିଷ ହେଇଯାଉଛନ୍ତି।''

ଯଦୁବୋଉଙ୍କୁ ଦାଣ୍ଡଦୁଆରେ ଛାଡ଼ିଆସି ମହୀବୋଉ ପହଲିକି ବୋଧଶୋଧ କରିବାକୁ ଚେଷ୍ଟା କଲେ, କିନ୍ତୁ ପହଲି ମହୀବୋଉଙ୍କୁ ତା ଦେହ ଛୁଇଁବାକୁ ଦେଲା ନାହିଁ।

ପ୍ରତାପ ଓ ରଞ୍ଜନ ସ୍କୁଲରୁ ଫେରିଲେ। ପହଲି କାନ୍ଦି କାନ୍ଦି ସେମାନଙ୍କୁ ହାତର ଖଣ୍ଡିଆ ଦେଖେଇଲା। ଅଧଘଣ୍ଟା ପରେ ମୋହନ ଅଫିସ୍‌ରୁ ଫେରିଲା।

-କିରେ କାନ୍ଦୁଚୁ କାହିଁକି?

-''ଅପା ମତେ ଆମ୍ପୁଡ଼ି ପକେଇଛି।'' କାନ୍ଦି କାନ୍ଦି ପହଲି ହାତ ଦେଖେଇଲା।

-କାହିଁକି ଆମ୍ପୁଡ଼ିଲା? ତୁ ତାର କଣ କରିଥିଲୁ?

-ମୁଁ କିଛି କରି ନାହିଁ। ସେମିତି ଆମ୍ପୁଡି ଦେଲା, ଇଁ... ଇଁ..... ଇଁ।

-ଆଚ୍ଛା ତୋ ପେଇଁ ଆଜି ଗୋଟାଏ ବଲ୍ ଆଣିଦେବି। ତୁ ସେଥିରେ ଏକା ଖେଳିବୁ। ଆଉ କାହାକୁ ଦବୁ ନାହିଁ- ବୁଝିଲୁ। ମୁଁ ଅବିକା ଅପାକୁ ଗାଳି ଦେବି ଯାଉଚି।

-''ଇଁ... ଇଁ... ଇଁ''

-ଆଉ କଣ ପଇସା ନେବୁ? କେତେ ପଇସା? ମୋହନ ପଇସା ମୁଣି କାଢ଼ିଲା।

''-ଅପା ମତେ ନଅଟା ଆମ୍ପୁଡ଼ିଚି।'' ଆଖି ପୋଛି ପହଲି କହିଲା।

-ହଉ ତେବେ ନଅଟା ପଇସା ନେ। ହେଲା ଏଥର?

ହାତରେ ପଇସା ଧରି ମୁଣ୍ଡ ହଲେଇ ପହଲି ପଚାରିଲା, ''ବଲ କେତେବେଳେ ଦବ?''

-ମୁଁ ବଜାରକୁ ଗଲେ ଆଣିଦେବି।

ପହଲିର ହାତ ଧରି ମୋହନ ଆସି ଅଗଣାରେ ଠିଆହେଇ ଡ଼ାକ ଛାଡ଼ିଲା, ''ମାୟା!''

-କ'ଣ?

-ତୁ ଆଉ ମଣିଷକୁ ରଖିଦେବୁ ନାହିଁ। ଭଲ ଯୋଗ ଯଦି ଅଛି ସେ ବାଘନଖ ଆଜି କାଟିପକା।

-ଇସ୍ କହିଲେ ଖାଲି କାଟି ପକେଇବି! ଇଏ କଣ ତମ ନଖ ହେଇଚି କି? ତା ଦିହରେ ଟିକିଏ ବାଜିଯାଇଛି ବୋଲି ତ ମତେ ନଖ କାଟିପକେଇବାକୁ କହୁଚ। ଏଣେ ସିଏ ଯେ ମତେ କାମୁଡ଼ି ପକେଇଚି? ତା ଦାନ୍ତଗୁଡ଼ାକ ଭାଙ୍ଗି ପକେଇବାକୁ

କହୁନ ? ସେ ଦାନ୍ତ ଭାଙ୍ଗିଲେ ମୁଁ କାଟିବି ।

ମାୟା କଥା ଶୁଣିବାକୁ ନ ଦେଇ ପହଲି ପାଟିକରି ଉଠିଲା, ‘‘ଅପା ତତେ ମୁଁ କାମୁଡ଼ିଛି ? କି ମିଛ କଥା !’’

-କାମୁଡ଼ିନୁ ? ମାୟା ଧମକେଇ ଉଠିଲା ।

-ହଉ ଯେ. ହକ ଥିଲେ ବଳେ ପୋକ ବାହାରିବ ।

କଳି ସେତିକିରେ ଭାଙ୍ଗିଦବାକୁ ଯାଇ ମୋହନ କହିଲା, ‘‘ତୁ କାହିଁକି ସ୍ୱାସ୍ଥ୍ୟରକ୍ଷା ପଢୁଥିଲୁ ଲୋ ?’’

-ଭଲ ହେଉଚି ଯା-ମୋ ଇଛା ହେଲା, ମୁଁ ନଖ ରଖିବି ।

-ହଉ ତା’ ହେଲେ ରଖ । ଆଉ କିଛି କହିବୁ ଯଦି ଗୋଟିଏ ଭଣ୍ଡାରୁଣୀ ଯୋଗାଡ଼ କରିଦେବି । ପ୍ରତିଦିନ ସେ ଯେତେ ନଖ କାଟୁଥିବ ତାକୁ ଫୋପାଡ଼ି ନ ଦେଇ ତତେ ଆଣି ଦେଇଯିବ । ସେଗୁଡ଼ାକ ତୋରି ନଖରେ ଯୋଡ଼ିଦେବୁ-ବଡ଼ ସୁନ୍ଦର ଦିଶିବ ।

‘‘ହଁ କହିଦେବ’’ ଆଦେଶ ଦେଲାଭଳି ମାୟା କହିଲା ।

କୃତାର୍ଥ ହେଲାପରି ‘‘ହଉ’’ଟିଏ ମାରି ମୋହନ ନିଜ ବଖରାକୁ ଚାଲିଗଲା ।

ଟିକିଏ ବେଳ ପ... ମୋହନକୁ ଖାଇବାକୁ ଦେଇ ମହୀବୋଉ କହିଲେ, ‘‘ହଇରେ, ତୁ କଣ ଆଉ ବାହା ହେବୁ ନାହିଁ ?’’

ବିରକ୍ତ ହୋଇ ମୋହନ କହିଲା, ‘‘ତୋ ମୁଣ୍ଡରେ ଖାଲି ସେଇ ଗୋଟିଏ କଥା ପଶିଛି-ବାହାଘର । ମୁଁ ବାହା ହେଲେ ତୋର କି ସୁଖଟା ବଢ଼ିଯିବ ଶୁଣେ ? ଏହିକ୍ଷଣି ତ ବେଶ ଭଲରେ ଅଛୁ ।’’

ଟିକିଏ ଆଶ୍ଚର୍ଯ୍ୟ ହେଲାପରି ମହୀବୋଉ କହିଲେ, ‘‘ଇଏ କୁଆଡ଼ର କଥା କହୁଛୁ ? ଘରକୁ ବୋହୂ ଆସିଲେ ମୋ ସୁଖ ବଢ଼ିବ ନାହିଁ ? କାମଧନ୍ଦା ସବୁଥିରେ ମୋତେ ସାହାଯ୍ୟ କରିବ, ତୋ ଦେହ ମୁଣ୍ଡକୁ ଦେଖିବ ।’’

-‘‘ହଁ ହଁ ।’’

‘‘ହଁ ହଁ କଣ ? କିଛି ନ କହିଲାରୁ ତୋର ମୁହଁ ପାଇ ଯାଉଚି । ଏଣିକି ତୁ ତୋ ହାତରେ ରାନ୍ଧି ଖା । ଘରେ ସମସ୍ତଙ୍କୁ ଶସ୍ତା ପାଇଛୁ ନା ? ବାହା ହବାର ନାଁ ଗନ୍ଧ ନାହିଁ-’’

‘‘ହଉ’’ କଥା ଏଡ଼େଇବାକୁ ମୋହନ ଶୀଘ୍ର ଶୀଘ୍ର ଖାଇବାକୁ ଲାଗିଲା ।

‘‘ବାହା ହବୁ ? ତେବେ ମୁଁ ପାତ୍ରୀ ଦେଖୁଛି ? ଖୁସିହୋଇ ମହୀବୋଉ ପୁଅ ମୁହଁକୁ ଚାହିଁଲେ ।

-‘‘ବାହା !’’ ମୋହନର ଆଖି ତାଳୁରେ ଖୋସି ହୋଇଗଲା ।

କହିଲୁ ପରା ‘‘ହଉ’’

‘‘ହାତରେ ରାନ୍ଧି ଖାଇବି ବୋଲି କହିଲି ସିନା’’-ଢକଣିଆ ଗିଳିପକେଇ ମୋହନ

ପାଣି ପିଇଲା ।

"ଓଃ, କୁଳ ନାଶ ବେଳକୁ ଘୋଡ଼ାମୁହାଁ ପୁଅ ଜାତ । ମୋର ସେଇଆ ହେଇଚି । ରହ ଯାଉଚୁ କୁଆଡ଼େ ?" ହାତ ଦେଖେଇ ମହୀବୋଉ ପୁଅକୁ ଅଟକେଇବାକୁ ଚେଷ୍ଟା କଲେ ।

"ଆରେ ବାଟ ଛାଡ଼ । ସେଣେ କାମ ଡ଼େରି ହୋଇ ଯାଉଚି ଯେ"- ମୋହନ ଧମକ ଦେଲା ।

ମହୀବୋଉ ସନ୍ଦେହରେ ପଡ଼ିଲେ । ସତରେ କିଛି କାମ ଅଛି ନା ଫାଙ୍କିଦେବାର ଏ ଗୋଟାଏ ବାଟ ? ପୁଅ ମୁହଁକୁ ଚାହିଁଲେ- ସେଥିରୁ ବି କିଛି ଠିକଣା ପାଇଲେ ନାହିଁ । ଶେଷକୁ ବାଟ ଛାଡ଼ି ଦେଇ କହିଲେ, "ବାହା ନ ହେବାଯାଏ ତୋର ତୁ ଅନ୍ୟ ବ୍ୟବସ୍ଥା କର । ମୁଁ ଆଉ ଏ ଜଞ୍ଜାଳରେ ପଶି ପାରିବି ନାହିଁ କହିଦଉଚି ।"

"ଜଞ୍ଜାଳରେ ପଶି ପଶି ତୋ ଅଣ୍ଟା ପିଠି ଲାଗିଯିବଣି । ଚାରିଟା ବେଳକୁ ଥଣ୍ଡା ଡ଼ାଲି ତରକାରୀ ଦେଇ ପୁଣି କହୁଛି କଣ ନା ଜଞ୍ଜାଳ !" ପଳେଇ ଯାଉ ଯାଉ ମୋହନ କହିଲା ।

-ଏଁ, କଣ କହିଲୁ ?..... ତୁ ମଣିଷ ନୋହୁଁରେ ମଣିଷ ନୋହୁଁ...ତା ନହୋଇଥିଲେ ତୁ ଏକଥା କହନ୍ତୁ ? କାହିଁକି ତୁ ଆଗରୁ ଆସୁନୁ ? ସବୁ ଡ଼ାକ୍ତର ଗୋଟାଏ ଦେଢ଼ୁଟାକୁ ଫେରନ୍ତି- ତୋର କାହିଁକି ଚାରିଟା ବାଜେ ? ସେମାନଙ୍କଠୁଁ ତୁ ବେଶି ରୋଗୀ ଦେଖୁ ? ତୋର ସବୁ ବାବୁଆନି ଏଥର ଛଡ଼େଇ ଦଉଚି ରହ !

ମହୀବୋଉଙ୍କ କଥାକୁ କାନ ନ ଦେଇ ମୋହନ ଚାଲିଗଲା ।

ସଞ୍ଜବେଳକୁ ପୀତାମ୍ବରବାବୁ ଫେରିଲେ । ପହଲି ଖେଳ ବନ୍ଦ କରି ପାଖକୁ ଆସି କାନ୍ଦ କାନ୍ଦ ହୋଇ କହିଲା, "ବାପା, ଅପା ମତେ ଆମ୍ପୁଡ଼ି ପକାଇଲା !"

-ଆହା, ଆମ୍ପୁଡ଼ି ପକେଇଲା !

"ହଁ, ଦେଖିବ ଆସ । ପୀତାମ୍ବର ବାବୁଙ୍କ ହାତ ଧରି ଆଲୁଅ ତଳକୁ ନେଇ ପହଲି ହାତ ଦେଖାଇଲା । ହାତ ଦେଖାଉ ଦେଖାଉ ଆଖି ଲୁହରେ ଛଳ ଛଳ ହେଲା ।

-ଆଚ୍ଛା, ଅପାକୁ ମୁଁ ଗାଳିଦେବି ।

ପହଲି ଧାଇଁଗଲା ମାୟାର ପଢ଼ାଘରକୁ । "ବାପା ଡ଼ାକୁଛନ୍ତି ଆ ।"

ଦାନ୍ତ ରଗଡ଼ିକରି ମାୟା ଚିହିଁକି ଆସିଲା, "ଗେଟ୍ ଆଉଟ୍ ।"

ପହଲି କାନ୍ଦ କାନ୍ଦ ହୋଇ ଫେରିଗଲା-ବାପା, ଅପା ମତେ "ଗେଟାଟ୍" କହିଲା ।

-"ଆଚ୍ଛା ମୁଁ ଯାଉଚି ।" ପୀତାମ୍ବରବାବୁ ପୋଷାକ ପାଲଟିଲେ । ମୁହଁ ହାତ

ଧୋଇଲେ। ପହଲି ଛାଇପରି ପଛରେ ଲାଗିରହିଥାଏ। ପୂଜାରୀଙ୍କୁ ଚା'ର ବରାଦ ଦେଇ ପୀତାମ୍ବରବାବୁ ପୁଅର ହାତ ଧରି ମାୟା ବଖରାକୁ ଗଲେ। ମୁଣ୍ଡରେ ''ଅମୃତାଞ୍ଜନ'' ଘଷି ମାୟା ଏକ ମନରେ ପଢୁଥିଲା। ଦୁହିଁଙ୍କୁ ଘର ଭିତରେ ପଶିବାର ଦେଖି ବି ନ ଦେଖିଲା ପରି ସେ ପଢ଼ି ଚାଲିଥାଏ। ଟିକିଏ ବେଳ ଅପେକ୍ଷା କରି ପୀତାମ୍ବରବାବୁ କହିଲେ-ମାୟା, ପହଲିକୁ ତୁ ଆମ୍ପୁଡ଼ି ଦେଇଚୁ? ତୁ ସିନା ତାକୁ ବୁଝେଇ ଦେଇଥାନ୍ତୁ। ତୁ ପରା ତା'ର ବଡ଼ ଭଉଣୀ।

-ମୁଁ କୋଉ ଚୋରର ଭଉଣୀ ନୁହେଁ।

''ଆଚ୍ଛା ସେ ଆଉ ଚୋରି କରିବ ନାହିଁ। ଆଉ ତୁ ବି ତାକୁ ମାରିବୁ ନାହିଁ', କହି ପୀତାମ୍ବରବାବୁ ପହଲିକୁ ପୂଜାରୀ ପାଖକୁ ଗପ ଶୁଣିବାକୁ ପଠେଇ ଦେଲେ।

ମାୟା ମୁହଁ ଫୁଲେଇ ବସି ବହିକି ଚାହିଁଥାଏ। ନୀରବତା ଭାଙ୍ଗି ପୀତାମ୍ବରବାବୁ ପଚାରିଲେ, ''ତୋ ଟେଷ୍ଟ ପରୀକ୍ଷା କେବେ?''

-ଏଇ ସୋମବାର ଦିଆ ଆରମ୍ଭ ହେବ। ଗୋଳମାଳ କର ନାହିଁ।

-ପ୍ରିଟେଷ୍ଟ ପରୀକ୍ଷାରେ କେମିତି ନମ୍ବର ରହିଲା?

-ଫଳ ବାହାରି ନାହିଁ। ଘଡ଼ି ନ ଥିଲା। ଖରାପ ତ ହେଇଥିବ, ଏଡ଼େ ଲମ୍ବା ଲମ୍ବା ପ୍ରଶ୍ନ ସବୁ ପଡିଥିଲା। ମାୟା ପୁଣି ପଢ଼ାରେ ମନ ଦେଲା।

-ଆଜିଯାଏ ଫଳ ବାହାରି ନାହିଁ? କେବେ ଏ କଥା ହେଲାଣି?

-ଆଉ କଣ ମୁଁ ମିଛ କହୁଛି? ଦି ଜଣ ମାଷ୍ଟରଙ୍କ ଦେହ ଖରାପ-ଛୁଟି ନେଇଛନ୍ତି। ସେମାନେ ଆସିଲେ ଫଳ ବାହାରିବ।

-ସେମାନେ ନିଶ୍ଚେ ଏ ବର୍ଷ ଆସିବେ ନାହିଁ? ପୀତାମ୍ବରବାବୁ ଗମ୍ଭୀର ମୁହଁରେ ପ୍ରଶ୍ନ କଲେ।

-ସେ କଥା ମୁଁ କେମିତି କହିବି? ତେବେ ଆସିଯିବେ ବୋଲି ଆଶା କରାଯାଏ।

ମାସେ ହେଲା ପୀତାମ୍ବରବାବୁ ଲକ୍ଷ୍ୟ କରୁଛନ୍ତି ମାୟା ଖୁବ୍ ମନଦେଇ ପାଠ ପଢୁଚି। ସକାଳେ କେହି ଉଠିବା ଆଗରୁ ମାୟା ପୀତାମ୍ବରବାବୁଙ୍କ ଶୋଇବା ଘର ସାମନା ବାରଣ୍ଡାରେ ବସି ପଢୁଥାଏ। ତା'ରି ପାଟିରେ ଏଇ କେଇଦିନ ହେଲା ପୀତାମ୍ବରବାବୁଙ୍କ ନିଦ ବଡ଼ି ପାହାନ୍ତାରୁ ଭାଙ୍ଗି ଯାଉଚି। ସେଇ କଥା ମନେ ପକେଇ କହିଲେ, ''ଆଜିକାଲି ତୁ ଯେମିତି ପଢୁଚୁ ସେମିତି ପଢ଼ିଲେ ନିଶ୍ଚେ ପରୀକ୍ଷାରେ ଭଲ କରିବୁ।''

''ମୁଁ ସବୁଦିନେ ସେମିତି ପଢ଼େ'', ମାୟା କହିଲା।

ଟିକିଏ ବେଳ ଠିଆ ହୋଇ ମାୟାକୁ ପଢ଼ିବା ପାଇଁ କହି ପୀତାମ୍ବରବାବୁ ତଳକୁ ଓହ୍ଲାଇ ଆସି ଦେଖିଲେ ମହୀବୋଉ ଚା' ଟେବୁଲ ପାଖରେ ଜଗି ବସିଛନ୍ତି। ଢ଼ୋକେ ଚା' ପିଇଛନ୍ତି କି ନାହିଁ, ମହୀବୋଉ ଆରମ୍ଭ କଲେ,-ମୋହନକୁ କହିଲ?''

''କଣ?'' ପୀତାମ୍ବର ବାବୁ ଆଖି ଟେକି ଚାହିଁଲେ।

''କଣ !ଇଆରି ଭିତରେ ଭୁଲି ଯାଇଲଣି ? ହଁ, ତମର ଆଉ କାହିଁକି ମନେ ରହିବ ? ଖାଇବା ଗଣ୍ଡାକ ଠିକ୍ ବେଳରେ ମିଳି ଯାଉଥିଲେ ତମର ହେଲା। ତେଣିକି ପୁଅ ବାହା ହେଲେ କେତେ ନ ହେଲେ କେତେ ?''

-ଓ, ମୋହନର ବାହାଘର କଥା କହୁଚ ? ସେ ପରା କହିଲା, ବର୍ତ୍ତମାନ ବାହାଘର ହୋଇପାରିବ ନାହିଁ। ବଡ଼ ପରୀକ୍ଷାଟା ଦେଲାପରେ ଯାଇଁ ସେ କଥା ବୁଝାଯିବ।

-ଆଃ, ସେ ଯାଇଁ କେବେ ସେ କଥା କହିଥିଲା ନା, ଏବେ ତାକୁ ପଚାରିଛ ?

-ଆଉ କାହିଁକି ପଚାରିବି ? ପରୀକ୍ଷାଟା ଦେଇ ନାହିଁ। ପୀତାମ୍ବରବାବୁ ଚା ପିଇବାରେ ମନ ଦେଲେ।

ବିରକ୍ତ ହୋଇ ମହୀବୋଉ କହିଲେ-''ପରୀକ୍ଷାଟା ଯଦି ବୁଢ଼ା ହେଲା ବେଳକୁ ଦିଏ, ତେବେ ସେତିକିବେଳକୁ ସେ ବାହା ହେବ ? ଲୋକେ କଣ ବାହାହୋଇ ପରୀକ୍ଷା ଦଉ ନାହାନ୍ତି ?''

-ଲୋକେ ତ ସବୁକଥା କରୁଚନ୍ତି। ଆମର ସେଥିରେ କ'ଣ ଯାଏ ଆସେ ? ସେ ନିଜେ ଯେତେବେଳେ କହୁଚି ବାହା ହେବା ଆଗରୁ ପଢ଼ା ସାରିବ, ଆମର ସେଇଟା ଦେଖିବା କଥା।

-ତା ପଢ଼ାଟା ଆଖିରେ ଦିଶୁଚି-ଦେହଟା ଦିଶୁନାହିଁ। ଆଜି ମୁଁ ମରିଗଲେ, କାଲି ତାକୁ କିଏ ଦେଖିବାକୁ ଅଛି ? ମଣିଷକୁ ଟିକିଏ ଶାନ୍ତିରେ ମରିବାକୁ ବି କେହି ଦେବେ ନାହିଁ ଏ ଘରେ। ରାଗରେ ମହୀବୋଉ ଚୌକି ଖଣ୍ଡକ ପେଲିଦେଇ ଉଠିଯିବାକୁ ବସିଲେ।

-ଆହାଃ ! ଶୁଣ, ଶୁଣ, ହଉ ତମ ମନରେ ଯଦି ଏତେ ଅଶାନ୍ତି, ତେବେ ତାକୁ ମୁଁ କହିଦେବି। ପରୀକ୍ଷାଟା ପରେ ଦଉ ପଛକେ ସେ ବାହାଟା ହେଇପଡୁ।

ମୁହଁ ବୁଲେଇ ମହୀବୋଉ ଜବାବ ଦେଲେ-''ସେ ବାହା ହେଲେ କଣ ମତେ ନେଇ ସ୍ୱର୍ଗରେ ବସେଇ ଦବ କି ? ତା'ରି ନିଜପାଇଁ ଭାବିବା କଥା। ବୋହୂଟିଏ ଆସିଲେ ତା ଦେହ ମୁଣ୍ଡକୁ ଦେଖନ୍ତା। ଘର ସମ୍ଭାଳନ୍ତା। ମୋର ତ ଆଉ ବଳ ବୟସ ଆସୁ ନାହିଁ ? ମୁଁ ମଲେ ଏ ଛୋଟ ଛୁଆକୁ ଦେଖିବାକୁ କିଏ ଅଛି ?''

ଟିକିଏ ଅନ୍ୟମନସ୍କ ଭାବରେ ପୀତାମ୍ବରବାବୁ ଖାଲି ଗୋଟିଏ ''ହଁ'' ମାରିଲେ।

ମହୀବୋଉ ଚୌକି ସିଧା କରି ସାମନାସାମନି ବସି କହିଲେ -''ତମେ ଆଉ ହେଳା କର ନାହିଁ। ଭଲ ପାତ୍ରୀ କୋଉଠି ଅଛନ୍ତି ଖୋଜଖବର ନିଅ।''

-ନା, ନା, ତା' ମୁଁ କରିପାରିବି ନାହିଁ। ସେ ଯଦି କୋଉଠି ବାହା ହବାକୁ ଠିକ୍ କରିଥାଏ ? ମାନେ, ଏଇ ଡାକ୍ତରିଆଣୀ କି-

-ଡାକ୍ତରିଆଣୀ !

-ହଁ, ଚମକି ପଡୁଛ ଯେ ?

-ଚମକିବି କାହିଁକି ? ଡାକ୍ତରିଆଣୀ ବାହା ହେଲେ ଯଦି ସେ ସୁଖରେ ରହିବ ତେବେ ହଉ-ମୁଁ ମନା କରିବି କାହିଁକି ?

ଏତିକିବେଳେ ମୋହନ ବୁଲିସାରି ଫେରିଲା। ହାତରେ ଦୁଇଟା କାଗଜ ପୁଡ଼ିଆ। ପହଲି ଧାଇଁଗଲା ପାଖକୁ-''ଭାଇ, ବଲ୍ ଆଣିଚ ?''

କାମିଜ ପକେଟରୁ ବଲଟି କାଢ଼ି ପହଲି ହାତରେ ଦେଲାବେଳେ ପହଲି ପୁଡ଼ିଆ ଆଡ଼କୁ ହାତ ବଢ଼େଇଲା।

-ନା, ନା, ସେ ତୋର ନୁହେଁ।

-ଆଉ କଣ ପଡୁଭାଇ ହେରିକାଙ୍କର ? ଜବାବକୁ ଅପେକ୍ଷା ନକରି ପହଲି ଧାଇଁଗଲା ପ୍ରତାପକୁ ଖବର ଦବାକୁ। ''ଭାଇ ମୋ ପେଇଁ ଏ ବଲଟା ଆଣିଚନ୍ତି। ଆଉ ଆମ ସମସ୍ତଙ୍କ ପାଇଁ ଏ-ତେ ଚକ୍‌ଲେଟ୍ ବିସ୍କୁଟ ଆଣିଚନ୍ତି। ଜଲଦି ଆସ-ଖାଇବାକୁ ଡାକୁଚନ୍ତି।''

''ମୋହନ, ଟିକିଏ ଶୁଣିଗଲୁ ?'' ପୀତାମ୍ବରବାବୁ ଟୀ' ଟେବୁଲ ପାଖରୁ ଡାକିଲେ। ଗୋଟିଏ ପୁଡ଼ିଆ ତଳେ ରଖିଦେଇ ଓ ଗୋଟିଏ ହାତରେ ଧରି ମୋହନ ଠିଆ ହେଲା-ମତେ କହୁଛନ୍ତି ?

ମହୀବୋଉଙ୍କୁ ହାତ ଦେଖାଇ ପୀତାମ୍ବରବାବୁ କହିଲେ, ତୋ ବୋଉ କାନ୍ଦୁଚି, ତା'ର ବୟସ ହୋଇଗଲାଣି। ସେ ଆଉ କାମକୁ ପାରୁନାହିଁ...ମୁଁ ଭାବୁଚି ତୁ ବାହା ହୋଇଗଲେ ଭଲ ହୁଅନ୍ତା...ମୋର ବି ବୟସ ହେଲାଣି...ଆଉ କାହିଁକି ହେଳା କରିବା ?''

ପିଲାମାନେ ପହଞ୍ଚିଗଲେ। ପୁଡ଼ିଆଟା ମୋହନ ହାତରୁ ଟାଣି ନେଇ ମାୟା ଖୋଲି ବସିଲା। ପୁଡ଼ିଆ ଖୋଲା ସରିଲା। ପୀତାମ୍ବର ବାବୁ କଥା ବନ୍ଦ ରଖି ପୁଡ଼ିଆରୁ କଣ ବାହାରିବ ଦେଖୁଛନ୍ତି। ମହୀବୋଉଙ୍କ ଆଖି ବି ପୁଡ଼ିଆ ଉପରେ। ପିଲାଙ୍କ ଭିତରେ ବାଜି ପଡ଼ିସାରିଲାଣି ସେଥିରେ କଣ ଅଛି-ଚକୋଲେଟ୍ କି ବିସ୍କୁଟ୍ ?

କାହିଁ ବିସ୍କୁଟ୍ ? କାଗଜ ବାକ୍‌ସରୁ ବାହାରିଲା ଗୋଟିଏ ଷ୍ଟୋଭ ଆଉ ଦୁଇଟା ସାନ ବଡ଼ ଡେକ୍‌ଚି।

-''ୟାକୁ କାହିଁକି ଆଣିଚୁ ?'' ପୀତାମ୍ବରବାବୁଙ୍କ ଆଖିରେ ପ୍ରଶ୍ନ।

''ମୁଁ ହାତରେ ରାନ୍ଧି ଖାଇବି।'' ଶାନ୍ତ ଭାବରେ ମୋହନ ଜବାବ ଦେଲା।

-ସେ ପୁଡ଼ିଆରେ କ'ଣ ଅଛି ?

-ସ୍ପିରିଟ୍।

ପିତାମ୍ବରବାବୁ ମହୀବୋଉଙ୍କ ମୁହଁକୁ ଚାହିଁଲେ। ଷ୍ଟୋଭ୍‌ର ତାତିଲା ''ଚକତି'' ପରି ସ୍ତ୍ରୀଙ୍କ ମୁହଁ ରାଗରେ ଟହ ଟହ ଦିଶୁଚି।

-ଅଲାଜୁକ କେତେ ଥର ହାତରେ ରାନ୍ଧି ଖାଇଥିଲୁରେ ? ମହୀବୋଉ ମୋହନ ମୁହଁକୁ ଚାହିଁଲେ।

-ଆଜିଠୁଁ ଖାଇଲେ ତ ଗଲା। ମୋହନ ମୁହଁରେ ହସ।

-ତୁ ଏସବୁ ପାରିବୁ ନାଇଁରେ ମୋହନ, ପୀତାମ୍ବରବାବୁ କହିଲେ।

-କାହିଁକି ପାରବି ନାହିଁ? ଖାଡ଼ିମରା ଭାତରେ ଚାଉଳ ଉପରେ ଚାରି ଆଙ୍ଗୁଳି ପାଣି ଦେଲେ ଠିକ୍ ହେଇଯିବ। ମୂର୍ଖମାନେ ରାନ୍ଧି ପାରୁଛନ୍ତି ଆଉ ଆମେ ପାରିବୁ ନାହିଁ? ମୋହନ ସ୍ୱରରେ ଦୃଢ଼ତା।

-ସେଇଥିପାଇଁ ତ କହୁଚି ମୂର୍ଖମାନେ ଯାହା ପାରିବେ ତମେ ତାହା ପାରିବ ନାହିଁ-ପଢ଼ା ତମମାନଙ୍କୁ ନିକମା କରିଦେଇଚି।

-ହ, ଆମକୁ କଣ ସିଝେଇ ଆସିବ ନାହିଁ? ମୁଁ ସେହି ସିଝା ଖାଇବି।

-ଆହା ମରି ଯାଉଥାଏଁଟି! ଗୋଟାଏ ରକମର ରନ୍ଧା ଦି'ଦିନ ଖାଇଲେ ଯାହାର ପାଟି ଅରୁଚି ହୋଇଯାଏ, ସେ ପୁଣି ଆଣିଚି ଷ୍ଟୋଭ-ସିଝା ଖାଇବାକୁ! ବେହିଆ। ରାଗରେ ଗର ଗର ହେଇ ମହୀବୋଉ ଅନ୍ୟ ଆଡ଼କୁ ଚାହିଁଲେ।

-ଆହା, ସେ ତ ଖାଇବ। ତମକୁ କାହିଁକି ଅରୁଚି ଲାଗୁଛି? ପୀତାମ୍ବରବାବୁ ସ୍ତ୍ରୀଙ୍କୁ କହିଲେ।

-ଖାଉ ଖାଉ! ବିଧାଏ ଖାଇଲେ ବୁଦ୍ଧିଏ ଆସେ। ନିଜେ ନ ରାନ୍ଧିଲେ ଏମାନେ ଚେଙ୍କିବେ ନାହିଁ, ଯା ଏହିକ୍ଷଣି ରାନ୍ଧିବୁ ଯା। ଖଡେଇ ହେଲାପରି ମହୀବୋଉ କହିଲେ।

ମୋହନ ମହୀବୋଉଙ୍କ ମୁହଁକୁ ଚାହିଁ ହସିଲା। ଏହିକ୍ଷଣି କେତେବେଳେ ରାନ୍ଧିବି? ଦାଣ୍ଡରେ ପରା ରୋଗୀ ଅଛନ୍ତି। ତେଲ୍‌ଟି ଦୁଇଟା ହାତରେ ଧରି ମୋହନ ଚାକର ଟୋକାକୁ ଡାକି କହିଲା, ୟାକୁ ଭଲ କରି ମାଜି ମୋରି ବଖରାରେ ରଖିଦେଇଥିବୁ। ତା ପରେ ଷ୍ଟୋଭ୍ ଓ ବୋତଲ ହାତରେ ଧରି ନିଜ ବଖରାକୁ ଚାଲିଗଲା।

''ଟ୍ରିଂ...ଟ୍ରିଂ'' ଟେବୁଲ ଘଣ୍ଟାର କାନଫଟା ଚିତ୍କାରରେ ଘର ବଉଁଶ ଗୋଟାକର ନିଦ ଭାଙ୍ଗିଗଲା।

-କିଏମ? ଘଡିଟା ବନ୍ଦ କରି ଦଉନାଇଁ? ନିଜ ନିଜର ବିଛଣା ଭିତରେ ଥାଇ ସମସ୍ତେ ଦାନ୍ତ କଡମଡ କଲେ।

-ମଣିଷକୁ ଟିକିଏ ଶୁଆଇ ଦେବେ ନାହିଁ ଏ ଘରେ।

ମହୀବୋଉ ଉଠି ଦେଖିଲେ। ମୋହନ ବଖରାରେ ଘଣ୍ଟି ବାଜୁଛି। ମୁଣ୍ଡରୁ ଗୋଡ଼ଯାକେ ରେଜେଇ ଭିତରେ ଢାକି ହେଇ ନିଘୋଡ଼ ନିଦରେ ମୋହନ ଘୁଙ୍ଗୁଡ଼ି ମାରୁଛି। ଘଣ୍ଟି ବାଜି ବାଜି ଆପେ ଆପେ ବନ୍ଦ ହେଇଗଲା।

-''ମହୀ, ଏ ମହୀ!'ମହୀବୋଉ ମୁହଁ ଉପରୁ ରେଜେଇ ଖୋଲିଦେଇ କହିଲେ-ଏଇଟାକୁ ମିଛରେ ଡାକ୍ତରୀ ପଢେଇ ଥିଲି।

-ଉଁ ?

-ଆରେ ଉଠ୍‌।

-ହଁ ଉଠିଲିଣି, ଆଲୁଅଟା ଜାଳିଦେ।

ଆଲୁଅ ଜାଳିଦେଇ ମହୀବୋଉ ଫେରିଗଲେ। ଗାଧୁଆ ପାଧୁଆ ସାରି ଯେତେବେଳେ ମହୀବୋଉ ପୁଣି ଘର ଭିତରେ ପଶିଲେ ମୋହନର ଘୁଙ୍ଗୁଡ଼ି ତାଙ୍କ କାନକୁ ଗଲା। ବିରକ୍ତ ହୋଇ କହିଲେ "ଶୋଇଥାଉ, ମୁଁ ଉଠେଇ ପାରିବି ନାହିଁ।"

ସକାଳ ହେଲା। ସମସ୍ତେ ଉଠିଲେ ଏକା ମୋହନକୁ ଛାଡ଼ି। ପିଲାଙ୍କ ଡିଆଁ କୁଦାରେ ଘରଟା ଦୁଲୁକି ଉଠିଲା। ମୋହନର ନିଦ ଭାଙ୍ଗିଗଲା। ହଠାତ୍ ବିଛଣା ଛାଡ଼ିବାକୁ ମନ ହେଲା ନାହିଁ। ଶୋଇ ଶୋଇ ଟିକିଏ ଆରାମ ଟାଣିଲେ କ୍ଷତି କ'ଣ ? ଗଲା ରାତିର ଘଟଣା ମନକୁ ଆସିବା ମାତ୍ରେ ଏକା କୁଦାକେ ମୋହନ ଆସି ବାହାରେ ଠିଆହେଲା। "ମଣିଷକୁ ଆଉ ଏ ଘରେ ରଖେଇ ଦେବେ ନାହିଁ! ହାତରେ ରାନ୍ଧିବି, ବାସନ ମାଜିବି, ଡାକ୍ତରଖାନା ଯିବି-ସବୁ ଏଇ ଦି'ଟା ହାତ, ଦି'ଟା ଗୋଡ଼ରେ କରିବି। ଖାଲି ଟିକିଏ ସକାଳୁ ଜଲଦି ଉଠେଇ ଦିଅ-ନାଃ, ତା ଆଉ ହେବ ନାହିଁ ଏ ଘରେ କାହାରି ଉଠେଇ ଦିଅ-ନାଃ, ତା ଆଉ ହେବ ନାହିଁ ଏ ଘରେ କାହାରି ଦ୍ୱାରା।" ଚାଲିରେ ମେଜିଆ ଦୁଲୁକିଲା, ପାଟିରେ ଛାତ କମ୍ପିଲା, ବାଟ ଛାଡ଼ି ପିଲାମାନେ ଘର କଣରେ ଖେଳିଲେ କାଳେ ଭାଇ ଦେଖି ନ ପାରି ମାଡ଼ି ପକେଇବେ। କାମ ଫାଙ୍କରୁ ମହୀବୋଉ ମଝିରେ ମଝିରେ ମୁଣ୍ଡଟେକି ଚାହିଁଲେ। ସମସ୍ତଙ୍କର ଅଲକ୍ଷ୍ୟରେ ପୀତାମ୍ବରବାବୁ ପାରିଲା ପୁଅର କାଣ୍ଡ ଦେଖି ମୁରୁକି ମୁରୁକି ହସିଲେ।

ବଡ଼ ବଡ଼ ଖୋଜ ପକେଇ କୌଣସି ପ୍ରକାରେ ନିଜର କାମତକ ସାରିଦେଇ ମୋହନ ନିଜ ବଖରାରେ ଷ୍ଟୋଭ ସଜାଡ଼ି ବାକୁ ବସି ଡାକ ଛାଡ଼ିଲା, "ପଦ୍ମ, ଦି ନୋଟା ପାଣି ଆଣ...ରଞ୍ଜନ, ତୁ ଜଲଦି ପୁଝାରୀଠୁଁ କିରାସିନି ବୋତଲଟା ଆଣ। ଆଉ ପହଲି, ତୁ ବାପାଙ୍କ ପାଖକୁ ଯା ଡିଆସିଲିଟା ମାଗି ଆଣିବୁ। ସବୁ ଆସିଲା। ଷ୍ଟୋଭ୍ ଜଳାଇ ବଡ଼ ଡେକଚିରେ ପାଣି ବସାଇ ମୋହନ ଗଲା ମହୀବୋଉଙ୍କ ପାଖକୁ-ହାତରେ ଛୋଟିଆ ଡେକ୍‌ଚି।

-ବୋଉ, ଏ ବୋଉ, ଜଲିଦି ଚାଉଳ ଦେ।

-"ପୁଝାରୀଠୁଁ ମାଗିନେ," ବେପରୁଆ ଭାବରେ ମହୀବୋଉ କହିଲେ।

-ପୁଝାରୀ ଦେଇ ଜାଣିବ ନାହିଁ। ତୁ ଆଜିକ ଦେଇଯା, କାଲିଠୁଁ ମୁଁ ନିଜେ ନେଇଯିବି। ଟିକିଏ କଅଁଳେଇ ମୋହନ କହିଲା।

ମହୀବୋଉ ଆସିଲେ। ଅରୁଆ ଚାଉଳ ଦେଇସାରି ଡାଲିପାଇଁ ଜାଗା ଆଣିବାକୁ କହିଲେ।

-ସେଇଥିରେ ଦେଇଦେ। ଡାଲି ନେଇସାରି ମୋହନ ନିଜ ହାତରେ ବାଛି ବାଛି

ପରିବା ନେଇ ଚାଲିଗଲା ।

ସବୁ ଧୋଇଧାଇ ଏକାଠି ଡେକ୍‌ଚିରେ ପକାଇ ଢାଙ୍କି କିଛି ବେଳ ତାକୁ ଚାହିଁ ରହିଲା। ତେଣେ ଅଫିସ ବେଳ ଡେରି ହୋଇ ଯାଉଛି। ଆଉ ଜଗି ବସିଲେ ଚଳିବ ନାହିଁ। ତରବର କରି ପୋଷାକ ପିନ୍ଧି ଘରର କବାଟରେ ତାଲା ଦେଇ ମୋହନ ଚାଲିଗଲା ।

ଅଫିସରୁ ଫେରି ମୋହନ କବାଟ ଖୋଲିଲା। ମହୁମାଛି ପରି ସାନପିଲା ତିନୋଟି ନିଭିଲା ଷୋଭ୍ ଚାରିପଟେ ଘେରିଗଲେ। ସମସ୍ତଙ୍କ ଆଖି ଆଶାରେ ଚକ୍‌ଚକ୍ କରୁଛି। ଆଃ, କେଡ଼େ ବଢ଼ିଆ ଲାଗିବ। ସେହି ଅଧୁଆ ହାତରେ ମୋହନ ଢାଙ୍କୁଣୀ ଟେକି ଦେଖିନେଲା ।

ପୋଷାକ ବଦଳାଇ ପିଲାମାନଙ୍କୁ ସେ ସାଙ୍ଗରେ ତଳକୁ ଡାକିନେଲା। ତାପରେ ଯେତେବେଳେ ସମସ୍ତେ ଆସି ପୁଣି ସେହି ବଖରାରେ ପଶିଲେ ଦେଖାଗଲା କାହା ହାତରେ ଥାଳି ଗିନା ତ କାହା ହାତରେ ଦହି, ଚିନି। କିଏ ଘିଅ ଲୁଣ ଧରିଚି ତ କିଏ ପାଚିଲା କଦଳୀକୁ ଚାହିଁ ଓଠ ଚାଟୁଛି।

ଚାମଚରେ ଘାଣ୍ଟି ଘାଣ୍ଟି ମୋହନ ଗୋଟା ଗୋଟା ବାଇଗଣ, ପୋଟଳ, ଆଳୁ, ଦିମୁଣ୍ଡା ଫୁଲକୋବି, ତିନି ଚାରିଟା ବନ୍ଧାକୋବି ପତ୍ର ବାହାର କରି ଥାଳିରେ ରଖିଲା। ସମସ୍ତଙ୍କୁ ଅଲଗା ଅଲଗା ଜାଗାରେ ବାଢ଼ିଦେଇ ମୋହନ କହିଲା-''ଏଥର ଆରମ୍ଭ କର।''

ମୋହନ ହୋଇଥାଏ ପରଷୁଣିଆ। ନା, ନା, ଏଇଟା ହେଲା ସାହେବୀ ଖାନା-ଘରର କର୍ତ୍ତ୍ରୀ ପରଷିବା ଆଉ ଖାଇବା କାମ ଏକାଠି କରୁଛନ୍ତି। ମୋହନ ହେଇଚି କର୍ତ୍ତ୍ରୀ।

''କେମିତି ଲାଗୁଚି ?'' ମୋହନ ଜଣ ଜଣ କରି ସମସ୍ତଙ୍କୁ ପଚାରିଲା।

''ବଢ଼ିଆ''-ଆଖି ନଚେଇ, ମୁଣ୍ଡ ହଲେଇ ସମସ୍ତେ ଏକ ମତ ଦେଲେ।

ପ୍ରଥମ ଗୁଣ୍ଡାଟା ଖାଇଦେଇ ସବୁଥିରୁ ଟିକିଏ ଚାଖି ମୋହନ ପିଲାଙ୍କ ମୁହଁକୁ ଚାହିଁଲା-ସେ ଭୁଲ ଶୁଣି ନାହିଁ ତ ? ବାଇଗଣ କଇଁଆ, ପାଟି ଗଲୁ କରୁଚି, ପୋଟଳ ପାଣିଚିଆ, ଫୁଲକୋବିରୁ କେମିତି ଗୋଟାଏ ଗନ୍ଧ ଛାଡୁଛି, ଆଉ ବନ୍ଧାକୋବି ତଣ୍ଟି ପାଖରୁ ଭାତକୁ ଫେରାଇ ଆଣୁଛି। ଏକମାତ୍ର ଆଶାଭରସା ସ୍ଥଳ ହେଉଛି କଦଳୀ ଓ ଦହି। ଭଗବାନ! ସେତକ ଯଦି ନ ଥାନ୍ତା ତେବେ ଆଜି ସେ କେମିତି ବୋଉ ଆଗରେ ମୁହଁ ଦେଖେଇଥାନ୍ତା ?

ବୁଲିଯିବା ବେଶରେ ମାଯା ଆସି ସେମାନଙ୍କ ଖିଆ ପାଖରେ ଅଣ୍ଟାରେ ହାତଦେଇ ଠିଆ ହେଲା। ଗମ୍ଭୀର ମୁହଁରେ ମୋହନ କହିଲା, ''ତୋ ପାଇଁ ଗୋଟାଏ ଜାଗା ଆଣ୍ ଖାଇବୁ।''

-ଇସ୍, ରନ୍ଧାର ଯୋଉ ରୂପ ହେଇଚି, ସେଥିରେ ପୁଣି ନିମନ୍ତ୍ରଣ କରାହେଉଛି! ସେ ଭୋଜିଖିଆ ମୋର ଦରକାର ନାହିଁ। ମୁଁ ତ ଖାଇଦେଇ ବାହି କରିବି।

କିନ୍ତୁ ଖାଇବାକୁ ଦେଇ ତା ବଦଳରେ ତମେ ମୋଠୁ ଦଶ ଦିନ କାମ ଆଦାୟ କରି ନେଇ ଚାଲିଯିବ। ବାବା, ଜୁହାର ତମର ଏ ନିମନ୍ତ୍ରଣକୁ। ରନ୍ଧାର ରୂପ ଦେଖିସାରି ମାୟା ଦାଣ୍ଡକୁ ଚାଲିଗଲା।

ମହୀବୋଉଙ୍କ ମନ କାମରେ ଲାଗୁନାହିଁ। ମନ ଯାଇ ଉଙ୍କି ମାରୁଛି ମୋହନ ବଖରାର ଚାରିପଟେ କୋଉଠି ଟିକିଏ ଫାଙ୍କ ମିଳିଲେ ଦେଖି ନିଅନ୍ତେ ମୋହନ କେମିତି ଖାଉଚି। ତାରି ଖିଆ ଉପରେ ନିର୍ଭର କରୁଚି ତାଙ୍କର ଭାଗ୍ୟ ଓ ଭବିଷ୍ୟତ। ସେଥିପାଇଁ ଦହି ଓ କଦଳୀ ନ ଦେବାକୁ ସେ କେତେ ଫିକର କାଢ଼ିଥିଲେ। -କଦଳୀ ନଉଚୁ କାହିଁକି? ଓ! ଭାତ ଉଠିବ ନାହିଁ ବୋଲି? ଦହି ଥାଉ। ମାୟା ଖାଇବାକୁ ରଖିଚି। ସେ ଆଉ କିଛି ଖାଇବ ନାହିଁ-ଖାଲି ଦହି ଖାଇବ କହିଚି। ତାର ପେଟ ଆଜି ଭଲ ନାହିଁ।

ମହୀବୋଉ ଖାଲି ଏପଟ ସେପଟ ହେଉଛନ୍ତି ଆଉ ଭାବି ଚାଲିଛନ୍ତି ସେମାନଙ୍କ ଖିଆ ପାଖକୁ ଯିବେ? ଯଦି ଭଲ ଲାଗୁଥିବ ...? ଭୋକିଲା ପାଟିକି ତ ସବୁ ସୁଆଦ ଲାଗେ-ସେତେବେଳେ ତାଙ୍କ ମୁହଁ ରହିବ କୋଉଠି? ପୁଣି ନିଜ ମନକୁ ସାନ୍ତ୍ୱନା ଦିଅନ୍ତି, ହଅ, ଦି'ଦିନ ଏଇ ରନ୍ଧା ଖାଇଲେ ତିନି ଦିନକୁ ବାପାଲେ ମାହାଲୋ ଡାକିବ-ଯିବ କୁଆଡ଼େ? ତଥାପି କେମିତି ଖାଉଛନ୍ତି ଦେଖିବାକୁ ମହୀବୋଉ ମୋହନ ବଖରା ଆଡ଼େ ଚାଲିଲେ।

ସିଝା ପରିବା ଦେଖି ସେ ସଙ୍ଗେ ସଙ୍ଗେ ବୁଝିନେଲେ ରନ୍ଧା କେମିତି ଲାଗୁଥିବ। ହସି ହସି କହିଲେ-''କିହୋ ବାବୁ, ପେଟକୁ ଯାଉଚି?''

-କାହିଁକି ଯିବ ନାହିଁ? ତମ ଲୁଣିଆ ପୋଡ଼ାଠୁ ଯଥେଷ୍ଟ ଭଲ ହେଇଚି!

-ଏଇକ୍ଷିଣା ତୋ ପାଟିଟା କୋଉଠି ଅଛି? କହିଲା ଯଥେଷ୍ଟ ଭଲ ହେଇଚି!

-ମୁଁ ଏବେ ମିଛ କହିଲି, ତୁ ପିଲାଙ୍କୁ ପଚାରି ବୁଝୁନୁ? ମୋହନ ପିଲାଙ୍କ ମୁହଁକୁ ଚାହିଁଲା।

ପିଲାମାନଙ୍କ ମୁହଁକୁ ଥରେ ଚାହିଁ ଦେଇ ମହୀବୋଉ ବୁଝିନେଲେ ସେମାନଙ୍କ ମନର କଥା। କହିଲେ-''ପିଲାଙ୍କୁ କ'ଣ ପଚାରିବି? ତାଙ୍କର କ'ଣ ପାଟି ଅଛି? ରନ୍ଧା ଯାହାହେଉ, ମୋଃଆଏ ଚିନି ଦେଇଦେଲେ ତାଙ୍କର ହେଲା...କିରେ ପିଲାଏ, ଖେଚେଡ଼ି ଭାରି ମିଠା ହେଇଚି, ନା?''

ସମସ୍ତେ ଏକା ସାଙ୍ଗରେ ମୁଣ୍ଡ ହଲାଇ ସମ୍ମତି ଜଣାଇଲେ।

-ମିଠା ହେବ ନାହିଁ ଆଉ କ'ଣ ପିତା ହେବ? ମୋହନ ମହୀବୋଉଙ୍କୁ ଚାହିଁଲା।

-ନାଇଁ, ନାଇଁ, ଚିଡୁଛୁ କାହିଁକି? ତୁ ଖାଆ। ଏମିତି ଖାଇଲେ ତ ଭଲ। ଏଥିରେ ତମର ସେଇ, କଣଟି, ଭିଟାମିନି, କାଲିସିମ୍ ସବୁ ରହିଲା-ଆମେ ରାନ୍ଧିଲେ ସିନା ସେଗୁଡ଼ାକ ଭିଡ଼ିଯାଏ।

ଖିଆ ବନ୍ଦ ରଖି ମୋହନ ଚିଡ଼ି ଉଠି କହିଲା-''ତୁ କ'ଣ ମଣିଷକୁ ଖୁଆଇ

ଦବୁ ନାହିଁ?''

ମୁରୁକି ହସି ମହୀବୋଉ କହିଲେ-''ରନ୍ଧା ଯାହା ହେଉଚି, ମୁଁ ଜାଣିପାରୁଚି, ତୁ ଖାଇପାରୁ ନ ଥିବୁ। ସେଇ କଥାଟା ଖୋଲା ଖୋଲି ନ କହି ମୋ ଉପରେ ମିଛ ଦୋଷ ଲଦି କାହିଁକି ଛାଡ଼ି ଦେଉଛୁ? ହଉ ମୁଁ ଯାଉଚି, ତୁ ଏଥର ଖାଅ।'' ଗଡ଼ ଜିତିଲା ପରି ହସି ହସି ମହୀବୋଉ ଚାଲିଗଲେ।

ସେଇ ଦିନ ସନ୍ଧ୍ୟାରେ ମୋହନ ପିଲା ତିନୋଟିଙ୍କୁ ନେଇ ନିଜ ବଖରାରେ ଗୋଟିଏ ସଭା ଡକାଇଲା। ମାୟାକୁ ସଭାପତି ହେବାର ଲୋଭ ଦେଖେଇଲେ ସୁଦ୍ଧା ସେ ସଭାରେ ଯୋଗ ଦେବାକୁ ରାଜି ହେଲା ନାହିଁ। ତେଣୁ ମାୟାର ଆଶା ଛାଡ଼ି ଦେଇ ମୋହନ ଅନ୍ୟମାନଙ୍କୁ ନେଇ ସଭା କାମ ଚଳାଇଲା।

-ଆଚ୍ଛା ପିଲାଏ, ତମକୁ ସବୁଠୁଁ ବେଶୀ ଭଲପାଏ କିଏ? ''ତମେ''। ଟିକିଏ ହେଲେ ନ ଭାବି ସମସ୍ତେ ଏକା ସାଙ୍ଗରେ ପାଟିକରି ଉଠିଲେ।

-କେମିତି ଜାଣିଲ?

-''ଏଇ...ତମେ ଆମକୁ ଖେଚେଡ଼ି ଦିଅ''। ମୁରୁକି ମୁରୁକି ହସି ଆଗପଛ ହୋଇ ସମସ୍ତେ କହିଲେ।

-ଆଚ୍ଛା ମୁଁ ଗୋଟାଏ କଥା କହିବି ମୋ ପାଇଁ କରିଦେବ?

-ହଁ।

-ତେବେ ଶୁଣ, ଆଜି ସକାଳେ ରାନ୍ଧିଲାବେଳେ ତମେସବୁ ମୋ ପାଇଁ ଯାହା ଯାହା କରିଦେଲ, ସବୁଦିନେ ସେତକ କରି ଦେଲେ ମୁଁ ତମକୁ ଖେଚେଡ଼ୀ ଖାଇବାକୁ ଦେବି।

''ଖେଚେଡ଼ି ଆମେ ଖାଇବୁ ନାହିଁ।''

-ଆଚ୍ଛା ଚକଲେଟ୍, ଲେବନଚୁସ୍ ଦେଲେ ହେବ?

-ହଁ, ହଁ।

ନିଶ୍ୱାସ ମାରି ମୋହନ କହିଲା, ''ଆଉ ସବୁ ଦିନେ ସକାଳେ ମତେ ଯିଏ ସବା ଆଗରୁ ଉଠେଇ ଦେବ ତାକୁ ମୁଁ ଅଣାଏ କରି ପଇସା ଦେବି। ଦେଖ ଯଦି ମୁଁ ନ ଉଠେ ତେବେ ମତେ ମନେ ପକାଇଦେବ ରାନ୍ଧିବା କଥା। ମୁଁ ଉଠିପଡ଼ିବି।''

-ମୁଁ ଉଠେଇ ଦେବି, ମୁଁ ଉଠେଇ ଦେବି। ସମସ୍ତେ ଏକା ସାଙ୍ଗରେ ପାଟିକରି ଉଠିଲେ।

ସଭା ଭାଙ୍ଗିଗଲା। ମୋହନ ଗଲା ମାୟା ପଢ଼ା ଘରକୁ। ପଛରେ ପିଲା ତିନି ଜଣ।

''ମାୟା ମତେ ଟିକିଏ ସାହାଯ୍ୟ କରିବୁ ନାହିଁ?'' କଅଁଳେଇ ମୋହନ କହିଲା।

-''ମୋଠୁ କିଛି ସାହାଯ୍ୟ ଆଶା କରିବା ବୃଥା''। ମାୟାର ମୁହଁ ଗମ୍ଭୀର।

-ସାହାଯ୍ୟ ନୁହେଁ ମ, ଏଇ ସବୁଦିନେ ଷ୍ଟୋଭଟା ଲଗେଇ ଦେଇ ଟିକିଏ ଚାଉଳ ପରିବା ଧୋଇଧାଇ କାଟିକୁଟି ଖାଲି ଡେକ୍‌ଚିରେ ପକେଇଦେବା କଥା।

''ଅପା, ଭାଇ ଚକଲେଟ ଦେବେ କହୁଚନ୍ତି''। ରଞ୍ଜନ କହିଲା।

-ପରୀକ୍ଷାରେ କିଛି ନ ଆସିଲେ କଣ ଖାତାରେ ଲେଖି ଦେଇ ଆସିବି ଭାଇଙ୍କ ପାଇଁ ଖେଚେଡ଼ି ରାନ୍ଧୁଥିଲି, ତେଣୁ ମତେ ପାସ କରେଇ ଦିଅ ? ମୁଁ ଟିକିଏ ହେଲେ କିଛି ସାହାଯ୍ୟ କରିପାରିବି ନାହିଁ। ମାୟା ବହିକି ଚାହିଁଲା।

-ଓଃ, ଏଇ ତ ଖାଲି ପରୀକ୍ଷାରେ ଡାଡ଼ି ପକେଇବ! ଚିଡ଼ିଯାଇ ମୋହନ କହିଲା।

-ହଁ, ଡାଡ଼ିବି କି ନାହିଁ, ଦେଖିବ! ଯାଅ, ମୋ ଘରୁ ଆଗେ ଗଲ। ମାୟାର ଧମକରେ ସମସ୍ତେ ବାହାରି ଚାଲିଗଲେ।

ସେଇଦିନ ରାତି ଦୁଇଟାବେଳେ ପହଲି ଉଠିଲା ପରିସ୍ରା କରିବାକୁ। ପରିସ୍ରା କରିସାରି ଶୋଇବାକୁ ନ ଯାଇ ଟଳି ଟଳି ସିଧା ଚାଲିଲା ମୋହନ ବଖରା ଭିତରକୁ।

ମହୀବୋଉ କହିଲେ-କିରେ ସେଣେ କୁଆଡ଼େ ଯାଉଚୁ ?

-ଭାଇ ଉଠାଇ ଦବାକୁ କହିଥିଲେ ପରା ? ମହୀବୋଉ ଆଉ କିଛି କହିବା ଆଗରୁ ପହଲି ମୋହନ ବଖରା ଭିତରକୁ ପଶିଗଲା। ମୋହନକୁ ହଲେଇ ଦେଇ କହିଲା-''ଭାଇ...ଭାଇ, ଖେଚେଡ଼ି ରାନ୍ଧିବ ପରା ? ଉଠ। ଭାଇ . ?

-ଉଁ

-ଉଠ। ...ମୁଁ ଆଗେ ଉଠେଇଲି। ମୋତେ ଅଣାଏ ଦେବ।

-ହୁଁ।

ପହଲି ଫେରିଗଲା।

ପାହାନ୍ତିଆରେ ପ୍ରତାପ ଓ ରଞ୍ଜନ ଦୌଡ଼ାଦୌଡ଼ି ହୋଇ ଗଲେ। ମୋହନକୁ ଜୋରରେ ହଲେଇ ଦେଇ କହିଲେ, ''ଭାଇ, ଭାଇ, ଖେଚେଡି ରାନ୍ଧିବ ପରା - ଉଠ। ସକାଳ ହେଲାଣି।''

ହୁଁ।

ପ୍ରତାପ ଥରେ ଡାକିଲା ବେଳକୁ ରଞ୍ଜନ ନିଜର ସ୍ୱର ଶୁଣେଇବା ପାଇଁ ଥରେ ଡାକୁଥାଏ।

-ହଁ, ମୁଁ ଉଠିଲିଣି, ତମେ ଯାଅ।

କଳି କରିକରିକା ଦିହେଁ ଫେରିଆସିଲେ। ସେମାନଙ୍କ ପାଟିରେ ଉଠି ପହଲି ଖଟ ଉପରେ ବସିପଡି କହିଲା-ମୁଁ ଆଗ ଉଠେଇଚି।

-କେତେବେଳେ, କେତେବେଳେ ?

-ହଁ, ମୁଁ ରାତିରେ ଉଠିଥିଲି...ତମେ ସମସ୍ତେ ଶୋଇଥିଲ। ମୁଁ ଯାଇ ଉଠେଇ

ଦେଇ ଆସିଲି। ଯେମିତି ତାର ଉଠେଇବା ପାଉଣାଟା ତାଠୁ କେହି ଛଡ଼େଇ ନେଉଛି!

-ମିଛ କଥା।

-ବୋଉକୁ ପଚାର...ଏ ବୋଉ! ମୁଁ ଭାଇଙ୍କି ଉଠେଇ ନାହିଁ? ବ୍ୟସ୍ତ ହୋଇ ପହଲି ମହୀବୋଉକୁ ଚାହିଁଲା।

-ହଃ, ଆମକୁ କ''ଣ ସେମିତି ଉଠେଇ ଆସି ନଥାନ୍ତା କି? ଭାଇ କହିଥିଲେ ପାହାନ୍ତିଆରେ ଉଠେଇ ଦେବାକୁ ସିନା ?

ମୋହନ ଉଠିବା ମାତ୍ରେ ତିନିଜଣ ଯାକ ହାଜର ହେଲେ।

-ଭାଇ, ଆଗ ମୁଁ ଉଠେଇଛି-ସମସ୍ତେ ଏକା ସାଙ୍ଗରେ ପାଟି କରି ଉଠିଲେ। ତା ପରେ ତିନିଙ୍କ ଭିତରେ ଠେଲା ପେଲା, ଭେଁ ଭାଁ ରଡ଼ି। କଳି ଛିଡ଼ିଗଲା। ତିନିଜଣ ତିନିଅଣା ପଇସା ନେଲେ। ପଇସା ହାତରେ ଧରି ପହଲି ଆଡ଼କୁ ଚାହିଁ ପ୍ରତାପ କହିଲା-ରହ, ତତେ ମୁଁ ଆଜି ଦେଖୁଛି।

ସେଇଦିନ ରାତିରେ ଶୋଇବାକୁ ଯିବା ଆଗରୁ ରଞ୍ଜନ ଯାଇ ହାଜର ହେଲା ମୋହନର ବୈଠକଖାନାରେ। ଚାରିପଟେ ରୋଗୀ ବସିଛନ୍ତି-ସେମାନଙ୍କର ମଝିରେ ଆଖିରେ ହାତ ଦେଇ ବୋଧହୁଏ ମୋହନ ଭାବୁଛି, କି ଔଷଧ ଦେବ। ରଞ୍ଜନ ଆସି ପାଖରେ ଠିଆ ହେଲା।

-ଭାଇ, ଉଠ!

-ଏଁ ?

''ମୁଁ ଉଠେଇ ଦେଇଗଲି'' କହି ରଞ୍ଜନ ଧାଇଁ ଚାଲିଗଲା।

-ଯାଃ, ହେଲା ତ ଏଥର ? ପହଲିକୁ ଚାହିଁ ରଞ୍ଜନ କହିଲା।

-''ଏଇଟା ହବ ନାହିଁ। ଭାଇ ତ ମୋଟେରୁ ଶୋଇବାକୁ ଯାଇ ନାହାନ୍ତି।'' ପହଲି କହିଲା।

-ହଁ ହଁ ହବ। ଭାଇ ଶୋଇ ପଡ଼ିଥିଲେ।

ପହଲି ଚିନ୍ତାରେ ପଡ଼ିଗଲା। କଣ ଆଉ କରିବ? ରଞ୍ଜୁ ଭାଇ ତ ଏକା ପଇସା ନେଇ ଚାଲିଯିବ। ବସି ବସି ଉପାୟ ଚିନ୍ତା କଲା।

ତା ପରଠୁ ସଞ୍ଜ ହେବା ମାତ୍ରେ ତିନିଜଣ ଟାକି କରି ବସିଥାନ୍ତି। ମୋହନ ବୁଲିସାରି ଘରେ ଗୋଡ଼ ଦେବାକ୍ଷଣି ସମସ୍ତେ ପାଟିକରି ଉଠନ୍ତି-''ଭାଇ ଉଠ, ଖେଚେଡ଼ି ରାନ୍ଧିବ ପରା ? ଆଗ ମୁଁ କହିଛି।'' ରାତିରେ କାଳେ ନିଦ ଭାଙ୍ଗିବ ନାହିଁ ବୋଲି ଶୋଇବାକୁ ଯିବା ଆଗରୁ ଶୀତ ଦିନଟାରେ ପେଟେ ପେଟେ ପାଣି ପିଇ ଯିଏ ଯେତେବେଳେ ପରିସ୍ରା କରି ଉଠେ, ଥରେ ମୋହନ ଖଟ ପାଖରେ ଠିଆ ହୋଇ

ପାଟି କରେ-ଭାଇ, ଭାଇ, ଉଠ...ଖେଚେଡ଼ି ରାନ୍ଧିବ ପରା ? ଜାଣିଥାଅ, ମୁଁ ଉଠେଇଲି ।

ବେଶ, ସେତିକିରେ ସମସ୍ତଙ୍କର ଦାୟିତ୍ୱ ଶେଷ । ସକାଳେ କେହି ଉଠାନ୍ତି ନାହିଁ, କାରଣ ସେତେବେଳେ ଉଠାଇବା ଅର୍ଥ ସବୁଠୁ ପଛରେ ସେମାନେ ଡାକୁଛନ୍ତି ବୋଲି ଜଣାପଡ଼ିବ । ରାତିରେ ଅନେକଥର ନିଦ ଭାଙ୍ଗି ଦେଉଥିବାରୁ ମୋହନ ବି ସକାଳୁ ଉଠିପାରେ ନାହିଁ ।

କାମରେ ଗୋଳମାଳ ଓ ରାତିରେ ଏହି ଧରଣର ଉତ୍ପାତରେ ବ୍ୟତିବ୍ୟସ୍ତ ହୋଇ ଚାରି ପାଞ୍ଚଦିନ ପରେ ଦିନେ ମୋହନ ବିରକ୍ତ ହୋଇ କହିଲା, ''ତମମାନଙ୍କର ମତେ ଉଠେଇବା ଆଉ ଦରକାର ନାହିଁ । ତମେ ମୋ ନିଦ ପତଳା କରି ଦେଲଣି । ଏଣିକି ମୁଁ ଆପେ ଉଠିପାରିବି ।''

-''କିଏ ତମ ନିଦକୁ ପତଳା କରେଇଲା ଆଗ କହୁନା ।'' ପ୍ରତାପ ପଚାରିଲା ।

-''ତମେ ସମସ୍ତେ କରେଇଚ ବାବା । ଆଉ ମୋର ଦରକାର ନାହିଁ ।'' ମୋହନ ହାତ ଯୋଡ଼ିଲା ।

''ହଇହୋ ଶୁଣୁଛ ?'' କହି ମହୀବୋଉ ପୀତାମ୍ବରବାବୁଙ୍କ ଘରକୁ ପଶିଗଲେ ।

-''କଣ ?'' ପୀତାମ୍ବରବାବୁ ଚଷମା ଭିତରୁ ଚାହିଁଲେ ।

-ଏଇ ମୋହନ କଥା...ଦେଖୁନା ଦିନ କେଇଟାରେ କେମିତି ଝଡ଼ିଗଲାଣି ?

-କାହିଁକି ?

''କାହିଁକି ଆଉ କଣ ? ନିଜ ହାତରେ କଣ ଦି'ଟା ସିଝେଇ ଖାଇଦଉଚି-ସେଥିରେ ମଣିଷର ଦିହ ରହିବ ? ତା'ର ତ ଏ ସବୁ ଅଭ୍ୟାସ ନାହିଁ ।'' ମହୀବୋଉ କଅଣ ଭାବି ଅଟକି ଗଲେ ।

-ତମେ ପରା ତାକୁ ସେଇଆ କରିବାକୁ କହିଛ ?

-କଣ ସବୁଦିନେ ହାତରେ ରାନ୍ଧିବାକୁ କହିଥିଲି ?...ସେ ଚାକିରୀ କରିବ ନା ନିଜ ପାଇଁ ବସି ରାନ୍ଧିବ ? ଡାକ୍ତରଖାନାରେ ରୋଗୀ ଦେଖିଲା ବେଳେ ମନ ତ ଯାଇଁ ରହିଥିବ ନିଜର ଖେଚେଡ଼ି ପାଖରେ ପୋଡ଼ିଗଲା କି ଜାଉ ହେଇଗଲା...କି ଷ୍ଟୋଭ ନିଭିଗଲା...।

''ସେ ତମକୁ କହୁଥିଲା ?'' ପୀତାମ୍ବର ବାବୁ ପଚାରିଲେ ।

''ସେ କଥା କଣ ଖୋଲି କହିବା ଦରକାର ହୁଏ ? ଅଫିସ ଫେରନ୍ତି ତାକୁ ମୁଁ ଦେଖୁଛି ତା ମୁହଁ ଗୋଟାଏ କେମିତି ଦିଶୁଚି । ଆଗେ ତ ଏମିତି ଦିଶୁ ନ ଥିଲା ?'' ମହୀବୋଉଙ୍କ ଆଖି ଛଳ ଛଳ ହେଇ ଆସିଲା ।

-ନାଇଁ ଡାକ୍ତରଖାନାରେ କୋଉ ରୋଗୀର ଅବସ୍ଥା ଖରାପ ଥିବ... ତାରି କଥା

ଭାବୁଥିବ।

-ଆଗେ କଣ ରୋଗୀଙ୍କ ଅବସ୍ଥା ଖରାପ ହଉ ନ ଥିଲା? ମୁଁ ଠିକ୍ ଜାଣେ ତାର ଖାଇବା କଷ୍ଟ ହେଉଚି...ହବ ନାଇଁ? ସକାଳ ବେଳା କଣ ଚୁଡ଼ା ଫୁଡ଼ା ଖାଏ...ଅଫିସ ଫେରନ୍ତି ସେଇ ଖେଚେଡ଼ି, ରାତିରେ ପାଉଁରୁଟି ଦୁଧ-ଏଥିରେ ଦିହ ରହିବ? କାହିଁ ବୋଲି ତ ରୋଗ ଆସି ମାଡ଼ିବସିବ।

ଆଶ୍ଚର୍ଯ୍ୟ ହେଲାପରି ପୀତାମ୍ବରବାବୁ କହିଲେ, ‘‘କାହିଁ, ସେ ଝଡ଼ିଗଲା ପରି ତ ମତେ ଦିଶୁନାହିଁ?’’

ଚିଡ଼ି ଉଠି ମହୀବୋଉ ଜବାବ ଦେଲେ-‘‘ଅନ୍ଧ ଲେଖାରେ ଚନ୍ଦ୍ର ସୂର୍ଯ୍ୟ ନାହାନ୍ତି। ତମକୁ ତ ଚାଖଣ୍ଡେ ଦୂରରେ ବହି ଦିଶୁନାହିଁ ଯେ, ଚଷମା ପିନ୍ଧୁଛ-ଦଶହାତ ଦୂରର ଜିନିଷ ଦେଖିବ କେମିତି?

-ତମେ ପଢ଼ିଲା ବେଳେ ଚଷମା ପିନ୍ଧ ନାହିଁ?

-ପିନ୍ଧିଲେ କଣ ହେଲା? ମତେ ତ ଦିଶୁଚି ସେ ଝଡ଼ି ଯାଉଚି...ତମକୁ କାହିଁକି ଦିଶୁନାହିଁ?...ଆରେ! ଏଇଥି ପାଇଁ ମହୀଟା ମୋତେ ଉଧଉ ନାହିଁ...ମୁଁ ବୁଝିବି କଣ? ଯେତେହେଲେ ପରା ଗଛର ଛାଇ, ମଣିଷର ହାଇ ଏକା ଜିନିଷ।

ବିରକ୍ତ ହେଇ ପୀତାମ୍ବରବାବୁ ଖବରକାଗଜ ପଢ଼ାରେ ମନ ଦେଲେ। ଟିକିଏ ବେଳ ତାଙ୍କୁ ଚାହିଁ ମହୀବୋଉ କହିଲେ, ‘‘କଣ ପୁଣି ପଢ଼ି ବସି ଗଲଣି? ତାକୁ ପଢ଼ିଲେ ତମ ପେଟ ପୂରିବ?’’

-ଆଉ କଣ କରିବାକୁ ମତେ କହୁଛ?

-ମୁହଁ ଖୋଲି ସେଇ ଏକାକଥା ମୁଁ ହଜାରେ ଥର କହି ପାରିବି ନାହିଁ...ତମର କଣ ଆଖି ନାହିଁ? ମହୀବୋଉ ରାଗରେ ଗରଗର ହେଲେ।

-ନାଇଁ, ମୋର ଆଖି ନାହିଁ। ପୀତାମ୍ବରବାବୁ ଅନ୍ୟ ଆଡ଼କୁ ମୁହଁ ବୁଲାଇଲେ।

-ସେ କଥା ମୁଁ ଜାଣେ। କିନ୍ତୁ ପାଟିଟା ତ ଅଛି, କାନ ତ ଅଛି?

-ହଁ।

ଏଥର ମହୀବୋଉ ଜୋର ଦେଇ କହିଲେ, ‘‘ତେବେ ଶୁଣ, ମହୀକୁ କହିବ ସେ ବାହା ନ ହେଲେ ମୁଁ ଆଉ ଏ ଘରେ ରହିବି ନାହିଁ।’’

-ତମେ ନିଜେ ତାକୁ କହୁନ?

-ନ କହି କଣ ମୁଁ ଚୁପ ହେଇ ବସିଛି? ମୋ ପରି ମୂର୍ଖ ମା’ର କଥା ସେ ଶୁଣିବ ନାହିଁ...ଭଗବାନ ମୋ କପାଳରେ କେତେ ଦହଗଞ୍ଜ ଲେଖିଛନ୍ତି କେଜାଣି। ମହୀବୋଉ ସୁକୁସୁକୁ ହୋଇ କାନ୍ଦିବାକୁ ଆରମ୍ଭ କଲେ।

‘‘ହଉ ତମେ ଯାହା କହିଲ, ସେ କଥା ମୁଁ ତାକୁ କହିଦେବି।’’ ପୀତାମ୍ବରବାବୁ ସାନ୍ତ୍ୱନା ଦେଲେ।

-ତାକୁ ବୁଝେଇ କହିଲେ ସିନା ହବ...ଏମିତି କହିଲେ ସେ ଶୁଣିବ କାହିଁକି?

-ଛୋଟିଆ ଛୁଆଟିଏ ହେଇନାହିଁ ଯେ, କୋଳରେ ବସେଇ ଦି'ଟା ମିଠେଇ ଧରେଇ ଦେଲେ ବୁଝିଯିବ। ବଡ଼ ହେଲାଣି, ତା'ର ବୁଦ୍ଧି ଶୁଦ୍ଧି ହେଲାଣି। ନିଜର ବିଚାର କରିବା ଶକ୍ତି ହେଲାଣି...ଅନ୍ୟମାନଙ୍କ କଥା ନିଜେ ଥରେ ନ ଭାବି ସେ ମାନିଯିବ କେମିତି ?

-''ଓ! ବାପ ମା ହେଲେ ଅନ୍ୟଲୋକ! ତମର ଏଇ ଚୋପାଛଡ଼ା କଥା ଶୁଣିଲେ ମୋ ହାଡ଼ ଶୁଖିଯାଏ।'' ରାଗରେ ମହୀବୋଉ ମୁହଁ ବୁଲେଇ ନେଲେ।

କଥା ଏତିକିରେ ବନ୍ଦ ରହିଲା। କିଏ ଜଣେ ଭଦ୍ରଲୋକ ଆସିଛନ୍ତି ପୀତାମ୍ବରବାବୁଙ୍କ ସାଥିରେ ସାକ୍ଷାତ କରିବାକୁ। ଚାକର ଆସି ଖବର ଦେଇଗଲା। ମହୀବୋଉଙ୍କୁ ଆଉକିଛି ନ କହି ପୀତାମ୍ବର ବାବୁ ଉଠି ଚାଲିଗଲେ।

ମହୀବୋଉ ଲକ୍ଷ୍ୟକଲେ ଧୀରେ ଧୀରେ ରନ୍ଧାର ଉନ୍ନତି ହେଉଛି। ଖେଚେଡ଼ିରେ ଗୋଟା ପିଆଜ, ଗୋଟା ଲଙ୍କା, ହଳଦି ଲୁଣ ପଡ଼ିଲାଣି। ତା ଛଡ଼ା ଗୋଟାକୁ ଗୋଟା ଡବା-ବାଲା ବିଲାତ ଚଟଣୀ ଚାଲି ଆସୁଛି। କିନ୍ତୁ ଗୋଟାଏ କଥା ଭାବି ମହୀବୋଉ ମନରେ ସାନ୍ତ୍ୱନା ପାଆନ୍ତି ଯେ, ରନ୍ଧା ନିଶ୍ଚେ ଖରାପ ହେଉଛି। ନ ହେଲେ ମହୀ କାହିଁକି ଏତେ ଆଡ଼େ ମୁଣ୍ଡ ଘୂରାନ୍ତା ? ଦିନ ଦିନ କରି ଦଶ ଦିନ ମହୀବୋଉ ଚୁପ୍ ରହିଲେ। ଏଗାର ଦିନ ଦିନ କହିଲେ, ''ହଇରେ, ତୋ ପଇସାଗୁଡ଼ାକ ଏମିତି ଉଡ଼େଇ ଦଉଚୁ ?''

-ଉଡ଼େଇ ଦଉଛି! ଆଶ୍ଚର୍ଯ୍ୟ ହୋଇ ମୋହନ ମହୀବୋଉଙ୍କ ମୁହଁକୁ ଚାହିଁଲା।

-ଉଡ଼ାଉନୁ ତ ଆଉ କଣ ? ଏଇ ଚଟଣୀଗୁଡ଼ାକ ଦିନକୁ ଗୋଟାଏ ଗୋଟାଏ ଡବା ସରି ଯାଉଛି। ଗୋଟାଏ ଗୋଟାଏ ଡବାର ଦାମ କେତେ ?

-ଏଇ...ଟଙ୍କାଏ, ପାଁଶୁକା।

-ହଇରେ ତୁ ଏତେ ଗୁଡ଼ାଏ ଟଙ୍କା ପାଣିରେ ପକେଇ ଦଉଚୁ ? ତା ଅପେକ୍ଷା ବରଂ ବାହାଟାଏ ହେଇ ପଡ଼ିଲେ ଯାର ଅଧା ଖର୍ଚ୍ଚରେ ତମେ ଦିହେଁ ଯାକ ଭଲ ଖାଇବା ପିଇବା କରି ପାରନ୍ତ।

''ଯେମିତି ତୁ ଖାଉଚୁ!'' ଛିଗୁଲେଇ ମୋହନ କହିଲା।

-ନାଇଁରେ ପୁଅ, ଆମେ ତ ହେଲୁ ମୂର୍ଖ। ପୁରୁଣାକାଳିଆ ଲୋକ। ଦେହର ଯତ୍ନ କେମିତି ନବାକୁ ହୁଏ ଜାଣି ନଥିଲୁ। ଆଜିକାଲି ତ ଆଉ ସେ କଥା ନାହିଁ, ନିଜ ନିଜ ହାତରେ ସମସ୍ତେ ଚଉଦ ପା।

-ହଉ ଥାଉ, ବନ୍ଦ କର। ମୋର କାମ ଡେରି ହୋଇ ଗଲାଣି। ମୁଁ ଯାଉଛି।

-ଅଃ, ଏଇ ତ ଏକା କାମ କରୁଚି, ଆଉ ସମସ୍ତେ ବସିଚନ୍ତି!

ମୋହନ ଚାଲିଗଲା। ମହୀବୋଉ ଟିକିଏ ବେଳ ଚୁପ୍‌କରି ଠିଆ ହୋଇ ଭାବିଲେ, କଣ କଲେ ଏ ଅବାଗିଆ ଟୋକାଟା ବାଟକୁ ଆସିବ, ବାହା ହବାକୁ ରାଜି ହେବ।

''ଆ-ମରିଗଲି ଲୋ ବୋଉ।'' ପାଟିଟାଏ କରି ମହୀବୋଉ ଗୋଡ଼ ଧରି ପାହାଚ ଉପରେ ବସି ପଡ଼ିଲେ।

ରାତି ନ'ଟା ବେଳ। ଅଳ୍ପ ବହୁତ ସମସ୍ତଙ୍କ କାନରେ ଡାକଟା ବାଜିଲା। ଚାକର ପୂଝାରୀ ସାଙ୍ଗେ ସାଙ୍ଗେ ଆସି ପହଞ୍ଚିଲେ। ବୈଠକଖାନାରୁ ପୀତାମ୍ବର ବାବୁ ଉଠି ଆସିଲେ। ମାୟା ଓ ପିଲାମାନେ ଦୋତାଲାରୁ ଓହ୍ଲାଇ ଆସିଲେ। ଆଉ ମୋହନ ରୋଗୀ ଦେଖା ଛାଡ଼ି ଉଠି ଆସିଲା। ସମସ୍ତଙ୍କ ମୁହଁରେ ଗୋଟିଏ କଥା-କଣ ହେଲା ? କଣ ହେଲା ?

ଅନ୍ଧାର ବାଟରେ ମହୀବୋଉ ଅଗଣା ପାହାଚ ଉପରେ ବାଁ ଗୋଡ଼କୁ ଚିପିଧରି କୁଞ୍ଜେଇ ହେଉଛନ୍ତି। ମୋହନ ଭାବିଲା, ବୟସ ହୋଇଗଲାଣି। ଯଦି କିଛି ହେଇଯାଏ, ତେବେ ସେ ନିଜକୁ ହିଁ ଦୋଷୀ ମନେ କରିବ। ତରବରରେ ଆଲୁଅଟା ଜାଳିଦେଇ କହିଲା, ''ତତେ ଯଦି ବାଟ ଦିଶୁ ନାହିଁ, ତେବେ ଅନ୍ଧାରରେ ଯିବା ଆସିବା କରୁଚୁ କାହିଁକି ?''

-ଉଃ, ଆଉ ବଞ୍ଚିବି ନାହିଁ ଲୋ ବୋଉ...

-ବୋଉ, ବୋଉ, କଣ ହେଲା ଦେଖେଁ ? କହି ମାୟା ଓ ପିଲାମାନେ ମହୀବୋଉଙ୍କ ଉପରେ ହାମୁଡ଼େଇ ପଡ଼ିଲେ।

ଗୋଡ଼କୁ ଲୁଗାରେ ଅଧା ଢାଙ୍କିଦେଇ ଦୁଇ ହାତରେ ଚିପିଧରି କୁଞ୍ଜେଇ କୁଞ୍ଜେଇ ମହୀବୋଉ କହିଲେ, ''କିଛି ହେଇ ନାହିଁରେ...ଉଃ...ଯା...ତମେସବୁ ଯା ଏଥର।''

-କଣ ହେଇଚି ଦେଖେଇଲେ ସିନା ହେବ ?

-ତୁ ପାଟି କରିବୁ ନାହିଁ ମୋ ସାଙ୍ଗରେ। ନିଜର କଷ୍ଟ ଭୁଲିଯାଇ ମହୀବୋଉ ମୋହନ ମୁହଁକୁ ରାଗରେ ଚାହିଁଲେ।

-ମହୀ, ତୁ ତୋ କାମରେ ଯା। ମୁଁ ଦେଖୁଚି। ପୀତାମ୍ବରବାବୁ ପୁଅକୁ ଆଡ଼େଇ ଦେଇ ଆଗକୁ ଆସିଲେ। ମୋହନ କିନ୍ତୁ ଗଲା ନାହିଁ-ସେମିତି ଠିଆହୋଇ ରହିଲା।

''ବଡ଼ ଜୋର୍‌ରେ ବାଜିଛି ବୋଧହୁଏ...କେମିତି ବାଜିଲା ?'' କଅଁଳେଇ ପୀତାମ୍ବର ବାବୁ ପଚାରିଲେ।

ଉଃ...ନାଇଁମ...ଭଣ୍ଡାର ଘରଟା ବନ୍ଦକରି ଅଗଣାକୁ ଯାଉଥିଲି..... ଆଃ..... ପାହାଚରେ ଗୋଇଠିଟା ମୋଡ଼ି ହୋଇପଡ଼ିଲା ଯେ ପଡ଼ିଗଲି..... ଉଃ..... ଅଲକ୍ଷଣା ଟିଣଗୁଡ଼ାକ... ଚାରିଆଡ଼େ ତ ପଡ଼ିଛି। ଉଃ...ସେଇ ପାହାଚରେ ଗୋଟାଏ ପଡ଼ିଥିଲା...ମୁଁ ତାକୁ

ଅନ୍ଧାରଟାରେ ଦେଖିପାରିଲି ନାହିଁ... ଗୋଡ଼ଟାକୁ କାଟିଦେଲା..... ଉଃ...।

ଟିକିଏ ଚୁ ଚୁ ମାରି ପୀତାମ୍ବରବାବୁ କହିଲେ, ''ପିଲାଏ ଟିଣଗୁଡ଼ାକ ଚାରିଆଡ଼େ କାହିଁକି ଏମିତି ପକାଉଛ ଭଲା ? କାହିଁ ଟିଣଟା ଦେଖେଁ ?''

ମହୀବୋଉ ଟିଣଟା ପୀତାମ୍ବରବାବୁଙ୍କ ଆଡ଼କୁ ପେଲିଦେଲେ। ଦେଖିସାରି ପୀତାମ୍ବରବାବୁ ମୋହନକୁ ଚାହିଁ କହିଲେ, ''ଖାଇସାରିବା ସାଙ୍ଗେ ସାଙ୍ଗେ ଉପରର ଏଇ କଟା ଅଂଶଟକୁ ତଳକୁ ପେଲିଦେଉଥିବୁ ଯେ, ବାଜିଗଲେ ବିଶେଷ କ୍ଷତି କରିବ ନାହିଁ! ଦେଖୁନୁ କେମିତି ଧାରୁଆ ହୋଇଛି ?''

-ହଉ, ଏଣିକି ମୁଁ ସେମିତି କରିବି। ଦୋଷୀ ଭଳି ମୋହନ କହିଲା।

''ଖବରଦାର କହି ଦଉଚି, ସେ ଟିଣ ଆଉ ମୋ ଘରେ ପଶିବ ନାହିଁ। ଚଟଣୀ ଖାଇବ ବୋଲି ମଣିଷର ଜୀବନ ନବ ନା କଣ ?'' ମହୀବୋଉ ତେଜି ଉଠିଲେ।

-ହଉ ତେବେ, ଏଣିକି ଟିଣବାଲା ଜେଲି ଆଣିବି ନାହିଁ। ବୋତଲ ଆଣିବି।

''ମୂଳରୁ ସେ ଜେଲୀ କି ଚୁଲୀ ମୋ ଘରକୁ ଆସିବ ନାହିଁ, କହିଦେଲି। ଖାଇବାକୁ ଯଦି ଏତେ ଇଚ୍ଛା, ତମେ ଭଡ଼ାଘର କରି ରହ। ମୋ ଘରକୁ ସେ ଜିନିଷ ପଶିବ ନାହିଁ...ଉଃ'' କହି ପୁଣି ନିଜ ଗୋଡ଼କୁ ଚାହିଁଲେ।

ମୋହନ ଯିବା ପରେ ମହୀବୋଉ ପୀତାମ୍ବରବାବୁଙ୍କୁ ବାଁ ଗୋଡ଼ ପେଣ୍ଡାରେ ଖଣ୍ଡିଆ ଦାଗଟା ଦେଖେଇଲେ। ଟିଣରେ ଆଞ୍ଚୁଡ଼ି ହୋଇଯାଇଛି!

-ମାୟା, ଗଲୁମା ଟିକିଏ ଔଷଧଟା ନେଇ ଆସିବୁ ?

''ନାଇଁ ନାଇଁ, ତମର ସେ ଆଇଡ଼ିନ୍ ମୁଁ ଲଗେଇବି ନାହିଁ। ମୋର ସେମିତି ଭଲ ହୋଇଯିବ। ଏ ବୋଝ ଉପରେ ନଳିତାବିଡ଼ା ମୋର ଆଉ ଦରକାର ନାହିଁ।'' ଛୋଟେଇ ଛୋଟେଇ ମହୀବୋଉ ଘରଆଡ଼କୁ ମୁହାଁଇଲେ।

ପୀତାମ୍ବରବାବୁ ଫେରିଗଲେ। ତାଙ୍କ ପଛେ ପଛେ ଅନ୍ୟମାନେ ମଧ୍ୟ ଯେ ଯାହା କାମରେ ବାହାରିଲେ।

ପରଦିନ ଅଫିସରୁ ଫେରି ଖାଇ ବସିଲାବେଳେ ପିଲାମାନଙ୍କର ପାଟି ଶୁଣି ମହୀବୋଉ ମୋହନ ବଖରା ଭିତରକୁ ଗଲେ-ଖୁସିର କାରଣଟା ବୁଝିବା ପାଇଁ। ମନରେ ସନ୍ଦେହ, ବୋଧହୁଏ ପୁଣି ନୂଆ ରକମର କିଛି ଚଟଣୀ ଆସିଛି।

-ଏଁ! ମାଉଁସ କୁଆଡ଼ୁ ଆସିଲା ? ମହୀବୋଉଙ୍କ ଆଖି ତାଳୁରେ ଖୋସି ହୋଇଗଲା।

''ହୋଟେଲରୁ କିଣି ଆଣିଚି।'' ଖାଉ ଖାଉ ମୋହନ କହିଲା।

ତୁରନ୍ତ ଖେପାରେ ଦୁଆରମୁହଁ ସେପଟକୁ ଚାଲିଯାଇ ନାକରେ ଲୁଗା ମାଡ଼ି ମହୀବୋଉ

ପାଟି କରିଉଠିଲେ-ଖୁସିରେ କଣ ଲକ୍ଷ୍ମୀ ଘର ଛାଡ଼ି ଚାଲି ଯାଆନ୍ତି? ହଇରେ ତୁ ଗୋରୁ ମାଉଁସ ଆଣି ଘରେ ପୂରେଇ ଖାଉଚୁ! ଛି, ଛି...ତୁମେସବୁ ଡାକ୍ତର ହେଇଚ ବୋଲି କଣ ଧର୍ମ କର୍ମ ଆଉ କିଛି ନାହିଁ? ଗୋ-ମାତା! ସେ ମାଉଁସ ପୁଣି ତୁ ସମସ୍ତଙ୍କୁ ଖୁଆଇଲୁ?

-ଏହେ ଲୋ, ଏଗୁଡ଼ାକ ଗାଈ ମାଉଁସ? ଅ-ପିଲାଙ୍କ ଭିତରୁ ଜଣେ ଅଧେ ବାନ୍ତି କରିବାକୁ ଚେଷ୍ଟା କଲେ। ପ୍ରତାପ ବାହାରିପଡ଼ି କହିଲା, ''ମୁଁ ଆଗରୁ ଜାଣି ପାରିଥିଲି ଏଇଟା ଗୋରୁ ମ୍ୟାଉଁସ। କେମିତି ଗୋଟାଏ ଲାଗୁଥାଏ।''

''ତୁ ଜଲଦି ସେ ମାଉଁସ ବାହାରେ ନେଇ ଫୋପାଡ଼େ।'' ମହୀବୋଉ ଧମକେଇ ଉଠିଲେ। ମୋହନ ବାବ୍ୟା ହୋଇ ମହୀବୋଉଙ୍କ ମୁହଁକୁ ଚାହିଁଥାଏ।

''କଣ ଖାଇବୁ ତାକୁ?'' ସନ୍ଦିଗ୍ଧ ଆଖିରେ ମହୀବୋଉ ପ୍ରଶ୍ନ କଲେ।

-ତମେ ସବୁ କଣ ପାଗଳ ହୋଇଗଲ? ଏ ପରା କୁକୁଡ଼ା ମାଂସ। ମୁଁ ହିନ୍ଦୁ ହୋଟେଲରୁ କିଣି କରି ଆଣିଛି। ହେଇ ଦେଖୁନା କେତେ ସରୁ ହାଡ଼। ଗାଈ ମାଂସରେ ଏ ହାଡ଼ ଆସିବ କୁଆଡୁ?

-ହିନ୍ଦୁ ହୋଟେଲ! ତମ ବାପା କହୁଥିଲେ ସବୁ ହୋଟେଲରେ ତ ଖାନସମା ରାନ୍ଧନ୍ତି। ଗୋରୁ ମାଉଁସରେ ଦି'ଟା କୁକୁଡ଼ା ହାଡ଼ ପୁରେଇ ଦେଲେ ତୁ ବୁଝିବୁ କଣ? ଆଉ ଗାଇର ସରୁ ହାଡ଼ ନାହିଁ ବୋଲି ତତେ କିଏ କହିଲା?

-ତାହାହେଲେ ଯାକୁ ଫୋପାଡ଼ି ଦେବାକୁ କହୁଚୁ?

''ଆଣିଚୁ ଯେତେବେଳେ ତୋ ଆଶା ପଡ଼ିଥିବ...ତୁ ଖାଆ...ମୁଁ ମନା କରୁନାହିଁ...କିନ୍ତୁ ଖାଇସାରିଲା ପରେ ପୁରା ଘରଟା ଧୂଆ ହେବ।'' ଆଉ କିଛି ନ କହି ମହୀବୋଉ ଚାଲିଗଲେ।

ମୋହନ ମନର ସବୁ ସରାଗ ମରିଗଲା। ଯାହା କଲେ ବି ତା ପାଇଁ ଅନ୍ୟ ବାଟ କିଛି ନାହିଁ। ଏ ଘରେ କେଲି ପଶିବ ନାହିଁ, ମାଂସ ପଶିବ ନାହିଁ, ହୋଟେଲର ଖାନସମା ରନ୍ଧା ମାତ୍ରେ ଘରେ ପଶିବ ନାହିଁ। ତା ଉପରେ ପୁଣି ଏଇ କନକନିଆ ଶୀତ ଦିନଟାରେ ସନ୍ଧ୍ୟା ବେଳେ ଘରଧୁଆ...ମୋହନର ମନ ଶୀତେଇ ଉଠିଲା।

ବୁଲି ବାହାରିଲା ବେଳେ ଚାକରକୁ ପାଣି ଧରି ଯାଉଥିବା ଦେଖି ମୋହନ କହିଲା, ''କିରେ ଏତେ ପାଣି କ'ଣ କରିବୁ?''

-ସବୁଗୁରାକ ଘର ଧୂଆହବ ବୋଲି ମା କହିଲେ।

-ତଳ ମହଲା?

-ଉପର ସରିଲା ପରେ ତଳ ଖଣ୍ଡା ଧୁଆହବ।

''ବୋଉ! ଏ ବୋଉ!'' ଡାକି ଡାକି ମୋହନ ମହୀବୋଉଙ୍କ ପାଖକୁ ଗଲା।-''ଛୁଆଗୁଡ଼ାଙ୍କୁ ନିମୁନିଆଁରେ ପକେଇବୁ ନା କଣ? ଏଇ ଶୀତ ରାତିରେ ଓଦା ଘରେ ଶୋଇ କଣ ଜାଣି ଜାଣି ରୋଗକୁ ଡାକି ଆଣିବ?''

-ତୋରି ସେ ମାଉଁସ ଖାଇ ଦେହ ଖରାପ ହେବ, ମୁଁ ଜାଣେ। ଘର ଧୁଆ ହେଲେ କାହାରି ଦେହ ଖରାପ ହୁଏ ନାହିଁ।

''ହଉ ତୋର ଯାହା ଇଚ୍ଛା କର। କିନ୍ତୁ କାହାରି ଦେହ ଖରାପ ହେଲେ ମତେ ଆଉକିଛି କହିବୁ ନାହିଁ।'' ବିରକ୍ତ ହୋଇ ମୋହନ ଘରୁ ବାହାରି ଚାଲିଗଲା।

ମହୀବୋଉ ଟିକିଏ ବେଳ ଭାବିଲେ। ସତରେ, ଯଦି ପିଲାଙ୍କର ଦେହ ଖରାପ ହୁଏ ? ପୀତାମ୍ବରବାବୁ ତ ବୁଢ଼ା ହେଲେଣି। ତାଙ୍କର ଟିକିଏ କିଛି ହୋଇଗଲେ ନେଇଆଣି ଥୋଇ ହବ ନାହିଁ। ଆଉ ମୋହନ ଯେମିତି ରାଗିଛି ସେ ବି ସାହାଯ୍ୟ କରିବ ନାହିଁ। କୁଆଡୁ କିଛି ଠିକଣା କରି ନ ପାରି ଅଗଣାରେ ଠିଆହୋଇ ମହୀବୋଉ ଚାକରକୁ ଡାକ ଛାଡ଼ିଲେ।

-ଭିକାରେ, ସବୁଗୁରାକ ଘର ଧୁଅ ନାହିଁ...ଖାଲି ମହୀବାବୁ ଶୋଇବା ଘର, ଯୋଉ ବାରଣ୍ଡାରେ ଖାଉଥିଲେ ସେଇଟା, ବୈଠକଖାନା ଆଉ ଅଗଣାଟା ଧୋଇ ପକା। ଅନ୍ୟ ଘରଗୁଡ଼ାକରେ ମୁଁ ଗଙ୍ଗାପାଣି ନଉଚି, ଛିଞ୍ଚିଦେବି...ବୁଝିଲୁ ?

-ହଉ।

ପ୍ରଥମେ ପରସ୍ତେ ଗୋବର ପାଣି ଛିଞ୍ଚା ହୋଇଗଲା। ତାପରେ ଚାଲିଲା ଘରଧୁଆ ପାଲା। ଚାକର ଘର ଧୋଇ ଚାଲିଥାଏ-ଦୂରରେ ମହୀବୋଉ ଠିଆହୋଇ ବତେଇ ଦେଉଥାନ୍ତି। ଆଲମାରୀ ତଳକୁ ପାଣି ଯାଇନାହିଁ...ଚୌକିର ଗୋଡ଼ଗୁଡ଼ାକ ଧୋଇପକା...ଟେବୁଲ ତଳଟା ଭଲ କରି ଧୁଅ...।

ଏମିତି ଘରଧୁଆ ଚାଲିଥିଲା ବେଳେ ପୀତାମ୍ବରବାବୁ ଆସି ପହଞ୍ଚିଲେ।

-ତମର ଆଜି କଣ କି ? ସଞ୍ଜ ବେଳଟାରେ ଘର ଧୋଉଚ !

-ତମ ବଡ଼ ପୁଅ ଆଜି ହୋଟେଲରୁ ଗୋରୁ ମାଉଁସ ଆଣି ଏ ଘରେ ଖାଇଥିଲେ।

-ଗୋରୁ ମାଉଁସ ? କପାଳ କୁଞ୍ଚେଇ ପୀତାମ୍ବରବାବୁ ପ୍ରଶ୍ନ କଲେ।

-ନୁହେଁ ତ ଆଉ କଣ ଛେଳି ମାଉଁସ ?

-ସେଥିପାଇଁ ତମେ ଏ ଶୀତରେ ପୂରା ଘରଟା ଧୋଉଚ ?

-ପୂରା ଘରଟା କାହିଁକି ଧୋଇବି ? ଯୋଉଠି ଯୋଉଠି ସବୁ ମାଉଁସ ପଡ଼ିଥିଲା, ଖାଲି ସେଇ ଜାଗାଗୁଡ଼ାକ ଧୁଆ ହଉଚି।

''ଯାହା ଇଚ୍ଛା ହଉଚି କର'', କହି ପୀତାମ୍ବରବାବୁ ସେଠାରୁ ଚାଲିଗଲେ।

ମହୀବୋଉଙ୍କ ମୁହଁରୁ ଜଣାଗଲା ଯେମିତି ତାଙ୍କର ଅଧା ଉତ୍ସାହ କମିଗଲା। ଚାକର ଉପରେ ଘର ଧୋଇବା କାମ ଛାଡ଼ିଦେଇ ମହୀବୋଉ ପୀତାମ୍ବରବାବୁଙ୍କ ପଛେ ପଛେ ଭିତରକୁ ଗଲେ।

ରାତିରେ ମୋହନ ବୁଲିସାରି ଫେରିବା ମାତ୍ରେ ଘରର ଅବସ୍ଥା ଦେଖି ମୁଣ୍ଡରେ ହାତ ଦେଲା। କାହାକୁ କିଛି ନ କହି ଷ୍ଟେଥୋ ହାତରେ ଧରି ଘର ଭିତରକୁ ଗଲା।

-ବାପା କାହାନ୍ତି ?

''ସେଇ ଘରେ''- ହାତ ଦେଖାଇ ପୂଜାରୀ ଠାରିଦେଲା ।

ପୀତାମ୍ବରବାବୁ ଆରାମ ଚୌକିରେ ଶୋଇ ଛାତ କଡ଼ିକୁ ଚାହିଁଥିଲେ । ମୋହନଙ୍କୁ ଦେଖି ପଚାରିଲେ 'କଣ ?'

''ବାପା, ଏମିତି କଲେ ମୁଁ ଏ ଘରେ ରହିବି କେମିତି ?'' ଧୂଆ ହୋଇଥିବା ଜିନିଷ ମୋହନ ପୀତାମ୍ବରବାବୁଙ୍କ ଆଖି ସାମନାରେ ଧରିଲା ।

ଦୂରରୁ ମହାବୋଉ ପାଟିକଲେ, ''ଧୋଇବାକୁ କ'ଣ କାହାକୁ ଖୁସି ଲାଗୁଥିଲା କି ? ସେଥିରେ ଝୋଳ ଡାଲିଆ କ'ଣ ସବୁ ଲାଗିଥିଲା । ଏଇ ଭିକ୍ୟା ତ ନିଜେ ଧୋଇଛି । ତାକୁ ପଚାରୁନୁ ?''

ପୀତାମ୍ବରବାବୁଙ୍କ ସମର୍ଥନ ପାଇବାକୁ ମୋହନ କହିଲା, ''ଯୋଉଠି ଖିଆ ହେଉଥିଲା, ସେ ଜାଗା ଧୋଇବା ଭିନ୍ନ କଥା । ଏଘର ଗୋଟାକ ଯାକ ଏମିତି ଧୋଇଲେ ମୁଁ ଏହିକ୍ଷଣି ରୋଗୀ ଦେଖିବି କୋଉଠି ? ଚାରିଆଡ଼ ଯାକ କଣ ମାଂସ ଲାଗି ଯାଇଥିଲା ? ତା'ର କଣ ହାତ ଗୋଡ଼ ଅଛି ?''

-ମାଉଁସର ସିନା ହାତ ଗୋଡ଼ ନାହିଁ, ଖାଇବା ଲୋକର ତ ଅଛି ? ତମ ଗୁଣବନ୍ତ କୁକୁରର ତ ଅଛି ? ହାଡ଼ ଖଣ୍ଡେ ଆଣି ଘର ଗୋଟାଯାକ ବୁଲି ବୁଲି ଖାଉଥିଲା ।

ଧୀରେ ଧୀରେ ଚୌକି ଉପରେ ଉଠିବସି ପୀତାମ୍ବରବାବୁ ମୋହନକୁ କହିଲେ, ''ଘରେ ଏମିତି ଅଶାନ୍ତି ବଢ଼େଇବା ଠାରୁ ମୋ ମତରେ ତୁ ବାହା ହେଇପଡ଼ିବା ଭଲ ।'' ମୋହନ କୌଣସି ଜବାବ ନ ଦେଇ ଚୁପ୍ ହୋଇ ଠିଆହୋଇ ରହିଲା । ପୀତାମ୍ବରବାବୁ ପୁଣି କହିଲେ, ''ସେ ତୋର ମା...ତୋ ପାଇଁ ଅନେକ କରିଛି । ତାକୁ ଏ ବୟସରେ ଦୁଃଖ ଦେବାଟା ତୋର ଠିକ୍ ହେଉନାହିଁ । ତା'ଛଡ଼ା ମୁଁ ନିଜେ ବି ଦେଖୁଛି, ତୁ ବାହାହେଲେ ତୋ ଦେହର ଯତ୍ନ ନେବାକୁ ଜଣେ ବରାବର ରହିବ । ତୋ ବୋଉ ମତେ କହୁଥିଲା ତୁ ବଡ଼ ଝଡ଼ି ଯାଉଛୁ...''

-ବୋଉ ଆଖିରେ ତ ସବୁ ଦିଶୁଛି ।

''ଆହା ତୁ ବୁଝୁନୁ । ଅନ୍ୟ ଲୋକେ ମାସ ମାସ ଦେଖି ଯାହା ଠଉରେଇ ପାରିବେ ନାହିଁ, ଗୋଟିଏ ମିନିଟ୍ ଦେଖି ମା ସେତକ ଠଉରେଇ ନିଏ । ପିଲାର ସୂତାଏ ଏପଟସେପଟ ହେଲେ ବି ମା' ଆଖିରେ ଧରାପଡ଼ିଯାଏ, କାହିଁକି ? ସେ ପରା ଜନ୍ମ ଦେଇଚି ! ଯୋଉଠି ଥାଉ, ଯୋଉ କାମ କରୁଥାଉ ପଛକେ, ମା'ର ମନ ସବୁବେଳେ ପିଲାର ଚାରିପଟେ ଘୁରୁଥାଏ ।'' ପୀତାମ୍ବରବାବୁ ଟିକିଏ ଦମ୍ ମାରିଲେ ।

ଏଇ ସୁବିଧାରେ କିଛି ନ କହି ମୋହନ ଖସିଯିବାକୁ ବସିଲା । କିନ୍ତୁ ସଙ୍ଗେ ସଙ୍ଗେ ତା ମୁହଁକୁ ଥରେ ଚାହିଁଦେଇ ପୀତାମ୍ବରବାବୁ କହିଲେ, ''ତୁ ନିଜେ ଭାବି

ମତେ କହିବୁ। ମୁଁ ତତେ ଜୋର କରୁନାହିଁ କିନ୍ତୁ ସାନ ସାନ ଭାଇ ଭଉଣୀଙ୍କ କଥା, ତୋ ବୋଉ କଥା ଟିକିଏ ଭାବିବୁ...ତୁ ରାଜି ହେଲେ ଯେ, ସାଙ୍ଗେ ସାଙ୍ଗେ ବାହାଘର ହେଇଯିବ, ତା ନୁହେଁ...ପାତ୍ରୀ ଖୋଜିବାକୁ ହେବ...ବାହାଘର ହେଉ ହେଉ ଏହିକ୍ଷଣି କେତେ ଡେରି...ତୁ ଧୀର ସୁସ୍ଥରେ ଭାବିକରି ମୋତେ କହ...ବୁଝିଲୁ ?''

'ହଉ' କହି ମୋହନ ଚାଲିଗଲା।

ଅଳ୍ପ ସମୟ ପରେ ମହୀବୋଉ ଆସି ପହଞ୍ଚିଲେ-କଣ ଏତେ କଥା ଦିହିଁଙ୍କ ଭିତରେ ହେଉଥିଲା କି ?

-ବାହା ହବା ପାଇଁ ତାକୁ ବୁଝାଉଥିଲି।

-'ହଁ' କଣ କହିଲା ? କୌତୂହଳ ଦବେଇ ନିର୍ଲିପ୍ତ ଭାବରେ ମହୀବୋଉ ପ୍ରଶ୍ନ କଲେ।

-କହିଛି ଭାବି କରି ପରେ କହିବ।

ଆଉ କିଛି ନକହି ମହୀବୋଉ ଚାଲିଗଲେ। ଅନ୍ଧାରିଆ ଜାଗାରେ କାନ୍ଧରେ ମୁଣ୍ଡ ଲଗେଇ ବାପଘର ଆଡ଼ର ଠାକୁରାଣୀଙ୍କି ସ୍ମରଣ କରି ଆସ୍ତେ ଆସ୍ତେ କହିଲେ, ''ମା ଶାରଳା, ମୋ ଅବାଗିଆ ପୁଅଟାକୁ ବାହା ହବାକୁ ରାଜି କରେଇ ଦେ ମା ! ତତେ ଗୋଟାଏ ବୋଦା ବଳି ଦେବି। ମାଲୋ, ମୋ ଗରିବ ଗୁହାରୀ ଟିକିଏ ଶୁଣ...ଗୋଟାଏ ବୋଦା ଦେବି। ପାଟଶାଢ଼ୀ ଚଢ଼େଇବି। ...ମା...ମା...।'' ତା'ପରେ ମନ ଭିତରେ ଭାବିଲେ, ବୋଧହୁଏ ଏତକ ଯଥେଷ୍ଟ ହେଲା ନାହିଁ। ପୁଣି କହିଲେ, ''ପୁଅର ବାହାରାତ୍ର ପିଟିଲେ ତୋ ମୁଣ୍ଡରେ ସୁନାର ମୁକୁଟ ଚଢ଼େଇବି...।'' ମନର କଥା ଜଣାଇ ସାରି ଲୁଗା କାନିରେ ଆଖି ପୋଛି ମହୀବୋଉ ଚାଲିଗଲେ।

ରାତିରେ ଯେତେବେଳେ ସମସ୍ତେ ଖାଇ ବସିଲେ, ମହୀବୋଉ ପୂଝାରୀଙ୍କୁ ବରାଦ ଦେଲେ, ''ମହୀବାବୁ ପାଇଁ ସବୁ ରଖିଥା...ସେ ଆଜି ରାତିରେ ଭାତ ଖାଇବ।'' ଟିକିଏ ବେଳ ଅପେକ୍ଷା କରି ଦେଖିଲେ କେହି କିଛି କହିଲେ ନାହିଁ। ସେଠୁ ପୀତାମ୍ବରବାବୁଙ୍କୁ ଶୁଣେଇ ଶୁଣେଇ କହିଲେ, ''ସେ ଆଜି ଏକରକମ ଉପାସ ରହିଚି କହିଲେ ଚଳେ...ବାବୁ ସିନା କୁକୁଡ଼ା ମାଉଁସ ମନେ କରି ହକ ହକ ହେଇ ନେଇ ଆସିଥିଲେ ଘରେ ଦେଖିଲାବେଳକୁ ଚୋରୁ ମାଉଁସ। ଅସନା ଲାଗିବ ନାହିଁ ? ମୋରି ଆଗରେ ମୁହଁ ଟାଣ କରି କହୁଥିଲା କୁକୁଡ଼ା ମାଉଁସ... ମୁଁ ଆସିବା ପରେ ସେତକ ଛାଡ଼ିଦେଇ ଚୋର ପରି ପଳେଇଚି...ଯାହାର ଅଭ୍ୟାସ ଥାଏ ସେ ସିନା ଖାଇ ପାରିବ...।''

''ଥାଉ ବନ୍ଦ କର। ସେ ଡାକ୍ତର, କୁକୁଡ଼ା ମାଂସ ଗାଈ ମାଂସର ପ୍ରଭେଦ ଆଜିଯାଏ କଣ ବୁଝି ନାହିଁ ?''

ପୀତାମ୍ବରବାବୁଙ୍କ କଥା ଶୁଣି ମହୀବୋଉ ଅଭିମାନ କରି ସେଠୁ ଉଠିଗଲେ।

ସମସ୍ତେ ଶୋଇ ପଡ଼ିଲେଣି। ଏକା ମହୀବୋଉ ବସି ଅପେକ୍ଷା କରିଛନ୍ତି ପୁଅ କେତେବେଳକୁ ଆସିବ। ଚାକର, ପୂଝାରୀ ସେମିତି ଅଖିଆ ଶୋଇପଡ଼ିଛନ୍ତି। ଅନେକ ବେଳ ପରେ ମୋହନ ଆସିଲା। ଅନ୍ଧାରରେ ଛପି ଛପି ମହୀବୋଉ ରୋଷେଇ

ଘରକୁ ଗଲେ। ନିଜ ହାତରେ ସବୁ ବାଢ଼ି ବୁଢ଼ି ପୂଝାରୀ ହାତରେ ମୋହନ ପାଖକୁ ପଠାଇଦେଲେ। ଭାତଥାଳି ଦେଖି ମୋହନ ଆଶ୍ଚର୍ଯ୍ୟ ହୋଇଗଲା।

-ଇଏ କଣ ?

ପୂଝାରୀ କଣ ଜବାବ ଦେବ ଶୁଣିବାକୁ ରୋଷେଇ ଘରୁ ମହୀ ବୋଉ କାନ ପାରିଛନ୍ତି।

-ନାଇଁ ଆଜ୍ଞା, ଆପଣ ଆଜି ଉପାସ ରହିଛନ୍ତି...ଭାତ ଖାଇବେ ବୋଲି ମା କହିଥିଲେ।

''ନାଇଁ ମୁଁ ଭାତ ଖାଇବି ନାହିଁ, ନେଇଯା'', କହି ମୋହନ ଛୁରୀରେ ପାଉଁରୁଟି କାଟିବାକୁ ବସିଗଲା। କିଛି ବେଳ ପରେ ମୋହନଠୁ ଆଉ ଗୋଟେ ଧମକ ଖାଇ ପୂଝାରୀ ଥାଳି ଧରି ଫେରିଗଲା।

''କଣ ଖାଇଲା ନାହିଁ?'' ମହୀବୋଉ ଯେମିତି କିଛି ଶୁଣି ନାହାନ୍ତି ସେମିତି ପଚାରିଲେ।

-''ନାଇଁ, ବାବୁ ପାଉଁରୁଟି କାଟୁଛନ୍ତି। ଭାତ ଖାଇବେ ନାହିଁ ବୋଲି କହିଲେ।''

''ହୁଁ! ଆଚ୍ଛା; ତମେ ଦିହେଁ ଖାଇନିଅ। ମତେ କେମିତି ଜରୁଆ ଜରୁଆ ଲାଗୁଛି, ମୁଁ ଖାଇବି ନାହିଁ।'' ମହୀବୋଉ ଚାଲିଗଲେ।

ପରଦିନ ଗୋଟାକ ଯାକ ମହୀବୋଉ ଉପାସ ରହିଲେ। ଉପରବେଳା ଜଳଖିଆ ଖାଇବାକୁ ଦେଇ ପୂଝାରୀ ମାୟାକୁ କହିଲା, ''ଦେଇ, ମା କାଲିଠୁଁ ଉପାସ କରିଛନ୍ତି।''

-କାହିଁକି ?

-କାଲି ରାତିରେ ସାନବାବୁ ଭାତ ଖାଇବାକୁ ମନା କଲାରୁ ମା ରାଗ କରି ସେତିକି ବେଳୁ ଉପାସ ଅଛନ୍ତି।

ଜଳଖିଆ ଥାଳିଟା ହାତରେ ଧରି ମାୟା ଉଠିଗଲା। ପୀତାମ୍ବରବାବୁଙ୍କ ପାଖରେ ବସି ମହୀବୋଉ ଜଳଖିଆରୁ ମାଛି ତଡୁଥିଲେ।

-ବାପା ! ବୋଉ କାଲିଠାରୁ ଉପାସ ରହିଛି। ଆଜି ବି କିଛି ଖାଇନାହିଁ।

ପୀତାମ୍ବରବାବୁ ଚାହିଁଲେ ମହୀବୋଉଙ୍କ ମୁହଁକୁ।

ଶୁଖିଲା ମୁହଁରେ ମହୀବୋଉ ହସ ଟାଣି କହିଲେ, ''ଉପାସ କାହିଁକି ରହିବି ? ମୋ ଦେହଟା ଭଲ ଲାଗୁନାହିଁ।''

-ପୁଣି ମିଛ କହୁଚୁ? କାଲି ରାତିରେ ଭାଇ ଭାତ ଖାଇଲେ ନାହିଁ ବୋଲି ତ ତୁ ରୁଷିଛୁ।

ବୁଝେଇଲା ଭଳି ପୀତାମ୍ବରବାବୁ କହିଲେ, ''ତମେ ତ ଆଚ୍ଛା ମଣିଷ ? ସେ ସିନା ଭାତ ଖାଇଲା ନାହିଁ। ଅନ୍ୟ ଜିନିଷ ତ ଖାଉଛି? ତା ସାଙ୍ଗରେ ପାଲିଆ

ଧରି ତମେ ଉପବାସ ରହିଲେ ଏ ବୟସରେ ଦେହ ସହିବ। ଯାଅ, ଖାଇବ ଯାଅ।''

'ନା' ମହୀବୋଉ ବସି କାନ୍ଦିବାକୁ ଲାଗିଲେ।

''ନା କ'ଣ ? ସବୁଦିନେ ଏମିତି ଉପବାସ ରହିଥିବ ?'' ପୀତାମ୍ବରବାବୁ ମହୀବୋଉଙ୍କ ମୁହଁକୁ ଚାହିଁଲେ।

''ସେ ବାହା ହବାକୁ ରାଜି ହେଲେ, ମୁଁ ଏ ଘରେ ପାଣି ଛୁଇଁବି-ନହଲେ ସେମିତି ଶୁଖି ଶୁଖି ମରିବି। ଦେଖିବି ସେ କେମିତି ବାହା ହେବ ନାହିଁ।''

''ତମେ ତ ମଣିଷକୁ ଆଚ୍ଛା ହଇରାଣରେ ପକାଇଲ,'' ପୀତାମ୍ବରବାବୁ ଟିକିଏ ଚିନ୍ତିତ ହେଲେ।

ମୋହନ ବୁଲିସାରି ଘରେ ଗୋଡ଼ ଦଉ ଦଉ ମାୟା ଚଣ୍ଡୀମୂର୍ତ୍ତି ଦେଖାଇ କହିଲା, ''ଭାଇ, ତମେ କଣ ବୋଉକୁ ଜୀବନରେ ମାରିଦବାକୁ ବସିଚ ?''

-ଏଁ !

-ଏଁ କଣ ? ସେ ଦି'ଦିନ ହେଲା ଖାଡ଼ା ଉପାସ ରହିଛି। ...ତମେ ବାହା ହବାକୁ ରାଜି ହେଲେ ଯାଇ ଏ ଘରେ ପାଣି ଛୁଇଁବ ବୋଲି ସେ କହୁଛି...ବାହା ହୋଇପଡ଼ିଲେ ତ ଆଉ ଏତେ ଗୋଳମାଳ ଲାଗନ୍ତା ନାହିଁ...ଭିତରେ ପଛେ ଷୋଳପଣ ଇଚ୍ଛା ଥିବ, ବାହାରକୁ ଯେତେକ ଫୁଟାଣି।

''ବୋଉ କାହିଁ ?'' କହି ମୋହନ ସିଧା ମହୀବୋଉଙ୍କ ପାଖରେ ଯାଇଁ ହାଜର ହେଲା।

''ବୋଉ' ତୁ କାହିଁକି ଉପାସ ରହିଛୁ ?'' କହି ମୋହନ ପାଖରେ ବସିଲା।

-ମତେ ନ କହିଲେ ମୁଁ ବୁଝିବି କେମିତି ?

-ତୋର କ'ଣ ଆଖି ନାହିଁ ? ସୁଁ ସୁଁ ହୋଇ ମହୀବୋଉ କାନ୍ଦିବାକୁ ଲାଗିଲେ।

-ହଉ,ମୁଁ ବାହା ହେବି, ତୁ ଖାଇନେ। ଏ ମାୟା, ବୋଉ ପାଇଁ କଣ ଅଛି ଆଣ।

କିଛି ନ କହି ମହୀବୋଉ ସେମିତି ବସି କାନ୍ଦୁଥାନ୍ତି।

-କହିଲି ପରା ବାହା ହେବି, ଆଉ କଣ ?

-ନାଇଁ, ତୁ ମୋ ଦେହ ଛୁଁ।

''ହଉ, ଛୁଇଁଲି'' କହି ମହୀବୋଉଙ୍କ ବଢ଼େଇଥିବା ହାତକୁ ଛୁଇଁଲା।

ପୀତାମ୍ବରବାବୁଙ୍କୁ ଡକେଇ ସାକ୍ଷୀ ରଖି ମହୀବୋଉ ଅନଶନ ଭାଙ୍ଗିଲେ।

ତା ପରଠାରୁ ଦେଖାଗଲା ମହୀବୋଉ ମୋହନ ଖିଆପିଆର ଦୁଇଗୁଣ ଯତ୍ନ ନେଉଛନ୍ତି। ସେ ଯେତେବେଳେ ଘରକୁ ବୁଲି ଆସିଲା, ତାଙ୍କର ପ୍ରଥମ କଥା-''ପୁଅ ବାହା

ହବା ପାଇଁ ରାଜି ହେଉଚି। ତମ ଦେଖାନ୍ତରେ କେହି ଭଲ ପାତ୍ରୀ ଅଛନ୍ତି?'' ତାପରେ ନିଜ ଅନଶନର ବର୍ଣ୍ଣନା।

ଘରେ ଚୁପ୍ ହୋଇ ବସି ରହିଲେ ଚଳିବ ନାହିଁ, ତେଣୁ ଘର ଘର ବୁଲି ବୋହୂମାନଙ୍କୁ ଦେଖିବା ଦରକାର। କାହା ବୋହୂ କେମିତି ଚଳୁଛନ୍ତି, ସେତକ ଆଗରୁ ଭଲ କରି ନ ଦେଖିଲେ ହୁଏତ ସେ ନିଜେ ହଇରାଣରେ ପଡ଼ିଯିବେ। କି ଧରଣର ବୋହୂ ଆଣିବେ,ସେ ବି ଗୋଟାଏ ସମସ୍ୟା। ବହୁତ ଦିନ ଆଗର କଥା ମନେ ପଡ଼ିଲା-ଯଦୁବୋଉ କହୁଥିଲେ ମୁରଲୀବାବୁଙ୍କ ଘର ବୋହୂମାନଙ୍କ କଥା। ଥରେ ତାଙ୍କ ଘରକୁ ଗଲେ ହୁଅନ୍ତା।

ସେହିଦିନ ଖୁସିରେ ମହୀବୋଉ ଯଦୁବୋଉଙ୍କୁ ସାଥିରେ ଧରି ମୁରଲୀବାବୁଙ୍କ ଘରକୁ ବୁଲିବାକୁ ଗଲେ। ସେଠି ପହଞ୍ଚିଲା ବେଳକୁ ସଞ୍ଜ ଗଡ଼ିଗଲାଣି। ମୁରଲୀବାବୁଙ୍କ ସ୍ତ୍ରୀ ଓରଫ ମିନିବୋଉ ବଡ ଓ ମଝିଆଁ ପୁଅଙ୍କର ତିନିଟା ଛୁଆଙ୍କୁ ଏକାଠି ବସେଇ ଖୋଇ ଦେଉଛନ୍ତି ଆଉ ମନକୁ ମନ ଭଟର ଭଟର ହେଉଛନ୍ତି।

ହସି ହସି ଯଦୁବୋଉ କହିଲେ-ଆମେ ତମ ଘରକୁ କୁଣିଆ ଆସିଛୁ ସଙ୍ଗାତ। ତା ପରେ ଚାରିଆଡକୁ ଟିକିଏ ଚାହିଁଦେଇ କହିଲେ ସାନବୋହୂ ନାହିଁକି?

-ଅଛି।

-ଯା' ହଉ। ଯଦୁବୋଉ ହସିଲେ।

''କିଏ ଅଛ ଲୋ, ଗୋଟାଏ ମସିଣା ପାରିଦେଇ ଯିବଟି'', କହି ମିନିବୋଉ ମହୀବୋଉଙ୍କ ମୁହଁକୁ ଚାହିଁଲେ-ସୂର୍ଯ୍ୟ ଆଜି କୁଆଡ଼େ ଉଇଁଥିଲେକି, ତମେ ଆଜି କେମିତି ଗଡ଼ିପଡ଼ିଲ?

ତମର ସିନା ତିନି ତିନିଟା ବୋହୂ ଯେ, ହାତରେ କିଛି କରିବାକୁ ପଡୁନାହିଁ। ବୋହୂ-ପରଷା ଖାଇମନ ଖୁସିରେ ହେଣ୍ଡି ମାରି ବୁଲୁଚ। ମୋର ସେ ଭାଗ୍ୟ କାହିଁ? ସବୁ ନିଜେ ନ ଦେଖିଲେ ଘଡିଏ ଚଳିବ ନାହିଁ।

ସଙ୍ଗାତକୁ ଟିକିଏ ଚିମୁଟି ଦେଇ ହସି ହସି ଯଦୁବୋଉ କହିଲେ-ଆଲୋ, ଏଣେ ବାଙ୍କ ବାଟରେ କାହିଁକି ଯାଉଚୁ? ସକଖ କଥା କହିଦଉନୁ-''ତୋର ଦେଖି, ମୋର ତେଉଁଚି ଡାହାଣ ଆଖି''...

ଯଦୁବୋଉଙ୍କ କଥା ନ ଶୁଣିଲାପରି ମିନିବୋଉ କହିଲେ-ଆଲୋ,କଲେ ସବୁ ହବ। ତମେ ଚୁପ୍ ହୋଇ ବସିଯାଅ, ଦେଖିବ ସବୁ ଠିକ୍ ଚାଲିବ। ରଜା ମରିଗଲେ ରାଜ୍ୟ ଚଳୁଛି। ଆଉ ତମେ ଘଡିଏ ଛୁଟି ନେଲେ ଘର ଅଚଳ ହୋଇଯିବ?

-ହଅ ଛୁଟି ନେବି! ଯମ ନେଲାପରେ ଯାଇ ମୋର ଛୁଟି-ତା ଆଗରୁ ନୁହେଁ।

ତମ ପୁଅ ବାହା ହବାକୁ ରାଜି ହେଲା?

-ଆମେ ତ ପାତ୍ରୀ ପାଉନୁ, ରାଜି ଅରାଜି କଥା କିଏ ପଚାରେ?

-ତମର ଯୋଉ କଥା ! ତମ ପୁଅକୁ ପୁଣି ପାତ୍ରୀ ଅପୂର୍ବ ! ମିନିବୋଉ ଯଦୁବୋଉଙ୍କ ମୁହଁକୁ ଚାହିଁଲେ।

ଯଦୁବୋଉ ଆଗ ବଳିପଡ଼ି କହିଲେ-ଜାଣିନା କି ସଙ୍ଗାତ, ସେ ପରା ପାଠୋଇ ବୋହୂ କରିବ।...

ଗୋଡ଼ ଖସି ପଡ଼ିଯାଉଥିବା ଲୋକକୁ ହାତ ଦେଇ ରୋକି ନେଲାଭଳି ମିନିବୋଉ କହିଲେ-ସେ ଭୁଲ କରନା ମହୀବୋଉ...ମୋ ସାନକୁହା ମାନ, ବେଶି ପଢୁଆ ଝିଅ କେବେହେଲେ ବୋହୂ କରି ଆଣିବୁ ନାହିଁଟି। ଆଲୋ ''ଶିମିଳି ଗଛର ଡାଳମୂଳ କଣ୍ଟା ଫୁଲ ଫୁଟିଥାଏ ରଙ୍ଗ, ଚହକଚାନ୍ଦୀର ମଥାରେ ସିନ୍ଦୂର ଦୂରକୁ ଦିଶଇ ଢଙ୍ଗ''...ତାଙ୍କ ଭିତରେ ଜଡ଼ାକର କିଛି ଅଛି ? ଖାଲି ଦେଖା ସୁନ୍ଦର କଖାରୁ ବଡ଼ି...ମୂର୍ଖଙ୍କ ଭିତରେ ହେଲେ ଟିକିଏ ଦୟାମାୟା ଅଛି, ଏମାନଙ୍କଠି କ'ଣ ସେତକ ପାଇବ ? କହୁନ- ?

କଥାଟାକୁ ଷୋଳ ଅଣାରେ ସମର୍ଥନ କରି ଯଦୁବୋଉ କହିଲେ-ଆଗୋ, ପାଠ ସାଙ୍ଗରେ ପରା ସେତକ ବି ଖାଇ ଦେଇଥାନ୍ତି। ଆଉ ରାଇଜଯାକର ଯେତେ ବାଦ ଛେଦ, ସବୁ ତାଙ୍କଠି ବସା ବାନ୍ଧିଥାଏ। ମୂର୍ଖଗୁଡ଼ା ପାଠପଢ଼ି ନ ଥାନ୍ତି ବୋଲି ଗଛକୁ ମଝିରୁ ହାଣି ଧରା ପଡ଼ନ୍ତି, ଆଉ ଏମାନେ ମୂଷାଭଳି ଶିଏ ଶିଏ ଯାଇ ମୂଳରୁ କାଟି ଦିଅନ୍ତି। ସେ ତ ଆଗରୁ କଥା ଅଛି-''ଫରଫର ହେଇ ଡିଅନ୍ତି ମୀନ, ବଡ଼ ମାଛଙ୍କର ନ ଦିଶେ ଚିହ୍ନ''।

ମହୀବୋଉଙ୍କ ମୁହଁରୁ ଇଣାପଡୁଥାଏ ଯେମିତି କଥାଗୁଡ଼ାକ ତାଙ୍କ ମନକୁ ଆସିଲା ନାହିଁ। କହିଲେ-ଆଜିକାଲି ତ ସମସ୍ତେ ପାଠ ପଢ଼ିଲେଣି-ଅପାଠୋଇ ହେଇ କିଏ ଅଛି ମତେ କହିଲ ?

ମହୀବୋଉଙ୍କ କଥା ଶୁଣି ଯଦୁବୋଉ କହିଲେ-ଆଲୋ, ସଙ୍ଗାତ ସେ କଥା କହୁ ନାହିଁ; ସେ ବେଶି ପଢୁଆଙ୍କ କଥା କହୁଚି ନା।

-କାହିଁ, ମୋ ଦେଖାରେ କେଇଟା ଝିଅଙ୍କୁ ଦେଖୁଚି... ଭଲରେ ଘର ଚଳାନ୍ତି ତ ? ତମଆମ ଘରଠୁ ତାଙ୍କ ଘରେ ତ ଆଉରି ବେଶି ସଣ୍ଢଣା। ଗୋଟାଏ ଅଧେ ଠିକା ଚାକର ରଖି ସବୁ କଥା ହାତେ ହାତେ କରି ପକାନ୍ତି। ଦେଖିଲେ ଭାରି ଭଲ ଲାଗେ।

ଟିକିଏ ତାତିଉଠି ମିନିବୋଉ କହିଲେ-ତା' କାହିଁକି କରିବେ ନାହିଁ ? ଶାଶୁଘରେ ସିନା ଗାଧୋଇ ସାରିଲେ ଶାଢ଼ି ହକାଳିବାକୁ ଚାକର ଲୋଡ଼ା, ବିଛଣା ପରା, ବିଛଣା ଝଡ଼ା, ରନ୍ଧାରନ୍ଧି-ସବୁଥିକୁ ଚାକର ଦରକାର। କଥା କ'ଣ ନା ବଡ଼ଲୋକର ଝିଅ, ପାଠ ପଢୁଥିଲେ, ପିଲାଦିନରୁ କେବେ ଏସବୁ ହାତେ ହାତେ କରିନାହାନ୍ତି। ତାଙ୍କୁ ତମେ ଅବିକା ବିଦେଶ ପଠେଇଦିଅ, ଦେଖିବ ତାଙ୍କଠାରୁ ପାରଧାରୀ ଆଉ କେହି ନାହାନ୍ତି...

କଥା ଛଡ଼େଇ ନେଇ ଯଦୁବୋଉ କହିଲେ,-କିନ୍ତୁ ସେ ଅଛ କେଇଟା ଦିନ

ପାଇଁ ନା ! ଆଲୋ, ସେତେବେଳେ ପରା ତାଙ୍କ କାମ ଦେଖିଲେ ତମ ଆଖି ତାଳୁରେ ଖୋସି ହେଇଯିବ। ବିଦେଶରେ ବେଳାଏ ରାନ୍ଧି ଦେଇ ଦି'ବେଳା ଖାଇଲେ...ହୋଟେଲ ଅଛି...ଶାଶୁଘରେ ଏସବୁ ଚଳିବ କୁଆଡୁ ? ସେ ତ ପାଞ୍ଚ ଭାଇ ଆଖଡ଼ା...ନୁହେଁ ?

ବଡ଼ ଜୋରରେ ମୁଣ୍ଡ ହଲେଇ ମିନିବୋଉ କହିଲେ-''ଯାହା କହିଲ, ଶାଶୁଘରେ ଏସବୁ ଚଳିବ କୋଉଠୁ ? ସେଥିପାଇଁ ଦେଖିବ ଆଜି ଜଣକର ମୁଣ୍ଡ ବଥେଇଲେ କାଲି ଆଉ ଜଣକର ପେଟ ବଥାଏ, ପରଦିନ ଆରଜଣକର ହାତ ବିନ୍ଧେ...କହିଲ ଦେଖି ମୂର୍ଖମାନଙ୍କ ପରି ଏ ପାଠୋଇମାନେ ସାନ ସାନ ନଣନ୍ଦ ଦିଅରଙ୍କର ଅଳିଝଲି ବଡ଼ିବମଡ଼ ସହି ପାରିବେ ?''

ଯଦୁବୋଉ ଥରେ ମହୀବୋଉଙ୍କ ଆଡ଼କୁ ଚାହିଁ କହିଲେ,-ଅଳିଝଲି ସହିବେ! ତାଙ୍କର ଗରଜ ସବୁ ନଥିଲା! ତାଙ୍କ ଧୋବ ଲୁଗାରେ ମଳି ଲାଗିଯିବ ବୋଲି ପଛକେ ଛୁଇଁବେ ନାହିଁ, ସେମାନେ ପୁଣି ଅଳିଝଲି ସହିବେ!...ଆଗୋ, ଯିଏ ଶାଶୁଘରେ କାମ ନକଲା, ସେ ଗୋଟାଏ କି ବୋହୂରେ ଗଣା ?

-ଆଉ ତେବେ ? ମୂର୍ଖଙ୍କଠୁ ସେମାନେ କୋଉ ହିସାବରେ ଭଲ ହେଲେ ? ମୂର୍ଖମାନଙ୍କୁ ସାତଖୁଣ୍ ମାଫ-ସେମାନେ ପାଠ ପଢ଼ି ନାହାନ୍ତି, ମୂର୍ଖ। କିନ୍ତୁ ଏମାନେ ପାଠୋଇ ହୋଇ ତାଙ୍କୁ କଣ ଶିଖେଇଲେ ? ଏ ପାଠୋଇମାନେ ଖାଲି ଗୋଟିଏ କଥା ଜାଣନ୍ତି-ବିଦେଶରେ ରହି ଶାଶୁ ନଣନ୍ଦଙ୍କ ପାଖକୁ ବାଗେଇ ବାଗେଇ ଖଣ୍ଡେ ଖଣ୍ଡେ ଚିଠି ଛାଡ଼ନ୍ତି-ଚିଠି ତ ନୁହେଁ, ଗୋଟିଏ ଗୋଟିଏ ମୁନିଆଁ ତୀର। ପାଠ ପଢ଼ା ତାଙ୍କର ପାଣିରେ ପଡ଼େ ନାହିଁ। ଏଇ ଦେଖ ଅଲେଖବାବୁଙ୍କ ଘର କଥା। ତାଙ୍କ ବୋହୂ ଏଇ କେଇଟା ମାସ ହେଲା ବିଦେଶ ଯାଇଚି। ତାରି ଶାଶୁ ପରା ମତେ ତା' ଚିଠି ଦେଖାଉଥିଲେ।

ଯଦୁବୋଉ ସଳଖି ବସି ପଚାରିଲେ,''ତାଙ୍କ ବୋହୂ କେବେ ବିଦେଶ ଗଲା କି ?''

''ଏଇ ଦୋଳ ବେଳକୁ ଗଲା ତ...ହେଁ, କଣ କହୁଥିଲିଟି ବୋହୂ ଚିଠି କଥା ପରା ?'' ମିନିବୋଉ ମହୀବୋଉଙ୍କୁ ଟିକିଏ ଠେଲି ଦେଇ ଆରମ୍ଭ କଲେ-ତାଙ୍କ ବୋହୂ ଲେଖିଥାଏ, ଶାଶୁ ଶ୍ୱଶୁରଙ୍କ କଥା ଭାବି ତା ମନଟା ସବୁବେଳେ ଗୋଳେଇ ଘାଣ୍ଟି ହଉଚି... ସମସ୍ତଙ୍କ କଥା ଭାବି ଭାବି ରାତିରେ ନିଦ ହେଉନାଇଁ, ଦେହ ଶୁଖି ଯାଉଚି...ଏମିତି ଆଉରି କେତେ କଥା। ଏଣେ ଘରେ ଶାଶୁର ପାଳା ଦେଖିବ କଣ ? ଥରକୁ ଥର ସମସ୍ତଙ୍କୁ କେଞ୍ଚୁଥାଏ, ଯାଇ ବୋହୂକୁ ନେଇ ଆସିବାକୁ। ଏଇ ପୂଜାଛୁଟିରେ ଆସିବା ପାଇଁ ଶାଶୁ କୁଆଡ଼େ ଚିଠି ଲେଖିଥିଲା। ବୋହୂ ବି ରାଜି ହେଇଥିଲା। ଦେଖୁ ଦେଖୁ ଛୁଟି ସରିଗଲା, ପୁଅ ବୋହୂଙ୍କର ଦେଖା ନାହିଁ। କଥା କଣ ନା ପୁଅ କୁଆଡ଼େ ଜୋର କରି ତାକୁ ବମ୍ବେ ନେଇଗଲା ହାଓ୍ୱା ବଦଳେଇବାକୁ।

ବୋହୂ ଫେରିବାର ଶୁଣି ଶାଶୂଙ୍କ ଠେଲାପେଲାରେ ଶ୍ୱଶୁର ଆଣିବାକୁ ଗଲେ। ସେଠି ପହଞ୍ଚି ଦେଖିଲେ ପୁଅ ବୋହୂ ଆଉ ପୁଅର ଦି'ଜଣ ସାଙ୍ଗ ବସି ତାସ ଖେଳୁଛନ୍ତି। ଶ୍ୱଶୁରଙ୍କୁ ଦେଖି ବୋହୂ ଯାଇ ଘର ଭିତରେ ଲୁଚିଲା। ଯିଏ ଯୁଆଡ଼େ ପଳେଇଲେ। ବୋହୂକୁ ଆଣିବାକଥା କହିଲାକୁ ପୁଅ କୁଆଡ଼େ ତଳକୁ ମୁହଁ ପୋତିଲା। ତେଣିକି ସେ ବୋହୂ କୁଆଡ଼େ ବାହାରି ଆସି ଶ୍ୱଶୁର ସାଙ୍ଗରେ ପୁଅପାଇଁ ଜବାବ ସୁଆଲ କଲା....

କଥାରେ ବାଧାଦେଇ ଯଦୁବୋଉ ଶୁଣେଇ ଶୁଣେଇ କହିଲେ-ଗାଈ ନ ବୋବାଏ ଖାଉନ୍ଦ ଚିହ୍ନି, ଖାଉନ୍ଦ ଧାଉଁଛି ଛନ୍ଦଣୀ ଘେନି''...

ଯଦୁବୋଉଙ୍କ କଥାକୁ କାନ ନଦେଇ ମହୀବୋଉ କହିଲେ-ହଁ, ଶ୍ୱଶୁର ସେଠୁ କଣ କଲେ ?

-'ସେଠୁ' ଆଉ କଣ ? ଶ୍ୱଶୁର କାନମୁଣ୍ଡା ଆଉଁସି ଏକାଟିଆ ଫେରିଲେ...ଏଇ ହେଲା ବେଶି-ପଢ଼ା ବୋହୂଙ୍କ କଥା। ବିରାଡ଼ି ବୈଷ୍ଣବ ପରି ମୁହଁରେ କଅଁଳ କଥା, ଏଣେ ଭିତରେ ଭିତରେ ଛିଅ କାଟୁଥିବେ।

ମହୀବୋଉ ଆଉ ଚୁପ୍ ରହି ପାରିଲେ ନାହିଁ, କହିଲେ-ତୁଚ୍ଛାଟାରେ ପର ଝିଅମାନଙ୍କୁ କାହିଁକି ଦୋଷୀ କରୁଛ ଭଲା ? ତମେ ନିଜେ କହିଲ ଦେଖି, ଯଦି ତମର ଗୋଟିଏ ଝିଅ ବାହା ହବାକୁ ଥାନ୍ତା, ତମେ ଏମିତି କଥା କହୁଥାନ୍ତ ?

ମିନିବୋଉ ସଙ୍କୁଡ଼ି ହାତ ଧୋଉ ଧୋଉ କହିଲେ-ହେ-''ପାଣିରେ ବୋରଝାଞ୍ଜି ଯାଉଛି ସଡ଼ି, ପେଟରେ ଦୁଃଖ ଅଛି କୋଳପ ପଡ଼ି''...ମୋ ଝିଅ କଥା କହୁଛ ଯେ, ସେ ତ ସହଜେ ରୋଗୀଣିଟାଏ...ଆଖି ଲାଲ ହେଇ ଗେଣ୍ଡା ଭଳି ଫୁଲି ଯାଇଥିବ, ଚାହିଁ ହଉ ନ ଥିବ, ସେଥିରେ ରନ୍ଧାବଢ଼ା ସବୁ କରି, ଘର ଗୋଟାକ ଯାକର ମଣିଷଙ୍କୁ ସେ ଖାଇବାକୁ ଦବ। ଜୋଇଁ ବି ସେମିତିକା ମଣିଷ। ନିଜର କିଛି ଅସୁବିଧା ନ ହେଲେ ଘରର ହାନିଲାଭ ତାଙ୍କ ଆଖିରେ ପଡ଼େ ନାହିଁ। ଶାଶୁ କୁଆଡ଼େ ଥରେ ଯାଇ ମିନି ପାଇଁ ଔଷଧ କଥା କହିଥିଲା ଯେ, ପୁଅ ଜବାବ ଦେଲେ, ''କେତେ ଲୋକଙ୍କ ଆଖି ଏମିତି ହୁଏ ନା, ଏଥିରେ ଗୋଟାଏ ଡରୁଛୁ କଣ'' ?

-ଇଏ କୁଆଡ଼ର କଥା ବା ? ମହୀବୋଉ ଯଦୁବୋଉଙ୍କ ମୁହଁକୁ ଚାହିଁଲେ।

-ଆଉ ? ଯେତେବେଳେ ଅବସ୍ଥା ଆଉ ସମ୍ଭାଳି ହେଲା ନାହିଁ, ଡାକ୍ତର ଆସି ଔଷଦ ଲେଖି ଦେଇଗଲେ। ତେଣେ ଡାକ୍ତର ରାସ୍ତାରେ ଗୋଡ଼ ଦେଇଥିବେ କି ନାହିଁ ଏଣେ ଜୋଇଁ ଝିଅକୁ ମୋର ଚା'ପାଇଁ ବରାଦ କଲେଣି।

ଯଦୁବୋଉ ଆଉ ସମ୍ଭାଳି ପାରିଲେ ନାହିଁ, କହିଲେ-ଇଲୋ ମା, ଇଏ ତ ଯମ ଘରକୁ ବଳି। ତା'ର ପରା ଶାଶୁ ଅଛି ?

-ଶାଶୁ ଥିଲେ କେତେ ନଥିଲେ କେତେ ? ସ୍ତ୍ରୀର ଭଲମନ୍ଦ ସିନା ସ୍ୱାମୀର

ବୁଝିବା କଥା ! ଶାଶୁଟା ତ ବୁଢ଼ୀ ମଣିଷ। ଆଖିକି ଦୁଶିବ ନାହିଁ। ଆଉ ରାନ୍ଧିବ କିଏ ? ଏଣେ ଖାଇପିଇ ପେଟ ଥଣ୍ଡା କରି ତୋଙ୍କ ଓଲଟି ମିନିକୁ ମୋର ଗାଳିଦେବେ, ''ଡାକ୍ତର ମନା କରିଗଲେ ନିଆଁ ପାଖକୁ ଯିବାକୁ...ଯାଉଥା ଯାଉଥା-ଆଖିଟା ଫୁଟି ଗଲା ପରେ ବସିଥିବ ଯେ''।

-ଇଲୋ, ଇଏ କି କଥା ? ଯଦୁବୋଉ ହସିବାରେ ଲାଗିଲେ।

-ଆଲୋ, ହସୁଚ କଣ ବା ? ସେଇ ଆଖିରେ ପରା ଭାତଠୁ ଆରମ୍ଭ କରି ତା କଲଖିଆ-କିଛି ବାଦ ଯିବ ନାହିଁ। ଭାତ ସାଙ୍ଗରେ ମାଛ ଦେଖିଲେ ତୋଙ୍କ ଆମର ମାଉଁସ ରାନ୍ଧିବାକୁ ଫରମାସ ଦେବେ। ସବୁ ଖାଉବେ। ପୁଣି ଶେଷକୁ ସେଇ ଧମକ ''କରୁଥା...କରୁଥା...ଆଖିଟା ଫୁଟିଗଲା ପରେ ବସିଥିବ ଯେ।'' କହୁଚି ପରା ସେଇ ଆଖିରେ ତୋଙ୍କର ଯେତକ କାମ ସବୁ କରିବ। ତୋଙ୍କ ତ ମୋର ଶାଳଗ୍ରାମ। ଯୋଉଠି ବସେଇ ଦେଇଥିବ, ସେଇଠି। ଝିଅ ନ ଦେଖିଲେ ଆଉ କିଏ ଦେଖିବ ?

କଥାଟାକୁ ଭାଙ୍ଗିଦେଇ ମହୀବୋଉ କହିଲେ-ତମେ କଣ ମୋ କଥାକୁ ଧଇଲ କି ମିନା ବୋଉ ? ମୁଁ କଣ ମିନିକୁ ଚିହ୍ନି ନାଇଁ ? ତମ ମିନି ଯଦି ବେଶିଗୁଡ଼ାଏ ପଢ଼ିଥାନ୍ତା, ତେବେ କଣ ସେ ବଦଳି ଯାଇଥାନ୍ତା ? ଯିଏ ଭଲ ସିଏ ଭଲ।

''ହଁ, ସେଇଆ ନୁହଁ ତ ଆଉ କଣ ? ହେଇତି, ଗୋଟିଏ ବୋହୂ କଥା ଶୁଣ'' କହି ଯଦୁବୋଉ ଆରମ୍ଭ କଲେ-ବାପା ମା'ଙ୍କର ସେ ଗୋଟିଏ ବୋଲି ପୁଅ। ବୋହୂ ଆସିବାର ଦି ବର୍ଷ ପରେ ଗାଁ ଘରପୋଡ଼ିରେ ତାଙ୍କ ଘରଟି ପୋଡ଼ିଗଲା। କ'ଣ ଆଉ କରିବେ ? ସମସ୍ତେ ଯାଇ ଗଛମୂଳରେ ରହିଲେ। ଏ ଖବର ପାଇ ଝିଅର ବାପ ଆସିଲା ତାକୁ ନେଇଯିବାକୁ। ଝିଅ ଯେମିତି ବାପଠୁଁ ସବୁକଥା ଶୁଣିଲା, କୁଆଡ଼େ କହିଲା, ବାପା ! ଶାଶୁ ଶ୍ୱଶୁରଙ୍କୁ ଏ ବୁଢ଼ା ବୟସରେ ଗଛତଳେ କାନ୍ଦିବାକୁ ଛାଡ଼ିଦେଇ, ମୁଁ କେମିତି ତମ ସାଙ୍ଗରେ ପକ୍କା ଘରେ ବସି ଡାଲି ଭାତ ଖାଇବି ?'' ବାପ ଆଉ କଣ କରିବ ? ଝିଅର କଥା ଶୁଣି ମୁହଁ ଲୁଚେଇ ପଳେଇ ଯିବାକୁ ପରା ତାକୁ ବାଟ ଦୁଶିଲା ନାହିଁ ! କହିଲ ଦେଖି, ଆଜି କାଲିର ପାଠୋଇ ବୋହୂଙ୍କ ଜିଭରେ ଏ କଥା ଲେଉଟିବ ?

ଯଦୁବୋଉଙ୍କୁ ସମର୍ଥନ କରି ମିନିବୋଉ କହିଲେ-ଗଛ ମୂଳେ ରହିବା ତ ଦୂରର କଥା, ଶାଶୁଘର ଯଦି ମାଟିଘର ହୋଇଥାଏ, ତେବେ ଝିଅର କଷ୍ଟ ସହି ନପାରି, ବାପ ମା ଝିଅ ଜୋଇଁଙ୍କ ମାନିଆ ଗୋଟିଏ ବଖରା ପକ୍କା ଘର କରିଦିଅନ୍ତି। ଦେଖିଲା ଲୋକର ଆଖିକି ତ ଅଡୁଆ ଲାଗେ, ବୋହୂ ସେଇ ଘରେ ଚଳପ୍ରଚଳ ହେଇ କଣ ସେତକ ବୁଝିପାରେ ନାହିଁ ? ତାଙ୍କୁ ଟିକିଏ ବି ସଙ୍କୋଚ ଲାଗେ ନାହିଁ ? ଏ ପଟେ ଶାଶୁ ଶ୍ୱଶୁର ମାଟିରେ ଚାଲୁଥିବା ବେଳେ ଆରପଟେ ପୁଅବୋହୂ ପକ୍କା ଘରେ ସତରଞ୍ଜି ବିଛେଇ ତା ଉପରେ ଚାଲନ୍ତି...ଅଲାଜୁକ ମୁହଁକୁ ଆଉରି ଲାଜ

ଲାଗେ ନାହିଁ ଯେ, ପୁଣି ଫୁଲେଇ ହେଇ କହନ୍ତି, ''ଯାକୁ ମୋ ବାପା ତୋଳେଇ ଦେଇଛନ୍ତି।''

କଥା ଛିଣ୍ଡୁ ନାହିଁ। ବେଳ ବଢ଼ି ବଢ଼ି ଯାଉଛି। ବ୍ୟସ୍ତ ହୋଇ ମହୀବୋଉ କଥା ଭାଙ୍ଗିବାକୁ କହିଲେ-ଭାଗ୍ୟ ଗୁଣରେ ବୋହୂ ମିଳେ। ଯିଏ ଯେମିତି କରିବ ସେ ସେମିତି ଫଳ ପାଇବ। ଏଥର ତମ ବୋହୂକୁ ଟିକିଏ ଡାକ, ଦେଖିଦେଇ ଯିବା। ରାତି ବେଶି ହେଲାଣି, ସେଣେ ଘରେ ମତେ ଖୋଜୁଥିବେ। ତମର ସିନା କାମଦାମ ନାହିଁ ଯେ ଯୋଉଠି ବସିବ ରାତି ପାହିବ। ହସି ହସି ମହୀବୋଉ ଅଳସ ଭାଙ୍ଗିଲେ।

ମୁରଲୀବାବୁଙ୍କ ସ୍ତ୍ରୀ କଥା ଲହସରେ ପାନ କଥା ଭୁଲି ଯାଇଥିଲେ। ମହୀବୋଉଙ୍କୁ ଉଠିବାର ଦେଖି ଚିଡ଼ିଯାଇ ପାଟିକଲେ- ଆଲୋ ଦି' ଖଣ୍ଡ ପାନ ଦବାକୁ ତମକୁ ଯୁଗେ ଲାଗିଲାଣି।

-ନଉଛି। ଘର ଭିତରୁ ଉତ୍ତର ଆସିଲା।

-ଥାଉ ବା, ଦରକାର ନାହିଁ...କାନିରେ ପାନ ଅଛି। ମହୀବୋଉ ଉଠି ଠିଆ ହେଲେ।

ଏତେ ଦିନକେ ଆସିଛ, ଖିରୀହାଣ୍ଡିରେ ଗୋଡ଼ ପୂରେଇଲା ପରି କାହିଁକି ଏମିତି ତରବର ହଉଚ ମ? ଆଉ ଟିକିଏ ବସ। ମୁରଲୀ ବାବୁଙ୍କ ସ୍ତ୍ରୀ ମହୀବୋଉଙ୍କ ହାତ ଧରି ପୁଣି ମସିଣାରେ ବସେଇ ଦେଲେ।

-ପରକୁ କହିଦବାଟା। ସହଜ ତମେ ନିଜେ କେତେ ଥର ଗଲଣି?

-ଏଥର ଯିବି।

ଯଦୁବୋଉ ହାଇମାରି ମସିଣା ଉପରେ ଗଡ଼ପଡ଼ ହେବାକୁ ଯାଇ କହିଲେ, ''ଦେଖିବା ସଂଗାତ କେତେ ସତ କହେ।''

ଏତିକି ବେଳେ, ''ସାନ ବୋହୂ ଗୋଟିଏ ଥାଳିଆରେ ଅଛି ପାନ ଆଉ ଗୁଣ୍ଡି ଆଣି, ମସିଣା ଉପରେ ରଖିଦୁହିଁଙ୍କୁ ହାତ ଉଠେଇ ନମସ୍କାର କଲା।

ମହୀବୋଉ ବୋହୂର ମୁହଁ ଟିକିଏ ଭଲ କରି ଦେଖିବାକୁ ଚେଷ୍ଟା କରୁଥିବା ବେଳେ ଛାଟ ମାରିଲା ପରି ଯଦୁବୋଉ ଉଠି ପଡ଼ିଲେ। ମୁହଁ ମୋଡ଼ି କହିଲେ, ''ମୁଁ ଯାଉଛି ଲୋ, କେତେ ରାତି ହେଲାଣି।'' କାହାରି ଉତ୍ତରକୁ ଅପେକ୍ଷା ନକରି ଯଦୁବୋଉ ଆଗେ ଆଗେ ଚାଲିଲେ।

''ଆରେ, ଆରେ, ପାନ ନେଇ ନା...'' ମୁରଲୀବାବୁଙ୍କ ସ୍ତ୍ରୀ ଦି'ଖଣ୍ଡ ପାନ ମହୀବୋଉଙ୍କ ହାତରେ ଗୁଞ୍ଜି ଦେଉ ଦେଉ ସଙ୍ଗାତକୁ ଡାକ ଛାଡ଼ିଲେ।

-ତମେ ଖା, ମୋର ପାନ ଅଛି। ଯଦୁବୋଉ ଯାଇ ଦାଣ୍ଡରେ ଉଠିଲେ।

ଗାଡ଼ିରେ ବସି ଯଦୁବୋଉଙ୍କୁ ଚାହିଁ ମହୀବୋଉ ମୁରୁକି ହସିଲେ। ଯଦୁବୋଉଙ୍କୁ କାହିଁକି ଯେ ରାତିଟା ହାଠାତ୍ ବେଶୀ ଜଣାପଡ଼ିଲା, ତାର କାରଣ ତାଙ୍କୁ ଅଛପା

ନାହିଁ। ତଥାପି କଥାର ଖିଅ ଧରି କହିଲେ, ''ବେଶ୍ ସୁନ୍ଦରିଆ ବୋହୂଟିଏ।''

ମୁହଁମୋଡ଼ି ଯଦୁବୋଉ କହିଲେ-''ଯୋଉ ସୁନ୍ଦର! ମୁହଁରେ ଆଉ ତ କିଛି ନାହିଁ, ଖାଲି ଦି'ପାଟି ନିଶ ଅଛି।''

-ଅପା, ଏମିତି ଜିରାରୁ ଶିରା କାଢ଼ିଲେ ଏ ଯୁଗରେ ଚଳି ହବ? ମହୀବୋଉ ହସିଲେ।

ଚିଡ଼ିଭଠି ଯଦୁବୋଉ କହିଲେ ''ତେବେ ଯାଉନୁ ସେ ଓଟ ମୁହିଁର ଗୋଡ଼ ଧୋଇ ପାଣି ପିଇବୁ?''

ବାକି ବାଟତକ ଦିହେଁ ଚୁପ୍‌ଚାପ୍ ରହିଲେ। ଯଦୁବୋଉ ଭାବୁଥିଲେ ତାଙ୍କର ଯଦି ଏମିତି ଗୋଟାଏ ବୋହୂ ଥାଆନ୍ତା, ତେବେ ତାକୁ କେବେଠୁଁ ଅଣ୍ଡା କରି ସାରନ୍ତେଣି। ଆଉ ମହୀବୋଉ ବସି ଭାବୁଥିଲେ, ତାଙ୍କ ନିଜ ବୋହୂଟି କେମିତି ପଡ଼ିବ-ସେଇକଥା।

''ହଇହୋ, ଶୁଣୁଛ? ମାୟାର ହାତ ଘଡ଼ି ଆସିଛି...ନେଇଯାଅ ତାକୁ ଦେଇଦେବ।'' ମହୀବୋଉଙ୍କୁ ଡାକି ପୀତାମ୍ବରବାବୁ କହିଲେ।

ଘଡ଼ିଟା ଥରେ ଦେଖିନେଇ ମହୀବୋଉ ଭିତର ଖଞ୍ଜାକୁ ଗଲେ।

-ମାୟା, ତୋ ଘଣ୍ଟା ନେ।

-ଏଁ, କଣ କହିଲୁ?

ଆଉ କିଛି ନ କହି ମହୀବୋଉ ଟେବୁଲ ଉପରେ ଖୋଳସହିତ ଘଡ଼ିଟି ଥୋଇ ଦେଲେ। ଘଡ଼ିଟିକୁ ହାତରେ ଉଠେଇ ନେଇ ମାୟା କହିଲା, ''ମୁଁ ଠିକ୍ ଜାଣିଥିଲି ଏମିତି କିଛି ଗୋଟାଏ ହବ...ମୁଁ ବାଛିଲି ଗୋଟାଏ, ବାପା ଆଣିଲେ ଗୋଟାଏ...ଘଣ୍ଟା ମୁଁ ନେବି ନାହିଁ...ମଫସଲିଆଙ୍କ ଭଳିଆ ହେଇଛି...ନିଜେ ପିନ୍ଧିବେ ନାହିଁ ବୋଲି ଶସ୍ତା ଦେଖି ନେଇ ଆସିଛନ୍ତି।''

ପଢ଼ା ସେତିକିରେ ବନ୍ଦ ରହିଲା। ବହିଥାକ ଖୋଜି ଘଣ୍ଟାର କାଟାଲଗ୍ ବାହାର କରି, ମାୟା ପୀତାମ୍ବର ବାବୁଙ୍କ ପାଖରେ ହାଜର ହେଲା।

''ବାପା, ତମେ ଏ ଘଣ୍ଟା ନେଇଯାଅ। ମୁଁ କହିଥିଲି ତେନ୍ତୁଳିମଞ୍ଜି ଭଳିଆ ଚାରିକୋଣିଆ ଆଣିବାକୁ-ତମେ ଗୋଲଟାଏ ଆଣିଲ କାହିଁକି? ହେଇ, ମୁଁ ତ ଏଇଟା ବାଛିଥିଲି'' କହି ନାଲି ପେନ୍‌ସିଲ୍‌ରେ ଜୋରରେ ତିନିଥର ଗାର ଟଣାହୋଇଥିବା ଗୋଟିଏ ଘଣ୍ଟାର ଛବି ପାଖରେ ମାୟା ଆଙ୍ଗୁଠି ଦେଖାଇଲା।

-କାହିଁ, ଏଇଟା ତ ବେଶ୍ ଭଲ ହେଇଛି।

-ନାହିଁ, ଯାକୁ ମୁଁ କେବେହେଲେ ପିନ୍ଧିବି ନାହିଁ। ପୀତାମ୍ବର ବାବୁଙ୍କ ସାମନାରେ ଘଡ଼ିଟା ରଖିଦେଇ ମାୟା ମୁହଁ ଫୁଲେଇ ବସିଲା।

-ତୁ ପିଲାଲୋକ। ବୁଝିପାରୁନୁ...ଏ ଘଣ୍ଟାଟା ତୋ ହାତକୁ ବେଶି ମାନିବ।

-ତମେ ପିନ୍ଧ, ମୁଁ ପିନ୍ଧିବି ନାହିଁ।

''ହଉ ତେବେ ଦେ, ମୁଁ ଫେରେଇ ଦେବି...କିନ୍ତୁ ତୋ ବରାଦ ଘଣ୍ଟା ଆସୁ ଆସୁ ପୁଣି କେତେ ଦିନ ଯିବ କହି ହେଉନାହିଁ'', କହି ଘଣ୍ଟା ଆଡ଼କୁ ପୀତାମ୍ବରବାବୁ ହାତ ବଢ଼େଇଲେ।

ମାୟା ଜାଣେ ଥରେ ହାତରୁ ଖସିଲେ ଆଉ ମିଳି ନ ପାରେ, ତେଣୁ ମୁହଁ ଉପରେ ଅନିଚ୍ଛାର ଭାବ ଦେଖାଇ କହିଲା, ''ହଉ, ଥାଉ ଥାଉ। ଯେଉଁ କାମଟା ଥରକରେ ହବ, ତମେ ତାକୁ ଦଶ ଥରରେ କରିବ।'' ମାୟା ଗୋଡ଼ ଛାଟି ଛାଟି ଘଣ୍ଟା ନେଇ ଚାଲିଗଲା।

ମାଟ୍ରିକ ପରୀକ୍ଷା ପାଖ ହୋଇ ଆସିଲାଣି। ମାୟାର ପଢ଼ାପଢ଼ି ଦେଖି ପୀତାମ୍ବରବାବୁ ଚିନ୍ତିତ ହୋଇପଡ଼ିଛନ୍ତି। ମୁହଁ ଖୋଲି ଥରେ ଦି'ଥର କହି ସାରିଲେଣି। ସେ କେତେଥର ଲକ୍ଷ୍ୟ କଲେଣି ନିଜେ ନ ପଢ଼ି ମାୟା ପହଲିକୁ ଇଂରେଜି ଶିଖେଇବାରେ ବ୍ୟସ୍ତ। ଆଉ ବେଶି ହେଳା କଲେ ଚଳିବ ନାହିଁ। ତେଣୁ ପୀତାମ୍ବରବାବୁ ମଝିରେ ମଝିରେ ଆସି ମାୟା ପଢୁଛି କି ନାହିଁ ଦେଖିଯିବାକୁ ଲାଗିଲେ।

ଦିନେ ରାତିରେ ମାୟା ବଖରାକୁ ପଶିଯାଇ ପୀତାମ୍ବରବାବୁ ଦେଖିଲେ ପଢୁପଢୁ ଟେବୁଲ ଉପରେ ସେ ଢୁଳେଇ ପଡ଼ିଛି। ''ମାୟା' ''ମାୟା'' ଡାକିଲେ। ସେ ଶୁଣିଲା ନାହିଁ, ତେଣୁ ତା କାନ୍ଧକୁ ହଲେଇ ଦେଇ ପୁଣି ଡାକିଲେ-ମାୟା ! ଏ ମାୟା ! ନିଦ ଭାଙ୍ଗିବାକୁ ନାହିଁ। ପାଟି ମେଲା କରି ଶୋଇପଡ଼ିଛି-ଖୋଲା ବହି ଉପରେ ମେଞ୍ଚାଏ ନାଳ। ଟେବୁଲ ଉପରେ ଅଇଁଠା ଚା' ବାସନ, ଥର୍ମୋଫ୍ଲାସ୍କ ଓ ନାସ ଭଳି କଣ ଗୋଟାଏ ଶୁଙ୍ଘିବା ଜିନିଷ ରଖା ହୋଇଚି। କେତେ ଡକା ଡକି ପରେ ମାୟା ଭୁଷ୍‌କିନା ଉଠିପଡ଼ିଲା। ଲାଲ ଆଖିରେ ପ୍ରଥମେ କିଛି ବେଳ କାବା ହୋଇ ଚାହିଁଲା। ପୀତାମ୍ବରବାବୁ କିଛି କହିବା ଆଗରୁ କଳି କଲାପରି କହିଲା, ''କଣ ? ମୁଁ ମୋ ପଢ଼ା କଥା ଭାବୁଥିଲି। ପଢ଼ିଦେଇ ଥରେ ନ ଭାବିଲେ ମନେ ରହେ ନାହିଁ।''

-ହଁ, ତୋ ଆଖି କହି ଦଉଚି, ତୁ ଭାବୁଥିଲୁ।

-ନ ହେଲା ନାହିଁ। ଏମିତି ଚମକେଇ କରି ଡାକୁଥିଲ କାହିଁକି ? ତମେ ପରା ନିଜେ କହୁଥିଲ ଶୋଇବା ଲୋକଙ୍କୁ ହଠାତ୍ ଉଠେଇ ଦେଲେ ତା'ର ହାର୍ଟଫେଲ୍ ହୋଇଯାଏ ? ଏହିକ୍ଷଣି ଯଦି ମୁଁ ମରି ଯାଇଥାନ୍ତି ?

ବହି ଉପରେ ଆଖି ପଡ଼ିଯିବା ମାତ୍ରେ ଲାଜତକ ଲୁଗା କାନରେ ପୋଛି ଦେଇ

ମାୟା ଏକମନରେ ପଢ଼ିବାରେ ଲାଗିପଡ଼ିଲା।

ମାୟାର ପରୀକ୍ଷା ଯେତିକି ପାଖେଇ ଆସିଲା, ଘର ଲୋକେ ସେତିକି ବ୍ୟତିବ୍ୟସ୍ତ ହୋଇପଡ଼ିଲେ। କାହାରି ସାଥିରେ କେହି ପଦେ କଥା କହିବାର ଯୁ' ଆଉ ରହିଲା ନାହିଁ। ଅନ୍ୟ ବଖରାରେ କେହି କଥା କହିଲେ, ମାୟା ଯାଇଁ ପାଖରେ ଠିଆହୁଏ।-କଣ, ପଢ଼େଇ ଦେବ ନାହିଁ? ବାରଣ୍ଡାରେ କେହି ହସିଲେ ମାୟା ଆସି ଦୁଆର ମୁହଁରେ ଠିଆ ହୁଏ-ଏଇଟା ହସିବାର ଜାଗା? ଏମିତି ବଢ଼ି ବଢ଼ି ପରୀକ୍ଷା ଆଗଦିନ ପାଦ ଶବ୍ଦରେ ବି ତା'ର ପଢ଼ା ଗୋଳମାଳ ହେଲା। ଅନ୍ୟ ଉପାୟ ନ ଦେଖି ଶେଷକୁ ଘରର ଝିଡ଼ିକି କବାଟ ବନ୍ଦ କରି ମାୟା ପଢ଼ିଲା!

ପରୀକ୍ଷା ଦିନ-

ମୋହନ ଦୁଇ ଥର କହିଦେଇ ଗଲାଣି, ''ମାୟା, ସବୁ ଜିନିଷ ମନେକରି ନେଇଛୁ ତ? ଆଡ଼ମିଟ୍ କାର୍ଡ଼?...କଲମ ଭଲ ଚାଲୁଛି ତ? କେଇଟା କଲମ ନେଇଛୁ?''

ଧୀରସ୍ଥିର ଭାବରେ ମାୟା ସବୁ କଥାର ଜବାବ ଦେଇଛି। ଆଗର ମାୟା ଓ ଆଜିର ମାୟା ଭିତରେ ବହୁତ ତଫାତ୍।

ଗାଧୋଇ ସାରି ଫୁଲାଏ ଧୂପକାଠି ଠାକୁରଙ୍କ ପାଖରେ ଜାଳି ଦେଇ ମାୟା କିଛିବେଳ ଭୁଟ୍‌ଭୁଟ୍ ହେଇ କ'ଣ ସବୁ କହିଲା। ତା ପରେ ତରତର ହୋଇ ଅଛଦି'ଟା ଖାଇଦେଇ ସ୍କୁଲକୁ ବାହରିବାକୁ ସଜ ହେଲା। ଥରକୁ ଥର ନାକର ଦୁଇ ପୁଡ଼ା ମଝିରେ ହାତ ପାପୁଲି ରଖି ଦେଖୁଥାଏ ନିଶ୍ୱାସଟା କୋଉପଟେ ଯାଉଛି।

ପାଞ୍ଚ ମିନିଟ୍ ଗଲା...ଦଶ ମିନିଟ୍ ଗଲା...ମାୟା ବ୍ୟସ୍ତ ହୋଇପଡ଼ିଲା, ନିଶ୍ୱାସଟା ଠିକ୍ ପଟେ ଯାଉନାହିଁ। କ'ଣ କରାଯିବ? ଏଣେ ହାତ ବନ୍ଧା ଘଡ଼ିର କଣ୍ଟା ଆଗେଇ ଚାଲିଛି। ଆଉ ବେଶି ବେଳ ରହିଲେ ସେଣେ ପରୀକ୍ଷାରେ ଡେରି ହୋଇଯିବ।

ଦାଣଘର ଦୁଆରବନ୍ଧ ଡେଇଁବାକୁ ଯାଇ ଦେଖିଲା ଚାରି ଚିହ୍ନା ଯୋଗୀଟି ହାତରେ ଥାଳ ଧରି ବସିଛି। ମାୟାର ଅନୁକୂଳଟା ହଠାତ୍ ବିଗିଡ଼ିଗଲା। ଚିଡ଼ିଯାଇ କହିଲା-''ତତେ ଆଉ ଜାଗା ମିଳିଲା ନାହିଁ? ତୁ କାମ କରି ଖାଉନୁ? କିଛି ମିଳିବ ନାହିଁ ଯା।'' ତା ପରେ କ'ଣ ଭାବି ଗୋଟିଏ ଦୋ'ପଇସି ତା ଥାଳରେ ପକେଇ ଦେଇ ବ୍ୟସ୍ତ ହୋଇ ତଳ ଉପର ଚାରିଆଡ଼କୁ ଚାହିଁଲା-କୋଉଠି ଟିକିଏ ଶୁଭ ଚିହ୍ନ ଦେଖି ଦେଲେ ସେ ଅନୁକୂଳ କରିବ। ଆଖିରେ ପଡ଼ିଗଲା ପଡ଼ିଶା ଘର ଛାତ ଉପରେ ଦି'ଟା ବଣି ବସିଛନ୍ତି। ମନ ଖୁସିରେ ଆଉ କୁଆଡ଼େ ନ ଚାହିଁ ମାୟା ରିକ୍‌ସାରେ ଉଠିବସି ନିଜକୁ ଥରେ ସଜାଡ଼ି ନେଲା। ତା ପରେ ଘଣ୍ଟା

ପିନ୍ଧିଥିବା ହାତଟିକୁ ଅତି ଯତ୍ନରେ ଗାଲରେ ରଖି ନିଜର ପଢ଼ାବିଷୟ ଭାବିବାକୁ ଚେଷ୍ଟା କଲା। କିନ୍ତୁ ରାସ୍ତାରେ ଗଲା ଅଇଲା ଲୋକଙ୍କୁ ଦେଖି ତାର ମନେ ହେଲା ସତେ ଯେପରି ସମସ୍ତେ ତାରି ଘଣ୍ଟାକୁ ଚାହୁଁଛନ୍ତି। ଫଳରେ ନିଜ ପରୀକ୍ଷା ଭୁଲିଯାଇ ସେ କବେଳ ଗଣିବାରେ ଲାଗିଲା କେତେ ଜଣ ମଣିଷ ତା ଘଣ୍ଟାକୁ ଚାହୁଁଛନ୍ତି।

ପରୀକ୍ଷା ଦେଇସାରି ଫେରି ମାୟା ଦେଖିଲା ପୀତାମ୍ବରବାବୁ ବାହାର ଘରେ ବସିଛନ୍ତି। ମାୟାକୁ ଦେଖି ପଚାରିଲେ, ''କେମିତି ହେଲା ?''

-ସେମିତି। ମାୟା ଚାଲିଯିବାକୁ ବସିଲା।

ବାଧାଦେଇ ପୀତାମ୍ବରବାବୁ କହିଲେ, ''ସେମିତି କଣ ? ଭଲ ନା ଖରାପ ?''

-କହିଲି ପରା, ଭଲ ନୁହେଁକି ଖରାପ ନୁହେଁ। ଆଉ କିଛି ନ କହି ମାୟା ଘରକୁ ପଶିଲା।

ସାଙ୍ଗେ ସାଙ୍ଗେ ସାନ ଭାଇ ତିନୋଟି ଘେରିଗଲେ।

-ଅପା, ଭଲ ହୋଇଛି ?

ଚାଲି ଯାଉ ଯାଉ ଗମ୍ଭୀର ହୋଇ ମାୟା କହିଲା, ''ତମେ ଗୁଡ଼ାକ ପିଲାଲୋକ। କଣ ବୁଝିବ ୟୁନିଭର୍‌ସିଟି ପରୀକ୍ଷା କଥା ? ଖେଳିବ ଯାଅ ?''

ମାୟାର ସ୍ୱର ଶୁଣିପାରି ମହୀବୋଉ ଆସିଲେ-ଭଲ ହେଇଚିଟି ? ମାୟା ଖାଲି ମୁଣ୍ଡ ହଲେଇଲା।

ବୁଲିଯିବା ପୋଷାକ ପିନ୍ଧି ଶେଷରେ ମୋହନ ମୁହଁ ଦେଖାଇଲା।

-କେମିତି ହେଇଛି ? ପ୍ରଶ୍ନ ଦେଖେଁ...

ହସି ହସି ପ୍ରଶ୍ନ କାଗଜ ଦି'ଟା ବଢ଼େଇ ଦେଲାବେଳେ ମାୟା କହିଲା, ''ତମେ ପରୀକ୍ଷା ଦେଉଥିଲା ବେଳେ ମୁଁ କ'ଣ ତମ ପ୍ରଶ୍ନ ଦେଖିବାକୁ ମାଗୁଥିଲି ?''

-ଏତେଗୁଡ଼ାଏ ଛାଡ଼ି ଦେଇଛୁ ?

-କିଛି ଛାଡ଼ି ନାହିଁ। ଡରବରିଆରେ ଏଥିରେ ଦାଗ ଦେଇପାରି ନାହିଁ।

-ଏଇଟା କ'ଣ ଲେଖିଛୁ ? ଗୋଟିଏ ପ୍ରଶ୍ନ ଉପରେ ହାତ ଦେଖେଇ ମୋହନ ପଚାରିଲା।

ମାୟାର ଉତ୍ତର ଶୁଣି ମୋହନ ହସିବାରୁ ଚିଡ଼ିଯାଇ ମାୟା କହିଲା-ଏହିକ୍ଷଣି ମୋର ଆଉ ମନେ ନାହିଁ। କିନ୍ତୁ ଖାତାରେ ମୁଁ ଠିକ୍ ଲେଖିଦେଇ ଆସିଛି।

-ହଁ, ହଁ, ଜଣାପଡୁଛି। ମୋହନ ପୁଣି ହସିଲା।

-ବେଶ୍ ଭଲ ହେଲା ଯା...ମୋ ପ୍ରଶ୍ନ ଦେଇଦିଅ। ହାତରୁ ପ୍ରଶ୍ନ କାଗଜ ଦି'ଟା ଭିଡ଼ିନେଇ ମାୟା ଦୁମୁ ଦୁମୁ ହେଇ ଚାଲିଗଲା।

ସେଦିନ ଅଙ୍କ ପରୀକ୍ଷା । ମାୟା ତରତର ହୋଇ ଯାଉଥିବା ବେଳେ ମୋହନ ଆସି ପାଖରେ ଠିଆ ହେଲା ।

-ଆଜି ବୋଧହୁଏ ଅଙ୍କ ପରୀକ୍ଷା ଅଛି? ମାୟାର ଓଦା ବାଳ ଦେଖି ମୋହନ ପଚାରିଲା ।

-ହଁ । କାହିଁକି ?

-ନାଇଁ, ମୁଁ ଏମିତି ପଚାରୁଥିଲି ନା । ମୁଣ୍ଡଟା ଥଣ୍ଡା ଲାଗୁଛି ତ? ଆଜି ନିଶ୍ଚେ ଖୁବ୍ ଭଲ କରିବୁ ।

-ତମେ ତ ସବୁ ଦିନେ ମୁଣ୍ଡ ଧୁଅ । ପରୀକ୍ଷାରେ କେତେ ଭଲ କରୁଥିଲ ?

-ଆମର କ'ଣ ତମ ଭଳିଆ ବାଳ ଥିଲା ? ଆଖି ଆଗରେ ଦି'ଟା ବାଳ ନ ପଡ଼ିଲେ ପରା ଭଲ ଭାବି ହୁଏ ନାହିଁ? ଭଲ କରିବୁ ମୁଣ୍ଡ ଧୋଇ ପକେଇଛୁ ।

-ତମ ଆଖିରେ ତ ଆସି ପଡୁନାହିଁ? ତମକୁ କାହିଁକି ବ୍ୟସ୍ତ ଲାଗୁଛି ?

-''ସତ କଥା ତ, ମୋର ମନେ ନ ଥିଲା ।'' ମୋହନ ଚାଲିଗଲା ।

ମୋହନକୁ ଶୁଣେଇ ଶୁଣେଇ ମାୟା କହିଲା-ଟିକିଏ ପଢ଼େଇ ଦବାର ତ ନାଁ ଗନ୍ଧ ନାହିଁ, ଖାଲି କିଏ ମୁଣ୍ଡ ଧୋଇଲା, କିଏ ଦହି ଖାଇଲା ଏୟା ଦେଖି ଜାଣିଛନ୍ତି ।

ପରୀକ୍ଷା ସରିଗଲା । ଏକା ମାୟାର ପରୀକ୍ଷା ସରିଲା ବୋଲି ନୁହେଁ ଯେ, ମନେ ହେଲା ଯେମିତି ଘରର ଚାକର ପୂଜାରିଙ୍କଠୁ ଆରମ୍ଭ କରି ପୀତାମ୍ବରବାବୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପରୀକ୍ଷା ସରିଗଲା ।

ତାପରେ ଦେଖାଗଲା ମାୟା ନିଜ ବଖରା ଭିତରେ କବାଟ କିଳି ଏକା ଏକା ବଡ଼ ପାଟିରେ କହେ ''ମାୟା ଦାସ-ଫାଷ୍ଟ ଡିଭିଜନ୍ ।'' ନିଜେ ଦୁଇ ତିନିଥର ତାଳି ବଜେଇ ଦିଏ । ଅଙ୍କରେ ଶହେରୁ ଶହେ । ପୁଣି ହାତ ତାଳି ଶୁଭେ...

ପତ୍ରୁ, ପହଲି ବାହାରେ ଛପିଥାନ୍ତି ଭିତରେ କ'ଣ ହେଉଛି ଶୁଣିବାକୁ । ଥରକୁ ଥର ଶୁଣି ସେମାନଙ୍କର ବି ମନେ ରହିଯାଏ । ବାହାଦୁରୀ ଦେଖେଇ ସେମାନେ ପୀତାମ୍ବରବାବୁ, ମହୀବୋଉ ଓ ମୋହନ ଆଗରେ ସବୁ ବଖାଣି ଯାନ୍ତି । ପୀତାମ୍ବରବାବୁ ହସନ୍ତି, ମହୀବୋଉ ଖୁସି ହୁଅନ୍ତି, ଆଉ ମୋହନ ମାୟାକୁ ଦେଖି ଥଟ୍ଟା କରେ ''ଆହା, ମାୟା ଦାସ ଖାଲି ଫାଷ୍ଟ ଡିଭିଜନ ? ରେକର୍ଡ଼ ଦେବ ।''

-ହଁ, ଦେବି ତ ।

-ତଳ ଆଡୁନା ଉପର ଆଡୁ ?

-''ପାଟି କର ନାହିଁ ।'' ରାଗରେ ଦୁମ୍ ଦୁମ୍ ହେଇ ଚାଲିଯାଇ ମାୟା ଗୋଟିଏ

ଚଟକଣା ବସେଇ ଦିଏ ପତୁ ଗାଲରେ-ଏଇ ପଡ଼ପଡ଼ାର ସବୁ ଗୁଣ।

ଥରକୁ ଥର ମୋହନଠୁ ଏହିପରି ଥଟ୍ଟା ଶୁଣି ମଧ୍ୟ ମାୟା ତା ଅଭ୍ୟାସ ଛାଡ଼ିପାରେ ନାହିଁ।

ମହୀବୋଉଙ୍କୁ ଡର ନାହିଁ। ମାୟାର ପରୀକ୍ଷା ପରେ ମୋହନର ବାହାଘର ଚିନ୍ତା। ମୋହନ ପାଇଁ ଯେଉଁଠୁ ଯେଉଁ ପ୍ରସ୍ତାବ ଆସେ, ଝିଅଟିକୁ ଥରେ ଦେଖିବାକୁ ସେ ବାହାରି ପଡ଼ନ୍ତି! ହଠାତ୍ ଯେପରି ''ବାହା-ବଜାର''ରେ ତାଙ୍କର ମୂଲ୍ୟ ବଢ଼ିଯାଇଛି। ଘରକୁ ବୋହୂଟିଏ ଆଣିବେ-ଏ ତ କମ୍ ଗର୍ବର କଥା ନୁହେଁ।

କେତେ ଜାଗାରୁ ମୁଣ୍ଡିଆ ପା'ନ୍ତି। ଆଉ କେତେ ଜାଗାରୁ ହାତ-ଟେକା ନମସ୍କାର। ମାଙ୍କଡ଼ ପଛରେ ଲାଞ୍ଜ ପରି ମହୀବୋଉଙ୍କ ସାଥିରେ ମାୟା-ତା'ର ବି ସବୁ ଝିଅମାନଙ୍କୁ ଥରେ ଦେଖିବା ଦରକାର!

କୋଉ ଝିଅକୁ ମହୀବୋଉ ବୋହୂ କରିବାକୁ ରାଜି ହେଲେ, ମାୟାର ମନକୁ ପାଏ ନାହିଁ। ଆଉ କାହାକୁ ମାୟା ପସନ୍ଦ କଲେ, ମହୀବୋଉ ନାପସନ୍ଦ କରି ଦିଅନ୍ତି। ଏମିତି କରି ଦିନ ଗଡ଼ି ଚାଲିଥାଏ। ବୋହୂ ଦେଖି ଦେଖି ସେମାନଙ୍କ ମନରେ ଟିକିଏ କ୍ଲାନ୍ତି ବି ଆସେ ନାହିଁ-ପ୍ରତି ଥର ନୂଆ ପ୍ରେରଣା ନେଇ ବାହାରନ୍ତି।

ଦିନେ ଏମିତି ବୋହୂ ଦେଖି ଫେରିଲା ପରେ ପୀତାମ୍ବର ବାବୁ ପଚାରିଲେ, ''କେମିତି ? ମନକୁ ପାଇଲା ?''

ଗମ୍ଭୀର ଭାବରେ ମାୟା ଜବାବ ଦେଲା, ''ମନ୍ଦ ନୁହେଁ।''

ଓଠ ନେଫେଡ଼ି ମହୀବୋଉ କହିଲେ, ଘୁଙ୍ଗୀ ମୁହିଁଟାଏ... ଆସି ପାଖରେ ବସିଲା ଯେ, ଟିକିଏ ହସିଲା ବି ନାହିଁ।

-''ହସ କଥା ପଡ଼ିଲେ ହସିବ ନା! ଖାଲିଟାରେ ତୋ ମୁହଁକୁ ଚାହିଁ ପାଗଳଙ୍କ ପରି ହସୁଥିବ ?'' ମହୀବୋଉଙ୍କ କଥାକୁ କାଟିଦେଇ ମାୟା କହିଲା।

-ତା ମା ପୁଣି ହସୁଥିଲା ତ ? ସେ କ'ଣ ପାଗଳ ?

-''ଅସଲ କଥାଟା କହି ଦଉନୁ ?...ଜାଣିଛ ବାପା, ସେ ବୋଉକୁ ହାତ ଉଠେଇ ନମସ୍କାର କଲା।'' ହସି ହସି ମାୟା ମହୀବୋଉଙ୍କ ମୁହଁକୁ ଚାହିଁଲା।

-''ନାଇଁ. .ସେମିତି ଧରି ବସିଲେ ଚଳିବ ନାଇଁ'' ଭାବି ଭାବି ପୀତାମ୍ବରବାବୁ କହିଲେ।

ରାଗରେ ମହୀବୋଉଙ୍କ ମୁହଁ ଲାଲ ପଡ଼ିଗଲା। ''ନମସ୍କାର ପେଇଁ କାହିଁକି ମୁଁ କହିବାକୁ ଯିବି ? ଆଜିକାଲି ତ ସମସ୍ତେ ହାତ ଉଠେଇ ନମସ୍କାର କରୁଛନ୍ତି...ମୁଣ୍ଡିଆ

ମାଇଲେ କ'ଣ ଅଧିକା କିଛି ହୋଇଯାଏ ? ଏକା ଜିନିଷ ତ !''

-ତୁ ଯେତେ କହିଲେ ମୁଁ ମାନିବି? ମାୟା ପୁଣି ହସିଲା। ନାଇଁ ତୋରି ଭଳିଆ ମୁଁ ହେଇଚି ? ଏତେ ଝିଅ ଦେଖିଲାଣି, କୋଉଟା ତା ମନକୁ ପାଉନାଇଁ। ତା ଆଖିରେ କାହା ନାକଟା ଚେପଟା, କାହା ଓଠଟା ବଙ୍କା, ଆଖିଟା ଟେଢ଼ା, ମୁହଁଟା ଭୁମ୍ବୁରୁମିଆଁ-ସବୁ ଦିଶୁଚି। ସେ ଝିଅମାନେ ତ ପୁଣି ବାହାହେବେ ନା ଯାରି କଥାରେ ଅଭିଆଡ଼ି ରହିଯିବେ ?

-କରୁନ୍ତୁ, ସେମାନଙ୍କୁ କର...ତତେ କିଏ ମନା କରୁଛି ?

-କରିବି ତ। ରାଗରେ ମହୀବୋଉ ମୁହଁ ବୁଲେଇ ନେଲେ।

କଳି ଭାଙ୍ଗିବାକୁ ପୀତାମ୍ବର ବାବୁ କହିଲେ-ମୋ ଦେହଟା କାହିଁକି ଭଲ ଲାଗୁନାହିଁ। ମୁଣ୍ଡଟା ଧରିଚି, କପେ ଚା' ଦିଅନ୍ତ କି ?

ସଙ୍ଗେ ସଙ୍ଗେ ମହୀବୋଉଙ୍କ ମୁହଁର ଭାବ ବଦଳି ଗଲା। ନିଜର ଡାହାଣ ହାତଟା ନେଇ ପୀତାମ୍ବରବାବୁଙ୍କ କପାଳ ଉପରେ ରଖି କହିଲେ, ''ଆରେ ସତେ ତ ଦେହ ଏତେ ତାତିଚି! ତମେ ଆଗରୁ କହିଲ ନାହିଁ କାହିଁକି?'' ବେକରେ ହାତ ମାରି ମାୟା ମୁଣ୍ଡ ହଲେଇ ନିଜର ସମ୍ମତି ଜଣାଇଲା-''ହଁ, ଜର ହେଇଚି।''

-ଆଜି ରାତିରେ କ'ଣ ଖାଇବ ? ଚିନ୍ତିତ ମୁହଁରେ ମହୀବୋଉ ପଚାରିଲେ।

-କିଛି ଖାଇବି ନାହିଁ ବୋଲି ଭାବିଚି।

-ନାଇଁ ନାଇଁ ବାପା, ଉପାସ ରହ ନାହିଁ। ଦୁର୍ବଳ ହେଇପଡ଼ିବ। ବରଂ କିଛି ଫଳ ଖାଅ। ଉପଦେଶ ଦେଇ ମାୟା ଚାଲିଗଲା।

ମହୀବୋଉ ଆଉ ଲୁଗା ପାଲଟିବାକୁ ନ ଯାଇ ସେଇଠି ଚୌକି ହାତ ଉପରେ ବସିପଡ଼ି ମୁଣ୍ଡ ଚିପିବାରେ ଲାଗିଲେ। ଅଳ୍ପ ସମୟ ଭିତରେ ହାତରେ ଚା'କପ୍ ଧରି ମାୟା ପୁଣି ଘରେ ପଶିଲା।

-ବାପା, ଚା' ନିଅ।

ପୀତାମ୍ବରବାବୁ ଉଠି ବସିଲେ। ଟିକିଏ ଖାଇ କପଟା ଆଡ଼େଇ ଦେଇ ପୁଣି ଶୋଇ ପଡ଼ିଲେ।

-ବାପା ଚା' ଖାଇଲ ନାଇଁ ଯେ ?

-ଭଲ ଲାଗୁ ନାହିଁ।

-ଭଲ ଲାଗୁ ନାହିଁ! ମୁଁ ନିଜେ କରିଥିଲି। ମାୟା ସେହି ଅଇଁଠା ଚା'ରୁ ଟିକିଏ ଚାଖିବାକୁ ବସିଲା।

-ନାଇଁ ନାଇଁ, ଚା' ଖୁବ୍ ଭଲ ହୋଇଛି ଯେ, ମୋ ପାଟିକି କିଛି ଭଲ ଲାଗୁ ନାହିଁ।

-''ସେଇଆ କୁହ। ମୁଁ ଭାବିଲି...'' ଚା' ବାଟିଟା ହାତରେ ଧରି ମାୟା ଚାଲିଗଲା।

ଦିନେ...ଦୁଇ ଦିନ...ତିନି ଦିନ। ମହୀବୋଉ ବେଳକୁ ବେଳ ବେଶି ଚିନ୍ତିତ ହୋଇପଡ଼ିଲେ। କି ଜରଟା ହେଲା କେବେ ଭଲ ହେବ, ମୋଟରୁ ଭଲହେବ କି ନାହିଁ କିଏ ଜାଣେ ? ତାଙ୍କ ନିଜ ଖାଇବାର ମଧ୍ୟ ଠିକଣା ନାହିଁ।

ଚିନ୍ତାର ବଉଦ କଟିଗଲା। ଚାରିଦିନ ଦିନ ପୀତାମ୍ବରବାବୁଙ୍କ ଦେହରେ ହାଡ଼ଫୁଟି ବାହାରିଲା। ମୋହନର ପରାମର୍ଶ ନେଇ ମହୀବୋଉ ଓ ମାୟା ସାଧ୍ୟମତେ ସେବା କରିବାରେ ଲାଗିଲେ।

ବାର ଦିନ ପରେ ଯେତେବେଳେ ପୀତାମ୍ବରବାବୁ ଭଲ ହୋଇ ଆସିଲେ ଦିନେ ମାୟା କହିଲା, ''ବାପା, ତମ ଭାଗ୍ୟଟା ଭାରି ଭଲ-ନୁହେଁ ?''

-କାହିଁକି ?

-ଏଇ...ମୋ ପରୀକ୍ଷା ସରିଲା ପରେ ତମର ହାଡ଼ଫୁଟି ହେଲା। ଆଗରୁ ହୋଇଥିଲେ କ'ଣ କରିଥାନ୍ତ ଟିକିଏ ଭାବିଲ ?

-ହଁ ଲୋ ମା, ଠିକ୍ କଥା। ପୀତାମ୍ବରବାବୁ ହସିଲେ।

-ଆଗରୁ ହୋଇଥିଲେ ତମେ ବି ହଇରାଣ ହେଇଥାନ୍ତ, ମୁଁ ବି ହଇରାଣ ହେଇଥାନ୍ତି।

-ହଁ।

-''ହଁ' କ'ଣ ମ ? ତମେ ଗୋଟାଏ କି ହଇରାଣ ହେଇଥାନ୍ତ ? ଯାହା ହେଇଥାନ୍ତୁ ମୁଁ ଆଉ ବୋଉ। ତମେ ତ ଆରାମରେ ଶୋଇଥାନ୍ତ-ମାୟା ନିଜ କଥାର ପ୍ରତିବାଦ କଲା।

ତା' ଠିକ୍ କଥା...। ଭାବିଲା ଭଳି ପୀତାମ୍ବରବାବୁ କହିଲେ।

-ନାଇଁ ନାଇଁ, ମୁଁ ମିଛରେ କହିଲା ନା ! ତମେ ପୁଣି ହଇରାଣ ହେଇ ନଥାନ୍ତ ! ତମର ଏତେ କଷ୍ଟ ହେଉଥିଲା, ଆମେ କିଛି କମ୍ କରିଦେଇ ପାରିଲୁ ?

ପୀତାମ୍ବରବାବୁଙ୍କୁ ନିରୁତ୍ତର ରହିବାର ଦେଖି ମାୟା ପୁଣି କହିଲା।

-ବାପା, କିଛି କହୁନ ଯେ ? ତମ କଷ୍ଟ ଆମେ କିଛି କମ୍ କରି ଦେଇ ପାରିଲୁ ?

-ମୁଁ କଷ୍ଟ ଆଉ ଜାଣି ପାରିଲି କୋଉଠି ?

ମନ ଭିତରେ ଖୁସି ହେଲେ ବି ଉପର ମୁହଁରେ ଗମ୍ଭୀର ହୋଇଯାଇ ମାୟା କହିଲା-ଇଏ ତୁଚ୍ଛା ମିଛ କଥା। କଷ୍ଟ ହଉ ନଥିଲା ତ 'ବାପାଲୋ' ''ମାଆ ଲୋ'' ହଉଥିଲ କାହିଁକି ?... ଆମକୁ ଡରଉଥିଲ ?

-ତୁ ଅବିକା ଯା, ମୁଁ ଟିକିଏ ଶୁଏଁ। ପୀତାମ୍ବରବାବୁ କଡ଼ ଲେଉଟାଇ ଶୋଇଲେ।

-ହେଃ, ସକାଳେ ପରା କହୁଥିଲ ଶୋଇ ଶୋଇ ଚିଟା ଲାଗିଲାଣି ?

କୌଣସି ଜବାବ ନ ପାଇ ମାୟା ଟିକିଏ ଅଭିମାନ କଲା ପରି ଚାଲିଯାଉ ଯାଉ କହିଲା, ''ହଉ ତମେ ଚେଇଁ ରହ, ମୁଁ ଯାଉଛି।''

ପୀତାମ୍ବରବାବୁ ଆଖି ବୁଜି ଭାବିବାକୁ ଲାଗିଲେ...ଏଇ ମାୟା। କିଏ କହେ ସେ ଅଣ୍ଡିରୀଚଣ୍ଡୀ, କିଏ କହେ କଳିହୁଡ଼ି, ଆଉ କିଏ ହୁଏତ କହେ ଉଦ୍ଧତ। ଗୋଟିଏ ଜିନିଷକୁ ବିଶ୍ଳେଷଣ କରି ଦେଖିବାର ଶକ୍ତି ଏ ଦେଶର ଲୋକଙ୍କ ପାଖରେ କାହିଁ? ଏତେ କଷ୍ଟ କରି ଭିତର ଦେଖୁଛି କିଏ? ବାହାରଟା ଦେଖିନେଇ ସମସ୍ତେ ସନ୍ତୁଷ୍ଟ। ଏଇ ତାଙ୍କରି ଝିଅ ମାୟା। କେହି କ'ଣ ସତରେ ତାକୁ ଚିହ୍ନିଛି? ଡାଡିଲା ନଣବାଲି ପରି ତାର କଥାରେ, ବ୍ୟବହାରରେ ଲୋକଙ୍କର ମୁହଁ ପୋଡ଼ିଯାଏ। କିନ୍ତୁ ତାଙ୍କର ମନେହୁଏ ସେ ନିଜେ ବଡ଼ ଭାଗ୍ୟବାନ। ଏମିତି ଝିଅ କେଇଟା ଲୋକଙ୍କର ଅଛି? ଭିତରର ନୀଚତାକୁ ଯେଉଁ ଝିଅମାନେ ଭଦ୍ରତାର ଢାଙ୍କୁଣୀରେ ଢାଙ୍କି ରଖନ୍ତି, ତା ଅପେକ୍ଷା କ'ଣ ଏହା ଯଥେଷ୍ଟ ଭଲ ନୁହେଁ?

ଦିନ ଗଡ଼ି ଚାଲିଲା। ପୀତାମ୍ବରବାବୁ ଭଲ ହୋଇଯିବାର ପନ୍ଦର ଦିନ ପରେ ପ୍ରତାପକୁ ହାଡ଼ଫୁଟି ହେଲା। ଚିଡ଼ିଯାଇ ମହୀବୋଉକୁ ମାୟା କହିଲା, ''ଯାହା ଜଣାଗଲାଣି, ଏମାନେ ପାଳି କରି ମୋ ଛୁଟିଟାକୁ ଖାଇଦେବେ। ମଣିଷ ପରୀକ୍ଷା ପରେ ମନ ଖୁସିରେ କୁଆଡ଼େ ଟିକିଏ ଯିବ କ'ଣ ନା ଖାଲି ଦେହ ଖରାପ, ଦେହ ଖରାପ! ପରୀକ୍ଷା ଫଳ ବାହାରିଗଲେ ଆଉ କ'ଣ କୁଆଡ଼େ ଯାଇ ହବ?''

-ତୁ ଯାଉନୁ, ତତେ କିଏ ଅଟକେଇଚି?

-ହଁ! ତୁ ଖାଲି ଏକୁଟିଆ ତାଡ଼ି ପକେଇବୁ।

-ଆମେ ମୂର୍ଖ, ତାଡ଼ିପାରିବୁ କୋଉଠି? ଯେତକ ତାଡ଼ିବୁ ତୁ ଇ।

-ହଉ, ହେଲା ତ! ଏ କଥା କହିବୁ ବୋଲି ଯେମିତି ମନେ ଥାଏ!

ସେ ଦିନ ଗୋଟାକ ଯାକ ମାୟା ରୁଷି ବସିଲା। ଖାଇଲା ନାହିଁ କି କାହା ସାଙ୍ଗରେ କଥା କହିଲା ନାହିଁ। ଖଣ୍ଡେ ଦୂରରେ ଚୌକି ପକେଇ ବସି ମହୀବୋଉଙ୍କ କାମ ଦେଖୁଥାଏ। ଟିକିଏ କିଛି ସାହାଯ୍ୟ ପାଇଁ ମହୀବୋଉ କାହାକୁ ଡାକିଲେ, ମାୟା ଶୁଣେଇ ଶୁଣେଇ କହୁଥାଏ-''ଏକା କରିବ ବୋଲି କହୁଥିଲ, କରୁନାହିଁ? ଅନ୍ୟମାନଙ୍କୁ ଡାକୁଚି କାହିଁକି?''

ପରୀକ୍ଷା ଫଳ ବାହାରିବାର ଦିନ ଯେତେ ପାଖ ହୋଇଆସୁଥାଏ, ମାୟା ଏକରକମ ନିଜକୁ ଘର ଭିତରେ ସେତିକି ଲୁଚେଇ ଲୁଚେଇ ରଖୁଥାଏ। ସବୁବେଳେ ସକାଳୁ

ଉଠି ମହୀବୋଉଙ୍କ ପାଖରେ ଲାଗେ-ବୋଉ ଜଳା ଗାଈଟିଏ ସପନ ଦେଖିଚି-ଭଲ ନା ଖରାପ ? ନଇଲେ ବୋଉ, ଆଜି ସପନ ଦେଖିଲି-କିଏ ଜଣେ ଆସି ଦଉଡ଼ିରେ ମୋ ବେକକୁ ବାନ୍ଧି ଦଉଚି-ଭଲ ନା ଖରାପ ?

ସ୍ୱପ୍ନ ଶୁଣି ଶୁଣି ମହୀବୋଉ ବ୍ୟତିବ୍ୟସ୍ତ ହୋଇପଡ଼ିଲେ। ଠାକୁରଙ୍କ ପାଖରେ ମାୟା ଘିଅ ଦୀପ ବସାଇଲା-ତା'ର ଫାଷ୍ଟ ଡିଭିଜନ୍ ଦରକାର ନାହିଁ। ଗୋଟାଏ ସେକେଣ୍ଡ ଡିଭିଜନ୍ ହୋଇଗ ଜଲେ ବି ଚଳିଯିବ।

ପରୀକ୍ଷା ଫଳ ବାହାରିଲା। କାଗଜର ଉପର ଆଢୁ ପଢ଼ିଗଲା ଫାଷ୍ଟଡିଭିଜନରେ ତା ନାଁ ନାହିଁ-ହଅ ! ନଥାଉ। ସେକେଣ୍ଡ ଡିଭିଜନରେ ବି ନାହିଁ। ଏଁ ! କୋଉଠି ଭୁଲରେ ଛାଡ଼ିଯାଇ ନାଇଁ ତ ? ଥାର୍ଡ଼ ଡିଭିଜନରେ ନାଁ ଗୁଡ଼ାକ ମଧ୍ୟ ସରିବା ଉପରେ ହେଲାଣି। ତା ନାଁର ପତ୍ତା ନାହିଁ। ଆଉ ଫେଲ୍ ହୋଇଯାଇ ନାହିଁ ତ ? ଭାବିଲା-''ହେ ଭଗବାନ ! ଟଙ୍କାକର ରସଗୋଲା ଭୋଗ ଦେବି-ଖାଲି ସାଦା ପାସ୍‌ଟାଏ କରିଯାଏଁ।'' ସବୁଯାକ ରକ୍ତ ଆସି ମୁହଁରେ ଠୁଳ ହେଇଚି। ଗୋଟାକ ପରେ ଗୋଟାଏ ନାଁ ଆଖି ଖୋଜି ଚାଲିଛି। ନା, ନା, ସେ ପାସ କରିଛି—ଶେଷଆଡ଼କୁ ତା ନାଁଟା ରହିଯାଇଛି। ମାୟା ପିଣ୍ଡରେ ପ୍ରାଣ ପଶିଲା।

-ଏଁ! ମାୟା ଦାସ। ଏ କାଗଜବାଲାଙ୍କର ଆଖି ଥାଏ ନା ନାହିଁମ ? ମାୟା ବୋଲି କିଛି ଗୋଟାଏ ନାଁ ଆଗ କାହାର ଅଛି ? ଛିଆ—ମୟା, ମୟା, ମୟା—''ମୟା' ମାନେ କଣ ? ରାଗରେ କାଗଜଟାକୁ ଗୋଟାଏ ଗୋଇଠା ମାରି, ସେ ଘର ଭିତରେ ଯାଇ ରୁଷି କରି ଶୋଇଲା। କେତେ କଥା ମନେ ପଡ଼ିଲା। କେତେ ପିଲା ଭଲ କରିଗଲେ। ଆଉ ଶେଷରେ ସେ ଥାର୍ଡ଼ ଡ଼ିଭିଜନରେ ପାସ୍‌କଲା। ଇସ୍, ଛି, ଛି... ମାୟା ଶୋଇ ଶୋଇ କାନ୍ଦିଲା।

ପରଦିନ ସକାଳେ ଚା' ଟେବୁଲ ପାଖରେ ବସି ମାୟା କହିଲା—ବାପା ମୁଁ କଣ ପଢ଼ିବି ?

-ଯାହା ତୋର ଇଚ୍ଛା। -ଭାଇ କଣ କହୁଛନ୍ତି ଜାଣ ? କହୁଛନ୍ତି ତୁ ଅଙ୍କ ପାରିବୁ ନାହିଁ। ଆଇ.ଏ. ପଢ଼।

-ସେ ଅବଶ୍ୟ ଭୁଲ କହୁ ନାହିଁ....

ମୁଁ ଅଙ୍କ ନେବି ନାହିଁ।

-ଅନ୍ୟଗୁଡ଼ାକରେ ଯେ ଅଙ୍କ ଦରକାର ହୁଏ।

-ହଉ ପଛକେ। ମୁଁ ନିଶ୍ଚେ ଆଇ.ଏସ୍.ସି. ପଢ଼ିବି। ଆଇ.ଏ. ପଢ଼ି କଣ କରିବି ? ଏମିତିରେ ଡ଼ାକ୍ତରୀ ପଢ଼ିବି। ଭାଇ ଡ଼ାକ୍ତର ବୋଲି ତାଙ୍କର ବହୁତ ଗର୍ବ ହୋଇଯାଇଚି।

ମାୟାର କଥା ରହିଲା—ସେ ଆଇ.ଏସ୍.ସି. ପଢ଼ିଲା। ତେଣିକି ପ୍ରତାପ କି ରଞ୍ଜନ ମାୟାକୁ ଟିକିଏ କିଛି କହିଲେ, ସେ ଜବାବ ଦିଏ—ତମେ ସବୁ ଷୁଲ

ଛୁଆ ଦଣ୍ଡିକିରି ମାଛ ପରି ଅଳପ ପାଣିରେ ଫଙ୍କର ଫଙ୍କର ହେଉଛ। ଆଗେ ମାଟ୍ରିକ୍ ପାସ୍ କରିସାରି ହାତରେ ଖଣ୍ଡେ ସାର୍ଟିଫିକେଟ୍ ରଖ, ତା ପରେ କଥା କହିବ।

ଦିନ ଯେତିକି ଗଡ଼ି ଚାଲିଲା, ମହୀବୋଉଙ୍କର ଚିନ୍ତା ସେତିକି ପଡ଼ିଲା। ଏତେ ଖୋଜିଲେଣି, ଗୋଟିଏ ଭଲ ପାତ୍ରୀ ଆଖିରେ ପଡୁ ନାହିଁ। କ'ଣ ଆଉ କରିବେ? ବନ୍ଧୁବାନ୍ଧବମାନେ ଯେଉଁ ପାତ୍ରୀ ଆଣି ଯୁଟାଉଛନ୍ତି, ସେସବୁ ନାକଚ୍ ହୋଇଯାଉଛି। ମୋହନକୁ କହିଲେ ସେ ଖାଲି ହସୁଛି। କୁଆଡୁ କିଛି ଉପାୟ ନ ପାଇଁ ମହୀବୋଉ ଶେଷରେ ପୀତାମ୍ବରବାବୁଙ୍କୁ ଧରିଲେ।

ଦିନେ ପୀତାମ୍ବରବାବୁ ମହୀବୋଉଙ୍କୁ ଡ଼ାକି ଗୋଟିଏ ଝିଅର ଫଟୋ ଦେଖେଇ କହିଲେ, ହେଇ ଦେଖ, ତମ ପୁଅ ପାଇଁ ପ୍ରସ୍ତାବ ଆସିଛି। ଝିଅଟି. ବି.ଏ. ପାସ୍ କରିଛି।

ଫଟୋ ଖଣ୍ଡିକ ଧରି ମହୀବୋଉଙ୍କ ଆଖି ଉଜଳି ଉଠିଲା, ପଚାରିଲେ, "ଇଏ କୋଉ ଗାଁ ଝିଅ ବା?"

-ତମରି ଏଇ କଟକ ଜିଲ୍ଲାର ଲୋକ। ଏବେ କେତେ ବର୍ଷ ହେଲା ବାରିପଦାରେ ଅଛନ୍ତି। ଆଗ ପସନ୍ଦ ହେଲା କି ନାହିଁ କହ। ଗାଁ ନାଁରୁ ତମକୁ କ'ଣ ମିଳିବ?

ମହୀବୋଉ ଫଟୋ ଖଣ୍ଡିକ ହାତରେ ଧରି ଏପଟ ସେପଟ ତଳ ଉପର ସବୁଆଡୁ ବୁଲେଇ ବୁଲେଇ ଦେଖିଲେ। ମୁହଁରୁ ଜଣାଗଲା ସେ ପସନ୍ଦ କରିଛନ୍ତି। କହିଲେ-ସୁନ୍ଦର ଯେ.....

-"ଯେ' ପୁଣି କଣ?

ମୁଁ କହୁଥିଲି କ'ଣ କି ଫଟୋରେ ତ ଆଉ ରଙ୍ଗ ଜଣାପଡ଼ିବ ନାହିଁ। ରୂପରେଖ ବି ଏତେ ଭଲକରି ଜଣାପଡ଼ିବ ନାହିଁ। ସେଥିପାଇଁ ଅସୁନ୍ଦର ଝିଅମାନେ ଫଟୋରେ ସୁନ୍ଦର ଦିଶନ୍ତି। ଆଉ କିଛି ନ କହି ଫଟୋଟି ହାତରେ ଧରି ମହୀବୋଉ ଭିତରକୁ ଚାଲିଲେ।

-"ମାୟା, ଗୋଟାଏ କଥା ଦେଖିଲୁ ଆ", ଘର ଭିତରେ ଗୋଡ଼ ଲମ୍ବେଇ ଫଟୋଟିକୁ ଚଷମା-ପିନ୍ଧା ଆଖିରେ ଆଉ ଥରେ ଦେଖୁ ଦେଖୁ ମହୀବୋଉ ଡ଼ାକ ଛାଡ଼ିଲେ।

ଦେଖେଁ, ଦେଖେଁ? ମହୀବୋଉଙ୍କ ହାତରୁ ମାୟା ଫଟୋ ଖଣ୍ଡିକ ଝାମିନେଲା।

ଘଡ଼ିଏ କାଳ ଏକ ଲୟରେ ଚାହିଁବା ପରେ ମନକୁ ମନ କହିଲା—ଭଲ ଝିଅଟିଏ....ତା

ନାଁ କଣ ?

ମୁଁ ପଚାରି ନାହିଁ। ରଙ୍ଗ କେମିତି ହେଇଥିବ କହିଲୁ ?

-ଗୋରା ହୋଇଥିବ ମନେ ହେଉଛି। କ'ଣ ପଢ଼ିଛି ?

-କଣ କହୁଥିଲେ ତ ବି.ଏ. ପାସ୍ କରିଛି ବୋଲି। ତେବେ ସେ ଯାହା ପଢ଼ିଥାଉ ମୋର କ'ଣ ଅଛି ? ମୁଁ ସେଇଠି କରିବି।

-ଭାଇଙ୍କୁ ମୁଁ ଦେଖେଇବି, ତୁ କିଛି କହିବୁ ନାହିଁ।

ମୋହନ ଅଫିସ୍‌ରୁ ଫେରି ଦେଖିଲା ତା ଖଟ ଉପରେ ଗୋଟିଏ ଝିଅର ଫଟୋ ରଖାହୋଇଛି। ସେ ଜାଣେ ଏହା ମାୟାର ଫିକର। କିଛି ନ ଜାଣିଲା ପରି ପୋଷାକ ବଦଳାଇବା ବେଳେ କଣେଇ କଣେଇ ଫଟୋଟିକୁ ସେ ଦେଖିଲା। ପୋଷାକ ପାଲଟି ସାରି ମୋହନ ଚାରିଆଡ଼କୁ ଚାହିଁଲା—କେହି ନାହାନ୍ତି। ଫଟୋ ଖଣ୍ଡିକ ହାତରେ ଧରି କିଛି ବେଳ ଭଲ କରି ଦେଖିଲା ପରେ ତାକୁ ଖଟ ଉପରେ ରଖିଦେଇ ବାହାରକୁ ଚାଲି ଆସିଲା।

ଦୂରରୁ ମାୟା ସବୁ ଲକ୍ଷ୍ୟ କରୁଥିଲା। ବାହାରିଆସି କହିଲା—ଭାଇ କେମିତି ହେଇଛି ?

-କ'ଣ ?

-ଇସ୍, ମୋତେ ଜାଣିଥିବ କି ? ଏତେ ଗମ୍ଭୀର ହୁଅନାହିଁ ମ !

-କ'ଣ ?

-ଯାହାକୁ ଦେଖୁଥିଲ।

-ଦେଖିଲେ କ'ଣ ହେଲା ?

-କିଛି ହେଲା ନାହିଁ ଯେ ଲୁଚଉଛ କାହିଁକି ? ତା ନାଁ କ'ଣ ଜାଣ ?

-ମୋର ଜାଣିବାରେ କିଛି ଦରକାର ନାହିଁ। ମୋହନ ଚାଲିଗଲା।

ପଛରୁ ଡ଼ାକି ମାୟା କହିଲା—ଭାଇ ତା ନାଁ 'କାବେରୀ' ମନେ ରଖିଥା କହିଦଉଛି। ପଛରେ ଆସି ମତେ ଆଉ ପଚାରିବ ନାହିଁ। ମୁଁ ସେତେବେଳକୁ ଭୁଲି ଯାଇଥିବି।

ଖାଇସାରି ବୁଲି ଗଲାବେଳେ ମୋହନ ପୁଣି ଥରେ ଫଟୋଟିକୁ କଣେଇ କଣେଇ ଦେଖିନେଲା, ସେ ଦିନ ସେ ବାହାରକୁ ଗଲା ସତ କିନ୍ତୁ ମନ ତାର ପଡ଼ି ରହିଲା ସେହି ଖଟ ଉପରେ। ନାଁଟି ମଧ ବେଶ ସୁନ୍ଦର....କାବେରୀ...କା—ବେ—ରୀ। ଯେମିତି ଭାବରେ କହିଲେ ମଧ କାନକୁ ସୁନ୍ଦର ଶୁଭୁଛି। ଏଇ ନାଁ ଆଗରୁ ସେ କେଜାଣି କେତେଥର ଶୁଣିଛି କିନ୍ତୁ ଆଜିକାର ମାଧୁର୍ଯ୍ୟ କାହିଁ ସେଥିରେ ତ ନଥିଲା ?

ମୋହନ ଫେରିବା ପରେ ମାୟା କହିଲା— ଭାଇ ଫଟୋଟା ନେଇଯାଉଛି ?

-ନଉନୁ, ମୋର କଣ ହେବ ?

-କୋଉଠୁ କହୁଛ ? ତଣ୍ଡିରୁ ନା ପେଟରୁ ?

-ମାୟା ! ତୁ ଗୋଟାଏ ଅତି ମୁହଁବଡ଼ିଆ ହେଇଚୁ।

-ବାପଲୋ-ଫଟୋ ଦେଖୁ ଦେଖୁ ତ ଏତେ ଗାଳି ଦେଲଣି। ଭାଉଜ ଆସିବା ପରେ ଆମକୁ ଆଉ ବାକି ରଖିବ ନାହିଁ ଜଣାଯାଉଛି।

ମହୀବୋଉଙ୍କ ଅନୁରୋଧରେ ଦେଖାଚାହାଁଟା କଟକରେ ହେବାର ସ୍ଥିର ହେଲା। ଯୋଗକୁ ସେତେବେଳେ ଗୋଟାଏ ପ୍ରଦର୍ଶନୀ ଚାଲୁଥାଏ। ଝିଅଘର ଆସିଲେ। ସେହି ପ୍ରଦର୍ଶନୀରେ ଦେଖା ହେବାର ବ୍ୟବସ୍ଥା ହେଲା।

ଝିଅ ଦେଖା ଦିନ ମହୀବୋଉ ଏକରକମ ଜୋର କରି ମୋହନକୁ ସାଙ୍ଗରେ ନେଇଗଲେ। ନ ଯିବାପାଇଁ ସେ କେତେରକମ ଫିକର କାଢ଼ିଥିଲା। ତାର କାମ ଅଛି। ସେ ମାଇକିନିଆ ପଲରେ ପଶି ପାରିବ ନାହିଁ ଇତ୍ୟାଦି ଯେତେରକମର ଆଳ, ପଦେ କଥାରେ ମହୀବୋଉ ସବୁ କାଟିଦେଲେ—ତୋରି ଜୀବନ—ସଉଦା... ତୁ ଦେଖିବୁ ନାହିଁ ତ ଆଉ କିଏ ଦେଖିବ? ଏମିତି କଳି ଭାଙ୍ଗି ଯାଉ ଯାଉ ଘଣ୍ଟାଏ ଡ଼େରି ହୋଇଗଲା।

ପ୍ରଦର୍ଶନୀ ପାଖରେ ପହଞ୍ଚିଲା ବେଳକୁ ଝିଅଘର ପ୍ରଦର୍ଶନୀରୁ ବାହାରି ଆସୁଛନ୍ତି। ମହୀବୋଉ ଓ ମୋହନକୁ ଦେଖି ତାଙ୍କ ସାଙ୍ଗରେ ଆସିଥିବା ପୁରୁଷ ଜଣକ କହିଲେ--''ହେଇ ଆସି ଗଲେଣି।'' ଏତକ ଶୁଣିବା ଆଗରୁ ମହୀବୋଉ, ମୋହନ ଓ ମାୟା କାବେରୀକୁ ଦେଖି ନେଇଥିଲେ।

ଲୋକଟିର କଥା ଶୁଣି କାବେରୀ ମୁହଁରେ କିଏ ଯେମିତି ମୁଠାଏ ଅବିର ଛାଟିଦେଲା ! କ'ଣ କରିବ ବୁଝି ନ ପାରି ସେ ନିଜର ମା' ପଛଆଡ଼େ ମୁହଁ ଲୁଚେଇଲା। ତାଙ୍କ ସାଙ୍ଗରେ ଥିବା ଆଉଜଣେ ବୟସ୍କା ସ୍ତ୍ରୀ ଲୋକ କହିଲେ ତା ପଛଟାରେ ଲୁଚୁଛୁ କାହିଁକି? ଆ। ତା ହାତ ଧରି ଭିଡ଼ିଆଣିଲେ।

ଅନ୍ୟମନସ୍କ ହେବାର ଯେତେ ଚେଷ୍ଟା କଲେ ସୁଦ୍ଧା ମୋହନ ଆଖିରେ ସବୁ ଦିଶି ଯାଉଥାଏ।

କାବେରୀ ଲାଜ ଲାଜ ହୋଇ ମହୀବୋଉଙ୍କ ପାଦରେ ମୁଣ୍ଡ ଲଗେଇଲା। ମୋହନକୁ ଅସ୍ୱସ୍ତି ଲାଗିଲା—ସେ ସଳଖି ଠିଆହେଲା।

ଦୁଇ ହାତରେ କାବେରୀକୁ ଟେକୁ ଉଠାଇ ମହୀବୋଉ କହିଲେ—ସମୁଦୁଣୀ, ଏ ଲକ୍ଷ୍ମୀ ପ୍ରତିମାକୁ ଏତେଦିନ ଯାଏ କଣ ମୋରି ପାଇଁ ସାଇତି ରଖିଥିଲ? କାବେରୀର ମା ଖାଲି ଟିକିଏ ହସିଲେ।

ଚାରିଆଡ଼େ ଲୋକ। ମୋହନର ମନେ ହେଲା ଯେମିତି କାବେରୀର ଏଇ ମୁଣ୍ଡିଆମରା

ଦେଖି ସବୁ ଲୋକ ଠରାଠରି ହେଇ ହସୁଛନ୍ତି। ମାୟା ଚାହିଁ ଚାହିଁ କାବେରୀକୁ ଦେଖୁଥାଏ। ସେ ଯେ ପ୍ରଦର୍ଶନୀ ପଡ଼ିଆରେ ଠିଆ ହେଇଛି—ଏ କଥା ଯେମିତି ତାର ଆଉ ମନେ ନାହିଁ! ବୁଡ଼ିଲା ସୂର୍ଯ୍ୟର ମୋଞ୍ଚାଏ ଲାଲ କିରଣ ଆସି କାବେରୀ ମୁହଁରେ ପଡ଼ିଥାଏ, ଆଉ ମାୟା ଭାବି ଚାଲିଥାଏ..... ଏଇ ଯେଉଁ ଝିଅଟି ତାରି ଆଗରେ ଠିଆହୋଇ ଲାଜରେ ଆଖି ତଳକୁ କରିଛି, ସେଇ ହେବ ତାର ଭାଉଜ... ବଳିଲା ବଳିଲା ପରି ଦେହ ହାତ, ଚମ୍ପା କଢ଼ି ପରି ସୁନ୍ଦର ଆଙ୍ଗୁଠି, ପୂରିଲା ମୁହଁରେ ଗୋଲାପର ଆଭା, ଚିକ୍କଣ ଗାଲ ଦି'ଟା ଦର୍ପଣ ପରି ଝଟକୁଛି—ଚାହିଦେଲେ ମୁହଁ ଦିଶିଯିବ ପରା!

ମାୟାର ମନେହେଲା ସେ ଅନେକ ସୁନ୍ଦର ମୁହଁ ଦେଖିଛି, କିନ୍ତୁ ଏମିତି ପ୍ରତ୍ୟେକଟା ଅଙ୍ଗକୁ କାଟି କାଟି ଅଲଗା ଅଲଗା କରି ଦେଖିଲେ ସୁନ୍ଦର ଦିଶିବ, ଏମିତି ମୁହଁ ସେ ଜୀବନରେ କେବେ ଦେଖି ନଥିଲା।

ଭିଡ଼ ବଢ଼ିବା ଦେଖି ମୋହନ ମହୀବୋଉଙ୍କୁ କହିଲା—ଭିତରକୁ ଯିବୁ ତ ଯା, ନ ହେଲେ ଘରକୁ ଯା... ଏଠି ବାଟଟାରେ ଠିଆ ହେଇ ଆଉ ତୋ ପାଲା ଦେଖାନା। ସ୍ୱର ଶୁଣି ମହୀବୋଉ ତା' ମୁହଁକୁ ଚାହିଁଲେ। ଚମକି ପଡ଼ି ମାୟା ବି ଚାହିଁଲା। ମୋହନ କାନରେ ତା ନିଜ ସ୍ୱର ବି କେମିତି ଅଦ୍ଭୁତ ଶୁଣାଗଲା। ସେ ନିଜେ ମଧ ଟିକିଏ ଅପ୍ରତିଭ ହେଇ ପଡ଼ିଲା। କାହିଁକି ତାର ଏ ବିରକ୍ତି? ମହୀବୋଉ କ'ଣ କହିବାକୁ ଯାଉଥିଲେ, ମାୟା ଆଗ ବଳିକି କହିଲା—ଆମେ ଦେଖିବାକୁ ଆସିଥିଲୁ ନା ନ ଦେଖି ଘରକୁ ଫେରିଯିବାକୁ ଆସିଥିଲୁ? ଚାଲ ଭିତରକୁ।

-ମୁଁ ଯିବି ନାହିଁ। ତମେ ଯାଅ। ମୋହନ ମୁହଁ ବୁଲେଇ ଚାଲିଯିବାକୁ ବସିଲା। ଖରାରେ ଯେମିତି ଖଣ୍ଡେ କାଚ ଝଲସି ଉଠିଲା! ମୁହୂର୍ତ୍ତକ ପାଇଁ ଆଖି ଆପେ ଆପେ ଟାଣି ହୋଇଗଲା କାବେରୀ ମୁହଁ ଉପରକୁ—ଚାହିଁଛି, ସୁନ୍ଦର ଆଖି ଦିଓଟିରେ ଦୁନିଆଯାକର କୌତୁହଳ ନେଇ ସେ ତା'ରି ମୁହଁକୁ ଚାହିଁଛି।

ସେଇଦିନ ରାତିରେ ମହୀବୋଉ ପୀତାମ୍ବରବାବୁଙ୍କୁ କହିଲେ—ବଡ଼ ସୁନ୍ଦରିଆ ଝିଅଟିଏ! ଯାହାକୁ କହନ୍ତି "ଗୋଟିଏ ଚାଉଳରେ ଗଢ଼ା।" କାଲିକି ଚାଲ, ତମେ ଥରେ ଦେଖି ଆସିବ।

-ମୁଁ ଦେଖି ଅଧିକା ଆଉ କ'ଣ କରିବି? ଫଟୋରୁ ତ ଦେଖିଛି... ଆଚ୍ଛା ମହୀ ପସନ୍ଦ କଲା ତ?

-ତାକୁ ଦେଖି ପୁଣି ନାପସନ୍ଦ କରିବ କିଏ?....ମୁଁ ପରା କାବା ହଉଚି... ଏମିତି ଝିଅ ଆଜିଯାଏ ବାହା ନହୋଇ କାହିଁକି ରହିଛି!

-ଯୌତୁକ ଦବାର ଶକ୍ତି ହୁଏତ ବାପର ନ ଥିବ।

-ହେଇଥିବ।

ପୀତାମ୍ବରବାବୁଙ୍କ କଥାକୁ ଦାବିଦେଇ ମାୟା କହିଲା-ହଁ! ଯେ ବନାରସୀ ଶାଢ଼ୀ ସାଙ୍ଗକୁ ବାହାରେ ଅନନ୍ତ ପିନ୍ଧି, ହାଇହିଲ ଯୋତା ମାଡ଼ି ବାଟ ଚାଲୁଛି, ତା'ର ପୁଣି ଝିଅକୁ ଯୌତୁକ ଦବାର ଶକ୍ତି ନାହିଁ! ଜାଣିଛ ବାପା, ସେହି ବେଶରେ ଓଠର ଦି' ସନ୍ଧିରୁ ପାନଛେପ ବୁହାଇ ଯେତେବେଳେ ସେ ମୁଣ୍ଡ ହଲେଇ ବୋଉକୁ କ'ଣ କହୁଥିଲା, ମୁଁ ତ ଚମକି ପଡ଼ି ଦି'ହାତ ପଛକୁ ହଟିଗଲି। ତା'ର ସେ ରୂପକୁ ସେ ବେଶ ଏକଦମ୍ ଖାପ ଖାଇ ଯାଉଥିଲା—ମାୟା ହସି ହସି ମହୀବୋଉଙ୍କ ମୁହଁକୁ ଚାହିଁଲା।

ଚିଡ଼ିଉଠି ମହୀବୋଉ ଜବାବ ଦେଲେ—ସମସ୍ତଙ୍କ ଖୁଣିବା ତୋର ଗୋଟାଏ ଅଭ୍ୟାସ ହୋଇଗଲାଣି। ମା'ଠି ମୋର କଣ ଅଛି ? ବୋହୂ ମୋର ସୁନ୍ଦର ହେଲେ ହେଲା।

ପରଦିନ ସକାଳେ ମୋହନ ପାଖରେ ଠିଆ ହୋଇ ମାୟା କହିଲା—ଭାଇ, ତମେ ବାହା ହବାକୁ ଗଲାବେଳେ ଗୋଟିଏ କବଚ ପିନ୍ଧି ଯାଇଥିବ.... ସତରେ କହୁଚି। ନ ହେଲେ ତମେ ଭେଟଣା ହୋଇଯିବ... ଯୋଉ ଶାଶୁ ମୂର୍ତ୍ତି!

ମୋହନକୁ କୌଣସି ଜବାବ ନଦେବାର ଦେଖି ମାୟା ପୁଣି କହିଲା-ଆଚ୍ଛା ଭାଇ, କାଲି ତମେ ଏମିତି ପାଗଳଙ୍କ ପରି ହେଲ କାହିଁକି ? ଜାଣ, କାବେରୀ କ'ଣ କହିଲା ?

-ମୋର ଜାଣିବା ଦରକାର ନାହିଁ। କୁଆଡ଼ର ମଫସଲିଆଣି ଗୁଡ଼ାଏ। ମୋହନ ରାଗିବାର ଛଳନା କଲା।

-ସେଇ କଥା ସେ କହୁଥିଲା ପରା। କହିଲା—ତମ ଭାଇ ଏଡ଼େ ଯୋଗ୍ୟ, ଏଡ଼େ ସୁନ୍ଦର, ମୁଁ ତାଙ୍କର ପାଦଧୂଳିକି ସୁଦ୍ଧା ସମାନ ହେବି ନାହିଁ।

-ଭୁଲ ତ କିଛି କହି ନାହିଁ। ଗମ୍ଭୀର ହୋଇ ମୋହନ କହିଲା।

-ଭୁଲ କହିଚି ବୋଲି କଣ ମୁଁ କହୁଛି ? ମୋର ବି ଇଚ୍ଛା ହେଉଥିଲା କହି ଦବାକୁ—ଆମ ଭାଇଙ୍କର ଆହୁରି ଅନେକ ଯୋଗ୍ୟତା ଅଛି.... ସେ କଇଁଆ ପରିବାରେ ବଢ଼ିଆ ଖେଚେଡି ରାନ୍ଧି ପାରନ୍ତି, ଲୁଚେଇ ଲୁଚେଇ ଫଟୋ ଦେଖନ୍ତି.....।

-ଯାହା ଦେଖୁଛି, ତୋ ପାଇଁ ଖାଲି ବେତ ଦରକାର।

-ତେବେ ପୁଲିସ୍ ଚାକିରି କଲ ନାହିଁ? ଡ଼ାକ୍ତର ହେଲ କାହିଁକି ? କାବେରୀ ମୋତେ ପଚାରୁଥିଲା—ତମ ଭାଇଙ୍କ ଡ଼ାକ୍ତରୀହାତ କେମିତି ? ମୁଁ କ'ଣ କହିଲି ଜାଣ ? କହିଲି—ମୋ ଭାଇଙ୍କ ହାତରେ ଥରେ ପଡ଼ିଲେ ରୋଗୀମାନେ ସିଧା ସ୍ୱର୍ଗକୁ ଯା'ନ୍ତି। ମର୍ତ୍ତ୍ୟର ନରକରେ ଘାଣ୍ଟି ହବାଟା ଭାଇ ମୋଟେ ପସନ୍ଦ କରନ୍ତି ନାହିଁ।

-''ହଉ, ଯା, ଯା'', ମୋହନ କହିଲା।

-ଓ, ଭୁଲ କହିଦେଲି! ମୋର କହିବା ଉଚିତ ଥିଲା ଭାଇଙ୍କର ପାନେ ଔଷଧରେ ରୋଗୀମାନେ ଭଲ ହୋଇଯାନ୍ତି....

-ତୁ ଗଲୁ ଏଠୁ ? ଟିକିଏ ଚିଡ଼ିଯାଇ ମୋହନ କହିଲା ।

ମୋହନକୁ ସତରେ ରାଗି ଯିବାର ଦେଖି ମାୟା ଟିକିଏ ନରମି ଯାଇ କହିଲା–ଭାଇ ସତରେ କୁହ, ଭାରି ଭଲ ଝିଅଟିଏ... ନୁହେଁ? ବୋଉ ତ ଏକା ଜିଦ୍ ଧରି ବସିଛି, ସେଇଠି ଯେମିତି ହେଲେ ବାହାଘର କରିବ। ମୁଁ ବି ସେୟା କହୁଛି....। ଜାଣ, କାଲି ତମେ ଚାଲିଗଲା ପରେ, ସେ ତମ ଆଡ଼କୁ କଣେଇ କଣେଇ ଚାହୁଁଥିଲା । ତମେ ତାକୁ ବାହା ନହେଲେ ସେ ସତରେ ଭାରି ଦୁଃଖ କରିବ।

-ତତେ ଆସି କହୁଥିଲା ।

-ମତେ କ'ଣ କହନ୍ତା ? ତା ମୁହଁ ଦେଖି ମୁଁ ବୁଝିଗଲି। ତମେ ଚାଲିଯିବା ପରେ ତା ମୁହଁ ଏକେବାରେ ଶୁଖିଗଲା। ବିଚାରି ଭାବିଲା ତମେ ବୋଧହୁଏ ତାକୁ ପସନ୍ଦ କଲ ନାହିଁ– ଡଲୁ ଖଣ୍ଡେ କାଗଜ ଗୋଟାଇବା ବାହାନ ରେ ମୋହନକୁ ଲୁଚେଇ ମାୟା ଟିକିଏ ହସିନେଲା ।

ଶେଷରେ ସେଇଠି ବାହାଘର ହେବାର ଠିକଣା ହେଲା। ଦେବା ନେବାର ପ୍ରଶ୍ନ ଉଠିଲା ନାହିଁ। ମହୀବୋଉଙ୍କର ଜିନିଷରେ ଲୋଡ଼ା ନାହିଁ। ମୁଣ୍ଡରୁ ସବୁଠାରୁ ବଡ଼ ଚିନ୍ତା ଯାଇଛି–ମନଲାଖି ପାତ୍ରୀ ସେ ପାଇଛନ୍ତି। ତାଙ୍କ ବୋହୂ ସୁନ୍ଦରୀ ଓ ପାଠୋଇ–ସେହି ଯଥେଷ୍ଟ। ଦୂରରେ ଥିବା ବନ୍ଧୁବାନ୍ଧବଙ୍କୁ ସେ ନିଜେ ଚିଠି ଲେଖି ମୋହନର ବାହାଘର କଥା ଜଣାଇଦେଲେ ।

ତାଙ୍କ ଦିନଗୁଡ଼ାକ କୋଉ ଛଟକରେ ଗଡ଼ିଯାଇଛି, ସେ ବୁଝିପାରୁ ନାହାନ୍ତି । ପୀତାମ୍ବରବାବୁଙ୍କୁ ଟିକିଏ ଚୁପ୍ କରି ବସିବାର ଦେଖିଲେ, ତାଙ୍କୁ ବାହାଘର ତାଲିକା କଥା ମନେ ପକେଇଦେଇ ବ୍ୟସ୍ତକରି ପକାଉଥାନ୍ତି।

ମହୀବୋଉଙ୍କର ଏପ୍ରକାର ଠେଲାପେଲାରେ ଘରର ସମସ୍ତେ ବ୍ୟତିବ୍ୟସ୍ତ ହୋଇଉଠିଲେ । ତାଙ୍କ ମୁହଁରେ ଖାଲି ଗୋଟାଏ କଥା–''ହାତ ଗୋଡ଼ ଯୋଡ଼ି ସବୁ ବସିଛ ଯେ ଆଉ କେଇଟା ଦିନ ରହିଲା ?'' ଶେଷରେ ତାଙ୍କର ଏଇ ଧରଣର ଉତ୍ପାତରେ ବ୍ୟତିବ୍ୟସ୍ତ ହୋଇ ସମସ୍ତେ ମନେ ମନେ ପ୍ରାର୍ଥନା କଲେ କେମିତି ବାହାଘରଟା ଶୀଘ୍ର ହୋଇ ସେମାନଙ୍କୁ ଏ ଜଞ୍ଜାଳରୁ ମୁକ୍ତି ମିଳୁ।

-ହେ ଉଠମ ସକାଳ ହୋଇ ଗଲାଣିଟି। ନୂଆ ହୋଇ ଶାଶୁଘରକୁ ଆସିଥିବା କାବେରୀ ମାୟାକୁ ହଲେଇ ଦେଲା ।

ବାପା ମାଆଙ୍କର ଅଲିଅଳି ଝିଅ ମାୟା ଦିନ ଦି' ଘଡ଼ିରେ ବିଛଣା ଛାଡ଼େ। ଆଖିରେ ନିଦ ନ ଥିଲେ ସେମିତି ଘାଲିପାରି ପଡ଼ିଥିବ ପଛକେ ବିଛଣା ଛାଡ଼ି

ପଦାକୁ ଆସିବ ନାହିଁ। ଯଦି ଦୈବାତ କେହି ଏକାଙ୍କୁ ଡ଼ାକି ଦେଇଛି ତ ସେଦିନ ଘରେ ଲଙ୍କାକାଣ୍ଡ ଲାଗିଯାଏ। ଦୁମ୍ ଦୁମ୍ ଚାଲିରେ ଘର ଦୁଲୁକି ଉଠେ। ବାଟ ଛାଡ଼ି ଅବାଟରେ ପଶି ପୋଷା କୁକୁର ବିଲେଇଙ୍କୁ ମାଡ଼ିପକାଏ। କୁକୁରଛୁଆ କୁଁ କୁଁ ହୋଇ ଲାଞ୍ଜ ଟେକି ମାୟାଠାରୁ ଦୂରରେ ଅଗଣାର ଅନ୍ୟ କୋଣରେ ଆଶ୍ରୟ ନିଏ। ଶଙ୍ଖି ବିଲେଇ ମିଆଉଁ ମିଆଉଁ କରି ଲାଞ୍ଜ ଟେକି ଘର ଭିତରକୁ କୁଦାମାରେ। କିନ୍ତୁ କାବେରୀକୁ ଏସବୁ ସମ୍ପୂର୍ଣ୍ଣ ଅଜଣା।

-ହେ ଉଠମ! କେତେ ବେଳ ହେଲାଣି ଦେଖିଲଣି? କାବେରୀ ଏଥର ଟିକିଏ ଜୋର୍‌ରେ ମାୟାକୁ ହଲେଇ ଦେଲା।

ବିରକ୍ତିରେ ମାୟା ଆଖିମେଲି ଚାହିଁଲା। ତା' ନିଦୁଆ ଆଖିରେ ବୈଶାଖୀ ଝଡ଼ର ସୂଚନା। ହଠାତ୍ ମନେ ପଡ଼ିଗଲା ଆଗ ଦିନ ରାତିରେ ଏଇ ନୂଆ ବୋହୂ ତାଙ୍କ ଘରକୁ ଆସିଛି। ନୂଆ ଲୋକଟା ଆଗରେ ନିଜକୁ ଏତେ ଶୀଘ୍ର ଚିହ୍ନା ପକେଇ ଦେବାକୁ ମାୟାର ମନ ଟିକିଏ ଇତସ୍ତତ ହେଲା। ଶୋଇ ରହି ମାୟା ମନେମନେ ଭାବିଲା.... ସତରେ ଭାଉଜଟା ତା'ର ଦେଖିବାକୁ ଭାରି ସୁନ୍ଦର।

-ଉଠିବ ନାହିଁ? ହସିଲା ଆଖିରେ କାବେରୀ ଚାହିଁଛି।

-କ'ଣ କହୁନ?

-ଆଗ ମୁହଁ ଧୋଇଆସି, ତମକୁ ଗୋଟାଏ କଥା କହିବି।

ମହୀବୋଉ ଅନ୍ୟ ପୁରୁଖା ସ୍ତ୍ରୀ ଲୋକମାନଙ୍କ ଆଗରେ ବୋହୂ ଆଣିଥିବା ଜିନିଷପତ୍ର ଦେଖାଉଥିଲେ। ମାୟା ଆସି ଦୁଆରବନ୍ଧରେ ଠିଆ ହୋଇ ଡ଼ାକିଲା—ବୋଉ, ବୋଉ ଲୋ!

-କ'ଣ କହୁନୁ?

-ଏଇ ମ.... ଆମ ଭାଉଜଟା.... ଦେଖିବାକୁ ବଡ଼ ସୁନ୍ଦର.... ନୁହେଁ ଲୋ ବୋଉ?

-ତୁ ବିଛଣା ଛାଡ଼ିବା ଆଗରୁ ସିଏ ଗାଧୋଇ ପଡ଼ିଚି ବୋଲି? ଅଳ୍ପ ହସି ମହୀବୋଉ କହିଲେ।

-ତୋର ଖାଲି ସେଇ କଥା। କିଏ ସୁନ୍ଦର ହୋଇଥିଲେ ତାକୁ ସୁନ୍ଦର କହିବ ନାହିଁ? ମାୟା ଚାଲିଗଲା।

ତୁଣ୍ଡରେ କିଛି ନ କହିଲେ ବି ମହୀବୋଉଙ୍କ ଆଖି କହିଦେଲା ଯେମିତି ତାଙ୍କର ନିଜ ରୂପକୁ କିଏ ପ୍ରଶଂସା କରିଦେଇଗଲା। ବାଛି ବାଛି ଏତେଦିନକେ ମନଲାଖି ବୋହୂଟିଏ ଘରକୁ ଆଣିଛନ୍ତି। ଚାହିଁଦେଲେ ମନର ସବୁ ଦୁଃଖ ଭୁଲି ହେଇଯିବ। ଭଗବାନ ତାକୁ ସେମିତି ରୂପକୁ ଚାହିଁ ଗୁଣ ଦିଅନ୍ତୁ। ବୋହୂ ମୁହଁ ଦେଖିସାରି ସାହି ମାଇପଙ୍କ ମୁହଁ ଫିକା ପଡ଼ିଯାଇଛି। ତାଙ୍କ ବୋହୂମାନେ କାବେରୀର ପାଦ

ନଖଙ୍କୁ ମଧ ସରି ହେବେ ନାହିଁ।

ଦେବବାବୁଙ୍କ ସ୍ତ୍ରୀଯେ ତିଳ ପରିମାଣ ଦୋଷକୁ ତାଳ ଆକାରରେ ଦେଖନ୍ତି, ସେ ମଧ ଆଜି ସକାଳେ ବୋହୂର ମୁହଁ ଦେଖିସାରି, ହାତ ଟାଣିନେଇ ଆଙ୍ଗୁଠି, ନଖ, ବାହା ପରୀକ୍ଷା କରି ପାଉଁଜି ଦେଖିବା ବାହାନାରେ ଲୁଗା ଟେକି ପାଦ ଦେଖିନେଲେ। ତା'ପରେ ମନ୍ତ୍ରମୁଗ୍ଧ ପରି ଗଭୀର ପ୍ରଶଂସା ଦୃଷ୍ଟିରେ କିଛି ବେଳ କାବେରୀ ମୁହଁକୁ ଚାହିଁ କହିଲେ—ଏତେ ଦିନକେ ବୋହୂଲାଖି ବୋହୂଟିଏ ମୁଁ ଆଖିରେ ଦେଖିଲି।

ସେଇ କଥା କେଇପଦ ଘର ଭିତରେ ଜମା ହୋଇଥିବା ଅନ୍ୟାନ୍ୟ ସ୍ତ୍ରୀଲୋକମାନଙ୍କ କଲିଜାରେ ଛୁରି ଚଳେଇଦେଲା। ମୁହଁ ଉପରେ ସମସ୍ତେ ସମର୍ଥନ କଲେ ମଧ ମହୀବୋଉ ଲକ୍ଷ୍ୟ କଲେ ଏହି କଥା ଶୁଣି ଗୋଟି ଗୋଟି କରି ସବୁଗୁଡ଼ିକ ମୁହଁ ଶୁଖିଗଲା— ଭିତରେ ଭିତରେ ଯେମିତି ସେମାନେ ପୋଡ଼ି ପାଉଁଶ ହୋଇଗଲେ। ଅତି ମୁହଁଖୋର ଜଣେ ଅଧେ କହିଦେଲେ— ହଁ ଲୋ ମା, ରୂପକୁ ଚାହିଁ ଗୁଣ ହେଲେ ସବୁ ଭଲ। ଖାଲି ରୂପକୁ ତ କେହି ଘୋରି ବାଟି ପିଇବେ ନାହିଁ।

ମହୀବୋହୂଙ୍କ ମୁହଁରୁ ହଠାତ୍ ସବୁ ଆଲୁଅ ଲିଭିଗଲା। କାବେରୀକୁ ଚାହିଁ ଭାବିଲେ—ଏ ଅମୃତରେ କ'ଣ କେବେ ହେଲେ ବିଷ ମିଶିପାରେ? ନା ନା ଅସମ୍ଭବ... ଭଗବାନ କେବେ ଏଡ଼େ ନିଷ୍ଠୁର ହେବେ ନାହିଁ।

ବୋହୂର ରୂପକୁ ଖୁଣି ନପାରି, ବୋହୂ ଆଣିଥିବା ଜିନିଷ ପତ୍ରରେ ହଜାର ରକମର ଦୋଷ ଦେଖେଇ ସାଇପଡ଼ିଶା ମାନେ ଓରିମାନ ଶୁଝେଇ ଦେଲେ। କିନ୍ତୁ ମହୀବୋଉ ନିର୍ବିକାର-ସେ ଘର ଦେଖି ଆଣି ନାହାନ୍ତି, ବୋହୂ ଦେଖି ଆଣିଛନ୍ତି। ବୋହୂ ବି.ଏ.ପାସ୍. କରିଛି, ଦେଖିବାକୁ ସୁନ୍ଦର—ଆଉ ତାଙ୍କର କ'ଣ ଲୋଡ଼ା ?

-କି କଥା କହିବ ପରା, ଏଥର କହ। କାବେରୀ ପାଖରେ ଠିଆ ହୋଇ ମାୟା ପଚାରିଲା।

କହିବ କି ନାହିଁ ଟିକିଏ ଭାବି ନେଇ, ଅଳ୍ପ ହସି ରହି ରହି କାବେରୀ କହିଲା—ଶୁଣ, ଯଦି ବୋଉ ଗାଧୋଇ ସାରିଥାନ୍ତି, ତେବେ ଗୋଟିଏ ଗିନାରେ ପାଣି ନେଇ... ସେଥିରେ ବୋଉଙ୍କର ଗୋଡ଼ ନଖ ବୁଡ଼େଇ ଘେନି ଆସିବ, ବୁଝିଲ ?

-ବୋଉର ଗୋଡ଼ ନଖ କାହିଁକି ବୁଡ଼େଇବି ? ଆଶ୍ଚର୍ଯ୍ୟ ହୋଇ ମାୟା ପଚାରିଲା।

ଅଳ୍ପ ହସି ଲାଜ ଲାଜ ହୋଇ କାବେରୀ କହିଲା—ଶାଶୁଙ୍କର ଗୋଡ଼—ଧୁଆ ପାଣି ପାଆନ୍ତି ପରା।

ବଡ଼ ବଡ଼ ଆଖି ଆହୁରି ବଡ଼ କରି, ପାଟି ମେଲେଇ ମାୟା ପ୍ରଥମେ ଟିକିଏ ବେଳ କାବେରୀକୁ ଚାହିଁଲା ଏ କି କଥା ଆଜି ସେ କାବେରୀ ମୁହଁରୁ ଶୁଣିଲା ? ଏଇ ତେବେ ବାହାଘର ! ବୋହୂପଣିଆ ! ଛିଃ ଛିଃ....। ମୁହୂର୍ତ୍ତକ ମଧରେ ପୀତାମ୍ବରବାବୁଙ୍କର ଅଲିଅଳି ଝିଅ ମାୟାର ବେପରୁଆ କୋମଳ ମନ କାହାର ସୂକ୍ଷ୍ମ ସ୍ପର୍ଶରେ ସଙ୍କୁଚିତ

ହୋଇ ନିଜ ସ୍ୱଭାବର ରୁକ୍ଷତା ଭିତରେ ଅତି ସଙ୍କୋଚରେ ଆତ୍ମଗୋପନ କଲା। ପାଖରେ ଠିଆ ହୋଇଥିବା ଏହି ଅଧାଚିହ୍ନା ଝିଅଟି ପ୍ରତି ହଠାତ୍ ତା'ର ମନରେ ଦୟା ଆସିଲା। କିନ୍ତୁ କ'ଣ କହି ତାକୁ ସ୍ୱାନ୍ତନା ଦେବ ଭାବି ନ ପାରି ଘୃଣାରେ ନାକ ଟେକି କହିଲା,–ତମକୁ ଅସନା ଲାଗିବ ନାହିଁ? କେମିତି କରି ସେ ପାଣି ପିଇବ? ମୁଁ ହୋଇଥିଲେ ବାନ୍ତି କରି ପକାନ୍ତି।

ହସି ପକେଇ କାବେରୀ କହିଲା–ନାଇଁ,... ମତେ ଅସନା ଲାଗିବ ନାହିଁ।

ମାୟା ଭୁଲିଗଲା କାବେରୀ ତା'ର ଗୋଟିଏ ଦିନର ଚିହ୍ନା। ତା'ଠାରୁ ସବୁ ବିଷୟରେ ବଡ଼–ବୟସ, ବିଦ୍ୟା ଓ ରୂପ। ସାପଭଳି ଗର୍ଜିଉଠି କହିଲା–ମତେ ଅସନା ଲାଗିବ। ମୁଁ ଆଣିପାରିବି ନାହିଁ ଯା.... ଅତି ଭକ୍ତି ଚୋରର ଲକ୍ଷଣ। ମାୟା ଦୁମ୍‌ଦୁମ୍ ହୋଇ ସେ ଘର ଛାଡ଼ି ଚାଲିଗଲା। ଚାଲିଯାଉଥିବା ମାୟାକୁ ପଛରୁ ଏକ ଲୟରେ ଚାହିଁ କାବେରୀ ଦାନ୍ତରେ ଦାନ୍ତ ଚିପିଲା। ଘର ଭିତରେ ଜମିଥିବା ଛୋଟ ଛୋଟ ଛୁଆ ମାୟାର ରାଗ ଦେଖି ଉଠିଆସି କାବେରୀ ସାମନାରେ ଠିଆହୋଇ ତା ମୁହଁକୁ ବଲ ବଲ କରି ଚାହିଁଲେ। କାବେରୀ ଆଖିରେ ଲୁହ ଢ଼ଳ ଢ଼ଳ ହେଲା। ନିଃସହାୟ ଦୃଷ୍ଟିରେ ଥରେ ଘରର ଛାତକୁ ଚାହିଁ କାବେରୀ ଆପଣା ଜାଗାରେ ଯାଇଁ ଚୁପ୍‌ହୋଇ ବସିଲା।

ଘରେ ଜମା ହୋଇଥିବା ଛୋଟ ଛୋଟ ଛୁଆଗୁଡ଼ିକ ଠେଲାପେଲା କରି ତଳେ ଲେପଟେଇ ପଡ଼ି, ଅଧା ଓଢ଼ଣା ଭିତରୁ କାବେରୀ ଆଖିକି ଚାହିଁଲେ। "ସତେ ତ କାନ୍ଦୁଛନ୍ତି.... କିଏ ମାଇଲା? ମାଉସୀ?" ଗୋଟି ଗୋଟି କରି ସବୁଗୁଡ଼ିଙ୍କ କଅଁଳ ମୁହଁରେ ଆସ୍ତେ ଆସ୍ତେ ସମବେଦନାର କୋମଳ ଚାହାଣି ଫୁଟି ଉଠିଲା। ଏଡ଼େ ବଡ଼ ମଣିଷଟାଏ କାନ୍ଦୁଛି–ତାକୁ କଣ କହି ବୁଝେଇହବ କେହି ଠିକ୍ କରି ପାରିଲେ ନାହିଁ। କିଛିବେଳ ଆପଣା ଆପଣା ଭିତରେ ମୁହଁ ଚାହାଁଚୁହିଁ ହେବାପରେ ଜଣେ ଉଠିପଡ଼ି କହିଲା– "ମୁଁ ଯାଉଛି ମା'କୁ କହିଦେବି।" ଝଡ଼ପରି ସେ ଘରୁ ବାହାରି ଚାଲିଗଲା। ବିଜୁଳି, ଗତିରେ ସମସ୍ତଙ୍କ ମୁଣ୍ଡକୁ ବୁଦ୍ଧି ଜୁଟିଗଲା। "ମୁଁ ବି ଯାଉଛି କହିବି" "ମୁଁ ବି କହିବି" କହି ଗୋଟି ଗୋଟି କରି ସମସ୍ତେ ତା ପଛରେ ଧାଇଁ ଚାଲିଗଲେ। ଖୁବ୍ ସାନ ଦୁଇଟା ଛୁଆ ଦୁଆରବନ୍ଧକୁ ଝୁଣ୍ଟିପଡ଼ି ଉଠିବାକୁ ଚେଷ୍ଟା ନକରି କାନ୍ଦିବାରେ ଲାଗିଲେ।

ଅଧା ବାଟରେ ପ୍ରତାପ ଗୋଟିଏ ମୂଷା ଗୋଡ଼ରେ ସୂତୁଲି ବାନ୍ଧି ପାଣି କୁଣ୍ଡରେ ବୁଡ଼ାଉଥିଲା। ସେଇଠି ସମସ୍ତେ ଅଟକି ଗଲେ। ମାୟା ନାଁରେ ଫେରାଦ ହେବା ଆଉ କାହାରି ମନ ରହିଲା ନାହିଁ। ସମସ୍ତଙ୍କ ପାଟିରେ ଗୋଟିଏ କଥା–"ମତେ

ଦେ'',''ମତେ ଦେ'' ।

ପିଲା ଦୁଇଟାଙ୍କୁ କେହି ଉଠେଇବାକୁ ଆସୁ ନାହାନ୍ତି ଦେଖି କାବେରୀ ନିଜେ ଉଠିଗଲା। ଦେହଯାକ ଝାଳ ଧୂଳି। ନାକରେ ସିଙ୍ଘାଣି। ଓଢ଼ଣା ଭିତରେ କାବେରୀ ନାକ ଟେକିଲା। ବାଁ ହାତରେ ଗୋଟିଏ ପିଲାର ଝାଳୁଆ ବାହୁ ଟାଣି ଉଠେଇବାକୁ ଗଲାବେଳେ, କାବେରୀ ଦେଖିଲା କିଏ ଗୋଟିଏ ସ୍ତ୍ରୀଲୋକ ସାଙ୍ଗରେ ପିଲାଟିଏ ଧରି ତଳ ଖଞ୍ଜା ଆଡୁ ଆସୁଛି। ସାଙ୍ଗେ ସାଙ୍ଗେ କାବେରୀ ନିଜର ଡାହାଣ ହାତଟା ନେଇ ପିଲା ମୁଣ୍ଡରେ ରଖି ଆଦର କଲାଭଳି ଟିକିଏ ପାଖକୁ ଟାଣିନେଲା। ଆଦର ପାଇ ପିଲାଟି କାବେରୀ କୋଳରେ ମୁହଁ ଲୁଚେଇବାକୁ ବସିଲା। ଏ ବିପଦରୁ ରକ୍ଷାପଇବାକୁ କାବେରୀ ଡ଼ାହାଣ ହାତର ଦୁଇଟା ଟିପରେ ପିଲାର ଚିବୁକ ଟେକି ଧରି ଆସ୍ତେ ଆସ୍ତେ କହିଲା-ପଡ଼ିଗଲେ ଦେହରେ ବେଶି ଜୋର ହୁଏ... ତମେ କାନ୍ଦୁଛ କାହିଁକି ?

ଜଣକୁ ଉଠେଇବାର ଦେଖି ଆର ପିଲାଟି କାବେରୀକୁ ଚାହିଁ ଆହୁରି ଜୋରରେ କାନ୍ଦିବାକୁ ଲାଗିଲା। ତାକୁ ଉଠେଇବା ପାଇଁ ଯିବାକୁ ବସିଛି, ଦେଖିଲା, ସେହି ସ୍ତ୍ରୀ ଲୋକ ଜଣକ ଭିତରକୁ ପଶି ଆସି କହିଲେ–''ମାଇଁ ଆସୁ ଆସୁ ତ ତାକୁ କାମରେ ଖଟେଇ ଦେଲଣି...''

ପିଲା ଜଞ୍ଜାଳରୁ ନିଜକୁ ମୁକ୍ତ କରିବାକୁ ସ୍ତ୍ରୀଲୋକଟି ସାଙ୍ଗରେ ଆଣିଥିବା ଛୁଆଟିକୁ ସେଇଠି ଛାଡ଼ିଦେଇ କାମର ଆଳ ଦେଖେଇ ଚାଲିଗଲେ।

କାବେରୀ ପୁଣି ସପ ଉପରକୁ ଫେରିଆସିଲା। ସାଙ୍ଗରେ ତିନୋଟି ଛୁଆ।

-ଯିଏ ଆସିଥିଲେ, ସେ ତମର କ'ଣ ହେବେ ? କାବେରୀ ବଡ଼ଟିକୁ ପଚାରିଲା।

-କିଏ ?

-ଯେ ଅବିକା ଏଠିକି ଆସିଥିଲେ, ତାଙ୍କୁ ତମେ କ'ଣ ଡ଼ାକ ?

-ବଡ଼ ବୋଉ।

-ମାଯାଙ୍କୁ କଣ ଡ଼ାକ ?

କଥା ସେଇଠି ବନ୍ଦ ରହିଲା। ''ବୋହୂ କାହିଁ''; ''ବୋହୂ କାହିଁ'' କହିକହିକା ଦଳେ ସ୍ତ୍ରୀ ଲୋକ ଘର ଭିତରକୁ ପଶି ଆସିଲେ। କାବେରୀ ମୁଣ୍ଡରେ ଓଢ଼ଣା ଟାଣିଲା। ବହୁତ ଭିଡ଼ାଓଟରା ପରେ ଓଢ଼ଣା ଟେକି ବୋହୂର ମୁହଁ ଦେଖାଗଲା। ସେଇ ଦଳର ଗୋଟିଏ ବୁଢ଼ୀ, ସମ୍ପର୍କରେ ତା'ର ନାତୁଣୀବୋହୂ ଜଣକୁ ତିଆରି କହିଲା–ଦେଖଲୋ ମା, ଦେଖ, 'ବେ' ପାସ୍ କଲେ ବି ତା' ମା ତାକୁ କେତେ ଲାଜ ଶିଖେଇଛି... ଆଉ ତେମେ ? ମରଦଙ୍କ ସାମନାରେ ଧିଅରୁ ମୁଣ୍ଡରୁ ଲୁଗା ଖସେଇ ବାଟ ଚାଲୁଥିବ।

ମୁହଁ ମୋଡ଼ି ନାତୁଣୀବୋହୂ ଜବାବ ଦେଲା–ଆମ ପେଇଁ ଏବେ ତେମେ ଦିହରେ ମୁଣରେ ଲୁଗା ଦେଇ ବାଟ ଚାଲୁନ... କିଏ ମନା କରୁଛି ?

-ତୋ' ମା ତତେ ତ ଆଉ କିଛି ଦେଇ ନାହିଁ—ଖାଲି ଖଣ୍ଡେ ଶାଣଦିଆ ମୁହଁ ଦେଇଛି।

-ମୋ ମା'ର ତ ସେତିକି ଥିଲା... ଆଉ କ'ଣ ଦିଅନ୍ତା ? କହି ନାତୁଣୀବୋହୂ କାଖ କରିଥିବା ତିନି ବର୍ଷର ଛୁଆଟାକୁ ଦୁଲକିନି ତଳେ କଚାଡ଼ି ଦେଲା।

ଆଇବୁଢ଼ୀ ପାକୁଆ ପାଟିରେ ଖନ ଖନ ହୋଇ ପୋଥି ପୁରାଣ ଖୋଲିବାକୁ ଯାଉଥିଲା, ଜଣେ ଅଧା-ବୟସିଆ ସ୍ତ୍ରୀଲୋକ ବୁଢ଼ୀ ପାଟିରେ ହାତ ଦେଇ ଭିଡ଼ି ଭିଡ଼ି ପଦାକୁ ନେଇଗଲା—ତୁନି ପଡ଼ ମାଉସୀ, ତୁନି ପଡ଼। ଛୋଟଙ୍କ ସାଥିରେ ମୁଣ୍ଡ ପକେଇଲେ ନିଜର ମାନ ଯାଏ।

-ହଁଅ, ଅସଲ କଥା କହିଲାରୁ ମରମରେ ଲାଗିଲା ପରା ! ମୋର କି ଗରଜ ପଡ଼ିଚି କହିବାକୁ ? "ଟୋକେଇ ପାଖରେ କୁଣ୍ଡେଇଟାଏ, ମିଛରେ ବୋଲିବେ ତୁଣ୍ଡେଇଟାଏ।" ମନକୁ ମନ ଭଟର ଭଟର ହୋଇ ହେଇକା ବୁଢ଼ୀ ତଳ ଖଞ୍ଜାକୁ ଚାଲିଗଲା।

କାବେରୀ ପାଖରୁ ଯାଇ ମାୟା ସିଧା ମହୀବୋଉଙ୍କ ପାଖରେ ଠିଆ ହେଲା। ସେତେବେଳକୁ ବୋହୂ ଆଣିଥିବା ବାସନକୁସନ ପେଡ଼ିପେଟରା ଦେଖାସରିଲାଣି। ସାହିମାଇପେ ନିଜ ନିଜ ଦେଖାନ୍ତରରେ କାହାର ବୋହୂ କି ଜିନିଷ ଆଣିଥିଲା, ତାରି ଚର୍ଚ୍ଚା ପକେଇଛନ୍ତି। ମଝିରେ ବୋହୂ-ଘରୁ ଆସିଥିବା ପାନବଟା ମେଲା ହୋଇଛି। କାହାରି ହାତରେ ଗୁଆକାତି, ଆଉ କାହା ହାତରେ କେତକୀ ଖଇର, କିଏ ବା ଗୁଣ୍ଡି ଡବାରୁ ଟିକିଏ ଟିକିଏ ଗୁଣ୍ଡି ପାଟିରେ ପକେଇ କଥାରେ ମଜି ଯାଇଛନ୍ତି। ପିଚ୍ ପାଚ୍ ପିକ ପଡ଼ୁଛି। ଅଗଣାରୁ ଟେନାଏ ପାନ ପିକରେ ଲାଲ ହୋଇଗଲାଣି।

-ଯେତେକ ମଫସଲିଆ କଥା ସବୁ ତୋରି ଠେଇଁ ଅଛି, ମାୟା ପାଟି କରି କହିଲା।

କଥା ବନ୍ଦ ରଖି କୌତୂହଳୀ ଦୃଷ୍ଟିରେ ସମସ୍ତେ ମାୟାକୁ ଚାହିଁଲେ।

ମହୀବୋଉ କହିଲେ—କାହାକୁ କହୁଚୁ ବା ?

-ତତେ। ଆଉ କାହାକୁ କହିବି ? କ'ଣ ହେଲା କହୁନୁ ?

-ହବ ଆଉ କ'ଣ ? ବାଛି ବାଛି ବୋହୂ ଆଣିଛୁ ଯେ ସେ କହୁଛି ଶାଶୁଙ୍କର ପାଦଧୁଆ ପାଣି ପିଇବ। ତୋର ଏ ଫଟା ଗୋଡ଼ରେ ଯେତେ ଗୁହମୂତ ଲାଗିଛି, ସବୁଦିନେ ତାକୁ ଧୋଇ ନ ପିଇଲେ କୁଆଡ଼େ ତାର ମୁକ୍ତି ହେବ ନାହିଁ।

ପୁରୁଖା ଯଦୁବୋଉ ବାହାରି ପଡ଼ି କହିଲେ—ଆଲୋ ଝିଅ, ବୋହୂ ନାଖରା କଥା କ'ଣ କହିଲା ? ଶାଶୁ ଶଶୁର ଦେବତା ସମାନ। ତାଙ୍କ ପାଦଧୁଆ ପାଣି ପାଇଲେ ତା'ରି ଭଲ ହେବ ସିନା ଖରାପ ତ ହେବ ନାହିଁ—

ଚାରି ପାଞ୍ଚ ଜଣ ଏକାଠି ବାହାରିପଡ଼ି କହିଲେ—ସିଏ ତ ପାଦଧୁଆ ପାଣି ପିଇବ କହୁଛି, ତେମେ କିଆଁ ଏମିତି ହଉଚ ?

ସେମାନଙ୍କ କଥାକୁ ନ ଶୁଣିଲା ଭଳି ମାୟା ତା'ର ମା' ମୁହଁକୁ ଚାହିଁଲା। ମହୀବୋଉଙ୍କ ଦୃଷ୍ଟି ଲାଖିଥିଲା ଘର କୋଣରେ ଗଦା ହୋଇଥିବା ବୋହୂର ଜିନିଷପତ୍ର ଉପରେ। ଆଖିରେ ଲାଗିଥିଲା ଆନନ୍ଦର ଝଲକ... ମୁହଁରେ ତୃପ୍ତିର ସରସତା। ମନେ ମନେ କହୁଥିଲେ, ''ପ୍ରଭୁ ତୁମରି ଇଛା.... ପ୍ରଭୁ ତମରି ଇଛା.... ମୁଁ ତ ଏତେ ଆଶା କରି ନଥିଲି।''

-କ'ଣ ବୋଉ, କାଲ ହୋଇଗଲୁ କି? ମାୟା ଧମକେଇ ଉଠିଲା।

-କ'ଣ ଆଉ କହିବି? ତୁ ମନା କରିଦେଲୁ ନାହିଁ?

-ମୁଁ କାହିଁକି ମନା କରିବି? ତୁ ଆଣିବୁ ବୋହୂ, ସେ ପିଇବ ତୋର ପାଦ ଧୋଇ ପାଣି। ଆଉ ମତେ ଶିଖାଉଛୁ ଯେ, ମଝିରେ ମୁଁ ମନା କରି ତୋଠୁ ବି ଶୁଣିବି, ତାଠୁ ବି ଶୁଣିବି।

-ତେବେ?

-ତେବେ ଆଉ କ'ଣ? ତୁ ନିଜେ ଯାଇ ତାଙ୍କୁ କହ—

ଯଦୁବୋଉ ହସି କହିଲେ—ଏ ରାହାବାଳୀ ଝିଅଖଣ୍ଡକୁ କୋଉଠି ବାହା କରିବୁ ମହୀବୋଉ? ଜାଣିଥା, ଏ ଗଲେ ତୋ ଚୋଇଁ ମୁଣ୍ଡରେ ଶାଗୁଣା ବସିବ।

ବେପରୱା ଭାବରେ ମାୟା କହିଲା— ତମେ ତ ଅଛ.... ମୋର ଆଉ ଏତେ ଚିନ୍ତା କାହିଁକି? ତମକୁ ବାହା ହେବି, ଆଉ ମରିଗଲେ ତମରି ମୁଣ୍ଡରେ ଶାଗୁଣା ହୋଇ ଆସି ବସିବି।

-ମାୟା!

-କ'ଣ?

-ସେ ପରା ବଡ଼ବୋଉ.... ତାଙ୍କୁ ଏମିତି କଥା ତୁ କହିବୁ?

-ବଡ଼ ବୋଉ ହେଲେ ହେଲା ଯା.....

-ଏଡ଼େ ଝିଅଟାଏ 'ହେଲୁଣି ତୋ ପାଟିରେ ବାଡ଼ କି ବତା ନାହିଁ? ଯାହା ପାଟିକି ଆସୁଛି କହିଦେଇଯାଉଛୁ।

-ଭଗବାନ ମତେ ଖାଲି ଜିଭଟାଏ ଦେଇଛନ୍ତି—ବାଡ଼ ବତା କିଛି ଦେଇ ନାହାନ୍ତି।

ମହୀବୋଉ ଆଉ କ'ଣ କହିବାକୁ ଯାଉଥିଲେ। ଯଦୁବୋଉ ଆଗ ବଳିପଡ଼ି ତାଙ୍କୁ ଚୁପ୍ କରେଇ ଦେଲେ—ଥାଉଲୋ, ଥାଉ, ଆଜିକାଲିକା ଟୋକିଙ୍କି ତୁ କ'ଣ କଥାରେ ପାରିବୁ?

-କା' କଥା କହୁଚ ବା? କହି ଆଈବୁଢ଼ୀ ସଭାରେ ପହଞ୍ଚିଲା। ନୂଆବୋହୂ ସାମନାରେ ନାତୁଣୀବୋହୂଟା ଢଳି କରି ବୁଢ଼ୀର ମନ ବିଗାଡ଼ି ଦେଇଛି। ତା ଛଡ଼ା ଆଜିକାଲିର ଏଇ ଅଧା ଲଙ୍ଗଳା ଟୋକୀଗୁଡ଼ାଙ୍କୁ ଦେଖିଲେ ବୁଢ଼ୀର ମନ ବିଷେଇ ଉଠେ। ସବୁବେଳେ କହେ—କି ଗାତଚୁଲି ପାଠ ଆଜିକାଲି ପଢୁଛନ୍ତି ଲୋ ମା, ସେଇ ତ ତାଙ୍କ ମୁଣ୍ଡ ବିଗାଡ଼ି ଦଉଛି।

ଅଧା ମସିଣା, ଅଧା ତଳେ ବସିପଡ଼ି ବୁଢ଼ୀ କହିଲା-କା' କଥା କହୁଥିଲୁ ?

ଡ଼ବାରୁ ମସଲା ନଉ ନଉ ମାୟା ଜବାବ ଦେଲା– ମଣିଷ ଦେଖି ଚିହ୍ନି ପାରୁନୁ, କାହା କଥା ପଡ଼ିଥିବ ?

ଭୂତ ଦେଖିଲା ପରି ଏଡ଼େ ଏଡ଼େ ଆଖି କରି ମାୟାକୁ ବୁଢ଼ୀ କହିଲା– ହଇଲୋ ମହୀବୋଉ, ଏ କି କଥା ?

ଚମକି ପଡ଼ି ମାୟା କହିଲା–ତୋର ପୁଣି କ'ଣ ହେଲା ?

-ଆଲୋ ଶୁଭ ଦିନଟାରେ ଝିଅକୁ ଏମିତି ବେଶରେ ରଖିଛୁ। ଏଡ଼େ ଟୋକୀଟାଏ ହେଲାଣି, ତା' ବର କ'ଣ ଆଜିଯାଏ ଜନମ ହୋଇନାହିଁ? ଫୁଙ୍ଗୁଳା ହାତ କରି ବୁଲୁଛି।

ଡ଼ାହାଣ ହାତ ଲୁଚେଇ ଦେଇ ବାଁ ହାତର କଳାଫିତା ଦେଖେଇଦେଇ ମାୟା କହିଲା– ଫୁଙ୍ଗୁଳା କୋଉଠି ? ହେଇଟି ତ ପିନ୍ଧିଛି। ଗୋରା ହାତରେ ଘଡ଼ିର କଳା–ଫିତାଟା ଚକ୍ ଚକ୍ କରିଉଠିଲା।

-ହଁ ଲୋ ମା, ଆମେ ଜାଣୁ–ତେମେ ସବୁ ଘଡ଼ି ଦେଖି ଦେଖି ପୋଖରୀପାଣି ବସ, ଗାଧୋଇ ଯାଅ, ଲୁଗା ପିନ୍ଧ, ଭାତ ଖାଅ, ଆଉରି କେତେ କଣ କର। ଆମ ହାତରେ ତ ଘଡ଼ି ନାଇଁ– ସେଥିପାଇଁ ଗାଧୁଆ, ଖିଆ, ପୋଖରୀପାଣି କିଛି ଆମେ କରିପାରୁ ନାହିଁ। ଦିହକ ବିତିଗଲା, ବେଳ ଜାଣିପାରିଲୁ ନାହିଁ। ମୁଣ୍ଡବାଳ ପାଚିଗଲା। ତମ ହାତରେ ଘଡ଼ି ଅଛି। ତେମେ ବେଳ ଜାଣୁଛ– ତାମ ବାଳ ପାଚିବ ନାହିଁ କହି ଆଈବୁଢ଼ୀ ମୁହଁ ମୋଡ଼ିଦେଲା।

-ହଁ ଠିକ୍ କଥା, ଦେଖିବୁ ମୋ ବାଳ କେବେହେଲେ ପାଚିବ ନାହିଁ। ବାଳ ପାଚିବା ଆଗରୁ ମୁଁ ସୁଇସାଇଡ୍ କରିଦେବି।

-ଯା, ଯା, ଆଉ କାହା ଆଗରେ ସେ କଥା କହିବୁ। ହର ବ୍ରହ୍ମା ଆସିଲେ ବି ତାଙ୍କ ବାଳ ପାଚିବ। ଆଉ ଇଏ ବାହାରିଲେ ସୁସାଇଟି କରି ବାଳକୁ ସବୁଦିନେ କଳା ରଖିବେ!

ମୁଣ୍ଡରୁ ଦୁଇଟା ବାଳ ଛିଣ୍ଡେଇ ଆଣି, ଏକାଠି ଗଣ୍ଠି ପକେଇ ଆଈବୁଢ଼ୀ ସାମନାରେ ଧରି ଖତେଇ ହେଲାଭଳି ମାୟା କହିଲା,– ହେଇଟି ନେ, ଯାକୁ ରଖିଥିବୁ... ହଜେଇବୁ ନାହିଁ। ମଲାଦିନ ଆଉ ଦି'ଟା ବାଳ ତୋ ପାଖକୁ ପଠେଇ ଦେବି। ମିଶେଇ ଦେଖିବୁ ମୋ କଥା ସତ କି ମିଛ।

ବକର ବକର ହୋଇ ବୁଢ଼ୀପାଟିରୁ ଫେଣ ବାହାରି ପଡ଼ିଲାଣି। ମହୀବୋଉ ଝିଅକୁ ମାରିବାକୁ ଉଠିଆସିଲେ। ବାଳ ଦି'ଟା ଆଈ ମୁହଁ ଉପରକୁ ଛାଟିଦେଇ ଏକା କୁଦାରେ ମାୟା ଅଗଣାରେ ଠିଆ ହୋଇ ପାଟିକରି କହିଲା– ଆଈ, ହଜେଇଦବୁ ନାହିଁ... ରଖିଥିବୁ। ଆଛା ଟା' ଟା'। ବିଦାୟ ଭଙ୍ଗୀରେ ହାତ ହଲେଇ ମାୟା ସେ ଜାଗା ଛାଡ଼ି ଚାଲିଗଲା।

ମାଇପି ମହଲରୁ ଯାଇ ମାୟା ଖନ୍ଦାଶାଳରେ ଗୁଡ଼ିଆ ପାଖରେ ଉଠିଲା। ପେଟ ଭୋକରେ ଚକଟିମକ୍ଷି ହେଲାଣି। କିନ୍ତୁ ଜଳଖିଆ ଅଧା ହୋଇଛି।

-କିହୋ, ଆଜି କ'ଣ ଆମକୁ ନିର୍ଜ୍ଜଳା ଏକାଦଶୀ କରେଇ ଛାଡ଼ିବ ?

ପାନବୋଳ-ବସା ଦାନ୍ତରେ ମୁଲାଏମ୍ ହସ ହସି ଗୁଡ଼ିଆ ଜବାବ ଦେଲା– ଦଉଚି, ଦଉଚି... ଆଉ ଟିକିଏ ବେଳ ସବୁର କରିଯାଅ। ଦେଖୁଚ ତ ଦି'ଟା ବୋଲି ହାତ।

-ତମର ତ ଦି'ଟା ହାତ। ଆମର ବୋଧହୁଏ ଫାଳେ ପାଟି ?

ଖନ୍ଦାଶାଳର ଭାର ନେଇଥିବା ମାୟାର ସମ୍ପର୍କୀୟା ଖୁଡ଼ି କହିଲେ–ଯାହା ହେଇଚି ତାକୁ ଦେଇଦିଅ। ତାକୁ ବସେଇ ରଖିଲେ ତମ କାମ ଆଉ ଆଗେଇବ ନାହିଁ।

-ହଁ ଦେଇଦିଅ, ଆମ ଦିହିଙ୍କ ପାଇଁ ଦତ। ମୁଁ ଆଉ ଭାଉଜବୋଉ ଏକାଠି ଖାଇବୁ।

ଜଳଖିଆ ହାତରେ ଧରି ପାଟିରେ ସିଟି ବଜେଇ ବଜେଇକା ମାୟା ଚାଲିଗଲା।

କାବେରୀ ପାଖରେ ଲୋକ ଜମିଥିବାରୁ ମାୟା ଭାଉଜର ହାତ ଧରି ପାଖ ବଖରାକୁ ନେଇଗଲା। ଆସନ ଉପରେ କାବେରୀକୁ ଦୁଲକରି ବସେଇ ଦେଇ ମାୟା ତା ମୁହଁକୁ ଚାହିଁ ଦେଖିଲା– ମୁହଁରେ ହସ ନାହିଁ। ତା'ର କାରଣ କ'ଣ ତା ବି ସେ ଜାଣେ। କିନ୍ତୁ କିଛି ନ ଜାଣିଲା ଭଳି ହସି ହସି କହିଲା–କିହୋ ଭାଉଜ ମୁହଁଟାକୁ ଏମିତି ଅଥାର ଭଳିଆ ଲଦିଛ କାହିଁକି ?

କାବେରୀ କୌଣସି ଉତ୍ତର ଦେଲା ନାହିଁ।

-ହଉ କଥା ନ କହିଲେ ନାହିଁ ପଛକେ, ଖାଅ। ତଥାପି କାବେରୀକୁ ନ ହସିବାର ଦେଖି ଜୋର କରି ତା ପାଟିରେ ଜଳଖିଆ ଗେଞ୍ଜି ମାୟା ନିଜେ ଖାଇବାରେ ଲାଗିଲା। ଖାଉ ଖାଉ ଏଣୁଅ ଭଳି ମୁଣ୍ଡ ହଲେଇ କହିଲା–ନା, ନା, ତମେ ପ୍ରକୃତରେ ସୁନ୍ଦର... ହସିଲେ ଭଲ ଦିଶ, ରୁଷିଲେ ବି ଭଲ ଦିଶ... ମତେ ଠିକ୍ କହି ଆସୁନାହିଁ.... ଏଇ ଯେମିତି ଧୀର ପବନରେ ଥରି ଉଠୁଥିବା ଆମ୍ବ ବଉଳ ଆଉ ଆମ୍ବ- ଦୁଇଟାଯାକ ଆଖି ଆଉ ମନକୁ ସମାନ ଭାବରେ ଟାଣେ। ବଉଳର କମନୀୟତା ଆମ୍ବରେ ନାହିଁ କି ଆମ୍ବର ରସାଳତା ବଉଳରେ ନାହିଁ– ଦିହିଙ୍କି ଦିହେଁ ବଡ଼।

ମେଘ ଫାଙ୍କରୁ ଜହ୍ନ ଆଲୁଅ ଗଳିପଡ଼ିଲା ଭଳି କାବେରୀର ଗମ୍ଭୀର ମୁହଁରେ ଚୋରା ହସର ଆଲୁଅ ଦିଶିଲା।

ବାହାଘର ରେଳି ଭାଙ୍ଗିଯାଇଛି। ଆସିଥିବା କୁଣିଆମାନେ ଯେ ଯାହାର ଘରକୁ ଫେରିଗଲେଣି। କିନ୍ତୁ ଘରଟା ଯେତେ ନିଛାଟିଆ ଲାଗିବା କଥା, ସେତେ ଲାଗୁ

ନାହିଁ। ମହୀବୋଉଙ୍କର ସମୟ ବୋହୂ ଖବର ବୁଝୁ ବୁଝୁ କୋଉ ଛଟକରେ କଟି ଯାଇଛି।

ଖରା ନଇଁ ଆସିଲାଣି। ମହୀବୋଉ ବାରଣ୍ଡାରେ ବସି କାବେରୀ ମୁଣ୍ଡ ବାନ୍ଧି ଦେଉଥିଲେ, ଏତିକିବେଳେ ଭଣ୍ଡାରଘର ଚାବି ନେବାକୁ ଆସି ମାୟା ତାଙ୍କ ପାଖରେ ଠିଆ ହେଲା।

-କିଲୋ ବୋଉ ଭାରି ତ ଖୁସି ଅଛୁ ଦେଖୁଛି...ବୋହୂର କାମ ଦଣ୍ଡେ ହେଲେ ତୋ ହାତରୁ ଛାଡୁ ନାହିଁ...ନିଶ୍ଚେ ଭାଉଜ ବୋଉ ତୋ ଗୋଡ଼ ଧୋଇ ପାଣି ପିଉଛନ୍ତି।

-ମଲା, ଘରକୁ ବୋହୂ ଆସିଲା, ଖୁସି ହେବି ନାହିଁ?

—ବୋହୂ ଆସିଲା ବୋଲି ତୋ ଗୋଡ଼ କାହିଁକି ଚାରି ହାତ ଛଡ଼ାରେ ପଡୁଛି? ଭାଇଙ୍କର ସିନା ପଡ଼ିବା କଥା-

-ଆଉ ସତେ! ଏମିତି ବୋହୂ କେଇଟା ଲୋକର ଭାଗ୍ୟରେ ଜୁଟେ? ସକାଳୁ ଦାନ୍ତ ଘଷିବାକୁ ପାଣି ଦଉଚି...ଗାଧୋଇଲା ବେଳେ ମୁଁ ଯେତେ ନାହିଁ କଲେ ବି ଗାମୁଛାରେ ପିଠି ରଗଡ଼ି ଦଉଛି...ରାତିରେ ବିଛଣା ଝାଡ଼ି ଦଉଚି...ତୁ ଗୋଟାଏ ଝିଅ ଅଛୁ ଯେ ଦିନେ କାଳେ ପାଣି ଢାଳେ ଦେଇଥିଲୁ? ମାୟାକୁ ନ ଚାହିଁ ମହୀବୋଉ କହିଲେ।

-ଆରେ, ଏତେ କଥା କରୁଛନ୍ତି-ମୁଁ କିଛି ଜାଣି ପାରି ନାହିଁ! ମୁଁ ସିନା ଭାବିଥିଲି ତତେ ଖାଲି ପାନ ଭାଙ୍ଗି ଦଉଚନ୍ତି...ତୋର ତେବେ ଆଉ ଚିନ୍ତା କ'ଣ? ଏଣିକି ଗୋଡ଼ ଉପରେ ଗୋଡ଼ ପକେଇ ଆରାମରେ ଦିନ କାଟିବୁ। ଥଟ୍ଟା କଲାପରି ମାୟା କହିଲା।

ଏଥର ମହୀବୋଉ ଝିଅ ମୁହଁକୁ ଚାହିଁଲେ-ମୋର ଖାଲି ଗୋଟାଏ ଚିନ୍ତା ରହିଲା, ତତେ କେମିତି ହାତକୁ ଦି' ହାତ କରିଦେଲେ ମୁଁ ନିଶ୍ଚିନ୍ତ ହେବି। ତେଣିକି ତାଙ୍କ ଘର ସଂସାର ସେମାନେ ବୁଝୁଥାନ୍ତୁ।

-ମତେ ହାତକୁ ଦି'ହାତ କରିବା କଥା ଛାଡ଼ି, ତୁ ନିଜେ କେମିତି ହାତକୁ ଦି ହାତ ହେବୁ ସେଇଆ ଭାବ! କାନିରୁ ଚାବିଟା ଫିଟେଇ ନେଇ ମାୟା ରାଗରେ ହୁମ୍‌ହୁମ୍ ହୋଇ ଚାଲିଗଲା।

ମାୟାର ଯିବା ବାଟକୁ ଚାହିଁ ମହୀବୋଉ କାବେରୀକୁ କହିଲେ-ପାଗଳିଟାଏ...ତୁ ତା' କଥାକୁ ମୋଟେ ଧରିବୁ ନାଇଁଲୋ ବୋହୂ...ଦେଖୁନୁ ଯାହା ତାର ପାଟିକୁ ଆସୁଛି କହିଦେଇ ଯାଉଛି...।

ମହୀବୋଉ ହୁଏତ ଆହୁରି କେତେ କ'ଣ ବୁଝେଇଥାନ୍ତେ କିନ୍ତୁ ଏତିକିବେଳେ ମୁହଁ ଶୁଖେଇ ପହଲି ଆସି ପାଖରେ ଠିଆହେଲା। ପହଲି ମୁହଁକୁ ଚାହିଁ ମହୀବୋଉ ପଚାରିଲେ-କ'ଣ କିରେ? ଖାଇଲୁଣି ଟି?

ପହଲିକୁ ନିରୁତ୍ତର ଦେଖି କାବେରୀ ପହଲିର ହାତଟା ଶରଧାରେ ଟାଣିନେଇ କହିଲା କ'ଣ ମୁଣ୍ଡ କୁଣ୍ଡେଇବ କି ? ଟିକିଏ ବସ, ମୁଁ କୁଣ୍ଡେଇ ଦେବି।

ସାହସ ପାଇ, ଟିକିଏ ଲାଜ ଲାଜ ହୋଇ ପହଲି କହିଲା– ଭାଉଜ'ଉ, ଟିକିଏ ତମର ପାଉଡ଼ର ଦେବ ?

–ନେଇ ଯାଉନ... ମତେ ପଚାରୁଛ କାହିଁକି ?

-ହଇରେ ମାଇଚିଆ, ପାଉଡ଼ର କଣ କରିବୁ ? ଆଖି ତରାଟି ମହୀବୋଉ ପହଲିକୁ ଚାହିଁଲେ।

ମହୀବୋଉଙ୍କ ଆଖି "ନାଇଁ ଥାଉ" କହି ପହଲି ଚାଲି ଯାଉଥିଲା, ଏତିକିବେଳେ କାବେରୀ ତା ହାତ ଧରିନେଇ କହିଲା-ବୋଉ ମିଛରେ କହୁଛନ୍ତି...ତମେ ଯାଅ ଲଗେଇ ପକେଇବ।

ଏଥର ଟିକିଏ ଦମ୍ଭ ପାଇ ପହଲି କହିଲା-ଏତେ ଉପରକୁ ମୋ ହାତ ପାଉନାହିଁ...ତମେ ଟିକିଏ ଦିଅନ୍ତ।

ହଠାତ୍ ମନେ ପଡ଼ିଗଲା ପରି କାବେରୀ କହିଲା-ଓହୋ, କାଲି ମୋ ହାତ ବାଜି ବୁଣିହେଇ ଯାଇଥିଲା...ସେଥିପାଇଁ ତମ ଭାଇ ବୋଧେ ତାକୁ ଉପରେ ରଖି ଦେଇଛନ୍ତି।

କାବେରୀକୁ ଭୁଲ କହୁଥିବାର ଦେଖି ପହଲି ଜୋର ଦେଇ କହିଲା-ନାଇଁ ମ, କେତେ ଦିନରୁ ପରା ସେଇଠି ଅଛି। ମୁଁ ସବୁ ଦିନେ ଦେଖେ।

କଥାକୁ ବାଆଁରେଇଲା ପରି କାବେରୀ କହିଲା-ହଉ ଟିକିଏ ବସ। ମୁଁ ନିଜେ ତମକୁ ଭଲ କରି ଲଗେଇ ଦେବି।

ମହୀବୋଉଙ୍କର କୋଳପୋଛା ପୁଅ ଏଇ ପହଲି। ଅଧିକାଂଶ ସମୟରେ କାବେରୀର ଲାଞ୍ଜ ପରି ତା ପଛେ ପଛେ ଘୁରୁଥାଏ। କେହି ନ ଥିଲାବେଳେ ଥରେ ଦି'ଥର ତା ବଖରାରେ ଚୋରପରି ପଶି ଟିକିଏ ପାଉଡ଼ର ମୁହଁରେ ବୋଳିଦିଏ, ଟୋପାଏଅତର ପ୍ୟାଣ୍ଟରେ ମାରିଦିଏ, ବାଁ ହାତର କାଣି ଆଙ୍ଗୁଠି ନଖକୁ ଲାଲ କରିଦିଏ। ଭାଉଜ ପରି ସୁନ୍ଦର ହେବାକୁ ତାର ଭାରି ଇଚ୍ଛା। ସେତକ କରିସାରି ଜଣ ଜଣ କରି ସମସ୍ତଙ୍କ ପାଖରେ ବୁଲି ନଖ ଦେଖାଏ, ପ୍ୟାଣ୍ଟ ଶୁଙ୍ଘାଏ...। ଦୁଇ ଚାରିଥର ଏହିପରି କଲାପରେ ପହଲି ଦେଖିଲା ପାଉଡ଼ର, ଅତର, ନଖରଙ୍ଗ ସବୁ ନେଇ କିଏ ଉପରେ ରଖି ଦେଇଛି। ଯେତେ ଚେଷ୍ଟା କଲେ ମଧ୍ୟ ଆଣି ହେଉନାହିଁ। ତେଣୁ ସେ ବାଧ୍ୟହୋଇ କାବେରୀର ସାହାଯ୍ୟ ଲୋଡ଼ିବାକୁ ଆସିଛି।

ମୁଣ୍ଡବନ୍ଧା ସରିଲା। ପହଲିର ହାତ ଧରି ଭିତରର ରାଗକୁ ବାହାରିଆ ହସରେ ଢାଙ୍କି ବଡ଼ ଆଦରରେ କାବେରୀ ତାକୁ ନିଜ ବଖରାକୁ ନେଇଗଲା। ପହଲି ମୁହଁରେ ଭଲକରି ପରସ୍ତେ ପାଉଡ଼ର ବୋଳି ଦେଇ କାବେରୀ ହସି ହସି ପଚାରିଲା-ଏଥର ହେଲା ?

ଉଚ୍ଚରେ ରହିଥିବା ଡବାକୁ ଚାହିଁ ପହଲି କହିଲା-ସେ ଗୋଲାପି ପାଉଡ଼ରରୁ ଟିକିଏ ଦବ ?

-ସେ ପାଉଡ଼ର ଲଗେଇଲେ ମୁହଁ ମଇଳା ଦିଶେ। ୟାକୁ ଲଗେଇଲାରୁ ତମ ଗୋରା ମୁହଁ ଆହୁରି ଗୋରା ଦିଶୁଛି।

କାବେରୀ କଥା ଶୁଣି ଟିକିଏ ଲାଜ ଲାଜ ହେଇ ପହଲି କହିଲା-ତମେ ସେଦିନ ଭାଇଙ୍କ ଘିମିରିରେ ଏଇ ପାଉଡ଼ର ନଗେଇ ଦଉଥିଲ ମୁଁ ଦେଖିଛି।

-ଆଉ ! ଇଏତ ଗୋରା ପାଉଡ଼ର। ତମେ ଆଗ ମୁହଁ ଦେଖ କେଡ଼େ ସୁନ୍ଦର ଦିଶୁଛି।

ବିଶ୍ବାସ କରି ନପାରି ପହଲି ନିଜର ପାଉଡ଼ର ବୋଳା ମୁହଁକୁ ଆରସି ସାମନାରେ କାବେରୀ ମୁହଁ ସାଙ୍ଗରେ ତୁଳନା କଲା-ସତରେ ବେଶି ଗୋରା ଦିଶୁଚି...ଏକେବାରେ କାଞ୍ଚ ଭଳିଆ ଧୋବ ହୋଇଯାଇଛି।

ପହଲି ଆନନ୍ଦରେ ବାହାରେ ବୁଲୁଥିଲା ବେଳେ ମାୟା ଯାଇ ପଚାରିଲା-କିରେ, କୋଉଠି ନାଟ ଫାଟ ହଉଚି କି ? ନାଟୁଆ ପିଲାଙ୍କ ପରି ଏମିତି ବେଶ ହେଇଛୁ ଯେ- ?

-ଭଲ ହେଲା ଯା। ମତେ ଭାଉଜ'ଉ ନିଜେ ନଗେଇ ଦେଇଛନ୍ତି।

ପହଲିକୁ ଛାଡ଼ି ଦେଇ, ଅଗଣାରେ ମହୀବୋଉଙ୍କ ପାଖରେ ଠିଆ ହୋଇ, ବଡ଼ ପାଟିରେ ମାୟା ଶୁଣେଇ ଶୁଣେଇ କହିଲା-ଭାଉଜ'ଉ, ପହଲି ମୁହଁରେ ଘିମିରି ଉଠିବାର ବାଟ ତ ବନ୍ଦ କରି ଦେଲ, ଆଉ ଦେହ ହାତ ଯେଉଁଠି ପ୍ରକୃତରେ ଘିମିରି ହେଇଚି, ସେତକ କ'ଣ ଭୁଲରେ ଛାଡ଼ିଗଲ ?

କାବେରୀ ମୁହଁ ଲାଲ ପଡ଼ିଗଲା-ମୁଁ ତ କେତେକରି କହିଲି ଗୋଲାପି ପାଉଡ଼ର ଲଗେଇ ଦେଲେଭଲ ଦିଶିବ...ତାଙ୍କର ଏକା ଜିଦି ଧଳା ପାଉଡ଼ର ଲଗେଇ ଗୋରା ହେବେ।

-ତାଙ୍କ ଦିହିଙ୍କ ଭିତରେ ଯାହା ହେଲା, ତୋର ସେଥିରେ ମୁଣ୍ଡ ପୂରେଇବାର କ'ଣ ଅଛି ? ମାୟାକୁ ଆକଟି ମହୀବୋଉ କହିଲେ।

-ତୁ ତ ତୋ କାମ କରୁଛୁ, ତତେ କିଏ କହୁଛି ଆମ କଥାରେ ମୁଣ୍ଡ ପୂରେଇବାକୁ ? ଆଗ ନିଜ ମଟରରେ ତେଲ ଦେ।

କାବେରୀକୁ ଧରା ପକେଇ ଦେଇ, ଗଡ଼ ଜିତିଲାପରି ମାୟା ଚାଲିଗଲା।

ନିକିତିରେ ଗୋଟାଏ ପଟ ଯେତିକି ବେଶି ତଳକୁ ଯାଏ, ଅନ୍ୟ ପଟଟି ଠିକ୍ ସେଇ ଅନୁପାତରେ ଉପରକୁ ଉଠିଲାପରି ମହୀବୋଉଙ୍କ ଘରେ କାବେରୀର ପ୍ରଶଂସା

ଅନୁପାତରେ ମାୟାର ଆଦର ଦିନକୁ ଦିନ କମିବାକୁ ଲାଗିଲା। ସମସ୍ତଙ୍କ ମୁହଁରେ ବୋହୂର ପ୍ରଶଂସା। ମାୟା ଦେଖିଲା କୂଟନୀତି ପ୍ରୟୋଗ କରିବା ଛଡ଼ା ଅନ୍ୟ ବାଟ ନାହିଁ। ତେଣୁ ସେ ବାଧ୍ୟହୋଇ ତା'ରି ଆଶ୍ରୟ ନେବାକୁ ସ୍ଥିର କଲା।

ସେଦିନ ରାତି ଦଶଟା-

ଖାଇସାରି ଯେ ଯୁଆଡ଼େ ଶୋଇବାକୁ ବାହାରିଛନ୍ତି। ଅନ୍ୟ ଦିନ ପରି ମାୟା ସିଧା ଶୋଇବାକୁ ନ ଯାଇ, ମହୀବୋଉଙ୍କ ପାଖରେ ଆସି ଠିଆ ହେଲା।

-ବୋଉ, ଦେଖ...କାଲି ତୁ ଉଠିବା ମାତ୍ରେ ମତେ ନିଶ୍ଚେ ଉଠେଇ ଦବୁ। ମୋର ଭାରି ଜରୁରୀ କାମ ଅଛି...

-ହଉ। କ'ଣ କଲେଜ ଯିବୁ କି?

''ତୁ ସେଥିରୁ କ'ଣ ପାଇବୁ? ହଁ ମୁଁ କଲେଜ ଯିବି...'' କହି ମାୟା ଶୋଇବାକୁ ଚାଲିଗଲା।

ରାତି ଚାରିଟାରେ ମହୀବୋଉଙ୍କ ନିଦ ଭାଙ୍ଗିଗଲା। ବିଛଣାରେ ପଡ଼ି ପାହାନ୍ତିଆ ହେବାଯାଏ ସେ ଅପେକ୍ଷା କରି ରହିଲେ। ପୂର୍ବ ଆକାଶରେ ସିନ୍ଦୂରା ଫାଟି ଆସିଲାବେଳକୁ ମହୀବୋଉ ମାୟାକୁ ଉଠେଇଦେଇ ନିଜେ ଯିବାକୁ ବସିଲେ।

ଧଡ଼ପଡ଼ ହୋଇ ବିଛଣାରୁ ଉଠିପଡ଼ି ପ୍ରତାପକୁ ଗୋଟିଏ କୁହାଟ ଛାଡ଼ି, ମାୟା ଆଗେ ଆଗେ ତଳକୁ ଓହ୍ଲାଇ ଆସିଲା। ବାରଣ୍ଡାରେ ରଖା ହୋଇଥିବା ପାଣି ପାଖରେ ଦିହେଁ ବସିପଡ଼ି ଦାନ୍ତ ଘଷିବାରେ ଲାଗିଲେ।

ଖଣ୍ଡେ ଦୂରରେ ଥାଇ କାବେରୀ ସବୁ ଲକ୍ଷ୍ୟ କରୁଥିଲା। ମାୟା ପତୁଙ୍କୁ ସେହି ପାଣିରେ ଦାନ୍ତ ଘଷିବାର ଦେଖି, ମନର ବିରକ୍ତି ଲୁଚେଇ କାବେରୀ ସେମାନଙ୍କ ପାଖକୁ ଆସି କହିଲା-ସେ ପାଣି ପରା ବୋଉଙ୍କର...ଏହିକ୍ଷଣି ଆସିଲେ ଖୋଜିବେ।

କାବେରୀର କଥାକୁ ଉଡ଼େଇ ଦେଇ ମାୟା କହିଲା-ବୋଉ ତା'ର ଆପେ ପାଣି ଆଣି ଦାନ୍ତ ଘଷିବ ଯେ!

ଏତିକିବେଳେ ଦୂରରୁ ମହୀବୋଉଙ୍କୁ ଆସୁଥିବାର ଦେଖି କାବେରୀର କଥା ପାଟିରେ ଅଟକି ଗଲା, କିନ୍ତୁ ମାୟା ନିଜ ସ୍ୱର ଦୁଇଗୁଣ କରି ବଡ଼ ପାଟିରେ ମନକୁ ମନ କହିବାରେ ଲାଗିଲା-ପାଣି ତ ରଖା ହୋଇଚି...ସେଥିରେ କାହାରି ନାଁ ମରା ହୋଇନାହିଁ ଯେ, ବାପା ଏ ପାଣିରେ ଘଷିବେ, ବୋଉ ସେଇଟାରେ ଘଷିବ। ଯେ ଆଗ ଉଠିଲା ସେ ଘଷି ଦେଇ ଚାଲିଯିବ...।

-ସକାଳୁ କାହିଁକି ଏଡ଼େ ପାଟି କରୁଛୁ କିଲୋ? କଅଣ ତୋର ହେଲା? ସବୁ ଶୁଣି କିଛି ନ ଶୁଣିଲାପରି ମହୀବୋଉ କହିଲେ।

-ମୋ ଇଚ୍ଛା ହେଲା ମୁଁ ପାଟି କରିବି, ତୋର କ'ଣ ହୋଇଗଲା? ମାୟା ଜବାବ ଦେଲା।

କାବେରୀକୁ ଡାଳ ହାତରେ କୂଅ ମୂଳକୁ ଯିବାର ଦେଖି ମହୀବୋଉ ବାଧ୍ୟ

ଦେଲେ-ଥାଉ ଲୋ ବୋହୂ, ମୁଁ ନିଜେ ଆଣିବି...ଏସବୁ ଗୋଟାଏ କ'ଣ ? ଏଡ଼େ ବଡ଼ ବଡ଼ ପିଲାଟାମାନ ହେଲେଣି, ନିଜେ ଢାଳେ ପାଣି ଆଣି ଦାନ୍ତ ଘଷି ପାରିବେ ନାହିଁ ? କହିଲେ ଓଲଟି କଳି କରୁଛନ୍ତି !

ମହୀବୋଉଙ୍କୁ କାବେରୀ ପଟ ନେଇ କଥା କହିବାର ଦେଖି ମାୟା ଚିଡ଼ିଯାଇ କହିଲା-ହଁ, ତୁ ତୋ ବୋହୂପଟ ନେଇ କହିବୁ ନାହିଁ କି ? ନ ହେଲେ ଦାନ୍ତ ଘଷିବାକୁ ତତେ ପାଣି ମିଳିବ ନାହିଁ ଯେ...।

ଆଉ ବେଶି ସମୟ ସେଠାରେ ରହିବା ନିରାପଦ ମନେ ନ କରି କାବେରୀ ସେ ଜାଗା ଛାଡ଼ି ଚାଲିଗଲା। କିଛି ବେଳ ଭଟର ଭଟର ହୋଇ ମାୟା ମଧ୍ୟ ଚାଲିଗଲା।

ମାୟା ପାଟିରେ ସମସ୍ତଙ୍କର ନିଦ ଭାଙ୍ଗିଗଲା। ଆଖି ମଳି ମଳି ଜଣ ଜଣ ହୋଇ କଳିର କାରଣ ପଚାରି ବସିଲେ। କଥାଟା ବଢ଼ୁଥିବାର ଦେଖି ବ୍ୟସ୍ତ ହୋଇ କାବେରୀ ମୋହନ ପାଖକୁ ଗଲା। ଏତେ ବଡ଼ ଘରଟାରେ ଏହି ବଖରାଟି ଯେପରି ତାର ଏକମାତ୍ର ନିରାପଦର ସ୍ଥାନ !

ଖରା ଉଠି ଉଠି ଯାଉଛି। ଗୋଟି ଗୋଟି ହୋଇ ସମସ୍ତେ ନିଜ ନିଜ କାମରେ ଲାଗିଲେଣି, କିନ୍ତୁ କାବେରୀର ମନ ତାକୁ ଦୋଷୀ କରି ସେହି ଘରେ ବନ୍ଦୀ କରି ରଖିଲା। ତାର ମନେ ହେଲା ଯେମିତି ସମସ୍ତେ ନିଜ ନିଜର କାମ ଫାଙ୍କରେ ତା'ରି କଥା ଭାବୁଛନ୍ତି। ମନଟା ଚିଡ଼ିଚିଡ଼ି ଲାଗୁଛି। ଏତିକିବେଳେ କୁଆଡ଼ୁ କାନ୍ଦି କାନ୍ଦି ଆସି ପହଲି ମୋହନର ବିଛଣାରେ ଗଡ଼ିପଡ଼ିଲା।

-କ'ଣ ହେଲା ? କାହିଁକି କାନ୍ଦୁଛୁ ? ମୋହନ ପଚାରିଲା।

-ଅପା ମାଇଲା।

''ଆଚ୍ଛା, ମୁଁ ଅପାକୁ ମାରିବି'', କହି ମୋହନ କାବେରୀ ମୁହଁକୁ ଚାହିଁ ରହିଲା।

ଧୋବ ବିଛଣା ଚାଦର ଉପରେ ପହଲି ଗୋଡ଼ର ମଇଳା ଦାଗକୁ କାବେରୀ ବିରକ୍ତିରେ ଚାହିଁଛି। ମୋହନ ଟିକିଏ ହସିଲା, କିନ୍ତୁ କାବେରୀ ମୁହଁ ଆହୁରି ଗମ୍ଭୀର ହୋଇଗଲା। ଅନ୍ୟ ବାଟ ନ ଦେଖି ମୋହନ ପହଲିର ହାତ ଧରି ଉଠେଇ କହିଲା-ହଇରେ ତତେ ମୁଁ କେତେଥର କହିଲିଣି ଗୋଡ଼ ଧୋଇ ବିଛଣା ଉପରେ ଚଢ଼ିବୁ...ହେଇ ଦେଖିଲୁ ବିଛଣା କେମିତି ମଇଳା ହୋଇଗଲା...ଯା, ଧୋଇକରି ଆସିବୁ।

-ଆହା, ପିଲାଲୋକ...ବସନ୍ତୁ ନା !...ତମେ ତାକୁ ସେମିତି କହିବ ନାହିଁ। ଟିକିଏ ଛିଗୁଲେଇ କାବେରୀ କହିଲା।

ପହଲି ସେମିତି କାନ୍ଦିବାରେ ଲାଗିଲା। ମୋହନ ଜାଣେ କାନ୍ଦ ବନ୍ଦ କରିବାର

ଏକମାତ୍ର ବାଟ ହେଉଛି ତାକୁ କିଛି ପଇସା ଦେବା। କାବେରୀକୁ ଲକ୍ଷ୍ୟ କରି କହିଲା-ଆଚ୍ଛା, ପହଲିକୁ ମୋ ମୁଣିରୁ ଦି'ଅଣା ପଇସା ଦିଅ।

-ତମ ମୁଣି କୋଉଠି ଅଛି ମୁଁ ଦେଖି ନାହିଁ।

-ସେଇ କାମିଜ ପକେଟରେ।

ଖଟ ଉପରୁ ଓହ୍ଲାଇ ଆସି ପଇସା ମୁଣିଟା ମୋହନ ଉପରକୁ ଫିଙ୍ଗି ଦେଇ କାବେରୀ ଘରୁ ବାହାରି ଚାଲି ଯାଉ ଯାଉ କହିଲା-ଦିଅଣା କଣ ଅଣ୍ଟିବ? ଟଙ୍କାଟିଏ ଦିଅ-ଏତେଗୁଡ଼ାଏ କାନ୍ଦିଛନ୍ତି।

ପହଲି ଖୁସି ହୋଇ ଭାଉଜବୋଉଙ୍କ ମୁହଁକୁ ଚାହିଁଲା-ଟଙ୍କାଟିଏ! ଭାଇ କେବେ ହେଲେ ଏତେ ପଇସା ଦିଅନ୍ତି ନାହିଁ। ସବୁବେଳେ ଅଣାଏ ନହେଲେ ଦି'ଅଣା ଦିଅନ୍ତି।

ହାତରେ ଦି'ଅଣା ଧରି ପହଲି ଚାହିଁଲା ଭାଇଙ୍କ ମୁହଁକୁ-ଭାଉଜ'ଉ ପରା ଟଙ୍କାଏ ଦବାକୁ କହିଲେ?

-ନାଇଁ, ନାଇଁ ମୋ ପାଖରେ ଆଉ ପଇସା ନାହିଁ...ତୁ ପଳା। ଏକରକମ ଜୋର କରି ମୋହନ ପହଲିକୁ ବିଦା କରିଦେଲା।

ସେଠାରୁ ଯାଇ ପହଲି ମାୟାକୁ ଚିଡ଼େଇବା ପାଇଁ ଦୋ'ଣିଟା ହାତରେ ଧରି କହିଲା-ହେଇ ଦେଖ...ଦିଅଣା...ଭାଉଜ'ଉ କହୁଥିଲେ ଟଙ୍କାଏ ଦବାକୁ...ମୁଁ ବେଶି କାନ୍ଦିଥିଲି...ଭାଇ ଦେଲେ ନାହିଁ।

-ହଉ ହଉ ମାଗତା ବାବୁ, ଏଠୁ ଯାଅ ଏଥର...କେତେଗୁଡ଼ାଏ ରୋଜଗାର କରି ଆଣିଛ...ସେଣେ ଯାଇ ଆଉ ଦି'ଟୋପା ଲୁହ ଗଡ଼େଇ ସେ ପଇସାକୁ ଚକ ଚକ କରିଦିଅ ଯେ, ସେଇଟା ଟଙ୍କାପରି ଦିଶିବ।

ତେଣିକି ଟିକିଏ କିଛି ହେଲେ ପହଲି ବଡ଼ପାଟିରେ କାନ୍ଦି କାନ୍ଦି କାବେରୀ ପାଖକୁ ଯାଏ। ତାର ପୂରା ବିଶ୍ୱାସ ଭାଉଜବୋଉ ତା ଆଖିରେ ଲୁହ ଦେଖିଲେ ନିଶ୍ଚୟ ଟଙ୍କା ଦେବେ। କାବେରୀ ସବୁ ଦେଖି ନ ଦେଖିଲା ପରି ରହେ। ବେଶି ବିରକ୍ତ କଲେ କିଛି ନ କହି କାମର ଆଳ ଦେଖେଇ ବାହାରକୁ ଚାଲିଆସେ। ଏମିତି କେତେ ଘଟଣା ଘଟିଯାଏ ଆଉ ଧୀରେ ଧୀରେ ସେଗୁଡ଼ିକ ମୋହନର ଫୁଲାଫାଙ୍କିଆ ମନ ଉପରେ ପ୍ରଭାବ ପକାଏ। କାବେରୀର କଥା ନ ମାନି ଉପାୟ ନାହିଁ। କେବଳ କାବେରୀକୁ ଖୁସି ରଖିବା ପାଇଁ ମୋହନକୁ ନିଜର ଇଚ୍ଛା ବିରୋଧରେ ଅନେକ କାମ କରିବାକୁ ହୁଏ।

ସେ ବି ଦିନକର ଘଟଣା-

ରବିବାର। ଆଇସକ୍ରିମବାଲା ରାସ୍ତାରେ ଡାକି ଡାକି ଆସିଲା। ପ୍ରତାପ, ରଞ୍ଜନ

ଧାଇଁ ଆସିଲେ-ପଛରେ ପହଲି।

-ଭାଇ, ଭାଇ...ଛ'ଅଣା ପଇସା ଦବ ? ଆଇସକ୍ରିମବାଲା ଯାଉଛି। ମୋହନକୁ ଘର ଭିତରେ ନ ପାଇ କାବେରୀକୁ ଖଟରେ ଗଡୁଥିବାର ଦେଖି ପିଲାମାନେ ପଚାରିଲେ-ଭାଉଜ'ଉ ଭାଇ କାହାନ୍ତି ?

-ଭାଇ ଗାଧୋଇବାକୁ ଯାଇଛନ୍ତି। ଧୀର ଭାବରେ କାବେରୀ କହିଲା।

ମୋହନ ଆସିବା ଯାଏ ଅପେକ୍ଷା କରିବାକୁ ପିଲାଙ୍କର ତର ସହିଲା ନାହିଁ। କାମିଜ ପକେଟ ଦରାଣ୍ଡି ପଇସା ମୁଣିରୁ ଛଅଣା ପଇସା ବାହାର କଲେ।

ହସି ହସି କାବେରୀ କହିଲା-ହେଇ, ଭାଇ ଅବିକା ପଇସା ଗଣି କରି ଯାଇଚନ୍ତି...ଜାଣିପାରିବେ।

-ଜାଣନ୍ତୁ। ପିଲାମାନେ ଦଉଡ଼ା ଦଉଡ଼ି ହୋଇ ବାହାରି ଚାଲିଗଲେ।

କାବେରୀ ଟିକିଏ ବେଳ ଗୁମ୍ ମାରି ବସିଲା। ତାର ମନେ ହେଲା ସତେ ଯେମିତି ଏଇଟା ମୋହନର ପଇସା-ମଣି ନୁହେଁ...ଘର ବଉଁଶ ଯାକର ପଇସା ଯେମିତି ଏ ମୁଣିରେ ଅଛି...ଯାହାର ଯେତେବେଳେ ମନ ହେଲା ଆସି ନେଇଯାଉଛନ୍ତି...ଏମିତି କଲେ ହାତରେ ଆଉ ପଇସା ରହିବ କଣ ? ....ସହକେ ତ ଆଜି ''ଯକ୍ଷ୍ମା ଦିବସ'', କାଲି ''ପତାକା-ଦିବସ'', ପହରଦିନ 'ରେଡ଼କ୍ରସ୍' କହି ଯାହାର ଯେତେ ଇଚ୍ଛା ଭିଡ଼ି ନେଉଛନ୍ତି... ସବୁ କ'ଣ ଦେଇଦଉଥିବେ ?... ନିଶ୍ଚେ ନିଜ ପାଖରେ ଅଧା ରଖୁଥିବେ... ମୋହନ ପରି ସେମାନେ ଏତେ ବୋକା ନୁହନ୍ତି...ସେଇ ଯେଉଁ ମାୟା ଖଣ୍ଡକ ଅଛି–ପକ୍କା ଖରଖରୀ...ସେଇ ସବୁ ନାଟର ଗୋବର୍ଦ୍ଧନ...ପିଲାଙ୍କୁ ଯେତିକି ମୁହଁ ଦବ ସେମାନେ ସେତିକି ମୁହଁ ଉପରେ ଚଢ଼ିବେ...ଅତିରିକ୍ତ ମୁହଁବଢ଼ିଆ ହେଇଯାଇଛନ୍ତି...ମଣିଷର ତ ପୁଣି ଗୋଟାଏ ସହିବାର ସୀମା ଅଛି... ତାରି ଆଖି ଆଗରେ ତାରି ପଇସା ଏମିତି ଲୁଟି କରି ନେଲେ, ସେ କେତେ ସହିବ ?

ଏତିକିବେଳେ ଭାବନାରେ ବାଧାଦେଇ ମୋହନ ଘର ଭିତରେ ପଶିଲା। ମୋହନକୁ ଦେଖି ପଇସା ମୁଣିକୁ ତା ପାଖରେ ପକେଇଦେଇ କାବେରୀ କହିଲା–ପଇସା ମୁଣିକୁ ତମେ ଏମିତି ବାହାରେ କାହିଁକି ପକାଉଚ ? ମୁଁ ଏତେ ଆଉ ଜଗିପାରିବି ନାହିଁ...ଏହିକ୍ଷଣି ସେ ଟୀକର ଟୋକା ଘର ଝାଡ଼ିବାକୁ ଆସି ତମ ମୁଣି ପାଖକୁ ଯାଉଥିଲା ଭାଗ୍ୟକୁ ସିନା ସେତିକିବେଳେ ମୁଁ ଆସି ପହଞ୍ଚିଗଲି...ସବୁଦିନେ ତ ମୁଁ ଆଉ ଜଗି ନ ଥାଏ ?... ସେ କେତେ ଯେ ନେଉଥିବ ଭଗବାନ ଜାଣନ୍ତି....।

କଥାର ଗୁରୁତ୍ୱ ଏଡ଼ିଦେଇ ମୋହନ କହିଲା-ନାଇଁ, ସେ କେବେହେଲେ ନିଏ ନାହିଁ...ମୋ ପଇସା ତ ସବୁବେଳେ ଏମିତି ବାହାରେ ପଡ଼ିଥାଏ...କେହି ଛୁଅନ୍ତି ନାହିଁ...ସେ ଆଉ କ'ଣ ପାଇଁ ଯାଉଥିବ'' ତମେ ଭାବିଲ ପଇସା ନେବାକୁ ଯାଉଛି।

-ହଁ, ସମେସ୍ତ ଖାଲି ତମରି ପରି ସାଧୁ ହେଇଛନ୍ତି... ଭାରି ଗୁଡ଼ାଏ ପଇସା ରୋଜଗାର କରୁଛ ନା ଚାଲିଗଲେ ଜଣାପଡୁନାହିଁ!...ଏଣିକି ଘରକୁ ଆସିଲେ ସେ ମୁଣିଟା ମୋ ହାତକୁ ଦବ, କହି କାବେରୀ ମୋହନ ପାଇଁ ଜଳଖିଆ ଆଣିବାକୁ ଚାଲିଗଲା।

କାବେରୀ ଜିତିଲା। ସେହିଦିନଠାରୁ ମୋହନ କୁଆଡ଼େ ବାହାରିଲାବେଳେ କାବେରୀ ହସି ହସି ପଇସା ମୁଣିଟି ଆଣି କାମିଜ ପକେଟରେ ପୂରେଇ ଦିଏ ଓ ପୁଣି ଘରକୁ ଫେରିଲେ ତାଠୁ ନେଇ ନିଜ ବାକ୍ସରେ ରଖି ତାଲା ଦିଏ। ପ୍ରଥମେ ପ୍ରଥମେ ମୋହନକୁ ଏସବୁ ଟିକିଏ ଅଡୁଆ ଲାଗୁଥିଲା, କିନ୍ତୁ ଧୀରେ ଧୀରେ ତାହା ଅଭ୍ୟାସରେ ପଡ଼ିଗଲା।

ଦିନକୁ ଦିନ ମୋହନ ବଦଳୁଛି। ତାର ଫୁଙ୍ଗୁଳା ମନ ସ୍ତ୍ରୀର ଘରୋଇ ବୁଦ୍ଧି ପାଖରେ ବନ୍ଦୀ ହୋଇଯାଉଛି-ଏକଥା ଅନ୍ୟମାନଙ୍କ ଆଗରେ ସେ ନିଜେ ସ୍ୱୀକାର ନ କଲେ ମଧ୍ୟ ସମସ୍ତେ ତାହା ଲକ୍ଷ୍ୟ କରନ୍ତି। ମହୀବୋଉ ମନ ଭିତରେ ଖୁସି ହୁଅନ୍ତି ଯେ ତାଙ୍କ ପୁଅର ମନ ଘର ଧରିଲାଣି—କାନ୍ଧରେ ପଡ଼ିଲେ ସମସ୍ତେ ବଜେଇ ଶିଖନ୍ତି... ସେ ବା ସେଥିରୁ ବାଦଯିବ କିପରି? ମୋହନ ନିଜେ ମଧ ସେ କଥା ଅନୁଭବ କରେ। ଏହି କେଇଟା ଦିନ ଭିତରେ କାବେରୀ ପ୍ରତି ତାର ଗୋଟାଏ କେମିତି ଧରଣର ବିଶ୍ୱାସ ଓ ଆସକ୍ତି ଆସି ଯାଇଛି। କାବେରୀ ପାଖରେ ନଥିଲେ ଖାଇବାରେ ତାର ତୃପ୍ତି ଆସୁ ନାହିଁ। ଯେତେ ଖାଇଲେ ବି ମନେ ହୁଏ ଯେମିତି କି ସେ ଅଧାପେଟ ଖାଇ ଉଠୁଛି। ଆଗେ ତ ଏମିତି ଲାଗୁ ନଥିଲା? ମହୀବୋଉ ଖାଇବାକୁ ଦେଲେ, କେଡ଼େ ତୃପ୍ତିରେ ସେ ଖାଇଦେଇ ଯାଉଥିଲା। ସେତେବେଳେ ତା'ର ମନେ ହେଉଥିଲା ସଂସାରରେ ମା ପରି ଆଉ କେହି ମନ ବୁଝି ଖାଇବାକୁ ଦେଇ ପାରନ୍ତି ନାହିଁ। ଏବେ ସେଇ ମା ଅଛି, ମା' ମନରେ ଆଗର ସେଇ ଦରଦ ବି ଅଛି, କିନ୍ତୁ କାବେରୀ ଅଭାବରେ କ'ଣ ଯେମିତି ହଜିଯାଏ-ମନର ସ୍ପୃହା ଚାଲିଯାଏ। ମନେ ହୁଏ, ଏଇ ସ୍ତ୍ରୀ ନିକଟରେ ଦୁନିଆର ଆଉ ସବୁ ଜିନିଷ ତୁଚ୍ଛ। କାବେରୀ ଆସିବା ଆଗରୁ ମାୟା ପ୍ରଭୃତିଙ୍କର ଯେଉଁ ଅମାନିଆ ବ୍ୟବହାରକୁ ସେ ହସି ଉଡ଼େଇ ଦେଉଥିଲା, ଏବେ କାବେରୀ ମୁହଁରୁ ସେମାନଙ୍କ ବିରୁଦ୍ଧରେ ସେହି ଧରଣର ଅଭିଯୋଗ ଶୁଣିଲେ ମୋହନ ସେମାନଙ୍କ ଉପରେ ବିରକ୍ତ ହୁଏ। ସ୍ତ୍ରୀକୁ ସନ୍ତୁଷ୍ଟ ରଖିବା ତା'ର ଯେପରି ଗୋଟାଏ ବଡ଼ କର୍ତ୍ତବ୍ୟ ହୋଇ ପଡ଼ିଛି।

ଏହି ହେଲା ଦୁନିଆର ନିୟମ। ଯେ ଯାହାକୁ ଭଲପାଏ, ସେ ତା ପାଖରେ ନିଜର ବିଚାରଶକ୍ତିଠୁ ଆରମ୍ଭ କରି ଯାହା କିଛି ଥାଏ ସବୁ ଅକାତରେ ଅଜାଡ଼ିଦିଏ କେବଳ ତାକୁ ନିଜ ପାଖକୁ ଟାଣି ଆଣିବାକୁ। ଆଉ ପରେ ଦେଖେ ଜଣକୁ ଆଣିବାକୁ ଯାଇ ନିଜର ସମସ୍ତଙ୍କୁ ସେ ଦୂରକୁ ଠେଲିଦେଇଛି।

ମୁଣ୍ଡ ଉପରେ ପୂଜାଛୁଟି। ଛୁଟିରେ ବାରିପଦା ଯିବାପାଇଁ ମା ଚିଠି ଲେଖିଛି। କେତେଦିନ ହେଲାଣି ବାପାବୋଉଙ୍କୁ ନ ଦେଖି କାବେରୀର ମନଟା ଖାଲି ଗୋଳେଇଘାଣ୍ଟି ହଉଚି। ଟୁନା, କୁନା, ଏହାରି ଭିତରେ କେଡ଼େ ବଡ଼ ବଡ଼ ହୋଇଯିବେଣି, ସେ ନିଜେ ବି କେତେ ବଦଳି ଯାଇଥିବ... ଘରଲୋକ ଦେଖିଲେ କହିବେ। ଖୁସିରେ କାବେରୀ ଗୋଡ଼ ତଳେ ଲାଗୁ ନାହିଁ।

ଅନ୍ୟାନ୍ୟ ଦିନ ଅପେକ୍ଷା ସେଦିନ କାବେରୀ ମୋହନର ସବୁ କାମ ଟିକିଏ ଯତ୍ନର ସହିତ କଲା। ମୋହନ ଅଫିସ୍‌ରୁ ଫେରିଲା, ଖିଆପିଆ ସରିଲା–ବଳେଇ ବଳେଇ କାବେରୀ ତାକୁ ଅନେକ– ଗୁଡ଼ାଏ ଖୁଆଇଦେଇଛି।

ପଙ୍ଖା ଖୋଲିଦେଇ କାବେରୀ ପାଖରେ ବସି ହସ ହସ ମୁହଁରେ ଘରୁ ଆସିଥିବା ଚିଠିଖଣ୍ଡିକ ତା ହାତରେ ଧରେଇ ଦେଲା।

-କିଏ ଦେଇଛି ?

-ତମେ ଆଗ ପଢ଼। କାବେରୀ ଓଠରେ ହସ।

ଚିଠିଟା ପଢ଼ିସାରିଲାବେଳକୁ ମୋହନ ମନର ସରାଗ ମରିଯାଇଥିଲା। ସେ ପରିବର୍ତ୍ତନ ଟିକକ କାବେରୀ ଆଖି ଏଡ଼ିଦେଇ ପାରି ନାହିଁ। ମୋହନର ମୁହଁକୁ ଚାହିଁଦେଇ ତା ମୁହଁ ଗମ୍ଭୀର ହୋଇଗଲା। ମୋହନ ଚାହିଁଲା କାବେରୀ ମୁହଁକୁ–ମୁହଁରେ ତା'ର ଝଡ଼ର ପୂର୍ବ ସୂଚନା। ଅଶାନ୍ତି ଏଡ଼େଇବାକୁ ଯାଇ କହିଲା–ହଁ ଏତେକରି ଯେତେବେଳେ କହିଛନ୍ତି ନିଶ୍ଚେ ଯିବା। ବୋଉ ରାଜି ତ ?

ମୁହଁ ଫୁଲେଇ କାବେରୀ ଜବାବ ଦେଲା–ବୋଉଙ୍କୁ ମୁଁ ପଚାରି ନାହିଁ। ଆମ ଘରକୁ ଆମେ ଯିବା। ଏଥିରେ ବୋଉଙ୍କର ରାଜି ଅରାଜିରେ କ'ଣ ଅଛି ?

ଆଉ କିଛି ନ କହି ମୋହନ ଶୋଇବାର ଛଳନା କଲା। ମନର ରାଗ ବାହାର କରିଦେବାର ଅନ୍ୟ ବାଟ ନ ପାଇ କାବେରୀ କିଛିବେଳ ସ୍ଥିର ଦୃଷ୍ଟିରେ ମୋହନର ମୁଦାଆଖିକୁ ଚାହିଁ ଠିଆହୋଇ ରହିଲା। ତା'ପରେ ଝଡ଼ ବେଗରେ ଘରୁ ବାହାରି ଚାଲିଗଲା। ମୋହନ ଆଖି ମେଲି ଚାହିଁଲା। ସେ ଆଶା କରିଥିଲା କାବେରୀ ତା' ମନର କଥା ବୁଝିବ, କିନ୍ତୁ ଫଳ ହେଲା ଓଲଟା। ତାକୁ ହିଁ ଯାଇ ଶେଷରେ କାବେରୀକୁ ଖୁସାମତ କରିବାକୁ ପଡ଼ିବ। ମୋହନର ବିଦ୍ରୋହୀ ମନରେ କାବେରୀ ପ୍ରତି କ୍ଷଣକ ପାଇଁ ବିତୃଷ୍ଣା ଆସିଲା– ''ଯେତେ ଯାହା କହ, ନିଜ ବାପଘରର ମମତା ପାଖରେ ସ୍ତ୍ରୀମାନେ ନିଜ ସ୍ୱାମୀଙ୍କୁ ତୁଚ୍ଛ ମଣନ୍ତି, କିନ୍ତୁ ନିର୍ବୋଧ ସ୍ୱାମୀମାନେ ଏହି ସ୍ତ୍ରୀ ପାଇଁ ନିଜର ବାପା ମା'ଙ୍କୁ ସୁଦ୍ଧା ଦଳି ଦେବାକୁ ଟିକିଏ ହେଲେ

ପଛାନ୍ତି ନାହିଁ। ଏଇ ତ ଆଖି ଆଗରେ ସେଇ କାବେରୀ ପୁଣି ତା ମନକୁ କେମିତି ଛନ୍ଦି ଦେଇଥିଲା...ଆଉ ଆଜି ଘରୁ ଖଣ୍ଡେ ଚିଠି ପାଇ ତାକୁ କେମିତି ଛାଡ଼ିଯିବାକୁ ବସିଛି ?'' ଭାବନାକୁ ଦୂରକୁ ଠେଲି ଦେଇ ମୋହନ ଆଖିବୁଜି ଶୋଇବାକୁ ଚେଷ୍ଟା କଲା।

ବେଳ ଗଡ଼ିଗଲାଣି। ତଥାପି କାବେରୀର ଦେଖା ନାହିଁ। ମୋହନ ବାଧ୍ୟ ହୋଇ ବିଛଣା ଛାଡ଼ି ପଦାକୁ ଆସିଲା।

-ବୋଉ କପେ ଚା ଦବୁ ? ମହୀବୋଉଙ୍କ ପାଖରେ ଠିଆ ହୋଇ ମୋହନ କହିଲା।

-ଆଲୋ ମୋ ପୁଅ ଏ ଯାଏଁ ଚା' ଖାଇନାହିଁ...ବୋହୂ କଣ କରୁଚି ମ ? ମହୀବୋଉ ଚା' ତିଆରି କରିବାକୁ ଉଠିଗଲେ।

ମହୀବୋଉଙ୍କ ହାତରୁ ଚା' କପେ ନେଇ ମୋହନ କହିଲା —ଜାଣିଛୁ ବୋଉ, ତୋ ବୋହୂ ଏ ଛୁଟିରେ ତା ଘରକୁ ଯାଉଛି ?

—କିଏ କହିଲା ? ଆଶ୍ଚର୍ଯ୍ୟ ହୋଇ ମହୀବୋଉ ମୋହନ ମୁହଁକୁ ଚାହିଁଲେ।

-ତା' ମା' ପରା ଚିଠି ଦେଇଛି। ମୁଁ ନେଇ ଛାଡ଼ିଦେଇ ଆସିବି ବୋଲି କହିଛି।

ଯିବାକଥା ଶୁଣି ମହୀବୋଉଙ୍କ ମୁହଁ ଶୁଖିଗଲା। କହିଲେ—ଭାଇ ଭାଉଜ କେତେ କରି ଲେଖିଥିଲେ...ସେମାନେ ତ କେହି ବାହାଘରକୁ ଆସିପାରିଲେ ନାହିଁ... ଦାଦିଙ୍କର ମୁର୍ଚ୍ଛା ପଡ଼ିଗଲା.... ମୁଁ ଭାବିଥିଲି ଏ ଛୁଟିରେ ଟିକିଏ ବୋହୂକୁ ନେଇ ଗାଁକୁ ଯାଇଥାନ୍ତି। ଆଉ ଅଧିକ କିଛି ନ କହି ମହୀବୋଉ ଚାଲିଗଲେ।

ମୋହନ ବୁଝିଲା ବୋଉ ମନରେ ଦୁଃଖ ହେଇଛି। ତେଣୁ ସେ କାବେରୀକୁ ଅନୁରୋଧ କଲା ଯେ, ସେ ପୂଜାଛୁଟିରେ ମହୀବୋଉଙ୍କ ସାଙ୍ଗରେ ଗାଁକୁ ଯାଉ। ଆସନ୍ତା ବଡ଼ଦିନ ଛୁଟିରେ ସେ ନିଜେ ତାକୁ ନେଇ ବାରିପଦାରେ ଛାଡ଼ିଦେଇ ଆସିବ, କିନ୍ତୁ କାବେରୀର ସେଇ ଏକା ଜିଦ୍—ସେ ଏଇ ଛୁଟିରେ ଘରକୁ ଯିବ।

ଯିବା ଦିନ ପାଖେଇ ଆସିଲା। ପତ୍ରୁ, ରଞ୍ଜୁ ଦିନରାତି କାବେରୀ ପଛେ ପଛେ ବୁଲୁଛନ୍ତି। ଭାଉଜବୋଉ କହିଛନ୍ତି ସେମାନଙ୍କୁ ତାଙ୍କ ଘରକୁ ନେଇଯିବେ। ସେଠି ତାଙ୍କରି ଭଳି କେତେ ପିଲା ଅଛନ୍ତି। ଖୁସିରେ ପିଲା ଦୁହିଁଙ୍କର ଗୋଡ଼ ଆଉ ତଳେ ଲାଗୁନାହିଁ।

ଯିବା ଆଗଦିନ କାବେରୀ ଗୋଟି ଗୋଟି କରି ସବୁ ଜିନିଷ ତନଖି ନିଜ ଆଲମାରୀରେ ରଖିଦେଲା। ମନରେ ନାନା ଭାବନାର ଅଡୁଆ ଖିଅ—ଯୋଉ ପହଲି ଟୋକା ଖଣ୍ଡକ ଅଛି, ଟିକିଏ ସୁବିଧା ପାଇଲେ ଗୋଟା ଗୋଟା ପାଉଡ଼ର ଡ଼ବା ମୁହଁରେ ସାରିଦବ। ପୁଣି ଏ ପତ୍ରୁ, ରଞ୍ଜୁ ଦିହେଁ ସାଙ୍ଗରେ ବାହାରିଛନ୍ତି। ଛୁଆ ଗୋଟିକେ ଜଞ୍ଜାଳ ଗୋଟିଏ। ଏମାନଙ୍କୁ ନେଇ ମୋର କିଏ ସେଠି ସମ୍ଭାଳିବ ?

କେହିହେଲେ ମନା କରି ଦିଅନ୍ତେ... କାବେରୀ ବସି ବସି ଉପାୟ ପାଞ୍ଚିଲା।

ସବୁ ଜିନିଷ ବାକ୍ସରେ ରଖିସାରି କାବେରୀ ଗୋଟାଏ ଲମ୍ବା ନିଶ୍ୱାସ ଛାଡ଼ିଲା। ଆଉ ଗୋଟିଏ ଜିନିଷ—ତାକୁ ଶାଶୁଘରେ ଉପହାର ମିଳିଥିବା ଶଙ୍ଖ ମାଳିଟା, ମାୟା ବେକରେ ରହିଯାଇଛି। ସେ କେତେଥର ଚେଷ୍ଟା କଲାଣି ସେଇଟା ଫେରେଇ ଆଣିବାକୁ, କିନ୍ତୁ ପାରିନାହିଁ। ଆଉ ମାୟା ବା କେମିତି ମଣିଷ। ପର ଜିନିଷ, କେଡ଼େ ନିଶ୍ଚିନ୍ତରେ ନିଜ ପାଖରେ ରଖି ବସି ଯାଇଛନ୍ତି। ଏତିକିବେଳେ ଭାବନାରେ ବାଧାଦେଇ ପଦ୍ମ, ରଞ୍ଜୁ ଆସି ମୁହଁ ଦେଖେଇଲେ-ଭାଉଜ'ଉ, ଆମ ଜିନିଷ ଟିକିଏ ସଜାଡ଼ି ଦବ ନାହିଁ ?

ନିରୋଳାରେ ପିଲା ଦିହିଙ୍କୁ ପାଇ କାବେରୀ କହିଲା-ଶୁଣ, ତମେ ଏଥର ରହିଯାଅ। ଆସିଲାବେଳେ ତମମାନଙ୍କ ପାଇଁ କେତେ ଜିନିଷ ଆଣିବି, ଜାଣିଲ, ପୁଣିଆଉ ଥରକୁ ଗଲାବେଳେ ତମକୁ ନେଇଯିବି, କିନ୍ତୁ ପିଲା ଦିହିଙ୍କର ଏକା ଜିଦ୍‌—ଆମେ ଏଇଥର ଯିବା। ଅନ୍ୟ ଉପାୟ ନ ଦେଖି ଶେଷକୁ ବାଧହୋଇ ପଇସା ମୁଣିରୁ ଦୁଇଟି ସୁଉକି ବାହାର କରି ଦିହିଁଙ୍କ ହାତରେ ଧରେଇ ଦେଇ କାବେରୀ ସେମାନଙ୍କୁ ଏକରକମ ଜୋର କରି ବିଦା କରିଦେଲା। ଏତେବଡ଼ ଆନନ୍ଦରେ ହଠାତ୍ ବାଧାପାଇ ପିଲାଦିହେଁ ପଇସାକୁ ତା'ରି ପାଖରେ ଫିଙ୍ଗିଦେଇ କାନ୍ଦ କାନ୍ଦ ହୋଇ ଚାଲିଗଲେ। ସୁଉକି ଦୁଇଟି ଗୋଟେଇ ଆଣି କାବେରୀ ମନେ ମନେ କହିଲା ହଅ, କାନ୍ଦୁ ଥାଆନ୍ତୁ। ମୁହୂର୍ତ୍ତକ ପାଇଁ ତା ମନରେ ଟିକିଏ ଅଶ୍ୱସ୍ତି ଆସିଲା, କିନ୍ତୁ ପରକ୍ଷଣରେ ମନଟା ପୁଣି ହାଲୁକା ହୋଇଗଲା।

ବାରିପଦା କଥା ପଡ଼ିଲେ କାବେରୀ ଆଖିରେ ଯେଉଁ ରଙ୍ଗ ବୋଳି ହୋଇଯାଏ, ବାରିପଦାକୁ ଆସି ମୋହନ ସେଥିରୁ କାଣିଚାଏ ବି ପାଇଲା ନାହିଁ। ଆସିବାର ଆଠ ଦଶଦିନ ହେଲାଣି, କିନ୍ତୁ ଏତିକି ଦିନ ତାକୁ ଗୋଟିଏ ଯୁଗ ଭଳିଆ ଲାଗିଛି। ପଦାରେ ବୁଲିଆସି ଘରେ ଗୋଡ଼ ଦେଉ ଦେଉ ଶାଶୁ କେତେ କଥା ଉପଦେଶ ଛଳରେ କହିଦେଇ ଯାଉଛନ୍ତି—ଖାଉଣୁ, ବସୁଣୁ, ଉଠୁଣୁ ଶାଶୁଙ୍କର ତାକୁ ବାଟକୁ ଆଣିବାର ଯେଉଁ ଚେଷ୍ଟା ସେଥିରେ ସେ ଅଣନିଶ୍ୱାସୀ ହୋଇପଡ଼ିଲାଣି। ସେହି କଥା ଥରକୁ ଥର ଶୁଣି ଶୁଣି ତାର ବେଳେ ବେଳେ ରାଗ ମଧ ହୁଏ।

କାବେରୀ ମା'ଙ୍କର ଖୁଆଦିଆ କଥା-ପୁଅ, କେତେ ଟଙ୍କା ଦରମା ପାଅ ? ହାତରେ କେତେ ପଇସା ଜମେଇଲଣି ? ହାତରେ ପଇସା ନ ଥିଲେ, ବାପମା କୁହ, ଭାଇଭଉଣୀ କୁହ—କେହି ବିପଦ ବେଳେ ପଦେ 'ଆହା' କହିବେ ନାହିଁ। କେବେଳ ଜଣେ ବିପଦକୁ ଛାତି ପତାଏ, ସେ ହେଉଛି ନିଜର ସ୍ତ୍ରୀ। ଆଉ ସମସ୍ତେ ସୁଖର ସାଥି....ଏସବୁ

ମୁଁ କହନ୍ତି ନାହିଁ... ମୁଁ ବା କାହିଁକି ତମ ଘର କଥାରେ ମୁଣ୍ଡ ପୁରେଇବାକୁ ଯିବି ?... ଏଇ ମୋର ଅଙ୍ଗେ ନିଭେଇଲା କଥା । କଥାରେ ଅଛି-ଯେତେ ଭାଇ ସେତେ ଘର । ନ ବୁଝିଲା ଲୋକ ଖାଲି 'ଭାଇ' 'ଭାଇ' ବୋଲି ହମ ହମ ହୁଅନ୍ତି । ସେହି ଭାଇ ପୁଣି ଦିନେ ଚିଠାକାଟି ଚାଲିଯାଏ । ଏଇ କାବେରୀ ବାପା ତ ପୁଣି ତାଙ୍କର ଛୋଟ ଛୋଟ ଭାଇ ଭଉଣୀଙ୍କୁ ମଣିଷ କରିଥିଲେ । ଏହିକ୍ଷଣି କେହି ଆସି ଆମ ଦୁଃଖରେ ଭାଗ ନଉଛି ?.... ବାହାସାହା ହେଲ.... ତମର ତ ପୁଣି ପିଲାଝିଲା ହେବେ.... ଯେତେହେଲେ ସେ ଭିଟାମାଟି ଘରଖଣ୍ଡିକ ବାଣ୍ଟ ହେବ ନା..ଆଉ କ'ଣ ତମେ ଏକା ରହିପାରିବ ? .... ସେଥିପାଇଁ ମୁଁ କହୁଚି ଘର ଖଣ୍ଡିଏ ତୋଳ—କୁଡ଼ିଆଟିଏ ହେଉପଛକେ କ'ଣ ହେଲା ? ସେଇଟା ତ ତମ ନିଜର ହେବ ।

ଏଇ ଧରଣର କଥା ଶୁଣିବାକୁ ପ୍ରଥମେ ମୋହନକୁ ବଡ଼ ଚିଡ଼ି ଲାଗୁଥିଲା । ଜ୍ୱାଇଁଙ୍କର ମୁହଁ ଦେଖି ଶାଶୁ ଏ କଥା ବେଶ ବୁଝିପାରୁଥିଲେ, କିନ୍ତୁ "ଧୀର ପାଣି ପଥର କାଟେ" ନୀତିରେ ସେ ଥରକୁ ଥର ସେହିକଥା କହିବାକୁ ଛାଡ଼ିଲେ ନାହିଁ । ଶେଷକୁ ତାଙ୍କରି ଜିତାପଟ ହେଲା । ମୋହନ ମନରେ ଚମକ ଲାଗିଲା । ନିଜ ରୋଜଗାର ଘରଲୋକଙ୍କ ପଛରେ ଏପରି ବେପରୱା ଭାବରେ ଖର୍ଚ୍ଚ କରି ସତରେ କ'ଣ ସେ ଭୁଲ କରୁଚି ?

ପୁଅ ବୋହୂ ଯାଇଁ ବାରିପଦାରେ । ମହୀବୋଉଙ୍କୁ ପୂଜାଟା ପୂଜା ଭଳି ଲାଗୁନାହିଁ । ମନ ଯାଇ ପୁଅ ପାଖରେ । ମାୟାଟା ସକାଳୁ ତା'ର କୋଉ ସାଙ୍ଗ ଘରକୁ ଯାଇଚି । ନିଜର ମନ ଭୁଲାଇବାକୁ ସେ ଯଦୁବୋଉଙ୍କ ଘରକୁ ଗଲେ ।

ଯଦୁବୋଉଙ୍କ ଘରେ ଲୋକଗହଳି । ତେଣୁ ଯଦୁବୋଉ ମହୀବୋଉଙ୍କୁ ନିଜ ଶୋଇବା ବଖରାକୁ ପାଛୋଟି ନେଲେ । ମସିଣା ଉପରେ ବସି, ପାନଡ଼ାଲା ମେଲେଇ ଯଦୁବୋଉ କଥା ପ୍ରସଙ୍ଗରେ ବୋହୂକଥା ପଚାରି ବସିଲେ— "ହଇଲୋ, ତୁ ଏକୁଟିଆ ଆସିଲୁ ଯେ, ବୋହୂ କାହିଁ ?"

-ବୋହୂ ପରା ମହୀ ସାଙ୍ଗରେ ତା ବାପଘରକୁ ଯାଇଚି । ମନଟା ମୋର ଖାଲି ଗୋଳେଇଘାଣ୍ଟି ହଉଚି । ଆଜିଯାଏ ଚିଠିପତ୍ର ତ କିଛି ଦେଲେ ନାହିଁ । ତାଙ୍କ ବାପାଙ୍କୁ କହିଲି ଯେ ସେ ହସି ଉଡ଼େଇ ଦେଲେ ।

-ମହୀବୋଉଙ୍କ କଥା ଶୁଣି ମୁହଁ ମୋଡ଼ି ଯଦୁବୋଉ କହିଲେ—ଆଲୋ, ପୁଅ ବାହା ନ ହେବାଯାଏ ବାପମା'ଙ୍କର । ବାହା ହେଲା ପରେ ସେ ନିଜର ମାଇପକୁ ନ ପଚାରି ଆଉ କ'ଣ ବାପାମା'ଙ୍କୁ ପଚାରନ୍ତା ?

-କିଏ ବା ତାଙ୍କ ପଚାରିବାକୁ ଚାହିଁ ବସିଛି ? ମାୟାଟାକୁ କେମିତି ବାହା କରିଦେଲେ ତେଣିକି ମୁଁ ଗୋଟାଏ ଆଡୁ ନିଶ୍ଚିନ୍ତ ହେବି। ଆଉଗୁଡ଼ାକ ତ ପୁଅ। ତାଙ୍କ ପେଇଁ କୋଉ ମୋର ଭାବେଣି ପଡ଼ିଛି ?

-ହଁ ବୀ, ସେଇଆ ନୁହେଁ କି ? କହି କଥାଟାକୁ ଏକରକମ ଆଡ଼େଇ ଦେଇ ଯଦୁବୋଉ କହିଲେ—ହଇଲୋ, ତୋ ବୋହୂ ଯେ ବାପଘରକୁ ଗଲା, ତା ନଣନ୍ଦ ଦିଅରଙ୍କୁ କଣ ସାଙ୍ଗରେ ଡ଼ାକିଲା ନାହିଁ ?

-ସେ ନବ ବୋଲି କହୁଥିଲା ଯେ, ମହୀ ପରା ନାହିଁ କଲା।

-ମଲା, ତା ଘରକୁ ସେ ନଉଥିଲା, ମହୀ କାହିଁକି ନାହିଁ କରିବାକୁ ଗଲା ? ସେ ଶିଖେଇ ଦେଇଥିବ ନା ! ମୁଁ ପରା ଏ କାଳର ବୋହୂଙ୍କୁ ହାଡ଼େ ହାଡ଼େ ଚିହ୍ନେ। ସେମାନେ ତିନି ସେଣାରେ ପାଣି ପିଇବେଟି। ....ହେଇଟି ମୋ ବୋହୂକୁ ଦେଖୁନୁ— କହି ଯଦୁବୋଉ ମହୀବୋଉଙ୍କ ପାଖକୁ ଆଉ ଟିକିଏ ଲାଗି ଆସିଲେ। ଚାରିଆଡ଼କୁ ଥରେ ଚାହିଁଦେଇ ସ୍ୱର କମେଇ କହିଲେ— ବାହା ହବାର ଛ'ମାସ ଯାଏ ମୁଁ ପାଟିରେ ପାଣି ନ ଦେଲାଯାଏ ବୋହୂ ବି ପାଟିରେ ପାଣି ଦଉ ନଥିଲା। ମୁଁ କହି କହି ଫାଟିଫୁଟି ଗଲି ପଛକେ ତା'ର ସେହି ଏକା ଜିଦି—ନା ବୋଉ, ଆପଣ ଉପାସ ରହିଥିବେ, ମୁଁ କେମିତି ଖାଇଦେଇ ବସିଯିବି ?

କିଛି ନ କହି ମହୀବୋଉ ଖାଲି ମୁଣ୍ଡ ଟୁଙ୍ଗାରିଲେ।

ଯଦୁବୋଉ ପୁଣି ଆରମ୍ଭ କଲେ—ଦିନେ କ'ଣ ହେଇଚି ନା ସକାଳେ ତା ଘରକୁ ପଶିଲା ବେଳକୁ ଦେଖିଲି ବୋହୂ କ'ଣ ଚୋବାଇବାରେ ଲାଗିଛି। ମତେ ଦେଖି ସାଙ୍ଗେ ସାଙ୍ଗେ ମୁଣ୍ଡରେ ଓଢ଼ଣା ଟାଣି ଦେଲା। କିଛି ନ ଦେଖିଲା ଭଳି ମୁଁ ବି ଚାଲିଆସିଲି। ମନେ କଲି ପିଲାଟାକୁ ଭୋକ କରୁଚି, ଅକାଳେ ସକାଳେ ଦିନେ ଖାଇଦେଲା। ଆଲୋ କହିଲେ ମିଛ ବୁଝିବୁ, ମଉଳା ଶିରାଦ ଦିନ ଜଟିଆ ସେ ଘର ଧୋଇବାକୁ ଯାଇ ତା ଆଲମାରି ପଛରୁ ଦି' ଚୋକେ ପତର ଠୁଙ୍ଗା ବାହାର କଲା। ସେଇଠୁ ଜାଣିଲି ସିନା ମୋ ବୋହୂର ଭକ୍ତି କେତେ !

ଆହୁରି କେତେ ପୋଥିପୁରାଣ ଖୋଲା ହୋଇଥାନ୍ତା, କିନ୍ତୁ ଭିକା ଆସି କଥାରେ ବାଧାଦେଲା—ପୀତାମ୍ବରବାବୁ ଡ଼କେଇଛନ୍ତି।

''ହଅ, କିଏ ତାଙ୍କ ଭକ୍ତି ଖୋଜୁଛି ?'' ହାତରେ ଦୁଇ ଖଣ୍ଡ ପାନ ଧରି ମହୀବୋଉ ଯିବାକୁ ଉଠିଲେ।

ମୋହନ ଯେ ଏଇ ପ୍ରଥମ ଥର ପାଇଁ ଘର ଛାଡ଼ିଛି, ତାହା ନୁହେଁ। ଏହା ପୂର୍ବରୁ କାମ ଅକାମରେ ତାକୁ ଅନେକଥର ବାହାରକୁ ଯିବାକୁ ପଡ଼ିଛି। କିନ୍ତୁ ଏଥର

ଭଳି କୌଣସି ଥର ମହୀବୋଉଙ୍କୁ ଘରଟା ଏତେ ଖାଲି ଖାଲି ଲାଗି ନଥିଲା। ସେଇ ଘର ଅଛି। ସେଇ ମଣିଷ ଅଛନ୍ତି, କିନ୍ତୁ ତାଙ୍କୁ ଲାଗେ ଯେମିତି ଅଧା ଲୋକ ନାହାନ୍ତି! ଖାଇ ବସିଲାବେଳେ ଭାତ ଗୁଣ୍ଡାଟା ପାଟିକି ନବାକୁ ଯାଇ ହାତ ଅଟକି ଯାଏ—''ମହୀ ଖାଇବଣି ତ?' ଶୋଇଲେ, ବସିଲେ, କାମ କଲେ ସେଇ ଗୋଟିଏ ଚିନ୍ତା—ମହୀ କ'ଣ କରୁଥିବ? ଟୋକାଟା ନିଜର ଦେହଟାକୁ କେବେ ନଜର ଦିଏ ନାହିଁ। ପୁଣି ମନକୁ ମନ ସାନ୍ତ୍ୱନା ଦିଅନ୍ତି, ପାଖରେ ବୋହୂ ଅଛି, ସବୁ ଦେଖିବ ନାହିଁଯେ... ମୁଁ ବସି ଅକାରଣେ ଏତେ ଭାବି ହଉଚି।

ବୋହୂ....ହଁ ସେ ବାଛି ବୀଛି ଘରକୁ ବୋହୂଟିଏ ଆଣିଥିଲେ। କିଛି କରୁ କି ନ କରୁ ଖାଲି ଠିଆ ହୋଇଗଲେ ଘରଟା ପୂରି ଉଠୁଥିଲା। ଯେତେହେଲେ ସେ ହେଲା ଘରର ଲକ୍ଷ୍ମୀ। ଦିନେହେଲେ ତା କଥା ସେ ତଳେ ପକାଇ ଦେଇ ନାହାନ୍ତି। ଏତେ କରି କ'ଣ ହେଲା? ସେଇ ତ ପୁଣି ତାଙ୍କ କଥାକୁ ଏଡ଼ିଦେଇ ବାପଘରକୁ ଚାଲିଗଲା! ବୋହୂଉପରେ ମନ ଭିତରେ ଯେତେ ଅଭିମାନ ହେଲେ ବି ସେ ଅଭିମାନ ତାଙ୍କ ମନରେ ହିଁ ମରିଛି—ବାହାରର କେହି ସେତକ ଜାଣିବାର ସୁବିଧା ପାଇନାହାନ୍ତି। ମନର ଦୁଃଖ ମନରେ ଚପେଇ ଆଜି ସେ ବୋହୂର ବାଟ ଚାହିଁ ବସିଛନ୍ତି– ''କେତେଦିନ ହେଇଗଲାଣି....କେବେ ଫେରିବ?...''

ଛୁଟି ସରିଯାଇଛି। ମହୀବୋଉଙ୍କୁ ଏ କେଇଟା ଦିନ ଗୋଟିଏ ଯୁଗ ଭଳି ମନେ ହେଇଚି। କାବେରୀ ମୋହନ ଫେରିଆସିଛନ୍ତି। ସାଙ୍ଗରେ କାବେରୀର ବାରବର୍ଷର ଭାଇ କୁନା। ଅପା ଆସିଲାବେଳେ କୁଆଡ଼େ କାନ୍ଦିକାନ୍ଦି ଅପା ସାଙ୍ଗରେ ଚାଲିଆସିଛି।

କାବେରୀକୁ ଦେଖି ପହଲି, ରଞ୍ଜୁ ଚାରିପଟେ ଘେରିଗଲେ,—କି ଜିନିଷ ପରା ଆଣିବ କହିଥିଲ, ଦିଅ।

କାବେରୀ ଦେଖିଲା ମାୟା ଓ ମହୀବୋଉ ତା'ର ମୁହଁକୁ ଚାହିଁଛନ୍ତି। ଟିକିଏ ବିରକ୍ତ ହେଲାଭଳି ମୋହନ ଆଡ଼କୁ ଚାହିଁ କହିଲା, ମୁଁ ଏତେକରି କହିଲି, ପିଲାମାନେ ଚାହିଁ ବସିଥିବେ, ତାଙ୍କ ପାଇଁ ନେଇ କରି ଯିବା—ମୋ କଥା ଶୁଣିଲେ ନାହିଁ। ଆଉ କେବେ ଯଦି ୟାଙ୍କ କଥାରେ ମୁଁ ପଡ଼ିଛି!

ମୋହନ କାନ୍ଧରେ ଏପରି ଦୋଷ ଲଦିଦେବାର ଦେଖି ମୋହନ ମନ ଭିତରେ ଟିକିଏ ବିରକ୍ତ ହେଲା। ତଥାପି ଉପର ମୁହଁରେ ହସ ଟାଣି କହିଲା—ଆଚ୍ଛା, ମୁଁ ଏଇଠୁ କିଣିଦେବି। ତାପରେ କୁନା ପିଠିରେ ହାତ ଥାପୁଡ଼େଇ ମହୀବୋଉଙ୍କ ଆଡ଼କୁ ଚାହିଁ ହସି ହସି କହିଲା– ବୁଝିଲୁ ବୋଉ, ଆମ କୁନା ଏଇଠି ରହି ପାଠ ପଢ଼ିବ ବୋଲି ଆସିଛି। ବାରିପଦା ତାକୁ ଭଲ ଲାଗୁନାହିଁ।

ମନ ଭିତରେ ବିରକ୍ତ ହେଲେ ବି ଉପରେ ହସ ଖେଳେଇ ମହୀବୋଉ କହିଲେ— ଭଲ କଥା, ଭଉଣୀ ପାଖରେ ରହିବ। ସେଥିରେ କ'ଣ ଅଛି?

କୁନା ଆସିବାଦ୍ୱାରା ମାୟାର ଟିକିଏ ଅଧିକା ସୁବିଧା ହେଲା। ଖେଳର ଆଉ

ଦେଖାଇ ପଡୁ ରଞ୍ଜୁ ହେରିକା ଯେଉଁ କାମକୁ ପିଠି ଆଡ଼େଇ ଦେଇ ଚାଲିଯାନ୍ତି, ବାଧ ଛୁଆଟିପରି କୁନା ସେ କାମ କରିଦିଏ। ନିରୋଳାରେ କାବେରୀର ଧମକ କାମ କଲାବେଳେ କୁନା ଭୁଲିଯାଏ। କେମିତି କରି ସେ ଏତେ ବଡ଼ ମଣିଷଟାକୁ ନାହିଁ କରିଦେବ? ତା'ର ସଙ୍କୋଚ ହୁଏ। କିଛିଦିନ ଏପରି ଦେଖିବା ପରେ ସହି ନପାରି ଶେଷକୁ ଦିନେ କାବେରୀ ମୋହନ ଆଗରେ ଫେରାଦ ହେଲା।

ସେହିଦିନ ଉପରବେଳା—ମୋହନ ବୁଲି ବାହରିଲାବେଳେ ଦେଖିଲା, ମାୟା ଅଇଁଠା ହାତରେ ଠିଆହୋଇ କୁନାକୁ ଡ଼ାକେ ପାଣି ପାଇଁ ବରାଦ କଲା। ପାଣି ଆଣୁ ଆଣୁ ପଛରୁ ମାୟାର ପାଟି ଶୁଭିଲା—କେଡ଼େ ଅଳସୁଆଟା ମ? ପିଲାଏ ସିନା ଦୌଡ଼ି ଦୌଡ଼ି ସବୁ କାମ କରନ୍ତି। ମାୟାକୁ ଏପରି ଆଦେଶ ଦେଉଥିବାର ଦେଖି ମୋହନ ସେଇଠି ଅଟକିଗଲା। ଆଦେଶ ସ୍ୱରରେ କହିଲା—ମାୟା ତୋ କାମ ତୁ ନିଜ ହାତରେ କରିପାରୁନୁ?

-କୋଉ କାମଟା ମୁଁ ନିଜ ହାତରେ ନ କରେ? ମାୟା ରାଗରେ ମୋହନ ଆଡ଼କୁ ଚାହିଁଲା।

-ସେ କ'ଣ ତୋରି କାମ କରିବାକୁ ଏଠିକି ଆସିଛି? ମାୟାର କଥା ନ ଶୁଣିଲାପରି ମୋହନ କହିଲା।

ଗାଣ୍ଟୁ ଗାଣ୍ଟୁ ହୋଇ ମାୟା ଜବାବ ଦେଲା—ହଉ, ହଉ, ତମ ଭିଣେଇପଣିଆ ଗୁଡ଼ାକ ରଖିଦେଇଥା—ଆଉ କାହା ପାଖରେ ଦେଖେଇବ।

ମୋହନ ଗମ୍ଭୀର ହୋଇ ଆଉ ଅଧିକ କିଛି ନ କହି ସେ ଜାଗା ଛାଡ଼ି ଚାଲିଗଲା। ସେ ସହଜରେ କମ୍ କଥା କହେ। କିନ୍ତୁ ସେହି କଥା କେଇପଦରେ ସମସ୍ତେ ଚପି ଯା'ନ୍ତି—ଏକା ମାୟାକୁ ଛାଡ଼ି। ପାଖ ବାରଣ୍ଡାରେ ଥାଇ କାବେରୀ ସବୁ ଶୁଣୁଥିଲା। ମାୟାର କଥାଗୁଡ଼ାକ ତା ଦେହରେ ଯେମିତି ଛୁରୀ ଚଳେଇ ଦେଲା। ରାଗରେ ମୁହଁ ବୁଲେଇ ବଖରା ଭିତରେ ପଶି ଯାଉ ଯାଉ ଶୁଣେଇ ଶୁଣେଇ କହିଲା—ହେଁ, ମୁହଁକୁ ଲାଜ ନାହିଁ। ଏ ପୁଣି ବଡ଼ ଭାଇ!

କାବେରୀର କଥାଗୁଡ଼ାକ ମାୟା କାନରେ ବାଜିଗଲା। ମୁହଁଟା ତାର ହଠାତ୍ ଲାଲ ହୋଇ ଉଠିଲା।

-ଭାଉଜ କ'ଣ କହିଲ, କ'ଣ କହିଲ? ମାୟା କାବେରୀକୁ ପଛରୁ ଡ଼ାକିଲା।

-କିଛି ନାହିଁ। କାବେରୀ ଘର ଭିତରେ ପଶିଗଲା।

-ବାଃ, ବେଶ୍ ମୁହଁ ଖୋଲି ଗଲାଣିତ?

ମାୟାର କଥାଗୁଡ଼ାକ କାବେରୀ ଗାଲରେ ଚଟକଣା ଭଳି ବସିଲା। ସେତିକିବେଳେ ପାଖ ବଖରାରୁ ମହୀବୋଉଙ୍କ ପାଟି ଶୁଭିଲା—ମାୟା! ଏମିତି କ'ଣ କହନ୍ତି? ବଡ଼ ଭାଉଜ ପରା, ମା ସମାନ...ତୁ

ମହୀବୋଉଙ୍କ କଥାକୁ କାନ ନ ଦେଇ ଶୁଣେଇ ଶୁଣେଇ ମାୟା କହିଲା—

ମା ନା ଚୁଲୀ ! ଦିନରାତି ତ ଚୁଗୁଲି ଫୋଡ଼ୁ ଫୋଡ଼ୁ ଯାଙ୍କୁ ବେଳ ଅଣ୍ଟୁ ନାହିଁ। ମା ସାଙ୍ଗରେ ସମାନ ହୋଇ ପଣିବେ କୋଉ ଗୁଣକୁ ? କି କାମଟା ଆମେ କୁନା ହାତରେ କରାଉ ଯେ କୁନା ଏଠି ଚାକର ହୋଇଗଲା ?

ନିଜ ବଖରାରେ ଥାଇ କାନ୍ଦ କାନ୍ଦ ହୋଇ କାବେରୀ କହିଲା—ଯିଏ ଯା କରୁ, ସବୁ ଦୋଷ ମୋ'ଗି। କେତେବେଳେ ତାଙ୍କୁ ଶିଖେଇ ଦେଲି ?

-ହଉ ରଖ, ରଖ, ସେ କଥାଗୁଡ଼ାକ ଆଉ କାହା ପାଖରେ ସକେଇ ହବ।

ମହୀବୋଉ କାମ ଛାଡ଼ି ବାହାରି ଆସିଲେ—ମୁହଁରେ ବିରକ୍ତିର ଚିହ୍ନ। ଏତିକିବେଳେ ପାଖଘରୁ ଜୋରରେ କାନ୍ଦ ଶୁଭିଲା। ବିରକ୍ତ ହୋଇ ମହୀବୋଉ ମାୟାକୁ କହିଲେ—ପିଲାଟୀ ସାଙ୍ଗେ କାହିଁକି ଲାଗିଛୁ ? ସେ ସେଣେ କାନ୍ଦିଲାଣି।

-ମୁଁ କାହା ସାଙ୍ଗରେ ଲାଗିନାହିଁ। ଯାହା ଆଖିରେ ବେଶି ଲେମ୍ବୁପାଣି ଥିବ, କିଏ ଅଟକେଇ ପାରିବ ? ଆମକୁ ବି କାନ୍ଦିଆସେ ଯେ— କହି ମାୟା ରାଗରେ ସେ ଜାଗା ଛାଡ଼ି ଦୁମ୍ ଦୁମ୍ ହୋଇ ଚାଲିଗଲା।

ଗୁରୁବାର। ମୁହଁ ସଞ୍ଜ ଗଡ଼ିଗଲାଣି। ଚଉରାମୂଳେ ସଳିତାଟାଏ ବି ଏ ଯାଏ ଜଳି ନାହିଁ। ବୋହୂ ତା ଘରେ ବସି କାନ୍ଦୁଛି। ମାୟା କଳି କରି ତା ପଢ଼ାଘରେ ଯାଇ ବସିଛି। କ'ଣ କରିବେ ବୁଝି ନ ପାରି ମହୀବୋଉ କାବେରୀ ପାଖକୁ ଗଲେ।

ଖଟରେ ମୁହଁକୁ ମାଡ଼ିଦେଇ କଇଁ କଇଁ ହୋଇ କାବେରୀ କାନ୍ଦୁଛି। ମହୀବୋଉଙ୍କ ପାଟି ଶୁଣି ତା କୋହ ଦି'ଗୁଣ ହୋଇଗଲା। କେତେ ରାଣ ନିୟମ ପକାଇବା ପରେ କାବେରୀ ତୁନି ହେଲା ସତ, କିନ୍ତୁ ପଦାକୁ ଆସିଲା ନାହିଁ। କାନ୍ଦି କାନ୍ଦି ମୁଣ୍ଡବାଳ ମଳିଆ ଅଳିଆ ହୋଇଗଲାଣି। ଗମ୍ଭୀର ମୁହଁରେ ଛଳ ଛଳ ଆଖି କରି ସେ ସେମିତି ଖଟ ଉପରେ ବସିରହିଲା।

ବୁଲିସାରି ମୋହନ ଘରକୁ ଫେରି କାବେରୀର ଲାଲ ଆଖିକି ଚାହିଁ ଆଶ୍ଚର୍ଯ୍ୟ ହୋଇଗଲା। ଆଜିର ଏ ରୂପ ତା ଆଖିରେ ନୂଆ। ହଠାତ୍ ପାଟିରୁ ବାହାରି ଆସିଲା, ତମେ କାନ୍ଦୁଥିଲ କି ? ଅସ୍ୱାଭାବିକ ସ୍ୱରରେ କାବେରୀ ଜବାବ ଦେଲା—ନାଇଁ କାନ୍ଦିବି କାହିଁକି ?... କୁନାକୁ ଆମ ଘରେ ନେଇ ଛାଡ଼ି ଦବାର ବନ୍ଦୋବସ୍ତ କର, ତା ପାଇଁ ମୁଁ ଆଉ ଏତେ କଥା ସହି ପାରିବି ନାହିଁ।

-କ'ଣ ହେଲା କହୁନା ?

-ଆଜି ମତେ ମାୟା କହିଲେ ତମକୁ ମୁଁ ସବୁକଥା ଶିଖେଇ ଦଉଛି। କି ଦରକାର ଅଛି ? ତମଭଳି ସୁନା ପୁଅକୁ କାହିଁକି ମୁଁ ଶିଖେଇ କରି ଖରାପ କରିବାକୁ ଯିବି ?... ମୁଁ ମୋର ଆମ ଘରକୁ ଚାଲିଯାଉଛି।

-ଆଃ, କ'ଣ ଏତେ ସାମାନ୍ୟ ସାମାନ୍ୟ କଥାରେ ଘରକୁ ଯିବା କଥା କହୁଛ ? ଏଇଟାକୁ କ'ଣ ତମେ ନିଜ ଘର ବୋଲି ମନେକର ନାହିଁ ?

ଭୁରୁ କୁଞ୍ଚେଇ ତାଚ୍ଛଲ୍ୟ ଭାବରେ କାବେରୀ କହିଲା-ନିଜ ଘର ? ହଁ, ନିଜ ଘର ! ଏଇଟା ପୁଣି ମୋ ନିଜ ଘର । ନୂଆ କଥାଟାଏ ମତେ ଆଜି ଶୁଣେଇଲେ... ବୋଉ ନ ହେଲେ କ'ଣ ମତେ ଆଉ ମିଛରେ କହୁଥିଲା...?

ସେହି ବାଟ ଦେଇ ଯାଉ ଯାଉ ମହୀବୋଉଙ୍କ କାନରେ କାବେରୀର କଥାଗୁଡ଼ାକ ବାଜିଗଲା । ସେ ସତେକି ପଥର ପାଲଟି ଗଲେ । ଏଇ ତେବେ ତାଙ୍କ ବୋହୂ ! ଯାରି ଉପରେ ସେ ତାଙ୍କର ଛୋଟିଆ ସଂସାରଟିର ଭାର ଛାଡ଼ିଦେଇ ନିଶ୍ଚିନ୍ତ ହେବେ ବୋଲି ମନେ କରିଛନ୍ତି ! ଯିଏ ଏଇ ସାନ କଥା ସହିପାରୁ ନାହିଁ, ସେ ପୁଣି କେମିତି କରି ତା'ର ଏତେ ଛୋଟ ଛୋଟ ନଣନ୍ଦ ଦିଅରଙ୍କୁ ମଣିଷ କରିବ ? ଆଉ ଅଧିକ ଶୁଣିବାକୁ ଅପେକ୍ଷା ନ କରି ମହୀବୋଉ ଫେରିଗଲେ । ମନରେ ତାଙ୍କର ନିଆଁ ଜଳୁଛି ।

ଗୋଟିଏ ରାତିର ବ୍ୟବଧାନ ଭିତରେ କାବେରୀ ମନର ଯେତେକ ଅଭିଯୋଗ ସବୁ ମୋହନ ଭୁଲିଗଲା । କିନ୍ତୁ ମହୀବୋଉ ଭୁଲିପାରିଲେ ନାହିଁ । ଯେଉଁ କାମରେ ହାତ ଦେଲେ ବି ଆଗଦିନ ଶୁଣିଥିବା କଥା କେଇପଦ ଗୁଡ଼େଇତୁଡ଼େଇ ହୋଇ ମନ ଭିତରେ ରୂପ ନେଉଥାଏ । କାବେରୀର ହସ, କଥା, କାମ—ସବୁ ଯେପରି ଛଳନାପୂର୍ଣ୍ଣ । ବର୍ତ୍ତମାନ ତାଙ୍କର ଏକମାତ୍ର ଚିନ୍ତା, କେମିତି ମାୟାଙ୍କୁ ପାରି କରିଦେବେ । ପୁଅ ତିନିଟାଙ୍କ ଭାଗ୍ୟରେ ଯାହାଥିବ ହେବ । ଯିଏ ଥରେ ଫଣା ଟେକିଲାଣି ତାକୁ ଆଉ ବିଶ୍ୱାସ ନାହିଁ— ଦିନେ ନିଶ୍ଚେ ଚୋଟ ମାରିବ ।

ମନର ଦୁଃଖ ଆଉ କାହା ଆଗରେ କହି ନ ପାରି ଶେଷକୁ ପୀତାମ୍ବରବାବୁଙ୍କୁ କହିଲେ, କିନ୍ତୁ ପୀତାମ୍ବରବାବୁ କଥାର ଗୁରୁତ୍ୱ ଏଡ଼ିଦେଇ ମହୀବୋଉଙ୍କୁ ବୁଝେଇଦେଲେ ଯେ ସବୁ ଘରେ ଏମିତି କଳି ଅଶାନ୍ତି ହୁଏ, ପୁଣି ସବୁ ଆପେ ସୁଧୁରିଯାଏ । ତେଣୁ ସେ ସବୁ କଥାକୁ ଭାବି ବସିଲେ ମନର ଅଶାନ୍ତି ଖାଲି ବଢ଼ିବ ।

ମହୀବୋଉଙ୍କ ହାବଭାବରେ ପରିବର୍ତ୍ତନ ଲକ୍ଷ୍ୟ କରି କାବେରୀ ମନରେ ସନ୍ଦେହର ଛାଇ ପଡ଼ିଲା— ତେବେ କ'ଣ ମୋହନ ସେ ଦିନ ରାତିର ଘଟଣାସବୁ ଶାଶୁଙ୍କୁ କହିଦେଇଛି ? କାହିଁକି ବୃଥାଟାରେ ସେ ମୋହନ ଆଗରେ ଏସବୁ କହିବାକୁ ଗଲା ? ଯଦି ତା ଶାଶୁ ଏକଥା ଶୁଣିଥିବେ, ତେବେ ସେ ମନରେ କ'ଣ ଭାବିଥିବେ ?

ମୋହନଙ୍କୁ ଛାଡ଼ିଦେଲେ ଏ ଘର ଭିତରେ ଯଦି କାହାପ୍ରତି କାବେରୀର ମମତା ଥାଏ, ତେବେ ସେ ହେଉଛନ୍ତି ମହୀବୋଉ । 'ଶାଶୁ' କହିଲେ ମନରେ ଯେଉଁ ଛବି ଆଙ୍କି ହୋଇଯାଏ ମହୀବୋଉ ତାଠାରୁ ବହୁତ ଭିନ୍ନ । ସୂର୍ଯ୍ୟର ସ୍ପର୍ଶରେ ଘାସ ଉପରେ ଜମିଥିବା ଶିଶିରବିନ୍ଦୁ ବିଳେଇଗଲା ପରି କାବେରୀ ମନରେ ରୂପ ନେଉଥିବା

ନିଜ ମା'ର କଥାଗୁଡ଼ାକ ମହୀବୋଉଙ୍କର ଖାଲି ଗୋଟାଏ ବାହାଣି ପାଖରେ ମିଳେଇଯାଏ-''ହଁ ବା, କେତେ ଶାଶୁ ଦେଖିଚି.... ସେ ପ୍ରଶଂସା ଆଉ କାହା ଆଗରେ କରିବୁ। ହଉଲୋ, ବୋହୂ ଝିଅ କେବେ ସମାନ ହୋଇ ପାରିଲେଣି? ସବୁ ଖାଲି ଉପର ଦେଖାଣିଆ। ତତେ ହୁଣ୍ଡୀ ଦେଖି ସମସ୍ତେ ଠକଉଛନ୍ତି। ମୂଳରେ ରହିଲା ପଇସା। ସେଥିପାଇଁ ଏତେ ମିଠାକଥା। ପଇସା ମୁଠାକ ତୁ ଆଜି ହାତରେ ଭିଡ଼ି ଧର, କାଲିକି ଆଉ ତତେ କେହି ଦେଖି ସହି ପାରିବେ ନାହିଁ.....'' ମହୀବୋଉଙ୍କ ବିଷୟରେ ଏସବୁ ଭାବିବାକୁ ମଧ କାବେରୀକୁ ଖରାପ ଲାଗେ, କିନ୍ତୁ ପାଟିରୁ ଯାହା ଥରେ ଖସିଛି ତାକୁ ଆଉ ଫେରେଇଆଣି ହେବ ନାହିଁ। ପଛ କଥାକୁ ମନରେ କରି କାବେରୀ ମନରେ ଅନୁତାପ ଆସିଲା।

ଖରା ଅଧା ମୁଣ୍ଡ ଉପରକୁ ଉଠି ଆସିଲାଣି। ଏତିକିବେଳେ ଯଦୁବୋଉଙ୍କୁ ସାଥିରେ ଧରି ମିନିବୋଉ ପୀତାମ୍ବରବାବୁଙ୍କ ଘରକୁ ନିମନ୍ତ୍ରଣ କରି ଆସିଲେ। ତାଙ୍କ ନାତିର ଏକୋଇଶା ନିମନ୍ତ୍ରଣ।

ମାୟାକୁ ଦେଖି ଯଦୁବୋଉ ପଚାରିଲେ—ତୋର ଇସ୍କୁଲ ନାହିଁ କିଲୋ ?

-ମୁଁ ଆଜି ଯାଇ ନାହିଁ।

ଏତିକିବେଳେ ମହୀବୋଉଙ୍କୁ ପାଖକୁ ଆସିବାର ଦେଖି ଯଦୁବୋଉ କହିଲେ—ଆଲୋ ମହୀବୋଉ, ଆମେ ତୋ ବୋହୂପରଷା ଖାଇବାକୁ ଆସିଲୁ।

-ଖାଉନା, କିଏ ମନା କରୁଛି? ହସି ହସି ମସିଣାଟା ପାରିଦେଇ ମହୀବୋଉ ପୁଣି କହିଲେ-ଆଜି କେମିତି ଗଡ଼ିପଡ଼ିଲ ?

-ନାତିର ଏକୋଇଶା। ପିଲାପିଲି ସମସ୍ତଙ୍କୁ ନେଇକରି ଯିବ, ମିନିବୋଉ କହିଲେ।

-ନାତିଟା କାହାପରି ହୋଇଛି ?

-ସେ ଯାହାପରି ହେଉ ଆମକୁ ସେଥିରୁ କ'ଣ ମିଳିବ? ପଛଆଡ଼େ ମୁହଁ ଥିଲେ ବି ସେ ମରଦ ପୁଅ—କୋଉ ଝୁଅଟାଏ ହେଇଚି ଯେ ବାଛ ପଡ଼ିଯିବ। ମାଆ ଗୋଡ଼ ତ ଚାରିହାତ ଛଡ଼ାରେ ପଡୁଛି। ନୂଆକରି ପୁଅ ଜନମ କରିଛନ୍ତି....ଆଜିଯାଏ ଆଉ କେହି ପୁଅ ଜନମ କରି ନଥିଲେ.... ପିଲା 'କୁଆଁ' 'କୁଆଁ' କରି କାନ୍ଦିଲେ ବୋହୂ ଧାଇ ଯାଉଛନ୍ତି ପୁଅ ପାଖକୁ। ପିଲାଟା 'କୁଆଁ' କହୁଛି କାହିଁକି? ଯାଅ ଡ଼ାକ୍ତରକୁ ପଚାରି ଆସିବ।

ଯଦୁବୋଉ ଆସନ ଜମେଇ ବସି କହିଲେ-ମଲା ମୋର, ପିଲାଟା 'କୁଆଁ' କହିବ ନାହିଁ ତ ଆଉ କ'ଣ 'ବାପା', 'ବୋଉ' ବୋଲି ଡ଼ାକିବ ?

ଯଦୁବୋଉଙ୍କ ମୁହଁକୁ ଚାହିଁ ମିନିବୋଉ କହିଲେ-ମୁଁ ସେଇଆ କହିଲି ଯେ, ବୋହୂ ସାଆନ୍ତାଣୀ ଆମର କହିଲେ, 'ନାଇଁ, ତା ସ୍ୱରଟା କାହିଁକି କେମିତି ଗୋଟିଏ ଶୁଭୁଚି। ହେଳା କଲେ ବଢ଼ିଯିବ... ଦେଖାନ୍ତୁ...ତାଙ୍କର ବେଶି ପଇସା ଅଛି ଦେଖେଇବେ। ଆମେ ମୂର୍ଖ ମଣିଷ କାହିଁକି ସେଥିରେ ମୁଣ୍ଡ ପୂରେଇବାକୁ ଯିବା କହିଲ ?

-ହଁ, ତା ନୁହେଁ ତ ଆଉ କ'ଣ? କୋଉ କହିଲେ ଆମ କଥା ରହିଯିବ? କହନ୍ତୁ? ସମର୍ଥନ ଆଶାରେ ଯଦୁବୋଉ ମହୀବୋଉଙ୍କ ମୁହଁକୁ ଚାହିଁଲେ। ଦୁଇଆଡ଼କୁ ପାଇଲାଭଳି ମୁଣ୍ଡ ଟୁଙ୍ଗାରୀ ଟିକିଏ ହସି ମହୀବୋଉ ମିନିବୋଉଙ୍କ ମୁହଁକୁ ଚାହିଁଲେ।

ମନିବୋଉ ପୁଣି କଥାର ଖିଅ ଧରି କହିଲେ-ସେଇଆ ପରା। ପିଲାକୁ ତେଲ ହଳଦୀ ଦେବାକୁ ଦି'ମାସ ଆଗରୁ ଗୋଟାଏ ଚାକରାଣୀ ଯୋଗାଡ଼ କରିଥିଲି। ବୋହୂ ପୁଅକୁ କି ମନ୍ତର ଦେଲା କେଜାଣି, ଏବେ ପୁଅ ସି ମତେ କହୁଚି ଯେ ଦେଶୀ ଚାକରାଣୀ ସୁବିଧା ହେବ ନାହିଁ। ସେମାନେ ଗୋଟାଏ 'ଆୟା' ରଖିବେ। ଆୟାମାନେ କୁଆଡ଼େ ମା'ଠାରୁ ବଳି ଯତ୍ନ କରନ୍ତି।

ହସି ହସି ଯଦୁବୋଉ କହିଲେ-ନୂଆ କଥାଟାଏ ମତେ ଆଜି ଶୁଣେଇଲ ସଙ୍ଗାତ! ଆମେ ଜାଣିଥିଲୁ କରେ ତ କରେ ମା, ନଇଲେ ମାଆର ମା। ଆୟାମାନେ ପୁଣି ମାଠାରୁ ବେଶି ଯତ୍ନ କରନ୍ତି?

-ଆଲୋ, କାହା ହୋଇଯାଉଚୁ କ'ଣ। ଏ ଯୁଗ ହେଲା ପରା ସେଇଆ। କ'ଣ ଆଉ କହିବିଟି। ପେଡ଼ି ଖୋଲି ବସିଲେ ଦିନରାତି ଜଣା ପଡ଼ିବ ନାହିଁ.... ଚାଲ୍ ଯିବା... ଆଉରି କେତେ ଯାଗାକୁ ଯିବାର ଅଛି, କହି ମିନିବୋଉ କାବେରୀକୁ ଖୋଜିଲେ।

-ତମ ବୋହୂ କାହିଁ ଦେଖାଯାଉ ନାହିଁ, କଣ ନାହିଁ କି?

-''ତମକୁ ସବୁ ଦେଖି ଲୁଚିଛନ୍ତି ବୋଧହୁଏ।' ଘର ଆଡ଼କୁ ଚାହିଁ ମାୟା କହିଲା।

-ଆଲୋ ବୋହୂ, କୁଆଡ଼େ ଗଲୁ? ତତେ ପରା ଏଣେ ଖୋଜୁଛନ୍ତି। ମହୀବୋଉ ଡ଼ାକ ଛାଡ଼ିଲେ।

ହଳଦୀ ଗର ଗର ହାତରେ କାବେରୀ ଆସି ଦିହିଙ୍କୁ ମୁଣ୍ଡିଆ ମାରିଲା।

-କଣ କରୁଥିଲୁ କି? କାବେରୀ ପିଠିରେ ହାତ ରଖି ମିନିବୋଉ ପଚାରିଲେ।

-ମସଲା ବାଟୁଥିଲି। ଲାଜ ଲାଜ ହୋଇ କାବେରୀ କହିଲା।

-ତମେ କାହିଁକି ବାଟୁଥିଲ? ଭିକା କୁଆଡ଼େ ଗଲା କି? ତୀକ୍ଷ୍ଣ ଦୃଷ୍ଟିରେ କାବେରୀକୁ ଚାହିଁ ମାୟା ପଚାରିଲା।

-ବଜାରକୁ ଯାଇଛି। ତାର ହାତ ଘୋଳେଇ ହଉଛି ଯେ କହିଲା ବାଟିପାରିବ ନାହିଁ। ଧୀର ଭାବରେ କାବେରୀ ଜବାବଦେଲା।

-ଶାଶୁ ସାଙ୍ଗରେ କାଲି ଆମ ଘରକୁ ଯିବୁଲୋ! ମନେ ରହିଲା? ମିନିବୋଉ କାବେରୀର ମୁଣ୍ଡ ଆଉଁଷି ଦେଇ କହିଲେ। କାବେରୀ ଖାଲି ମୁଣ୍ଡ ହଲେଇ ନିଜର ସମ୍ମତି ଜଣେଇଲା।

ମହୀବୋଉଙ୍କୁ ଗୁଆ କାଟୁଥିବାର ଦେଖି କାବେରୀ ଉଠି ଆସିଲା ପାନ ଚିରିବାକୁ। କାବେରୀର ଲାଜ ସରମ, ଧୀର ଚାଲି, ଥିର କଥା, ମିନିବୋଉଙ୍କ ମନରେ ବଡ଼ ଗହୀରିଆ ଗାର ଟାଣିଦେଲା। ରୂପ ଯେମିତି, ଗୁଣ ସେମିତି। ଖାଲି ଥରେ ଚାହିଁଦେଲେ

ପେଟ ପୂରିଯିବ। ତାଙ୍କ ବୋହୂଗୁଡ଼ାକ କୁଆଡ଼ର ହେଲେ ନାହିଁ। କାବେରୀକୁ ଚାହିଁ ଚାହିଁ ଗୋଟିଏ ଦୀର୍ଘନିଶ୍ୱାସ ପକେଇ ମହୀବୋଉଙ୍କୁ ଚାହିଁ ମିନିବୋଉ ଖାଲି ଏତିକି କହିଲେ... ''ତମେ ବଡ଼ କପାଳିଆ' ଅତି ଛୋଟ କେଇପଦ କଥା। କିନ୍ତୁ ତା'ରି ଭିତର ଦେଇ ତାଙ୍କ ମନର ଅନେକ ଅକୁହା କଥା ପ୍ରକାଶ ପାଇଗଲା– ଠିକ୍ ଯେମିତି ଅନ୍ଧାର ରାତିରେ ସରୁ ଗୋଟିଏ ବିଜୁଳିର ଧାର ପଛଆଡ଼ର ବିରାଟ ମେଘକୁ ଦେଖାଇଦିଏ।

ମିନିବୋଉ ମସିଣା ଛାଡ଼ି ଯିବାକୁ ଉଠିଲେ—ଯାଉଚିଲୋ, ଥା। ଗାଳି ଦବ ନାହିଁ। ଆହୁରି ଦି'ଚାରି ଘର ଯିବାକୁ ଅଛି। ଗୋଡ଼ ସିନା ଉଠିଲା, କିନ୍ତୁ କାହାରି ପାଟି ବନ୍ଦ ହେବାକୁ ନାହିଁ। ଏତେ ଅଳ୍ପ ସମୟପାଇଁ ଦେଖା। କାହୁଁ କାହୁଁ କଥାସବୁ ଆସି ମନେ ପଡ଼ିଯାଉଅଛି। କଥା ମଝିରେ ମଝିରେ ବାଧାଦେଇ ଟିକିଏ ଦୂରରେ ଠିଆହୋଇ ଭିକା ପଚାରିଲା—ମା, ଏତେବେଳ ହେଲାଣି, ମସଲା ମସଲି ବାହାର କରିଦେଇନ। ଆଉ କେତେବେଳେ ରନ୍ଧା ହେବ? ପୂଝାରୀ ସେଣେ ମୋ ଉପରେ ଖପ୍ପା ହେଉଛି?

-କିରେ ତୋର ପରା ହାତ ଘୋଳି ହଉଚି ବୋଲି ମସଲା ବାଟିବାକୁ ନାହିଁ କରିଦେଲୁ? ସେଥିପାଇଁ ଭାଉଜ'ଙ୍କ ବାଟିଲେ? ମାୟା କହିଲା।

-ନାଇଁତ! ମୋ ହାତ କାହିଁକି ଘୋଳି ହବ? ମୁଁ ତ ଅବିକା ବଜାରରୁ ଆସୁଛି। କିଛି ମସଲା ନାହିଁ। ଖାଲି କ'ଣ ହଳଦି ଟିକିଏ ବଟାହୋଇ ଥୁଆ ହେଇଛି। ମତେ ବେଗି ବାହାର କରି ଦେଇଯାଅ। କହି ଭିକା ଚାଲିଗଲା।

ମାୟା ଚାହିଁଲା କାବେରୀ ମୁହଁକୁ। କାବେରୀ ଗୁଣୁଗୁଣୁ ହୋଇ କ'ଣ କହିଲା ଶୁଭିଲା ନାହିଁ। ଅସରନ୍ତି ଗପର ସୂଅ ସେଇଠି ଛିଣ୍ଡିଗଲା। ମୁରୁକି ହସ ଦେଇ ଯଦୁବୋଉ ସଙ୍ଗାତକୁ ଚୁମୁଟିଲେ। ପାନ ଦି'ଖଣ୍ଡ ହାତରେ ଧରି ମିନିବୋଉ ଆଉଥରେ କହିଲେ—ନିଶ୍ଚେ ଯିବ.... ସମସ୍ତଙ୍କୁ ନେଇ।

-ଭଲ ବୋହୂଟିଏ। ଗାଡ଼ିରେ ବସି ମିନିବୋଉ କହିଲେ।

-ଦେଖୁ ଦେଖୁ ଚିହ୍ନି ପକେଇଲ?

-ଦେଖିବ ସେ କେବେହେଲେ ଖରାପ ପଡ଼ିବ ନାହିଁ।

-କେତେ ଜାଗାରେ ଦେଖିଲିଣି। ନା! ଖାଲି ଏଇ ଗୋଟାକ? ବରଷେ ଦି'ବରଷ ଯାଉ, ତା ପରେ ତାଙ୍କ ନିଜ ରୂପ ବାହାରିବ। ଆଲୋ ''ହାତିଅନ୍ଧା ପାଖେ ନଡ଼ିଆ ଗଛ, ଘରକୁ ମାଡ଼ିଲା ଛିଅ, ବୋହୂଙ୍କର ଗୁଣ ଡାଣ୍ଡେ ମହକିବ, ଦିଶିଲାଣି ଥୟ ହୁଅ।''

-ତୁ ତ ସବୁ ଜାଣିଛୁ....

-କାହିଁକି, ତମେ ଦେଖ, ସେଇ ବୋହୂ ଆସିଲାବେଳେ ତାଙ୍କ ରୂପ ଥାଏ ଗୋଟାଏ ରକମର... ପିଲାଟିଏ ହେଲାପରେ ହୁଏ ଆଉ ରକମର....ପୁଣି ମୁରବି

ହେଲାପରେ ଆଉ ଗୋଟାଏ ରକମର। ସେତେବେଳେ ଶାଶୁ କାହାକୁ ମୁଠାଏ ଭିକ ଦେଲେ ବୋହୂ ଯାଇଁ ପୁଅ ପାଖରେ ଫେରାଦ ହୁଏ, ''ଘର ଉଜାଡ଼ି ଦଉଛନ୍ତି....' ଏଣେ ନିଜେ ପଛକେ ମାସରେ ମୁଠା ମୁଠା ଟଙ୍କା ପାଉଡ଼ର, ଅତର, ସିନେମାରେ ବିଞ୍ଚି ଦେଉଥିବେ—ସେତକ ବୋହୂ କି ପୁଅ—କାହାରି ଆଖିକି ଦୁଶେନାହିଁ....

-ହଁ, ସେଇଆ ନୁହଁ ତ କଣ।

ସମର୍ଥନ ପାଇ ଯଦୁବୋଉ ଦୁଇ ଗୁଣ ଜୋରରେ କହିଲେ-ଏଇ ଆଜି ଦେଖିଲ ନାଇଁ, ହଳଦି ଟିକିଏ ବାଟି ପକେଇ ହାତକୁ କେମିତି ରଙ୍ଗେଇ ଆମ ପାଖକୁ ଆସିଥିଲା... ମାୟାଟାର ତ ଟିକିଏ ହେଲେ ମୁହଁ ଲାଜ ନାହିଁ, ତାକୁ ହାତେ ହାତେ ଧରେଇ ଦେଲା। ଆଲୋ ବୁଲୁଥିଲୁ ତ ବୁଲୁଥିଲୁ, ଆମକୁ ଦେଖି କିଆଁ କାମ କରିବାକୁ ଧାଇଁଗଲୁ ?

-ସତେ ? ଆଲୋ ଏତେକଥା କେତେବେଳେ ହୋଇଗଲା ବା ? ମୁଁ ତ କିଛି ବୁଝି ପାରିଲି ନାହିଁ...ତୁ ସେଇଥିପାଇଁ ମତେ ଚୁମୁଟୁ ଥିଲୁ କି? ମୁଁ ଭାବୁଥିଲି ସିନୀ ତୁ ସେ ଚାକରର କାନମୂଳ ଆବୁକୁ ଦେଖଉଚୁ ବୋଲି ? ହସି ହସି ମିନିବୋଉ କହିଲେ।

-ଜାଣିବାକୁ ବସିଲେ ସବୁ ଜାଣିହେବ, ନ ଜାଣିବାକୁ ବସିଲେ କିଛି ଜାଣିପାରିବ ନାହିଁ...ଆଗୋ, ମୋ ନିଜର ପରା ଗୋଟାଏ ବୋହୂ ଅଛି... ଖାଲି ମୁଁ ଟିକିଏ ଟାଣୁଆ ପଡ଼ିଚି ବୋଲି ସେ ଚପିକରି ଅଛି, ନଇଲେ ସିଏ ମତେ କେବେଠୁ ବାରିଆଡ଼କୁ ତଡ଼ିଦେଇ ସାରନ୍ତାଣି...ଜାଣିଚ ତ ମୋର କେମିତି ଶାଣଦିଆ ମୁହଁ... ପଦେ କହିଲେ ଦଶପଦ ଝାଡ଼ି ଦେଇଯାଏ.... ନିଜେ ପୁଅ ଡ଼ରୁଚି, ବୋହୂ ନ ଡ଼ରି ଯିବ କୁଆଡ଼େ ? ଯେଉଁଦିନ ମୋ କଥାରୁ ବାହାରିଯିବ, ସେଇଦିନ ସେମାନଙ୍କୁ ଘରୁ ବାହାର କରିଦେବି... ପୁଅ ମୋର ନହେଲା ନାହିଁ, ପୋଷିଆଁ ପୁଅ ହବାକୁ ମତେ ବହୁତ ଲୋକ ମିଳିବେ....ମୁହଁରେ ଟିକିଏ ନିଆଁ ଦେବା କଥା ତ ? ଏମାନ ମତେ ନେଇ କୋଉ ସ୍ୱର୍ଗରେ ବସେଇ ଦେବେ, ଆଉ ସେମାନେ ପାରିବେ ନାହିଁ ? ଯଦୁବୋଉ ସମର୍ଥନ ପାଇବା ଆଶାରେ ସଙ୍ଗାତଙ୍କ ମୁହଁକୁ ଚାହିଁଲେ।

ମିନିବୋଉ ବସି ଅନ୍ୟ କଥା ଭାବୁଥିଲେ। ତାଙ୍କୁ ଚୁପ୍ ରହିବାର ଦେଖି ଯଦୁବୋଉ କହିଲେ—ଫୁଲେଇ ବୋହୁଗୁଡ଼ାକୁ ମୁଁ ଦି' ଆଖିରେ ଦେଖିପାରେ ନାହିଁ। କିଓ, ବାହା ତ ହେଲ, ମୁରବି ହେଲ, ସବୁଥିରେ ଘରଣୀ ପାଲଟିଲ, ଆଉ ଏତେ ଫୁଲେଇ ହଉଚ କାହିଁକି ? ସତେ ଯେମିତି ସେହିମାନେ ଏକା ପିଲା ଜନମ କରୁଛନ୍ତି, ଆଉ ତାଙ୍କ ଶାଶୁମାନେ କରି ନାହାନ୍ତି ! ପାନସିଠାଟକ ରିକ୍‌ସା ବାହାରକୁ ଫିଙ୍ଗିଦେଇ ଯଦୁବୋଉ ହସି ହସି ପୁଣି ଆରମ୍ଭ କଲେ, ''ଗୋଟାଏ ମଜାକଥା ଶୁଣ। ଗତସାଲ ପଞ୍ଚୁକ ବେଳକୁ ମୁଁ ପୁରୀ ଯାଇଥିଲି। ଦିନେ ଆମ ସାହିର ଜଣକ ଘରକୁ ବୁଲି ଯାଇଥିଲି, ଶାଶୁ ଯେ ଏଡ଼େ-''

ଅନ୍ୟମନସ୍କ ଭାବରେ ମିନିବୋଉ କହିଲେ–ମହୀବୋଉଟା ବଡ଼ କପାଳିଆ। ବିରକ୍ତ ହୋଇ ଯଦୁବୋଉ କହିଲେ–ହେତ୍, ମହୀବୋଉ କଥା ବସି ଭାବୁଛି।

-ନାଇଁ ମ, ମୁଁ ସବୁ ଶୁଣୁଚି। କ'ଣ ସେ ଶାଶୁ କଥା କହୁଥିଲୁ ?

-ହଁ କ'ଣ କହୁଥିଲିଟି ? ଶାଶୁଟୀ ଏଡ଼େ ରୋଗୀଣା, କହିଲେ ମିଛ ବୁଝିବୁ, ଦିହରେ ପଳେ ହେଲେ ମାଂସ ନାହିଁ। କିନ୍ତୁ ବୋହୂ ଠିକ୍ ତାର ଓଲଟା। ଗୋଟିଏ ହାତରେ ଶାଶୁ ଭଳିଆ ଚାରିଟାଙ୍କୁ ଟେକିଦବ। ଦି'ପୁଅରୁ ସାନଟି ତା ବୋହୂକୁ ନେଇ ବିଦେଶରେ ଅଛି। ବାକି ଘରେ ରହିଛନ୍ତି ବଡ଼ ପୁଅ, ବଡ଼ ବୋହୂ, ଗୋଟିଏ ନଣନ୍ଦ ଆଉ ବୁଢ଼ାବୁଢ଼ୀ। ବୋହୂଟିକୁ ଗେହ୍ଲା କରି କରି ସମସ୍ତେ ଏମିତି ମୁଣ୍ଡରେ ବସେଇଚନ୍ତି ଯେ ସେ କୁଆଡ଼େ ଘରେ କୁଟା ଖଣ୍ଡକୁ ଦି ଖଣ୍ଡ କରେ ନାହିଁ...

ଏତିକିବେଳେ ହଠାତ୍ ମିନିବୋଉ ଛିଙ୍କିଲେ।

-ଓହୋ, ଛିଙ୍କ ପଡ଼ିଲା। ସତ୍ ସତ୍...ହଁ, କ'ଣ କହୁଥିଲିଟି ? ଟିକିଏ ରହିଯାଇ ଯଦୁବୋଉ ଅଧା ରହିଥିବା କଥା ମନେ ପକାଇ କହିଲେ-ସେ ବୋହୂ ଘରେ କୁଟା ଖଣ୍ଡକ ଦି'ଖଣ୍ଡ କରେ ନାହିଁ, ଆମେ ଯାଇଥିଲୁ ଯେ, ଶାଶୁ ଆମ ପାଇଁ ପାନ ଭାଙ୍ଗୁଥିଲା। ଏତିକିବେଳେ ଉପର ମହଲାରେ ଥାଇ ବୋହୂ କହିଲା, ''ବୋଉ, ମତେ ଖଣ୍ଡେ ପାନ'। ଶାଶୁ କହିଲା ଯେ, ମୋର ମୁଣ୍ଡ ବୁଲାଉଚି, ମୁଁ ଉଠି ପାରିବି ନାହିଁ। ତୁ ଆସି ନେଇଯା। ତେଇଁକି ସେ ଅଲାଜୁକୀ ବୋହୂ ପୁଣି ଗେହ୍ଲେଇ ହେଇ କହୁଥାଏ 'ନାଇଁ ତେମେ ନିଜେ ଆସି ଦେଇଯା'...ଆଲୋ ମୁଁ ତ କାବ୍‌ବା...କଥା କ'ଣନା ବୋହୂ ଗୋଡ଼ରେ କଣନଖାଟାଏ ହେଇଚି ବୋଲି ଡାକ୍ତର ଚାଲିବାକୁ ମନା କରିଛି...ଶୁଣିଲୁ ? ଏମିତି ଗୁଣର ବୋହୂକୁ ସେ ଶାଶୁ ପୁଣି ଦିନ ରାତି ମୁଣ୍ଡରେ ବସେଇଥାଏ...ମୋର ଏମିତି ଗୋଟାଏ ବୋହୂ ଥିଲେ, ହେଁ, କୋଉ ଦିନରୁ ତାକୁ ସଳଖି ଦେଇ ସାରନ୍ତିଣି...ଆଲୋ, ଆମେ ସିନା ବୋହୂ କରିଥିଲୁ ସେବା ପାଇବାକୁ...ସେତକ ତ ଚୁଲିକି ଗଲା...ତହିଁ ଉପରେ ପୁଣି ଏ ବୁଢ଼ୀ ବୟସରେ ତାଙ୍କ ସେବା କରିବୁ!

ସବୁ ଶୁଣି ମିନିବୋଉ କହିଲେ...ଏ କାଳ ତ ହେଲା ସେଇଆ...କାହାକୁ କହିବ ? ...କପାଳ କଥା...

-ଯାହା କହିଲ, 'କପାଳ ଦଶା, ଘରେ ଗିରୀଷମ, ବାହାରେ ମଶା'...

ଦେହରେ ଗୋଟାଏ ଜାଗା ଗଲୁ କଲେ, ଯେମିତି ସେଇଟା ଧୀରେ ଧୀରେ ଚାରିଆଡ଼େ ବ୍ୟାପିଯାଏ, ସେମିତି ଗୋଟିଏ ବୋହୂ କଥାରୁ ଆଉ ଗୋଟିଏ, ଆଉ ଗୋଟିଏ ହୋଇ କେତେ ବୋହୂଙ୍କ କଥା ପଡ଼ିଗଲା। ବାଟ ସରିଗଲା କିନ୍ତୁ କଥା ସରିଲା

ନାହିଁ। ହଠାତ୍ ଏଡ଼େ ସୁନ୍ଦର କଥା ମଝିରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ଯଦୁବୋଉଙ୍କ ମନ ବଳିଲା ନାହିଁ। ନିଜ ଘର ସାମନାରେ ଗାଡ଼ି ଅଟକିବାର ଦେଖି ସେ ମିନିବୋଉଙ୍କ ହାତ ଧରି ଭିଡ଼ିଲେ ଆସ ବା' ଟିକିଏ ବସିବ...ଯିବ ତ, ଏମିତି ତରବର କାହିଁକି ?

''-ନାଇଁଲୋ, ଆଜି ବେଳ ନାହିଁ। ସେଣେ ଛୁଆଗୁଡ଼ାକ ମତେ ଚାହିଁଥିବେ...ଆଉ ଯାହା ଘର ରହିଗଲା, ପରେ ଯିବି'' କହି ମିନିବୋଉ ରିକ୍ସାବାଲାକୁ ଆଗେଇ ଯିବାକୁ କହିଲେ।

ଦିନଯାକ କାବେରୀ ମନ ଭଲ ନାହିଁ। ଏତେ ଲୋକଙ୍କ ଆଗରେ ମାୟା ତାକୁ ଚିହ୍ନା ପକେଇ ଦେଲା। ''ଟୋକୀ ଖଣ୍ଡକ କିଛି କମ୍ ନୁହେଁ-କାବେରୀ ମନେ ମନେ ଦାନ୍ତ ଘଗଡ଼ିଲା-''ଛି, ସେମାନେ କଣ ଭାବିଥିବେ ! ଶାଶୁ ବି କ'ଣ ମନେ କରିଥିବେ ? ମାୟା ସିନା ପଦେ କହିଲା, କିନ୍ତୁ ସେଇ ଯୋଉ ଯଦୁବୋଉ, ସେଇତ ଏକା ଘର ଘର ବୁଲି ଏ କଥା ବନେଇ ଚୁନେଇ କହିବେ।'

ପ୍ରକୃତରେ ଯେ କାବେରୀର ଭାବନା ଭୁଲ, ତା ନୁହେଁ। ସେଦିନ ଯଦୁବୋଉ ଯାହା ଶୁଣିଲେ, ସେଥିରେ ତାଙ୍କ ପେଟ ପୂରି ଯାଇଥିଲା। ଏମିତି ପର ବିଷୟରେ ଚର୍ଚ୍ଚା କରୁକରୁ ଯଦୁବୋଉଙ୍କ ବେଳ କୁଆଡ଼େ ଗଡ଼ି ଚାଲିଯାଏ। ଏତକ ମଧ୍ୟ ମାନିବାକୁ ହବ ଯେ, ମାଇପି ମହଲରେ ଯଦୁବୋଉଙ୍କ ଆଦର ବେଶି। ସେ ଯେଉଁଠି ବସି ପଡ଼ିବେ, ମାଇପେ ଆସି ଘେରିଯିବେ-କିଏ ଅପା, କିଏ ସହୀ, କିଏ ସଂଗାତ।

ପଛଆଡ଼େ ମାଣ୍ଡି ଭରାଦେଇ, ଗାଲରେ ହାତ ରଖି, କଳରେ ପାନ ଯାକି ଯଦୁବୋଉ ଯେତେବେଳେ ଅନ୍ୟର ନିନ୍ଦା କରି ବସନ୍ତି, ନ ଦେଖିଲା ଲୋକର ବି ଥରେ ଶୁଣିବାକୁ ଇଚ୍ଛା ହବ। ସଭାରେ ଜଣକର ହାଇ ଆସିଲେ ତାହା ଯେମିତି ସଂକ୍ରାମକ ରୋଗପରି ଜଣକଠାରୁ ଅନ୍ୟ ଜଣକୁ ଡେଇଁଯାଏ, ସେମିତି ଯଦୁବୋଉଙ୍କର ପର ନିନ୍ଦା ଶୁଣିଲେ ପାଖ ମାଇପଙ୍କର ମଧ୍ୟ ପାଟି ଖଲ ଖଲ ହୁଏ ଦି'ପଦ କହିଦେବାକୁ। ସବୁ ଶୁଣିସାରି ନିଜର ପୁଞ୍ଜି ବଢ଼େଇ ଯଦୁବୋଉ ଚାଲନ୍ତି ଆଉ ଜଣଙ୍କ ଘରକୁ। କାହାରି ଘର ଖବର ତାଙ୍କୁ ଅଛପା ରହେ ନାହିଁ। କୋଉଠି ସୋରିଷ ଫୁଟିଲେ, ତାଙ୍କ ନାକକୁ ବାସନା ଯାଏ। ସେଇ ଯଦୁବୋଉଙ୍କ ସାମନାରେ ଆଜି କାବେରୀ ଧରା ପଡ଼ିଯାଇଛି।

ପାଣିରେ ଟେକାଟିଏ ପଡ଼ିଲେ ତାହା ଯେମିତି କିଛି ସମୟ ପାଇଁ ପାଣିକି ଚହଲେଇ ଦେଇ ପୁଣି ସ୍ଥିର ହୋଇଯାଏ, ସେମିତି କାବେରୀର ମନ କିଛି ସମୟ ପାଇଁ ଦିଲିଗିଲି ହୋଇ ପୁଣି ପୂର୍ବ ଅବସ୍ଥାକୁ ଫେରିଆସିଲା।

ପରଦିନ ନିଦ ଭାଙ୍ଗିବାମାତ୍ରେ କାବେରୀର ପ୍ରଥମେ ନିମନ୍ତ୍ରଣ କଥା ମନେପଡ଼ିଲା। ପ୍ରକୃତରେ ମିନିବୋଉଙ୍କ ଘରକୁ ଯିବାରେ ତାର ଏକମାତ୍ର ଉଦ୍ଦେଶ୍ୟ ତାଙ୍କ ବୋହୂକୁ ଦେଖିବା। ସେ ମାୟାଠାରୁ ଶୁଣିଛି ତାଙ୍କ ବୋହୂ କୁଆଡ଼େ ଭାରୀ ସୁନ୍ଦର। କାବେରୀ ବିଛଣାରେ ଶୋଇ ଶୋଇ ଭାବିବାରେ ଲାଗିଲା-ସେ ବୋହୂ କ'ଣ ତା'ଠାରୁ ବେଶୀ

ସୁନ୍ଦର ?

ବେଳ ଗଡ଼ିଯାଉଛି। ଖରାବେଳେ ସମସ୍ତେ ଖାଇପିଇ ଶୋଇବା ପରେ କାବେରୀ ନିଜ ନଖରେ ରଙ୍ଗ ବୋଳି ବସିଲା। ନିଜକୁ ସଜେଇବା ଯେପରି ଆଜି ତାର ଏକମାତ୍ର ଚିନ୍ତା। ଗହଣା ବାକ୍ସ ଖୋଲି ବାଛି ବାଛି କେତୋଟି ଗହଣା ପିନ୍ଧି ଆରିସି ଆଗରେ ଠିଆହୋଇ ଦେଖିଲା ମାନୁଛି କି ନାହିଁ। କିଛି ବେଳ ଏହିପରି ଗହଣା ପିନ୍ଧା-ଉତୁରା ହେବା ପରେ ସେ ବାକ୍ସରୁ ବାଛି ବାଛି ଶାଢ଼ୀ କାଢ଼ିଲା।

ସଞ୍ଜ ହେବାକୁ ଆଉ ଅଳ୍ପ ବାକି। ସମସ୍ତେ ଲୁଗାପଟା ପିନ୍ଧି ସାରିଲେଣି। ପିଲା ଚାରିଜଣ ଖୁସିରେ ଖାଲି ଏପଟ ସେପଟ ହେଉଛନ୍ତି-ଗାଡ଼ି ଆସିଲେ ସେମାନେ ଯିବେ। ବେଳେ ବେଳେ କାବେରୀ ମୁହଁକୁ ଥରେ ଚାହିଁଦେଇ ଯାଉଛନ୍ତି-''କେଡ଼େ ସୁନ୍ଦର ଦିଶୁଛନ୍ତି।' ଉପରେ ପଡ଼ି କାବେରୀକୁ ଟିକିଏ ସଜାଡ଼ି ଦେଉ ଦେଉ ମାୟା କହିଲା-ତମର ସେ ପଥର-ବସା ହାରଟା ପିନ୍ଧିଲା ନାହିଁ ଭାଉଜ'ଉ ? ରାତିରେ ମାନି ଥାଆନ୍ତା।

-କେଜାଣି ସେଇଟା କୋଉ ଭିତରେ ପଡ଼ିଛି ପାଉନାହିଁ।

-ଚାଲ, ମୁଁ ଖୋଜିଦେବି। ଏଇଟା ପିନ୍ଧ ନାହିଁ...ତମ ବେକକୁ ମୋଟେ ମାନୁନାହିଁ।

କୁନା କାବା ହୋଇ କାବେରୀ ମୁହଁକୁ ଚାହିଁଛି-ଅପା, କୋଉ ହାର ମ ? ସେଇ ଯୋଉ ହାରଟା ବଲାଅପା ପିନ୍ଧିଚି ଟି ?

-ନାଇଁ ମ, ତୁ ଜାଣିନୁ...ସେଇଟା ତା ହାର।

-ନାଇଁ ଅପା, ମୋର ଠିକ୍ ମନେଅଛି ପରା, ବୋଉ ବାପାଙ୍କୁ କହୁଥିଲା-।

ହଠାତ୍ କୁନା ଗାଲରେ ଗୋଟାଏ ଚଟକଣା ବସିଲା-ଯୋଉ କଥା ଜାଣିନୁ, ପାଟି କରିବୁ ନାହିଁ। ତୁ ମୋଠୁଁ ବେଶି ଜାଣିଛୁ ?

କାବେରୀର ବଡ଼ ଆଖି ଦେଖି କୁନା ଚପିଗଲା। ନିଜର ଦୋଷ ବୁଝି ନପାରି ତଳକୁ ଅନାଇ ନଖରେ ଗାର କାଟିବାକୁ ଲାଗିଲା। କାବେରୀର ରାଗ ବାହାରିବାର ଅନ୍ୟ ବାଟ ନ ପାଇ ପୁଣି କୁନାକୁ ଆକ୍ରମଣ-କାଇଁକି ଗୋଡ଼ ମଇଳା କରୁଚୁ ?

ଏଥର ଆଖି ଲୁହ ଆଖିରେ ଚପି ନ ପାରି ପାଟିବାଟେ ଶବ୍ଦର ସହିତ ବାହାରି ଆସିଲା। ଆଉ କିଛି ନ ପାଇ କାବେରୀ କୁନାକୁ ଧକ୍କାଏ ଦେଇ ହସିଲା ମୁହଁରେ କହିଲା...ବହୁତ ହେଇ ଗଲା, ଏଥର ଚାଲ ମୁହଁ ସଫା କରି ଆସିବ।

ଲୁହ ଚିଳିବିଳା ମୁହଁକୁ ଦୁଇ ହାତରେ ନେସି ନେସି କୁନା ସେମିତି ଖୁଣ୍ଟପରି ଠିଆହୋଇ ରହିଲା। ମନରେ ଡର। ଅପା ସାଙ୍ଗରେ ଗଲେ ଘର ଭିତରେ ଅପା ନିଶ୍ଚେ ବାଡ଼େଇବ। କାବେରୀ ନଛୋଡ଼ବନ୍ଧା-କିରେ ଆସୁଛୁ ନା ପୁଣି ଦେଖିବୁ ?

ଏତେବେଳଯାଏ ମାୟା ଚୁପହୋଇ ସବୁ ଦେଖୁଥିଲା। ଏଥର ଆଗେଇ ଆସି କୁନାର ହାତଧରି ଟିକିଏ ଆଦର କରି ଘର ଭିତରକୁ ନେଇଗଲା-ଓଠରେ ଚାପା ହସ। କାବେରୀ ଦେହ ଜଳିଗଲା-ମୁହଁପୋଡ଼ାଟା ସବୁ ଧରା ପକେଇଦେଲା। ନିଶ୍ଚେ

ମାୟା ବୁଝିଛି। ନ ହେଲେ ଏମିତି ହସନ୍ତା କାହିଁକି ? ଏଣିକି ସମସ୍ତେ ଜାଣିବେ...ହ, ଜାଣିଲେ ଜାଣନ୍ତୁ। ମୋ ଜିନିଷ ମୁଁ ଯାହା କଲି। କାବେରୀ ମନକୁ ମନ ସାନ୍ତ୍ୱନା ଦେଲା !

ତା'ପରେ କୁନା ପାଖକୁ ଯାଇ କାବେରୀ କହିଲା-କୁନା ! ଆ, ପାଉଡ଼ର ଲଗେଇବୁ।

-ନାଇଁ, ମୁଁ ଏଇଠି ଲଗେଇବି।

-ଯାଉନୁ, ଅପା ଡାକୁଚି ପରା ! ମାୟା କହିଲା।

ଅନିଚ୍ଛା ସତ୍ତ୍ୱେ କୁନା ଆସ୍ତେ ଆସ୍ତେ କାବେରୀ ସାଙ୍ଗରେ ବାହାରି ଆସିଲା। ମୁହଁ ଶୁଖି ଯାଇଛି। ଥରକୁ ଥର କାବେରୀ ମୁହଁକୁ ଡ଼ରିଲା ଆଖିରେ ଚାହୁଁଥାଏ। ମୁହଁରେ ତା'ର ପାଉଡ଼ର ଲଗେଇ ଦେଇ କାବେରୀ ତୁନି ତୁନି କହିଲା-ତତେ ଯିଏ ଯାହା ପଚାରିବ, କହିବୁ ମୁଁ ଜାଣି ନାହିଁ ବୁଝିଲୁ ?

ମାଡ଼ ବଦଳରେ ଆଦର କଥା ଶୁଣି କୁନା ଖୁସି ହୋଇଗଲା। ଅପା ହସୁଛି। ମାୟାର ମୁହଁ ଦୁଆର ବନ୍ଧରେ ଦିଶିଲା। ଭାଉଜ'ଙ୍କ ଗାଡ଼ି ଆସିଲାଣି...କିରେ କୁନା ଭାରି ହସ ଯେ ?

"ମୁଁ କିଛି ଜାଣି ନାହିଁ" କହି କୁନା ଗୋଟିଏ କୁଦା ମାରି ଘରୁ ବାହରି ଚାଲିଗଲା। ତା ପଛେ ପଛେ କାବେରୀ ଓ ମାୟା ବାହାରି ଆସିଲେ ।

ମୁରଲୀବାବୁଙ୍କ ଘର। ଚାରିଆଡ଼େ ଦଳ ଦଳ ହୋଇ ସ୍ତ୍ରୀଲୋକ ବସିଛନ୍ତି। ସବୁ ଦଳରେ ଭିନ୍ନ ଭିନ୍ନ କଥା ନେଇ ଚର୍ଚ୍ଚା ପଡ଼ିଛି। କୋଉଠି ସିନେମା ଗପ, କୋଉଠି ବାପଘରର, ଶାଶୁଘରର ବଡ଼େଇ, ଆଉ କୋଉଠି ନିତିଦିନିଆ ଘରକରଣା କଥା। ବୁଢ଼ୀଦଳ ଭିତରୁ ଅନେକଙ୍କର କାନ କଥାରେ ଥିଲେ ମଧ୍ୟ ଆଖି ରହିଛି ନିଜ ଝିଅ ନାତୁଣୀଙ୍କ ଉପରେ। ଜଣେ ସେହି ବସିଲା ଜାଗାରୁ କୁହାଟ ଛାଡ଼ୁଛନ୍ତି-ଆଲୋ ହେ ସାବି ! ଏଇଠିକି ଆ' ବା ବସିବୁ, ସେଣେ କୁଆଡ଼େ ଯାଉଚୁ ?

ସାବି ଶୁଣି କରି ନ ଶୁଣିଲା ପରି ଆଡ଼େଇ ଦଉଚି।

-ଇଲୋ ହେଇତି ଆସିଲେଣି। ମିନିବୋଉ ଉଠିଆସି ମହୀବୋଉଙ୍କ ହାତ ଧରିଲେ। ଅଇଛା ତମରି କଥା ପଡ଼ିଥିଲା ପରା। ତମର ବହୁତ ଆଇଷ।

-ହଁ, ଏତେ ଆଇଷ ମୋର କ'ଣ ହେବ ? ତମେ ଅଧେ ନିଅ। ହସି ହସି ମହୀବୋଉ କହିଲେ।

ଘର ଭିତରେ ଲୋକ ଖୁନ୍ଦାଖୁନ୍ଦି। ହଠାତ୍ ସମସ୍ତଙ୍କ ଆଖି ଦିଗନିରୂପଣ କଣ୍ଟାପରି ଘୁରିଯାଇ ମହୀବୋଉଙ୍କ ପଛରେ ଥିବା କାବେରୀ ଉପରେ ପଡ଼ିଲା। ସମସ୍ତଙ୍କୁ ନ ଚାହିଁ କରି ମଧ୍ୟ କାବେରୀ ସେତକ ବୁଝିନେଲା।

ମାୟା ଥରେ ଚାରିଆଡ଼େ ଭଲକରି ଦେଖିନେଲା। ସମସ୍ତେ ଚିହ୍ନା-ସମସ୍ତେ ପାଖରେ ବସିବାକୁ ଡାକୁଛନ୍ତି। ମହୀବୋଉ ତାଙ୍କ ମହଲକୁ ଚାଲି ଗଲେଣି। ମାୟାପଛରେ କାବେରୀ ରହିଛି। ବାଟ କାଟି ଯାଉ ଯାଉ ଜଣେ କିଏ ତା'ର ଜାନି ଭିଡ଼ିଧରି ବସେଇ ଦେଲା। ସାମାନ୍ୟ ବିରକ୍ତ ହୋଇ ମାୟା ତଳକୁ ଚାହିଁ କହିଲା-କିଏ ମ, ଅଭଦ୍ରଙ୍କ ପରି ଲୁଗାଟା ଭିଡ଼ି ଦଉଚି।

-ହଁ, ଆଉ କାହିଁକି ଚିହ୍ନିବୁ ?

-ଆରେ ତୁ ଏଠି? କ'ଣ ଏକାଥରେ ଘରଣୀ ବନିଗଲୁଣି! ମାୟା ସେଇଠି ବସି ପଡ଼ିଲା। ମୁଣ୍ଡରୁ ଲୁଗା ସାମାନ୍ୟ ଟାଣିଦେଇ ଟିକିଏ ଲାଜ ଲାଜ ହୋଇ କାବେରୀ ମାୟା ପିଠିକି ଲାଗି ବସିଲା।

ପିଲାଦିନର ସ୍କୁଲ ସାଙ୍ଗ ସୁରମା। ଅନେକ ଦିନ ହେଲାଣି ତା'ର ବାହାଘର। ତା ସାଙ୍ଗରେ ଯେ ଏତେ ଦିନ ପରେ ଏପରି ଭାବରେ ଦେଖାହେବ, ମାୟା ଭାବି ନ ଥିଲା। ମୁଣ୍ଡ ଟନ୍ଦା ହୋଇ ଆସିଲାଣି, ଗାଲର ହାଡ଼ ବାହାରି ପଡ଼ିଚି। ଚଉଡ଼ା ସୁଣ୍ଡାରେ ସିନ୍ଦୂର ଗାର ଦେଖିଲା ଲୋକ ଆଖିରେ କୌଣସି ପ୍ରକାର ସୌନ୍ଦର୍ଯ୍ୟର ଛାପ ଆଣିବ ନାହିଁ। କଳା ଆଖି ପେଚୁଆ ପଡ଼ିଚି। ମାୟାର ପାଟି ମେଲି ହୋଇଗଲା...ଏଇ କ'ଣ ସତରେ ସେଇ ସୁରମା, ଯାହାର ସୁନ୍ଦର ଆଖି ଦିଓଟି ଏବେ ଯାଏ ବି ସେ ଭୁଲି ପାରି ନାହିଁ? ମଣିଷ କେତେ ବଦଳିଯାଏ ସତେ!

-କ'ଣ ସବୁ ଭଲ ତ? ଓଠରେ ହସଟାଣି ମାୟା ଚାହିଁଲା।

-ହଁ, ଏଇତ ଦେଖୁଚୁ...ଇଏ କିଏ କି? କାବେରୀକୁ ଦେଖେଇ ସୁରମା ପଚାରିଲା।

-ମୋ ଭାଇର ବିବିଯାନ୍...ଆଗେ ଶୁଣେ ତୋର ଏମିତି କାହିଁକି ରୂପ ହୋଇଛି ?

-ମଲା, ତୁ ସିନା ଟୋକୀ ଅଛୁ। ଆମେ ତ ବୁଢ଼ୀ ହବାକୁ ବସିଲୁଣି। ସୁରମା ହସି ହସି କାବେରୀକୁ ଚାହିଁଲା। କାବେରୀ ଅନ୍ୟ କୌଣସି କଥା ନ ପାଇ ପଚାରିଲା-ତମର କ'ଣ ଏଇ ଗୋଟିକ ଝିଅ ?

କୋଳ ଛୁଆକୁ ଚାହିଁ ସୁରମା କହିଲା-ଏଇ ଗୋଟିକ! ପାଞ୍ଚଟା ଛୁଆ।

-ଆଉ ସବୁ ?

-ବାହାରେ ସବୁ ଖେଳୁଛନ୍ତି, ଏଇଟା ତ ମୋ ପାଖ ଛାଡୁନାହିଁ। ତାଙ୍କ ବାପା କହନ୍ତି-

ସୁରମାକୁ କଥା ସାରିବାକୁ ନ ଦେଇ ମାୟା କହିଲା-ଏଗୁଡ଼ାକର ଆଉ କିଛିଗପ ନ ଥାଏ...କିରେ ବାହା ହବ ବୋଲି କ'ଣ ଖାଲି ପିଲାଛୁଆ, ବାପା, ଏଇ ଗପ? ଧେତ୍ ତମେ ତମର ଛୁଆର ବାପାଙ୍କ କଥା ଗପୁଥା, ମୁଁ ମୋର ଚାଲିଲି। ଜବାବକୁ ଅପେକ୍ଷା ନ କରି ମାୟା ଅନ୍ୟ ଗୋଟିଏ ଦଳକୁ ଚାଲିଗଲା।

ସୁରମା ଚାହିଁଲା କାବେରୀ ମୁହଁକୁ। ତା କଥା ଜାଣିବାକୁ କାବେରୀ ଯେମିତି ଉତ୍ସୁକ। ସୁରମା ପୁଣି ତା'ର ଘର ସଂସାର କଥା ଆରମ୍ଭ କଲା। ସାରାଂଶ

ହେଲା-ସ୍ୱାମୀ ତା'ର ଭାରି ଭଲ ମଣିଷ, ଶାଶୁ ଭାରି ଦୁଷ୍ଟ, ନଣନ୍ଦ ହେଲେ ଗୋଟାଏ ଥାନ୍ତେ ! କେଡ଼େ ହସ ଖୁସିରେ ଦିନ କଟି ଯାଇଥାନ୍ତା। ସ୍ୱାମୀ ତାଙ୍କୁ ବେଶି ଭଲ ପାଆନ୍ତି ବୋଲି ଶାଶୁ ସବୁବେଳେ ଖୁଣ୍ଟା ଦିଅନ୍ତି 'ମାଇପବୋଲା'।

ସୁରମାର ଦୁଃଖ କାହାଣୀ ଶୁଣି ସେଇ ଦଳର ଆଉ ଗୋଟିଏ ବୋହୂ ମତ ଦେଲା-ପ୍ରକୃତରେ ଶାଶୁ ନ ଥିବା ଘର କେଡ଼େ ସୁଖ। ସେତିକିବେଳେ ସେମାନଙ୍କ ମୁହଁକୁ ଚାହିଁ କାବେରୀ ଠିକ୍ ଓଲଟା ଭାବୁଥିଲା-''ନଣନ୍ଦର ଜ୍ୱାଳା ଏମାନେ କେହି ଜାଣି ନାହାନ୍ତି। ଏଇ ମାୟାପରି ଖଣ୍ଡେ ନଣନ୍ଦ ଯାହାର ଥିବ...''

ଗୋଟିଏ ଗୋଟିଏ କରି ସମସ୍ତେ ନିଜ ଘର କଥା ଗପି ଚାଲିଥାନ୍ତି। କାବେରୀ ଉପର ମନରେ ସେଥିରେ ଯୋଗଦେଲେ ବି ଭିତରେ ତା'ର ଆଖି ଚାରିଆଡ଼େ ଘୁରିବୁଲୁଚି। ସେ ଶୁଣିଥିଲା ମିନିବୋଉଙ୍କ ସାନବୋହୂ କୁଆଡ଼େ ଭାରି ସୁନ୍ଦରୀ। ତାକୁ ଟିକିଏ କେମିତି ଦେଖନ୍ତା।

-ବିନ୍ଦୁ !

ସମସ୍ତିଙ୍କର ଆଖି ଦୁଆରବନ୍ଧ ଆଡ଼କୁ ବୁଲିଗଲା। ମିନିବୋଉଙ୍କ ସାନପୁଅ ପ୍ରଭାସ ଘରଯାକ ଆଖି ବୁଲେଇ ବିନ୍ଦୁକୁ ଖୋଜିଗଲା। କାହିଁ ବିନ୍ଦୁ ? ଆଖି ପଡ଼ିଗଲା କାବେରୀ ଉପରେ। ପୁଣି ଥରେ ଭଲକରି ଚାହିଁଲା।

ପ୍ରଭାସକୁ କାବେରୀ ଆଡ଼େ ଚାହିଁବାର ଦେଖି ସୁରମା କହିଲା-କେଡ଼େ ବଜ୍ଜାରୀଟାଏମ ! ଦେଖିଲ କେମିତି ଚାହିଁଛି...

-ସେ କିଏ କି ? ଆଉ ଜଣେ ପଚାରିଲା।

ମୁରଲୀବାବୁଙ୍କ ସାବିପୁଅ ପରା...ବିନ୍ଦୁ ନାଁରେ ମାଇକିନିଆମାନଙ୍କୁ ଦେଖିବାକୁ ଆସିଛି।

ବାଆଁରେଇ ହେଇ କାବେରୀ ଫେରି ଚାହିଁଲା ପ୍ରଭାସ ଆଡ଼କୁ। ଓଠ କଣରେ ସ୍ନିଗ୍ଧ ହସ କାବେରୀ ମୁହଁର ସୌନ୍ଦର୍ଯ୍ୟକୁ ଦୁଇଗୁଣ କରି ଦେଲା। ସେ ଜାଣେ ତା ମୁହଁକୁ ହସ ଭାରିମାନେ।

ପ୍ରଭାସ ଚାହିଁଛି କାବେରୀ ମୁହଁକୁ-ଏ କିଏ ? ଡୋମା ଆଲୁଅ ତଳେ କାବେରୀର ମୁହଁ ଝଲସି ଉଠିଲା। ମୁହଁରେ ତାର ଗୋଲାପର ଆଭା, କପାଳରେ କୁଙ୍କୁମ ବିନ୍ଦୁ...ଆଖିରେ ସ୍ୱପ୍ନର ବିହ୍ୱଳତା। ଯେତେ ଦେଖିଲେ ବି ପ୍ରଭାସର ସେ ଦେଖା ଯେମିତି ଆଉ ଶେଷ ହେଉନାହିଁ।

ସେଣେ ଜଣେ ବିନ୍ଦୁକୁ କେଞ୍ଚିଲାଣି। ଭାଉଜ ଜଲଦି ଯା'। ନ ହେଲେ ତମର ସେ-

ବିନ୍ଦୁର ହସିଲା ମୁହଁ ପ୍ରଭାସକୁ ଚାହିଁ ଗମ୍ଭୀର ହୋଇଗଲା। ତାର ଆତ୍ମ ସମ୍ମାନରେ ବାଧା ଆସିଛି, ଉଠି ଯାଉ ଯାଉ ଥରେ କାବେରୀ ଆଡ଼କୁ ଚାହିଁଲା। ବିନ୍ଦୁକୁ ତାରିଆଡ଼େ ଚାହିଁବାର ଦେଖି କାବେରୀ ମୁଣ୍ଡର ଖସି ପଡ଼ିଥିବା ଲୁଗାଟାକୁ ଟିକିଏ ଟାଣିଦେଲା। ହାତର ଜଡ଼ଉକରା ଗହଣା ଆଲୁଅ ତଳେ ଝଲସି ଉଠିଲା। ବିନ୍ଦୁ

ଆସି ଠିଆ ହେଲା ବାହାରେ ।

-କ'ଣ ପ୍ରଭାସକୁ ଚାହିଁ ରୁକ୍ଷ ଗଳାରେ ବିନ୍ଦୁ ପଚାରିଲା ।

-ଆଲମାରୀ ଚାବିଟା କୋଉଠି ଅଛି ? ଖୁବ୍ ବ୍ୟସ୍ତ ଥିଲା ପରି ପ୍ରଭାସ ପଚାରିଲା ।

ଚାବି ନେଳାଟା ପ୍ରଭାସ ହାତରେ ମାଡ଼ି ଦେଇ ବିନ୍ଦୁ କହିଲା "ଯଦି କାହାକୁ ଦେଖିବାକୁ ଇଚ୍ଛା ତେବେ ଭିତରକୁ ନ ଯାଇ ଏମିତି ଅଭଦ୍ରଙ୍କ ପରି ବାହାରେ ଚାହିଁବ ନାହିଁ"-କହିଦେଇ ବିନ୍ଦୁ ପୁଣି ନିଜ ଦଳକୁ ଫେରିଗଲା ସତ, କିନ୍ତୁ ଗପରେ ତା ମନ ଆଉ ଲାଗିଲା ନାହିଁ। ମନକୁ ଭୁଲାଇବାର ଯେତେ ଚେଷ୍ଟା କଲେ ବି ଯେମିତି କ'ଣ ଗୋଟାଏ ତାକୁ ବରାବର କେଂଟିବାରେ ଲାଗିଲା । ଆଖି ଥରକୁ ଥର କାବେରୀ ଉପରେ ପଡୁଥାଏ । କାବେରୀର ହାବଭାବ, ବେଶଭୂଷା ରେଖରୂପ ସବୁଥିରେ ଯେପରି ସେ ଦୋଷ ଖୋଜି ପାଇବାରେ ବ୍ୟସ୍ତ । କିନ୍ତୁ ଠିକ୍ ସେତିକିବେଳେ କିଏ ଯେମିତି ଭିତରୁ ତା ଭାବନାରେ ବାଧା ଦେଉଥାଏ ।

ବିନ୍ଦୁର ଆଖି ଏଡ଼ିବାକୁ କାବେରୀ ଜାଗା ବଦଳ କଲା । ନିଜ ଜାଗାରେ ବସିରହି ବିନ୍ଦୁ ମନକୁ ମନ ମୁହଁ ମୋଡ଼ିଲା-ଓଃ, ଟିକିଏ ସୁନ୍ଦର ହୋଇଛି ବୋଲି କେତେ ଯେ, ଫୁଲେଇ ହଉଚି ! ବିନ୍ଦୁ ମନ ଭୁଲେଇବାକୁ ଚେଷ୍ଟା କଲା । କିନ୍ତୁ ଗପ ଆଉ ଜମିଲା ନାହିଁ। ସନ୍ଧ୍ୟାବେଳର ବିନ୍ଦୁ ଯେମିତି ହଠାତ୍ ମରିଗଲା । ଏଇଟା ଯେମିତି ତାର ଗୋଟାଏ ପ୍ରେତାତ୍ମା ! ଯେତେ ଚେଷ୍ଟା କଲେ ମଧ୍ୟ ସେ କାବେରୀକୁ ଭୁଲି ପାରୁନାହିଁ। ନିଜ ସ୍ୱାମୀ ଉପରେ ରାଗ ହେଲା "କାହିଁକି ଯେ, ଏମିତି ବେହିଆଙ୍କ ଭଳି ହୁଅନ୍ତି..." ପୁଣି ମନକୁ ମନ ବୁଝେଇଲା ଏମିତି ବେଶ ହେଲେ ଯିଏ ହେଲେ ବି ସୁନ୍ଦର ଦିଶନ୍ତା । ତଥାପି ମନର ବିରକ୍ତି କେବଳ ବଢ଼ିବାକୁ ହିଁ ଲାଗିଲା । କାବେରୀ ଚାରିପଟେ ସମସ୍ତେ ମହୁମାଛି ପରି ଘେରି ଗଲେଣି । ବିନ୍ଦୁ ମନରେ ରାଗ ହେଲା ।

ଘୋ-ଘୋ ଭିତରେ ଏକୋଇଶା ଭୋଜି ସରିଗଲା । ବିଦା ହେଲାବେଳେ କାବେରୀ ଆସି ବିନ୍ଦୁର ହାତ ଧରିଲା-ଥରେ ଆମ ଘରକୁ ଯିବ ।

କଥାର ଜବାବ ନ ଦେଇ ବିନ୍ଦୁ କେବଳ କାବେରୀ ମୁହଁକୁ ଚାହିଁଲା । ଆଖି ତାର ଯେମିତି କାବେରୀ ରୂପକୁ ତଉଲିବାରେ ବ୍ୟସ୍ତ ।

-କ'ଣ ଯିବ କି ନାହିଁ ?

-ମୋର ବେଳ କାହିଁ ? ତମେ ଥରେ ଖରାବେଳିଆ ଦେଖି ଆସିବ ଯେ, ଗପ କରିବା... । କାବେରୀ ମୁହଁକୁ ଚାହିଁ ବିନ୍ଦୁ କହିଲା ।

ମୁହଁ ଉପରେ ହସି ହସି କଥା କହିଲେ ବି ଭିତରେ ଭିତରେ କାବେରୀ ମନରେ ଗର୍ବ ଓ ବିନ୍ଦୁର ଆହତ ମନର ଈର୍ଷା ପରସ୍ପରକୁ ଆଘାତ କରୁଥିଲା ।

କାବେରୀ ଚାଲିଗଲା । ତାକୁ ଛାଡ଼ିବାକୁ ଯାଇ ବିନ୍ଦୁ ଦୁଆର ମୁହଁରେ କିଛିବେଳ ସେମିତି ଠିଆହୋଇ ରହିଲା । ଜଣ ଜଣ କରି ବିନ୍ଦୁକୁ କହିଦେଇ ଯାଉଛନ୍ତି କିନ୍ତୁ ସେଆଡ଼କୁ ତାର ଖିଆଲ ନାହିଁ। ରାସ୍ତାରେ ସେହି ଝାପ୍‌ସା ଅନ୍ଧାର ଭିତରେ ତାର

ଆଖି ଦି'ଟା ଯେପରି କାବେରୀ ପଛରେ ଅନେକ ବାଟଯାଏ ଗୋଡ଼େଇଗଲା।

ଘରକୁ ଆସି କାବେରୀ ଦର୍ପଣ ଆଗରେ ଠିଆ ହେଲା। ସଞ୍ଜବେଳର ମୁହଁ ମଉଳି ଯାଇଛି କିନ୍ତୁ ମାଧୁରୀ ପୁରା ହଜି ନାହିଁ। ସେଇ ମୁହଁକୁ ଆଜି ଜଣ ଜଣ କରି ସମସ୍ତେ ପ୍ରଶଂସା କରିଛନ୍ତି। କେହି ମୁହଁ ଖୋଲି ନ କହିଲେ ମଧ୍ୟ କାବେରୀ ସେତକ ଠିକ୍ ବୁଝିପାରିଛି। ପ୍ରଭାସର ମୁହଁ ଆସି ଆଖି ଆଗରେ ଠିଆ ହେଲା। ସେ ଚାହାଣୀର ଦାଗ ତା ମନରୁ ଏଯାଏଁ ଲିଭି ନାହିଁ। ସେ ଚାହାଣୀରେ ଥିଲା କେବଳ କାବେରୀ ରୂପର ବନ୍ଦନା। ଆଉ ଥରେ କାବେରୀ ନିଜ ମୁହଁକୁ ଭଲକରି ଦେଖିଲା-ପ୍ରକୃତରେ ସେ ସୁନ୍ଦର...ସଞ୍ଜବେଳର ବେଶଭୂଷା ତେବେ ତାର ବ୍ୟର୍ଥ ହୋଇ ନାହିଁ। ମନ ଖୁସିରେ ଗୁଣୁଗୁଣୁ କରି ଗୀତ ବୋଲି କାବେରୀ ଲୁଗା ପାଲଟିବାକୁ ଗଲା।

ଦାଣରେ ଡାକବାଲାର ପାଟି-ଚିଠି ନିଅ।

ମୁଣ୍ଡକୁଣ୍ଡା ଅଧାରେ ବନ୍ଦରଖି ଟିକିଏ ବ୍ୟସ୍ତ ହୋଇ ମାୟା ବାହାରିଗଲା। ଦୁଇ ଖଣ୍ଡ ଚିଠି ଭିତରୁ ଖଣ୍ଡେ ତାର ଓ ଅନ୍ୟଟି ମହୀବୋଉଙ୍କର। ନିଜ ଚିଠିଟିକୁ ରଖିଦେଇ ମାୟା ପ୍ରଥମେ ମହୀବୋଉଙ୍କ ଚିଠିଟିକୁ ଫିଟେଇ ବସିଲା। ପଢୁପଢୁ ଭୁରୁ କୁଂଚେଇ ମାୟା ମହୀବୋଉଙ୍କ ପାଖକୁ ଚାଲିଲା। ମହୀବୋଉ ଏକ ମନରେ ବସି ଧନିଆ ଅଛାଉଥିଲେ। ତାଙ୍କ ପାଖରେ ଠିଆ ହେଇ, ଗୋଡ଼ ଛାଟି, ଶୁଣେଇ ଶୁଣେଇ ମାୟା କହିଲା-ଇଏ ଆଛା ସର୍କସ ଆସିଲା, ମଣିଷକୁ ଟିକିଏ ପଢ଼େଇ ଦେବେ ନାହିଁ...

-କାଇଁ କ'ଣ ହେଲା କି?

-ଏଇ ଦେଖନ୍ତୁ, ବନୁମାମୁଁ ଚିଠି ଦେଇଛି ଯେ ମା, ମାଇଁ, ହେରିକା ସମସ୍ତେ ଆସୁଛନ୍ତି। ବାବା, ଏତେ ମଣିଷ! ଏ ଘରେ ତ ଜାଗା ହବ ନାହିଁ, ନାଇଁଲୋ ବୋଉ? ମୁଁ ମୋର ଯାଇଁ ହଷ୍ଟେଲରେ ରହିବି।

-ଏଁ ସତରେ! କାଇଁ, ଚିଠି ଦେଖେଁ? ଧନିଆ ଅଛରା ବନ୍ଦ ରଖି ମହୀବୋଉ ମାୟାଠାରୁ ଚିଠି ଖଣ୍ଡିକ ନେଇ ପଢ଼ିବାକୁ ଉଠିଗଲେ। ପଢୁପଢୁ ତାଙ୍କ ମନରେ କେତେ କଥା ଖେଳିଗଲା। ତା ପରେ ଚିଠି ଖଣ୍ଡିକ ହାତରେ ଧରି କାବେରୀ ପାଖକୁ ଗଲେ। ମହୀବୋଉଙ୍କୁ ଘରେ ପଶିବା ଦେଖି ପଢୁଥିବା ବହି ଖଣ୍ଡିକ ଖଟ ଉପରେ ରଖିଦେଇ କାବେରୀ ଉଠି ଠିଆ ହେଲା।

-ଠିଆ ହେଲୁ କାହିଁକି? ବସ-ହସି ହସି ମହୀବୋଉ ଚିଠି ଖଣ୍ଡିକ ବଢ଼େଇ ଦେଇ କହିଲେ-ହେଇତି ଲୋ ବୋହୂ! ଦେଖିଲୁଣି, ଗାଁରୁ ଚିଠି ଆସିଛି। ଭାଉଜହେରିକା

କାଲି ଆସି ପହଞ୍ଚିବେ। ମହୀବୋଉଙ୍କର କଥା ଶେଷ ନ ହେଉଣୁ କାବେରୀ ଅତି ଆଗ୍ରହର ସହିତ ଚିଠି ଖଣ୍ଡିକ ନେଇ ପଢ଼ି ବସିଲା।

ମହୀବୋଉ ଚାଲିଗଲେଣି। ଚିଠିଟି ପଢ଼ିସାରି କାବେରୀ କିଛି ବେଳ ଆଖି ବନ୍ଦ କଲା। ମନରେ ତା'ର କେତେ କଥା ଖେଳିଗଲା। ଏଇ ଗାଉଁଲି ଲୋକଙ୍କୁ ତା'ର ପ୍ରାଣରେ ଡର। ଜିଭାରୁ ଜିଭା କାଢ଼ିବା ହେଲା ସେମାନଙ୍କ ପ୍ରକୃତି। ଏଇ ମୁହଁରେ 'ହଁ' କହି ଆଉ ମୁହଁରେ 'ନାହିଁ' କରିଦେବେ। ସାଙ୍ଗ ଡଳିର ମୁହଁ ଆସି ଆଖି ସାମନାରେ ଠିଆହେଲା। ବିଚାରୀ, ମଫସଲରେ ବାହା ହୋଇଥିଲା ଯେ କାହା ମନ ନେଇ ଚଳିପାରିଲା ନାହିଁ। ଶେଷକୁ ଛାଟିପିଟି ହୋଇ ସ୍ୱାମୀ ସାଙ୍ଗରେ ବାରିପଦା ଚାଲି ଆସିଲା।

ବୋହୂ ବୋଲି କୁଆଡ଼େ ତାକୁ ଅଧରାତିରୁ ଉଠି ଗାଧୋଇବାକୁ ହୁଏ-ଶୀତ ହେଉ କି ବର୍ଷା ହେଉ। ଘର ଗୋଟାକର କାମ ହାତରେ କରି ତା ଉପରକୁ ପୁଣି ଖୁଣ୍ଟା ଉଲୁଗୁଣା ଶୁଣିବାକୁ ହୁଏ। କାବେରୀର ଭାବନା ସେଇଠି ଅଟକିଗଲା। ଏଇ ଯେଉଁମାନେ ଆସୁଛନ୍ତି, ସେମାନେ ଆଉ ଡଳି ଶାଶୁଘର ଲୋକ ପରି ହୋଇ ନଥିବେ ତ ? ତଥାପି ମନରେ ସାହସ-ମୋହନ ଅଛି ପାଖରେ। ମନର ଅଳିଆ ଭାବନାଗୁଡ଼ାକ ପଛକୁ ଫିଙ୍ଗିଦେଇ କାବେରୀ ଉଠିବସିଲା। ଚିଠି ଖଣ୍ଡିକ ଖଟ ଉପରେ ସେମିତି ପଡ଼ିରହିଲା। ମୋହନ ଅଫିସରୁ ଆସିଲେ ଦେଖିବ। କାବେରୀ ପଦାକୁ ଆସିଲା।

-ଖୁସିରେ ମହୀବୋଉଙ୍କ ଗୋଡ଼ ତଳେ ଲାଗୁନାହିଁ। ଏ ଜିନିଷ ନେଇ ସେ ଘରେ ରଖି ସେ ଜିନିଷ ନେଇ ଏ ଘରେ ରଖି ଗାଁ'ରୁ ଆସୁଥିବା କୁଣିଆମାନଙ୍କ ପାଇଁ ସେ ଜାଗା କରୁଛନ୍ତି। ଘରର ମୁଠାଏ ଝାଟୁଆ ତାଙ୍କ ଆଖିରେ ଖଡଗଦା ପରି ଦିଶୁଛି। ହାତ ଚାଲିଛି। ପାଟି ବି ଚାଲିଛି। ଭିକାକୁ ଦଣ୍ଡେ ଫୁରୁସତ ନାହିଁ। ମହୀବୋଉ ଭୋକ ଶୋଷ ଭୁଲି କାମରେ ଲାଗିଛନ୍ତି।

କାବେରୀକୁ ଖାଲିଟାରେ ଘର ଭିତରେ ଠିଆ ହୋଇଥିବାର ଦେଖି ମହୀବୋଉ ମନେ ମନେ ଟିକିଏ ବିରକ୍ତ ହୋଇ ଭାବିଲେ-ମଣିଷଟାଏ...ତୁଣ୍ଟାଟାରେ ଠିଆ ହୋଇଛି। ତା'ର ଆଖି ଆଗରେ ଏତେ କାମ ପଡ଼ିଚି। ଟିକିଏ ମିଶିବାକୁ ନାହିଁ। କାବେରୀ ମନେ ମନେ ହସୁଥାଏ। ଗାଁ ଲୋକ ତ ଆସୁଛନ୍ତି-କୋଉ ଲାଟସାହେବ ଆସୁଛନ୍ତି ଯେ, ଏତେ ଝଡ଼ାପୋଛା ?

ମହୀବୋଉ ଆଉ ସମ୍ଭାଳି ପାରିଲେ ନାହିଁ। ମୁହଁ ଖୋଲିଲେ-ବୋହୂ, ପିଲାଏ ଖାଇଲେଣି ?

-ନାଇଁ ମୁଁ ଯାଉଚି ଦବାକୁ। ସୁବିଧାରେ କାବେରୀ ଖସି ଆସିଲା।

କାବେରୀ ସେଠୁ ଆସି ଦେଖିଲା ଛୁଆମାନେ ଖାଇଦେଇ ଉଠିଗଲେଣି...ତାଙ୍କ ଅଇଁଠା ବାସନ ପଡ଼ିଛି। ମାୟା ମଧ୍ୟ ଖାଇସାରି ବାହାରିଲାଣି।

କାବେରୀ ଚାରିଆଡ଼େ ଥରେ ଆଖି ବୁଲେଇ ନେଲା। କେହି କୋଉଠି ନାହାନ୍ତି। କୁକୁରଟା ତୁଳ୍ଳାଟାରେ ଭୁକୁଚି। ସଞ୍ଜ ହବାକୁ ଆହୁରି ଅନେକ ଡେ଼ରି। ଗଦାଏ କାମ ବାକି ପଡ଼ିଚି। ଦୂରରୁ ମହୀବୋଉଙ୍କ ପାଟି କାନରେ ଆସି ବାଜୁଛି। ସେପଟକୁ ଯିବାକୁ ତାର ମ'ନ ଡାକୁ ନାହିଁ। ଏଣେ ଏକୁଟିଆ ରହିବାକୁ ବି ଇଛା ହେଉନାହିଁ। ମନଟା ତା'ର ଚିଟା ଲାଗିଲା। ମିଛଟାରେ ସେ ବାହା ହେଲା। ଏଇ ମାୟା କେତେ ସ୍ୱାଧୀନ। ଯାହା ଖୁସି କରିଦେଇ ଯାଉଚି-କେହି ପଦେ କହିବାକୁ ନାହିଁ। ଆଉ ସେ ନିଜେ? ପଦେ ପଦେ ଜଗି ଚଳିବାକୁ ପଡୁଛି। ଏତେ ଜଗି ଜଗି ଚଳିଲା ବେଳକୁ ମନର ଅଧା ସରାଗ ମରିଯାଇଥାଏ। ଶେଷକୁ ରାଗ ହେଲା ନିଜ ବାପମା'ଙ୍କ ଉପରେ-ଅଭିମାନ ହେଲା ମୋହନ ଉପରେ। ସେ କ'ଣ ଏଇଆ ଖୋଜୁଥିଲା? ତା କେତେ ତ' ସାଙ୍ଗ ଅଛନ୍ତି ଯେଉଁମାନେ ସ୍ୱାମୀକୁ ନେଇ ଏକୁଟିଆ ଘର କରିଛନ୍ତି। ସେମାନେ ବେଶ ଆରାମରେ ଅଛନ୍ତି। ଦେଖିଲେ ହିଂସା ହୁଏ। ଟୁନିର ମୁହଁ ଆସି ଆଖି ଆଗରେ ଠିଆ ହେଲା। ତା'ର ସ୍କୁଲ ଜୀବନର ସାଥି। ସେଇ ଟୁନି ଥରେ କହିଥିଲା-''ବୁଝିଲୁ କାବେରୀ, ପୃଥିବୀରେ କୌଣସି ଲୋକ କେବେ ହେଲେ ଜୀବନରେ ସମସ୍ତଙ୍କୁ ସୁଖୀ କରିପାରି ନାହିଁ-କେହି ହେଲେ ଜଣେ ନିଶ୍ଚେ ଅସୁଖୀ ରହିଯାଏ। ତମେ ଯଦି ସମସ୍ତଙ୍କ ମନ ନେବାକୁ ବସିବ ତେବେ ତମେ ନିଜେ ଅସୁଖୀ ରହିଯିବ। ତୁ ମତେ ଦୋଷ ଦେଉଛୁ ଯେ, ମୁଁ ଅଲଗା ଘର କରି ଅନ୍ୟମାନଙ୍କ ମନରେ ଦୁଃଖ ଦେଲି, କିନ୍ତୁ ସମୟ ଆସିଲେ ତୁ ବି ନିଜେ ଏକଥା ବୁଝିବୁ।''

ଟୁନି ଠିକ୍ କହିଥିଲା। ଏଇ କେଇଟା ମାସରେ ସେ ନିଜେ ସେତକ ଅନୁଭବ କରିଛି। ଅଲଗା ଘର କରିବା କଥା କହିଲେ ମୋହନ ସାପ ଦେଖିଲା ପରି ଚମକି ପଡ଼େ। ଖାଲି ସବୁବେଳେ ବାପ ମା' ଭାଇ ଭଉଣୀ...କିନ୍ତୁ ପ୍ରକୃତରେ କିଏ କାହାର?

ସମସ୍ତେ ସୁବିଧାବାଦୀ...।

କାବେରୀର ରାଗ ହେଲା ମୋହନ ଉପରେ। ଏ ସବୁପାଇଁ ମୋହନ ଦାୟୀ। ମନଟା ଭୁଲାଇବାକୁ ଛାତ ଉପରକୁ ଗଲା।

ଏଇ ଗୋଟିଏ ଖୋଲା ଜାଗା-ତାର ନିର୍ଜନ ବେଳର ସାଥି। ଏଠିକି ଆସିଲେ ମନେହୁଏ-ସତେ ଯେପରି ସେ ବନ୍ଦୀଶାଳାରୁ ଖସି ଚାଲି ଆସିଛି। ପଡ଼ିଶା ଘରୁ ଜଣେ ଅଧେ ବୋହୂ ଏତିକିବେଳେ ସେମାନଙ୍କ ଛାତକୁ ଆସନ୍ତି।

ଉପରକୁ ଆସି ପ୍ରଥମେ ତାର ଆଖି ପଡ଼ିଲା ଟିକିଏ ଛଡ଼ାରେ ଥିବା କାଉଥାରଙ୍କର ପୁରୁଣା ଘରଟା ଉପରେ-ଏବେ ବି ସେଇଟା ଖାଲି ପଡ଼ିଚି। ଭିକା କହୁଥିଲା,

ବାବୁଟି କୁଆଡ଼େ ମଦ ଖାଇ ତାଙ୍କ ସ୍ତ୍ରୀକୁ ଦିନରାତି ମାରନ୍ତି। ବିଚାରୀ ସହି ନ ପାରି କୁଆଡ଼େ ବାପ ଘରକୁ ପଳେଇଲା। ଲୋକଟାକୁ ସେ ନିଜେ ଦେଖିଛି। ସୁନ୍ଦର ଚେହେରା। ଝିଅର ବାପ ମା କ'ଣ ଜାଣିଥିଲେ ଝିଅର ଏମିତି ଅବସ୍ଥା ହେବ ବୋଲି ? ସବୁ ଭାଗ୍ୟ-

କାବେରୀ ଛାତ ବାଡ଼ାରେ ଭରାଦେଇ ତଳକୁ ଚାହିଁଲା। ପଡ଼ିଶା କିରାନି ଘର ବୋହୂଟି ବସି ଚକୁଳିପିଠା କରୁଛି। ପାଖରେ ତାର ସ୍ୱାମୀ ଓ ଦୁଇ ବର୍ଷର ଗୋଟିଏ ଛୁଆ-ଦିହେଁ ପିଠା ଖାଇବାରେ ଲାଗିଛନ୍ତି। ଏହି ଲୋକଟିକୁ ଦେଖିଲେ କାବେରୀ ମନରେ ଦୟା ହୁଏ। ବିଚରା ସ୍ୱାସ୍ଥ୍ୟର ଯେଉଁ ଅବସ୍ଥା, କେଉଁ ମୁହୂର୍ତ୍ତରେ ଯେ, ଆରପାରିରୁ ଡକରା ଆସିବ ତାର ଠିକଣା ନାହିଁ। ଦେହରେ ଛିଣ୍ଡା ଆଡ଼ମଇଳା ଗେଞ୍ଜି, ମଇଳା ଧୋତି। ଏଇ ସୁନ୍ଦର ବୋହୂଟି ପାଖରେ ଲୋକଟା ନିହାତି ବେଖାପ୍ ଦିଶେ। ତାର କିଛି ନାହିଁ-ସ୍ୱାସ୍ଥ୍ୟ ତ ନାହିଁ, ଟଙ୍କା ବି ନାହିଁ। କ'ଣ ଦେଖି କେଜାଣି ଝିଅର ବାପ ଏଠି ବାହା କଲା ? କାବେରୀ ମନରେ ଏହି ପ୍ରଶ୍ନ ଘୁଡ଼େଇ ତୁଡ଼େଇ ହୋଇ ବରାବର ଆସେ...ତଥାପି ବୋହୂଟିକୁ ଦେଖିଲେ ବଡ଼ ସୁଖୀ ମନେହୁଏ...ସବୁବେଳେ ହସ ହସ ମୁହଁ। କାବେରୀ ତାକୁ ଦୟା କରିବାକୁ ଯାଇ ନିଜେ ଯେମିତି ତାରି ପାଖରେ ଛୋଟ ହୋଇଯାଏ। ଆହା, ସେ ଯଦି ତାରି ପରି ସୁଖୀ ହୋଇ ପାରନ୍ତା ! କାବେରୀ ଭାବନାରେ ବାଧାଦେଇ ପଡ଼ିଶା ଘର ପିଲାଟି ଉପରକୁ ହାତ ଠାରି ଦେଖେଇ ଦେଲା...''ହେଇଟି, ହେଇଟି।'' ସାଙ୍ଗେ ସାଙ୍ଗେ ଚାରୋଟି ଆଖି ଉପରକୁ ଉଠିଲା। କାବେରୀ ସେ ଜାଗା ଛାଡ଼ି ଚାଲିଆସିଲା।

ବେଳ ବୁଡ଼ି ଆସିଲାଣି। ଘରେ ଆହୁରି କେତେ କାମ ପଡ଼ିଛି। ଆଉ ଠିଆ ହେବାକୁ ବେଳ ନାହିଁ। ଚାଲିଯିବା ଆଗରୁ ସେ ଥରେ ରାସ୍ତାକୁ ଚାହିଁଲା-ଲୋକେ ଚାଲିଛନ୍ତି। କିନ୍ତୁ ସେ ଚାଲିରେ ବ୍ୟସ୍ତତା ନାହିଁ। ଦେହରେ କ୍ଳାନ୍ତି, ମନରେ ଫୁର୍ତ୍ତି ନେଇ ସେମାନେ ଚାଲିଛନ୍ତି। କିନ୍ତୁ ସେ ନିଜେ ? ତା'ର ମନରେ କ୍ଳାନ୍ତି ଯେମିତି ତା ଗୋଡ଼କୁ ଭିଡ଼ି ଧରିଚି ! ସୁଖୀ ହେବାପାଇଁ ସେ କେତେ କଳ୍ପନା କରିଥିଲା। ସବୁ ଯେପରି କୁଆଡ଼େ ପାଣି ଫାଟିଗଲା।

-କ'ଣ ଏତେ ଦେଖୁଛ ?

ଚମକିପଡ଼ି କାବେରୀ ପଛକୁ ଚାହିଁ ଦେଖିଲା-ମୋହନ। କେତେବେଳେ ଆସି ପଛରେ ଠିଆ ହୋଇଛି, ସେ ଜାଣି ନାହିଁ।

ମୋହନର ହସିଲା ମୁହଁ ଯେମିତି କାବେରୀ କାନରେ କହିଦେଲା-କିଛି ତାର ବ୍ୟର୍ଥ ହୋଇନାହିଁ। ସ୍ୱାମୀ ତା'ର କୁତ୍ସିତ ନୁହେଁ କି ମଦ୍ୟପ ନୁହେଁ। କାବେରୀ ମୁଗ୍ଧ ଆଖିରେ ଚାହିଁ ରହିଲା-ଆଖିରେ ତା'ର ଆଶା। କିଛି ତା'ର ହଜି ନାହିଁ।

-ଆଜି ତମର କ'ଣ ହୋଇଛି ?

ଟିକିଏ ପ୍ରକୃତିସ୍ଥ ହୋଇ କାବେରୀ କହିଲା-ନାଇଁ ମ ହବ କ'ଣ ?...ଏଇ ଗାଁରୁ

ସବୁ ଆସିବେ ଯେ ତାଙ୍କରି କଥା ଭାବୁଥିଲି। ମଫସଲରୁ ଆସୁଛନ୍ତି...କେତେ ବାଛିବେ...କେତେ ଢଙ୍ଗି ଚଳିବାକୁ ହେବ। ମତେ ଭାରି ଭୟ ଲାଗୁଛି...

-ଏଇ ଗାଁ ଲୋକଙ୍କ ପାଇଁ ତମେ ଏତେ ମୁଣ୍ଡ ଖେଳାଉଛ? ତାଙ୍କ ନିନ୍ଦା ପ୍ରଶଂସାକୁ କିଏ ଚାହିଁ ବସିଛି?

ଟିକିଏ ହସି କାବେରୀ କହିଲା-କିଛି ହେଲେ ମୁଁ ତମରି ନାଁ କହିଦେବି ଜାଣିଥା...

-ହଁ କହିଦେବ।

ମୋହନର ସେହି ପଦକ କଥା କାବେରୀର ଭାରୀ ମନଟାକୁ ପୁଣି ହାଲୁକା କରିଦେଲା। ଦିହେଁ ତଳକୁ ଓହ୍ଲାଇ ଆସିଲେ।

ସକାଳୁ ଶୁଭ କାଉଟିଏ ଘର ଉପରେ ବସି କା’ କା’ କରୁଚି। ସେଆଡ଼କୁ ଅନ୍ୟ କାହାରି ନଜର ନାହିଁ। ମହୀବୋଉ ମୁଠାଏ ଚାଉଳ ଅଗଣାରେ ବିଞ୍ଚିଦେଇ କାଉକୁ ଚାହିଁ କହିଲେ-‘‘ହଁ ବା ଜାଣିଲୁଣି ଆସୁଛନ୍ତି।’’ କଥା ଶୁଣି ସମସ୍ତଙ୍କ ଆଖି କାଉ ଉପରେ ପଡ଼ିଲା। ଆଧାର ଦେଖି କାଉଟି ପାଖକୁ ଭିଡ଼ି ଆସିଲା।

ଅନ୍ୟ ଦିନ ଚଢ଼େଇ ଧରିବା ପାଇଁ ପତ୍ରୁ, ରଞ୍ଜୁ ଚାଉଳ ବିଞ୍ଚିଲେ ମହୀବୋଉ ବିରକ୍ତ ହୁଅନ୍ତି। କିନ୍ତୁ ଆଜି ସେ ନିଜ ହାତରେ ମନଇଚ୍ଛା ଚାଉଳ ବିଞ୍ଚୁଛନ୍ତି। ଏ ସବୁର୍ଣ୍ଣ ସୁଯୋଗ ପିଲାଏ ଛାଡ଼ିପାରିଲେ ନାହିଁ। ଆଖିରେ ଦୁଷ୍ଟାମିର ହସ। ମନରେ ଉତ୍ତେଜନା। ପତ୍ରୁ, ରଞ୍ଜୁ ନିଜ ପିନ୍ଧା କାମିଜ ଖୋଲି, ହାତରେ ଧରି, ଦୁଇ ପଟରୁ ଛପି ଛପି ଆସୁଛନ୍ତି। ମହୀବୋଉଙ୍କର ସେଆଡ଼ିକି ଲକ୍ଷ୍ୟ ନାହିଁ। ବାରଣ୍ଡା ଉପରେ ଥାଇ ହସ ହସ ମୁହଁରେ କାଉକୁ ଚାହିଁଛନ୍ତି। ଏତିକିବେଳେ ଦିହେଁ ଦି’ ପଟରୁ କୁଦାମାରି ବୁଣା ହୋଇଥିବା ଚାଉଳ ଉପରେ ପଡ଼ିଲେ। କାଉ ଯାଇ ଛାତ ଉପରେ। କାଉକୁ ଧରି ନ ପାରି ‘‘ଆହା ଚୁ’’ ମାରି ପିଲା ଦିହେଁ ଛାତକୁ ଚାହିଁଲେ। ମହୀବୋଉ ଆଉ ରାଗ ସମ୍ଭାଳି ପାରିଲେ ନାହିଁ। ତଳକୁ ଓହ୍ଲାଇପଡ଼ି ଗାଳି ଦେଇ ମାରିବାକୁ ଧାଇଁଲେ।

ମହୀବୋଉଙ୍କୁ ଉଗ୍ର ମୂର୍ତ୍ତିରେ ଆସିବାର ଦେଖି ପିଲାଦିହେଁ କାଉ ଛାଡ଼ିଦେଇ ପିଠି ବଞ୍ଚେଇବାକୁ ଧାଇଁ ପଳେଇଲେ। ପଛରୁ ମହୀବୋଉଙ୍କ ପାଟି ଶୁଭିଲା-ଅଲକ୍ଷଣା ଛୁଆଗୁଡ଼ାକ-ହଇରେ ଆହାର ମୁହଁରେ କିଏ ପାହାର ଦିଏ? ନିରାଶ ହୋଇ ଥରେ ବିଞ୍ଚା ହୋଇଥିବା ଚାଉଳକୁ ଚାହିଁଦେଇ ମହୀବୋଉ ଚାଲିଗଲେ।

ଚାହୁଁ ଚାହୁଁ ଖରା ମୁଣ୍ଡ ଉପରକୁ ଉଠି ଉଠି ଯାଉଛି। ମହୀବୋଉଙ୍କୁ ତର ନାହିଁ। ଏତିକିବେଳେ କାବେରୀ ଆସି ପାଖରେ ଠିଆହେଲା। ବୋହୂର ଆଡ଼ମ୍ବଇନା ଲୁଗା ଓ ଆଲୁରା ବେଶ ଦେଖି ମହୀବୋଉ କହିଲେ ଏମିତି କାହିଁକି ବେଶ ହେଇଚୁ?

ଯା, ଗହଣାଗାଣ୍ଠି ଦିଖଣ୍ଡ ଲଗେଇପକା। ଅଳତା, ସିନ୍ଦୂର ଟିକିଏ ନାଅ, ଭଲ ଲୁଗା ଖଣ୍ଡିଏ ପିନ୍ଧ-ଆଉ କ'ଣ ବେଳ ଆସୁଛି ?

"ହଁ ଯାଉଛି" କହି କାବେରୀ ବିରକ୍ତ ମନରେ ନିଜ ବଖାରାକୁ ଚାଲିଗଲା। ମନରେ ଭାବିଲା-ସେମାନେ ଆସିବେ ଯାଇ କେଉଁ ପହରେ, ମୁଁ ଏତିକିବେଳୁ ବେଶ ହୋଇ ବସିଥିବି। ଭାବୁ ଭାବୁ ନିଜ ଗହଣା ବାକ୍ସ ମେଲେଇ ବସିଲା। କୌଣସି ପ୍ରକାର ଦି'ଖଣ୍ଡ ଗହଣା ଲଗେଇ ପକେଇ କାବେରୀ ନିଜ ବଖାରାଟାକୁ ଟିକିଏ ସଜାଡ଼ିବାରେ ଲାଗିଲା।

କାମ ସାରି ମହୀବୋଉ ଥରେ ବୋହୂ ବଖାରାକୁ ଚାହିଁଦେଇ ଗଲେ। କାବେରୀର ଗହଣାଗାଣ୍ଠି ତାଙ୍କର ପସନ୍ଦ ଆସିଲା ନାହିଁ। କି ଗହଣା ଲଗେଇଲୁ ବା ? ଗୋଡ଼ରେ ହାତରେ କେଉଁଠି ତ କଣ କିଛି ଦିଶୁ ନାହିଁ? କହି ପୁଣି ଥରେ ଗୋଡ଼ଠାରୁ ମୁଣ୍ଡଯାଏ ତନଖି ନେଲେ।

-ବେଶି ଗୁଡ଼ାଏ ପିନ୍ଧିଲେ ଭଏ ଚିଡ଼ୁଛନ୍ତି। 'ଟିକିଏ ଲାଜ ଲାଜ ହୋଇ କାବେରୀ କହିଲା।

-ଆଉ ! ମୋ ମହୀ ପୁଣି ଏ କଥା କହୁଚି ? ତୁ ଲଗେଇପକା ମ। କେଇଟା ଦିନର କଥା ଯେ...ଖଣ୍ଡେ ଶାଢ଼ୀ. ଦି'ଖଣ୍ଡ ଗହଣାରେ କ'ଣ ପୁରାଣ ଅଶୁଦ୍ଧ ହୋଇଯିବ ? ଜବାବକୁ ଅପେକ୍ଷା ନକରି ମହୀବୋଉ ଚାଲିଗଲେ। କାବେରୀ ଆଉ କିଛି ନ କହି ମନେ ମନେ ଭାବିଲା-ଅଃ, ଯୋଉ ଲୋକ ତ !

ଗାଁରୁ ଲୋକ ପହଞ୍ଚିଲେ-ସତେ ଯେମିତି ଦମକାଏ ଝଡ଼ି ପବନ ଖୋଲା ଦୁଆର ଦେଇ ଘର ଭିତରକୁ ପଶିଗଲା। ପିଲାମାନଙ୍କର କେଁ କଟର ପାଟି, ବଡ଼ମାନଙ୍କର ମହୀବୋଉଙ୍କୁ ସମ୍ଭାଷଣ, ଆଉ ତାରି ଭିତରେ ଭିକା ଉଦ୍ଦେଶ୍ୟରେ ମହୀବୋଉଙ୍କର ଚିତ୍କାର-ସବୁ ମିଶିଯାଇ ପୀତାମ୍ବରବାବୁଙ୍କୁ ବ୍ୟସ୍ତ କରିପକାଇଲା। ମହୀବୋଉଙ୍କ ଗୋଡ଼ ତଳେ ଲାଗୁ ନଥାଏ।

ମହୀବୋଉଙ୍କୁ ଚାହିଁ ତାଙ୍କ ଭାଉଜ କହିଲେ-ପାର, ଏ ଛୁଆମାନଙ୍କ କଥା ଆଗ ଟିକିଏ ବୁଝିଦବଟି।

-ହଁ ଦଉଛି ଦଉଛି...ଆଲୋ ହେ ମାୟା, ସୁନାଟା ପରା। ଯିବୁଟି ମା ଆଗ ଏମାନଙ୍କୁ ଗଣ୍ଡାଏ ଖୁଆଇଦବୁ। ମହୀବୋଉ ମାୟାକୁ ଟିକିଏ କଅଁଳେଇ କହିଲେ।

କଥା ଶୁଣିବାରେ ବାଧା ପଡ଼ିବାରୁ ବିରକ୍ତ ହୋଇ ମାୟା କହିଲା- ଏଇ, ଏଥର ଆରମ୍ଭ ହେଲା। କାଇଁକି, ତୁ ଭାଉଜ ବୋଉଙ୍କୁ ଡାକୁନୁ ?

-ତୁ ଆଜିକ ତାଙ୍କ ଖାଇବାଟା ବୁଝି ନେ। ଭାଉଜ କ'ଣ ବୁଝିବ ନାହିଁ ?

ମହୀବୋଉଙ୍କ କଥାକୁ ଆଡ଼େଇ ନ ପାରି ଟିକିଏ କୁଣ୍ଠେଇ ହୋଇ, ଦି'ଗୋଡ଼କୁ ଛାଟି ଛାଟି ମାୟା ପିଲାମାନଙ୍କୁ ନେଇ ଚାଲିଗଲା। ଘର ଭିତରେ ଦି'ଖଣ୍ଡ ମସିଣା ବିଛେଇ ଦେଇ ମହୀବୋଉ ଆସିଥିବା କୁଣିଆମାନଙ୍କୁ ବସିବାକୁ କହିଲେ। ବସୁ ବସୁ କ୍ରମେ ଜଣ ଜଣ ହୋଇ ଅଣ୍ଟା ସଳଖିବାର ବାହାନା କରି ଗଡ଼ି ପଡ଼ିଲେ।

ପାନ ଭାଙ୍ଗୁ ଭାଙ୍ଗୁ ଜଣଙ୍କୁ ଚାହିଁ ମହୀବୋଉ କହିଲେ-ଖୁଡ଼ି, ତମ ବୟସ ଆଉ ବଢ଼ିବ ନାହିଁ କି? ତମେ ତ କ'ଣ ଜମା ବଦଳିନା...ଯେମିତି କୁ ସେମିତି।

ପାଟି ମେଲା କରି, କଳଦାନ୍ତରୁ ଗୋଟିଏ ବାଁ ହାତରେ ଦେଖେଇ, ମହୀବୋଉଙ୍କୁ ଚାହିଁ ବିନ୍ଦୁବୋଉ-ଖୁଡ଼ୀ ଜବାବ ଦେଲେ-ନାଇଁ ବା...କଳଦାନ୍ତରୁ ପରା ଅଧା ପଡ଼ିଗଲାଣି...ହୋଡି, ଏ ଦାନ୍ତଟା ବି ହଲୁଚି।

ପ୍ରକୃତରେ ମହୀବୋଉ ଠିକ୍ କଥା କହିଥିଲେ। ବିନ୍ଦୁବୋଉ ଖୁଡ଼ୀଙ୍କ ବୟସ ନୁଆଁଇ ପାରିନାହିଁ। ଦେଖିଲେ କେହି ତାଙ୍କୁ ସତୁରୀ ବର୍ଷ ବୟସ ବୋଲି କହିବ ନାହିଁ। କପାଳରେ ତିଳକର ଚିହ୍ନ, ବେକରେ ତୁଳସୀ ମାଳି, କାନରେ ତୁଳସୀମାଳିର ଫୁଲ। ଗୋଡ଼ ହାତ ଚାରିଆଡ଼େ ଚିତା କୁଟା ହେଇଛି। ପିଲାମାନେ କେବେ ଥରେ ଠାକୁରାଣୀ ହୋଇଥିଲେ, ସେ ଚିହ୍ନ ଆଜିଯାଏ ଲିଭି ନାହିଁ। ତା'ରି ଭିତରେ ନାକର ବିଶେଷତ୍ୱ ସ୍ପଷ୍ଟ ବୁଝାପଡ଼େ-ନାକର ଅଗଟା ଉପରକୁ ଉଠିଯାଇଛି। ଚାହିଁଦେଲେ ମନେ ହେବ ଯେମିତି ଅନ୍ୟର ଦୋଷ ଗୁଣ ହିଁ କେବଳ ଶୁଙ୍ଘି ବୁଲୁଛନ୍ତି।

ବିନ୍ଦୁବୋଉ-ଖୁଡ଼ୀଙ୍କ ପାଖକୁ ଲାଗି ଶୋଇଛନ୍ତି ବଡ଼ ଭାଉଜ ମାଳ ଦେଈ। ବୟସ ପ୍ରାୟ ପଚାଶ ପାଖାପାଖି ହେବ। ଏ ବୟସରେ ମଧ୍ୟ ମୁହଁର ଝଲି ମରିନାହିଁ। ଗୋଡ଼ରୁ ମୁଣ୍ଡଯାଏ ଗହଣା। ଦେହରେ ଖଣ୍ଡେ ଛିଟ ଶାଢ଼ୀ। ଦିନଯାକ ଗାଡ଼ିର ଧକଡ଼ ଚକଡ଼ରେ ଆଖି ବୁଜିହୋଇ ଆସୁଛି।

ମହୀବୋଉଙ୍କ ସାନ ଭାଉଜ ଇନ୍ଦୁମତୀ କଡ଼ପଟିଆ ହୋଇ ଦି'ହାତ ଜାଗା ମାଡ଼ି ବସି, ଅଳସ ଭାଙ୍ଗିବାରେ ବ୍ୟସ୍ତ। ବୟସ ତିରିଶ ପଇଁତିରିଶ ଭିତରେ। ଚଉହାଦିଆ ମାଇପିଟାଏ। ଗହଣା ଲଦିହେଇ ସାକ୍ଷାତ କାଳୀ ଠାକୁରାଣୀଙ୍କ ପରି ଦିଶୁଥାନ୍ତି। ଦୋପଖା ଚୁଲ୍ଲୀପରି ନାକରେ ଦୁଇଟା ମାଛି। ଓଠର ଦି'ସନ୍ଧିରୁ ପାନ ଛେପ ବୋହି ପଡୁଚି। କପାଳରେ ଥୋପାଏ ସିନ୍ଦୂର।

ଏ ତିନି ଜଣଙ୍କୁ ଛାଡ଼ିଦେଲେ, ଆଉ ଜଣେ ମସିଣା ଉପରେ ବସିଛନ୍ତି-ସେ ହେଉଛନ୍ତି ଦମୟନ୍ତୀ। ଲେଖାରେ ମହୀବୋଉଙ୍କ ଭଉଣୀ-ଘିଅଖିଆ କୁଟୁମ୍ବ। ବାହା ହେବାର ଅଳ୍ପ କେଇଟା ବର୍ଷରେ ମୁଣ୍ଡରୁ ସିନ୍ଦୂର ଲିଭିଛି। ଅସୁନ୍ଦରୀ ହେଲେ ମଧ୍ୟ ସ୍ୱଭାବ ଖୁବ୍ ଥଣ୍ଡା। ସେଥିପାଇଁ ସମସ୍ତଙ୍କ ପାଖରେ ତାଙ୍କର ଆଦର ବେଶୀ।

ମହୀବୋଉ ଦମୟନ୍ତୀଙ୍କୁ ଚାହିଁ କହିଲେ...ଆଉ...ଦମ, ତୁ କାହିଁକି ଏମିତି ହେଇଗଲୁଣି ବା?

-ଦିନକୁ ଦିନ ବୟସ ବଢ଼ୁଚି...ଆଉ କେମିତି ହୁଅନ୍ତି? ଦମୟନ୍ତୀ ହସିଲେ।

-ହଇଲୋ, ତୋର ସେ ରାହାବାଳୀ ଶାଶୁ ବୁଢ଼ୀ ବଞ୍ଚିଛିଟି ?

-ନାହିଁ ବା ସେ ପରା କେଉଁ କାଳରୁ ମଲେଣି।

ଦମୟନ୍ତୀଙ୍କ ଶାଶୁକଥା ପଡ଼ିବାରୁ ବିନ୍ଦୁବୋଉ-ଖୁଡ଼ୀ ପୁଣି ଟେଙ୍ଗା ହୋଇଗଲେ-ଆଲୋ ପାରିଆ, ତା ଶାଶୁ କଥା ଜାଣିନୁ କି ?...ସେ ବୁଢ଼ୀ ପରା ଦି' ବର୍ଷ କାଳ ଜତରା-ନଗା ହୋଇ ପଡ଼ିଲା। ଦମ ସେତେବେଳେ ଆମ ଗାଁରେ ଥିଲା ଯେ ବାଡିନି ପଠେଇ ତାକୁ ଡକେଇ ନେଲା...ଜାଣିଲୁ ପାରିଆ ? ଦମ ତା'ର ଘୁଅମୁତ ସବୁ କଲା। ତେଣିକି ସେ ନିଆଁନାଗୀ ବୁଢ଼ୀ ଏଡ଼ିକି ହିଂସିକୀ ଲୋ ତା'ର ଯେତେକ ଗହଣାଗାଣ୍ଠି ସବୁଯାକ ପରା ଲୁଣ୍ଡେଇ ପୁଣ୍ଡେଇ ଝିଅକୁ ଦେଇଦେଲା...

କଥାଟାକୁ ଏକରକମ ଭାଙ୍ଗି ଦେବାକୁଯାଇ ଦମୟନ୍ତୀ କହିଲେ-ହ,ସେ ଗହଣା ମୋର କ'ଣ ହେଇଥାନ୍ତା ? କୋଉ ନାଇଥାନ୍ତି ?...ଛାଡ଼ ସେ କଥା। ତା ପରେ ପରେ ବାଁ ହାତରେ ଥରେ ଲେଖାଏଁ ମାଳଦେଈ ଓ ଇନ୍ଦୁମତୀଙ୍କୁ ହଲେଇ ଦେଇ କହିଲେ-ହେ ଉଠ ମ, ବୋହୂକୁ ଦେଖିବା ନାହିଁ ? କଣ ସବୁ ଶୋଇଲଣି ବା ?

-"ଆଲୋ ସତେ ତ" କହି ମହୀବୋଉ ସେଇଠି ବସି ବୋହୂ ଉଦ୍ଦେଶ୍ୟରେ ଡାକ ଛାଡ଼ିଲେ। ମହୀବୋଉଙ୍କ କଥାରେ ବାଧାଦେଇ ମାଳଦେଈ କହିଲେ-ତାକୁ କାହିଁକି ଡାକୁଛ ? ଚାଲ ଆମେ ସେଇଠିକି ଯିବା ଯେ, ବୋହୂ ସାଙ୍ଗେ ସାଙ୍ଗେ ତା ଜିନିଷ ପତ୍ର ବି ଦେଖି ଆସିବା।

-ମଲା, ଜିନିଷ କୋଉ ପଳଉଚି ? ଆଗ ମଣିଷ ନା, ଆଗ ଜିନିଷ ?-କହି ଇନ୍ଦୁମତୀ ମସିଣା ଛାଡ଼ି ଉଠିଲେ।

କବାଟ ବାହାରେ ପାଦଶବ୍ଦ ଶୁଣି କାବେରୀ ଝଟକିନା ଯାଇ ଖଟ ଉପରେ ବସିପଡ଼ିଲା। ଜଣ ଜଣ କରି ଭିତରେ ପଶିଲେ ଆଉ କାବେରୀ ଜଣ ଜଣ କରି ସମସ୍ତଙ୍କୁ ମୁଣ୍ଡିଆ ମାରିଲା। ମାଳଦେଈ ଓଢ଼ଣା ଟେକି ବୋହୂ ମୁହଁ ଦେଖିସାରି ଅନ୍ୟମାନଙ୍କୁ ଚାହିଁ କହିଲେ-ଆଲୋ କେଡ଼େ ସୁନ୍ଦରିଆ ଟିଏ ମ ! କଣ୍ଢେଇଟିଏ ଭଳିଆ ଦିଶୁଚି। ପାଟିରୁ କଥା ନ ସରୁଣୁ ଦଳକଯାକ ମାଡ଼ି ପଡ଼ିଲେ। ତେମେ ଏଥର ଉଠ...। ଆମେ ଟିକିଏ ଦେଖୁ।

-ରହ ବା, ମୁଁ ଆଉ ଟିକିଏ ଦେଖେଁ।

ମୁହଁ ଦେଖା ପାଲା ଚାଲିଥିବା ବେଳେ ବୋହୂକୁ ଖୁଣ୍ଟ ପରି ଠିଆ ହୋଇଥିବାର ଦେଖି ପଛଆଡୁ ଖୁଡ଼ୀ ମୁହଁ ମୋଡ଼ିଲେ-ଆଲୋ କେତେ ଦେଖୁଚ ବା ? ସେଇତ ଏକା ମଣିଷ...ଆମେ ଯେତେବେଳେ ବୋହୂ ହୋଇଥିଲୁ, ଷୋଳ ବର୍ଷଯାଏ ହାତେ ଓଢ଼ଣା ଟାଣି ନଇଁ ନଇଁ ବାଟ ଚାଲୁ ଥିଲୁ-ନୁହଁଲୋ ପାରିଆ ? କହି ଖୁଡ଼ୀ ନଅକିନା ଖଟ ଉପରେ ବସିପଡ଼ିଲେ। ବୋହୂ ଦେଖା ସେତିକିରେ ରହିଲା। ପାଟିରୁ କଥା ଛଡ଼େଇ ନେଇ ମାଳଦେଈ କହିଲେ-ହଁ ବା, ଆମେ କ'ଣ ଦେଖିନୁ କି ? ବିନ୍ଦୁକୁ ବାହା କଲାପରେ ଯାଇଁ ତେମେ ସଳଖି ବାଟ ଚାଲିଲ। ଆମ ବେଳ କଥା ନିଆରା

ଥିଲା।

''ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିଲାଣି''-କାବେରୀ ମନେ ମନେ ପ୍ରମାଦ ଗଣିଲା। ତାକୁ ଦେଖେଇ ଯେ ଏତେ କଥା କୁହା ହେଉଛି ବୁଝିପାରି ସେ ଟିକିଏ ନଇଁପଡ଼ିଲା। ସେତକ ଦମୟନ୍ତୀ ଲକ୍ଷ୍ୟ କଲେ। ବିନ୍ଦୁବୋଉ ଖୁଡ଼ୀଙ୍କର ଟାହୁଲି କଥାଗୁଡ଼ାକ ଦମୟନ୍ତୀଙ୍କ ମନରେ ନିଜର ଅତୀତକୁ ଆଣି ଛିଡ଼ା କରାଇଲା। ଅନେକ ଦିନର କଥା ହୋଇଗଲାଣି...ତଥାପି ମନେହୁଏ, ଏଇ ଯେମିତି କାଲି ଘଟିଛି। ବୋହୂ ପଣିଆର ଦିନ ତାଙ୍କର ସରିଛି। କିନ୍ତୁ ଆଜି ତାଙ୍କର ଇଚ୍ଛା ହେଲା ମନର କମାଟ ବନ୍ଧା ଅଭିମାନଗୁଡ଼ାକ ଗାଳି ପକେଇବାକୁ। କାବେରୀକୁ ଟିକିଏ ସଙ୍କେତ ଦେଇ କହିଲେ—କାଇଁକି ଏତେ ନଇଁଚୁ ବା ? କିଏ ଅଛି ଏଠି ? ଅଣ୍ଟାପିଠି ନାଗିଯିବ...

ଦମୟନ୍ତୀଙ୍କ କଥାକୁ ଚପେଇ ଦେଇ ଖୁଡ଼ୀଙ୍କର ପାଟି ଶୁଭିଲା-ଆଗୋ ଦୁନିଆ ଯାକର ଦୋହୂ ଭୂଆସୁଣୀ ଏମିତି ନଅଁନ୍ତି ନା ଏଇ ଏକା ନଇଁଲେ ? ତମରି ଅଣ୍ଟାପିଠି ନାଗିଯାଉଥିବ କହ।

ଏତେବେଳଯାଏ ମୁହଁ ଫିଟେଇ ପଦେ ନ କହିଲେ ବି ପ୍ରତ୍ୟେକଟି କଥା ଯାଇ ମହୀବୋଉଙ୍କ ଛାତିରେ ବାଜୁଥିଲା। କଥାର ମୋଡ଼ ଘୁରାଇବାକୁ ସେ ଅନ୍ୟମାନଙ୍କ ହାତ ଟାଣିଆଣି ଖଟରେ ବସେଇବାକୁ ଚେଷ୍ଟା କଲେ...ବସ ବା, କେତେବେଳ ଆଉ ଠିଆଟା ହେଇ ରହିବ ?

-ହ, ଆମେ କୋଉ କୁଣିଆ ହେଇଚୁ ? ଗୋଟି ଗୋଟି ହୋଇ ସମସ୍ତେ ଖଟ ଉପରେ ଚଢ଼ି ବସିଲେ। ବୋହୂକୁ ସେମିତି ଠିଆ ହୋଇଥିବାର ଦେଖି ଦମୟନ୍ତୀ ତା ହାତକୁ ଭିଡ଼ିଆଣି ଜୋର କରି ଖଟ ଉପରେ ବସେଇ ଦେଇ କହିଲେ-ସର୍ଭି ଏତ ବସିଲେଣି, ତୁ ଏକଲା କାହିଁକି ଠିଆହେବୁ ? କାବେରୀକୁ ବସିବାର ଦେଖି ଖୁଡ଼ୀ ମାଳଦେଇଙ୍କୁ ଚାହିଁ ଚାହିଁ ମୋଡ଼ି କହିଲେ-ଏ କେଡ଼େ ଅଲାଣ୍ଡୁଆ କଥା କହୁଚ ଗୋ ଦମ ! ଆମେ ନ ହେଲୁ ନାଇଁ, ତା ଶାଶୁଟା ତ ପୁଣି ଏଇଠି ବସିଚି ! ବୋହୂଟାକୁ କେମିତି ପୁଣି ଏଇଠି ଏକା ଆସନରେ ବସିବାକୁ କହୁଛ ?

ତର ତର ହୋଇ କାବେରୀ ବସିଥିବା ଜାଗାରୁ ଉଠିପଡ଼ିଲା। ମାଳ ଦେଈ କହିଲେ-ହ, ବସିବାରେ କ'ଣ ଅଛି ? ଭିତରେ ଭକ୍ତି ଥିଲେ ହେଲା-

-ଭଲ କଥା ତ ଶିଖାଉଚୁ ? ଭିତର ଭକ୍ତି ପେରେ ସେଇ କାମରୁ ତ ଜଣାପଡ଼େ ?

ଏତିକି ବେଳେ ଛୁଆମାନଙ୍କ କିଚିରି ମିଚିରି ଭିତରେ ମାୟା ଆସି ସେଠି ପହଞ୍ଚିଲା। ଗାଁ ମାଇପଙ୍କ ଭିତରେ ଗପ ପଡ଼ିଚି। ଆଖି ପଡ଼ିଗଲା କାବେରୀ ଉପରେ-କିହୋ ଭାଉଜ'ଉ ଦମକୁ ଏ ଦଣ୍ଡ କିଏ ଦେଇଚି ? କିହୋ, ଠିଆଟା ହେଇଚ କାହିଁକି ?

-ତମ ପାଠରେ କଣ କହିଚି ? ମାନିଆଁ ଲୋକ ଥିଲେ ଠିଆ ହବା କଥା କି ନୁହେଁ ?

-ଆମ ପାଠରେ କିଛି କହି ନାହିଁ...ଏଠି ମାନିଆଁ ଲୋକ କିଏ ଅଛି ମୁଁ ତ

ଦେଖିପାରୁ ନାହିଁ !

-ଅଇଛୁଣିକା ସିନା ଦେଖିପାରୁନୁ, ବଳେ ଦିନେ ଦେଖିବୁ ଯେ ! ଏଇଠୁ ଶିଖିଥା-କହି ଖୁଡ଼ୀ ସମସ୍ତଙ୍କ ମୁହଁ ଉପରେ ଥରେ ଆଖି ବୁଲେଇ ନେଲେ ।

ଟିକିଏ ହସିନେଇ ମାୟା କହିଲା-ବିନ୍ଦୁବୋଉ ମା, ତମେ ପରା ତମ ବୋହୂ ବେଳେ ଶାଶୁଠୁ ଗୋଇଠା ଖାଇ ତାକୁ ନେଉଟ ଖଡ଼ୁମୁସା ଦି'ଟା ଦେଇଥିଲ ? ସେତକ କ'ଣ ଭୁଲିଗଲଣି ? ସେତେବେଳେ ଏ ମାଁ-ଇଁ-ନଁ ଗୁଡ଼ାକ ତମର କୋଉଠି ଥିଲା ? ପରକୁ ଖାଲି କହି ଜାଣିଛ ।

ବୋହୂ ଆଗରେ ଏ ଅପମାନ ପାଇ ଖୁଡ଼ୀଙ୍କ ମୁହଁ ଆମ୍ବିଳା ହୋଇଗଲା । ବକଟେ ବୋଲି ଛୁଆ...ମୁହଁ ହଲେଇ ହଲେଇ ତାକୁ ଏତେ କଥା ଶୁଣେଇ ଦେଲା ! ଚିଡ଼ିଉଠି ଖୁଡ଼ୀ ଜବାବ ଦେଲେ-ମଲା, ଜୀବନକୁ ଆଞ୍ଚ ଆସିଲେ କିଏ ନ କରିବ ? ଛାର ପିମ୍ପୁଡ଼ିଟାର ତ ରାଗ ଅଛି...ଆଉ ମଣିଷ ହୋଇ କାହାର ରାଗ ନାହିଁ ? ମାଡ଼ ଖାଇ ଖାଇ ହାଡ଼ ଗୋଡ଼ ଭାଙ୍ଗିଲାରୁ ପାହାରେ ଦେଇଥିଲି-ହଉ, ତୁ କେତେ ସହିବୁ ଦେଖିବା ନାଇଁ କି ?

ହସି ହସି ମାୟା କହିଲା-ସେହି ପାହାରକ ଖାଇ ତ' ତମ ଶାଶୁ ପନ୍ଦର ଦିନ ପରେ ଯମପୁର ଦେଖିଲେ...ଆଉ-

ମହୀବୋଉ ଜିଭ କାମୁଡ଼ିଲେ । ଟୋକୀଟା କହିଦେଇ ଯାଉଛି-ପାଟିରେ ବାଟୁଳି ବାଜୁ ନାହିଁ । ଖୁଡ଼ୀ ଆଉ ବସି ପାରିଲେ ନାହିଁ, ଅଭ୍ୟାସବଶତଃ ଅଣ୍ଟାରେ ଲୁଗାଟା ଭିଡ଼ିଦେଇ ଝଅଟ କିନା ଉଠି ପଡ଼ିଲେ । କଅଣ କହିବାକୁ ପାଟିଟା ଟିକିଏ ଖଲଖଲ ହେଲା, କିନ୍ତୁ ସେତକ ଅତି କଷ୍ଟରେ ରୋକି ନେଲେ । ଗାଁ ହୋଇଥିଲେ ଏତେ ବେଳକୁ କହିବା ଲୋକକୁ ଝୁଣିଦେଇ ସାରନ୍ତେଣି, କିନ୍ତୁ ଏଠି କିଛି କରି ନ ପାରି କେବଳ ମହୀବୋଉଙ୍କ ମୁହଁକୁ ଥରେ ରାଗରେ ଚାହିଁଲେ-ଏଇ ସବୁ ବଖାଣିଚି । ନଇଲେ ଏସବୁ କଥା ପିଲାଟା ଜାଣନ୍ତା କେମିତି ? ରାଗ ଆଉ ଅପମାନରେ ମୁହଁଟା ଜଳିଗଲା ପରି ଲାଗିଲା । ଖୁଡ଼ୀଙ୍କର ଏପରି ଅସ୍ତବ୍ୟସ୍ତ ଭାବ ଦେଖି ଦୁଃଖ କରି ମହୀବୋଉ କହିଲେ,-ତା କଥା ଆଉ କ'ଣ କହିବି ଖୁଡ଼ୀ ! ସେ ମତେ ବଡ଼ ଦହଗଞ୍ଜ କଲାଣି...ଚାଲ ଆମେ ଆଉଠାଏ ବସିବା ।

ଅଣ୍ଟା ସଳଖି ବିନ୍ଦୁବୋଉ ଖୁଡ଼ୀ କହିଲେ,-ଏଇଟାକୁ କିଏ ପାରିଆର ଝିଅ ବୋଲି କହିବ ମ ? ମା, ମାଉସୀ ଯାହା କହନ୍ତି ଭଲ ପେଇଁ କହନ୍ତି ସିନା ? ଆଇ ଆମର ଇଏ ଅଣ୍ଟାରେ ନୁଗା ଭିଡ଼ି କଳି କରିବାକୁ ବାହାରି ପଡ଼ୁଚି !

ମରଦଙ୍କ ଭଳି ଗୋଡ଼ ଉପରେ ଗୋଡ଼ ପକେଇ ହଲେଇ ହଲେଇ ମାୟା କହିଲା-''ତମେ ମୋ ପାଇଁ ଏଇକ୍ଷଣି ଅଣ୍ଟାରେ ଲୁଗା ଭିଡ଼ିଥିଲ ଯେ, ହେଲେ ଡରରେ କିଛି ପାଟିରେ ନେଉଟିଲା ନାହିଁ-ନୁହେଁ ବିନ୍ଦୁବୋଉ-ମା ? ତମରି ଭଳିଆ ତମର ଗୋଟିଏ ବୋହୂ ଥାନ୍ତା କି ତମେ ଥଣ୍ଡା ହେଇ ସାରନ୍ତଣି'' କହି ମାୟା

ନିଜେ କାବେରୀର ହାତ ଭିଡ଼ିଆଣି ବସେଇ ଦେଲା।

ମାନ୍ୟ ଲୋକମାନେ ଠିଆ ହୋଇଥିବା ବେଳେ ବୋହୂକୁ ବସିବାର ଦେଖି ଜଣ ଜଣ ହୋଇ ସମସ୍ତେ ବାହାରିଗଲେ। ଯାଉ ଯାଉ ଖୁଡ଼ୀ ମୁହଁ ମୋଡ଼ିଦେଇ କହିଲେ-ଏ ଉପରମୁହାଁ କି କିଏ ବୋହୂ କରିବ ଲୋ ମା ! ମୁହଁ ଖଣ୍ଡେ ତ ପାଇଚି !

ବାହା ହୋଇ ଆସିବାର ପ୍ରାୟ ଆଠ ମାସ ହୋଇଗଲାଣି। ଆଜିପରି କାବେରୀ ଦିନେ ହେଲେ ମାୟାକୁ ଏତେ ଭଲ ପାଇପାରି ନଥିଲା। ଶାଶୁଘର ଲୋକଙ୍କ ଭିତରେ ଯଦି କାହାଠାରୁ ସେ ଦୂରେଇ ରହିବାକୁ ଇଚ୍ଛା କରୁଥିଲା ତେବେ ସେ ହେଉଛି ଏ ମୁହଁଖୋର ମାୟା। ଯେଉଁ ଧରଣର କଥା ଶୁଣିଲେ କାବେରୀର ହାଡ଼ ଶୁଖେଇ ହୁଏ, ଆଜି ସେହି ଧରଣର କଥା ତା ମନରେ ଆଶ୍ୱାସନା ଢାଳି ଦେଇଗଲା। ଯେଉଁ ଶାଶୁଙ୍କୁ ସେ ମନ ଭିତରେ ଏତେ ଭକ୍ତି କରୁଥିଲା ସେ ବି ପଦେ କିଛି କହିଲେ ନାହିଁ। ଅଭିମାନ ହେଲା ନିଜର ସ୍ୱାମୀ ଉପରେ। ତାଙ୍କୁ ଏତେ କରି କହିଥିଲା ଏମାନେ ଆସିଲା ବେଳେ ଟିକିଏ ପାଖରେ ରହିବାକୁ। କିନ୍ତୁ ସେ ହସି ଉଡ଼େଇଦେଇ କହିଲେ, ''ବୋଉ ତ ଅଛି। ସବୁ ସେ ତୁଲେଇ ନବ।'' ମା ଉପରେ ତାଙ୍କର ଅତି ବେଶି ବିଶ୍ୱାସ।

କାବେରୀକୁ ଚୁପ୍‌ହୋଇ ବସି ରହିବାର ଦେଖି ମାୟା ପଚାରିଲା-ତୁମକୁ ଦେଖି କ'ଣ ସବୁ ଦେଲେ ?

କିଛି ଜବାବ ନ ଦେଇ କାବେରୀ ଚାରୋଟି ରୂପା ଟଙ୍କା, ଗୋଟିଏ ମୁଦି ଓ ଗୋଟିଏ ହାର ମାୟା ଆଗରେ ରଖିଦେଲା। ଗହଣା ଦେଖିନେଇ ମାୟା ଭାଉଜ ମୁହଁକୁ ଚାହିଁଲା।

-ଆରେ ତମେ କାନ୍ଦୁଛ ? ହ'ମ, ସେମାନଙ୍କ କଥାକୁ କାହିଁକି ଖାତିର କରୁଚ ? ସେମାନେ କ'ଣ ଜାଣନ୍ତି ? ଦେଖୁନା, ମୁଁ କଣ ଦୁଃଖ କରୁଛି ? ବୁଲା, ଡିଅଁ, ଖେଳ-ମାୟାଆଉ କ'ଣ କହିବାକୁ ଯାଉଥିଲା, ପୀତାମ୍ବରବାବୁଙ୍କ ଡାକ କାନରେ ବାଜିବାରୁ ଉଠିଗଲା।

ଘର ଭିତରେ ଆଉ କେହି ନାହାନ୍ତି। ଗୋଡ଼କୁ ତଳକୁ ଝୁଲାଇ ଗାଲରେ ହାତ ଦେଇ କାବେରୀ ସନ୍ଧ୍ୟାବେଳେ ଘଟିଥିବା ଘଟଣାକୁ ପୁଣି ମନେ ପକାଉଥିଲା। ନିଜ ମୂର୍ଖାମି ପାଇଁ ତା ମନରେ ଅନୁତାପ ଆସିଲା। ଶାଶୁଘର ଅନୁଭୂତି ପ୍ରଥମ କରି ସେ ଏଇଠି ପାଇଲା। ମୁଣ୍ଡଟା ବିନ୍ଧୁଚି। ଗଡ଼ପଡ଼ ହେଲେ ଟିକିଏ ଭଲ ଲାଗିବ ମନେକରି କାବେରୀ ଶୋଇବାକୁ ଯାଇ ଦେଖିଲା ବାସି ଚାଦର ଉପରେ ମଇଳାଗୋଡ଼ର ଦାଗ। ଠାଏ ଠାଏ ପାନଛେପ। ବୋଧହୁଏ ସେ ବୁଢ଼ୀଟା କଥା କହିଲାବେଳେ

ଗଳି ପଡ଼ିଚି। ନାକ ଟେକି କାବେରୀ ଚାଦରକୁ ଟାଣିଆଣି ତଳେ ପକେଇଦେଲା।

ମନର ବିରକ୍ତି ମନରେ ରଖି କାବେରୀ କୁନାକୁ ଡାକିଲା। କୁନାକୁ ନ ପାଇ ପତ୍ରୁକୁ ସେ ବାଟ ଦେଇ ଯାଉଥିବାର ଦେଖି କହିଲା-ପତ୍ରୁ, ଟିକିଏ କୁନାକୁ ଡାକି ଦିଅନ୍ତ ?

କିଛିବେଳ ପରେ କୁନା ଆସିବାରୁ କାବେରୀ ଚାରିଆଡ଼କୁ ଟିକିଏ ଚାହିଁଦେଇ, ତାକୁ ପାଖକୁ ଡାକି କହିଲା-କୁଣିଆମାନେ କୋଉଠି ଅଛନ୍ତି କିରେ ?

ଖଣ୍ଡେ ଦୂରରେ ହାତ ଦେଖେଇ କୁନା କହିଲା-ହେ–ଇ ସିଆଡ଼େ ବସି ଗପ କରୁଛନ୍ତି।

-ହଉ ତୁ ଯା ସେଇଠି ଖେଳୁଥିବୁ। ସେମାନେ ମୋ କଥା ଯାହା କହିବେ ସବୁ ଶୁଣି ମତେ କହିବୁ।

ବାହାରେ କାହାର ପାଦଶବ୍ଦ। କାବେରୀ କାନ ଡେରିଲା। ବୋଧହୁଏ ମୋହନ ଆସୁଛି। ଘର ଭିତରେ ପଶି କାବେରୀକୁ ରାଗରେ ଫଁ, ଫଁ ହେଉଥିବାର ଦେଖି ମୋହନ ପଚାରିଲା-କ'ଣ ହେଇଚି ? କାହିଁକି ଏମିତି ରାଗିଛ ? କିଏ କ'ଣ କହିଲା କି ?

-ଇସ୍, ବଡ଼ ଉପକାରିଆ ନା, ପଚାରି ବସିଲେ ! ରାଗରେ କାବେରୀ ଉତ୍ତର ଦେଲା।

-ମୋ ଉପରେ ରାଗୁଛ କାହିଁକି ? ଲୁଗା ପାଲଟୁ ପାଲଟୁ ମୋହନ କହିଲା। ହଠାତ୍ ଗୋଡ଼ରେ କ'ଣ ଲାଗିଯିବାରୁ ମୋହନ ତଳକୁ ଚାହିଁ ଦେଖିଲା-ପାନଛେପ। ଖଣ୍ଡେ ଦୂରକୁ ଘୁଞ୍ଚିଯାଇ ଟିକିଏ ବିଡିଯାଇ କହିଲା-ଇସ୍ ଏଗୁଡ଼ାକ କ'ଣ ? କିଏ ଏମିତି କରିଚି ?

କାବେରୀ ଖଟରୁ ଓହ୍ଲାଇ ଆସି ଦେଖିଲା ପଲଙ୍କ ପାଖରୁ ଛେପ ଗଡ଼ି ଆସିଚି। ଏଥର ସେ ଆହୁରି ରାଗିଯାଇ କହିଲା-ଏ ଘରକୁ ତମେ ଧୁଅ, ମୁଁ ଧୋଇ ପାରିବି ନାହିଁ।

-କିଏ ପକେଇଚି ? ବିରକ୍ତିରେ କପାଳ କୁଞ୍ଚେଇ ମୋହନ ପଚାରିଲା।

-ଚାରି ପାଞ୍ଚ ଜଣ ତ ଆସିଥିଲେ। କିଏ ପକେଇଚି ମୁଁ କେମିତି ଜାଣିଲି ? ସେଇ କାଳିଆ ହେଇକରି ଯାହାଙ୍କ ବଡ଼ ବଡ଼ ଦାନ୍ତ ଅଛି, ସେଇତ ଏଠି ବସିଥିଲେ।

-ଓ, ଇନ୍ଦୁ ମାଇଁ। ଏଇଟାକୁ ଗାଁ ଘର ବୋଲି ମନେ କରିଛନ୍ତି ପରା ? ଆଚ୍ଛା ମୁଁ ଦେଖୁଚି।

-ବାସି ଚାଦରଟା କାଢ଼ିଥିଲି। ସେଇଟା ବି ନଷ୍ଟ ହେଲା।

-ତମେ କଣ ଜାଣି ନ ଥିଲ ? ଏ ଜଙ୍ଗଲି ଗୁଡ଼ାକ ପାଇଁ କାହିଁକି କାଢୁଥିଲ ?

ମୋହନର ଚିତ୍କାର ଶୁଣି ପୀତାମ୍ବରବାବୁ ଆସି ସବୁ କଥା ବୁଝିଲେ। ଗଲାବେଳେ କହିଗଲେ-କାହିଁକି ସେଗୁଡ଼ାକୁ ଆଣି ଏଠି ପୂରାଅ ? ସେମାନଙ୍କ ସ୍ୱଭାବ ସେଇୟା -

ବିନ୍ଦୁବୋଉ ଖୁଡ଼ୀଙ୍କର ଟାଆଁସା କଥାଗୁଡ଼ାକ ରାତିଯାକ କାବେରୀ ମନକୁ ପୋଡ଼ିବାରେ ଲାଗିଲା। କାନରେ ମୋହନର ଘୁଙ୍ଗୁଡ଼ି ଶବ୍ଦ ବାଜୁଛି, କିନ୍ତୁ କାବେରୀ ଆଖିରେ ନିଦ ନାହିଁ। ମନଟା ହାଲୁକା କରିବାକୁ ଯେତେ ଚେଷ୍ଟା କଲେ ବି ସେଇ ଗତ କଥା ଗୁଡ଼ାକ ମନଟାକୁ ପୁଣି ଦବେଇ ଦଉଛି। ଆଖି ବୁଜିଲେ ବି ସେଇ ବୁଢ଼ୀଟାର ମୁହଁ ଦିଶୁଛି। ଏମିତି ଭାବୁ ଭାବୁ କେତେବେଳେ କାବେରୀର ଆଖି ବୁଜିହୋଇ ଯାଇଛି, ସେ ଜାଣେ ନାହିଁ। ରାତିରେ କେତେଥର ନିଦ ଭାଙ୍ଗିଛି-ଆଖି ଆଗରେ ସେଇ ବୁଢ଼ୀର ମୁହଁ। ସବୁବେଳେ ଯେମିତି ତା'ର ପିଛା ଧରିବାକୁ ପଣ କରିଚି।

ରାତି ପାହିଲା। ଆଗଦିନ ରାତିରୁ ଶିଖାଶିଖି ହେଲା ପରି ପିଲାଗୁଡ଼ାକ କେତେବେଳୁ ଉଠି ବାହାରେ ଆସି ଖେଳିବା ପାଇଁ ଛଟପଟ ହେଉଛନ୍ତି। ଯିଏ ଯାହାର ନୂଆ ଜିନିଷ ସାଙ୍ଗମାନଙ୍କୁ ଦେଖେଇ ସାରିଲେଣି। ଏତିକିବେଳେ ବଡ଼ ମଣିଷଙ୍କ ଭିତରୁ ଜଣେ ଦି'ଜଣ କବାଟ ଖୋଲି ପଦାକୁ ଯିବାକୁ ବାହାରିଲେ। କବାଟ ଖୋଲୁ ଖୋଲୁ ଛୁଆଗୁଡ଼ାକ କିଲିବିଲା ହୋଇ ବାହାରକୁ ଆସିଲେ। ସେଇ ପାଟିରେ ପାଖ ବଖରାରୁ କାବେରୀର ନିଦ ଭାଙ୍ଗିଗଲା। ନିଦ ଭାଙ୍ଗିବା ମାତ୍ରେ ବିନ୍ଦୁବୋଉଙ୍କ ମୁହଁ ମନେପଡ଼ି ମନଟା ତା'ର ପୁଣି ଦବିଗଲା। ଦେହ ଓ ମନରୁ ଅଳସ ଛାଡ଼ି ନାହିଁ। ଭିଡ଼ିମୋଡ଼ି ହୋଇ କାବେରୀ ଆଉ ଟିକିଏ ଆଖି ବୁଜିବାକୁ ଯାଉଥିଲା, ଏତିକିବେଳେ ବାହାରେ ଦମୟନ୍ତୀଙ୍କର ପାଟି ଶୁଭିଲା-ଆଲୋ ଦେଖ ବା...ପହରେ ବେଳ ଆସିହେଲାଣି...। ଗାଁ ହୋଇଥିଲେ ଏତେ ବେଳକୁ ଅଧାପାଇଟି ସରନ୍ତାଣି...

କଥାଗୁଡ଼ାକ କାନରେ ବାଜିବାମାତ୍ରେ ଜିଭ କାମୁଡ଼ି କାବେରୀ ଉଠିପଡ଼ିଲା। କବାଟ ଫାଙ୍କରେ ଚାହିଁ ଦେଖିଲା ଜଣ ଜଣ କରି ତଳକୁ ଓହ୍ଲାଉଛନ୍ତି। ବିଛଣାଉଠା ପଛକୁ ରଖି ନିଜର ଲୁଗାପଟା ଧରି କାବେରୀ ତର ତର ହୋଇ ଗାଧୋଇବାକୁ ବାହାରିଗଲା।

ଦିନଯାକ କାବେରୀକୁ ବଡ଼ ଜଗି ଜଗି ଚଳିବାକୁ ହେଲା।
କେବଳ ବିନ୍ଦୁବୋଉଙ୍କ ଡରରେ ଯେଉଁଠି ବସିଲେ ମଧ୍ୟ ସେ କିଛି ନା କିଛି କାମରେ ହାତ ଦେଉଥାଏ।

ବେଳ ଗଡ଼ି ଗଡ଼ି ଆସି ଦି'ପହର ହେଲାଣି। ସମସ୍ତଙ୍କର ଖିଆ ପିଆ ସରିଲାଣି। ପିଲାଏ ଘରେ ନାହାନ୍ତି। ମହୀବୋଉଙ୍କ ଶୋଇବା ବଖରାରେ ମସିଣା ପଡ଼ି ପାନଡ଼ାଲା ମେଲା ହୋଇଛି ଆଉ କୁଣିଆମାନେ ତାକୁ ଘେରି ବସି ପାନ ଖାଉ ଖାଉ କେତେ କଥା ମେଲି ଦେଇଛନ୍ତି। ଏତିକିବେଳେ କାବେରୀ ହାତରେ ଖଣ୍ଡେ ମସିଣା ଓ ଗୋଟିଏ ତକିଆ ଧରି ଆସି ପହଞ୍ଚିଲା। ବୋହୂକୁ ମସିଣା ପାରିବାର ଦେଖି ମହୀବୋଉ ପଚାରିଲେ-କ'ଣ କରିବୁ କି?

ଟିକିଏ ମୋଡ଼ି ଦିଅନ୍ତି। ଲାଜ ଲାଜ ହୋଇ ବୁଢ଼ୀ ଆଡ଼କୁ କଣେଇ ଚାହିଁ କାବେରୀ କହିଲା।

ତା କଥା ଶୁଣି ମହୀବୋଉଙ୍କ ମୁହଁ ପ୍ରସନ୍ନ ହୋଇଉଠିଲା। ନୂଆ ନୂଆ ଆସିଲାବେଳେ ଏଇ ବୋହୂ ତାଙ୍କୁ କେତେ ଘଷି ଦେଇଛି। ତା ମୁହଁରୁ ଆଜି ପୁଣି ସେଇ ପୁରୁଣା କଥା ଶୁଣି ତାଙ୍କ ମନ ଖୁସି ହୋଇଗଲା। ସେ ହସି ହସି ବଡ଼ ଭାଉଜ ମାଙ୍କ ଦେଈଙ୍କ ମୁହଁକୁ ଚାହିଁଲେ। ଅର୍ଥାତ୍ ତାଙ୍କ ବୋହୂ ଏତେ ପଠେଇ ହୋଇକରି ମଧ୍ୟ କେମିତି ଘଷିବାକୁ ଆସିଛି ଦେଖ। କିନ୍ତୁ ସେମାନଙ୍କ ମୁହଁରେ କାଣିଚାଏ ହେଲେ ପରିବର୍ତ୍ତନ ଦେଖିଲେ ନାହିଁ। ଯେମିତି ଏଇଟା ଗୋଟାଏ ଅତି ସାଧାରଣ କଥା। ଘରକୁ ବୋହୂ ଆସିଲେ ବଡ଼ମାନଙ୍କୁ ଘଷିବାକୁ ବାଧ୍ୟ-ସୁବିଧା ଥାଉ କି ନ ଥାଉ। ମହୀବୋଉଙ୍କର ହସର ଜବାବ ଦେଲେ ଦମୟନ୍ତୀ।

-ତୁ କେତେ ତପ କରିଥିଲୁ ଲୋ ପାରଅପା ! ଏମିତି ଗୁଣର ବୋହୂଟିଏ ପାଇଲୁ ଯେ କୋଉଥିରେ ଖୁଣି ହବ ନାହିଁ। ...ରୂପରେ ନୁହେଁ କି ଗୁଣରେ ନୁହେଁ।

ଦମୟନ୍ତୀଙ୍କ କଥା ଶୁଣି ସାନ ଭାଉଜ ଇନ୍ଦୁମତୀ ହସିଦେଇ ଚାହିଁଲେ ବିନ୍ଦୁବୋଉ ଖୁଡ଼ୀଙ୍କ ମୁହଁକୁ। ସେ ହସ ବୁଲି ଆଡ଼କୁ ପାଇଲା। ବିନ୍ଦୁବୋଉ-ଖୁଡ଼ୀ କିନ୍ତୁ ନିର୍ବିକାର।

ବୟସ ଅନୁସାରେ ମହୀବୋଉ ଆଗେ ଖୁଡ଼ୀଙ୍କୁ ଘଷିବାକୁ କହିଲେ। ମୁଣ୍ଡରେ ଓଢ଼ଣୀ ଆଉ ଟିକିଏ ଟାଣିଦେଇ, ମନର ବିରକ୍ତି ଓଢ଼ଣା ତଳେ ଛପେଇ କାବେରୀ ଘଷିବାକୁ ବସିଲା।

ଦୁଇ ଚାରି ଭାରି ଘଷା ଖାଇଲା ପରେ ମହୀବୋଉଙ୍କୁ ଅନୁଗୃହୀତ କଲାପରି ବିନ୍ଦୁବୋଉ କହିଲେ-ବଡ଼ କଅଁଳ ହାତ...ବଡ଼ ସୁନ୍ଦର ମୁଠି ମୁଠି ଘଷା...

ଖରା ଧୀରେ ଧୀରେ ଘୁଞ୍ଚିଯାଉଛି। ବିନ୍ଦୁବୋଉ ଘଷାର ଆରାମରେ ଗପ ସୁଅରେ ଭାସି ଯାଉଛନ୍ତି। ବେଳେବେଳେ ବୋହୂର ମୁହଁରେ ପ୍ରସନ୍ନତା ଫୁଟି ଉଠୁଚି। ମଝିରେ ହଠାତ୍ ଗପ ବନ୍ଦ ରଖି କାବେରୀ ମୁହଁକୁ ଚାହିଁ କହିଲେ-ଆଲୋ ମାଇ, ମତେ କେମିତି ଯା ମୁହଁ ଆମ ଗାଁ ଧରମା ମାଇପ ମୁହଁପରି ଦିଶିଯାଉଚି-ନୁହଁ ?

ମହୀବୋଉଙ୍କ ମୁହଁକୁ ଚାହିଁ ମାଇଦେଈ ଖାଲି ହସିଲେ। ଦମୟନ୍ତୀ ଆଗ ବଳିପଡ଼ିଲ କହିଲେ-ଖୁଡ଼ୀଙ୍କର ଯୋଉକଥା ? କାହା ସାଙ୍ଗରେ କାହାକୁ ନେଇ ତୁଳନା କରୁଛନ୍ତି ଦେଖ !

ଇନ୍ଦୁମତୀ କହିଲେ-ନାଇଁ...ଧରମା ମାଇପ ବର୍ଣ୍ଣ ଟିକିଏ ନିରସା ଯିବ...।

ବୋହି ପଡୁଥିବା ପାନ ଛେପକୁ ହାତରେ ନେସି ଦେଇ ବିନ୍ଦୁବୋଉ କହିଲେ-ହଁ, ସେଇ ଇଣେଇଶ ବିଶ୍...ନଇଲେ ଏକା ଗଢ଼ଣ।

ମହୀବୋଉ ଆଉ ଚୁପ୍ ହୋଇ ରହିପାରିଲେ ନାହିଁ। ପଚାରିଲେ-କୋଉ ଧରମା ବା ?

-ଆଲୋ ପରମାର ପୁଅ ବା...ତା'ରି କନିଅା ଭାରିଜା...ତୁ ତାକୁ ଦେଖିନ।

ମହୀବୋଉ ଗମ୍ଭୀର ହୋଇଗଲେ-ସମସ୍ତଙ୍କ ସାଙ୍ଗରେ ମିଶି ମିଶି ଏମାନେ ଛୋଟ ନଜରିଆ ହେଇଗଲେଣି...ଭଦ୍ରାମି ଜାଣନ୍ତି ନାହିଁ...ଗୋଟାଏ ମୂଲିଆ ମାଇପ ସାଙ୍ଗରେ ତାଙ୍କର ବି:ଏ: ପାସ୍ କଲା ବୋହୂକୁ ସମାନ କରି ଥୋଉ ଦେଉଛନ୍ତି! ମହୀବୋଉଙ୍କ ଓଠ ଟିକିଏ ଚିପି ହୋଇଗଲା। ସେତକ ବିନ୍ଦୁବୋଉ ଲକ୍ଷ୍ୟ କରି ସାଙ୍ଗେ ସାଙ୍ଗେ କଥାର ମୋଡ଼ ଘୁରେଇ ଦେଲେ-ସେଇ ରୂପରୁ ଟିକିଏ ପାଇଚି ବୋଲି ତ, ତାର ଏତେ କଥା...ଆଲୋ ସେଇଟା ଧରମାକୁ ଯୋଉ ହିନସ୍ତା କରୁଚି, ଦେଖିଲେ ପରା ଆଖି ବୁଜି ହୋଇଯିବ...

କଥାରେ ବାଧାଦେଇ ମାଳଦେଈ କହିଲେ-ସତରେ ମ...ସେତେବେଳେ କେତେଥର ସଭିଏଁ କହୁଥିଲେ ସେଇଟା କାଣ୍ଡୋଇଟାଏ...ଧରମା ଶୁଣିଲା ନାହିଁ...ଏହିକ୍ଷଣି ବସି ହାତ ପିଠିରେ ଲୁହ ପୋଛୁଚି...ଖାଲି ସିଏ ବୋଲି ସେ ମାଇକିନିଆର କଟାସଣା ସହି କରି ରହିଚି...ଆଉ କିଏ ହେଇଥିଲେ କୋଉ ଦିନରୁ ବାବାଜୀ ହେଇ ଯାଆନ୍ତାଣି...।

-''ଭଲ କଥା କହୁଚ! ସେ କ'ଣ ସେତକ ଆଗରୁ ଜାଣି ନ ଥିଲା? ଆଲୋ' ସାରୁ ପତର କି ଆଳୁ ପତର ସେକି ହୋଇବ ପାନ, ପଛରେ ଯାହାକୁ ଭାରିଜା କରିବ ସେ କି ଜାଣିବ ମନ?... ଆଗ ଭାରିଜା ଯେତେ ମନ ଜାଣି ସେବା ଧରମ କରିବ, କନିଆ ଭାରିଜା ତାର କରିବ କାହିଁକି? ଏ କଥା ତ ସବୁଠେଇଁ ଦେଖାଅଛି'' କହି ଦମୟନ୍ତୀ ସମସ୍ତଙ୍କୁ ଚାହିଁଲେ।

ଘଷି ଘଷି କାବେରୀର ହାତ ଅବଶ ହେଇଗଲାଣି। କୌଣସି ଆଳ ଧରି କିଛିବେଳ ହାତ ଶିଥିଳ କରିଦେଲେ ବିନ୍ଦୁବୋଉ ଗୋଡ଼ଟା ହଲେଇ ଜଣେଇ ଦେଉଛନ୍ତି ଯେ ଘଷା ବନ୍ଦ ଅଛି। କାବେରୀ ମନ ଭିତରେ ପ୍ରମାଦ ଗଣିଲାଣି। ଜଣକୁ ଘଷିବାକୁ ଯଦି ଏତିକି ସମୟ ଲାଗେ, ତେବେ ଏହି ଚାରିଜଣ କୁଣିଆଙ୍କୁ ଘଷିବାକୁ ତା'ର ଚବିଶ ଘଣ୍ଟା ବିତିଯିବ। ସେ ମନ ଭିତରେ ଚିଡ଼ି ଗଲାଣି—କେଡ଼େ ଅଭଦ୍ର ଲୋକଗୁଡ଼ାଏ ସତରେ! ଅନ୍ତତଃ ମୁହଁ ଉପରେ ଥରେ ତ କହନ୍ତେ 'ହେଲା' ବୋଲି? ଏଇ ଘଣ୍ଟୁ ଘଣ୍ଟୁ ମୋହନର ପେରିବା ସେ ଜାଣିଛି। ପୂଝାରୀ ଖାଇବାକୁ ଦେଇଥିବ। ସେ ବି ଥରେ ଡ଼କାଇ ପଠାଇ ନାହାନ୍ତି। ଖାଲି ଯେତକ ସୁଆଗ ସବୁ ମୁହଁ ଉପରେ ଦେଖେଇବେ। କାମ ବେଳେ କେହି ଜଣେ ଆସି ପିଠିରେ ପଡ଼ିବେ ନାହିଁ। ଘଷାଟା କେମିତି ବନ୍ଦ କରିବ କାବେରୀ ମନେ ମନେ ଉପାୟ ପାଞ୍ଚୁଛି। ପ୍ରତି ମୁହୂର୍ତ୍ତରେ ଭାବୁଚି, ''ଏଇ ଭାରିଟା ଘଷିଦେଲେ ଛାଡ଼ିଦେବି।'' କିନ୍ତୁ ଘଷିଲାବେଳକୁ ହାତ ପୁଣି ଚାଲି ଯାଉଛି ଆଉ ଭାରିକୁ।

ପୂଝାରୀ ଆସି ଦୁଆରମୁହଁରେ ଠିଆହେଲା—ମା, କ'ଣ ଜଳଖିଆ ହବ ଦେଇଯାଅ।

ମହୀବୋଉ ଉଠିଗଲେ। କାବେରୀ ମନରେ ରାଗ ହେଲା, ତାକୁ କେହି ଟିକିଏ ଡ଼କେଇ ପଠାଉ ନାହାନ୍ତି। ଭାବିଲା—ପାଇଖାନା ଯିବ ବୋଲି କହିବ। ଏମିତି ଭାବୁ ଭାବୁ ହାତ କେତେବେଳେ ରହି ଯାଇଚି, ସେ ଜାଣି ପାରି ନାହିଁ।

କାବେରୀକୁ ଚାହିଁ ଦମୟନ୍ତୀଙ୍କ ମନ ତରଳିଗଲା। ଟିକିଏ ଖୁଣିଲାଭଳି ଖୁଡ଼ୀଙ୍କି ଚାହିଁ କହିଲେ—ତମେ କେମିତି ହେ ଖୁଡ଼ୀ। ପିଲାଟା ଘଷି ଘଷି ନୟାନ୍ତ ହେଲାଣି। ଥରେ 'ଥାଉ' ବୋଲି ବି କହୁନା ?

ମାଳଦେଈଙ୍କ ମୁହଁକୁ କଣେଇ ଚାହିଁ ଖୁଡ଼ୀ କହିଲେ—ଥାଉଲୋ, ସେତିକି ଥାଉ.... ପିଲା ଲୋକ...ଘଷିପାରୁ ନାହିଁ....ଆମ ମଫସଲର ବୋହୂକୁ ଦେଖିବ ଦି'ଭାରି ଘଷାରେ ଧିଅ ତାଜା ହୋଇଯିବ...ଏମାନେ ତ ଖାଲି ଚୌକିରେ ବସି ପାଠ ପଢ଼ିଲେ...ଘଷାର କାଇଦା ଜାଣିବେ କୁଆଡୁ ? ଅଳସ ଭାଙ୍ଗି ଖୁଡ଼ୀ ଉଠି ବସିଲେ।

ବେଳ ଗଡ଼ିଗଲାଣି। କାବେରୀର ଅଣ୍ଟାପିଠି ମଧ ଲାଗିଗଲାଣି। ସେ ମନେ ମନେ ଭାବୁଛି—''ଏହିକ୍ଷଣି ଯଦି ଆଉ କେହି ତାକୁ ଘଷିବାର ଫରମାସ ଦିଅନ୍ତି, ତେବେ ସେ ସିଧା ନାହିଁ କରିଦେବ। ସେ ମଣିଷ ନା ମେସିନ୍ ? ଘଷୁଛି ତ ଘଷୁଛି—କେହି ଟିକିଏ ନାହିଁ ବି କରୁ ନାହାନ୍ତି ! ନ ଘଷିବାକୁ ଯେତେ ପଣ କଲେ ବି ମନରେ ଡ଼ର। କାଲେ କ'ଣ କିଏ କହିଦେବ। ତେଣୁ ସେ ଉପାୟ ପାଇଁ ଦମୟନ୍ତୀଙ୍କ ହାତ ଧରି ଟାଣିଲା।

ବୁଢ଼ୀର ଘଷା ମଉଜ ଏପରି ଭାବରେ ଦମୟନ୍ତୀ କାଢ଼ି ନେଇଥିବାରୁ ବୁଢ଼ୀ ମନେ ମନେ ଭାରି ଖପା ହୋଇଗଲା। ସେତିକି ଶୁଝେଇବା ପାଇଁ ହସି ହସି କାବେରୀ ମୁହଁକୁ ଚାହିଁ କହିଲା - ଆଲୋ ହୁଣ୍ଡି ! ବଡ଼ ମାଇଁ ଥାଉ ଥାଉ ସେମାନଙ୍କୁ କେମିତି ଘଷିବାକୁ ଯାଉଚୁ ? ସେ ପରା ବଡ଼।

କଥାର ମରମ ଦମୟନ୍ତୀ ବୁଝିଲେ। ଲେଉଟ ହସି ହସି କହିଲେ—କାହାକୁ ଘଷିବା ଦରକାର ନାହିଁ। ତମର ଯଦି ଆମ ପେଇଁ ଏତେ ମନ ବଥେଇ ହଉଥିଲା, ତେବେ ଆଗରୁ ତାକୁ କହିଲ ନାହିଁ ?

ବିନ୍ଦୁବୋଉଙ୍କ ପଟ ନେଇ ମାଳଦେଈ ଓକିଲାତି କଲେ... ଆଉ ! ପିଲାଟା ଏତେ ଶରଧାରେ ଆସିଥିଲା। କେମିତି ତାକୁ ନାହିଁ କରି ଦେଇଥାନ୍ତେ, ତାକୁ ବାଧି ନଥାନ୍ତା ?

ସାନ ଭାଉଜ ଇନ୍ଦୁମତୀ ନିଜର ଡାହାଣ ହାତଟା ଦେଖେଇ ଦେଇ କହିଲେ—ଦମ, ତମେ ଏ କଥା କହୁଚ। ହେଇତି ଦେଖ ଘଷି ଘଷି ଆମ ହାତରେ ବିଣ୍ଡି ବସିଯାଇଛି।

ଦମୟନ୍ତୀ କାବେରୀକୁ ଟାଣିଆଣି ପାଖରେ ବସେଇ କହିଲେ—ଆଲୋ, ତୁମେସବୁ କ'ଣ ମୋଠୁ ବେଶି କରିଛ ? ମୁଁ ଶାଶୁଘରେ ଯାହା କରିଥିଲି, ସେ କଥା ମୋ ମନ ଜାଣେ। ସେମିତି କରିଥିଲି ବୋଲି ଆଜି ବୁଝୁଛି ତା ଦୁଃଖ। ତମେ କଣ ଜାଣ ନାହିଁ ଶାଶୁଘରେ ଯାହା କାମ ଦେଲେ ବି ବୋହୂର ମୁହଁ ଫିଟେ ନାହିଁ ?

ଏତିକିବେଳେ ବାଁ ହାତରେ ଗୋଟାଏ ଅଧା ଖିଆ କଦଳୀ ଧରି, ପାଟି ଚାକୁଳେଇ ଚାକୁଳେଇ ମାୟା ଆସି ଖଣ୍ଡେ ବାଟରେ ଠିଆ ହେଲା।

—ହୋ ଭାଉଜବୋଉ ! ଶୁଭୁଛି ? ତୁମକୁ ତମ ସାଇବ କାହିଁକି ଡ଼ାକୁଛନ୍ତି।

ମାୟାକୁ ଦେଖି ଇନ୍ଦୁମତୀ ପଚାରିଲେ—ମାୟା ! ବୁଲୁ, ଦୁଲୁ ଖାଇଲେଣି ?

ହଁ, ବୋଉ ଦଉଛି। ଅବିକା ଖାଉଛନ୍ତି। ମାୟା କାବେରୀକୁ ପୁଣି ଥରେ ମୋହନ ଡ଼ାକିବା କଥା ମନେ ପକେଇ ଦେଇ ଚାଲିଗଲା। ଆଉ ତା ପଛେ ପଛେ ମଧ୍ୟ କାବେରୀ ଉଠିଗଲା।

ମାଳଦେଈ ସାନ ଜାଆ ଇନ୍ଦୁମତୀଙ୍କୁ ହାତରେ ଚିମୁଟି ଦେଲେ। ଓଠରୁ ଯେମିତି ହସଗୁଡ଼ାକ ଖାଲି ଉତୁରି ପଡୁଥାଏ। ଏମାନଙ୍କ ହସ ଦେଖି ବିନ୍ଦୁବୋଉ ମଧ୍ୟ ଟିକିଏ ପାଟି ସୁଆଦ କରିବାର ଲୋଭ ସମ୍ଭାଳି ପାରିଲେ ନାହିଁ। କହିଲେ–''କେଡ଼େ ଅଲାଜୁକୀଟାଏ ମ!'' ପାଟିରୁ କଥା ସରିଛି କି ନାହିଁ, ମହୀବୋଉ ଆସି ପାଖରେ ଠିଆ ହୋଇଗଲେ।

–କାହା କଥା କହୁଚ ଖୁଡ଼ୀ ?

–ନାଇଁଲୋ... ଏଇ ଆମ ଗାଁ କଥା।

ଏତିକିବେଳେ ଗାଁରୁ ଆସିଥିବା ପିଲାଗୁଡ଼ିକ ଧାଇଁ ଧାଇଁ ଆସି ମାଳଦେଈ ଓ ଇନ୍ଦୁମତୀଙ୍କ ଉପରେ ଲଦିହେଇ ପଡ଼ିଲେ।

-ବୋଉ, ବୋଉ ସର୍କସ ଦେଖିଯିବା ନାଇଁ ?

-ଅପାଙ୍କୁ ପଚାର।

ମହୀବୋଉ କହିଲେ ନାଇଁରେ ପିଲାଏ, କାଲିକି ଯିବା। ତା'ପରେ ମାଳଦେଈଙ୍କୁ ଚାହିଁ କହିଲେ–ମୁଁ ଭାବୁଚି ଆଜି ଚଣ୍ଡୀ ମନ୍ଦିରକୁ ଯିବା। ସଅଳ ସଅଳ କାମ ସାରିଦେଲେ ବାହାରି ପଡ଼ନ୍ତେ।

ନିଜ ବଖରା ପାଖକୁ ଆସି କାବେରୀ ଦେଖିଲା ମୋହନ ବୁଲିଯିବା ପୋଷାକରେ ତା'ରି ଅପେକ୍ଷାରେ ବାହାରି ଠିଆହୋଇଛି। ତାକୁ ଦେଖି ନ ଦେଖିଲା ପରି କାବେରୀ ଘର ଭିତରକୁ ପଶିଗଲା।

-ହେଇ, ଦଶଟା ଟଙ୍କା ଦେଇଥା। ବଡ଼ ଜରୁରୀ କାମ ଅଛି।

ନ ଶୁଣିଲାପରି କାବେରୀ ଚାଲିଗଲା। ମନର ରାଗରେ ସେ ଖଟରୁ ବିଛଣା ଚଦର ଟାଣିଆଣି ଝାଡ଼ିବାରେ ଲାଗିପଡ଼ିଲା।

-ମୋ କଥା କଣ ଶୁଭୁନାହିଁ ? ଦଶଟା ଟଙ୍କା ଶୀଘ୍ର ଦିଅ।

ଧୁମ୍ ଧୁମ୍ ହୋଇ କାବେରୀ ଘରୁ ବାହାରି ଯାଉ ଯାଉ କହିଲା–ମୋ ପାଖରେ ନାହିଁ।

-କି ମୁସ୍କିଲ୍! ପଇସା ଲାଗିବା ସଉକି କମ୍ ନୁହଁ କି ହଇରାଣ କରିବା କମ୍ ନୁହଁ। କୁଆଡ଼େ କିଛି ନାହିଁ, ଧାଇଁଆସି ମୋରି ଉପରେ ରାଗ! ମୋହନ ଥରକୁ ଥର ହାତ ଘଡ଼ିକି ଚାହିଁ ବ୍ୟସ୍ତ ହୋଇ ଉଠୁଥାଏ। କାବେରୀ ଆଉ ଫେରିଲା ନାହିଁ। ମାୟାଠାରୁ ପଚାରି ବୁଝିଲା କାବେରୀ ପାଇଖାନା ଯାଇଛି। ମୋହନ ବାହାରକୁ

ନ ପାଇ ସେମିତି ଗମ୍ଭୀର ହୋଇ ବସିରହିଲା।

ଅନେକ ବେଳ ପରେ କାବେରୀ ଫେରିଲା। ମନର ରାଗ ମରିନାହିଁ। ଭାବିଥିଲା ଯାରି ଭିତରେ ମୋହନ ଚାଲି ଯାଇଥିବ। କିନ୍ତୁ ତାକୁ ଆଖି ଆଗରେ ବସିଥିବାର ଦେଖି କାବେରୀ ଶଙ୍କିଗଲା, କିନ୍ତୁ ବାହାରକୁ ସେତକ ନ ଜଣାଇ ଚିଙ୍କିଏ ଚିଡ଼ିଉଠି କହିଲା—ଦିନ ଗୋଟାକଯାକ ଘଷି ଘଷି ମୋ ହାତ ଛିଣ୍ଡିପଡ଼ିଲାପରି ଲାଗୁଛି। ସବୁଦିନେ ତ' ମତେ ନ ଦେଖିଲେ ତମ ଖାଇବାରେ ଶାନ୍ତି ଆସେ ନାହିଁ ବୋଲି କହ, ଆଉ ଆଜି କେମିତି ତର୍କିକୁ ଗୁଣ୍ଡା ଗଲା ?

ସେମିତି ବସିରହି ମୋହନ ଜବାବ ଦେଲା—କାହିଁକି ତମର କ'ଣ ମୁହଁ ନଥିଲା କି ? କହିଦେଲ ନାହିଁ ?

ମୋହନଠାରୁ କୌଣସି ସହାନୁଭୂତି ନ ପାଇ କାବେରୀ ମନ ଆହୁରି ପିତା ହୋଇଗଲା। ଅନ୍ୟ ଉପାୟ ନଦେଖି ସେ କାନ୍ଦିବାରେ ଲାଗିଲା।

-ଆରେ ଇଏ କ'ଣ ? କାନ୍ଦୁଛ କାହିଁକି ? ମୋହନ ବ୍ୟସ୍ତ ହୋଇପଡ଼ିଲା। ସ୍ତ୍ରୀର ଆଖିଲୁହ ପାଖରେ ମନ ତାର ହାର ମାନିଲା।

ଏହାରି ଭିତରେ ପାଞ୍ଚ ଦିନ ଗଡ଼ି ଗଲାଣି। ମହାବୋଉ ଓ ସାନ ପୁଅ ତିନୋଟିଙ୍କୁ ଛାଡ଼ିଦେଲେ ପୀତାମ୍ବରବାବୁଙ୍କ ଘରର ବାକି ସମସ୍ତେ ଏ କୁଣିଆ ଙ୍କୁ ନେଇ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେଣି। କାବେରୀର ମୋହନକୁ ଦିନରାତି ଠେଲା...କେତେ ଦିନ ଆଉ ରହିବେ ? ପୀତାମ୍ବରବାବୁଙ୍କର ଚିନ୍ତା କେବେ ଏମାନେ ଯିବେ ? ସିନେମା, ସର୍କସ, ବୋହୂଦେଖା ସବୁତ ସରିଲା। ପୁଣି ଡେ଼ରି କାହିଁକି ? ଦିନରାତି ଘର ଲୋକଙ୍କ ଫେରାଦ ଶୁଣି ଶୁଣି ମୋହନର ମନ ବି ଚିଡ଼ିଗଲାଣି। ପାଞ୍ଚରାତି ହୋଇଗଲାଣି କାବେରୀ ତାକୁ ଆଉ ଶୁଆଇ ଦେଇ ନାହିଁ— ଖାଲି ଫେରାଦ ଆଉ ଫେରାଦ। କେତେବେଳେ କିଏ କ'ଣ କହୁଚି ସବୁ ଶୁଣି କୁନା ଆସି ତା ଭଉଣୀ ଆଗରେ ଫୋଡ଼ି ଦଉଚି। ସେଇଥିପାଇଁ କାବେରୀ ସାଙ୍ଗରେ କେତେ କଳି ଲାଗିଗଲାଣି, କାବେରୀ ମୁହଁରୁ ଗୋଟିଏ ନୂଆ କଥା ମୋହନ ଶୁଣିଲାଣି ଯେ ତା ନାଁରେ ଯଦି ଏମିତି କଥା କହନ୍ତି ତାହାହେଲେ ସେ ଅଲଗା ଘରେ ରହିବ। ସବୁବେଳେ ସେଇ ଏକା କଥା—ଏତେ କରି କରି ଯଦି ଶେଷରେ ଏମିତି ନିନ୍ଦା ମିଳିଲା, ତେବେ କରି କେତେ ନ କରି କେତେ ? ଶାଶୁଘର କରିବା ପଛେ ନ ହେଲା ନାହିଁ! ସମସ୍ତେ ବୋହୂପଣିଆ ଚାରି ଛ'ମାସ କରନ୍ତି ନା କ'ଣ ସବୁଦିନେ କରୁଥିବେ ? ତମ ଟଙ୍କାରେ ତ ସମସ୍ତେ ଚଳିବେ। ତହିଁକି ପୁଣି ମୋ ଭାଇକି କାହିଁକି ଏତେ କଥା କହିବେ....?

ବାଧ ହୋଇ ଦିନେ ମୋହନ ମହାବୋଉଙ୍କୁ ଯାଇ କହିଲା—ବୋଉ, ସେମାନେ ଆଉ କେତେ ଦିନ ରହିବେ ?

ଭିତରେ ଇଚ୍ଛା ନ ଥିଲେ ମଧ୍ୟ ଉପର ମୁହଁରେ ମହାବୋଉ କହିଲେ, ''ଏଇ

ଦିନେ ଦି'ଦିନ ଭିତରେ ଚାଲିଯିବେ। ସବୁ ତ ଦେଖା ସରିଲାଣି।'' ଟିକିଏ ରହି ମହୀବୋଉ ପୁଣି ମୋହନ ମୁହଁକୁ ଚାହିଁ କହିଲେ—କାଇଁ ତୋର କ'ଣ କିଛି ଅସୁବିଧା ହଉଚି ?

-ଅସୁବିଧା ନୁହେଁ ଯେ, ଏଇ ଦେଖୁନ୍ତୁ, ଖର୍ଚ୍ଚ କେତେ ବଢ଼ିଯାଉଛି ? ମୋହନ ବାଧ୍ୟ ହୋଇ ଖର୍ଚ୍ଚର ଆଳ ନେଲା।

-କିରେ, ତାଙ୍କ ପାଇଁ ତମର କି ଖର୍ଚ୍ଚଟାଏ ହୋଇଗଲା ? ସେମାନେ ତ ପୁଣି ସାଙ୍ଗରେ ଏତେଗୁଡ଼ାଏ ଜିନିଷ ଆଣିଥିଲେ ! ସେଇ ଡ଼ାଲି, ଚୂଡ଼ା କିଣିବାକୁ କ'ଣ ତୁମକୁ ପଇସା ପଡ଼ି ନଥାନ୍ତା ?.... ମତେ ବି ସେମାନେ ଗାଁରେ ଯାଇ ମାସେ ଦି'ମାସ ରହି ଆସିବାକୁ ଡ଼ାକୁଛନ୍ତି... ଭାବିଛି ଯିବି ବୋଲି... ଘରେ ତ ବୋହୂ ଅଛି, ସେ ଚଳେଇ ନବ....।

ଆଉ ଅଧିକ ଶୁଣିବାକୁ ଅପେକ୍ଷା ନ କରି, ଚାଲି ଯାଉ ଯାଉ ମୋହନ କହିଲା—ତୋର ଯଦି ଇଚ୍ଛା ହେଉଛି ତେବେ ଯିବୁ। ମତେ ଆଉ କହୁଛୁ କାହିଁକି ?

ମୋହନଠାରୁ ମହୀବୋଉଙ୍କ ଯିବା ଖବର ଶୁଣି, କାବେରୀ ମନ ଭିତରେ ଖୁସି ହୋଇଗଲା। ମନରେ ତାର କେତେ କ'ଣ ଭାବନା ଖେଳିଗଲା। କି ଉପାୟରେ, କେଉଁଠି, କି ଖର୍ଚ୍ଚ କରିବ ସବୁ ଯେମିତି ତା' ଆଖି ଆଗରେ ଜଳ ଜଳ ହୋଇ ଦିଶି ଯାଉଥାଏ। ନିଜର ଦକ୍ଷତା ଦେଖାଇବାର ପ୍ରଥମ ସୁବିଧା ସେ ଏଇଠି ପାଇବ... କିନ୍ତୁ ମନର ଆନନ୍ଦ ମନରେ ଚାପିରଖି ମୁହଁ ଶୁଖାଇ କାବେରୀ ମହୀବୋଉଙ୍କ ପାଖକୁ ଗଲା।

ଏକୁଟିଆ ହୋଇ ମହୀବୋଉ କ'ଣ ଗୋଟାଏ କାମ କରୁଥିଲେ। ପାଖରେ ଠିଆହୋଇ କାବେରୀ ଡ଼ାକିଲା—''ବୋଉ... ?'' ତା ସ୍ୱରରେ କ'ଣ ଥିଲା କେଜାଣି ମହୀବୋଉ ଚମକି ପଡ଼ି ଚାହିଁଲେ।

-କଣ କିଲୋ ?

-ବୋଉ, ମୁଁ ବି ତମ ସାଙ୍ଗରେ ଯିବି। ଛଳ ଛଳ ଆଖିରେ କାବେରୀ କହିଲା।

ମହୀବୋଉଙ୍କ ଓଠରେ ହସ ଖେଳିଗଲା। -ପାଗଳିଟା... ତୁ କୁଆଡ଼େ ଯିବୁ ଲୋ ? ତୋରି ଉପରେ ଭାରଦେଇ ପରା ମୁଁ ଯାଉଚି....।

-ନାଇଁ...ମୁଁ ପାରିବି ନାହିଁ। ତମକୁ ତ ସମସ୍ତେ ପିଠି ଆଡ଼େଇ ଚାଲି ଯାଉଥିଲେ... ମତେ କ'ଣ କେହି ମାନିବେ ? ଓଠ ଫୁଲେ କାବେରୀ କହିଲା।

-କେଇଟା ଦିନର କଥା ଯେ, ମୁଁ ପୁଣି ଆସିବି ନାଇଁ କି ? ଗଲାବେଳକୁ ମୁଁ ସେମାନଙ୍କୁ କହିଦେଇ ଯିବି ମ। ବୋହୂ ମୁଣ୍ଡକୁ ସ୍ନେହରେ ଦି'ଥର ଆଉଁସି

ଦେଇ ମହୀବୋଉ ତାଙ୍କୁ ବିଦା କରିଦେଲେ। ମନରେ ଗର୍ବ ଆସିଲା-ଏତେ ପାଠ ପଢ଼ି ମଧ ବୋହୂ ବୁଝୁଚି ଯେ ତାଙ୍କ ଭଳି ଘର ଚଳେଇ ପାରିବ ନାହିଁ।

ଏତିକିବେଳେ ଭିକା ଆସି ପାଖରେ ଠିଆ ହେଲା।

-ମା, ଦେଉଙ୍କୁ କିଏ ଜଣେ ବାବୁ ଖୋଜୁଛନ୍ତି।

ଭିକାକୁ ଗୋଟାଏ କାମରେ ବରାଦ ଦେଇ ମହୀବୋଉ କାବେରୀଙ୍କୁ ଡ଼ାକି କହିଲେ– ବୋହୂ, ମାୟାକୁ ଟିକିଏ ଡ଼ାକିଦବୁଟି ଲୋ, ତାକୁ କିଏ ଖୋଜୁଚି।

ରନ୍ଧା ଘରେ ଚୁଲୀରେ କଡ଼ା ବସେଇ ମାଳଦେଈ ଆରିସା ପିଠା ଛାଣୁଥିଲେ। ଦମୟନ୍ତୀ, ଇନ୍ଦୁମତୀ ବସି ମଣ୍ଡାପିଠା ଗଢୁଥିଲେ ଆଉ ମାୟା ସେଇଠି ବସି ଗୋଟିଏ ହାତରେ ଖିଆ ଲଗାଇ ଆର ହାତରେ ମଝିରେ ମଝିରେ ଟିକିଏ କାମରେ ସାହାଯ୍ୟ କରୁଥିଲା। ପାଖରେ ବସି ବିନ୍ଦୁବୋଉ ଖୁଡ଼ୀ କେବେ କି ପିଠା, କେମିତି କରିଥିଲେ, କେମିତି ଲାଗୁଥିଲା, ସେହିକଥା ପକାଇଥାନ୍ତି। କାବେରୀଙ୍କୁ ଆସିବାର ଦେଖି ଅଧା ବାଟରୁ ମାୟା ନିମନ୍ତ୍ରଣ ଜଣାଇଲା—ଭାଉଜ'ଉ ଖଣ୍ଡେ ପିଠା ଖା ?

-ତମେ ଯା, ତମକୁ କିଏ କଲେଜ ପିଲା ଖୋଜୁଛନ୍ତି।

କାବେରୀ କଥା ଶୁଣି ଇନ୍ଦୁମତୀ କହିଲେ—ଏଇଠିକି ଡ଼ାକି ଦଉନା ? ସେ ଏଇକ୍ଷିଣା କାମ କରୁଛନ୍ତି କେମିତି ଯିବେ ?

-ନାଇଁ, ନାଇଁ, ସେ ଏଠିକି ଆସିପାରିବେ ନାହିଁ, କହି ମାୟା କୁଦା ମାରି ଚାଲିଗଲା।

ତିନୋଟିଯାକ ମାଇପେ ବଲ ବଲ ହୋଇ ମାୟା ପଛକୁ ଚାହିଁ ରହିଲେ। ଅର୍ଥାତ ରୋଷେଇଘରକୁ ଆସିଥିଲେ ସେମାନେ ଟିକିଏ ଦେଖିଥାନ୍ତେ।

ହସି ହସି କାବେରୀ କହିଲା—ମରଦଲୋକ, ଏଠିକି ଆସିବେ କେମିତି ?

-ଏଁ ମରଦ ! ତା ସାଙ୍ଗରେ ମାୟା କଥାଭାଷା କରୁଛନ୍ତି ? ମାଳଦେଈ କହିଲେ।

ମରଦ ନାଁ ଶୁଣି ଖୁଡ଼ୀଙ୍କ ମନ କଲବଲ ହେଲା। ଚଟ କରି ଉଠିଯାଇ କାବେରୀ ହାତ ଧରି ଟାଣିଲେ—କାଇଁ, ମୁଁ ଟିକିଏ ଦେଖନ୍ତି ? ତାଙ୍କ ପଛେ ପଛେ ଚୁଲୀରୁ କଡ଼ା ଓହ୍ଲେଇ ଦେଇ ସମସ୍ତେ ଉଠିଆସିଲେ। ସମସ୍ତଙ୍କ ଆଖିରେ କୌତୁହଳ, ଓଠରେ ହସ—ଅତି ବଡ଼ ଧରଣର ଯେମିତି ଗୋଟାଏ କ'ଣ ଆବିଷ୍କାର କରି ପକାଇଛନ୍ତି।

ମହୀବୋଉଙ୍କୁ ଦୂରରୁ ଦେଖି କାବେରୀ ହାତଠାରି ସେମାନଙ୍କୁ ଦାଣଘର ଦେଖାଇ ଦେଇ ନିଜେ ଛପିଯାଇ କହିଲା—ମରଦଲୋକ, ମୁଁ ତ ତାଙ୍କ ଆଗକୁ ଯିବି ନାହିଁ, ତମେ ଯାଅ।

ବୈଠକଖାନାର ବାଆରବନ୍ଧ ପାଖରେ ଠିଆହୋଇ ମାୟା ଗପ କରୁଛି। ଅଧାମେଲା କବାଟଟି ଆସ୍ତେ ଆଉଜେଇଦେଇ ଖୁଡ଼ୀ କବାଟ ଫାଙ୍କରେ ଚାହିଁଲେ। ତାଙ୍କ ପଛରେ

ଅନ୍ୟ ତିନିଜଣ। କାଚ ଚୁଡ଼ୀର ଝଣ୍ ଝଣ୍ ଶବ୍ଦରେ ମାୟାର ବନ୍ଧୁ ପଛକୁ ଫେରି ଚାହିଁଲେ। ତାକୁ ପଛକୁ ବୁଲି ଚାହିଁବାର ଦେଖି ସମସ୍ତେ ମୁଣ୍ଡରେ ଆଉ ଟିକିଏ ଓଢ଼ଣା ଟାଣିଦେଇ କବାଟକୁ ଆଉ ଟିକିଏ ବୁଜିଦେଲେ। ଫୁସ୍ ଫୁସ୍ କରି ଖୁଡ଼ୀ ପଛକୁ ଚାହିଁ କହିଲେ—ଆଲୋ ଗଜା ଟୋକାଟାଏ।

ମାଳଦେଈ ମତ ଦେଲେ—ଯାହା କହ, ଇଏ ମାୟାକୁ ଖାପ ଖାଇବ ନାହିଁ। ଇଏତ ମାୟାଙ୍କର କାନ ଖାଇବ କି କ'ଣ... ମୋତେ ମାନିବ ନାହିଁ।

ଇନ୍ଦୁମତୀ ଦାନ୍ତ ଦେଖେଇ ଦମୟନ୍ତୀଙ୍କୁ ଚିମୁଟି ଦେଇ କହିଲେ—ଅପାଙ୍କର ଯୋଉ କଥା ! ପୀରତି କଲାବେଳେ ଗୋଡ଼ା ଡେଙ୍ଗା କିଏ ଦେଖୁଥାଏ ?

ନିଜ ନିଜର ମତ ଦେଇସାରି ସମସ୍ତେ ପୁଣି ଏକଲୟରେ ଚାହିଁ ରହିଲେ। ପଛରୁ ଫୁସର ଫୁସୁର ଶୁଣି ମାୟା ସବୁ ଅନ୍ଦାଜ କରି ପାରିଲା। ତା'ରି ବିଷୟରେ ଚର୍ଚ୍ଚା ପଡ଼ିଛି।

ଏମାନଙ୍କ ବ୍ୟବହାରରେ ବିରକ୍ତ ହୋଇ ଚିତ୍ତରଞ୍ଜନ ଆଣିଥିବା କାଗଜଟିରେ ବେଗି ବେଗି ଗୋଟାଏ ଦସ୍ତଖତ ମାରିଦେଇ ମାୟା କାଗଜଟି ଫେରେଇ ଦେଲା—ସନ୍ଧ୍ୟାବେଳକୁ ସୁବିଧା ହେଲେ ମୁଁ ଯିବି... ନମସ୍କାର।

-ନା, ନା, ଯେମିତି ହେଲେ ଯିବେ। ଚିତ୍ତରଞ୍ଜନ ଚାଲିଗଲା।

ସେ ଦାଣ୍ଡରେ ଗୋଡ଼ ଦେବାରୁ ଏମାନେ କବାଟ ଠେଲି ଭିତରକୁ ପଶିଆସିଲେ।

-ମାୟା, ସେ କିଏ ବା, କିଏ ବା ? ସମସ୍ତଙ୍କ ଓଠରେ ହସ।

-ଚିହ୍ନିନା ? ମୋ ବର। ଛାଟ ମାରିଲାଭଳି କଥାଗୁଡ଼ାକ କହିଦେଇ ମାୟା ସେ ଘର ଛାଡ଼ି ଚାଲିଗଲା।

-ଦେଖିଲ ନାହିଁ,କାଗଜ ଖଣ୍ଡକ ଦେଲାବେଳେ ମାୟାଙ୍କ ହାତକୁ ସେ ଧରି ପକେଇଲା—କହି ଇନ୍ଦୁମତୀ ହସିଲା ଆଖିରେ ଅନ୍ୟମାନଙ୍କୁ ଚାହିଁଲେ।

ନୂଆଁଉଙ୍କର ଯୋଉ କଥା। କେତେବେଳେ ହାତଟା ଧଇଲା ମ ? ଆମେ ତ ସମସ୍ତେ ଚାହିଁଥିଲୁ। ଦମୟନ୍ତୀ ସାନଭାଉଜଙ୍କୁ ଚାହିଁଲେ।

ଦୂରରୁ ମାୟାର ଚିତ୍କାର ଶୁଭୁଛି।

ମହାବୋଉଙ୍କୁ ଦେଖି ମାୟା ବଡ଼ ପାଟିରେ ଶୁଣେଇ ଶୁଣେଇ କହିଲା—କୁଆଡ଼ର ଅଭଦ୍ରଗୁଡ଼ାଏ। ଗୋଟାଏ ଭଦ୍ରଲୋକକୁ ଅପଦସ୍ଥ କରି ଛାଡ଼ିଦେଲେ। ଛିଃ, ସେ ଆଜି କ'ଣ ଭାବିଥିବଟି...। ଭାବିଥିବ ଯାଙ୍କର ମା, ଭାଉଜ ତ ?

ମାୟାର ପାଟି ଶୁଣି ଦାଣ୍ଡ ଘରର ସଭା ଭାଙ୍ଗିଗଲା। ତା'ର ପାଟି ବନ୍ଦ ହେବାକୁ ନାହିଁ। ମାଳଦେଈ କହିଲେ—କ'ଣ ହେଲା କି, କାହିଁକି ଏତେ ପାଟି କରୁଛ ?

ଚିଡ଼ିଉଠି ମାୟା କହିଲା—କାହା ସାଙ୍ଗରେ କେହି କଥା କହିଲାବେଳେ ଆଉ

କେବେହେଲେ ଏମିତି ଭଣିବ ନାହିଁ।

-ମଲା, ଦାଣ୍ଡଯାକର ଲୋକ ତ ଦେଖୁଛନ୍ତି। ଆମେ ଦେଖିଲେ କ'ଣ ଦୋଷ ନାଗିଗଲା ? ଖୁଡ଼ୀ କହିଲେ।

ମହୀବୋଉ ଝିଅ ପଟ ନେଇ କହିଲେ ଆଜିକାଲି କ'ଣ ଆଉ ଆମ ବେଳର ଲାଜ ଅଛି ? ଅମେ ତ ବାପ ଭାଇଙ୍କୁ ବି ଆଡ଼ ହଉଥିଲୁ। ଏମାନେ ତ ମରଦଙ୍କ ସାଙ୍ଗରେ ଏକାଠି ବସି ପାଠ ପଢ଼ିବେ। ସବୁବେଳେ ତାଙ୍କରି ପାଖରେ ଦରକାର। ଆଡ଼ ହେଲେ ଚଳିବ କେମିତି ?

-ହଁ ମ, କଥା କହିଲେ କଣ ହେଲା ? ଆମେ କ'ଣ ହଳିଆ ମୁଲିଆଙ୍କ ସାଥିରେ କଥା ହଉନୁ ? ମାଳଦେଇ ମହୀବୋଉଙ୍କୁ ସମର୍ଥନ କଲେ।

ତଳେ ଥକ୍କା ହୋଇ ବସି ପଡ଼ି ଖୁଡ଼ୀ କହିଲେ—ପାରିଆ, ଝୁଅଟାକୁ ବାହା ନ କରି ଏଇଆ କରୁଚୁ ?... ତା ବାହାଘର କୋଉଠି ଲାଗିଲାଣି ନା ନାହିଁ ବା ?

-ନାଇଁ ମ ଖୁଡ଼ୀ, ବାହାଘର ! କହିଲାବେଳକୁ ତା ବାପ ଭାଇ କହୁଚନ୍ତି—ଛୁଆଟାଏ, ଆଉ କିଛି ଦିନ ଯାଉ। ଭଲ ପାତ୍ର ବି ଆଖିରେ ଦୁଶୁ ନାହାନ୍ତି।

ମହୀବୋଉଙ୍କୁ ପାତ୍ର ନ ମିଳିବା କଥା ଶୁଣି ଚଟକରି ଖୁଡ଼ୀ କହିଲେ—ପାତ୍ର ଅପୂରୁବ ! କାଇଁକି ଆମ ଗାଁ ଗୋବିନ୍ଦାକୁ କରୁନା ?

ସାଙ୍ଗେ ସାଙ୍ଗେ ଦୁଇ ଭାଉଜ ସମର୍ଥନ ଜଣେଇଲେ।

-ହଁ ହଁ, ଭଲ ହୁଅନ୍ତା। ଗୁଣର ପିଲାଟିଏ। ଦିହେଁ ଗୋଟିଏ ଯୋଡ଼ି ପରି ଦୁଶନ୍ତେ।

ମହୀବୋଉଙ୍କ ଆଖି ଉଚ୍ଛଳି ଉଠିଲା। କିଏ ସେ ପାତ୍ର, ସେ ଚିହ୍ନି ନାହାନ୍ତି ? ପଚାରିଲେ, କୋଉ ଗୋବିନ୍ଦ ମ ?

-ଆଲୋ, ଆମ ଗାଁ ବିଶ୍ଵ ଜମିଦାର ପୁଅ ମ।

-କେତେ ଯାଏ ପଢ଼ିଚି ?

-ପଢ଼ାପଢ଼ି ତା'ର କେବେଠୁ ସରିଲାଣି। କଣ ମାଇନର ପାଆସ କରିଚି। ଏଇକ୍ଷଣି ଜମିଦାରୀ ବୁଝୁଛି। ଭଲ ହୁଅନ୍ତା ମ। ସେଇଠି କର। ଅଥଳ ଦରିଆରେ ଭାସୁଥିବା ଲୋକକୁ ଥଳ ଦେଲାପରି ଖୁଡ଼ୀ କହିଲେ।

ଅବଜ୍ଞାରେ ହସି ମହୀବୋଉ ଜବାବ ଦେଲେ—ମାଇନର ପାସ୍ ଗୋଟାଏ ପଢ଼ାରେ ଯାଏ ?

-ନାଇଁ, ଆମେ ଘର ବର ଦେଖି କହୁଥିଲୁ ନା। ଟିକିଏ ଲାଜରା ହେଲାପରି ମାଳଦେଇ କହିଲେ।

ମହୀବୋଉ ପଢ଼ା ପ୍ରତି ଏତେ ନଜର ଦେଉଥିବାର ଦେଖି ବିନ୍ଦୁବୋଉ କହିଲେ...

ଯେତେ ପଢ଼ିଲେ ବି ସେଇ ରୋଜଗାରକୁ ତ ସଭିଏ ଧାଇଁବେ। ଆଉ ତୁ ରୋଜଗାରକୁ ନ ଦେଖି ପଢ଼ାକୁ ଦେଖୁଚୁ କଅଣ? ସେଇଠି ବାହାଘର କଲେ ଦେଖିବୁ ଜମିଦାର ବୁଢ଼ା ମେଘ ଉଣ୍ଡ ଟଙ୍କା ଖରଚ କରିବ ...।

ଆହୁରି କେତେ ପାତ୍ର ହୁଏତ ଆଣି ଖୁଡ଼ୀ ଜୁଟେଇ ଥା'ନ୍ତେ। ଏତିକିବେଳେ ରୋଷେଇ ଘର ଆଡୁ ଭିକା'ର ପାଟି ଶୁଭିଲା—ଘର ମେଲା ରଖିଦେଇ ଗଲେ। ହେଇଟି, ବିଲେଇ ପଣି କ'ଣ ଖାଇଲାଣି।

-"ଆଲୋ ମୋ ପିଠା' କହି ମାଳଦେଇ ବସିବା ଜାଗାରୁ ଭୁଷ୍କିନା ଉଠି ପଡ଼ିଲେ।

"ଆଲୋ ସତେ ତ' କହି ଅନ୍ୟମାନେ ତାଙ୍କ ପିଛା ଧରିଲେ। ସତେ ଯେମିତି କାହାରି ସେ କଥା ମନେ ନ ଥିଲା। ଖାଲି ଭିକା କଥା ଶୁଣି ମନେ ପଡ଼ିଗଲା। କିନ୍ତୁ ପ୍ରକୃତରେ ପିଠା ଅପେକ୍ଷା ପ୍ରଜାପତି ଘଟସୂତ୍ର କରିବାର ସୁଆଦ ବହୁତ ବେଶି, ଏ କଥା ସମସ୍ତେ ମନ ଭିତରେ ବୁଝିଥିଲେ।

ମହୀବୋଉଙ୍କର ବାପ ଘରକୁ ଯିବା ପ୍ରସ୍ତାବରେ ଅନିଚ୍ଛାସତ୍ତ୍ୱେ ପୀତାମ୍ବର ବାବୁ ରାଜି ହେଲେ। ଦିନ ବାରଟା ବେଳେ ଗାଡ଼ି। ସକାଳୁ ଉଠି ମହୀବୋଉଙ୍କର ଗୋଡ଼ ଆଉ ତଳେ ଲାଗୁ ନାହିଁ। ମୁହଁକୁ ଶୁଖେଇ କାବେରୀ ତାଙ୍କ ପଛେ ପଛେ ରହି ସବୁ କାମ କରି ଦଉଛି।

ଖିରିସା-ପାଣିରେ ଶାଶୁଙ୍କର ବଡ଼ ଶରଧା ଜାଣି କାବେରୀ ଆଗଦିନ ରାତିରୁ ପୂଝାରୀ ହାତରେ ତିଆରି କରେଇ ରଖିଛି। ମହୀବୋଉ ଗାଧୋଇ ସାରି ନିର୍ମାଲ୍ୟ ସେବା କଲାବେଳେ କାବେରୀ ତାଙ୍କୁ ଜଗି ଠିଆ ହୋଇଥାଏ। ଯଦି ଆଉ କୋଉ କାମରେ ଲାଗିଯିବେ ତେବେ ଖାଉ ଖାଉ ପୁଣି କେତେ ଡେ଼ରି ହୋଇଯିବ। କୁଣିଆମାନେ ଖାଇସାରିଲେଣି। ନିଜେ ପାଖରେ ରହି କାବେରୀ ସେମାନଙ୍କ ଖବର ବୁଝିଛି। ଅନ୍ୟଦିନ ହୋଇଥିଲେ ହୁଏତ କେବଳ ମୋହନର ଖବର ବୁଝିବାରେ ତାର ବେଳ କଟିଯାଇଥାନ୍ତା। କିନ୍ତୁ ଆଜି ସେ ମୋହନକୁ ଏକେବାରେ ଆଡ଼େଇ ଦେଇଛି। ବେଳେ ବେଳେ ମହୀବୋଉଙ୍କ ପାଖରେ ଠିଆହୋଇ ଆଖିରୁ ଦି'ଟୋପା ଲୁହ ଗଡ଼େଇ ଦେଇ କହୁଚି ବୋଉ, ମତେ ଭାରି ଡ଼ର ମାଡୁଛି। ତମେ ଯାଅ ନାହିଁ। ଘରଟା ଭାରି ଖାଲି ଖାଲି ଲାଗିବ।

ବୋହୂର ଦୁଃଖରେ ମହୀବୋଉଙ୍କ ଆଖିରେ ପାଣି ଆସୁଛି। ସେ ତାକୁ ବୁଝେଇବାକୁ ନାନା ପ୍ରକାର ଚେଷ୍ଟା କରୁଛନ୍ତି।

ମହୀବୋଉଙ୍କୁ ଜଳଖିଆ ପରଷି କାବେରୀ ପାଖରେ ବସିଲା। ତାଙ୍କର ଯାହା କିଛି ଦରକାର ପାଟିରୁ ନ ବାହାରୁଣୁ ଧାଇଁଯାଇ ନେଇ ଆସୁଥାଏ। ମହୀବୋଉ

ଖାଇସାରି ଉଠିବା ପରେ କାବେରୀ ନିଜେ ସେହି ଅଇଁଠା ଥାଳିରେ ବସିଲା। ଶାଶୂ ଖାଇ ନ ଥିଲେ ବୋଲି ସେ ଏତେବେଳଯାଏ ନ ଖାଇ ରହିଥିଲା।

ବୋହୂକୁ ଅଇଁଠା ଥାଳିରେ ବସିବାର ଦେଖି ମହୀବୋଉ ଆକଟିଲେ-ଛି, ଛି, ଅଇଁଠା ବାସନରେ କାହିଁକି ବସିଲୁ? ସେତେବେଳେ ମୁଁ ଡ଼ାକିଲି ସାଙ୍ଗରେ ଏକାଠି ଖାଇବାକୁ ମନା କଲୁ।

କାନ୍ଦ କାନ୍ଦ ହୋଇ କାବେରୀ ଜବାବ ଦେଲା—ଯାକୁ କ'ଣ ଅଇଁଠା ଥାଳି କହନ୍ତି? ତମେ ଗଲା ପରେ କ'ଣ ଏତିକି ମତେ ମିଳିବ?

ତର ତର ହୋଇ ଦି'ଚାରିଥର ଖାଇଦେଇ କାବେରୀ ଉଠିଗଲା। ମନେ ପଡ଼ିଗଲା ଶାଶୂ ଏ ଯାଏଁ ପାନ ଖାଇ ନାହାନ୍ତି।

ମହୀବୋଉ ଲୁଗାପଟା ସଜାଡୁଛନ୍ତି। ହାତରେ ଖଣ୍ଡେ ପାନ ଧରି କାବେରୀ ପହଞ୍ଚିଲା। ଟିକିଏ ଦୂରରେ କୁଣିଆମାନେ ବସି କଥାବାର୍ତ୍ତା ହେଉଛନ୍ତି। ମହୀବୋଉ ଜିନିଷ ସଜାଡୁଥାନ୍ତି। ଆଉ କାବେରୀ ପାଖରେ ରହି ତାଙ୍କ ହାତକୁ ଜିନିଷ ବଢ଼େଇ ଦଉଥାଏ। ହସି ହସି ମାଳଦେଈ କହିଲେ—ପାର, ତମ ବୋହୂଟିଏ ତ' ଭାରି ଚଞ୍ଚଳୀ।

''-ଚଞ୍ଚଳୀ ହୁଅନ୍ତା ନାହିଁ ଆଉ କ'ଣ ତମରି ଭଳି ମଠେଇ ହୁଅନ୍ତା?'' କହି ହସି ହସି କାବେରୀ ମୁହଁକୁ ଚାହିଁଲେ। କାବେରୀ କିନ୍ତୁ ହସିଲା ନାହିଁ। ମହୀବୋଉ ଚାଲିଯାଉଛନ୍ତି ବୋଲି ମନ ତା'ର ଯେମିତି ସତରେ ଦୁଃଖରେ ଭାଙ୍ଗି ପଡ଼ୁଚି।

ଯେତେ ଖୁସି ହେଲେ ବି ବେଳେବେଳେ ମହୀବୋଉଙ୍କ ଭିତରୁ ଗୋଟାଏ କୋହ ଉଠୁଚି। ଆଖିରେ ପାଣି ଚାଲି ଆସୁଚି। ସାନ ସାନ ପିଲା, ବୋହୂ, ପୀତାମ୍ବରବାବୁ ସମସ୍ତଙ୍କୁ ଛାଡ଼ି ଯିବାକୁ ତାଙ୍କ ମନଟା କେମିତି ଗୋଳେଇ ଘାଣ୍ଟି ହଉଚି।

ଯିବାବେଳ ପାଖେଇ ଆସିଲା। ଗାଡ଼ିରେ ଜିନିଷପତ୍ର ଲଦା ଚାଲିଛି। ମହୀବୋଉ ମାୟାକୁ ଡ଼ାକିନେଇ କହିଲେ ମାୟା, ମୋ ସୁନା ଝିଅଟା ପରା, ଭାଉଜ କଥା ମାନି ଚଳିବୁ। ପନ୍ତୁ, ରଞ୍ଜୁ ହେରିକାଙ୍କୁ ଟିକିଏ ନିଘା ରଖିଥିବୁ। ଯୋଉ ଦୁଷ୍ଟ ହେଇଚନ୍ତି— କେତେବେଳେ କ'ଣ କରି ପକେଇବେ। ଆଉ କୁନାକୁ ତ ବୋହୂ ଦେଖିବ। ବାପାଙ୍କର ଯେମିତି କିଛି ଅସୁବିଧା ନ ହୁଏ ଟିକିଏ ଦେଖୁଥିବୁ।

ଅଥାର ପରି ମୁହଁ କରି ମାୟା କହିଲା-ମୁଁ କିଛି କରିପାରିବି ନାହିଁ। ଇଏ ବୁଲିବ ଆଉ ଘର ଗୋଟାକର ମଣିଷଙ୍କୁ ସମ୍ଭାଳିବି ମୁଁ! କାହିଁକି, ତୋ ବୋହୂକୁ କହିକରି ଯାଉନୁ? ମାୟାର ରାଗ ଯେ କଲେଜ ଚାଲୁଥିବା ବେଳେ ମହୀବୋଉ ନିଜ ବୁଲିଯିବା ସୁବିଧାଟା କରିନେଲେ।

-ବୋହୂ ତ ସମ୍ଭାଳିବ। ତୁ ଟିକିଏ ଦେଖାଚାହାଁ କରୁଥିବୁ।

ତାପରେ କାବେରୀ ପାଖକୁ ଯାଇ କହିଲେ-ବୋହୂ! ମହୀ ତ ଏଯାଏଁ ଫେରିଲାନାହିଁ। ଗଲାବେଳକୁ ତାକୁ ଟିକିଏ ଦେଖି ପାରିଲି ନାହିଁ। ତା'ର ଯେମିତି କିଛି ଅସୁବିଧା

ନ ହୁଏ, ନିଘା ରଖିଥିବୁ । ବିହଘା'ର ଯତ୍ନନେଉଥିବୁ। ମୁଁ ଏଇ କେଇଟା ଦିନରେ ଆସିବି ନାଇଁ କି। ଆଖିର ଲୁହ ଲୁଚେଇବାକୁ ମହୀବୋଉ ଅନ୍ୟଆଡ଼େ ଚାଲିଗଲେ।

ହାତରେ ଗୋଟିଏ ଗୋଟିଏ ଟଙ୍କା ଧରି ପତୁ, ରଞ୍ଜୁ କାନ୍ଦୁଛନ୍ତି।

ଗାଁ ମାଇପେ ଯେମିତି ଯିବାକୁ ନାରାଜ। ବୋହୂ ବାହୁନା ଜାଣିଛି କି ନାହିଁ ବିଚ୍ଛିଡ଼ିବାକୁ କାବେରୀକୁ ଧରି ଜଣେ ଅଧେ ବାହୁନି ବସିଲେଣି। ତା'ର ଓଠ ଧରି, ଅନ୍ୟ ହାତରେ ପିଠି ସାଉଁଳେଇ ବାହୁନା ଚାଲିଛି-ମୋ.... ଧନାମାଳିଆଟୀ ରେ,....ମୋ ଚନ୍ଦ୍ର ବଦନୀରେ...କେଡ଼େ ମାୟା ଲଗେଇ ଦେଇଥିଲୁରେ.... ପୁଣି କେବେ ଆଇଲେ ତତେ ଦେଖିବି ରେ.... ଇତ୍ୟାଦି, ଇତ୍ୟାଦି।

କାବେରୀ ମୁହଁରେ ଲୁଗାମାଡ଼ି ସୁଁ ସୁଁ ହୋଇ କାନ୍ଦୁଥାଏ। ମାୟାକୁ ସେହିବାଟେ ଚାଲି ଯାଉଥିବାର ଦେଖି ଜଣେ ଅଧେ ତା ଉପରେ ଝାମ୍ପି ପଡ଼ିଲେ-''ହାଁ ମୋ ଧନମାଳିଆରେ....''

-ହାଟ୍। ଦି' ହାତରେ ଗୋଟିଏ ଜବର ଠେଲା ଦେଇ ନିଜକୁ ଅଲଗା କରିନେଇ ମାୟା ଖଡେଇ ହେଲା—ମ୍ୟୋ ଧନମାଳିଆରେ....ଗାଁ ଗୋବିନ୍ଦା ସାଙ୍ଗରେ ତତେ ବାହାକରିବି ରେ....

ବାହୁନା-ପାଳା ସରିବା ପରେ ଜଣ ଜଣ କରି ସମସ୍ତେ ଗାଡ଼ିରେ ଉଠି ବସିଲେ। ସମସ୍ତିଙ୍କର ଆଖିରେ ଲୁହ। ଘରଭିତରୁ ପତୁ, ରଞ୍ଜୁ ଭେଁ ଭେଁ ରଡ଼ି ଛାଡ଼ିଛନ୍ତି। ସାମନା ଝରକା ପାଖରେ କାବେରୀ ଗାଡ଼ିକି ଚାହିଁ ଆଖିରୁ ଲୁହ ପୋଛୁଚି। କେବଳ କାନ୍ଦୁ ନାହିଁ ଜଣେ—ସେ ମାୟା। ଦାଣ୍ଡ ବାରଣ୍ଡାରେ ଠିଆହୋଇ ଅଣ୍ଟାରେ ହାତଦେଇ ଗାଡ଼ିକି ଚାହିଁଛି।

ସମସ୍ତେ ଚାଲିଗଲେ—କାବେରୀ ଦି' ଆଖିରୁ ଲୁହପୋଛି ଥରେ ଚାରିଆଡ଼କୁ ଚାହିଁଲା। ପତୁ, ରଞ୍ଜୁଙ୍କ କାନ୍ଦ ଆଉରି ବନ୍ଦ ହୋଇ ନାହିଁ। କୁନା ପାଖରେ ଠିଆ ହୋଇଛି। ଗାଡ଼ି ଯିବା ସାଙ୍ଗେ ସାଙ୍ଗେ ମାୟା ଘରଭିତରକୁ ଚାଲିଗଲାଣି। ମୋହନ ଡ଼ାକ୍ତରଖାନାରୁ ଫେରି ନାହିଁ। ବୈଠକଖାନାର କାନ୍ଥ ଘଣ୍ଟାକୁ ଚାହିଁ କାବେରୀ ଦେଖିଲା—ଗୋଟାଏ ବାଜିବାକୁ ଆହୁରି ପନ୍ଦର ମିନିଟ୍ ବାକି। ମହୀବୋଉ ଚାଲିଯିବାରୁ ତାକୁ ଯେ ଖରାପ ଲାଗୁଛି, ଏହି କଥା ଜଣେଇବାକୁ ସେ ମାୟାକୁ ଖୋଜିଲା। ମାୟା ଶୋଇବାଘର କବାଟ ଭିତରୁ ବନ୍ଦ। ଡ଼ାକି ଡ଼ାକି କାବେରୀ ଫେରିଆସିଲା। ଆସିଲାବେଳେ ଥରେ ପୀତାମ୍ବରବାବୁଙ୍କ ଘରବାଟେ ଉଣ୍ଡିଦେଇ ଆସିଲା— ଶୋଇଛନ୍ତି।

କାବେରୀ ପତୁ, ରଞ୍ଜୁଙ୍କ ପାଖକୁ ଫେରିଗଲା। ପିଲାମାନେ କାନ୍ଦ ବନ୍ଦ କରି ଦୁଇ ଟଙ୍କାରେ କେତେଟା ଗୁଡ଼ି ହବ, ବସି ହିସାବ କରୁଥିଲେ। କାବେରୀକୁ ପାଖରେ

ଦେଖି କୁନୀ କହିଲା–ଅପା, ଭାରି ଭୋକ କଲାଣି।

ପଡୁ ବାହାରିପଡ଼ି କହିଲା...ଆରେ ହଁ-ହଁ ବୋଉ ଗଲାବେଳେ କହି ଯାଇଥିଲା ଆମ ପାଇଁ ପିଠା ରଖିଛି ବୋଲି। ଟିକେ ଖାଇବା....

-ହଉ ତେବେ ଆସ। କାବେରୀ ଭଣ୍ଡାରଘର ଖୋଲି ତିନି ପିଲାଙ୍କୁ ତିନୋଟି ପିଠା ଧରେଇ ପୁଣି ଦୁଆର ବନ୍ଦ କଲା।

ମୋହନ ଡାକ୍ତରଖାନାରୁ ଫେରିଲା। ଘରଟା ଯେମିତି ଖାଇ ଗୋଡ଼ାଉଛି! ମହୀବୋଉଙ୍କ ଯିବାକଥା ଜାଣିଥିଲେ ମଧ୍ୟ ଆଉଥରେ ମୁହଁ ଖୋଲି ପଚାରିଲା-ବୋଉ କ'ଣ ଚାଲିଗଲାଣି ?

-ହଁ। ମୁହଁ ଶୁଖେଇ କାବେରୀ କହିଲା। ତମକୁ କେତେ ଖୋଜୁଥିଲେ। ତମେ ଟିକିଏ ଶୀଘ୍ର ଆସିଲ ନାହିଁ ?

''ମତେ ଆଗ ଖାଇବାକୁ ଦେଲ। ଭାରି ଭୋକ ହେଲାଣି। ପରେ ସବୁ ଶୁଣିବି'', କହି ମୁହଁହାତ ଧୋଇବାକୁ ମୋହନ ଚାଲିଗଲା।

ଖାଇସାରି ବିଶ୍ରାମ କଲାବେଳେ ସବୁଦିନ ପରି କାବେରୀ ଆସି ଆଉ ପାଖରେ ବସିଲା ନାହିଁ। ଖୁବ କାମରେ ବ୍ୟସ୍ତ ଥିଲାଭଳି ମୋହନକୁ ପଚାରିଲା - ଆଜି ଉପରବେଳା କ'ଣ ଖାଇବ କହ, ମୁଁ ଯାଉଚି ତିଆରି କରିବି। ମୋହନ ଆଶ୍ଚର୍ଯ୍ୟ ହୋଇଗଲା, କାରଣ ଏତେ ଡେରିରେ ଭାତ ଖାଇ ଆଉ ଉପରବେଳା ଜଳଖିଆ ଖାଇବାକୁ ତା'ର ଭୋକ ନ ଥାଏ। ଖାଲି କପେ ଚା ହେଲେ ତା'ର ଚଳିଯାଏ, କିନ୍ତୁ ଆଜି ଏପରି କଥା ଶୁଣି ସେ ପଚାରିଲା - ଆଜି କ'ଣ କି ?

-କିଛି ନାଇଁ ଯେ, ବୋଉ ନାହାନ୍ତି ଯେତେବେଳେ ମତେ ତ କରିବାକୁ ହେବ। ଚାକରଙ୍କ ଜିମା ଦେଲେ ତ ଅଧା ଉଠେଇ ନେବେ .. କାବେରୀ ସେଇଠି ବସିପଡ଼ି ଗପ ଯୋଡ଼ିଲା।

ନୂଆ ହୋଇ ଘରଣୀ ହୋଇଛି। ମନରେ ତା'ର ଅସରନ୍ତି ଉତ୍ସାହ। ଏକାଟିଆ ବସି ବସି କଳ୍ପନାରେ କେତେ ରଙ୍ଗୀନ ସ୍ୱପ୍ନ ସେ ଦେଖିଚି। ସେଇ ସପନ ରାଇଜରେ ମୋହନକୁ ସେ ବୁଲେଇବାକୁ ଚାହେଁ। କଥା ଲହରରେ ବେଳ ଗଡ଼ିଗଲାଣି। ସେମାନେ କେହି ଜାଣି ନାହାନ୍ତି। ବାହାରେ ମାୟାର ପାଟି ଶୁଭିଲା -

-ଚାବି କାହିଁ ?

-ହେଇ, ମୁଁ ଯାଉଛି, ମତେ ଖୋଜିଲେଣି। ମୋହନର ଉତ୍ତରକୁ ଅପେକ୍ଷା ନ କରି କାବେରୀ ବାହାରିଆସିଲା। କାନିରେ ଚାବି ବନ୍ଧା ହୋଇଛି। ମାୟାକୁ ଦେଖି ହସି ହସି କହିଲା - କ'ଣ ଖାଇବ କି ?

-ଚାବିଟା ଦିଅ। ମାୟାର ଆଖି ଲାଲ।

-କ'ଣ ଖାଇବ କହୁନା ? ଚଲ ମୁଁ ଘର ଫିଟେଇ ଦଉଛି କହି କାବେରୀ ଆଗେ ଆଗେ ଚାଲିଲା ।

-କାହିଁକି, ମତେ କ'ଣ ଘର ଫିଟେଇ ଆସେ ନାହିଁ ?

ମାୟାର ଆଖିକି ଚାହିଁ କାବେରୀ ଟିକିଏ ଶଙ୍କିଗଲା । ତା'ପରେ ରାଗରେ ଗର ଗର ହୋଇ କାନିରୁ ଚାବିଟା ଫିଟେଇ ଏକ ରକମ ଫୋପାଡ଼ି ଦେଲାଭଳି ତଳେ ଗଡ଼େଇ ଦେଇ ନିଜ ବଖରା ଭିତରକୁ ଫେରିଗଲା ।

ମୋହନ କାନରେ ସବୁ ବାଜିଛି । ତଥାପି ତାକୁ ଶୁଣେଇ ଶୁଣେଇ କାବେରୀ କହିଲା - ଆଜିକାଲି ଯୁଗରେ ଭଲ କହିଲେ ଖରାପ ହୁଏ । ସେ ମନେ କରିଛନ୍ତି, ତାଙ୍କୁଇ ଖାଲି ଏମିତି ଟାଉଁ ଟାଉଁ କଥା କହିଆସେ, ଆମକୁ ଆସେ ନାହିଁ.. ଦେଖୁନା, ମୁଁ କହିଲି, ଚାଲ ମୁଁ ଘରଟା ଫିଟେଇଦଉଛି, ହେଲାନାହିଁ ନିଜେ ଚାବି ନେଇ କରି ଯିବେ। ଯାଉ ନାହାନ୍ତି ? କାହାର କଅଣ ହେଇ ଯାଉଛି ...? ମୁଁ ଆଉ ସେ ଚାବି ଫାବି ଛୁଇଁବି ନାହିଁ। କାବେରୀ ସୁଁ ସୁଁ ହୋଇ କାନ୍ଦିବାରେ ଲାଗିଲା ।

-ତମେ ପରା ଘର ଚଳେଇବାକୁ ଯାଉଛ... ଏମିତି ଟିକିଏ କଥାରେ ରୁଷିଗଲେ ଚଳିବ ? ପିଲାଟା କ'ଣ କହିଦେଲା, ତାକୁଇ ଧରି ବସିଲ !

-ହଁ ପିଲା ! ଦୁଧଖିଆ ଛୁଆ ହୋଇଥିବେ ! ତମ ଭଉଣୀ ନା, ସେଥିପାଇଁ ପିଲା ହେଇଯାଇଛନ୍ତି ! କାବେରୀ ପିଠି ବୁଲେଇ ବସି ଗାଣ୍ଟୁ ଗାଣ୍ଟୁ ହେବାରେ ଲାଗିଲା ।

ପରଦିନ ମୋହନ ଅଫିସକୁ ଯିବାପରେ କାବେରୀ ପୂଝାରୀକୁ ରନ୍ଧାର ବରାଦ ଦେଇ ନିଜ ବଖରାକୁ ଫେରିଆସିଲା । ପିଲାମାନେ କିଏ କୁଆଡ଼େ ଖେଳିବାକୁ ଚାଲିଗଲେଣି । ମାୟା ପୀତାମ୍ବରବାବୁଙ୍କ ପାଖରେ ବସି କ'ଣ ଗପ କରୁଛି। ଶାଶୁଙ୍କ ପାଖକୁ ଖଣ୍ଡେ ଚିଠି ନ ଲେଖିଲେ ସେ ଦୁଃଖ କରିବେ। କାଗଜ କଲମ ଧରି କାବେରୀ ଖଟ ଉପରେ ବସିଲା ।

ପ୍ରଥମେ କ'ଣ ଲେଖି ସମ୍ବୋଧନ କରିବ, ଭାବୁ ଭାବୁ ତାର ଅନେକ ସମୟ ଚାଲିଗଲା । ଗାଁର ସମସ୍ତେ ନିଶ୍ଚୟ ଚିଠିଟାକୁ ପଢ଼ିବେ... ଆଉ ସେହି ଲେଖାରୁ କଳି ବସିବେ ବୋହୂ ମନର ଭକ୍ତି। ଖୁବ୍ ସତର୍କ ହୋଇ କାବେରୀ ଧୀରେ ଧୀରେ ଲେଖିବାକୁ ଲାଗିଲା ।

ପୂଝାରୀ ଆସି ଦୁଆର ମୁହଁରେ ଠିଆ ହେଲା ।

-ସମସ୍ତେ ଖାଇ ସାରିଲେଣି । ତମେ ଖାଇବ ନାଇଁ ?

ଚମକିପଡ଼ି କାବେରୀ ଟେବୁଲ-ଘଣ୍ଟାକୁ ଚାହିଁ ଦେଖିଲା କେତେବେଳୁ ବାରଟା ବାଜିଗଲାଣି। ଚିଠି ଲେଖାରେ ଭୋଳ ହୋଇ ସେ କିଛି ଜାଣି ପାରି ନାହିଁ। ହାତେ ଜିଭ କାମୁଡ଼ି, ଅସମାପ୍ତ ଚିଠିଟିକୁ ସେଇଠି ରଖିଦେଇ ପୂଝାରୀ ପଛେ ପଛେ ସେ ଘରୁ ବାହାରି ଆସିଲା ।

-ପୂଝାରୀ, ବାପାଙ୍କୁ କିଏ ଖାଇବାକୁ ଦେଲା ?

-ଦେଇ ଥିଲେ।

-ମତେ ଟିକିଏ ଡାକିଦେଲ ନାହିଁ ?

କୌଣସି ଜବାବ ନ ଦେଇ ପୂଝାରୀ ଭାତ ବାଢ଼ିବାରେ ଲାଗିଲା।

ତରବର କରି ଦି'ଗୁଣ୍ଡା ଖାଇଦେଇ କାବେରୀ ପୁଣି ଚିଠି ଲେଖିବାକୁ ଫେରିଆସିଲା। ଯେମିତି ହେଲେ ଏ ଚିଠିଟା ଡାକରେ ପଠାଇବା ଦରକାର। ମୋହନ ଫେରିବା ପୂର୍ବରୁ ଚିଠିଟା ବନ୍ଦ କରି ପୂଝାରୀ ହାତରେ ଦେଇ କାବେରୀ ବାର ବାର ତାଗିଦା କଲା - ଅତି ଜରୁରୀ ଚିଠି। ଯେ କୌଣସିମତେ ଆଜି ଡାକରେ ପଠାଇବା ଦରକାର। ପୂଝାରୀକୁ ଆଜି ଆଗରେ ଚିଠି ପକାଇବାକୁ ପଠାଇ, କାବେରୀ ଟିକିଏ ବେଳ ରାସ୍ତାକୁ ଚାହିଁ ଛିଡ଼ା ହେଲା। ମନରେ କଲା ''ମା' ପାଖକୁ ବି ଖଣ୍ଡେ ଚିଠି ଦେଲେ ହେଇଥାନ୍ତା।'' ଏତିକିବେଳେ ପଛଆଡୁ ମାୟାର ପାଟି ଶୁଭିଲା - ଭାଉଜ ଚାବିଟା କୋଉଠି ରଖିଛ ?

-ହେଇ, ମୋ ଘରେ ଥୁଆ ହେଇଛି ... ନବ କି ?

-ସବୁବେଳେ କାହିଁକି ସେଇଟାକୁ ନେଇ ଘର ଭିତରେ ଗୁଞ୍ଜୁଛ ? ଜଲଦି ଦିଅ। ମାୟା କାବେରୀ ପଛେ ପଛେ ଗଲା।

ମାୟା ହାତରେ ଚାବି ଦେଇ କାବେରୀ ଘଣ୍ଟାକୁ ଚାହିଁ ଦେଖିଲା କେତେବେଳୁ ତିନିଟା ବାଜିଗଲାଣି। ପୀତାମ୍ବରବାବୁ ତିନିଟା ବେଳେ ଚା' ଖାଆନ୍ତି। ଏତେ ବେଳ ହେଲାଣି, ତାଙ୍କୁ ଚା' ଦେଇନାହିଁ। ତରବର ହୋଇ କାବେରୀ ରୋଷେଇଘର ଆଡ଼େ ବାହାରିଗଲା।

ଚୁଲୀ ଉପରେ ଚା' ପାଣି ବସିଛି ଆଉ ପାଖରେ ବସି ମାୟା ସେଇ ଚୁଲିକୁ ଚାହିଁ ରହିଛି। ସେ ଜାଣେ ମାୟା ତାକୁ କରିବାକୁ ଦବ ନାହିଁ। ତେଣୁ ସେଠି ଆଉ ଅପେକ୍ଷା ନ କରି କାବେରୀ ଫେରିଆସିଲା।

କାବେରୀର କଟକଣାରେ ଘରର ଚାକରମାନଙ୍କ ଭିତରେ ଡାକେଣି ପଡ଼ିଲା। ମହୀବୋଉ ଥିଲାବେଳେ ଚାକରମାନଙ୍କର ଯୋଉ ହାତ-ସଫେଇ ହେଉଥିଲା, କାବେରୀ ହାତରେ ଚାବି ରହିଲାପରେ ସେତକ ଏକବାରକେ ବନ୍ଦ ହୋଇଯାଇଛି। ଏ ସବୁ ବିଷୟରେ ସେ ଅତି ସାବଧାନ। ଅଟାଠାରୁ ଆରମ୍ଭ କରି ଚାଉଳ, ଡ଼ାଲି, ତେଲ, ଲୁଣ-ସବୁ ଜିନିଷ ସେ ନିଜ ହାତରେ ମାପିକରି ଦିଏ। ଏହି ନୂଆ ଧରଣର କାମ ଦେଖି ଚାକରମାନେ ଆପଣା ଭିତରେ ଠରାଠରି ହୋଇ ହସନ୍ତି। ସବୁ ଦେଖି ନ ଦେଖିଲାପରି ସେ ଚାଲିଯାଏ।

ଚାହୁଁ ଚାହୁଁ ଆଠଦିନ ହୋଇଗଲାଣି । ଘରର ଦାୟିତ୍ୱ କାବେରୀ ମୁଣ୍ଡରେ ଲଦିଦେଇ ମହୀବୋଉ ଚାଲିଯାଇଛନ୍ତି । ମହୀବୋଉଙ୍କ ବିନା ଘରଟା କାହାକୁ ଭଲ ଲାଗୁନାହିଁ । ସେ ଯିବା ପରଠୁ ମାୟା ପ୍ରତିଦିନ ବୁଲିବାକୁ ଯାଇ ସଞ୍ଜପରେ ଘରକୁ ଫେରେ । ଘରଟା ତାକୁ ବଡ଼ ଏକୁଟିଆ ଲାଗେ । ମହୀବୋଉ ଥିଲାବେଳେ କାରଣ ଅକାରଣରେ ଦିନକୁ ଦଶ ଥର ତାଙ୍କ ସାଙ୍ଗରେ କଳି କରୁଥିଲା । ବର୍ତ୍ତମାନ ସେତକ ବନ୍ଦ । ପୀତାମ୍ବରବାବୁ ରାତି ଦଶଟା ପରେ ନିଜ ପଢ଼ାରୁ ଉଠନ୍ତି । ସଞ୍ଜ ହେଲେ ରାନ୍ଧିବାପାଇଁ ଜିନିଷପତ୍ର କାଢ଼ିଦେଇ, ଘର ବନ୍ଦ କରି କାବେରୀ ଖାଲି ଏପଟ ସେପଟ ହେଉଥାଏ । ପଢ଼ା ପାଖରେ କିଏ ଶୋଇ ପଡ଼ିଥିଲେ ତାକୁ ନିଦରୁ ଉଠେଇ ବସେଇଦିଏ । କେହି ପାଣି ପିଇବାକୁ ଯାଇ, ପୂଝାରୀ ପାଖରୁ ଭଜା କି ତରକାରୀ ଖାଉଥିବାର ଦେଖିଲେ ତାକୁ ବି' ପଦ ଶୁଣେଇ ଦେଇ ପଢ଼ିବାକୁ ପଠେଇ ଦିଏ- "ପଢ଼ିଲାବେଳେ କେହି ବୁଲନ୍ତି ନାହିଁ । ପରୀକ୍ଷା ଖରାପ କଲେ ବାପା, ଭାଇ ରାଗ ହେବେ ।" ସେମାନେ ଚାଲିଯିବା ପରେ ପୂଝାରୀକୁ ତାଗିଦା କରେ - ଆଗରୁ ଏମିତି ଦେଇ ଦେଉଛ । ଖାଇଲା ବେଳେ ଭୋକ ହେଲେ କାହା ମୁଣ୍ଡରେ ଦୋଷ ଯିବ ?

-ସିଏ ମାଗିଲେ ପରା ! କେମିତି ମନା କରିଦେବି ?

-ସେମାନେ କ'ଣ ଭୋକରୁ ମାଗୁଛନ୍ତି ? ପଢ଼ାବେଳେ ବୁଲିବାର ଲଏ ହେଲା ଗୋଟାଏ ଫିକର । ଏଣିକି ଯିଏ ଆସିବ ମୋ ପାଖକୁ ପଠାଇଦେବ ।

ମହୀବୋଉ ଥିଲାବେଳେ ପିଲାମାନଙ୍କର ଯେମିତି ଚବିଶ ଘଣ୍ଟା ପାଟି ବୁଲୁଥିଲା ବର୍ତ୍ତମାନ ସେତକ ବନ୍ଦ ହୋଇଯାଇଚି । ଠିକ୍ ବେଳରେ ଖାଇବାକୁ ଦେଇସାରି, ଘର ବନ୍ଦ କରି କାବେରୀ ଚାବି ନେଇଯାଏ । ଏପରି କରିବାଦ୍ୱାରା ପିଲାମାନଙ୍କର ସବୁ ପ୍ରକାର ଚୋରିର ବାଟ ଏକାଥରକେ ବନ୍ଦ ହୋଇଗଲା, କିନ୍ତୁ ସେତିକିରେ କାବେରୀ ସନ୍ତୁଷ୍ଟ ନୁହେଁ - ସେ ଚାହେଁ ଆହୁରି ବେଶୀ ଶୃଙ୍ଖଳା ।

ମହୀବୋଉ ଯିବା ପରଠୁଁ କାବେରୀ ନିଜକୁ ନେଇ ତାଙ୍କର ସ୍ଥାନରେ ବସେଇ ଦେଇଛି । ଏହି ଅଳ୍ପ କେଇଦିନ ଭିତରେ ଘରର ସମସ୍ତଙ୍କୁ ସେ ବୁଝେଇ ଦେବାକୁ ଚାହେଁ ଯେ କେବଳ ଘର ଚଳାଇବା ଦାୟିତ୍ୱ ଛଡ଼ା ସେ ଆହୁରି ଅଧିକ କିଛି କରିପାରିବ । କିନ୍ତୁ ତା'ର ସେହି କଳ୍ପନାରେ ବାଧାଦିଏ ମାୟା । କେବଳ ମାୟାକୁ ଯଦି କୌଣସି ପ୍ରକାରେ ସେ ବାଗକୁ ଆଣିପାରନ୍ତା, ତେବେ ତା'ର କଳ୍ପନା ସାର୍ଥକ ହୁଅନ୍ତା... ।

ମାୟାକୁ ନିଜ ଆୟତ୍ତ ଭିତରେ ଆଣିବାପାଇଁ କାବେରୀ ବହୁତ ପ୍ରକାରେ ଚେଷ୍ଟା କଲା । କିନ୍ତୁ ସୁଅ ମୁହଁରେ ବନ୍ଧ ବାନ୍ଧିବାକୁ ଯାଇ ମଣିଷ ଯେମିତି ବିଫଳ ହୁଏ, ସେମିତି ଅଳ୍ପ କେଇଟି ଦିନ ଭିତରେ ମାୟାର ସ୍ୱଭାବରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟାକରି ଥରକୁ ଥର ସେ ବ୍ୟର୍ଥ ହେବାରେ ଲାଗିଲା ସତ, କିନ୍ତୁ ଦବିଗଲା ନାହିଁ । ସେ ଯେତିକି ବେଶି ହାରିଲା, ଜିଦି ତାର ସେତିକି ବଢ଼ି ବଢ଼ି ଚାଲିଲା ।

ଦିନେ ରାତିରେ ବୁଲିସାରି ଫେରି ମାୟା କ'ଣ ଗୋଟାଏ କାମ କରୁଥିଲା, ଏତିକିବେଳେ କାବେରୀ ଆସି ଘର ଭିତରେ ପଶିଲା।

-ମାୟା.....

-କ'ଣ ? କମରୁ ମୁହଁ ନ ଉଠେଇ ମାୟା ପଚାରିଲା।

-ନାଇଁ, ମୁଁ କଣ କହୁଥିଲି କି ... ଝିଅମାନଙ୍କର ଏତେ ଡେରିଯାଏ ବାହାରେ ରହିବାଟା ଠିକ୍ ନୁହେଁ ...

ସାପ ମୁଣ୍ଡରେ ଗୋଡ଼ ପଡ଼ିଗଲେ ସେ ଫେରିପଡ଼ି ଫଣା ଉଠେଇଲା ପରି ମାୟା ମୁହଁ ବୁଲେଇ କାବେରୀ ମୁହଁକୁ ଚାହିଁଲା

-ଆଖିରେ ତା'ର ନିଆଁ। ମୋ ଇଚ୍ଛା -

-ତମରି ଭଲ ପାଇଁ କହୁଛି ମୁଁ ...

-ଆହା ! ବଡ଼ ହିତାକାଂକ୍ଷୀ !

ମାୟାର କଥା ଶୁଣି କାବେରୀ ପ୍ରଥମେ ଟିକିଏ ରାଗିଗଲା। ମାୟାକୁ ସେ ଭଲ ରକମ ଚିହ୍ନେ। କିନ୍ତୁ ତା ଉପରେ ଘରର ସମସ୍ତଙ୍କ ଭଲମନ୍ଦର ଭାର ରହିଛି। ତେଣୁ ସେ ପୁଣି ଯୋଡ଼ିଲା- ଦେଖ ତମେ ବାହା ହେଇନା...

-ଭାରି ତ କ'ଣ ମୁରବୀଙ୍କ ପରି କଥା କହୁଛ ! ... ଦୟାକରି ମୋ ବିଷୟରେ ଆଉ ମୁଣ୍ଡ ନ ଖେଳେଇ ଏଠୁ ବାହାରିଯାଅ। ଏକରକମ ଜୋର କରି ମାୟା କାବେରୀକୁ ସେଠୁ ବାହାର କରିଦେଲା।

କାବେରୀ ସେଠାରୁ ଚାଲିଆସିଲା। ମାୟାର ଚଢ଼ା ଗଳାର ସେହି କଥା କେଇପଦ ତାକୁ ବେଶି ରଗେଇ ଦେଲା। ମାୟା ତା ଠାରୁ ସବୁ ବିଷୟରେ ଛୋଟ। ତଥାପି ତାର ବ୍ୟବହାର ଜଣାଇଦିଏ ଯେମିତି କି ସେ କାବେରୀର ମୁରବୀ। ତା'ର ଇଚ୍ଛା ହେଲା ଧାଇଁଯାଇ ମାୟା ଗାଲରେ ଦି'ଟା ଚଟକଣା ବସାଇ ଦେବାକୁ। ଘରଟାଯାକର ଲୋକେ ଗେହ୍ଲା କରି କରି ତାକୁ ଏମିତି ମୁହଁବଢ଼ିଆ କରିଦେଇଛନ୍ତି ... ଆଜି ଏକା ଏକା ସେ କେମିତି ତାକୁ ବାଟକୁ ଆଣିବ ?

ଖାଇବାଘରେ ମାୟା ଓ ପୀତାମ୍ବରବାବୁ ଖାଇ ବସିଛନ୍ତି। ଦିହିଙ୍କ ଭିତରେ କେତେଆଡ଼ର କଥା ପଡ଼ିଛି। କାବେରୀ ଆସିଲା ସତ, କିନ୍ତୁ ଅନ୍ୟ ଦିନପରି ସେମାନଙ୍କ ପାଖରେ ଠିଆହୋଇ ରହିଲା ନାହିଁ। ମାୟାର ହସ, କଥା, ଚାଲି, ଏମିତିକି ତା'ର ଛାଇ ସୁଦ୍ଧା କାବେରୀ ଦେହରେ ନିଆଁ ଖେଣ୍ଟା ମାଡ଼ିଦଉଛି। ସେ ବାଣ୍ଡ ଆଡ଼େ ଗଲା - ମୋହନର ରୋଗୀ ଦେଖା ଆହୁରି ସରିନାହିଁ।

ରାତିରେ କାବେରୀଠାରୁ ସବୁ କଥା ଶୁଣିବାପରେ ମୋହନର ମାୟା ଉପରେ

ରାଗ ହେଲା । ଯେତେହେଲେ ମଧ୍ୟ ତା'ର ଏପରି କହିବାଟା ଉଚିତ ନୁହେଁ ... ତା'ର ଏଇ ବେଖାତିର ଭାବ ଥରକୁ ଥର କାବେରୀ ମନରେ ବହୁତ ଆଘାତ ଦେଉଛି । କିନ୍ତୁ ହଠାତ୍ ମାୟାକୁ ଗାଳି ଦେବାଟା ଅସଙ୍ଗତ ହେବ ମନେ କରି ମୋହନ ସୁଯୋଗକୁ ଅପେକ୍ଷା କରି ରହିଲା ।

ରାତି ଦଶଟା ହେଲାଣି, ତଥାପି ମାୟାର ଦେଖା ନାହିଁ । କାବେରୀ ମନେ ମନେ ଖୁସି ହେଲା ... ଆଜି ମାୟା ନିଶ୍ଚେ ବାପା ଭାଇଙ୍କ ହାବୁଡ଼ରେ ପଡ଼ିବ । ଆଉ ଟିକିଏ ବେଳରେ ସମସ୍ତେ ଆସିଯିବେ ।

ଘଡ଼ିକଣ୍ଟା ଟିକ୍ ଟିକ୍ ଶବ୍ଦ କରି ଯେତିକି ଆଗେଇ ଯାଉଥାଏ, କାବେରୀ ମନ ସେତିକି ନାଚି ଉଠୁଥାଏ ।

କାବେରୀକୁ ଆଉ ତର ସହିଲା ନାହିଁ । ମୋହନକୁ ବୈଠକ ଖାନାରୁ ଡକେଇ ଆଣିଲା । ସେ ଜାଣେ ରୋଗୀମାନଙ୍କ ପାଖରେ ମୋହନ ମାୟାକୁ ଗାଳି ଦେଇ ପାରିବ ନାହିଁ । ମୋହନ ଆସିଲା । କାବେରୀ ଜଣେଇଲା ଦିନସାରା ଖଟି ଖଟି ତା'ର ମୁଣ୍ଡ ବିନ୍ଧିଲାଣି । ସମସ୍ତେ ଖାଇନେଲେ ସେ ଟିକିଏ ବିଶ୍ରାମ ନେବ । ଏକୁଟିଆ ବସି ବସି ତାକୁ ବ୍ୟସ୍ତ ଲାଗୁଛି ।

-ମାୟା କ'ଣ ଆହୁରି ଫେରି ନାହିଁ ?

-ତମେ ଆଗ ଖାଇନିଅ ... ତାକର ତ' ଆହୁରି ବେଳ ହେଇନାହିଁ .. ସେ ଆସିଲେ ମୁଁ ପରେ ଦେଇଦେବି .. ବାପା ବି କୁଆଡ଼େ ଯାଇଛନ୍ତି, ଫେରିନାହାନ୍ତି.. ସେମାନଙ୍କ କାମ ସରିବା ଯାଏ ମତେ ରହିବାକୁ ପଡ଼ିବ ।

-ଏସବୁ ଅତିରିକ୍ତ ହୋଇଯାଉଛି । ଜଣକୁ ଚାକରାଣୀ ପରି ଖଟାଇ ଅନ୍ୟମାନେ ବାହାରେ ଆଡ଼ଡ଼ା ମାରିବେ । ... ବାପା ଜାଣି ଜାଣି ମାୟାକୁ ଏମିତି ମୁହଁ ବଢ଼ିଆ କରିଛନ୍ତି .. ଆଜି ସେ ଆସୁ-

ମୋହନ ଖାଇ ବସିଛି । ଏତିକିବେଳେ ଦାଣ୍ଡରେ ଗାଡ଼ିର ହର୍ଣ୍ଣ ଶୁଭିଲା । ଫିଟଫାଟ୍ ବେଶରେ ଘର ଭିତରେ ପଶି, ମାୟା ସିଧା ଉପରକୁ ଚାଲିଗଲା । ଫୁସ୍‌ଫୁସ୍ କରି କାବେରୀ କହିଲା - ଛିଃ, ଏଗୁଡ଼ାକ କେଡ଼େ ଖରାପ କଥା ! ବୋଉ ଶୁଣିଲେ କ'ଣ କହିବେ ? ରାତି ଅଧଯାଏ ପର ଗାଡ଼ିରେ ଏମିତି ଘୂରି ବୁଲୁଛନ୍ତି, ଦାଣ୍ଡଲୋକେ କ'ଣ କହିବେ ?

ଲୁଗା ପାଲଟି ପୀତାମ୍ବରବାବୁଙ୍କ ଘର ଖାଲି ଥିବାର ଦେଖି ମାୟା ଗୁଣୁ ଗୁଣୁ କରି ଗୀତ ବୋଲି ରନ୍ଧା ଘରକୁ ଗଲା ।

-ପୂଝାରୀ, ବାପା ଆସି ନାହାନ୍ତି ?

-ନାଇଁ ଫେରି ନାହାନ୍ତି ।

ମାୟା ଫେରି ଯାଉ ଯାଉ ମୋହନ ଡ଼ାକିଲା - ମାୟା !

-ମତେ କହୁଛ ?

-କାହା ଗାଡ଼ିରେ ଆସିଥିଲୁ ?

-ମୋର ଜଣେ ସାଙ୍ଗ ।

-ଏତେବେଳଯାଏ କ'ଣ କରୁଥିଲୁ ?

-କାମ ଥିଲା ।

-କି କାମ ?

କାହିଁକି ?

ଚିଡ଼ିଯାଇ ମୋହନ କହିଲା - ଭାରି ତ କ'ଣ ସାହସ ବଢ଼ି ଗଲାଣି । ଏସବୁ ବୋଧହୁଏ କଲେଜ ମାଡ଼ିବାର ଫଳ ? ଆଜି ବାପା ଆସନ୍ତୁ ।

ରାଗରେ ମାୟା ଗୋଟିପଣେ ଲାଲ ପଡ଼ିଗଲା । କହିଲା - ଭାଇ, ବୁଝିଥା'... ଅନ୍ୟର ଶିକ୍ଷାରେ ପଢ଼ି ତମେ ମତେ ଶାସନ କରିପାରିବ ନାହିଁ, କହିଦେଉଛି ।

ମୋହନ ଉଠିଗଲା । ଖିଆ ଅଧା ପଡ଼ିଛି । କାବେରୀ ସହି ପାରିଲା ନାହିଁ । କହିଲା - ସେ ତମର ବଡ଼ ଭାଇ, ତମରି ଭଲପାଇଁ କହୁଛନ୍ତି । ତମେ ଏତେ ରାତିରେ ପର ଗାଡ଼ିରେ ବୁଲୁଛ କାହିଁକି ?

ଫିକା ହସ ହସି, ଚାଲି ଯାଉ ଯାଉ ଶୁଣେଇ ଶୁଣେଇ ମାୟା କହିଲା - ମଣିଷ ନିଜ ମୁହଁଟାକୁ ହିଁ ଦର୍ପଣରେ ଦେଖେ । ତମେ ଦୁନିଆଟାକୁ ନିଜ ପରି ଭାବୁଛ କାହିଁକି ? ସମସ୍ତେ ତମପରି ହୋଇ ନାହାନ୍ତି ।

ପୀତାମ୍ବରବାବୁ ଫେରିଲେ । ତାଙ୍କୁ ଦେଖି ପାଖକୁ ଆସି ମୋହନ କହିଲା - ବାପା, ଏସବୁ କ'ଣ ହେଉଛି ?

-କ'ଣ ହେଲା ? ଜିଜ୍ଞାସୁ ଦୃଷ୍ଟିରେ ପୀତାମ୍ବରବାବୁ ମୋହନ ମୁହଁକୁ ଚାହିଁଲେ ।

-ରାତି ଏଗାରଟାରେ ମାୟା ଅନ୍ୟ ଗାଡ଼ିରେ ବୁଲି ଘରକୁ ଫେରୁଛି ।

-ଭବ ଝିଅର ଆଜି ଜନ୍ମଦିନ ଥିଲା ... ତାଙ୍କରି ଗାଡ଼ିରେ ଆସିଥିବ ତ ? ... ମତେ ସେ କହୁଥିଲା-

-ସେ ଯିଏ ଜନ୍ମ ହଉ କି ମରୁ, ମୋର ସେଥିରେ କିଛି ନାହିଁ.. ମାୟା ଯଦି ଇଚ୍ଛା କରି ଆମକୁ ଏମିତି ବେଖାତିର କରିବ, ତେବେ ଆମେ ପଛକେ ଯାଉଛୁ ଅନ୍ୟ କୋଉଠି ରହିବୁ.. ମତେ ଏସବୁ ଭଲ ଲାଗୁନାହିଁ...

-ବାପା, ଖାଇବ ଚାଲ.. କେତେ ରାତି ହେଲାଣି ଟିକିଏ ଖିଆଲ ଅଛି ? କିଛି ନ ଶୁଣିଲା ପରି ମାୟା ପୀତାମ୍ବରବାବୁଙ୍କ ହାତ ଧରି ସେଠାରୁ ଭିଡ଼ିନେଇ ଚାଲିଗଲା !

ସେମାନଙ୍କୁ ଚାଲିଯାଉଥିବାର ଦେଖି ରାଗରେ କାବେରୀ ଦାନ୍ତ ଚିପିଲା । ଆପଣା ମନକୁ ମୁଣ୍ଡ ହଲାଇ ମୋହନ କହିଲା- ନାଃ, ଆଜି ମୁଁ ବୋଉ ପାଖକୁ ଚିଠି

ଲେଖିବି, ସେ ଶୀଘ୍ର ଆସି ତା ଝିଅକୁ ସମ୍ଭାଳୁ।

ମୋହନ କଥା ଶୁଣି କାବେରୀର ଭୟ ହେଲା। ସେ ଜାଣେ ମହାବୋଉ ଫେରିଆସିଲେ ତା'ର ସ୍ୱାର୍ଥରେ ବାଧା ଆସିବ - ତା'ର ଏହି ଆଧିପତ୍ୟ ଆଉ ରହିବ ନାହିଁ। ତେଣୁ ତାଙ୍କୁ ଏତେ ଶୀଘ୍ର ଡକେଇ ଆଣିବାକୁ ସେ ଚାହେଁ ନାହିଁ।

-ତମେ କାହିଁକି ବ୍ୟସ୍ତ ହେଉ ବୋଉଙ୍କୁ ଡକେଇ ଆଣିବ? ବାପା ଆଉ ଥାଉ ବୋଉ ଆସି ଅଧିକା କ'ଣ କରିବେ? ଏଣିକି ଆମେ କିଛି ନ କହିଲେ ଗଲା - ସେ ରାତିରେ ଘରକୁ ଆସନ୍ତୁ କି ବାହାରେ ରହନ୍ତୁ।

ମାୟା ପୀତାମ୍ବରବାବୁଙ୍କ ବିଛଣା ଝାଡୁଥିବା ବେଳେ ଟିକିଏ ବୁଝେଇଲା ଭଳି ପୀତାମ୍ବରବାବୁ କହିଲେ - ମାୟା, ତୋ ସାଙ୍ଗର ନିମନ୍ତ୍ରଣ କଥା କ'ଣ ଆଉ କାହାକୁ କହି ନ ଥିଲୁ କି? .. ମହୀ ବଡ଼ ଦୁଃଖ କରୁଥିଲା ... ଯେତେହେଲେ ସେ ପରା ବଡ଼ ଭାଇଟା...

ବିଛଣା-ପରା ବନ୍ଦରଖି, ପୀତାମ୍ବରବାବୁଙ୍କ ମୁହଁକୁ ସିଧା ଚାହିଁ ମାୟା କହିଲା - ବଡ଼ ଭାଇ ହୁଅନ୍ତୁ କି ବଡ଼ବାପା ହୁଅନ୍ତୁ ସେ ଯଦି ଭାଉଜ କଥାରେ ପଡ଼ି ମତେ ଶାସନ କରିବାକୁ ଚାହିଁବେ, ମୁଁ କେବେହେଲେ ମାନିବି ନାହିଁ, କହିଦେଉଛି।

-ଛି, ଏମିତି କହିବାଟା ତୋର ଉଚିତ ହେଉନାହିଁ ମା, ସେ ପରା ତୋର ବଡ଼ ଭାଉଜ - ମୁରବୀ ପରି...।

ପୀତାମ୍ବରବାବୁଙ୍କୁ କଥା ସରିବାକୁ ନ ଦେଇ ମାୟା ଖିଙ୍କାରି ଉଠିଲା - ତମରି ମୁରବୀ ବୋଲି କହ। ମୋ ମୁରବୀ ମୁଁ ନିଜେ।

ଟିକିଏ ଆଶ୍ଚର୍ଯ୍ୟ ହେଲାପରି ପୀତାମ୍ବରବାବୁ କହିଲେ - ତା ଉପରେ କାହିଁକି ରାଗିଛୁ? ସେ ତତେ କିଛି କହିଛି କି?

-ଦିନକୁ ଦିନ ତାଙ୍କର ମୁରବୀ ପଣିଆ ବଢ଼ି ବଢ଼ି ଯାଉଛି।

ଆଉ କିଛି ନ କହି ପୀତାମ୍ବରବାବୁ ଚୁପ୍‌ଚାପ୍ ବସି ଭାବିବାକୁ ଲାଗିଲେ। ଦୁଇ ଦଳ ଭିତରେ ଏହି ଯେଉଁ ମନ ଫଟାଫଟି, ସେଇଟାକୁ ଏଠି ରୋକି ହେବ ନାହିଁ। କାରଣ ଅତି ସାଧାରଣ କଥାରେ ମଧ୍ୟ ଜଣେ ଆଉ ଜଣକୁ ଭୁଲ ବୁଝିବା ହେଲା ଦୁନିଆର ନିୟମ। କାବେରୀକୁ ଦୋଷ ଦେଇ ହେବ ନାହିଁ। କାରଣ ମାୟା ଯେଉଁ ଧରଣର ପିଲା, ତାକୁ ସମସ୍ତେ ଭୁଲ ବୁଝିବେ। ତାକୁ ସେ ନିଜେ ଭଲକରି ଚିହ୍ନିଛନ୍ତି। ତା ଉପରେ ତାଙ୍କର ଅଗାଧ ବିଶ୍ୱାସ। ସେଥିପାଇଁ ମାୟା ଯାହା କହେ, ଯାହା କରେ କୌଣସିଥିରେ ସେ ବାଧା ଦିଅନ୍ତି ନାହିଁ।

ମଶାରି ଲଗାଇଦେଇ ମାୟା ପୀତାମ୍ବରବାବୁଙ୍କ ହାତ ଧରି ଟାଣିଲା - ବାପା, କାଲି ସକାଳେ ବସି ଭାବିବ। ଆଜି ଶୋଇବ ଯାଅ।

ନିଜ ବଖରାକୁ ଫେରିଆସି ମାୟା କବାଟ ବନ୍ଦ କଲା। ନିଜର ପାଲଟା ଲୁଗା ଖଟ ଉପରେ ପଡ଼ିଛି। ତାକୁ ଚଉତାଚଉତି କରି ଅଲଗୁଣିରେ ରଖିଦେଇ ଟେବୁଲ

ଉପରେ ମୁଣ୍ଡ ରଖି ଟିକିଏ ବେଳ ଆଖି ବୁଜିଲା। ତା'ପରେ ଖଣ୍ଡେ କାଗଜ ଚିଡ଼ିଆଣି ଲେଖିଲା-

ବୋଉ,

ଆଜି ହେଲା ସୋମବାର! ବୁଧବାର ଦିନ ଏ ଚିଠି ପାଇ ତୁ ଯଦି ସାଙ୍ଗେ ସାଙ୍ଗେ ନ ଆସୁ, ତେବେ ଗୁରୁବାର ଦିନ ରାତିକି ମୁଁ ହଷ୍ଟେଲ ଚାଲିଯିବି।

-ମାୟା

ଘରେ ଗୋଡ଼ ଦେବା ମାତ୍ରେ ଦାଣ୍ଡଘରେ ପୀତାମ୍ବରବାବୁଙ୍କୁ ବସିଥିବାର ଦେଖି ମହୀବୋଉ ଗୋଟିଏ ସ୍ୱସ୍ତିର ନିଶ୍ୱାସ ଛାଡ଼ିଲେ। ଏଇ ତାଙ୍କର ଘର, ହସି ହସି ପାଖକୁ ଡ଼ାକୁଛି। ପୃଥିବୀର ଯେ କୌଣସି ଐଶ୍ୱର୍ଯ୍ୟର ମୋହ ଏଇ ଘରର ମାୟା ପାଖରେ ଛୋଟ ହୋଇଯାଏ। ଏହାର ପ୍ରତ୍ୟେକଟି ଧୂଳିକଣା ନିକଟରେ ସେ ପରିଚିତ -ତା'ର ଲୁଣମରା କାନ୍ଥ, ଭଙ୍ଗା ଦଦରା ଝିଡ଼ିକି କବାଟ, ଧୂଳିଢ଼ଙ୍କା ଜିନିଷପତ୍ର, ଆଉ .. ତାଙ୍କୁ ଛୁଇଁ ଯାଉଥିବା ପବନ ସମସ୍ତେ ଯେମିତି ହସି ହସି ତାଙ୍କୁ କହୁଛନ୍ତି -ତମ ବିନା ଏ ଘରଟା ଅଚଳ ହୋଇ ପଡ଼ିଥିଲା।

ମହୀବୋଉ ଗୋଡ଼ରୁ ଚଟି ଖୋଲିଲେ। ମନ ହେଲା ଯେମିତି ଏ ଘରର ମେଜିଆରେ ଚାଲିବାର ଗୋଟାଏ ସ୍ୱତନ୍ତ୍ର ମୋହ ଅଛି- କଅଁଳ ଓ ଥଣ୍ଡାରେ ଗୋଟାଏ ମିଶାମିଶି ଆକର୍ଷଣ। ଇଚ୍ଛା ହେଲା, ଛୋଟ ଛୁଆଙ୍କପରି ତଳେ ଗଡ଼ି ଗଡ଼ି ସେହି ଆକର୍ଷଣକୁ ପ୍ରାଣଭରି ଅନୁଭବ କରିନେବାକୁ।

ମହୀବୋଉଙ୍କୁ ଫେରିଆସିବାର ଦେଖି ପଦ୍ମ, ରଞ୍ଜୁ ଡ଼ାଇଁ ଆସି କୁଣ୍ଢେଇ ପକାଇ ଅଳି କଲେ - ବୋଉ, ତୁ ଏତେଦିନ ରହିଲୁ, ଆମକୁ ଆଉ ପଇସା ଦେ।

ଖବର ପାଇ ଜଣ ଜଣ କରି ସମସ୍ତେ ଆସି ପାଖରେ ରୁଣ୍ଡ ହେଲେ। ମହୀବୋଉ ଯେତେବେଳେ ଦେଖିଲେ ଘରେ ସମସ୍ତଙ୍କ ଦେହ ଭଲ ଅଛି ଓ ସମସ୍ତେ ବେଶ୍ ଖୁସିରେ ଅଛନ୍ତି, ତାଙ୍କର ସବୁଯାକ ରାଗ ମାୟା ଉପରକୁ ଛିଟିକି ଆସିଲା। ତାଙ୍କୁ ଏପରିଭାବରେ ଡକାଇ ଆଣିଥିବାରୁ ଦି'ଟା ଝୁଣ୍ଟା ମଧ୍ୟ ତା ଗାଲରେ ବସାଇଦେଲେ। ସେ ମନେ କରିଥିଲେ ତାଙ୍କ ବିନା ଘରଟା ଅଚଳ ହୋଇ ପଡ଼ିଥିବ। କିନ୍ତୁ ସେ ଫେରିଆସି ଦେଖିଲେ ସେ ଧାରଣା ଭୁଲ। ତେଣୁ ରାଗରୁ କିଛି ଅଂଶ କାବେରୀ ଉପରେ ମଧ୍ୟ ଯାଇ ପଡ଼ିଲା।

ମାୟା ଓ ପିଲାମାନେ ପିଠା ଖାଉଥିଲାବେଳେ ପଦ୍ମ ଗାଁରୁ ଆଣିଥିବା ନାନାପ୍ରକାର ଆଶ୍ଚର୍ଯ୍ୟ ଜିନିଷରେ ଭରା ତା'ର ପେଡ଼ି ଖୋଲି ବସିଲା। କେତେ ରକମର ଜିନିଷ ସେଥିରେ ଅଛି -କାଇଁଚ, ଗିଲ, ଶାମୁକା, ଟେଣ୍ଡା, ସାପକାତି...। କି ଜିନିଷ,

କେଉଁଠୁ, କିପରି ଭାବରେ ପାଇଥିଲା, ତାର ଇତିହାସ ପିଲାମାନଙ୍କ ଆଗରେ ପହଲି ବଡ଼ ବଡ଼ ଆଖି କରି ବଖାଣିବାରେ ଲାଗିଥାଏ। କାବେରୀକୁ ଚୁପ୍ ହୋଇ ଛିଡ଼ା ହୋଇଥିବାର ଦେଖି ମହୀବୋଉ କହିଲେ - ବୋହୂ, ତୁ ଖଣ୍ଡେ ପିଠା ଖା ?

ଏତିକିବେଳେ କ'ଣ ରନ୍ଧା ହେବ ବୁଝିବାକୁ ପୂଝାରୀ ଆସି ପାଖରେ ଠିଆ ହେଲା। ପିଠା ପରେ ଖାଇବ ବୋଲି କହିଦେଇ ତରକାରୀ ବରାଦ ଦେବାକୁ କାବେରୀ ଚାଲିଆସିଲା। ମହୀବୋଉ ମନ ଭିତରେ ଟିକିଏ ଘୋଷଣା ହେଲେ - ପୂଝାରୀ କ'ଣ ମନେ କରିଚି ସେ ମରିଗଲେଣି ? ସେ ସେଇଠି ବସି ଥାଉଁ ଥାଉଁ ବୋହୂ ଯିବ ରନ୍ଧାର ବରାଦ ଦେବାକୁ ?

ମନର ରାଗ ମନରେ ରଖି ମହୀବୋଉ ଜିନିଷପତ୍ର ରଖାଚଖ୍ କରିବାରେ ଲାଗିଲେ।

ପରଦିନ ସକାଳେ କାବେରୀ ଡାଲି ଚାଉଳ କାଢୁଥିବା ବେଳେ ମହୀବୋଉ ଭଣ୍ଡାର ଘରେ ପଶିଲେ। ଚାରିଆଡ଼େ ଥରେ ଆଖି ବୁଲେଇ ନେଇ ମନକୁ ମନ ଭଟର ଭଟର ହେବାରେ ଲାଗିଲେ-ଇସ୍ ଛି...ଏଠି ପୁଣି ଲକ୍ଷ୍ମୀ ରହିବେ ? ଏଗୁଡ଼ାକ କାହିଁକି ଆଉ ପାଠ ପଢ଼ିଛନ୍ତି ମ ? ହଇଲୋ, ମୁଁ ଗଲାପରଠୁଁ ଏ ଆଲମାରୀ ବୋଧେ ଝଡ଼ା ହୋଇନାହିଁ ?...ଚିନିକୁ ଏମିତି ବୁଣି ବୁଣି ଯାଇଛ କାହିଁକି ? ଟିକିଏ ଦେଖି ଚାହିଁ ନେଇପାର ନାହିଁ ? ହେଇଟି, ଏ ଲହୁଣୀ ଡବାରୁ କଳଙ୍କି ଉଠିଆସିଲାଣି। ତାକୁ ଟିକିଏ କାଚ ଯାଗାକୁ କାଢ଼ି ପାରିଲ ନାହିଁ ?...ଠେକି ଗୋଟାକଯାକ ଘିଅ ବୁହାଇଛ, ପିମ୍ପୁଡ଼ି ଧରିଲେ ଝାଡୁ ଝାଡୁ ଦିନ ଯିବ...କାମ କରୁଛ ଯେ ଟିକିଏ ସଫଣା ନାହିଁ ?-ଘରଟା ଝାଡେଇ ଦେବାକୁ ମହୀବୋଉ ଝାଡୁ ଖୋଜି ବସିଲେ।

ରହିବା ଜାଗାରେ ଝାଡୁ ନ ପାଇ ମହୀବୋଉଙ୍କ ରାଗ ଷୋଳ ଅଣାରେ ବଢ଼ିଗଲା-କିଏ ତମକୁ ସବୁ କହେ ମୋର ଏ ଘରର ଝାଡୁ ନେଇ ଘର ଝାଡ଼ିବାକୁ ? ଘରର ଯେତେକ ଝାଡୁ ସବୁ କାହିଁ କୁଆଡ଼େ ଫୋପାଡ଼ି ଶେଷକୁ ମୋରି ଜିନିଷରେ ଆଖି ! ତମ ଜିନିଷ ତ ମୁଁ ଛୁଏଁ ନାହିଁ, ତମେ କାହିଁକି ମୋ ଜିନିଷ ଛୁଇଁବାକୁ ଯାଉଛ ?

ପୂଝାରୀକୁ ଡାଲି ଚାଉଳ ଦେବା ସେତିକିରେ ବନ୍ଦ ରହିଲା ? ଡରରେ ଜିଭ କାମୁଡ଼ି କାବେରୀ ଝାଡୁ ଖୋଜିବାକୁ ବାହାରି ପଳାଇ ଆସିଲା।

ବହୁତ ଖୋଜାଖୋଜି ପରେ ଝାଡୁ ମିଳିଲା। ଗୋଟାଏ ହାତରେ ଝାଡୁ ଓ ଅନ୍ୟ ହାତରେ କିଛି ପରିଷ୍କାର ଖବରକାଗଜ ଧରି ମହୀବୋଉ ଭିତରେ ପଶି ପ୍ରତ୍ୟେକଟା ଜିନିଷକୁ ଝାଡ଼ି ସଜେଇ ରଖିବାରେ ଲାଗିଲେ। ଦୁଆରବନ୍ଧ ବାହାରେ ଠିଆହୋଇ କାବେରୀ ସବୁ ଦେଖୁଥାଏ। ଚାଉଳ ଘୁମ ପଛଆଡ଼େ ଅନ୍ଧାରିଆ ଜାଗା ଦେଖି ମୂଷାମାନେ ତାଙ୍କ ନିଜ ପାଇଁ ଆଳୁ, ବଡ଼ି, କୋଳି ପ୍ରଭୃତି ସାଇତି ରଖିଥିଲେ।

ଝାଡୁ ଝାଡୁ ଅଜସ୍ର ମୂଷାଲଣ୍ଡି ସହିତ ସେତକ ବାହାରି ଆସିଲା। ଛାନିଆରେ ଦି'ଟା ଅସରପା ଛାଟିପିଟି ହେଇ ପଳେଇ ଗଲେ।

-ଏ କେଇଟା ଦିନ ଭିତରେ ଏଡ଼େ ସୁତୁରା ଘରଟାକୁ କେମିତି ଢେଲି ଗୁହାଳଠୁ ଆଉରି ହୀନ କରିଛନ୍ତି ଦେଖ। ହଇଲୋ, ତମେ ସବୁ ପରା ପାଠ ପଢ଼ିଛ?...କେଡ଼େ ସୁତୁରାପଣ ଦେଖେଇ ହୁଅ...ଇଏ ସବୁ କ'ଣ ହେଇଚି? ଯାକୁ ଖାଇଲେ ତମ ଦିହ ଭଲ ରହିବଚି?...ହେଁ, ଯାହା କହନ୍ତି ''ହାଣ୍ଡିରେ ଖାଏ ନା ଗୋଡ଼ରେ ପଡ଼ିଲେ ଗାଧୋଇଯାଏ''...। ବାହାରକୁ ଦେଖେଇ ହେବେ ଆମେ ଏଡ଼ିକି ସୁତୁରୀ...ଏଣେ ଟିକିଏ ଖାଲି ଆଖି ଆଢୁଆଳ କରିଦିଅ, ଅସନାପଣରେ ଛେପ ପକାଇବାକୁ ମନ ହବ ନାହିଁ...।

ବେଳକୁ ବେଳ ଅଳିଆଗୁଡ଼ାକ ବଢ଼ି ବଢ଼ି ଯାଉଛି। ସେଠାରେ ଅଧିକ ସମୟ ରହିବା ନିରାପଦ ମନେ ନ କରି କାବେରୀ ପଳେଇ ଆସିଲା।

ସେହିଦିନ ଉପରବେଳା ମୋହନ ଆସି ମହୀବୋଉଙ୍କ ପାଖରେ ବସିଲା। ଏଣୁତେଣୁ ଦି'ଚାରି କଥା ପରେ ଖୁସିହୋଇ ମୋହନ କହିଲା-ବୋଉ ଦେଖ୍, ଏ ମାସରେ ତୋ ବୋହୂ କେତେ କମ୍ ଟଙ୍କାରେ ଘର ଚଳେଇଚି।

-କମ୍ ଟଙ୍କା କ'ଣ? ମୋର ଏ ମାସରେ ସବୁ ଜିନିଷପତ୍ର ଘରେ ଥିଲା। ଖାଲି ପରିବା ଖର୍ଚ୍ଚ ଯାହା ହେଇଥିବ।

-ନାଇଁ ବୋଉ, ତୁ ଜାଣିନୁ-

ମୋହନକୁ କଥା ସାରିବାକୁ ନ ଦେଇ ହଠାତ୍ ରାଗିଯାଇ ମହୀବୋଉ କହିଲେ-ଆଉ କ'ଣ ମୁଁ ଟଙ୍କାଗୁଡ଼ାକ ଖାଇ ଦଉଥିଲି?

ଟିକିଏ ବ୍ୟସ୍ତ ହୋଇ ମୋହନ କହିଲା-ଆରେ ମୁଁ କ'ଣ ସେ କଥା କହିଲି?...ତୁ ଚଳାଉଥିଲାବେଳେ ଚାକର ପୂଜାରୀଙ୍କର ଯେଉଁ ହାତ ସଫେଇ ହେଉଥିଲା, ସେତକର ବାଟ ସେ ପୂରା ବନ୍ଦ କରିଦେଲା। ବୁଝିଲୁ ନା? କୋଉ ଜିନିଷଟା ନିଜ ହାତରେ ନେବାକୁ ତାଙ୍କୁ ଛାଡ଼େ ନାହିଁ। ସବୁବେଳେ ଭଣ୍ଡାରଘର ଚାବି ପାଖେ ପାଖେ ରଖିଥାଏ। ତତେ ଯେମିତି ସହଜରେ ଫାଙ୍କିମାରି ସେମାନେ ଏଇଟା ସେଇଟା ନେଇ ଯାଉଥିଲେ, ସେତକ ଆଉ ହେଇପାରିଲା ନାହିଁ...

-ହଁ,ରେ ପୁଅ, ଆମେ ମୂର୍ଖଲୋକ। ଆମକୁ ଫାଙ୍କି ଦେଇ ନେଇ ଯାଉଥିବେ..ଭଲ କଥା, ଅଳ୍ପରେ ଯଦି ଚଳେଇ ହଉଚି ତେବେ ବୋହୂ ଚଳାଉ! ଘରର ପଇସା ଘରେ ରହିବ।

-ଏହେଁ, ମୁଁ କ'ଣ କହିଲି ବୋହୂ ଚଳେଇବ ବୋଲି? ତୁ ତ ସବୁ କଥାରେ ଓଲଟା ଅର୍ଥ ବାହାର କରିବୁ।

-ମଲା, ଓଲଟା କ'ଣ ସିଧା କ'ଣ? ସେ ତ ମୋ ଠାରୁ ବେଶି ପଢ଼ିଛି। ଭଲ ଚଳେଇ ପାରିବ। ମୋର ବି ଛୁଟି। ସେ ଝିନ୍‌ଝଟ ମୋତେ ବି ଆଉ

ଭଲ ଲାଗୁ ନ ଥିଲା...ଏଣିକି ପୁଅ ଝିଅ ବାହା କଲି। ସେମାନେ ଚଳେଇବାଟା ସୁନ୍ଦର ବୁଝିବ-ଆମେ ବୁଢ଼ାଦିନେ ଆଉ ଗୋଟାଏ କ'ଣ ଚାବି ଧରି ବୁଲିବୁ!

-ବୋଉ, ମୁଁ ଠିକ୍ ଜାଣିଛି ପରା ତୁ ରାଗିବୁ। ମୋହନ ମହୀବୋଉଙ୍କୁ ବୁଝେଇବାକୁ ଯାଇ ଅଙ୍ଗ ଥଙ୍ଗ ହେଲା।

-କାଇଁମ ରାଗିବି କାହିଁକି? ମହୀବୋଉ କଥାକୁ ଏକରକମ ଆଡ଼େଇ ଦେଇ ଚାଲିଗଲେ। ମୋହନ ବୁଝିଲା ମହୀବୋଉ ରୁଷିଲେଣି।

ସେଦିନ ସଞ୍ଜବେଳେ ମାୟା ବୁଲିସାରି ଫେରିବା ପରେ ମହୀବୋଉ ମାୟା ପାଖକୁ ଗଲେ। ଏଣୁତେଣୁ ଦି' ଚାରିଟା ଖବର ପଚାରିବା ପରେ ହଠାତ୍ ମନେ ପଡ଼ିଗଲା ପରି କହିଲେ-ତୁ ଏତେ ରାତିରେ ଘରକୁ ଫେରୁଛୁ, ଲୋକେ କ'ଣ କହିବେ ?

-ଲୋକେ କ'ଣ ମୋ ଶ୍ୱଶୁର ନା ଦେଢ଼ଶୁର ମ/

-ଆହା। ଶ୍ୱଶୁର ଦେଢ଼ଶୁର ହେଇଥିଲେ ତ ଖାଲି ଲୁଚି ପକାନ୍ତୁ!

-ଜାଣିଛୁ ତ, ଆଉ କହୁଛୁ କାହିଁକି ?

ମହୀବୋଉ ଆଉ କିଛି କହିଲେ ନାହିଁ, ସେ ଜାଣନ୍ତି ଆଉ ଟିକିଏ କିଛି କହିଲେ ମାୟା ଜିଦି କରି ଆହୁରି ଦୁଗୁଣେଇ ହେବ। ତେଣୁ କଥା ବାଁରେଇବାକୁ ମହୀବୋଉ ଚାରିଟାବେଳେ ଘଟିଥିବା ଘଟଣାସବୁ କହି ବସିଲେ। ସବୁ ଶୁଣି ମାୟା ପ୍ରଥମେ ମହୀବୋଉଙ୍କୁ ଥୋଡ଼ାଏ ଶୋଧି ଦେଇଗଲା-ତା'ର ସେହି ଏକ ଧମକ-କାବେରୀ ଘର ଚଳେଇଲେ ସେ ସିଧା ହଷ୍ଟେଲରେ ଯାଇ ରହିବ। ଏତିକିବେଳେ ଦୂରରୁ ମୋହନକୁ ଆସୁଥିବାର ଦେଖିପାରି ମହୀବୋଉ ସେଠୁ ଉଠି ଚାଲିଗଲେ।

ସେହିଦିନଠାରୁ ମହୀବୋଉ ଚାବିକୁ ନିଜ ପାଖରେ ନ ରଖି କାବେରୀ ପାଖରେ ରଖିଦେଇ ଯାନ୍ତି। କିଛି ଦେବାର ଦରକାର ପଡ଼ିଲେ କାବେରୀକୁ କହିଦିଅନ୍ତି। କାବେରୀ ସବୁ ଶୁଣେ। ଆଉ ମନେ ମନେ ଖୁବ୍ ହସେ। ଦୁଇ ଜଣଙ୍କ କଳିରେ ତାରି ଲାଭ ହେଉଛି। ଉପରେ ଉପରେ ବେଶ ମଜାରେ ପାର ହୋଇଗଲା। ଏଣିକି ମାଆ ପୁଅଙ୍କର କଳି ଚାଲିବ ଆଉ ତାର ଖାଲି ଆଖିରୁ ଲୁହ ଝରେଇଲେ ସୁରୁଖୁରୁରେ କାମ ଗଡ଼ିଚାଲିବ।

ସକାଳୁ ଉଠି ମହୀବୋଉ ଭଣ୍ଡାର ଘର ଝାଡ଼ିବାକୁ ଭିତରେ ଆଉ ପଶନ୍ତି ନାହିଁ। ପୂଜାରୀ ଜିନିଷ ମାଗିଲେ ଆଉ ତରତରହୋଇ ଉଠି ଆସନ୍ତି ନାହିଁ। ସବୁବେଳେ ସେହି କଥା-ବୋହୂକୁ ମାଗୁନ? ମୁଁ କ'ଣ ଜୀବନଯାକ ତମ ପାଖରେ ଚଳେଇବାକୁ ବନ୍ଧା ପଡ଼ିଥିବି? ମୁଁ ମଲେ ତ' ପୁଣି ସେ ଚଳେଇବ।

ସମସ୍ତେ ମନେ କରନ୍ତି ଏହି ବୟସରେ ମହୀବୋଉଙ୍କର ବିଶ୍ରାମ ନେବା ଦରକାର। କିନ୍ତୁ ମୁରବୀପଣ କରି କରି ଯାହାର ଦିହକ ବିତିଗଲା, ସେ କ'ଣ ସତରେ କେବେ ଚାହେଁ କୋଡ଼ିଏ ପଚିଶି ବର୍ଷର ଗୋଟିଏ ଝିଅ ଆସି ତା ଉପରେ ମୁରବୀ ହେବ? ସେ ନିଜର ବୋହୂ ହେଉ ପଛକେ-

ପୀତାମ୍ବରବାବୁ ସବୁ ଜାଣିଲେ। ମହୀବୋଉଙ୍କ ମନରେ ଯେଉଁ ଆଘାତ ଆସିଛି ସେତକ ସେ ନିଜ ଭିତରେ ଅନୁଭବ କଲେ। ଚାକିରୀରୁ ପେନ୍‌ସନ୍ ନେଲା ଲୋକର ନିଜର ଯୋଗ୍ୟତା ବିଷୟରେ ପୂରା ସଚେଷ୍ଟ ଥିଲେ ମଧ୍ୟ ସରକାର ଯେମିତି ତାଙ୍କୁ ଅକାମି କହି ରଦ୍ଦ କରିଦିଏ ସେମିତି ମହୀବୋଉ ଘର ଚଳାଇବା ବିଷୟରେ ନିଜକୁ ପୂରା ସମର୍ଥ ମନେ କରୁଥିବା ବେଳେ ମୋହନ ଆଖିରେ ଅସମର୍ଥ ବୋଲି ଜଣା ପଡ଼ିଲେ।

ଏକୁଟିଆ ବସିଥିଲାବେଳେ ମହୀବୋଉ ନିଜ କଥା ଭାବି ଆଖିରୁ ଲୁହ ଗଡ଼ାନ୍ତି।

କଥା ଲୁଚି ରହେ ନାହିଁ। କାନକୁ କାନ ହୋଇ ଚାରିଆଡ଼େ ବ୍ୟାପିଯାଏ। ଭିକା ମୁହଁରୁ ସବୁ କଥା ଶୁଣି ସତ ମିଛ ପରଖିବାକୁ ଦିନେ ଯଦୁବୋଉ ବୁଲି ଆସିଲେ।

ଖୋଳି ତାଡ଼ି ସବୁ ଶୁଣିସାରି ମୁହଁ ନେଫେଡ଼ି କହିଲେ-ଆଲୋ, ତୁ କାହିଁକି ଚାବି ଛାଡ଼ିବାକୁ କଲୁ ? ଏ ଯୁଗ ହେଲା ସେଇଆ। ସଭିଏଁ କହିପୋଛି କାମ ହାସଲ କରିନେବେ। ଯେ ସରଳିଆ ସେ ଉପରକୁ ଆଁ କରି ପଡ଼ି ରହିଥିବେ।

-ହଅ କରନ୍ତୁ। ସେମାନଙ୍କ ପାଇଁ ମୁଁ ଖଟୁଥିଲି। ଏବେ ସେମାନେ ନିଜେ ନିଜ ପାଇଁ କରିବେ। କ'ଣ ହେଇଗଲା ?''

-ଭଲ କଥା କହୁଛୁ ! ଆଲୋ, ଘର ଚଳେଇବାଟା ବଡ଼ ନୁହେଁ, ସେଇ ଯେ ତୋ'ରି ହାତରେ ଚାବି ନେଣ୍ଡାଟା ଥିଲା, ସେତିକି ତତେ ନେଇ ସମସ୍ତଙ୍କ ମୁଣ୍ଡରେ ବସେଇ ଦେଇଥିଲା। ଏଣିକି ଘରକୁ ଗଲା-ଆଇଲା ଲୋକେ, ଚାକରବାକର ତୋ' ହାତ-ଟେକାକୁ ଆଉ ଚାହିଁ ରହିବେ ? ତାଙ୍କର ତୋ ଠେଇଁ ଆଉ କି କାମ ରହିଲା ?

ସବୁ ଶୁଣି ଗୋଟାଏ ନିଶ୍ୱାସ ଛାଡ଼ି ମହୀବୋଉ କହିଲେ-ହଅ, ମୋର ସେଥିରେ କିଛି ଦୁଃଖ ନାହିଁ ? ମତେ ସେ ମୁଣ୍ଡରେ ବସାଇବାରୁ କ'ଣ ମିଳିବ ? ମୋ ପିଲାଏ ଭଲରେ ରହିଲେ ହେଲା।

-ହୁଁ, ମା' ଦବାନବା ଆଉ ଭାଉଜ ଦବାନବା ସମାନ ନୁହେଁ ଲୋ ମହୀବୋଉ ! ମା' ହାତରୁ ପେଜ ତୋରାଣି ମନ୍ଦାଏ ପିଇଲେ ପେଟ ପୂରିଯାଏ। ଆଉ ଭାଉଜ ହାତରୁ ନଡ଼ୁ ମିଠେଇ ପେଟେ ଖାଇଲେ ବି ପେଟ ପୂରେ ନାହିଁ କି ମନ ବୁଝେ ନାହିଁ...

ଏତିକିବେଳେ କୁନାଠାରୁ ଯଦୁବୋଉଙ୍କ ଆସିବା ଖବର ପାଇ କାବେରୀ ଆସି ପହଞ୍ଚିଲା। ମହୀବୋଉଙ୍କ ପାଖରେ ଯଦୁବୋଉଙ୍କୁ ଏପରିଭାବରେ ଚକାମାରି ବସି

ହଲୁଥିବାର ଦେଖି ସେମାନଙ୍କ ଭିତରେ ପଡ଼ିଥିବା କଥାବାର୍ତ୍ତା ସେ ଠଉରାଇ ନେଲା, କିନ୍ତୁ କିଛି ନ ଜାଣିଲା ଖଣ୍ଡେ ଦୂରରେ ଗୁଆ ଭାଙ୍ଗି ବସିଲା ।

କାବେରୀକୁ କିଛି ବେଳ ଚାହିଁ ଛେପ ଢୋକି ଯଦୁବୋଉ ଆରମ୍ଭ କଲେ-ଏଣିକି ଘରର ଭାର ନେଲ, ଶାଶୁଙ୍କ ପରି ଘର ଚଳେଇବା ଶିଖ । ତମେ ସବୁ ଆଜିକାଲିର ପିଲାଏ ତ ମେଝା ହାତରେ ଚଉଦ ପାଆ...ଓଳିଆରୁ ଗଜା । ତମକୁ ପୁଣି କିଏ କାମ ଶିଖେଇବ ? ହେଲେ ନୂଆ ପୁରୁଣା ଅଛି । ଯେତେହେଲେ ତମେ ହେଲ ନୂଆ ।

-ଆପଣ ଟିକିଏ ବୋଉଙ୍କୁ ବୁଝେଇ ଦିଅନ୍ତୁ । ଆମେ ଯେତେ କହିଲେ ବି ସେ ଶୁଣୁ ନାହାନ୍ତି । ସେ ଚଳାଉଥିଲା ବେଳେ କେଡ଼େ ସୁରୁଖୁରୁରେ ଘର ଚଳୁଥିଲା...ଏଇ କେଇଟା ଦିନରେ ତ ମୋ ମୁଣ୍ଡ ଘୂରେଇ ଗଲାଣି । ଖାଲି ବାଧ୍ୟରେ ନେବା କଥା ।

ଅର୍ଥପୂର୍ଣ୍ଣ ହସ ହସି ଯଦୁବୋଉ କହିଲେ-ସାହସ ବାନ୍ଧି ଘର ଚଳେଇବାକୁ ବସିଚ...ଆରମ୍ଭରୁ ଏମିତି ହେଲେ କେମିତି ଚଳିବ ? ମତେ କହୁଚୁ ଯେ, ମୁଁ ଗୋଟାଏ ତାଙ୍କୁ କ'ଣ ବୁଝେଇବି । ସେ ବଂଚି ଆଉ ଥାଉ ତୋର ଚଳେଇବାଟା ଯେ କେଡ଼େ ଅସୁନ୍ଦର ଦିଶୁଚି, ସେ କ'ଣ ନିଜେ ସେତକ ବୁଝୁନାହିଁ ଭାବିଚୁ ?

ଯଦୁବୋଉଙ୍କୁ ଟିକିଏ ଠେଲି ଦେଇ ମହୀବୋଉ କହିଲେ-ଦେ ଉଠ ମ...ଯିଏ ହେଲେ ତ ଜଣେ ଚଳେଇଲେ ହେଲା...କାହା ଅଭାବରେ କ'ଣ କିଛି ବାକି ପଡ଼ିଯାଉଛି ? ମୁଁ ନ ଥିଲେ ପୁଣି କିଏ କରୁଥାନ୍ତା ? ସେଇମାନେ କରନ୍ତେ ତ ?

ଅନ୍ୟ ଉପାୟ ନ ପାଇ କାବେରୀ ସୁଁ ସୁଁ ହୋଇ କାନ୍ଦିବାରେ ଲାଗିଲା-ବୋଉ, ମୁଁ ସତରେ କହୁଛି, ଆପଣ ଘର ଚଳେଇଲା ବେଳେ ମୁଁ ଯେତେ ଶାନ୍ତି ପାଉଥିଲି ଏହିକ୍ଷଣି ତା'ର କାଣିଚାଏ ବି ପାଉ ନାହିଁ... ।

-ଆଲୋ, କାନ୍ଦୁଚୁ କାହିଁକି ? ଏମିତି ଖାଲି ତୋ ଶାଶୁ ଆଣ୍ଟ ବାନ୍ଧି ବସିଚି, ଆଉ ତୁଇ ଏକା କାନ୍ଦି କାନ୍ଦି ରହୁଚୁ ! ମୁହଁ ହଲେଇ ଯଦୁବୋଉ କହିଲେ ।

ମୁଁ ଆଉ କ'ଣ କରିବି ଭଲା ? ସିଏ ତ ସବୁବେଳେ ଚାବି ଆଣି ମୋରି ଟେବୁଲ ଉପରେ ରଖି ଦେଉଛନ୍ତି । ଆଉ କ'ଣ ମୁଁ ଫୋପାଡ଼ି ଦିଅନ୍ତି ?

-ହଁ,ତୁ ବି ଚାବି ନେଇ ତା ପାଖରେ ଫୋପାଡ଼ି ଦେଇ ଆସନ୍ତୁ । ସେତକ କ'ଣ ପାରୁନାହୁଁ ? ସିଏ ତତେ ଦି'ଥର ଚାବି ଦେଲେ ତୁ ଚାରିଥର ଦିଅନ୍ତୁ । ଏମିତି ଖାଲି ତୋ ଆଣ୍ଟରୁ ତା ଆଣ୍ଟ ବଳି ପଡୁଛି ! ମୁହଁ ହଲେଇ ହଲେଇ ଯଦୁବୋଉ କହି ଚାଲିଛନ୍ତି, ପାଟିରେ ବାଟ୍ଲି ବାଜୁନାହିଁ । ମହୀବୋଉ ଯଦୁବୋଉଙ୍କ ପାଟିରେ ହାତ ଦେଇ କଥା ବନ୍ଦ କରାଇ ଦେଲେ-ଥାଉ ମ ଅପା...ତାଙ୍କୁ କାହିଁକି କହୁଛ ? ମୋ' ନିଜ ନିପାରିଲା ପଣରୁ ମୁଁ ଦେଇଛି.. । ସେ ଚାବି ମୋର ଦରକାର ନାହିଁ ।

ଯଦୁବୋଉ କାବେରୀ ମୁହଁକୁ ଚାହିଁଲେ-''ଶାଗ ଖରଡ଼ିଲି ପତର ଜଳେଇ, ମଝିରେ ରହିଲା କଣ୍ଠା, ଦାନ୍ତକାଠି ଘିନି କି ମାଡ଼ ମାଇଲୁ ପିଠିରେ ରହିଲା ସଣ୍ଠା''...

କଥାର ମରମ ବୁଝି କାବେରୀ ସାଙ୍ଗେ ସାଙ୍ଗେ ଉଠିଯାଇ, ଚାବି ନେଣ୍ଟାଟା ଆଣି ମହୀବୋଉଙ୍କ ପାଖରେ ରଖିଦେଲା । -ଆଲୋ ଇଏ କି କଥା ? କ'ଣ ଫୁଲେଇ ହଉଚୁ ? ମହୀବୋଉ ଚାବି ନେଣ୍ଟାଟା ପେଲି ଦେଲେ ।

-ନାଇଁ, ଆପଣ ରଖନ୍ତୁ । କାବେରୀ ମୁହଁ ଘୋଡ଼େଇ କାନ୍ଦିବାରେ ଲାଗିଲା ।

-ଏତିକି ବେଳେ ଆଣି ଦବାର ଥିଲା ? ମୁହଁ ଛାଟି ଯଦୁବୋଉ କହିଲେ । ଆଲୋ, କହୁଛି ବୋଲି ମତେ ଗାଳିଦବୁ ନାଇଁ । ତମେ ବୋହୂଯାକ ନିଜ କାମତକ ଖାଲି ବାଗରେ କରିଜାଣ ।

ଯଦୁବୋଉଙ୍କ କଥା ଶୁଣି କାବେରୀ ଟିକିଏ ଶଙ୍କି ଯାଇ କହିଲା-କ'ଣ କଲି ?

ଚିଡ଼ିଯାଇ ଯଦୁବୋଉ ଉତ୍ତର ଦେଲେ-କିଛି ନାଇଁ । ଆଉ କିଛି ନ କହି ଯଦୁବୋଉ ସିଧା ଯିବାକୁ ଉଠି ପଡ଼ିଲେ ।

-ଆରେ ଆରେ ଇଏ କି କଥା ? ପାନ ନେଇନା...ଟିକିଏ ରୁହ । ଯଦୁବୋଉଙ୍କ ହାତକୁ ଧରି ପକାଇ ମହୀବୋଉ ଅଟକାଇ ଦେଲେ ।

ଯଦୁବୋଉ କିନ୍ତୁ ବସିଲେ ନାହିଁ । ସେମିତି ଠିଆ ଠିଆ ପାନ ନେଇ ଘରକୁ ଚାଲିଗଲେ ।

କାବେରୀ ସେଠୁ ଆସି କ'ଣ କରିବ କିଛି ବୁଝିପାରିଲା ନାହିଁ । ଯଦୁବୋଉଙ୍କର କଥାଗୁଡ଼ାକ ଆସି ଥରକୁଥର କାନରେ ବାଜିଲା । କେଡ଼େଡେଙ୍ଗରେ କଥାଗୁଡ଼ାକ କହିଦେଇ ଗଲା ! କାବେରୀର ରାଗ ହେଲା । କାହିଁକି ସେ ଅନ୍ୟମାନଙ୍କ ଠାରୁ ଏତେ ଟାଣ ଟାଣ କଥା ସହିବ ? ସେ କ'ଣ ଘର ଚଳାଇବା ପାଇଁ କାହା ପାଖରେ ନେହୁରା ହେଉଥିଲା ?

ମୋହନ ଅଫିସରୁ ଫେରିଲା । ପାଖକୁ ଯାଇ କାନ୍ଦ କାନ୍ଦ ହୋଇ କାବେରୀ କହିଲା-ତମ ଚାବି ମୁଁ ବୋଉଙ୍କୁ ଫେରେଇ ଦେଇଛି । ଏଣିକି ସେ ଦେଲେ ତମେ ରଖିବ । ମୋର ସେ ଚାବି ସଉକି ଦରକାର ନାହିଁ କି ବାର ଲୋକଙ୍କଠୁ ବାର କଥା ଶୁଣିବା ବି ଦରକାର ନାହିଁ ।

-କିଏ କ'ଣ କହିଲା କି ?

-ସେଇ ତମ ଯଦୁବୋଉ...ଆହୁରି କେତେ କିଏ ସମସ୍ତଙ୍କ ନାଁ କ'ଣ ମୁଁ ମନେ ରଖି ବସିଛି ?

-ସେ ତ ସେମିତିକା ପାଗଳ ମଣିଷ, ଯାହା ମନକୁ ଆସିବ କହିଦେଇ ଯିବେ । ତମେ ବି ମୁହେଁ ମୁହଁ ବତେଇ ଦେଲନାହିଁ ?

-ଆଉ କ'ଣ ! କିଛି ନ କହୁଣୁ ତ ଏତେ କହୁଛନ୍ତି, କିଛି କହିଲେ ଆଉ ବାକି ରଖିବେ ? କାବେରୀ ବସି ଗାଣ୍ଟୁ ଗାଣ୍ଟୁ ହେବାରେ ଲାଗିଲା ।

ଏହାରି ଭିତରେ ଚାରିମାସ ବିତିଗଲାଣି। କାବେରୀ ହିସାବ ଖାତା ମେଲେଇ ଦେଖିଲା ପ୍ରକୃତରେ ତାର ଧାରଣା ଭୁଲ। ଖର୍ଚ୍ଚ ଯେତିକି କମିଛି, ତାର ଦୁଇଗୁଣ ପରିଶ୍ରମ ପଡୁଛି। ମହୀବୋଉଙ୍କର ଅନୁପସ୍ଥିତିରେ ଯେତିକି ଖର୍ଚ୍ଚ ହେଉଥିଲା ତାହା ପ୍ରକୃତରେ ସବୁ ମାସର ମାପକାଠି ନୁହେଁ। ଆହୁରି ମଧ୍ୟ କାବେରୀ ନିଜ ହାତକୁ ଖର୍ଚ୍ଚ ନେବାଦ୍ୱାରା ତାକୁ ଘରର ଅନ୍ୟମାନଙ୍କ ମନ ନେଇ ଚଳିବାକୁ ହେଉଛି। ଆଉ ମନ ନେବାକୁ ହେଲେ ଖର୍ଚ୍ଚ ରୋକି ହେବ ନାହିଁ। ଦୁଇଟାଯାକ କେବେହେଲେ ଏକା ସାଙ୍ଗରେ ଚାଲିପାରିବ ନାହିଁ।

ଦିନକୁ ଦିନ ମନର ସ୍ପୃହା କମି ଆସୁଛି। ଆହୁରି ମଧ୍ୟ ସେ ବୁଝିଲାଣି ଯେ, ଏତେ ପରିଶ୍ରମ କରି ଟଙ୍କା ସଞ୍ଚିବାରେ କୌଣସି ଲାଭ ନାହିଁ। ମହୁମାଛି ମହୁ ସଞ୍ଚିଲାପରି ଯେତେ ଯାହା ଟଙ୍କା ସବୁ ଏହି ହାଇଁ ସାଇଁଆ ଘର ପଛରେ ଖର୍ଚ୍ଚ ହୋଇ ଯାଉଛି। ତେବେ ସେ ଖର୍ଚ୍ଚକୁ ଜଗିବ କାହାପାଇଁ? ମୋହନର ପଇସା ଏମିତି ଅନ୍ୟ ପଛରେ ଉଡ଼ିଯିବାକୁ କାହିଁକି ବା ସେ ଛାଡ଼ିଦେବ? ତା'ର କ'ଣ ନିଜର ଭବିଷ୍ୟତ ନାହିଁ? ବହୁତ ଭାବି ଭାବି ଶେଷରେ ସେ ଠିକ୍ କଲା ଯେ ଅନ୍ୟ ଘର କରିବା ଛଡ଼ା, ଏ ଖର୍ଚ୍ଚକୁ ବନ୍ଦ କରିବାର ଆଉ ଅନ୍ୟ ଉପାୟ ନାହିଁ।

ମହୀବୋଉ କାବେରୀର ପରିବର୍ତ୍ତନ ଲକ୍ଷ୍ୟ କଲେ। ଦିନକୁ ଦିନ ତାର କାମ ଶିଥିଳ ପଡ଼ି ଆସୁଛି। ଖଟରେ ଗଡ଼ି ଗଡ଼ି ଅଧେ ସମୟ କଟୁଛି। କିନ୍ତୁ ଆଗପରି ସେ ତାକୁ ଆଉ ଆକଟନ୍ତି ନାହିଁ। ସୁବିଧା ଦେଖି ମଝିରେ ମଝିରେ କାବେରୀ ମୋହନକୁ ଜଣାଇଦିଏ ଯେ, ତାକୁ ଏ ଘର ଭଲ ଲାଗୁନାହିଁ। ଯେତେ ଯାହା କଲେ ବି ଏ ଘରେ ତାକୁ ଶାନ୍ତି ମିଳୁନାହିଁ। ଏହି ଘର ଚଳାଇବା ଯୋଗୁଁ ବାର ଲୋକେ ତାକୁ ବାରକଥା କହୁଛନ୍ତି।

ମୋହନ ମନରେ କାବେରୀ ପ୍ରତି ସହାନୁଭୂତି ଆସେ। ମୋହନ ପାଇଁ ସେ ଏ ଘରକୁ ଆସିଛି। ତା' ମନ ଅଶାନ୍ତି ପାଇଁ ମୋହନ ଦାୟୀ। ଆଉ ତାକୁ ଯଦି ଘରଲୋକେ ଏମିତି ହଇରାଣ କରିବେ ତେବେ ସେ କେମିତି କରି ଏ ଘରେ ରହିବ? କାବେରୀର ଅଭିମାନ ଯେ, ତା ଖବର କେହି ବୁଝୁ ନାହାନ୍ତି। ତେଣୁ ସେ ବା କାହିଁକି ଅନ୍ୟମାନଙ୍କ ପାଇଁ ଏତେ ଖଟିବାକୁ ଯିବ? ଫଳରେ କାବେରୀକୁ ବୁଝାଇବାକୁ ଯାଇ ମୋହନ ଯେତେବେଳେ ଅଲଗା ଘର କରିବା କଥା ମନକୁ ଆଣେ, ସେତେବେଳେ ସାନ ସାନ ଭାଇ ଭଉଣୀଙ୍କ କଥା ପ୍ରଥମେ ମନରେ ଆସି ବାଟ ଓଗାଳେ। ପୀତାମ୍ବରବାବୁଙ୍କର ବୟସ ଖସିଲାଣି। ମହୀବୋଉ ବୁଢ଼ୀ

ହେଲେଣି। ସେମାନଙ୍କୁ ଏକୁଟିଆ କାହା ପାଖରେ ସେ ଛାଡ଼ି କରି ଯିବ? କାବେରୀର କିନ୍ତୁ ସେ ଆଡ଼କୁ ଦୃଷ୍ଟି ନାହିଁ। ସେ ଖାଲି ବୁଝେ ସେମାନେ ଦୁଇଜଣ ଓ ତାଙ୍କର ଟଙ୍କା।

ଏହାରି ଭିତରେ ଗୋଟାଏ ବର୍ଷ ଗଡ଼ି ଯାଇଛି। ପୀତାମ୍ବର ବାବୁଙ୍କର ସଂସାର ବାହାରକୁ ଆଗପରି ଥିଲେ ହେଁ, ଘୁଣଧରା ବାଉଁଶ ପରି ଭିତରେ ଭିତରେ ପୋଲା ହୋଇ ଆସୁଛି। ଚିନ୍ତାରେ ଦିନକୁ ଦିନ ମହୀବୋଉ ଭାଙ୍ଗି ପଡୁଛନ୍ତି। ପିଲାଗୁଡ଼ାକ ଏଯାଏଁ ସ୍କୁଲ ଟପି ନାହାନ୍ତି। ମାୟାର ବାହାଘର ଠିକଣା ହୋଇ ପାରୁନାହିଁ, ଯେତେ ଯୁଆଡୁ ପ୍ରସ୍ତାବ ଆସିଲା, ମାୟା ସବୁ ଭାଙ୍ଗିଲା। କିଏ କହୁଛି ଝିଅଟା ରାହାବାଜୀ, କିଏ କହୁଛି କାଣ୍ଡୋଇ ଆଉ କିଏ କହୁଛି ମୁହଁବଢ଼ିଆ। ମହୀବୋଉଙ୍କ କାନକୁ ସବୁ କଥା ଆସେ। ସବୁ ଶୁଣି ସେ ନିଜ କପାଳରେ ହାତ ମାରନ୍ତି।

କାବେରୀ ଚାହେଁ ପୀତାମ୍ବରବାବୁ ବଞ୍ଚି ଥାଉଁ ଥାଉଁ କେମିତି ମାୟାର ବାହାଘର ହୋଇଯାଉ। ସେଥିପାଇଁ ସେ ମୋହନକୁ ବାରମ୍ବାର ମନେ ପକାଇ ଦିଏ ଯେ, ଦିନକୁ ଦିନ ପୀତାମ୍ବରବାବୁଙ୍କର ବୟସ ଖସୁଛି। ମୁଣ୍ଡ ଉପରେ ଚାରି ଚାରିଟା ପିଲାଙ୍କ ଭାର। ଆଗରୁ ଗୋଟି ଗୋଟି କରି ନ ଖସାଇଲେ ପଛରେ ହଇରାଣ ହେବା କଥା। ମୋହନ ସବୁ ବୁଝେ। କିନ୍ତୁ ତା'ହାତରେ କ'ଣ ଅଛି?

ଦିନେ ସଞ୍ଜବେଳିଆ ମହୀବୋଉ ପୀତାମ୍ବରବାବୁଙ୍କ ପାଖରେ ବସି କଥା ହେଉଛନ୍ତି, ଏତିକିବେଳେ ମୋହନ ସେମାନଙ୍କ ଆଗରେ ମାୟା ପାଇଁ ଆସିଥିବା ଗୋଟିଏ ବାହାଘର ପ୍ରସ୍ତାବ କଥା ଉଠାଇଲା। ପାତ୍ରଟି ଓକିଲାତି କରୁଛି, ଭଲ ଛାତ୍ର। ଗାଁରେ ତାଙ୍କର ଜମିବାଡ଼ି ମଧ୍ୟ ଅଛି।

ପାତ୍ର ''ଓକିଲ'' ଶୁଣିବାମାତ୍ରେ ମହୀବୋଉଙ୍କ ମୁହଁ ଶୁଖିଗଲା। ପ୍ରଥମରୁ ଯଦି କିଏ ଏ ପ୍ରସ୍ତାବ ଆଣିଥାନ୍ତା, ମହୀବୋଉ ତାକୁ ସାଙ୍ଗେ ସାଙ୍ଗେ ମନା କରି ଦେଇଥାନ୍ତେ। କିନ୍ତୁ ବର୍ତ୍ତମାନ ଆଉ ସେ ଅବସ୍ଥା ନାହିଁ...ଯେତେସବୁ ବଡ଼ ଘରୁ ପ୍ରସଙ୍ଗ ଆସିଲା, ଗୋଟି ଗୋଟି କରି ମାୟା ସବୁ ଭାଙ୍ଗିଛି। ଏହିକ୍ଷଣି ସେ ନିଜେ ଭୋଗିବ ନାହିଁ ତ ଆଉ କିଏ ଭୋଗିବ? ମହୀବୋଉ ଗୁମ୍‌ମାରି ବସି ରହିଲେ।

ନିସ୍ପୃହ ଗଳାରେ ପୀତାମ୍ବରବାବୁ ପଚାରିଲେ-ଓକିଲ! ଆଜିକାଲି ଓକିଲମାନଙ୍କର କଣ ଆଉ ଆଦର ଅଛି?

ସାମାନ୍ୟ ଅଧୈର୍ଯ୍ୟ ହେଲାପରି ମୋହନ କହିଲା-ଓକିଲ ହେଲେ କ'ଣ ଖରାପ ହେଲା? ସେମାନଙ୍କ ଭିତରେ ତ ପୁଣି ଭଲ ରୋଜଗାର କରିବାବାଲା କେତେ ବାହାରୁଛନ୍ତି। ଆଉ ସେ ଯେ ସବୁ ଦିନେ ଓକିଲ ହୋଇ ରହିଥିବ, ତାର କିଛି

ଧରାବନ୍ଧା ଅଛି ?

ମହୀବୋଉ ଆଉ ଚୁପ୍ ହୋଇ ରହିପାରିଲେ ନାହିଁ, କହିଲେ-ଓକିଲ ହେଉଛି ଯେତେବେଳେ, ଆଉ କୁଆଡ଼େ ଯିବ ?

ବୁଝେଇଲା ପରି ମୋହନ କହିଲା-ଏଇ ଦେଖନ୍ତୁ, ଆଜିକାଲି ହଜାର ରକମର ଚାକିରୀ ବାହାରୁଛି। ଭଲ ଛାତ୍ର ପୁଣି ବୟସ କମ, ତା ଭାଗ୍ୟରେ ଥିଲେ ସେ ଉଠିଯିବ ନାହିଁ ?...ବାପା ଆପଣ କିଛି କହୁ ନାହାନ୍ତି ଯେ ? ମୋହନ ପୀତାମ୍ବରବାବୁଙ୍କ ମୁହଁକୁ ଚାହିଁଲା।

-ମୁଁ ଆଉ କ'ଣ କହିବି ? ତମେମାନେ ଯାହ ଭଲ ଭାବୁଛ କର, କିନ୍ତୁ ମୁଁ ଭାବୁଛି ପ୍ରସ୍ତାବ ଠିକଣା କରିବା ପୂର୍ବରୁ ମାୟାର ରାଜି ଅଛି କି ନାହିଁ ଜାଣିବା ଦରକାର-ସିଗାରେଟ୍‌ରେ ନିଆଁ ଧରାଉ ଧରାଉ ପୀତାମ୍ବରବାବୁ କହିଲେ।

-ତା' ନିଜ ବାହାଘର କଥା ଯେଉଁଠବେଳେ, ତାକୁ ତ ନିଶ୍ଚୟ ପଚରା ଯିବ...କିନ୍ତୁ ଆପଣ ତାକୁ କିଛିଏ ନ ବୁଝେଇଲେ ସେ କ'ଣ ରାଜି ହେବ ? ଆପଣଙ୍କ ଛଡ଼ା ସେ ତ ଆଉ କାହାରି କଥା ଶୁଣିବ ନାହିଁ।

''ଭାଇ ! ଭାଇ !! ତମକୁ ଜଣେ ଲୋକ ଡାକୁଛନ୍ତି, ଏଡ଼େଡ଼େ ଏଡ଼େଡ଼େ ନିଶ ଅଛି'' କହିକହିକା ଧର୍ଷସର୍ଷ ହୋଇ ପହଲି ପହଞ୍ଚିଲା।

ମୋହନ ଉଠିଗଲା। ମହୀବୋଉ ପୀତାମ୍ବରବାବୁଙ୍କ ମୁହଁକୁ ଚାହିଁଲେ-ଯିଏ ଯାହା ହାଣ୍ଡିରେ ଚାଉଳ ପକେଇଥିବ, ସେଇଠିକି ଯିବ। ମିଛଟାରେ ଆମେ ଖାଲି ବାଡ଼େଇ କଚାଡ଼ି ହଉଚୁ।

-ଯାହା କହିଲ ! ମଣିଷ ହାତରେ କିଛି ନାହିଁ...ଆମେ ସିନା ଜନ୍ମ ଦେଇଛେଁ; ସେମାନେ ତାଙ୍କର ଭାଗ୍ୟ ନେଇ ଆସିଛନ୍ତି। ଗୋଟାଏ ଗହୀରିଆ 'ହଁ' ମାରି ମହୀବୋଉ ଚୁପ୍‌ଚାପ୍ ବସି ରହିଲେ।

ଦୁଇ ଦଳ ମଧ୍ୟରେ ପ୍ରସ୍ତାବ ଆଗେଇଲା। ଦେବା ନେବାର କଥା ଛିଡ଼ିଯିବା ପରେ ବୋହୂ ଦେଖାପାଇଁ ଗୋଟିଏ ଦିନ ଠିକଣା ହେଲା।

ମାୟାକୁ ଦେଖିବାକୁ ଲୋକ ଆସିବେ। ସକାଳୁ ମହୀବୋଉ ଥରକୁ ଥର ବିକଳ ହୋଇ ମାୟା ମୁହଁକୁ ଚାହିଁଛନ୍ତି...ଟୋକିଟା ଜମା କଥା ଶୁଣୁନାହିଁ...ଆଜି କ'ଣ କରିବ କିଏ ଜାଣେ ? ତାକୁ ଭଲ ଲୁଗା ଖଣ୍ଡେ ପିନ୍ଧିବାକୁ କହିଲେ-ଦୋଷ। ଯାହା ବା ପିନ୍ଧିଥିବ ପାଲଟି ପକାଇ ଆହୁରି ଖରାପ ପିନ୍ଧିବ...। କ'ଣ କରିବେ କିଛି ବୁଝି ନ ପାରି ମହୀବୋଉ ବଡ଼ ଅଡୁଆରେ ପଡ଼ିଲେ।

ଦିନ ଏଗାରଟା ବେଳା ମୁଣ୍ଡବାଳକୁ ଟାଙ୍କିଟୁଙ୍କି, ମଚ୍ଛରା ପରି ଗୋଟାଏ ଗଣ୍ଠି

ପକାଇ, ଅଣ୍ଟାରେ ଲୁଗାକୁ ଭିଡ଼ିଦେଇ ମାୟା ପହଲିର ହାତ ଧରି ଟାଣି ଟାଣି ପୀତାମ୍ବରବାବୁଙ୍କ ପାଖକୁ ନେଉଥିଲା - ତାର ଗୋଟାଏ ନୂଆ ବହିର ପୃଷ୍ଠାରେ ପହଲି ନିଜର ନାଁ ଲେଖି ଦେଉଛି। ଏତିକିବେଳେ ସେ ଦେଖିଲା ଧୋତି ପିନ୍ଧି ଗୋରା ଢେଙ୍ଗା ହୋଇ ପଚାଶ ପଞ୍ଚାବନ ବର୍ଷର ସ୍ତ୍ରୀଲୋକଟିଏ ଭିତରକୁ ଆସୁଛି। ଦେହରେ ଖଣ୍ଡେ ମଠା ଚାଦର। କପାଳରେ ତିଳକ କଟା। ମାୟା ଜାଣେ ସେ କିଏ। ତଥାପି ନ ଚିହ୍ନିଲା ପରି ଚାଲି ଯାଉ ଯାଉ ତାଙ୍କ ଆଡ଼କୁ ଚାହିଁ ସାମାନ୍ୟ ହସିଲା।

ମୁରୁକି ହସି, ସନ୍ଦିଗ୍ଧ ଆଖିରେ ମାୟାକୁ ଚାହିଁ ସ୍ତ୍ରୀଲୋକଟି ମନେ ମନେ ଭାବିଲେ - ଏଇ ହବ ପରା। ପୁଣି ମନରେ ସନ୍ଦେହ ଆସିଲା। ଆଗରୁ ଶୁଣିଥିଲେ ପାତ୍ରୀ ବାପର ଗୋଟିଏ ବୋଲି ଝିଅ ଆଉ ଖୁବ୍ ଗୋରା। ପୁଣି ମନରେ କଲେ ସେ ନିଶ୍ଚେ ଆଜି ଭଲ ଗହଣାଗାଣ୍ଠି ଲୁଗାପଟା ପିନ୍ଧି ତାଙ୍କୁ ଅପେକ୍ଷା କରିଥିବ। ଆଉ ଏ ଝୁଅଟା ବୋଧହୁଏ ତାଙ୍କ କୁଟୁମ୍ବର କିଏ ହେବ କି କ'ଣ ... ସବୁ ଜାଣିଛି, ନଇଲେ ଏମିତି ଚିହ୍ନିଲା ପରି ହସନ୍ତା କାହିଁକି ?

ଚାରି ଛଅ ଖୋଜ ବାଟ ଯାଇ ମାୟା ଫେରି ଚାହିଁଲା - ସ୍ତ୍ରୀ ଲୋକଟି ସେଇଠି ଠିଆ ହୋଇ ତାରି ଆଡ଼େ ଚାହିଁଛନ୍ତି।

କାବେରୀ ଠାରୁ ଖବର ପାଇ ମହୀବୋଉ ପାଛୋଟି ନେବାକୁ ଆସିଲେ - ନମସ୍କାର।

ପ୍ରତି ନମସ୍କାର ଜଣାଇ ଆଗନ୍ତୁକା ତାଙ୍କ ସାଙ୍ଗରେ ଭିତରକୁ ଗଲେ।

ଅଧଘଣ୍ଟାଏ ବିତି ଗଲାଣି - ମାୟାର ଜମା ଦେଖା ନାହିଁ। ପାଖ ପଡ଼ିଶାଙ୍କ ଘରେ ଦେଖି ଆସିବା ପାଇଁ ଭିକାକୁ ପଠାଇ ଦେଇ ମହୀବୋଉ ଖାଲି ଏଠି ସେଠି ହେଉଥାଆନ୍ତି। ମହୀବୋଉଙ୍କ କଥାଭାଷାରୁ ସ୍ତ୍ରୀଲୋକଟି ବୁଝିଲେ ପହିଲେ ଯାହାକୁ ସେ ଦେଖିଥିଲେ ସେହି ହେଉଛି ପାତ୍ରୀ। ଯେତେବେଳୁ ପ୍ରସ୍ତାବ ଆସୁଛି ନାନା ପ୍ରକାର ଫିକର କାଢ଼ି ସେ ଭାଙ୍ଗି ଦେଉଛି।

ଅଧଘଣ୍ଟାଏ ପରେ ମାୟା ଫେରି ଆସି ଦେଖିଲା ଘରଯାକ ସମସ୍ତେ ତା ଉପରେ ଖପ୍ପା ହୋଇ ବସିଛନ୍ତି। ମହୀବୋଉଙ୍କ ଡ଼ାକରେ ସେ ଆସି ପାଖରେ ବସିଲା - ଓଠରୁ ତାର ହସଗୁଡ଼ାକ ଯେମିତି ଗଳି ପଡୁଥାଏ। ଟିକିଏ ବେଳ ଭଲ କରି ଚାହିଁବା ପରେ ଆଗନ୍ତୁକା ପଚାରିଲେ,

- ତମରି ନାଁ ମାୟା?

- କାହିଁକି, ବିଶ୍ୱାସ ହେଉନାହିଁ? ହେଇଟି ଦେଖନ୍ତୁ। ନିଜର ନାଁ ଲେଖା ହୋଇଥିବା ମୁଦିଟି ଆଙ୍ଗୁଠିରୁ କାଢ଼ି ଆଣି ମାୟା ତାଙ୍କର ଆଖି ଆଗରେ ଧରିଲା।

ମହୀବୋଉ ଜିଭ କାମୁଡ଼ିଲେ। ଆଗନ୍ତୁକା ମହୀବୋଉଙ୍କୁ ଚାହିଁ ପ୍ରଶ୍ନ କଲେ- କ'ଣ ସବୁ କାମଦାମ ଶିଖେଇଛନ୍ତି ?

ମହୀବୋଉ କିଛି କହିବା ପୂର୍ବରୁ ମାୟା ବାହାରିପଡ଼ି ନିଜର ବଢ଼ାଇଥିବା ନଖ ଦେଖାଇ କହିଲା, ମାଉସୀ, କାମ କଲେ ଏ ନଖ ଘୋରି ହୋଇଯିବ ନାହିଁ? ମୁଁ ଖାଲି ବୁଲି ଜାଣେ...

-ମାୟା !! ମହୀବୋଉ ଆଖି ଦେଖାଇ ଆକଟିଲେ।

-ହଉ ତେବେ ମୁଁ ଯାଉଛି, ତୁ ସେ ଆଖି ଦେଖା ବନ୍ଦକର। ମାୟା ଉଠି ଚାଲିଗଲା।

ମହୀବୋଉ ଆଶା ଛାଡ଼ିଦେଇ ବସିଲେ- ସତରେ କ'ଣ ଆଉ ହବ! ଏମିତି କଥା ଶୁଣିଲେ ଯିଏ ହେଲେ ବି ବାହାଘର ଭାଙ୍ଗି ଦିଅନ୍ତା। କିନ୍ତୁ ଫଳହେଲା ଓଲଟା। ପ୍ରଥମରୁ ମାୟାକୁ ଦେଖି ଭଦ୍ରମହିଳାଙ୍କୁ କାହିଁକି କେଜାଣି ଭାରି ଭଲଲାଗିଥିଲା। ବେଶଭୂଷାରୁ ମଣିଷର ଚାଲିଚଳନ ଜଣାପଡ଼ିଯାଏ। ତେଣୁ ବାହାଘର ଭାଙ୍ଗିବା ପାଇଁ ମାୟାର ଯେଉଁ ବେଶଭୂଷା, ସେତକ ତାଙ୍କ ଆଖିକି ଅସୁନ୍ଦର ଦିଶିଲା ନାହିଁ। ସେ ଜାଣନ୍ତି ଗରଜିଲା ମେଘ ବରଷେ ନାହିଁ।

ପ୍ରକୃତରେ ସେ କିଛି ଭୁଲ ଭାବି ନାହାନ୍ତି। ଜଣେ ଜଣେ ମଣିଷଙ୍କୁ ପ୍ରଥମରୁ ଦେଖିଲେ ହଠାତ୍ ଭଲ ଲାଗେ। ଆଉ ଜଣ ଜଣଙ୍କୁ ପ୍ରଥମେ ଖରାପ ଲାଗେ। ଅଧିକାଂଶ ସ୍ଥଳରେ ଦେଖାଯାଏ ପ୍ରଥମଥର ଧାରଣା ହିଁ ଠିକ୍।

ବିଦା ହେଲାବେଳେ ମହୀବୋଉଙ୍କୁ ସେ କହିଗଲେ-ସବୁ ଭଲ ଯେ ହେଲେ ଟିକିଏ ମୁହଁଖୋର...ହଁଅ, ମୋର ବି ସେମିତି ଗୋଟିଏ ବୋହୂ ଦରକାର... ଘରକୁ ଏକାଟିଆ ମଣିଷ, ମୁହଁ ନ ଥିଲେ ସମସ୍ତେ ଭୁତେଇ ଭାତେଇ ଖାଇଯିବେ।

ମହୀବୋଉଙ୍କ ମୁହଁରେ ପ୍ରଥମେ ଟିକିଏ ହସ ଖେଳିଗଲା, କିନ୍ତୁ ଠିକ୍ ତାର ପରମୁହୂର୍ତ୍ତରେ ଭିତରର କୋହ ସେ ହସକୁ ଲୁଚେଇ ଦେଲା। ଏଇ ତାଙ୍କର ଗୋଟିଏ ବୋଲି ଝିଅ। ବଡ଼ଘରେ ବନ୍ଧୁ ବାନ୍ଧିବାକୁ ସେ କେଜାଣି କେତେ କଳ୍ପନା କରିଥିଲେ। ସେ ସବୁ କୁଆଡ଼େ ଯାଇ ଶେଷରେ ଆସି ଏଇଠି ପହଞ୍ଚିଲେ। ଏହି ଝିଅକୁ ପାରି କରି ଦେବାକୁ ସେ କେଜାଣି କେତେ ଧନ୍ଦି ହେଉଛନ୍ତି... ଆଉ ଆଜି ପାରି କରିବାକୁ ଯାଇ ତାଙ୍କ ଆଖିରେ ଲୁହ ଆସୁଛି।

ବାହାଘର ଦିନ ପାଖେଇ ଆସିଲା। ମାୟା ବାହାହେବ ଯାଉନାହିଁ ଯେ ପୀତାମ୍ବରବାବୁଙ୍କ ଘର ଉପରେ ଯେମିତି ଚଇତାଳି ଝଡ଼ ବହିଯାଉଛି! ଆଗ ବର୍ଷର ଛପର ଆସ୍ଥାନ ଧରିଥିଲା। ସେ ଆଜି ଏଠୁସେଠୁ ଉଡ଼ିଗଲାଣି। ଘର ଭିତରକୁ ଖରା ପଶି ଆସିବ। ବାହାଘରର ଉତ୍ସବ ଭିତରେ ମାୟା ଚାଲିଯିବ।

ଏଇ କି ଅଭିଆଣ କଥା ଲୋ ମା। ବାହାଙ୍କୁଅ ଆଖିରେ ଟୋପାଏ ପାଣି

ନାହିଁ!! ହଅ, କାହିଁକି ଲୁହ ଗଡ଼େଇବେ ? ବାହା ହବାକୁ ତ ଗୋଡ଼ ଟେକି ବସିଥିଲେ...। ଝିଅ ଦେଖିସାରି ଫେରିଯାଉଥିବା ସ୍ତ୍ରୀଲୋକମାନଙ୍କ ଭିତରୁ ଜଣେ ମୁହଁମୋଡ଼ି କହିଲା।

ମାୟାର ବାହାଘର ସରିଯାଇଛି। ଆଉ ଅଳ୍ପ କେଇଘଣ୍ଟା ପରେ ସେ ବିଦା ହୋଇଯିବ। ମହୀବୋଉଙ୍କ ଆଖିରୁ ଧାରାଶ୍ରାବଣ ଛୁଟିଛି।

ଘର ଭିତରେ ଲୋକ ଗହଳି - ଗୋଡ଼ ବୁଲେଇବାକୁ ଜାଗା ନାହିଁ। ତାରି ଭିତରେ ଥରକୁ ଥର ମାୟାକୁ ଭିଡ଼ିଧରି, କାବେରୀ ଅସରାଏ କରି ଲୁହ ଢ଼ାଳି ଦେଇ ଯାଉଛି। ଜଣକର ନିଖୁଣ ମୁହଁର ସଜଳ ଆଖି ପାଖରେ ଅନ୍ୟଟିର ହଳଦୀ ଗରଗର ମୁହଁର ହିଂସ୍ର ଚାହାଣି। ଦେଖଣାହାରୀଙ୍କ ମୁହଁରେ ପ୍ରଶଂସା - ଆହା, ଏମିତି ଭାଉଜଟିଏ ମିଳିବ ନାହିଁ... କେଡ଼େ ଅଲିଅଳରେ ନଣନ୍ଦଟିକୁ ବଢ଼େଇଥିଲେ... ଦେଖୁନ୍ତୁ, ଝିଅଟା ବିଦା ହେଇ ଯାଉଚି ଯେ ତା ଆଖିରେ ଟୋପାଏ ପାଣି ନାହିଁ, ଏଣେ ଇଏ ଲୁହରେ ଭାସି ଯାଉଚି!

ନିରୋଳାରେ କିଛି କହିବା ପାଇଁ ମହୀବୋଉ ମାୟାର ହାତ ଧରି ଅନ୍ୟ ଘରକୁ ନେଇଗଲେ। ତାକୁ ଖଟ ଉପରେ ବସେଇ ଦେଇ ପାଖରେ ବସି ଟିକିଏ ଇତସ୍ତତଃ ହୋଇ ମହୀବୋଉ ଆରମ୍ଭ କଲେ - ''ବର୍ଷେ ଛ'ମାସ ବୋହୂପଣିଆ କରିବୁ ମା .... ସବୁଦିନେ କରିବାକୁ ତତେ କେହି କହୁ ନାହାନ୍ତି .... ଶାଶୁ ଶ୍ୱଶୁରଙ୍କ ପାଦସେବା କରିବୁ, ବନ୍ଧୁ ବାନ୍ଧବଙ୍କୁ ନିଜର କରି ଦେଖିବୁ, ସାନମାନଙ୍କୁ ଆଦର କରିବୁ .... ସେଇ ତ ହେଲା ତୋ ଘର .... ମୋ ମୁଣ୍ଡ ଛୁଇଁ କହ, କରିବୁ ତ? ..... ତୁ ଚାଲିଗଲେ ତୋ'ରି କଥା ଭାବି ଭାବି ମନରେ ଶାନ୍ତି ପାଇବି ନାହିଁ ....।'' ମଝିରେ ମଝିରେ କଥା ବନ୍ଦ ରଖି, ପଣତ କାନିରେ ଆଖି ପୋଛି ମହୀବୋଉ ଅତି ନିଃସହାୟ ଭାବରେ ଚାହୁଁଥାନ୍ତି ଝିଅର ମୁହଁକୁ - ତା'ଠୁ ପଦେ ନିର୍ଭର ଜବାବ ଶୁଣିବାକୁ, ଯେମିତିକି ଝିଅ ତୁଣ୍ଡର ପଦେ କଥା ଉପରେ ତାଙ୍କର ବଳକା ଜୀବନର ସୁଖଶାନ୍ତି ଝୁଲୁଚି .....।

ଖଟ ଉପରେ ସାମନାସାମନି ଦୁଇଟି ନାରୀ ବସିଥିଲେ-ମା ଆଉ ଝିଅ। ହାତରେ ହାତ ଛୁଇଁଛି, ଆଖିରେ ଆଖି ମିଶିଛି, ମନକୁ ମନ ଛୁଇଁଛି...ତଥାପି ଦିହିଙ୍କ ଭିତରେ ଥିଲା ଅସୀମର ବ୍ୟବଧାନ। ଜଣକ ଆଖିରେ ନିଃସହାୟ ଭାବ, ଅନ୍ୟର ଆଖିରେ ବିଦ୍ରୋହ।

ମାୟା ଚାହିଁ ଚାହିଁ ମହୀବୋଉଙ୍କୁ ଦେଖିଲା-ଏଇ ତା'ର ମା, ତା'ର ଚିରଦିନର ଅତି ଆଦରର ''ବୋଉ''...କେତେ ଦୁଃଖକଷ୍ଟ ସହିଛି, କେତେ ଅଳିଝଳି ସହିଛି କିନ୍ତୁ ତା'ର ହେତୁ ହେଲା ଦିନୁ ସେ କେବେହେଲେ ବୋଉକୁ ଆଜିପରି ଏଡ଼େ ଅସହାୟ, ଦୁର୍ବଳ, ହୋଇ ପଡ଼ିବାର ତ ସେ ଦେଖି ନାହିଁ?...ତାତିଲା ଘିଅରେ ହାତ ବୁଡ଼ିଗଲେ କି ପନିକିରେ ହାତ କଟିଗଲେ ଯେ, ହସି ହସି ''କିଛି ହୋଇନାହିଁ,'' କହି ସେହି ହାତରେ କାମ କରିଯାଏ, ସେଇ ମା ଆଜି ତା'ରି ସାମନାରେ

ବସି ଆଖିରୁ ଲୁହ ଢାଳୁଛି...! ବୋଉର ଏ ଦୁଃଖ ଯେ, ନିଜ ପାଇଁ ନୁହେଁ, ତାହା ମାୟା ଜାଣେ। ନିଜ ପାଇଁ ହୋଇଥିଲେ ମୁହୂର୍ତ୍ତେ ଡେରି ନକରି, ନିଜର ଗହଣାଗାଣ୍ଠି ଖୋଲି ପକାଇ ସେ କହିଥାନ୍ତା-''ଏଇ ଦେଖ୍, ବୋଉ, ମୁଁ ତୋର ସେଇ ଆଗର ଅଭିଆଡ଼ି ଝିଅ ମାୟା-ତୋରି ପାଖରେ ଅଛି''...କିନ୍ତୁ ତାଙ୍କର ଦୁଃଖ ଯେ, ତା'ରି ପାଇଁ...ଶାଶୁ ଘରେ ତା'ରି ବ୍ୟବହାର ଉପରେ ନିର୍ଭର କରୁଛି ବାପ ଘରର ନିନ୍ଦା ଓ ପ୍ରଶଂସା। ହଠାତ୍ ମାୟାର ମନେ ହେଲା ମହୀବୋଉଙ୍କୁ ଆଜିଯାଏ ସେ କିଛି ଦେଇପାରି ନାହିଁ। ତା ପାଇଁ ଜୀବନସାରା ଯେଉଁ ମା ଏତେ କରିଆସିଛି, ଆଜି ବିଦାୟ ନେବା ଆଗରୁ ସେହି ମାର ମନରେ ଅଧିକ ଆଘାତ ଦେବାକୁ ତାକୁ କେମିତି ବାଧିଲା। ମନରେ ତାର ଦ୍ୱନ୍ଦ୍ୱ-କ'ଣ ସେ କରିବ? ଦାନ୍ତ ମଝିରେ ତଳ ଓଠ କାମୁଡ଼ି ମାୟା ଟିକିଏ ବେଳ ଭାବିଲା-ମୁହଁରେ ତା'ର କଳା ବଉଦର ଛାଇ, ଶୁଖିଲା ଆଖିରେ ବିଜୁଳିର ଝଲକ।

-ଆଚ୍ଛା, କଥା ଦେଲି କରିବି।

ଜବାବ ଶୁଣି ମହୀବୋଉଙ୍କ ପାତଳ ଓଠରେ ହସର ଆଲୁଅ ଖେଳିଗଲା।

-ଆଉ କ'ଣ ଚାହୁଁ? ଗର୍ଜି ଉଠି ମାୟା ମହୀବୋଉଙ୍କ ମୁହଁକୁ ଚାହିଁଲା।-ଜୋତା ପାଲିସ୍ କରିବି, ଅଇଁଠା ଖାଇବି...ଚାହୁଁ ଚାହୁଁ ହଠାତ୍ ମେଘ ଫାଟି ଅଜାଡ଼ି ହୋଇପଡ଼ିଲା।

ଲୁହ ଦେଖି ଉପର ମୁହଁରେ ଦୁଃଖ କଲେ ବି ମହୀବୋଉ ମନ ଭିତରେ ସାନ୍ତ୍ୱନା ପାଇଲେ। ମନରେ ତାଙ୍କର ସନ୍ଦେହ-ମାୟା କ'ଣ ସତରେ ତା'ର କଥା ରଖିବ? ତା' ଆଖିରୁ ଲୁହ ପୋଛିଦେଉ ଦେଉ ମହୀବୋଉ ନାନା ପ୍ରକାର ସାନ୍ତ୍ୱନା ଦେବାରେ ଲାଗିଲେ।

ଦୁଆର ମୁହଁରେ କାବେରୀ ମୁହଁ ଦିଶିଲା। ଆଖି ପୋଛି ମହୀବୋଉ ଉଠିଗଲେ। ଭିତରକୁ ଆସି କାବେରୀ ପାଖରେ ବସିଲା ଏଇ ମାୟା-ଖରା ତାତି ପରି ତାକୁ କେବଳ ଜାଳିପୋଡ଼ି ଆସିଛି, କିନ୍ତୁ ଆଜି ବିଦାୟ ବେଳେ ଲିଭିଲା ସୂର୍ଯ୍ୟପରି ସେ କୋମଳ ଓ କମନୀୟ। କାବେରୀର ଇଚ୍ଛା ହେଲା କହିବାକୁ-''ମତେ କ୍ଷମା କର ମାୟା...ତମକୁ ମୁଁ ଭୁଲ ବୁଝିଥିଲି।''

ବାହାରେ ଗାଡ଼ିକୁ ଜିନିଷପତ୍ର ବୁହା ଚାଲିଛି। ଏକାଟିଆ ଗୋଟିଏ ଘରେ ମୁଣ୍ଡରେ ହାତ ରଖି ପୀତାମ୍ବରବାବୁ ତଳକୁ ଚାହିଁ ବସିଛନ୍ତି। ଏତିକିବେଳେ ମାୟା ଆସି ଦୁଲ୍ କରି ତାଙ୍କ ଗୋଡ଼ ଉପରେ ପଡ଼ିଲା-ଦେହସାରା ତା'ର ଥର ଥର ହୋଇ ଥରୁଚି। ହାତ ଧରି ଉଠେଇ ଆଣି, ପାଖରେ ବସାଇ, ପୀତାମ୍ବରବାବୁ ତାର ମୁଣ୍ଡ ଆଉଁସି ଦେବାରେ ଲାଗିଲେ। କଣ କହିବାକୁ ଯେମିତି ତାଙ୍କ ଓଠଟା ଥରି ଉଠୁଥାଏ, ଆଖି ଝାପ୍‌ସା ହୋଇ ଆସୁଥାଏ। ବହୁତ କଷ୍ଟରେ ନିଜକୁ ସମ୍ଭାଳି ନେଇ, ଗଳା ଝାଡ଼ି ପୀତାମ୍ବରବାବୁ ଆରମ୍ଭ କଲେ-''ମା...'' ଆଖିକୁ ପାଣି ଆସିଯାଇ ତଣ୍ଟିର କଥାକୁ ଅଧବାଟରେ ରୋକିଦେଲା। ଟିକିଏ ବେଳ ଅପେକ୍ଷା କରି ପୀତାମ୍ବର ବାବୁ

ପୁଣି କହିଲେ-ତୁ ମୋ'ରି ଝିଅ, ଏ କଥା ଯେମିତି ଭୁଲିବୁ ନାହିଁ। ତୁ ସୁଖରେ ଅଛୁ ଜାଣିଲେ ମୁଁ ମନରେ ଶାନ୍ତି ପାଇବି।

କିଛି ନ କହି ମାୟା କେବଳ ଫୁଲି ଫୁଲି କାନ୍ଦିବାରେ ଲାଗିଲା। ତାକୁ ଶୀଘ୍ର ଅନ୍ୟମାନଙ୍କ ଜିମା କରିଦେଇ ପୀତାମ୍ବରବାବୁ ଆଖି ଲୁହ ଲୁଚେଇବାକୁ ବାହାରି ପଳାଇଗଲେ।

ଶାଶୁଘରେ ଅଳ୍ପ କେଇ ଘଣ୍ଟାର ପରିଚୟ। କାହାରି କାହାରି ସାଥିରେ ପଦେ ଅଧେ କଥାଭାଷା। ମୁହଁର ଭାବଭଙ୍ଗୀରୁ ମାୟା ମୋଟାମୋଟି ଭାବରେ ଠଉରେଇ ନେଲା କିଏ କି ଧରଣର ମଣିଷ।

ଗୋଟିଏ ବଖରା ଭିତରେ ଚ୍ଛୁଆପିଲା, ମା ହୋଇ ଗଦାଏ ମଣିଷ ଶୋଇବାକୁ ଆସିଲେ। ତା'ରି ଭିତରେ ଟିକିଏ କର ଆଡ଼ିଆ ଦେଖିବ ମାୟା ପାଇଁ ଶୋଇବାକୁ ଜାଗା କରିଦେଇ ମାୟାର ଶାଶୁ ଚାଲିଗଲେ। ମାୟା ହାତଘଡ଼ି ଦେଖିଲା-ଆଉ ଟିକିଏ ବେଳରେ ଦୁଇଟା ବାଜିବ। ହଠାତ୍ ସେହି ଘଡ଼ିର କାଚ ଉପରେ ଯେମିତି ପୀତାମ୍ବରବାବୁଙ୍କ ଘରଟା ଭାସି ଉଠିଲା...। ବିଛଣାରେ ଶୋଇ ପୀତାମ୍ବରବାବୁ ନିଦରେ ଘୁଙ୍ଗୁଡ଼ି ମାରୁଛନ୍ତି...ମହୀବୋଉ ଅଧା ନିଦରୁ ଉଠି, ହାତରେ ଖଣ୍ଡେ ପାନ ଧରି ତାରି ଶାଶୁଘରକୁ ଚାହିଁ ରହିଛନ୍ତି...ସ୍ୱପ୍ନରେ ପହଲି କାନ୍ଦୁଛି-ଆରେ ମୋ ପିଙ୍କୁଲି ଦେ...। ମାୟା ଆଖି ବୁଜିବାକୁ ଚେଷ୍ଟା କଲା।

ରାତି ଚାରିଟା। ଜଣେ କିଏ ମାୟାକୁ ହଲେଇ ଦେଲେ-ବୋହୂ... ଏ ବୋହୂ... ରାତି ପାହିଯିବ, ଗାଧୋଇ ଆସିବ ଯାଅ।

ମାୟା ଆଖିମେଲି ଚାହିଁଲା। ହାତରେ ମିଞ୍ଜି ମିଞ୍ଜି ବତୀଟିଏ ଧରି ବଇବୁଢ଼ୀ ସ୍ତ୍ରୀଲୋକ ଜଣେ ତାରି ପାଖରେ ଠିଆହୋଇ ଡାକୁଛନ୍ତି। ପ୍ରଥମେ ତା'ର ମନେପଡ଼ିଲା ନିଜ ବିଛଣା କଥା, ମଶାରି ନାହିଁ...ଏମିତି କଣ? ଆଖି ମଳି ମଳି ପୁଣି ଥରେ ଚାରିଆଡ଼କୁ ଚାହିଁଲା...ଏ ଘରଦ୍ୱାର, ଏ ଲୋକମାନଙ୍କୁ ସେ ଚିହ୍ନେ ନାହିଁ, ସବୁ ତାକୁ ନୂଆ ଦିଶିଲା...ତେବେ କେଉଁଠି ଆସି ସେ ଶୋଇ ପଡ଼ିଛି? ବିଛଣାକୁ ଯିବାପାଇଁ ତରବର ହୋଇ ମାୟା ଉଠି ବସିଲା...ଚାଉଁ କରି ମନେ ପଡ଼ିଗଲା ତା'ର ବାହାଘର କଥା। ରାତିରେ ଖଡ଼ଖଡ଼ ଶବ୍ଦ ଶୁଣି ନିଦ ଭାଙ୍ଗିଗଲେ ଚୋର ଆସିଛି ବୋଲି ଭାବି ମନ ଯେମିତି ନିସ୍ତେଜ ହୋଇଯାଏ, ବାହାଘର କଥା ମନକୁ ଆସିବା ମାତ୍ରେ ମାୟାର ଦେହଟା ସେମିତି ଅବଶ ହୋଇଆସିଲା।

ଏ ବୋହୂ, ଗାଧୋଇ ଯାଅ...ଲୋକବାକ ଉଠିପଡ଼ିବେ।

-ଯାଉଛି।

ମାୟାକୁ ଆଣି ଅଗଣାରେ ଛାଡ଼ିଦେଇ ସ୍ତ୍ରୀଲୋକଟି ବତୀ ନେଇ ଘରକୁ ପଶିଲେ ଢାଳ ଆଣିବାକୁ।

ଆକାଶରେ ମେଘ ଢାଙ୍କିଛି। ବାହାରେ ଅନ୍ଧାର। ମାୟାର ଭିତରଟା ବି ଅନ୍ଧାର। ସେହି ଅନ୍ଧାର ଭିତରେ ସେ ଦେଖିଲା ତା ଭବିଷ୍ୟତ ଯେମିତି ପୋତି ହୋଇପଡୁଛି...।

ଦାନ୍ତ ଘଷିସାରି ମାୟା ଛିଡ଼ାହୋଇ ଭାବୁଥିଲା ନିଜ କଥା। ପାହାନ୍ତି ପବନର ମହକରେ ମନ ତା'ର ଭାସିଯାଉଥିଲା ନିଜ ଘରକୁ ...ସମସ୍ତେ ଆରାମରେ ଶୋଇଥିବେ, ଆଉ ସେ ନିଜେ ?

ଭାବନାରେ ବାଧା ଦେଇ ସେହି ସ୍ତ୍ରୀଲୋକଟି ପୁଣି ଆସି କହିଲେ-ଆଉ ଠିଆଟା ହେଲୁ କାହିଁକି ? ଗାଧୋଇ ପଡ଼।

ରାଗରେ ମାୟା ଥରେ ତାଙ୍କ ଆଡ଼କୁ ଚାହିଁଲା। ପାଟିରୁ ବାହାରି ଆସୁଥିଲା ଏତେ ରାତିରେ ମୁଁ ଗାଧାଏ ନାହିଁ। ତମେ ନିଜେ ଗାଧୋଇଲଣି ? ଏତେ ମଣିଷ ତ ଅଛନ୍ତି, ସେମାନଙ୍କୁ କହୁନା ? କିନ୍ତୁ ଠିକ୍ ସେତିକିବେଳେ ମନ ଭିତରୁ କିଏ ଯେମିତି ଆସି ତା'ର ହାତ ଧରିଲା-ଶୁଖିଲା ମୁହଁ, ଲୁହଭରା ଆଖିରେ ସନ୍ଦିଗ୍ଧ ଚାହାଣୀ। ଆଉ କାନରେ ଶୁଭିଲା ଅନୁନୟଭରା କଥା କେଇପଦ ''ବର୍ଷେ ଛ'ମାସ ବୋହୂ ପଣିଆ କରିବୁ ମା...''

କଳ୍ପନାରେ ମେଲି ଆସିଥିବା ବୋଉର ହାତଟାକୁ ଛିଞ୍ଚାଡ଼ି ଦେଇ, ତା'ରି ଆଖିରେ ଆଖି ରଖି ମାୟାର ଆତ୍ମା ଚିତ୍କାର କରିଉଠିଲା-ତୁ..ତୁ ମତେ ଛାରଖାର କରିଦେଲୁ। ମତେ କ'ଣ ତୁ ଚିହ୍ନି ନ ଥିଲୁ ? କାହିଁକି ଆଣି ଏଠି ପୂରେଇଲୁ ? ମୁଁ ତୋର କି କ୍ଷତି କରିଥିଲି ?

ଆଖିରୁ ଲୁହ ପୋଛି ସ୍ତ୍ରୀଲୋକଟି ପୁଣି ଯେମିତି କହିଲା-ତୁ ମତେ କଥା ଦେଇଥିଲୁ...ତୁ ଚାଲିଗଲୁ, ମତେ ଚାହିଁବାକୁ ଏଠି ଆଉ କେହି ନାହିଁ...ତୋରି କଥା, ତୋରି କାମ ଉପରେ ମୁଁ ବଞ୍ଚିରହିବି। ବିରକ୍ତିରେ ମାୟା କୂଅମୂଳକୁ ଗଲା।

ମାୟା ବିଦା ହୋଇ ଯିବା ପରେ ପୀତାମ୍ବରବାବୁଙ୍କ ଘରେ ବହୁତ ପରିବର୍ତ୍ତନ ଆସିଯାଇଛି। ପୀତାମ୍ବରବାବୁଙ୍କ ମନ ଭଲ ନାହିଁ। ଖାଇଲାବେଳେ, ବସିଲାବେଳେ ଝିଅ କଥା ମନେ ପଡ଼େ। ମହୀବୋଉ କାମ ମଝିରେ ମାୟା କଥା ମନେ ପକାଇ ଆଖିରୁ ଲୁହ ଗଡ଼ାନ୍ତି। ତାଙ୍କ କାନ୍ଦ ଦେଖି ସାନ ପିଲାମାନେ ମଧ୍ୟ ବେଳେ ବେଳେ ମୁହଁ ଶୁଖେଇ ବୁଲନ୍ତି।

କାବେରୀ ଚିନ୍ତା ବେଶି ବଢ଼ିଯାଇଛି। ମାୟାର ବାହାଘରରେ ପୀତାମ୍ବରବାବୁ ଖୁବ୍ ଖୋଲା ହାତରେ ଟଙ୍କା ଖର୍ଚ୍ଚକରି ପକାଇଛନ୍ତି। ମୁଣ୍ଡ ଉପରେ ତିନି ତିନିଟା ଝିଅଙ୍କର

ଭାର। ପୀତାମ୍ବରବାବୁଙ୍କ ବୟସ ହୋଇଗଲାଣି। ସମସ୍ତଙ୍କ ବୋଝ ଦିନେ ସେହି ମୋହନ ଉପରେ ଆସି ପଡ଼ିବ। ସେହିକଥା ଅନେକଥର ମୋହନକୁ ଚେତେଇ ଦେଲାଣି, କିନ୍ତୁ ମୋହନର ସେ ଆଡ଼କୁ ନଜର ନାହିଁ। ତା ଉପରେ ପୁଣି ମହୀବୋଉ ପାଳିକୁ ପାଳି ଲମ୍ବା ଚଉଡ଼ା ଭାର ସଜାଡ଼ି ଝିଅ ଘରକୁ ପେଲିବାରେ ଲାଗିଛନ୍ତି। କାବେରୀ କଥା ପ୍ରସଙ୍ଗରେ ମୋହନକୁ କେତେ ଥର ସେହି ବିଷୟ କହିଛି-କୋଉ ବଡ଼ଲୋକ ଘର ହେଇଛନ୍ତି ଯେ, ଏତେ ଭାରଥୋଉ ସଜଡ଼ା ହେଉଛି? ତମେ ବୋଉକୁ କହୁନ କାହିଁକି? ଟଙ୍କା ଖର୍ଚ୍ଚ କରିଗଲେ ସେଇ ତମକୁ ତ ପୁଣି ଶୁଝିବାକୁ ହେବ। ଗୋଟିଏ ଝିଅପାଇଁ ଯଦି ଏତେ ଟଙ୍କା ଖର୍ଚ୍ଚ ହୁଏ, ଅନ୍ୟ ପିଲାଙ୍କ ପାଇଁ କଅଣ ରହିବ?

-ମୋହନ ସବୁ ଶୁଣେ। କିନ୍ତୁ ମହୀବୋଉଙ୍କୁ ସେ କ'ଣ ବା କହିବ? ମା'ର ମନ। ସବୁ ମାଆମାନେ ନିଜ ଝିଅମାନଙ୍କ ପାଇଁ ଏମିତି ହାତଖୋଲି ଖର୍ଚ୍ଚ କରିବାକୁ ଚାହାଁନ୍ତି। ତାଙ୍କୁ ସେତେବେଳେ ମନା କରିବା ଅର୍ଥ ଘରେ ଅଶାନ୍ତି ବଢ଼ାଇବା ଛଡ଼ା ଆଉ କିଛି ନୁହେଁ। ଏହି ଦିଆନିଆ ଯେମିତି ବଡ଼ଲୋକି ମାପିବାର ଗୋଟାଏ ମାପକାଠି। କାବେରୀ ନିଜେ ମହୀବୋଉଙ୍କ ସ୍ଥାନରେ ଥିଲେ ଠିକ୍ ସେଇଆ କରିଥାନ୍ତା। ତେଣୁ ସେ କାବେରୀକୁ ବୁଝାଇବ ନା ମହୀବୋଉଙ୍କୁ ଯାଇ କହିବ, କିଛି ଠିକଣା କରିପାରେ ନାହିଁ।

କାବେରୀ ଦେଖିଲା ମୋହନ ଆଗରେ ଫେରାଦ ହୋଇ ଖର୍ଚ୍ଚ ରୋକି 'ହେବ ନାହିଁ। ତେଣୁ ସେ ତା ସାଥିରେ ଗୋଟାଏ ନୂଆ ଧରଣର ଚୁକ୍ତି କଲା। ଏଣିକି ମୋହନ ଦରମାରୁ ଅଧେ ତା'ର ଓ ଅଧେ ମୋହନର। ଦିହେଁ ଦିହିଙ୍କ ଭାଗ ନିଜ ଇଚ୍ଛା ଅନୁସାରେ ଖର୍ଚ୍ଚ କରିବେ। କେହି କାହାକୁ କିଛି ବାଧା ଦେଇ ପାରିବେ ନାହିଁ। ମୋହନ ଖୁସି ହେଲା ଯେ ଏଣିକି କାବେରୀ ଟଙ୍କା ପଇସା ବିଷୟ ନେଇ ତାକୁ ଆଉ ବ୍ୟସ୍ତ କରିବ ନାହିଁ। କାବେରୀ ଖୁସି ହେଲା ଯେ ଏହି ନୂଆ ଉପାୟରେ ମୋହନ ମୋଡ଼ିମାଡ଼ି ହୋଇ ବାଟକୁ ଆସିବ। କିଛି ନ ହେଲେ ଅନ୍ତତଃ କାବେରୀ ନିଜ ଟଙ୍କାତକ ନିଜ ଭବିଷ୍ୟତ ପାଇଁ ତ ରଖିପାରିବ?

ବାହାଘର କେବେଠାରୁ ସରିଲାଣି, ତଥାପି ବୋହୂଦେଖା ସରି ନାହିଁ। ମାୟା ଶାଶୁଙ୍କର ଗୋଡ଼ ଆଉ ତଳେ ଲାଗୁନାହିଁ। ବୋହୂ ଦେଖିବା ପାଇଁ ଗଲା-ଅଇଲା ମାଇପେ ତାଙ୍କ ଘରକୁ ପଶି ଆସନ୍ତି।

-କିଲୋ, କୁଆଡ଼େ ଗଡ଼ି ପଡ଼ିଲ? ବସ ବସ। ଗୋଡ଼ ଉପରେ ଗୋଡ଼ ପକେଇ, ଖଣ୍ଡିଆ ଚୌକିରେ ଝୁଲୁଝୁଲୁ ହସି ହସି ମାୟା ଶାଶୁ ପଚାରନ୍ତି।

-ତମ ବୋହୂକୁ ଟିକିଏ ଦେଖିବାକୁ ଆସିଚୁ।

-ହେ ବୋହୂ! ମାୟା ଶାଶୂ ସେଇଠୁ ଥାଇ ମାୟା ଉଦ୍ଦେଶ୍ୟରେ ଡାକ ଛାଡ଼ନ୍ତି।

ମୁଣ୍ଡରେ ଲୁଗା ଦେଇ ମାୟା ଆସି ପାଖରେ ଛିଡ଼ା ହୁଏ। ଗର୍ବରେ ଟିକଏ ହସି ମାୟା ଶାଶୂ କହନ୍ତି-ବୋହୂ ଦେଖିବାକୁ କହୁଥିଲ ପରା ? ଦେଖ।

ମାୟା ଶାଶୂଙ୍କ ପାଟିରୁ କଥା ନ ସରୁଣୁ ଆସିଥିବା ସ୍ତ୍ରୀଲୋକମାନେ ଥରେ ବୋହୂ ମୁହଁକୁ ଚାହିଁଦେଇ, ଗହଣା ଦରାଣ୍ଡିବାରେ ଲାଗିଯାନ୍ତି।

-ବୋପା ଯାହା ଗହଣାଗାଣ୍ଠି ଦେଇଥିଲା, ବୋହୂତ ଆମର ଆଜିଠୁ ପେଡ଼ିରେ ପୂରେଇ ତାଲା ଦେଲେଣି-ତାଙ୍କର ଝିଅ ପିନ୍ଧିବେ ବୋଲି...ଆଉ ତମେସବୁ କଣ ଗହଣା ଖୋଜୁଚ! ଏମାନେ ସବୁପରା ହେଲେ ସାଇବାଣୀ...ଗୋଡ଼ରେ ନାଇବେ ନାହିଁ ନାକରେ ନାଇବେ ନାହିଁ..ମା' ତାର ନାକରେ ସହିତେ ଫୋଡ଼ଟାଏ କରିଚି ଯେ ଝିଅ ପିନ୍ଧିବେ! ଆମ ବେଳ କଥା ଦେଖ...ହାତରେ ଏ-ଇ ମୋଟ ମୋଟ ଖଡୁ...ବେକରେ, କାନରେ ନଦି ହେଇ ବସିଥିଲୁ...ଯିଏ ଦେଖୁଥିଲା, ଗହଣା ଦେଖି ତାର ପେଟ ପୂରି ଯାଉଥିଲା...ଆଉ ଏମାନେ ଖାଲି କଲମ ହଲାଇଲା ବାଲା।

-ବୋହୂ କ'ଣ ଭଉତୁ ପଢ଼ିଚନ୍ତି ପରା ? କଣ ବେ' ପାସ୍ କରିଚନ୍ତି।...

-ହଅ 'ଆଏ' ପାସ୍ କରିଚି...ତାଙ୍କ ମନ ଥିଲା ଆଉ ପଢ଼ିବାକୁ...ମୁଁ ମନା କଲି...କଅଣ ମିଳିବ ଆମକୁ ସେ ବେ' ମେ' ପାଆସରୁ ? କୋଉ ମିସଲକୁ ଯିବେ। ଘର ଚଳିଲେ ହେଲା...ପୁଅର ମନ ପାଠପଢ଼ା ଝିଅ ବାହାହବ...ସାଙ୍ଗସାଥି ପଢୁଆ ଝିଅ ବିଭା ହେଇଚନ୍ତି ଦେଖି ତା ମନ ବି ସକସକ ହେଲା... ତା' ଯୋଗ ତ ଏଇଠିକି ଜଡ଼ଉଛି, ଆଉ କୋଉଠି ହବ ?

-ପୁଅ ବାଛିଚନ୍ତି ପରା ?

-ପୁଅ ଗୋଟାଏ କ'ଣ ବାଛିବ ମ ?

-ନାହିଁ, ପୁଅ ପସନ୍ଦ କରିଚନ୍ତି ନା ତମେ ଠିକଣା କଲ ?

-ଆମ ବଛାକନିଆଁ ପରା ତାଙ୍କ ମନକୁ ଆଇଲା ନାହିଁ...ହେଇ ଶକତ ଦେଖାହେଇ, ମୋଟାମୋଟି ହେଇ...ଦେଖି ଦେଲେ ମାଇପିଟାଏ ପରି ମନେ ହବ...ଆଉ ଇଏ-' କଥା ଶେଷ ନ କରି ମାୟା ଶାଶୂ ମୁହଁ ବୁଲେଇ ନେଇ ପୁଣି କହନ୍ତି-ତା' ଆଗରେ ଫୁଙ୍କି ଦେଲେ ଟଳି ପଡ଼ିବେ। ହେଲେ ତା'ବରନ ଟିକିଏ ମଜଲା...ନଇଲେ ଦବାନବା ସବୁଥିରେ ଯାଙ୍କ ତାହି କେତେ ଫରକ ପଡ଼ିଥାନ୍ତା।

-ଇଏ ତ କେଡ଼େ ସୁନ୍ଦରିଆଟିଏ...

-ହଅ, ସୁନ୍ଦରପଣକୁ କଣ ଘୋରିବାଟି ପିଇବୁ ? ଧନ ଦରବ, ଜିନିଷପତ୍ର ଆଣିଥିଲେ ସିନା ବଡ଼ କଥା।

-ତମ ବୋହୂତ ସବୁଆଡୁ ଭଲ...ପାଠ ପଢ଼ିଚି, ସୁନ୍ଦର...ଦବାନବା ଭଲ କରିଚନ୍ତି ବୋଲି ଲୋକେ ବି କହୁଛନ୍ତି...।

-ହଁ, ସେଇ ଦବାନବା କଥା ପେଇଁ ତ ମୁଁ ଅଡ଼ି ବସିଥିଲି ...ନଇଲେ ମୋ ପୁଅକୁ କଣ ପାତ୍ରୀ ଅଭାବ ଥିଲେ ? ଘ'ଠଉଁ ଆଉରି ସୁନ୍ଦର ସୁନ୍ଦର ପ୍ରସ୍ତାବ ଆସିଥିଲା, ମୁଁ କାଟି ଦେଇଥିଲି...ପାଞ୍ଚଟି ହଜାର ଟଙ୍କା ଆମର ଦାବୀ ଥିଲା। ସେଥିରୁ କେତେ କଟିକାଟି ଚାରି ହଜାରରେ ରହିଲା...ତାକୁ ବି କ'ଣ ସହଜରେ ଦେଇଥାନ୍ତେ କି? ଯେମିତି ହାତଗଣ୍ଠି ପଡ଼ିବା ହେଲା, ଆମ ଦେଢ଼ଶୁର ସାଆନ୍ତେ କ'ଣ କଲେ କି, କହିଲେ "ଟିକେ ଥୟ ଧର, ଥୟ ଧର...ଏଇ ଦବାନବାକଥାଟା କଅଣ ଥିଲା, ଆଗେ ଟିକେ ହେଇଯାଉ"-ସେଇଠୁଁ ତ ଝିଅଘର 'ହାଉଁ' 'ହାଉ' ହେଇ ଉଠିଲେ-ଟଙ୍କା କଥା ଠିକଣା କରି ଗୋଟାଏ କିଛି ବୁଝାଶୁଝା ନ ହେଲେ ହାତଗଣ୍ଠି ପଡ଼ିବ ନାହିଁ...ତେଣେ ଲଗନ ଗଡ଼ି ଯାଉଥାଏ। ସେତେବେଳେ ଆମର ସମୁଦିଏ ଉଠି କହିଲେ-କେଢ଼େ କଥାଟାଏ କହୁଚ! ଆମେ ଝିଅ ଦେଇ କ'ଣ ତମ ଟଙ୍କାଟା ଏମିତି ଫାଙ୍କିଦବୁ? ଆମେ ତ କୁଆଢ଼େ ଆଉ ମରିହଜି ଯାଉନୁ?...ସେଠୁ ଦଶ ଲୋକଙ୍କ ଆଗରେ କଥାଟା ମୁକାବିଲା ହେଇଯାଇ ହାତଗଣ୍ଠି ପଡ଼ିଲା।

କଥା ଶୁଣି ଜଣେ ଦି'ଜଣ ମାଇପ ମୁହଁକୁ ଚାହିଁଲେ, ମାଇପ ଶାଶୁ ତାହା ଲକ୍ଷ୍ୟକରି କହନ୍ତି-ଏ ବୋହୂ ସାନ୍ତାଣୀଙ୍କର କଣ କମି ଗୁଣ କି? ଟଙ୍କା କଥା ପଡୁ ପଡୁ ପରା ବେଦୀରୁ ଉଠିଯିବାକୁ ବାହାରିଥିଲେ...ଆଲୋ ସେ ଟଙ୍କା କଣ ଆମେ ନେଇକରି ସରଗକୁ ଯିବୁ? ସେଇ ତାକରି ପେଇଁ କହିବା କଥା-ସେତେବେଳେ ନ କହିଥିଲେ ପଛରେ କ'ଣ ଆଉ ଦେଇଥାନ୍ତେ? କହୁନ?

ଆସିଥିବା ସ୍ତ୍ରୀଲୋକମାନେ ମୁଣ୍ଡ ହଲେଇ ମତ ଦିଅନ୍ତି-ଯା' ହଉ, ତମ ଦେଢ଼ଶୁରେ ଭଲ ଫିକରଟିଏ ବାହାର କଲେ।

-ସିଏ କି ଫିକର କଲାବାଲା ମ? ଯିବା ଆଗରୁ ତାଙ୍କୁ ବାର ବାର କରି ମୁଁ ଏତକ କହିଥିଲି ନା, ନଇଲେ ସେ ଗବ ଗୋବର ମୁଣ୍ଡରୁ ଏତେ ବୁଦ୍ଧି ବାହାରିଥାନ୍ତା? ମାଇପ ଶାଶୁ ମନ ଖୁସିରେ ଥୋଡ଼ାଏ ହସି ଦିଅନ୍ତି।

-ବୁଢ଼ୀଙ୍କର ଯୋଉ କଥା! ଦେଢ଼ଶୁରଙ୍କୁ କହୁଛନ୍ତି ଗୋବର ମୁଣ୍ଡ! ଆଉ ତମରି ଖାଲି ତାଙ୍କ ହାଳିଙ୍କି ବେଶି ବୁଦ୍ଧି ଅଛି।

-ତାଙ୍କ ବୁଦ୍ଧି କଥା କାହିଁକି କହୁଚ? ଗାଈଟାଏ କିଣିବାକୁ ଗଲେ ଯେ...ବୁଢ଼ୀ ଗାଈଟାଏ, ଦାନ୍ତ ପଡ଼ି ପାକୁଆ ହେଲାଣି-ପାଟିରେ ହାତ ପୂରେଇ ଆଉରି କହୁଚନ୍ତି-ପିଲା ଗାଈଟାଏ, କଲରେ ଦାନ୍ତ ଉଠିନାଇଁ। କଥାଶୁଣି ଘରଟା ହସରେ ଫାଟିପଡ଼େ।

-ଯାହା ହଉ, ଭଲ ଘରେ ବନ୍ଧୁ କଲ।

-ହଁ। ଟଙ୍କା ସୁନା ସବୁ ଦେଇଛନ୍ତି ଯେ, ହେଲେ ବୋହୂକୁ କାମ ଶିଖେଇ ନାହାନ୍ତି-ଆଉ ସେ ଝିଅ? ଯାହାକୁ ମୁଁ ବାଛିଥିଲି, ଏଇ ପିଠା କର କହିଲେ ହାଣ୍ଡିଏ କରି ସାଥେ ସାଥେ ଥୋଇ ଦେବ, ଆଜି କେହି ନାହାନ୍ତି ବୋଲେ ଘରଟା ଯାକର କାମ ଏକା ଏକା ଉଠେଇ ନବ।

-ଭଏ କରିବେ ନାଇଁକି। ପିଠିରେ ପଇଲେ ବଳେ କରିବେ।

-ହଁ ସେଇ କଥା। ଆମର ବଳବଅସ ଏଥର ଗଲା-ଭଏ କରିବେ ନାଇଁ ତ ଆଉ କିଏ କରିବ? ସେଇଥିପାଇଁ ମୁଁ ଗୋଟିଏ ମଜଭୁତିଆ ବୋହୂ ଖୋଜୁଥିଲି-ଯା ଯୀ, ବୋହୂ ପାନ ନେଇଆ ...ମନରୁ କାଢ଼ି ସିନା କାମ କରିବ। ଏଗୁଡ଼ାକ ଆଉ ବଡେଇବ କିଏ?-ଗଲା ଅଇଲା ଲୋକ କ'ଣ ତମ ହାତ ଟେକା ପାନକୁ ଅନେଇ ବସିଥିବେ? ମାୟାକୁ ଚାହିଁ ମାୟା ଶାଶୁ କହିଲେ।

-ଥାଉ ମ, ପାନ କଣ ହବ।

ମାୟା ପାନ ଆଣିବାକୁ ଉଠିଗଲା।

ଶାଶୁଙ୍କର ଏ ଗୁଣକୁ ମାୟା ଚିଡ଼େ। ଯଦି ମନରୁ କାଢ଼ି ସେ କାହାକୁ ପାନ ଭାଙ୍ଗିଦିଏ, ତେବେ ଶାଶୁ ପଛରେ କହିବେ-ତୋ ବାପା ବେଶି ଧନ ଦେଇଛି କିଲୋ ବୋହୂ? ପର ପିଛାରେ ଏମିତି ଉଡ଼େଇ ଦଉଚୁ? ଆମେ ସବୁ କାହିଁକି ଅଛୁ? କେଇଟା ଦିନର ବୋହୂ ତୁ ହେଲୁ ଯେ, ଆଳାପ ଜମେଇ, ଭାବ ବଢ଼େଇ ପାନ ବାଣ୍ଟି ବସୁଛୁ? ତେଣୁ ମାୟା ମନକୁ ମନ ଆଉ କାମ ନ କରି ଶାଶୁ କହିବା ପର୍ଯ୍ୟନ୍ତ ଅପେକ୍ଷା କରେ।

ସେ ଦିନ ଲକ୍ଷ୍ମୀପୂଜା। ମାୟାର ଜଣେ ଦୂର ସମ୍ପର୍କୀୟ ଭିଣେଇ ଘରକୁ ଆସିଥାନ୍ତି। ମାୟାର ଶାଶୁ ମାୟାକୁ ଡାକି ଦେଇ ବାରିଆଡ଼କୁ ଚାଲିଗଲେ। ପାଖ ଚୌକିରେ ବସି ମାୟା ଭଉଣୀ ଓ ତା' ପିଲାପିଲିଙ୍କ କଥା ପଚାରୁଥିଲା। ଏତିକିବେଳେ ଶାଶୁ ଫେରିଆସିଲେ। ବୋହୂକୁ ସେଠାରେ ବସିଥିବାର ଦେଖି ତାଙ୍କର ଆଖି ଜଳି ଉଠିଲା। ତାକୁ ଭିତରକୁ ଡାକିନେଇ କହିଲେ- ଏ ବୋହୂ ଭଏ ସାଇବ ଘର ହୋଇ ନାହିଁ। ଚୌକି ଟେବୁଲରେ ବସି ମୁହାଁମୁହିଁ ହୋଇ ଜୋଇଁଟା ସାଥିରେ କ'ଣ ଗପ ଯୋଡ଼ୁଛୁ? ତୋ ମୁହଁକୁ ଯଦି ନାକ ଥା'ନ୍ତା..।

ମାୟାର ପାଟିରୁ କଥା ବାହାରି ଆସୁଥିଲା। କିନ୍ତୁ କିଛି ନ କହି ସେ ଚୁପ୍ ହୋଇ ରହିଲା।

ମାୟାର ସ୍ୱାମୀ ଶଶିଭୂଷଣ ସବୁ ଶୁଣି କେବଳ ଏତିକି କହିଲେ-ବୋଉ ସେମିତିକା ମଣିଷ। ତା କଥାକୁ ଧରିବ ନାଇଁ। ସେ ପୁରୁଣାକାଳିଆ ଲୋକ କିନା।

ଶଶିଭୂଷଣ ତାଙ୍କର ମା'କୁ ଭଲରୂପେ ଚିହ୍ନନ୍ତି। ବିଧବା ମାଆର ମନରେ ଦୁଃଖ ଦେବାକୁ ସେ ଚାହାନ୍ତି ନାହିଁ।

ଏଣିକି ମାୟା ଶାଶୁଙ୍କ କାମ ହାଲୁକା ପଡ଼ିଆସୁଛି। ଅନେକ କାମ ବୋହୂ ଉଠେଇ ନିଏ। କାମ ନ କଲେ ମଧ୍ୟ ମାୟା ଶାଶୁ କହିପୋଛି ତାରି ହାତରେ

କରାଇ ନିଅନ୍ତି। ବୋହୂର କାମ ଦେଖି ସାହି ପଡ଼ିଶାରୁ କେହି କେହି ପ୍ରଶଂସା କରନ୍ତି-ଗୁଣର ପିଲାଟିଏ। ଶାଶୁର ଭାଗ୍ୟ ଭଲ।

ସବୁ ଶୁଣି ମାୟାଶାଶୁ କହନ୍ତି-କରିବ ନାହିଁ ତ ହବ କେମିତି? ଆମେ ପିଲା ଦିନେ ଏତେ ଅୟସରେ ବଢ଼ି ତ ପୁଣି ଏତେ କାମ କଲୁ! ଆଉ ଇଏ ଦି' ଅକ୍ଷର ପଢ଼ିଚନ୍ତି ବୋଲି କ'ଣ ସରଗକୁ ଉଠିଯିବେ?

ବଡ଼ି ସକାଳୁ ଉଠିବା ମାୟାର ଅଭ୍ୟାସରେ ପଡ଼ିଗଲାଣି। ଯଦିବା କୌଣସି ଦିନ ଟିକିଏ ଡେରି ହୋଇଯାଏ ତେବେ ଶାଶୁଙ୍କ ପାଟିରେ ଘର କମ୍ପିଯାଏ-କି ଘର ଝିଅ କିଲୋ ତୁ? କଅଣ ରଜା ଖାଇବ ଘରୁ ଆସିଚୁ? ମୁଁ ବୁଢ଼ୀ ମଣିଷଟା ଏତେ କାମ କରୁଚି ଆଉ ଖରା ପଡ଼ିଲେ ଯାଇଁ ତମର ପହଡ଼ ଭାଙ୍ଗିବ!...ଏଡ଼େ ଅୟସରେ ବଢ଼ ନାହିଁ ମ. .ଚେର ମୂଳ ନାଗିଯିବ...ଏଇଛିଣୋ ବୁଲିବା କଥା କୁହ ଦି'ଖେପାମାରି ଦାଣ୍ଡରେ ଠିଆ ହବ, କାମ ବେଳକୁ ଯେତକ ମଠ।

ଶାଶୁ ଯେତେବେଳେ ଭଟର ଭଟର ହେବା ଆରମ୍ଭ କରନ୍ତି ମାୟା ହୁଏତ ସେ ଜାଗା ଛାଡ଼ି ଚାଲିଯାଏ ନ ହେଲେ ନ ଶୁଣିବାର ଚେଷ୍ଟା କରେ। ସେ ଜାଣେ ସବୁ କଥା ଶୁଣିଲେ ତା ପାଟିରୁ ଦି'ପଦ ବାହାରିଯିବ। ତେଣୁ ସବୁଠୁ ଭଲ ବାଟ ହଉଛି ସେ ଯାହା କହୁଛନ୍ତି ତାକୁ ନ ଶୁଣିବା।

ବାପଘରର ଅଲିଅଳ ପଣ ଆଉ ନାହିଁ। ଦିନକୁ ଦିନ ମାୟାର ସ୍ୱାସ୍ଥ୍ୟ ଭାଙ୍ଗିପଡୁଛି। ମାୟା ଶାଶୁ କହନ୍ତି ଯେ ବୋହୂଟା ଦେହରେ ବାଡୁଅ ପାଣି ସହିଲା ନାହିଁ। ସେଥିପାଇଁ ତା ଦେହ ଝଡି ଯାଉଛି।

ଆଗଦିନ ରାତିରୁ ମାୟାକୁ ଜର। ସର୍ଦ୍ଦି କାଶରେ ମୁହଁଟା ଫଣଫଣିଆ ଦିଶୁଛି। ମୁଣ୍ଡଟା ଭାରୀଭାରୀ ଲାଗୁଛି। ଦେହ ଛେଚିକୁଟି ହେଉଛି। ସକାଳୁ ପଦାକୁ ନ ଆସି ଶୋଇବା ଘରେ ମୁଣ୍ଡରେ ହାତ ଦେଇ ମାୟା ବସି ରହିଲା। କଣ କଣ କରି ଘର ଲୋକ ସମସ୍ତେ ମନେ ପଡୁଛନ୍ତି।

ପୂଜା ସାରି ମାୟା ଶାଶୁ ରୋଷେଇ ଘରକୁ ଗଲେ। ଚୁଲୀରେ ଲୁଣ୍ଡା ପଡ଼ିନାହିଁ। ବେଳ ଆସି ସାତଟା ହେଲାଣି। ସବୁଦିନେ ଏତେବେଳକୁ ମାୟା ଚା କରି ସମସ୍ତଙ୍କୁ ଦେଇ ସାରିଥାଏ ଓ ତାଙ୍କ ପାଇଁ କେଟ୍‌ଲିରେ ପୂରେଇ ଚୁଲି ମୁଣ୍ଡରେ ରଖି ଦେଇଥାଏ। ପୂଜା ସାରି ଚା'ପାଣି ଟିକକ ନ ଶୋଷିଲେ ତାଙ୍କୁ ଭଲ ଲାଗେ ନାହିଁ।

ସେଦିନ ପୂଜା ସାରି କେଟ୍‌ଲିଟାକୁ ବାସନମଜା ଜାଗାରେ ରଖିଥିବାର ଦେଖି ତାଙ୍କ ପିତ୍ତ ଉପରକୁ ଉଠିଗଲା। ''ଆଲୋ ହେ ବୋହୂ'' ବୋଲି ଗୋଟାଏ କୁହାଟ ଛାଡ଼ି ସେ ଘର ବାହାର ଦି' ଚାରିଥର ଖୋଜିଦେଇ ଗଲେ। ପାଟି ଶୁଣି ମାୟା ନିଜ ବଖରାରୁ ବାହାରି ଆସିଲା।

-ଏତେବେଳ ଯାଏ କ'ଣ କରୁଥିଲ ମ? କଣ ପିଲାଛୁଆ ନେଞ୍ଚେରା ଅଛି ଯେ, ରାତି ଅନିଦ୍ରା ରହି ଏତେବେଳକେ ଉଠୁଛ?

-ନାଇଁ, ମୋ ଦେହଟା ଟିକିଏ କେମିତି ଲାଗୁଛି।

ମାୟା ମୁହଁକୁ ଚାହିଁ ମାୟା ଶାଶୁଙ୍କ ମନ ଟିକିଏ ତରଳିଗଲା ସତରେ ମୁହଁଟା ଶୋଟାଏ କେମିତିକା ଦିଶୁଛି। ତଥାପି ନିଜ ପେଟରେ ଚୋପାଏ ଚା'ପଡ଼ି ନାହିଁ। ତାଙ୍କୁ ଘରବାହାର ସବୁ ଅନ୍ଧାର ଦିଶୁଛି। ଚାଲି ଯାଉ ଯାଉ କହିଲେ-ଯାଏଁ ଲୋ ମା... ଚା'ପାଣି ଟିକିଏ କରିବି। କେଜାଣେ ସଦାଏ କାମ ବାକି ପଡ଼ିଛି।

ରନ୍ଧା ଘରେ ଚୁଲୀ ଲଗେଇବାକୁ ଯାଇ ମାୟାଶାଶୁଙ୍କ ପାଟି ଶୁଭିଲା। -ଧେତ୍‌ତେରିକା ମଣିଷର ସ୍ୱଭାବ...ଏ ଚା' ଟିକକ ପାଇଁ କେତେ ହୀନିମାନ ମୁଁ ସହୁଚି ଟି!...କେତେଥର ଟଣ କଲିଣି ଏଣିକି ଆଉ ଏତେ ପର ହାତଟେକାକୁ ଚାହିଁ ରହିବି ନାଇଁ... ଏତେଦିନ ହେଲା ନିଜ ହାତରେ ଡିଆରି କରି ଖାଇ ଖାଇ ବୁଢ଼ୀ ହେଲି ଆଉ ଏ ଦିନେ ପୁଣି ହାତରେ କର ଖାଅ... ଏ ପୁରକୁ ମଣିଷ ଆଉ କୋଉ ପୁରକୁ ହେଲେ ଚାଲିଯାଆନ୍ତା କି!

ମାୟା କାନରେ ଭୋଟି ଭୋଟି ହୋଇ ସବୁ କଥା ପଡ଼ିଲା, -ସକାଳୁ ପାଟି ଆରମ୍ଭ ହେଲାଣି। ଆଜି ଦିନଯାକ ଏମିତି ପାଟି ଚାଲିବ। ଶାଶୁ ଜାଣନ୍ତି ବୋହୂ ଗୋଟାଏ ମେସିନ୍। ଆଉ ମେସିନ୍ ପରି ଚବିଶ ଘଣ୍ଟା ଖଟିବା ହେଲା ତାର କାମ। ତାର ପୁଣି ଗୋଟାଏ ଦେହମୁଣ୍ଡ କ'ଣ ?

ପାଟି ଶୁଣି ବିରକ୍ତ ହୋଇ ମାୟା ଶୋଉଥିବା ଘରକୁ ଯାଇ କହିଲା-ମତେ ଟିକିଏ ଗରମ ପାଣି ଦିଅନ୍ତୁ। ମୁଁ ଛିଣ୍ଡି ହୋଇ ପଡ଼ି ଚା' କରେଇ ଦେବି, ଆପଣ ବିଶ୍ରାମ କରିବେ ଯାଆନ୍ତୁ।

-କାହିଁକି ବା ଗରମ ପାଣି ଏତେ ଲୋଡ଼ା ପଡ଼ିଛି?... ଏଇ ଟିକିଏ ଦିହ ଖରାପକୁ ଡରି ନ ଗାଧୋଇ ତମେସବୁ ଏମିତି ଭୋଗୁଛ...ଆମ ବେଳେ ଆମକୁ ସନିପାତ ଧରିଲେ ବି ଗୁରୁବାରର ଦିନ ମୁଣ୍ଡରେ ପାଣି ପଡ଼ି ମୁଣ୍ଡରେ ଶୁଖୁଥିଲା-ଆମେ ସବୁ କେତେ ବେମାରିରେ ମରି ଯାଉଥିଲୁ ?

ମାୟା ଦେହରେ ରାଗ ଚହଟିଲା। ଶାଶୁଙ୍କ ସେ କେବେହେଲେ ଜବାବ ଦିଏ ନାହିଁ। ଅତି ବେଶି ରାଗିଲେ ତାର ଦାନ୍ତ ଚିପି ହୋଇଯାଏ, ଘୃଣାରେ ଆଖି ଛୋଟ ଛୋଟ ହୋଇଯାଏ। ସେଦିନ ସହଜରେ ତାର ଦେହ ଭଲ ଲାଗୁନଥିଲା। ତା' ଉପରେ ପୁଣି ଶାଶୁଙ୍କର ଏ ତୋଡ଼ ଶୁଣି ମୁହଁ ବୁଲେଇ ସେ ସିଧା ଶୋଇବାକୁ ଚାଲି ଆସିଲା। ମନରେ ରାଗ-ଯେତେ ଯାହାହେଉ ପଛକେ ସେ ଆଜି କିଛି କାମ କରିବ ନାହିଁ। ସେମିତି ଶୋଇ ରହିଥିବ, ଉଠିବ ନାହିଁ।

ମା'ର ପାଟି ଶୁଣି ଶଶିଭୂଷଣ ଦାଣ୍ଡଘରୁ ନିଜ କାମ ଛାଡ଼ି ଉଠି ଆସିଲେ-ମା...।

ଓଃ...ମତେ ଆଉ କେହି ଡାକ ନାହିଁ...ତୋ ମା' ମରିଗଲାଣି...ଏ ଗୁଣ୍ଡମୁଣ୍ଡ ଚୁଲିରେ ଓଦାକାଠ ଏଯାଏଁ ଧରିବାକୁ ନାଇଁ...ଅକପେଇସା ପାଠବାଲା ଖାଲି ପଇସା ଗଣି ନଉଛନ୍ତି। ଯୋଉ କାଠ ଦଉଚନ୍ତି, ଚୁପୁଡ଼ି ଦେଲେ ପାଣି ଗଳି ପଡ଼ିବ...

ଏଣେ ନିଅାଁନଗାଙ୍କ ଘର ଦେଖ, ଶୁଖିଲା ଠାଉ ଠାଉ କାଠ ବସି ଜାଳୁଥିବେ...ଏଥିରେ ଏଗୁଡ଼ାଙ୍କ ହାତରେ ପଇସା ରହିବ ନାହିଁ ତ ଆଉ କାହା ହାତରେ ରହିବ ?

ନିଜ ଘରେ ବସି, ସବୁ ଶୁଣି ମାୟା ମନେ ମନେ ହସିଲା । ଶାଶୁ ଆଜି ଓଦାକାଠ ହାବୁଡ଼ରେ ପଡ଼ିଛନ୍ତି । ନିତି ସକାଳେ ଗୋବର ପାଣି ଛିଞ୍ଚି ଛିଞ୍ଚି ଅଧେ କାଠକୁ ସେଇ ଓଦା କରନ୍ତି ଆଉ ଓଦା କାଠ ଶୀଘ୍ର ନିଅାଁ ନ ଧରିଲେ ମାୟାକୁ ଦି'ପଦ ଶୁଣେଇ ଦିଅନ୍ତି-''କାମ ଶିଖିନ ବୋଲି ଏମିତି ହାନିମାନ ହଉଚ । ଆମ ହାତରେ ଷଣ୍ଢଟାକୁ ଚୁଲୀ ନାଗିଯିବ ।''

-ମା, ଆଜି ତୋର କଣ ହେଇଛି କି ଏମିତି ବଜର ବଜର ହେଉଛୁ ? ଟିକିଏ ବେଳ ଚୁପ ରହି ଶଶିଭୂଷଣ ପଚାରିଲେ ।

-ଖାଲି ତ ତୋ'ରି ମା'ର ପାଟି ବଜର ବଜର ହଉଚି ! ଆଜି ତୋ ମା'ର ପାଟି ବଜର ବଜର ନ ହେଲେ, ତମ ହାତ ପାଟିକୁ ଖପର ଖପର ହେଇ ଦେଇଁବ କେମିତି ?

-ମାୟା କାହିଁ ? ତାକୁ ପରା ଜର ହେଇଛି... ।

-କିଜାଣି ସେ ମାଇଅା ପାଇଅା ମୁଁ ଜାଣିନାହିଁ...ଚୁଲୀମୁଣ୍ଡ କଥା ଯିଁହି ପଚାରୁଛୁ ଯଦି କହ, ବଢେଇ ଦେବି...ଚା' ପାଣି ଟୋପାଏ ପେଇଁ ମଣିଷ ଆତ୍ମା ନୀଢ ପାଣି ପୋଛୁଚି ହୋ ! ମାୟାଶାଶୁ ରାଗିଯାଇ ଫୁଙ୍କ-ନଳାରେ ଚୁଲୀକୁ ଭୁଷାଏ ଦେଲେ ଯେ ଚୁଲୀରୁ ପୁଳାଏ ମାଟି ଖସି ପଡ଼ିଲା । ତା ପରେ ଚୁଲୀ ଉପରୁ କେଟ୍‌ଲିଟାକୁ ଆଣି ତଳେ କଚିଦେଇ ରାଗରେ ଦୁମ୍ ଦୁମ୍ ହୋଇ ଚାଲିଗଲେ ।

-ଚା' ମଗେଇ ଦେବି ? ଶଶିଭୂଷଣ ପଚାରିଲେ ।

ମୋର ଚା'ଖିଆ ନ ହେଲେ ନାହିଁ...ଖାଇବା ପାଇଁ ଏତେ ଗୋଟାଏ କିଏ ପଉଜେଇ ହବ ହୋ ?

ଶଶିଭୂଷଣ ଚାକରକୁ ଡାକି ବାହାର ଚୁଲୀରେ ସେମାନଙ୍କ ପାଇଁ ଚା' କରିବାର ବରାଦ ଦେଲେ । ଚା' ହେଲା । ସେଇ ଚା'ରେ ଦି'ଟା ତୁଳସି ପତ୍ର ପକେଇ ଶୁଦ୍ଧ କରି ମାୟା ଶାଶୁ ପିଇଦେଲେ । ଦେହ ତାଜା ହେଇଗଲା । ମୁଣ୍ଡଟା ବି ଅଣ୍ଡା ଲାଗିଲା ।

ଶଶିଭୂଷଣ ଫେରିଗଲେ ମାୟା ପାଖକୁ । ଦେହରୁ ମୁଣ୍ଡଯାଏ ଚାଦର ତଳେ ଢାଙ୍କି ହେଇ ମାୟା ଶୋଇଛି । ମୁଣ୍ଡରୁ ଚାଦରଟା ଖସାଇ ଆଣି ଶଶିଭୂଷଣ ମୁଣ୍ଡ ଚିପି ଦେବାରେ ଲାଗିଲେ । ଟିକିଏ ବେଳ ଚିପିବା ପରେ ମାୟାକୁ କ'ଣ କହିବା ପାଇଁ ତା ମୁହଁକୁ ଚାହିଁ ଦେଖିଲେ ମୁଦା ଆଖିରୁ ଧାର ଧାର ପାଣି ଗଡ଼ି ପଡୁଛି ।

ପାଞ୍ଚଦିନ ହେଲାଣି ଜର ଛାଡ଼ିବାକୁ ନାହିଁ । ଶଶିଭୂଷଣ ଚିନ୍ତିତ ହୋଇ ପଡ଼ିଲେଣି, କିନ୍ତୁ ମାୟାଶାଶୁଙ୍କର ସେହି ଏକା କୈଫିୟତ୍-ଏଗୁଡ଼ା ଅପଥ୍ୟର ଜର...ଗାଧୁଆ ପାଧୁଆର

ନାଁ ଗନ୍ଧ ନାହିଁ...ଦିନ ରାତି ଖାଲି ପାଟିରେ ସେଇ ଥରମିଟର ଯନ୍ତ୍ର ଗେଞ୍ଜି ଦେଇ କାଢ଼ିଆଣି ଜର ଜର ହଉଚ... ଆମକୁ ଜର ହେଲେ ଆମ ଦିହରେ ଦିହରେ ମରୁଥିଲା...କେହି ଜାଣୁ ନ ଥିଲେ...ସେତେବେଳେ ଦେଖୁଥିଲେ କ'ଣ ଦେଢ଼ଶ', ଦି'ଶ ଉଠୁନଥାନ୍ତା ? ସେଗୁଡ଼ାକ ଯେତିକି ଦେଖିବ ମନକୁ ସେତିକି ବାଧିବ...ମୋ ସାନକୁହା ମାନ। ସେଗୁଡ଼ାକ ଆଉ ଦେଖ ନାଇଁ-ଛାଡ଼ିଦିଅ। ଦେଖିବ ଜର ବଳେ ଛାଡ଼ିଯିବ।

ସାଗୁ ବାର୍ଲି ଖାଇ ଖାଇ ମାୟାର ଅରୁଚି ଆସିଗଲାଣି। ବିଛଣାରେ ପଡ଼ି ପଡ଼ି ସେ ଚିଡ଼୍‌ଚିଡ଼ା ଧରିଗଲାଣି। ଘର ଲୋକ ଥିଲେ ରାଗଟା ଶୁଝେଇ ଦେଉଥାନ୍ତା। ଶଶିଭୂଷଣ କାମରୁ ଫେରିବା ଯାଏ ଶାଶୁ ତା' ଖବର ବୁଝନ୍ତି। ତେଣିକି ପୁଅ ଫେରିଲେ ସେ ନିଶ୍ଚିନ୍ତ। ଗଲା ଅଇଲା ଲୋକଙ୍କ ଆଗରେ କହନ୍ତି, ପୁଅଘରେ ଥିଲାବେଳେ ଯାହା ହେବାର ହେଉଥାଉ ପଛକେ, ପୁଅ ନଥିଲାବେଳେ ବୋହୂର କୁଆଡ଼ୁ କିଛି ହୋଇଯିବ ତ ପୁଣି ମୋରି ଉପରେ ଦୋଷ ଆସିବ...କିଛି ନ ହେଲାକୁ କହିଦେବେ-ସେଇ ଶାଶୁଟା କ'ଣ ଦେଇ ଦେଇଥିବ ତ!

କଥା ଶୁଣି ଲୋକେ ହସନ୍ତି-ଶାଶୁ ତ ନିଜର ମାଆ ପରି, ସେ ଗୋଟାଏ କଅଣ କରିପାରିବେ ମ ? ତମର ଯୋଉ କଥା!

-କାହିଁକି ଆଉ ସେ କଥାଗୁଡ଼ାକ କହୁଚ ? ଶାଶୁ ଯିଏ ଶତ୍ରୁରୁ ସିଏ... ହେଇଟି ମୋ ବେଳ କଥା କହୁଚି, ମୋ ବେମାରୀ ବେଳେ ଶାଶୁଦବା ଜିନିଷ ପରା ଖାଲି ଠାକୁରଙ୍କୁ ମନେ ମନେ ସୁମରଣା କରି ଢୋକିଦିଏ-ଅବା ଓଷଦି ମୋଷଦି ମିଶେଇଥିବେ। ଢେବା ଢେବା ଆଖି କରି ଫୁସ୍ . ଫୁସ୍ ସ୍ୱରରେ ମାୟା ଶାଶୁ କହନ୍ତି।

ଶୁଣୁଥିବା ଲୋକେ ମନେ ମନେ ହସନ୍ତି-ସେ ବୁଢ଼ୀ ଯେମିତି ହୁଣ୍ଡି ମଣିଷ ଥିଲା, ସେ ପୁଣି ଯାଙ୍କୁ ବିଷ ଦେଇ ପକାଉଥିଲା !

ମାୟାର ଜର ଛାଡ଼ିଲା। ଦୁର୍ବଳ ମୁହଁରେ ଆଖିଗୁଡ଼ାକ ପହଁରିଲା ପରି ଦିଶୁଚି। ବୋହୂ ରୋଗରୁ ଉଠିବା ସାଙ୍ଗେ ସାଙ୍ଗେ ମାୟା ଶାଶୁଙ୍କ କାମ ମଧ୍ୟ ଦିନକୁ ଦିନ କମିବାରେ ଲାଗିଲା। ଆଗପରି ସେ ପୁଣି ଘର ଘର ବୁଲିବାରେ ଲାଗିଲେ। ସବୁଠି ତାଙ୍କର ସେହି ଏକା ଗପ-ବୋହୂଟା ଲାଗି ଆଜିଯାଏ ଘରୁ ଗୋଡ଼ କାଢ଼ି ହଉ ନ ଥିଲା... ସତରେ ଜରଟା କେଡ଼େ ଘାଏଁ ଘାରିଦେଲା ତାକୁ-ଦେଢ଼ପା ଚାଉଳର ବୋହୂଟା ନହକୁଚିଟି ପଡ଼ି!...ମୋର ଅଧେ ପଇସା ତା'ରି ଓଷଦ ପିଛାରେ ଉଡ଼ିଗଲା..ବେମାରୀଟା ତାକୁ ଭାଙ୍ଗିଦେଲା...ବେମାରୀ କେବେହେଲେ ଆମକୁ ଏଡ଼େ ଆତାଥା କରିପାରିବ ନାଇଁ। ଆମେ ପିଲାଦିନୁ ଖାଲି ଘିଅ, ସର ଖାଇ ବଢ଼ିଥିଲୁ...ଏଗୁଡ଼ା ଖାଲି ଭେଜିଟେବୁଲ୍ ଖାଇ ଫୁଲିଚନ୍ତି ନା ଆଉ କ'ଣ ? ଫୁଲୁଚନ୍ତି ଯେତିକି ବେଶି

ଝଡ଼ୁଚନ୍ତି ସେତିକି ବେଗି।

ବାହାରେ ମାୟାଶାଶୁ ବୋହୂର ପ୍ରଶଂସା କରନ୍ତି। ଶୁଣିଲା ଲୋକେ ବିଶ୍ୱାସ କରନ୍ତି-ଯେଉଁ ବୋହୂ ତାଙ୍କ ଭଳି ଲୋକ ପାଖରେ ଚଳି ପାରିଲା, ସେ କେବେହେଲେ ଖରାପ ହୋଇ ନପାରେ। ତଥାପି ବେଳେ ବେଳେ ସେମାନଙ୍କ ମନରେ ସନ୍ଦେହ ଆସେ। କାରଣ ଗଲା ଅଇଲା ଝିଅ ବୋହୂଙ୍କ ସାଥିରେ ମାୟା କେବେହେଲେ ସାଙ୍ଗ ସରିସାଙ୍କ ପରି ବସି ମନ ଖୋଲି ଦି'ଟା କଥା କହେ ନାହିଁ। ତା'ର ହସ, କଥା-ସବୁ ଯେମିତି ଉପର ଠାଉରିଆ।

ଦିନେ ମାୟା ରାନ୍ଧୁଥିବା ବେଳେ ପଡ଼ିଶାର ଦୁଇଜଣ ସ୍ତ୍ରୀଲୋକ ଘରକୁ ପଶିଲେ। ଅଗଣାରେ ପନିକି ପକାଇ ମାୟାଶାଶୁ ମାଛ କାଟୁଥିଲେ। ଚୁଲୀମୁଣ୍ଡରେ ବୋହୂକୁ ଦେଖିପାରି ଟୁସିବୋଉ ସିଧା ଚାଲିଲା। ରୋଷେଇ ଘରକୁ-ପଢୁଆ ବୋହୂ କେମିତି ରାନ୍ଧୁଛି ଦେଖିବେ। ଟିକିଏ ବେଳ ଦୁଆର ମୁହଁରେ ଛିଡ଼ାହୋଇ, ଫେରି ଆସୁ ଆସୁ ବଡ଼ ପାଟିରେ ଶୁଣେଇ, କହିଲେ-ତମ ବୋହୂର ଭଲ ସଣଣା କାମ...ଘରଟି କେଡ଼େ ସଫାସୁତୁରା ରଖିଚି।

-ମୋ ଦିହରେ ଅସନା ମସନା ଯାଏ ନାହିଁ...କେଜେ ଗାଳି ଦେଇ ଦେଇ ସେତକ ତାକୁ ଶିଖେଇଚି ନା ! ଗାଳିଖାଇବ ନାହିଁତ କାମ ଶିଖିବ କେମିତି ?

ମାୟା ଶାଶୁଙ୍କ କଥା ଶୁଣି ହୁଣ୍ଡୀବୋଉ ଟୁସିବୋଉଙ୍କୁ ଚାହିଁ କହିଲେ-ଶୁଣୁଲୋ ଟୁସିବୋଉ, ୟାଙ୍କ ବୋହୂ ଏଡ଼େ ବଡ଼ ଲୋକର ଝିଅ ହେଇ, ଏତେ କଲେଜି ପାଠ ସାରିକରି ବି ଏତେ ଗାଳିମନ୍ଦ ସହି ଶାଶୁ ବୋଲ ମାନି ଚଳୁଚି... ଆଉ ତୋ ବୋହୂ ୟାଙ୍କ କୋଉ ଗୁଣକୁ ସରି ଯେ ତାକୁ ଇନ୍ଦ୍ର ଚନ୍ଦ୍ର ଦିଶୁ ନାହିଁ ?

-ଆଉ ଯାହା କରୁ ପଛକେ, ବୋହୂ କେବେହେଲେ ମୋତେ ଜବାବ ଦିଏ ନାହିଁ। ମାଛ ଧୋଉ ଧୋଉ ମାୟାଶାଶୁ କହିଲେ।

-କେମିତି ହବ ? ସେ ପରା କଥା ଅଛି "ଓଳି ଗୁଣେ କୋଳି, ପଲମ ଗୁଣେ ସରୁ ଚକୁଳି, ହଉଥା ପିଠଉ ଗୋଳି।" ଯେମିତି ମାଞ୍ଜି ସେମିତି ଗଛ...ବାପା ମା' ପିଲା ଦିନରୁ ସେମିତି ଶିକ୍ଷିଆ ଦେଇଚନ୍ତି।

ମାଛକୁ ମାୟା ପାଖରେ ରଖିଦେଇ, ଟୋପାଏ ସୋରିଷ ତେଲ ହାତ ପାପୁଲିରେ ଘଷୁ ଘଷୁ ମାୟା ଶାଶୁ ହୁଣ୍ଡୀବୋଉଙ୍କୁ ଚାହିଁ ପଚାରିଲେ-ତମର ରୋଷେଇ ବାସ କଣ ଏଡ଼େ ବେଗି ସରିଗଲା ?

-ହଁ, ଆଜି ପୁଅ ଗାଁକୁ ଗଲା ଯେ, ସଅଳ ସଅଳ ସାରିଦେଲି।

-କ'ଣ ସବୁ ତରକାରୀ କରିଥିଲ ?

-ଏଇ ଖଡ଼ା ବଡ଼ି ରାଇ ହୋଇଥିଲା। ବିଲେଇତି ଆଳୁ ସଜନାଛୁଇଁ, ବାଇଗଣ ମିଶି ଗୋଟାଏ ତରକାରୀ, ଓଉ ଆମ୍ବିଳ। ଆଜି ତ ଗୁରୁବାର, ଆମ ଘରେ ମାଛ ପଶିବ ନାହିଁ...

କଥା ଅଧା ହେଇଚି ତେଣେ ପୋଷା ଶୁଆର ପାଟି ଶୁଭିଲା। ''ବିଲେଇ ଆସୁଥିବ'' କହି ମାୟା ଶାଶୁ ସମସ୍ତଙ୍କୁ ଡାକିନେଇ ଚାଲିଗଲେ।

ମୋହନ କ୍ୱାର୍ଟର ପାଇଛି। ଖବରଟା ବିଜୁଳି ବେଗରେ ପୀତାମ୍ବରବାବୁଙ୍କ ଘର ଭିତରେ ବ୍ୟାପିଗଲା।

ସବୁ ଶୁଣି ପୀତାମ୍ବରବାବୁ କହିଲେ-ତୋର ଯାହା ସୁବିଧା ହେଉଚି କର।

ସେହି କଥା ଭିତରୁ ମୋହନ ବୁଝିଲା ତା'ର ଏହି ଯିବାଟା ପୀତାମ୍ବରବାବୁ ପସନ୍ଦ ନାହାନ୍ତି।

ମହୀବୋଉ କହିଲେ-ଆରେ, ଘରଟା ଥାଉ ଥାଉ ସେ ପର ଜାଗାଟାରେ ଯାଇ କାଇଁକି ପଡ଼ିବୁ? ନିଜ ଘରଠୁ ଭଡ଼ାଘର କଣ କେବେହେଲେ ଭଲ ଲାଗିବ?

-ଦେହପାଇଁ ବାଧ୍ୟ ହୋଇ ଯିବା କଥା। ଭଲ ଖରାପ କିଏ ଦେଖୁଛି? ସୁବିଧାଟା ଥରେ ଛାଡ଼ିଦେଲେ ଆଉ ମିଳିବ ନାହିଁ।

-ତା' ବୋଲି କଣ ଯାହା ଆଣି ଗୋଟାଏ ଯୁଟେଇଦେବେ ସେଥିରେ ରହିଯିବୁ?

-ପରେ ଦେଖିବା କ'ଣ ହେଉଛି। ଭାବିଲା ପରି ହୋଇ ମୋହନ ଉଠିଗଲା। ମନରେ ତାର ଦ୍ୱନ୍ଦ୍ୱ-ଗୋଟାଏ ପଟେ କାବେରୀ ଓ ଅନ୍ୟ ପଟେ ଘରର ସମସ୍ତେ ତାକୁ ଟାଣୁଛନ୍ତି।

ମହୀବୋଉଙ୍କୁ ଶୁଖିଲା ମୁହଁରେ ବୁଲୁଥିବାର ଦେଖିଲେ, କାବେରୀ ସବୁକଥା ବୁଝାଇବାକୁ ଚେଷ୍ଟାକରେ। କେମିତି ସବୁଦିନେ ସାଇକେଲରେ ଯିବା ଆସିବା କରିବା ଦ୍ୱାରା ମୋହନଙ୍କୁ ଅସୁବିଧା ପଡୁଛି, ଖାଇସାରି ପୁଣି ଏତେ ବାଟ ଗଲାବେଳକୁ ତାଙ୍କୁ ହାଲିଆ ଲାଗୁଛି। ପାଖରେ ରହିଲେ ତାଙ୍କର ସୁବିଧାହେବ। ସବୁ କହିସାରି କାବେରୀ ଶେଷରେ କହେ ସେ କେମିତି ମୋହନଙ୍କୁ ଘର ଛାଡ଼ି ନ ଯିବା ପାଇଁ ବାରମ୍ବାର ବୁଝାଇବା ସତ୍ତ୍ୱେ ମୋହନ କେମିତି ଶୁଣୁ ନାହିଁ ଇତ୍ୟାଦି କହୁ କହୁ କାବେରୀ ଆଖିରେ ପାଣି ଆସିଯାଏ।

କାବେରୀ ଆଖିରେ ଲୁହ ଦେଖି ମହୀବୋଉ ଲୁହ ଗଡ଼ାନ୍ତି। ମନେ ମନେ ଭାବନ୍ତି-ଛୁଆ ଦି'ଟା ଯାଇଁ କୋଉ ଅପନ୍ତରିଆ ଜାଗାରେ ପଡ଼ିବେ...ତାଙ୍କ ଭଲ ମନ୍ଦକୁ ଚାହିଁବାକୁ ସେଠି ଆଉ କେହି ନାହାନ୍ତି।

ମୋହନ ନୂଆ ଘରକୁ ଯିବାଯାଏ କାବେରୀ ମୁହଁରେ ସେଇ ଏକା କଥା-ବୋଉ, ମୁଁ କେମିତି ଯାଇ ସେଠି ଏକା ରହିବ? ମତେ ଭାରୀ ଖରାପ ଲାଗୁଛି-ତାଙ୍କୁ ଏ କଥା କହିଲେ, ସେ ମୋ ଉପରେ ଖାଲି ଚିଡ଼ୁଛନ୍ତି-ଆପଣ ଟିକିଏ ତାଙ୍କୁ ବୁଝେଇ କରି କହିଲେ ସେ କ'ଣ ଶୁଣିବେ ନାହିଁ?

ମାହୀବୋଉ ସବୁ ଶୁଣି ପୀତାମ୍ବରବାବୁଙ୍କ ପାଖରେ ଫେରାଦ ହୁଅନ୍ତି। ପୀତାମ୍ବରବାବୁ ପଦେ କଥାରେ ସବୁ ଆଡ଼େଇ ଦିଅନ୍ତି-ତାଙ୍କ କଥା ସେମାନେ ଜାଣନ୍ତି-ତମେ କାହିଁକି ଅକାରଣେ ବ୍ୟସ୍ତ ହେଉଛ ?

କାହାଠାରୁ କୌଣସି ପ୍ରକାର ସାହାଯ୍ୟ ନ ପାଇଁ ମାହୀବୋଉ ଖାଲି କାନ୍ଦିବାରେ ଲାଗନ୍ତି।

ଶାଶୁ ଘରେ ନିଜର ମନ ଭୁଲାଇବାକୁ ସମୟ ପାଇଲେ ମାୟା ଖଣ୍ଡେ ଖଣ୍ଡେ ବହି ଧରି ବସେ-ଏଇ ଯେମିତି ତା'ର ଏକମାତ୍ର ସାଥି-ମନ ଗହୀରର ଦୁଃଖ ବୁଝି ଆଖି ନହମାକେ ତା'ର ଭାରୀ ମନଟାକୁ ପୁଣି ହାଲକା କରିଦିଏ।

ଦିନେ ସକାଳେ ରୋଷେଇ ଘରକୁ ପଶିଆସି ମାୟାଶାଶୁ ସାପ ଦେଖିଲା ପରି ଚମକି ପଡ଼ିଲେ-ବୋହୂ ହାତରେ ଗୋଟିଏ ମୋଟ୍ୟ ବହି। ମାୟାର ସେ ଆଡ଼କୁ ନଜର ନାହିଁ। ଏକ ମନରେ ପଢ଼ିଚାଲିଛି। କାଠର ନିଅାଁ ଜଳି ଜଳି ଚୁଲୀ ବାହାରକୁ ଚାଲିଆସିଲାଣି।

-ବୋହୂ ! ସେଇଟା କ'ଣ କି ?

ଚମକିପଡ଼ି ମାୟା ଚାହିଁ ଦେଖିଲା ଶାଶୁ ପଚାରୁଛନ୍ତି।

-ନାଇଁ, ଗୋଟାଏ ଗପ ବହି। ବହିଟା ରଖିନେଇ ମାୟା ଚୁଲ୍ୟ ପାଖକୁ ଯାଇ, କାଠଟା ଭିତରକୁ ପେଲିଦେଲା।

-ଘର ଗୋଟିକ ମଣିଷ ସେ ଭାତ ଖାଇବେ...ତେଣେ ଜାଉ ହେଲା କି ନାଗିଗଲା ନ ଅନାଇ ବହିକୁ ଦେଖିଲେ କାହାର ପେଟ ପୂରିବ ?

-ନାଇଁ, ମୁଁ ପରା ଏଇଠି ବସିଛି...

-ପଢୁଥିଲ ପରା ?

-ହଁ ଯେ...

ଟିକିଏ ବିରକ୍ତ ହେଲା ପରି ମାୟାଶାଶୁ କହିଲେ-ଦେଖ, ବାହାସାହା ହେଲ, ଏଣିକି ଆଉ ସେ କିଲାସ ପାଠରେ ମନ ଦିଅ ନାଇଁ-ତମେ ପଢ଼ିଲେ ପୁଅର ଦିହପା'କୁ ଦେଖିବ କିଏ ?

ମାୟାକୁ କୌଣସି ଜବାବ ନ ଦେବାର ଦେଖି, ମାୟାଶାଶୁ ମନକୁ ମନ ଭଟର ଭଟର ହେଇ ଚାଲିଗଲେ। ମାୟା ଜାଣେ ସେ କିଛି ଭୁଲି କହି ନାହାନ୍ତି। ସମସ୍ତେ ନିଜ ନିଜର ସ୍ୱାର୍ଥ ଦେଖନ୍ତି। ସେଥିରେ ଆଞ୍ଚ ଆସିଲେ ଯିଏ ହେଲେ ପଦେ କହିବ। ସେମାନେ ବୋହୂ କରିଛନ୍ତି। ବୋହୂ ଘରକାମ, ପୁଅର କାମ ନ କରି ବସି ପାଠ ପଢ଼ିବ କାହିଁକି ? ପୁଣି ଶାଶୁଙ୍କ ମନରେ ଡର, କାଳେ ବୋହୂ ତାଙ୍କ ପୁଅଠୁ ବେଶି ପଢ଼ି ପକାଇବ...। ମାୟା ମନ ଭିତରେ ହସିଲା। କିଛି କାମ ନ ଥିଲେ ଚୁଲୀମୁହଁକୁ ଚାହିଁ ପଛକେ ବସି ରହିବ, କିନ୍ତୁ ବହି ଧରିଲେ ଦୋଷ।

ତାର ମନେ ପଡ଼ିଲା ବାପ ଘରର କଥା। ସେଠି ଦିନେ ଅଧେ ରାନ୍ଧିବାକୁ

ପଡ଼ିଲେ ସେ କେମିତି ବ୍ୟସ୍ତ ହେଇ ଉଠୁଥିଲା...ଆଉ ଏଠି? ରାନ୍ଧିବାକୁ ଯାଇ ହାତରେ ଫୋଟକା ହେଲେ ସେଥିପାଇଁ ସେ ଆଖିରୁ ଲୁହ ଗଡ଼ାଇ ନାହିଁ। ସେ ଜାଣେ ଏଠି ଆଖି ଲୁହର କୌଣସି ମୂଲ୍ୟ ନାହିଁ। ତା' ଉପରେ ପୁଣି ଶାଶୁଙ୍କର ଟାହୁଲି କଥା -ଗେଲବସରରେ ଝିଅ ବଢ଼ିଥିଲେ, ହେଲେ ହାଣ୍ଡି ନ ଧରି ଯିବେ କୁଆଡ଼େ? ସେ ସବୁ ଶୁଣେ, କିନ୍ତୁ ମୁହଁ ଖୋଲି କିଛି କହେ ନାହିଁ। ଶାଶୁଙ୍କର ଦିନକାଳ ସରିଛି। ଯେତେ ଯାହା କଲେ ବି କୌଣସି ଥିରେ ସେ ସନ୍ତୁଷ୍ଟ ହେବେ ନାହିଁ। ସେଥିପାଇଁ ତାଙ୍କ ଠାରୁ ଗାଳି ଶୁଣିଲା ବେଳେ ସେ ଅବଜ୍ଞାର ହସ ହସି କଥାଟାକୁ ଆଡ଼େଇ ଦିଏ।

ନୂଆ ଘରକୁ ଯିବା ପରଦିନ କାବେରୀ ଶାଶୁଘରକୁ ବୁଲି ଆସିଲା! ରନ୍ଧାଘରେ ମହାବୋଉ ପିଲାମାନଙ୍କ ପାଇଁ ଜଳଖିଆ କରୁଥିଲେ। ତାଙ୍କରି ପାଖରେ ଗୋଟିଏ ଲମ୍ବା ଚଉଡ଼ା ମୁଣ୍ଡିଆ ମାରି କାବେରୀ କହିଲା-ବୋଉ, ଆପଣ ଉଠନ୍ତୁ, ମୁଁ କରିଦେବି।

ମୁଣ୍ଡିଆ ପାଇ ମହାବୋଉ ଖୁସିଟାଏ ହେଇଗଲେ-ନାଇଁ ବା ତୁ ବସ...କେତେ ଜିନିଷ ଯେ, ମୁଁ ସାଙ୍ଗେ ସାଙ୍ଗେ କରିଦେବି ନାଇଁ କି?...ଆଉ...ସେ ଘରଟା କେମିତି ଲାଗୁଛି? ମହାବୋଉ ହସି କାବେରୀ ମୁହଁକୁ ଚାହିଁଲେ।

-ମତେ ସେ ଘରେ ମୋଟେ ଭଲ ଲାଗୁନାହିଁ...ସେଠି ରହିଲେ କ'ଣ ହେଲା, ମନ ସବୁବେଳେ ଆସି ଏଇଠି। ମୁହଁ ଶୁଖେଇ କାବେରୀ କହିଲା।

କାବେରୀର ସେ ସ୍ୱର ଶୁଣି ମହାବୋଉ ତା ମୁହଁକୁ ଚାହିଁଲେ-ଯେତେହେଲେ ଏଇଟା ହେଲା ନିଜ ଘର। ସବୁବେଳେ ପିଲାଛୁଆଙ୍କ ପାଟି। ଏ ଗହଳି ଜାଗାରୁ ଯାଇ ଅପନ୍ତରିଆଟାରେ ପଡ଼ିଲେ ଭଲ ଲାଗିବ କୋଉଠୁ? ରହିଥା, ମୁଁ ମହାକୁ କହେଁ-

କଥାରେ ବାଧାଦେଇ କାବେରୀ କହିଲା-ନାଇଁ ବୋଉ, ସେମିତି କହିଲେ ମୋ ଉପରେ ସେ ରାଗିଯିବେ...ମତେ କେତେ କରି ମନା କରିଥିଲେ ଏସବୁ ତମ ଆଗରେ କହିବା ପାଇଁ-ସେଇଟା ଭାରୀ ଗହଳି ଜାଗା, ବହୁତ ଲୋକବାକ ଅଛନ୍ତି...ଡାକିଲେ ଶୁଣିବେ...କିନ୍ତୁ ମତେ କାହିଁକି କିଛି ଭଲ ଲାଗୁନାହିଁ।

-ତୁ ଦି'ଆଡ଼କୁ କହିଲେ ମୁଁ କ'ଣ କରିବି?

-ମୁଁ କହୁଥିଲି କ'ଣ କି ତମେ ବି ଚାଲନ୍ତ...

ମୁଁ ଗଲେ ଘରଯାକର ସମସ୍ତେ ବାହାରିବେ। ପୁଣି ଏ ଘର ତ ଅଛି!

-ହଁ, ତା'ବି ଗୋଟିଏ କଥା...ପୁଣି ସେ ଘରଟା ଏଡ଼େ ଛୋଟ ଯେ ଦି'ଜଣରୁ ଚାରିଜଣ ମଣିଷ ସେଠି ଚଳିବା କଷ୍ଟ।

କଥାବାର୍ତ୍ତା ସରିଲା । କିଛି ସମୟ ଏ ପାଖ ସେ ପାଖ ହୋଇ କାବେରୀ ଘରକୁ ଯିବାକୁ ବାହାରିଲା ଘର ତେଣେ ଏକା ପଡ଼ିଛି । ମହୀବୋଉ ଆଉ ଅଟକାଇ ରଖିପାରିଲେ ନାହିଁ।

ପ୍ରକୃତରେ ଦେଖିବାକୁ ଗଲେ ଶାଶୁଘରଟା କାବେରୀକୁ ଯେତିକି ନିଜର ମନେ ହୋଇ ନ ଥିଲା, ଏ ନୂଆଘର ତା'ର ନିଜର ନ ହେଲେ ମଧ୍ୟ ବେଶି ଆପଣାର ମନେ ହେଲା। ପ୍ରତିଦିନ ଘର ସଜାଡ଼ି, ସବୁ ଜିନିଷ ଠିକ୍ ଜାଗାରେ ସଜାଡ଼ି ରଖିବା ତାର ଯେପରି ନିୟମିତ କାମ ହୋଇପଡ଼ିଲା । କାମ କଲାବେଳେ ମନରେ ସ୍ପୃହା ଆସେ, କାମ କରିବାକୁ ପାଦ ଛନ୍ଦି ହୁଏ ନାହିଁ, ହାତ ଆପେ ଆପେ ଉଠିଯାଏ-ସବୁ ନିଜର, ନିଜେ ନ ଦେଖିଲେ ଆଉ ଦେଖିବ କିଏ ? ମନରେ ଆସେ-''ମୋ ଘର ମୁଁ ମାଲିକ''-ଏଠି ଶାସନର ଲଗାମ ନାହିଁ କି ଓଜନିଆ ମନର ଅବସାଦ ନାହିଁ।

ଅଳ୍ପ କେଇଟା ଦିନ ଭିତରେ ସେ ଚାରିଆଡ଼େ ଅନେକ ଚିହ୍ନା ପରିଚୟ କରାଇ ନେଲାଣି। ମୋହନ ନ ଥିବା ବେଳେ ସେ ଲୋକଙ୍କ ଘରକୁ ବୁଲିଯାଏ କିମ୍ବା କେହି ଜଣେ ଆସି ପହଞ୍ଚିଯାଆନ୍ତି। ଶାଶୁଘରର ସେ ବନ୍ଦୀ ଜୀବନ ଆଉ ନାହିଁ। ସୁଖରେ ଦିନଗୁଡ଼ାକ ପାଣିପରି ଗଡ଼ିଯାଉଛି।

କାବେରୀର ଏହି ପରିବର୍ତ୍ତନ ମୋହନ ଲକ୍ଷ୍ୟ କରେ। ତାକୁ ସୁଖୀ କରିପାରିଛି ଭାବି ମୋହନ ମନରେ ଶାନ୍ତି ଆସେ।

ଖରା ବେଳ। ମହୀବୋଉଙ୍କୁ ନିଦ ହେଲା ନାହିଁ। ବିଛଣାରେ ପଡ଼ି ଟିକିଏ ସମୟ ଗଡ଼ପଡ଼ ହେଇ ଉଠିଆସିଲେ-ମାୟା ପାଖକୁ ଖଣ୍ଡେ ଚିଠି ଲେଖିବାକୁ ହେବ, ମନରେ ରାଗ ହେଲା। ତାଙ୍କର ତିନିଚାରିଖଣ୍ଡ ଚିଠିର ଉତ୍ତର ସେ ଦି'ଧାଡ଼ିରେ ସାରିଦିଏ-''ମୁଁ ଭଲ ଅଛି। ମୋ ପାଇଁ ତୁ ବ୍ୟସ୍ତ ହେବୁ ନାହିଁ।'' ଟୋକୀଟା ବୁଝେ ନାହିଁ। ମା'ର ମନ ଛୁଆ ପଛରେ କେମିତି ଦିନରାତି ଘୂରୁଥାଏ। ମାୟା ଭଲ ଅଛି ବୋଲି ଯେତେ ଲେଖିଲେ ମଧ୍ୟ ସେ ବିଶ୍ୱାସ କରିପାରନ୍ତି ନାହିଁ।

ମହୀବୋଉ କାଗଜ କଲମ ଧରି ଖଟ ଉପରେ ସଜାଡ଼ି ହୋଇ ବସିଲେ। କ'ଣ ବା ଲେଖିବେ ? ମଣିଷ ମୁହଁରେ ଯେତେ କଥା କହିଯାଏ, ଚିଠିରେ ତା'ର କାଣିଚାଏ ହେଲେ ଲେଖିପାରେ ନାହିଁ। ଏତିକିବେଳେ ବାହାର କବାଟ ଖଡ଼ ଖଡ଼ ଶୁଭିଲା। ଚିଠିଲେଖା ବନ୍ଦରଖି ମହୀବୋଉ କବାଟ ଖୋଲି ଦେଖିଲେ ଦାଣ୍ଡରେ ଯଦୁବୋଉ ଛିଡ଼ା ହୋଇଛନ୍ତି। ସାଙ୍ଗେ ସାଙ୍ଗେ ମୁହଁରେ ହସ ଖେଳିଗଲା। କାବେରୀ ଚାଲିଯିବା ପରଠୁ ଏ ଖରାବେଳଟା ତାଙ୍କୁ ବଡ଼ ଏକାଟିଆ ଲାଗେ। ଛୁଆଖାଇ ବିଲେଇ ପରି ସେ ଖାଲି ଏପଟ ସେପଟ ହେଉଥାନ୍ତି।

ଘର ଭିତରେ ଯଦୁବୋଉଙ୍କୁ ବସେଇ ଦେଇ ମହୀବୋଉ ଖଟ ଉପରୁ କାଗଜ

କଲମ ଆଣି ପହଲି ବହି ଥାକରେ ରଖୁ ରଖୁ କହିଲେ-ମାୟା ପାଖକୁ ଖଣ୍ଡେ ଚିଠି ଲେଖିବାକୁ ଯାଉଥିଲି ଯେ, ତମେ ଆସିଗଲ।

ମାୟା ନାଁ ଶୁଣି ଯଦୁବୋଉ ଆଗ ବଳିପଡ଼ି କହିଲେ-ତୋ ଝିଅ ତ କ'ଣ ଭାରୀ ଘର କରୁଚି!

-କିଏ କହୁଥିଲା ?

-ଆଲୋ, ମତେ କୋଉ ଖବର ଅଛପା ଅଛି? ତୋ ଝିଅ କୋଉଠି କ'ଣ କରୁଛି ମତେ ଜଣା ନାହିଁ ନା ତୋ ବୋହୂ କୋଉଠି କ'ଣ କହୁଛି ମତେ ଜଣା ନାହିଁ ?

-କ'ଣ ସବୁ ଶୁଣୁଥିଲ ମାୟା କଥା ?

-କଣ ଆଉ ଶୁଣିବି? ଭଲ ବୋହୂ ହେଇଚି, ପ୍ରଶଂସା ଶୁଣୁଛି...ଏଇଆ ତ! କ'ଣ ? ଉତ୍ସାହ ନ ଥିଲା ପରି ଯଦୁବୋଉ କହିଲେ।

ମହୀବୋଉ ବିଶ୍ବାସ କରିପାରିଲେ ନାହିଁ। ଯେତେ ଲୋକ ଆସନ୍ତି ସମସ୍ତଙ୍କର ମୁହଁରୁ ସେହି ଏକା କଥା ଶୁଣନ୍ତି। ତାଙ୍କର ମନେହୁଏ ଯେମିତି କି ସମସ୍ତେ ଥଟ୍ଟା କରୁଛନ୍ତି। ମାୟା ଯେ ଏତେ ବଦଳିବ, ଏ କଥା ସେ କେବେହେଲେ ଭାବି ନ ଥିଲେ।

ମହୀବୋଉଙ୍କୁ ଚୁପ୍ ରହିବାର ଦେଖି ଯଦୁବୋଉ କହିଲେ—ଆଉ, ତୋ ବୋହୂ ଖବର ଖ'ଣ ?

ଖବର ଆଉ କିଛି ନାହିଁ। ସେ ତ ତାଙ୍କର ଗଲେ।

-ହଁ, ଭଲ ହେଲା। ସେ ତାଙ୍କର ମନଇଚ୍ଛା ଏଣିକି ବୁଲାବୁଲି କରିବେ...ଏଠି ସେତକ ହୋଇପାରୁ ନଥିଲା।

-ନାଇଁ ମ! ତାର କ'ଣ ଯିବାକୁ ଇଚ୍ଛା ଥିଲା କି? ଖାଲି ମହୀ ତାକୁ ଟାଣି ଓଟାରି ନେଇଚି ନା! ସେ ପରା ଆସି ମତେ ଡାକୁଥିଲା ତା' ପାଖରେ ରହିବାପାଇଁ-ତାକୁ ଏକୁଟିଆ ଲାଗୁଛି ବୋଲି! ଖାଲି ମହୀର ଅସୁବିଧା ଯୋଗୁଁ-

-ଆହା! ''ମୁଁ କଅଣ କରିବିଚି! ହାଣ୍ଡି ଭିତରେ ପିହାଣଟାଏ ମୁଁ ଚମକି ପଡ଼ିବିଚି!'' ସଜ ସଜ ହେଇ ତ ଅଲଗା ଘରକୁ ଗଲେ, ସେଠି ଏକୁଟିଆ ନାଗିବ ନାଇଁ ତ ଆଉ କ'ଣ ଦୋକୁଟିଆ ନାଗିବ? ପୁଅର ସୁବିଧା ହଉ କି ଅସୁବିଧା ହଉ, ଅଲଗା ରହିଲେ ତାଙ୍କର ଭଲ...ଆଲୋ, ସେ ପରା ଆଗରୁ କଥା ଅଛି ''ଜ୍ବାଆ ଜେଉଲାରେ ଘର, କି ଥାଇଁ କରବେ ଶାଶୁ ଶଶୁର? ବଞ୍ଚନ୍ତୁ ମୋହରି ବର।''

ମହୀବୋଉଙ୍କୁ ଚୁପ୍ ରହିବାର ଦେଖି ଯୁଦବୋଉ ପୁଣି ଆରମ୍ଭ କଲେ-ଆଗରୁ ସେଇ ପେଞ୍ଚ କରି ଚାବିମୁଠା ହାତକୁ ନେଇଥିଲେ। ସେଥିରୁ ଯେଉଁଠି ଅସୁବିଧା ହେଲା, ପଇସାକଉଡ଼ି ବେଶି ଖର୍ଚ୍ଚ ହେବାର ଦେଖିଲେ, କହିଲେ ''ଦେ କଉଡ଼ି

ଖା ପିଠା, ଏଥିପାଇଁ କିଆଁ ଦାନ୍ତ ନିକୁଟା ?'' ଏକାଥରକେ ତ ଅଲଗା ହୋଇଗଲେ ଯାଏ, ଏତେ ହାତଗୋଡ଼ ଧରା କାହିଁକି ?

ମୁହଁ ଶୁଖେଇ ମହୀବୋଉ ଖାଲି 'ହୁଁଚି, ମାରିଲେ। ଶେଷ କଥାଗୁଡ଼ାକ ତାଙ୍କ ମନକୁ ବାଧିଲା। ପୀତାମ୍ବରବାବୁଙ୍କ ଅବସ୍ଥା ଯଦି ସ୍ୱଚ୍ଛଳ ଥା'ନ୍ତା ତେବେ ସେ କଥାକୁ ଖାତିର କରି ନଥାନ୍ତେ କିନ୍ତୁ ମୋହନର ସାହାଯ୍ୟ ଉପରେ ଯେତେବେଳେ ତାଙ୍କୁ ଚଳିବାକୁ ହେଉଛି, ଏଇଟା ତାଙ୍କୁ ବାଧିବାର କଥା।

-ତୋରି ବୋହୂତ ନିଜେ ଦାଣ୍ଡରେ ହାଟରେ କହି ବୁଲୁଛି ସିଏ ନଣନ୍ଦର ବାହାଘର ଖର୍ଚ୍ଚ ଉଠେଇଚି।

ମହୀବୋଉଙ୍କର ମନର ରାଗ ହଠାତ୍ ବାହାରକୁ ଆତ୍ମପ୍ରକାଶ କଲା।

-ଖାଲି ଅଜାଡ଼ି ପକେଇଥିବ! ବେଙ୍କ୍‌ରେ ମାୟା ନାଁରେ ଯୋଉ ଟଙ୍କା ଥିଲା, ସେଥିରେ ତ ମାୟା ବାପା କାମ ଉଠେଇଲେ।

-ତୁ କହିଲେ ଖାଲି ହୋଇଯିବ ? ମହୀ କ'ଣ ଖର୍ଚ୍ଚ କରିଥିବ ବୋଲି ସେ କହୁଚି ନା ଆଉ କ'ଣ ମନରୁ କହୁଚି ?

-ଭାଇଟା ହେଇ ଆଉ କ'ଣ ଖର୍ଚ୍ଚ କରନ୍ତା ନାହିଁ! ସିଏ ନିଜେ ଭାଉଜଟା ହୋଇ ଯାହା ନଣନ୍ଦକୁ ଖାଲି ଅଜାଡ଼ି ପକେଇଚି! ଏଇ ପାନ ପତର ପରି ଝିଅଣିଆ କାମର ହାରଟାଏ ଦେଇଛି ଯେ ଦେଢ଼ଭରି ଭିତରର ଜିନିଷ ହବ...ଆଉ ଦାଣ୍ଡରେ କେମିତି ଏଗୁଡ଼ା ଧେଣ୍ଡୁରା ବଜେଇ ହଉଛି ? ''ଯେ ଯାହାପାଇଁ ଯାହା କରୁଥାଏ ସେ କି ନାଗରା ଦେଇ ବୁଲୁଥାଏ ?'' ରାଗରେ ମହୀବୋଉଙ୍କ ଆଖି କି ପାଣି ଆସିଲା।

-ଆଲୋ ତାଙ୍କ ଠେଇଁ ସବୁ ସମ୍ଭବ...ସଙ୍ଗୀତ କ'ଣ ଆଉ ନ ଜାଣି ଏଗୁଡ଼ାକୁ ନାଗସାପ କହିଥିଲା ? ସେ ଠିକ୍ ଚିହ୍ନିଛି।

ଏସବୁ ବିଷୟରେ ଅଧିକା ଚର୍ଚ୍ଚା କରିବାକୁ ମହୀବୋଉଙ୍କୁ ଆଉ ଭଲ ଲାଗୁ ନ ଥିଲା। ଯଦୁବୋଉଙ୍କ ସାଥିରେ ଦେଖାହେଲେ ମନଟା ତାଙ୍କର ମଝିରେ ମଝିରେ ଏମିତି ଖରାପ ହୋଇଯାଏ। ଆଖି ଲୁହ ଲୁଚାଇବାକୁ, କାମର ବାହାନା କରି ଉଠି ଯାଉ ଯାଉ ମହୀବୋଉ କହିଲେ-ପିଲାମାନଙ୍କର ଆସିବାବେଳ ହେଇଗଲାଣି। ମୁଁ ଯାଉଛି ଜଳଖିଆ କରିବି...ତମେ ଆସ ରୋଷେଇ ଘରେ ବସିବ।

ହାଇ ମାରି ଯଦୁବୋଉ ଉଠିଲେ-ନାଇଁ ଲୋ, ମୁଁ ଆଉ ବସି ପାରିବି ନାଇଁ...ବେଳ ହେଇଗଲାଣି।

ଯଦୁବୋଉଙ୍କୁ ଦାଣ୍ଡଦୁଆରେ ବଳେଇ ଦେଇ ଆସି ମହୀବୋଉ ଖଟରେ ଶୋଇଲେ। ମନଟା କୁହୁଳି କୁହୁଳି ଉଠୁଛି। ଏଇଥର କାବେରୀ ଆସିଲେ, ଭଲ କରି ଦି'ପଦ ତାଙ୍କୁ ଶୁଣେଇ ଦେବେ। କେମିତି କରି କ'ଣ ସବୁ କହିବେ ଶୋଇ ଶୋଇ ସେ ଚିନ୍ତା କରିବାରେ ଲାଗିଲେ।

ମାୟାଶାଶୁଙ୍କ ଦେହ ଭଲ ନାହିଁ-ପେଟରେ ଘା' ହୋଇଛି। ଆଗପରି ସେ ଆଉ ରାତି ଅନ୍ଧାରରୁ ଉଠି ପୂଜାଘରେ ଯାଇ ଆସନ ମାଡ଼ି ବସନ୍ତି ନାହିଁ। ବର୍ଷେ ହେଲାଣି ତାଙ୍କର ଏହି ପେଟମରା ରୋଗ ବାହାରିଛି। ଏବେ ସେଇଟା କେମିତି ବଢ଼ି ଯାଇଛି। ଦିନକୁ ଦିନ ସେ ବିଛଣା ଧରୁଛନ୍ତି। ଏବେ ବିଛଣାରେ ପଡ଼ିବା ଦିନଠାରୁ ତାଙ୍କର ଗୋଟିଏ ନୂଆ ରକମର ଭୟ ଆସିଯାଇଛି। କାରଣ ଅକାରଣରେ ମାୟାକୁ ଡାକି ପାଖରେ ବସାଇ କେତେ ଭଲମନ୍ଦ କଥା ବୁଝେଇ ଯା'ନ୍ତି-ମୋ ବର ଥିଲେ ମୋ ଶାଶୁ ଶ୍ୱଶୁରଙ୍କର ଗୋଟିଏ ଆଖି ! ଶଶି ସେମିତି ମୋର ଗୋଟିଏ ଆଖି। ତୁ ବୋହୂ ତା ପେଇଁ ନଗା ରହିଲୁ। ମୋ ଦିନକାଳ ସରି ଆସିଲା। ଏଣିକି ମରିହଜି ଯିବି। ତମେ ଏ ଘର ଦେଖାଶୁଣା କରିବ।

ମାୟା ସବୁ ଶୁଣି ତାଙ୍କୁ ନାନା ପ୍ରକାରେ ସାନ୍ତ୍ୱନା ଦିଏ। ସେହି ସ୍ୱାନ୍ତ୍ୱନା ଟିକକ ଶୁଣିବା ପାଇଁ ଯେମିତି କି ସେ ଥରକୁ ଥର ସେହି ଏକା କଥା କହନ୍ତି। ମଣିଷ ଯେତେ ବୁଢ଼ା ହେଉ, ଯେଡ଼େ ବଡ଼ ବେମାରିରେ ପଡୁ ପଛକେ, ସେ କେବେହେଲେ ମରିବାକୁ ଖୋଜେ ନାହିଁ।

ମାୟାଶାଶୁ ବିଛଣା ଧରିବା ଦିଠାରୁ ଭାଗବତ ଶୁଣିବା ଆରମ୍ଭ କରିଛନ୍ତି। ସେହି ଭାଗବତ ଶୁଣୁଶୁଣୁ ଯଦି ଜୀବନ ଯାଏ ତେବେ ସେ ମୋକ୍ଷ ପାଇଯିବେ ବୋଲି ତାଙ୍କର ବିଶ୍ୱାସ। ଭାଗବତ ଶୁଣେଇବାକୁ ପୁଅର ବେଳ ନାହିଁ। ତେଣୁ ସକାଳେ ସଞ୍ଜେ ସମୟ ଦେଖି ମାୟା ତାଙ୍କୁ ଯେତେଦୂର ପାରେ ଶୁଣେଇ ଦିଏ। ନିଜର ଖିଆପିଆ ଛାଡ଼ି ବୋହୂକୁ ତାଙ୍କରି ସେବା କରୁଥିବାର ଦେଖି ମାୟା ଶାଶୁ ତଟସ୍ଥ ହୋଇଯାନ୍ତି— ଏଇ ବୋହୂ, ଯାହାକୁ ସେ ମୁହଁ ଉପରେ ପଦେ ଆଦରର କଥା କହିନାହାନ୍ତି, ସେ ପୁଣି ଏତେ ସେବା କରିବ, ସେ ଭାବି ନଥିଲେ।

ଶଶିଭୂଷଣ ମା'ର ଅବସ୍ଥା ଦେଖି ଚିନ୍ତିତ ହୋଇପଡ଼ିଲେ। ଡ଼ାକ୍ତର କହୁଛନ୍ତି ରଞ୍ଜନରଶ୍ମୀ ଦେଇ ପରୀକ୍ଷା କଲାପରେ ଔଷଧ ଦେବେ। ଏଣେ ପାଖରେ ପଇସା ନାହିଁ। ତେଣେ ଚିକିତ୍ସା ନକଲେ ନ ଚଳେ। ତାଙ୍କୁ ଚାରିଆଡ଼ ଅନ୍ଧାର ଦିଶୁଛି।

ସଞ୍ଜ ଗଡ଼ି ଆସୁଛି। ମାୟା ଚଉରାମୂଳେ ସଳିତାଟିଏ ଜାଳି ଦେଇ ଉଠିଆସିଲା ବେଳକୁ ପଛରୁ ଶଶିଭୂଷଣ ଡ଼ାକିଲେ—ମାୟା...

ବୁଲିପଡ଼ି ମାୟା ଫେରି ଚାହିଁଲା। ଶଶିଭୂଷଣ ଛିଡ଼ା ହୋଇଛନ୍ତି।

-ଆଉ ଟଙ୍କା ନାହିଁ ମାୟା ! ଧାର ଉଧାର ମିଳିବାର ବି ଆଶା ନାହିଁ—ସମସ୍ତେ ଫେରେଇ ଦେଲେ। କାତର ସ୍ୱରରେ ଶଶିଭୂଷଣ କହିଲେ।

-ଆଜି ପର୍ଯ୍ୟନ୍ତ ଯେତେ ଖର୍ଚ୍ଚ ହେଉଥିଲା ସେ ଟଙ୍କା କୋଉଠୁ ଆଣିଲ ?

-ସେ ମଧ୍ୟ ଉଧାର ଟଙ୍କା। ଏଇ ଦଶଦିନ ତଳେ ରାମବାବୁଙ୍କ ପାଖରେ ଜମି ବନ୍ଧା ଦେଇ ତିନି ଶହ ଟଙ୍କା ଆଣିଥିଲି। ତାଙ୍କର ଆମ ଅବସ୍ଥା ଉପରେ ଆସ୍ଥା ନାହିଁ। ତେଣୁ ଆଉ ମିଳିବା ଆଶା ମଧ୍ୟ ନାହିଁ।

ଦିନର ଆଲୁଅ ଲିଭିଗଲାଣି। ରାତିର ଅନ୍ଧାର ମାଡ଼ି ମାଡ଼ି ଆସୁଛି। ସେହି ମୁହଁ ଅନ୍ଧାରବେଳେ ଦିହେଁ ଦିହିଁଙ୍କି ମୁହଁ ସ୍ପଷ୍ଟ ଦେଖିପାରୁ ନଥିଲେ ମଧ୍ୟ ପରସ୍ପରର ମନର କଥା ଯେମିତି ବୁଝିପାରୁଥିଲେ। ଅଳ୍ପ ଦୂରରେ ଚଉରାମୂଳେ ସଳିତାଟା ଦପ୍ କରି ଜଳିଉଠି ଲିଭିଗଲା। ମାୟା ଦୀର୍ଘନିଶ୍ୱାସ ଛାଡ଼ିଲା।

କ'ଣ କରିବା ? ଚିକିତ୍ସା ଯେ ଅଧା ହୋଇଛି.... ଶଶି ଭୂଷଣ ମାୟା ମୁହଁକୁ ଚାହିଁଲେ।

-ମୋ ପାଖରୁ ଟଙ୍କା ନେବ ? ମାୟା ଚାହିଁଲା ତାଙ୍କ ମୁହଁକୁ।

ଟିକିଏ ଚମକି ପଡ଼ିଲା ପରି ଶଶିଭୂଷଣ ପୁଣି ପଚାରିଲେ--କ'ଣ କହିଲ ?

-ଟଙ୍କା ଦରକାରବେଳେ ମତେ ନ ଜଣେଇ ଅନ୍ୟଙ୍କୁ କାହିଁକି ମାଗି ବୁଲୁଛ ?

-ତମେ କୋଉଠୁ ଟଙ୍କା ଆଣିବ ?

ଟିକିଏ କ୍ଷୀଣ ହସ ହସି ମାୟା କହିଲା--ଗହଣା ଦେଇ।

ଗହଣା କଥା ଶୁଣି ଶଶିଭୂଷଣ ଟିକିଏ ଗମ୍ଭୀର ହୋଇଗଲେ। ତାଙ୍କର ନିଃସ୍ୱ ଜୀବନରେ ମାୟାର ଗହଣା କେଇଖଣ୍ଡି ଏକମାତ୍ର ଧନ। ତାକୁ ବି କ'ଣ ନେବାକୁ ପଡ଼ିବ ? ତା ଗହଣା ବିକିବାରେ ତାଙ୍କର କ'ଣ ଅଧିକାର ଅଛି ?

ଏତିବେଳେ ମାୟା ଶାଶୁଙ୍କ ଡ଼ାକ ଶୁଭିଲା—ଭାଗବତ ପଢ଼ିବାକୁ ଡ଼ାକୁଛନ୍ତି। ତରତର ହୋଇ ମାୟା ଚାଲିଗଲା ଓ ଶଶିଭୂଷଣ ଅନ୍ୟମନସ୍କ ଭାବରେ ସେହି ଚଉରାମୂଳେ ବୁଲିବାକୁ ଲାଗିଲେ।

ପରଦିନ ସକାଳୁ ମାୟା ନିଜର ଗହଣା ବାକ୍ସ ଖୋଲିଲା। ଗୋଟି ଗୋଟି କରି ଗହଣା ହାତରେ ଧରି ଦେଖୁଥାଏ। ଆଖି ଆଗରେ ଅତୀତ ଭାସି ଯାଉଛି। ବାହାଘର ବେଳେ ଯେଉଁ ଚାରି ହଜାର ଟଙ୍କା ଏମାନେ ପାଇଥିଲେ ତହିଁରୁ ଦୁଇ ହଜାର କରଜ ଶୁଝାରେ ଯାଇଛି ଓ ବଳକା ଦୁଇ ହଜାର ଜମି କିଣା ହୋଇଛି। ଏହି ଗହଣା କେତେ ନିନ୍ଦା ପ୍ରଶଂସା ଶୁଣିଛି। ଆଜି ତାକୁ ଲଗାହେବ ଆଉ ଗୋଟାଏ କାମରେ। ଟଙ୍କା ପାଇଁ ସମସ୍ତେ ଗହଣା ଚାହାଁନ୍ତି। ଏହି ଗହଣାର ମୂଲ ଯଦି ମାଟିବୋଝ ସାଙ୍ଗରେ କଷି ହୁଅନ୍ତା ତେବେ ଯାକୁ ପିନ୍ଧନ୍ତା କିଏ ?

ମାୟା ହାତରେ ଦି'ଟା ବଡ଼ ବଡ଼ ହାର ଦେଖି ଶଶିଭୂଷଣ ମାୟା ମୁହଁକୁ ଚାହିଁଲେ-ତମର ଦୁଃଖ ହେଉ ନାହିଁ ?

-ମୁଁ ତ ଖୁସିରେ ଦେଉଛି। ଆଉ ଥରେ କ'ଣ ବାହା ହେବି ଯେ ରହିଥିବି ?

-କିନ୍ତୁ ଆଉ ଥରେ ତମପାଇଁ ଗଢ଼ି ଦେବାକୁ ମୋର ଶକ୍ତି ନାହିଁ।

-ତା ମୁଁ ଜାଣିଛି। ମାୟା ହସିଲା।

-କ'ଣ ଜାଣିଛ ? ସନ୍ଦିଗ୍ଧ ଆଖିରେ ଶଶିଭୂଷଣ ମାୟା ମୁହଁକୁ ଚାହିଁଲେ।

-ଜାଣିଛି ତମର ରୋଜଗାର କମ୍। ମାୟା ସେମିତି ହସୁଥାଏ।

ଶଶିଭୂଷଣଙ୍କର ପୌରୁଷରେ ବାଧା ଆସିଲା। କହିଲେ—ଓ ! ସେଥିପାଇଁ ଦୟା କରୁଚ ! ନା, ଏ ଗହଣା ମୋର ଦରକାର ନାହିଁ।

-ମୁଁ ତମପାଇଁ ଦଉନାହିଁ—ମା'ଙ୍କ ପାଇଁ ଦଉଚି। ତମକୁ ନେବାକୁ ହେବ। ମାୟା ବାକ୍ସ ରଖିଦେଇ ସେ ଜାଗା ଛାଡ଼ି ଚାଲିଗଲା।

ହାର ଦି'ଟା ହାତରେ ଧରି ଦେଖୁ ଦେଖୁ ଶଶିଭୂଷଣ ଗୋଟାଏ ଗହୀରିଆ ନିଶ୍ୱାସ ଛାଡ଼ିଲେ।

ଖରାବେଳେ ସବୁ କାମ ସାରି ମାୟା ଟିକିଏ ଗଡ଼ପଡ଼ ହେବାକୁ ଯାଉଥିଲା, ଏତିକିବେଳେ ଚାକର ଟୋକା ଦୁଇଖଣ୍ଡ ଚିଠି ଆଣି ତା ହାତରେ ଦେଲା।

ପ୍ରଥମ ଚିଠିଟି କାବେରୀ ପାଖରୁ ଆସିଛି—ଚିଠି ଉପରେ ତାର ନୂଆ ଘରର ଠିକଣା। ଆଉ ଥରେ ଠିକଣାଟା ଭଲ କରି ଦେଖିନେଇ ମାୟା ଚିଠିଟା ଖୋଲିଲା। ଚାରି ପୃଷ୍ଠାର ଚିଠି—କେମିତି କାମ କରି କରି ତାକୁ ନିଶ୍ୱାସ ମାରିବାକୁ ତର ହେଉନାହିଁ, ଶାଶୁଘର ଲୋକେ ସବୁବେଳେ ମନେ ପଡୁଛନ୍ତି ଓ ଶେଷରେ, କିପରି ଭାଗ୍ୟ ଖରାପ ଥିଲେ ମଣିଷ ନିଜ ଲୋକଙ୍କଠାରୁ ଏମିତି ଦୂରେଇ ହୋଇ ଅଲଗା ଘର କରେ ଇତ୍ୟାଦି କେତେ କ'ଣ। ଚିଠିରେ ସାହିତ୍ୟ ଓ ଦର୍ଶନର ଛଟା ଦେଖି ମାୟା ମନେ ମନେ ହସିଲା।

ତରତରରେ ମାୟା ଅନ୍ୟ ଚିଠିଟି ଖୋଲିଲା। ପ୍ରତାପ ଲେଖିଛି, ''ବାପାଙ୍କ ଦେହ ବହୁତ ଖରାପ। ତତେ ଦେଖିବାକୁ ଖୋଜୁଛନ୍ତି। ବୋଉ ଖାଲି କାନ୍ଦୁଛି....'' ମାୟା ଆଉ ପଢ଼ିପାରିଲା ନାହିଁ। ଆଖିକୁ ତାର ପାଣି ଆସି ଅକ୍ଷରଗୁଡ଼ାକ ଜାଲଜାଲୁଆ କରିଦେଲା। ଚିଠିଟି ଧରି ସେ ସେମିତି ବସି ରହିଲା। ଏଣେ ବୁନ୍ଦା ବୁନ୍ଦା ଲୁହ ଗଡ଼ି ଚିଠିଟାକୁ ବିଲିବିଲା କରିଦେଲାଣି-ସେ ଆଡ଼କୁ ତାର ଖିଆଲ ନାହିଁ।

ଆଖି ଆଗରେ ପୀତାମ୍ବରବାବୁଙ୍କ ମୁହଁ—ଯେମିତି ଥରକୁଥର ଆଖି ମେଲି କେବଳ ତାକୁ ହିଁ ଖୋଜୁଛନ୍ତି।

ପାଖ ବଖରାରୁ ମାୟାଶାଶୁ କୁନ୍ଥାକୁ ଛପେଇ ପୀତାମ୍ବରବାବୁଙ୍କ ସ୍ୱର ଭାସି ଆସୁଛି—ମାୟା...ମାୟା...ମୋର ଆଉ ବେଶି ଦିନ ନାହିଁ....ଶୀଘ୍ର ଆ।

ବ୍ୟସ୍ତ ହୋଇ ଉଠିପଡ଼ି ମାୟା ଘର ଭିତରେ ପାଗଳଙ୍କ ପରି ଏପାଖ ସେପାଖ ହେବାରେ ଲାଗିଲା। ଯେ କୌଣସିମତେ ତାକୁ ଯିବାକୁ ହିଁ ହେବ। ପୀତାମ୍ବରବାବୁ ତା'ରି ବାଟ ଚାହିଁ ବସିଥିବେ.... ସେ ନ ଗଲେ କିଏ ଆଉ ତାଙ୍କ ସେବା

କରିବ....? ମନ ଉପରେ ପୀତାମ୍ବରବାବୁଙ୍କର ଗୋଟି ଗୋଟି ହୋଇ କଥା ଛାମ ଚଳଚିତ୍ରପରି ଭାସି ଯାଉଛି। ଏତିକିବେଳେ ପାଖ ବଖରାରୁ ଶାଶୁଙ୍କ ଚିତ୍କାର ଶୁଭିଲା। ମନେ ପଡ଼ିଗଲା—ଏଠି ବି ରୋଗୀ। କ'ଣ ସେ କରିବ? ତା'ର ନିଶ୍ବାସ ରୁନ୍ଧ ହୋଇ ଆସିଲା—ମନେ ହେଲା ଯେମିତି ସମସ୍ତେ ଏକା ସାଙ୍ଗରେ ଆସି ତା ତଣ୍ଟି ଚିପି ଧରୁଛନ୍ତି। ଗୋଟାଏ ଅସ୍ପଷ୍ଟ ଚିତ୍କାର କରି ମାୟା ଖଟ ଉପରେ ବସିପଡ଼ିଲା।

ବାପଘର ଛାଡ଼ି ଆସିଛି ତ। ଏଣିକି ସେଇ ପୁରୁଣା ବାପଘରେ ସେ ହେବ କୁଣିଆ। ଉପରେ ଯେତେ ନିର୍ଭର ଥିଲେ ବି ସେ ତ ଘରର ଲୋକ ନୁହେଁ—ତାର ଶାଶୁଘର ହେଲା ଘର। ଶାଶୁଙ୍କ ଦେହ ଖରାପ—ବୋହୂ କରି ଆଣିଥିଲେ; ଶେଷ ବେଳରେ ଟିକିଏ ସେବାଯତ୍ନ ପାଇବେ ବୋଲି। ସେ ତାଙ୍କୁ କେମିତି ଛାଡ଼ି ଯିବ?

ଆଉ ବାପଘର—ସେ କ'ଣ ତା'ରି ଘର ନୁହେଁ? ଭାଇମାନଙ୍କ ସାଙ୍ଗରେ ଜଣେ ହୋଇ ସେ'ବି ଚଳିଥିଲା... ବାପା ତାକୁ କେତେ ଖୋଜୁଥିବେ—ଝୁରିହେଉଥିବେ। ସେ ନ ଗଲେ ତାଙ୍କ ମନରେ, ବୋଉ ମନରେ ଆଉ ନିଜ ମନରେ ବି କଣ ଅଲିଭା ଦୁଃଖ ରହିଯିବ ନାହିଁ? ନା, ନା, ସେ ଯିବ। ବାପାଙ୍କ ପ୍ରତି ତା'ର ପ୍ରଥମ କର୍ତ୍ତବ୍ୟ।

ଶାଶୁଙ୍କ ଦୁର୍ବଳ ଡ଼ାକ ଶୁଣି ମାୟା ଉଠି ଆସିଲା—ଏଇଠି ବସିଥା ବୋହୂ... କେତେବେଳେ ଏ ଜୀବ ଛାଡ଼ିଯିବ...ତମମାନଙ୍କୁ ଡ଼ାକିବାକୁ, କହିବାକୁ କ'ଣ ଭରସା ପାଉଛି?

ମାୟାର ଦୁଇ ଆଖିରୁ ଛଳ ଛଳ ପାଣି ଗଡ଼ି ଆସୁଥିଲା। କର୍ତ୍ତବ୍ୟ ପାଳିବାକୁ ଚେଷ୍ଟା କରି ସୁଦ୍ଧା ସେ ବାଟ ପାଉ ନାହିଁ। ଦୁଇଆଡ଼େ ଡ଼ୋର ଲାଗିଛି। ଗୋଟାକୁ ନ ଛିଣ୍ଡାଇଲେ ନଚଳେ।

କାହାକୁ ଛିଣ୍ଡାଇବ? କିଏ ତା ପାଖରେ ବଡ଼?

Printed at Pressworks, Delhi

‘ଅମଡ଼ା ବାଟ’ ଭାରତୀୟ ନାରୀ ଜୀବନର ଏକ ଅନୁପମ ଆଲେଖ୍ୟ। ଏହାର ଆଖ୍ୟାନ ବସ୍ତୁ ମୂଳତଃ ପ୍ରକାଶକରେ ନାରୀଜୀବନର ଦୁଇଟି ପର୍ଯ୍ୟାୟର ବିରୋଧାଭାସ। ଉପନ୍ୟାସର ନାୟିକା ‘ମାୟା’ର ପ୍ରାକ୍-ବିବାହିତ ଜୀବନର ଚପଳତା ଓ ବିବାହିତ ଜୀବନର ଦାୟିତ୍ୱଶୀଳତା, ଏକ ପକ୍ଷରେ ବାପଘର ଓ ଅନ୍ୟପକ୍ଷରେ ଶାଶୁଘର - ଉଭୟଙ୍କ ପ୍ରତି ତାର ଅଙ୍ଗୀକାର ହେଉଛି ଏ ଉପନ୍ୟାସର ମୁଖ୍ୟ କଥନ। କନ୍ୟା ଓ ବଧୂ ଦୁଇ ଭୂମିକା ମଧ୍ୟରେ ପ୍ରଚଣ୍ଡ କର୍ତ୍ତବ୍ୟ ବିରୋଧ ଭିତରେ ଭାରତୀୟ ନାରୀର ସହନଶୀଳ ପାରିବାରିକ ମନୋଭାବର ପରିଚୟ ଓଡ଼ିଆ ସାହିତ୍ୟରେ ଏକ ପୂରାପୂରି ପାରିବାରିକ ଓ ନାରୀ-କୈନ୍ଦ୍ରିକ ଉପନ୍ୟାସ ଭାବରେ ‘ଅମଡ଼ା ବାଟ’କୁ କରିଛି ଅନନ୍ୟ।

ଲେଖିକା ବସନ୍ତ କୁମାରୀ ପଟନାୟକ (1923) ଆଧୁନିକ ଓଡ଼ିଆ ସାହିତ୍ୟରେ ଜଣେ ଗଳ୍ପ-ଉପନ୍ୟାସ ଲେଖିକାଭାବେ ପ୍ରସିଦ୍ଧି ଲାଭ କରିଛନ୍ତି। ତାଙ୍କର ଅନ୍ୟାନ୍ୟ କୃତିମଧ୍ୟରେ ଚୋରାବାଲି (ଅମଡ଼ା ବାଟର ଦ୍ୱିତୀୟ ଭାଗ), ଅଲିଭାଚିତା (ଉପନ୍ୟାସ), ସଭ୍ୟତାର ସାଜ, ପାଲଟା ଢେଉ, ଜୀବନ ଚିହ୍ନ (ଗଳ୍ପ), ଠିତାନଳ (କବିତା), ଜୁଆର ଭଟ୍ଟା (ଏକାଙ୍କିକା) ଅନ୍ୟତମ।

ଟ॰ 34.00

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ